# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୨୦/୨୦୧୯ (୨୦ ପୃଷ୍ଠା) | Bhubaneswar, Friday, September 20/2019 | ★★★★★★

୪୫ଶ ଭାଗ ୨୧୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




### ଆଈ ହେଲେ ରବିନା

ବଲିଉଡ୍ ଅଭିନେତ୍ରୀ ରବିନା ଟଣ୍ଡନ ଏବେ ଆଈ ହୋଇଛନ୍ତି। ତାଙ୍କ ପାଳିତ କନ୍ୟା ଛାୟା ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଛନ୍ତି।

୧୪ | ୧୮

### ବଜରଙ୍ଗଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା

ବିଶ୍ୱ ରେସ୍‌ଲିଂ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପରାଜୟ ସତ୍ତ୍ୱେ ଭାରତର ବଜରଙ୍ଗ ପୁନିଆ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।



## ଭାରତୀୟ ଅର୍ଥନୀତିର ମାନ୍ଦାବସ୍ଥାକୁ ନେଇ କ୍ରେଡିଟ୍ ସୁଇସ୍ ରିପୋର୍ଟ

# ସାଂଘାତିକ ହେବ ଏଫ୍‌ଏମ୍‌ସିଜି ସେକ୍ଟର

ନୂଆଦିଲ୍ଲୀ,୧୯-୯



ମାନ୍ଦାବସ୍ଥାର ପ୍ରଭାବ ଦେଶର ଅର୍ଥନୀତିକୁ ଏଭଳି ଘେରିଛି ଯେ, ଆର୍ଥିକ ଅଭିବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଫାଷ୍ଟ ମୁଭିଂ କଞ୍ଜ୍ୟୁମର ଗୁଡ୍ସ(ଏଫ୍‌ଏମ୍‌ସିଜି) ସେକ୍ଟରର ପ୍ରଦର୍ଶନ ସାଂଘାତିକ ହେବ। ଚଳିତବର୍ଷ ଏହାର ପ୍ରଦର୍ଶନ ୧୫ ବର୍ଷର ସର୍ବନିମ୍ନ ସ୍ତରରେ ପହଞ୍ଚିବ। ସୁଇଜରଲାଣ୍ଡର ମଲ୍ଟିନ୍ୟାଶନାଲ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କ କ୍ରେଡିଟ୍ ସୁଇସ୍ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ କରାଯାଇ ଏ ସମ୍ପର୍କରେ ଚେତାବନୀ ଦିଆଯାଇଛି।

କ୍ରେଡିଟ୍ ସୁଇସ୍ କହିଛି ଯେ, ବଜାରରେ ନଗଦର ଅଭାବ, କୃଷି କ୍ଷେତ୍ରରେ ଆୟ ହ୍ରାସ ପାଇବା ଯୋଗୁ ପ୍ରମୁଖ କଞ୍ଜ୍ୟୁମର ଗୁଡ୍ସ ନିର୍ମାଣ କରୁଥିବା କମ୍ପାନୀଙ୍କ ରାଜସ୍ୱ ଆୟ ପ୍ରଭାବିତ ହେଉଛି। ଜିଏସ୍‌ଟି ଲାଗୁ ଏବଂ ଇନ୍ଧନ ମୂଲ୍ୟ ବୃଦ୍ଧି ପରେ କମ୍ପାନୀଗୁଡ଼ିକର ଅପରେଟିଂ ବା କାର୍ଯ୍ୟକାରୀ ଲାଭ ହ୍ରାସ ପାଇବାରେ ଲାଗିଛି। ରିପୋର୍ଟରେ କୁହାଯାଇଛି ଯେ, ଜିଏସ୍‌ଟି ବାବଦରେ ସଞ୍ଚୟ କରି ଏବଂ ତେଲ ଦର ହ୍ରାସର ଲାଭ ଉଠାଇ ଏଫ୍‌ଏମ୍‌ସିଜି କମ୍ପାନୀଗୁଡ଼ିକ ମାନ୍ଦାବସ୍ଥା ସତ୍ତ୍ୱେ ଆର୍ଥିକବର୍ଷ ୨୦୧୬-୧୯ ମଧ୍ୟରେ ସେମାନଙ୍କ ଆୟ ବଢ଼ାଇବାରେ ସକ୍ଷମ ହୋଇଛନ୍ତି। ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ଓ ତୃତୀୟ ତ୍ରୈମାସରେ ରାଜସ୍ୱ ଅଭିବୃଦ୍ଧି ହ୍ରାସ ପାଇବ ଏବଂ ଏହା ହାରାହାରି ୫% ରହିବ ବୋଲି ଆଶା କରାଯାଉଥିବା ରିପୋର୍ଟରେ ଦର୍ଶାଯାଇଛି। ଫଳସ୍ୱରୂପ ଆର୍ଥିକବର୍ଷ ୨୦୨୦ ଏଫ୍‌ଏମ୍‌ସିଜି ସେକ୍ଟର ପାଇଁ ୧୫ ବର୍ଷ ଭିତରେ ସବୁଠାରୁ ଧିମା ବର୍ଷ ପ୍ରମାଣିତ ହେବ। ୨୦୦୦-୦୩ ମଧ୍ୟରେ ଶେଷ ଥର ପାଇଁ ଏହି କ୍ଷେତ୍ରରେ ଏଭଳି ଧିମାପଣ ଦେଖାଯାଇଥିଲା।

ସେହିଭଳି ହଂକଂସ୍ଥିତ ଇନ୍‌ଭେଷ୍ଟମେଣ୍ଟ କମ୍ପାନୀ ସିଏଲ୍‌ଏସ୍‌ଏ ପକ୍ଷରୁ ସମାନ ରିପୋର୍ଟ ପ୍ରକାଶ କରାଯାଇଛି। ଏଥିରେ କୁହାଯାଇଛି ଯେ, ଆଗାମୀ ଦିନରେ ଉକ୍ତ ସେକ୍ଟରର ପ୍ରାୟ ସମସ୍ତ ଶ୍ରେଣୀରେ ଅଭିବୃଦ୍ଧି ଆହୁରି ହ୍ରାସ ପାଇବ ବୋଲି ହିନ୍ଦୁସ୍ତାନ ୟୁନିଲିଭରର ଶୀର୍ଷ ଅଧିକାରୀଗଣଙ୍କ ସହ ଆଲୋଚନା ପରେ ହୃଦବୋଧ ହୋଇଛି। ଗ୍ରାମାଞ୍ଚଳରେ ଏଫ୍‌ଏମ୍‌ସିଜି ସେକ୍ଟରର ଅଭିବୃଦ୍ଧି ଚାପରେ ରହିଥିବା ବେଳେ ସହରାଞ୍ଚଳରେ ଏହାର ବିକାଶ ହାର ପଛେଇବାରେ ଲାଗିଛି। ଦେଶର ସାମଗ୍ରିକ ଅର୍ଥବ୍ୟବସ୍ଥା ଠିକ୍ ସ୍ଥିତିରେ ନାହିଁ। ମୌସୁମୀ ବର୍ଷା ଏବଂ ବଜେଟରେ ନିଆଯାଇଥିବା ପଦକ୍ଷେପର ଫଳାଫଳ ଅନୁଭବ ହେବାକୁ ସମୟ ଲାଗିବ ବୋଲି ଉଲ୍ଲେଖ କରି ସିଏଲ୍‌ଏସ୍‌ଏ କହିଛି ଯେ, ଦ୍ୱିତୀୟ ତ୍ରୈମାସରେ ମଧ୍ୟ ଏଫ୍‌ଏମ୍‌ସିଜି ସେକ୍ଟରରେ ଅଭିବୃଦ୍ଧି ଆହୁରି ହ୍ରାସ ପାଇବ।

## ବିଦ୍ୟୁତ୍ ଆଘାତରେ ମା',ପୁଅ ମୃତ

ଖଲ୍ଲିକୋଟ,୧୯।୯(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ବାକୁଟଗାଁରେ ଗୁରୁବାର ଅପରାହ୍ନରେ ଏକ ଦୁଃଖଦ ଘଟଣା ଘଟିଛି। ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଛଟପଟ ହେଉଥିବା ପୁଅଙ୍କୁ ଉଦ୍ଧାର କରିବାକୁ ଯାଇ ମା' ପୁଅଙ୍କ ଜୀବନ ଯାଇଛି। ମୃତକ ହେଲେ ମା' ସଜନୀ ନାହାକ (୫୫) ଓ ପୁଅ ନାରାୟଣ (୩୦)।

ପ୍ରକାଶ ଯେ, ନାରାୟଣ ଅପରାହ୍ନ ପ୍ରାୟ ୩ଟାବେଳେ ଘରେ ବିଦ୍ୟୁତ୍ ତାର ସଜାଡୁଥିବାବେଳେ କୌଣସି କାରଣରୁ ଏହାର ସଂସ୍ପର୍ଶରେ ଆସି ଯାଇଥିଲେ। ତାରରେ ଲାଗି ଛଟପଟ ହେଉଥିବା ଦେଖି ମା' ସଜନୀ ଉଦ୍ଧାର କରିବାକୁ ଯାଇ ନାରାୟଣଙ୍କୁ ଧରି ପକାଇଥିଲେ। ଫଳରେ ସେ ମଧ୍ୟ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯାଇଥିଲେ। ନାରାୟଣଙ୍କ ସ୍ତ୍ରୀ ପହଞ୍ଚି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା ସହ ପାଖ ଲୋକଙ୍କୁ ଡାକିଥିଲେ। ପରେ ମା' ଓ ପୁଅଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡ଼ାକ୍ତର ପ୍ରଦୀପ ଗନ୍ତାୟତ ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଭେଜିପୁଟ ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ନଂ.୨/୧୯ ଓ ୩/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଦୁଇଟିକୁ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇ ତଦନ୍ତ ଚଳାଇଛନ୍ତି। ସାମାନ୍ୟ ଅସାବଧାନତାରୁ ମା' ପୁଅଙ୍କ ମୃତ୍ୟୁକୁ ନେଇ ଗ୍ରାମରେ ଶୋକର ଛାୟା ଖେଳି ଯାଇଛି।

### ସୌଦି ତେଲ ମନ୍ତ୍ରୀଙ୍କ ସହ ଧର୍ମେନ୍ଦ୍ରଙ୍କ ଆଲୋଚନା

## ଭାରତକୁ ତୈଳ ଯୋଗାଣ ପ୍ରଭାବିତ ହେବନି

**ନୂଆଦିଲ୍ଲୀ,୧୯-୯:** ସୌଦି ଆରବ ତେଲ ଉତ୍ପାଦନ ପ୍ରଭାବିତ ହେବା ପରେ ଏହାର ପ୍ରଭାବ ଭାରତ ଉପରେ ପଡ଼ିଛି। ଆଗାମୀ ଦିନରେ ଏହି ସମସ୍ୟା ଲାଗି ରହିବା ନେଇ ଆଶଙ୍କା କରାଯାଇଛି। ଉକ୍ତ ସମସ୍ୟାର ଦୂରୀକରଣ ଲାଗି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୌଦି ତେଲ ମନ୍ତ୍ରୀ ଅବଦୁଲାଜିଜ୍ ବିନ୍ ସଲମାନଙ୍କ ସହ ଟେଲିଫୋନ ଯୋଗେ ଆଲୋଚନା କରିଛନ୍ତି। ଭାରତକୁ ତେଲ ଯୋଗାଣ ନେଇ ସୌଦି ପକ୍ଷରୁ ଦିଆଯାଇଥିବା ସବୁ ପ୍ରତିଶ୍ରୁତିକୁ ପାଳନ କରାଯିବ ବୋଲି ସଲମାନ ଧର୍ମେନ୍ଦ୍ରଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ତେଲ କମ୍ପାନୀ ଉପରେ ଆକ୍ରମଣ ପୂର୍ବରୁ ଯେଉଁ ହାରରେ ଉତ୍ପାଦନ ହେଉଥିଲା ଉକ୍ତ ଧାରା ଶୀଘ୍ର ଫେରିବ ବୋଲି ସେ କହିଛନ୍ତି। ଅପରପକ୍ଷରେ ସୌଦି ଆରବରୁ ଭାରତକୁ ତେଲ ଯୋଗାଣରେ କୌଣସି ଅସୁବିଧା ହେବ ନାହିଁ ବୋଲି ଇଣ୍ଡିଆନ ଅଏଲ କର୍ପୋରେଶନର ଅଧ୍ୟକ୍ଷ ସଞ୍ଜୀବ ସିଂ କହିଛନ୍ତି। ଭାରତକୁ ତେଲ ଯୋଗାଣ କ୍ଷେତ୍ରରେ ସୌଦି ଆରବ ଦ୍ୱିତୀୟ ବୃହତ୍ ରାଷ୍ଟ୍ର। ଏହା ଭାରତକୁ ମାସିକ ୨ ନିୟୁତ ଟନ୍ ଅଶୋଧିତ ତୈଳ ଯୋଗାଉଛି। ସେପ୍ଟେମ୍ବର ମାସ ଲାଗି ଯୋଗାଣ ହେବାକୁ ଥିବା ମୋଟ ତେଲ ମଧ୍ୟରୁ ୧.୨ରୁ ୧.୩ ନିୟୁତ ଟନ୍ ତେଲ ଭାରତ ଆସିଛି। ବଳକା ତେଲ ଯୋଗାଣ ନେଇ ପ୍ରତିଶ୍ରୁତି ମିଳିଥିବା ଜଣାପଡ଼ିଛି। ଅପରପକ୍ଷରେ ଏଲ୍‌ପିଜି କ୍ଷେତ୍ରରେ କିଛିଟା ବିଳମ୍ବ ହୋଇପାରେ। ମାତ୍ର ଆବଶ୍ୟକତା ଅନୁସାରେ ଭାରତ ଏଲ୍‌ପିଜି ପାଇପାରିବ। ଯଦି କୌଣସି ଅଭାବ ଦେଖାଯାଏ ତେବେ କାତାରରୁ ଏହା ଅଣାଯିବ ବୋଲି ସିଂ କହିଛନ୍ତି। ସୂଚନାଯୋଗ୍ୟ ଭାରତ ସୌଦି ଆରବଠାରୁ ମାସିକ ୨ ଲକ୍ଷ ଟନ୍ ଏଲ୍‌ପିଜି ଆମଦାନୀ କରିଥାଏ।

# ଜେଲ ଗଲେ ଆଶୀର୍ବାଦ, କମଳାକାନ୍ତ

ଭୁବନେଶ୍ୱର, ୧୯।୯(ବ୍ୟୁରୋ)

## ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ ଠକେଇ ମାମଲା

- ଗିରଫ ପରେ ଉଭୟଙ୍କୁ ସ୍ୱତନ୍ତ୍ର କୋର୍ଟରେ ହାଜର କରିଥିଲା ସିବିଆଇ
- ଅକ୍ଟୋବର ୧ ପର୍ଯ୍ୟନ୍ତ ବିଚାରବିଭାଗୀୟ ହାଜତରେ ରହିବେ
- ପ୍ରତିକ୍ରିୟା ରଖିଲେ ଆଶୀର୍ବାଦଙ୍କ ପୁଅ ସଞ୍ଜୟ

ବହୁଚର୍ଚ୍ଚିତ ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ ଠକେଇ ମାମଲାରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା ଓ ହୋଟେଲ ସୋଲାନ୍ ଇନ୍‌ର ମାଲିକ କମଳାକାନ୍ତ ଦାସଙ୍କୁ ଗୁରୁବାର ସକାଳେ ସିବିଆଇ ଗିରଫ କରିଛି। ଉଭୟଙ୍କୁ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ଉଭୟଙ୍କ ଜାମିନ ଆବେଦନ ଖାରଜ କରିଦେବା ସହ ଅକ୍ଟୋବର ୧ ପର୍ଯ୍ୟନ୍ତ ବିଚାରବିଭାଗୀୟ ଜେଲ୍ ହାଜତକୁ ପଠାଇ ଦେଇଛନ୍ତି। ଏହାପରେ ସେମାନଙ୍କୁ କଡ଼ା ସୁରକ୍ଷାବଳୟ ମଧ୍ୟରେ ଝାରପଡ଼ା ଜେଲ୍‌କୁ ନିଆଯାଇଥିଲା। ତେବେ ଆଶୀର୍ବାଦଙ୍କୁ ରିମାଣ୍ଡରେ ଅଣାଯିବ ନାହିଁ ବୋଲି ସିବିଆଇ



ଭୁବନେଶ୍ୱର କୋର୍ଟକୁ ଆଶୀର୍ବାଦ ବେହେରାଙ୍କୁ ନିଆଯାଉଛି।

ଏସ୍‌ପି ଜୟନାରାୟଣ ରାଣା କହିଛନ୍ତି।

ତାଙ୍କ ସୂଚନାନୁସାରେ, କୋର୍ଟଙ୍କ ଏନ୍‌ବିଡବ୍ଲ୍ୟୁ ବଳରେ ଉଭୟଙ୍କୁ ଗିରଫ କରାଯାଇଛି। ସକାଳେ ସିବିଆଇର ୧୪ ଜଣିଆ ଟିମ୍ ଆଶୀର୍ବାଦଙ୍କ କଟକସ୍ଥିତ ବାସଭବନରେ ଚଢ଼ାଉ କରିଥିବାବେଳେ କମଳାକାନ୍ତଙ୍କୁ ଭୁବନେଶ୍ୱରସ୍ଥିତ ବାସଭବନରୁ ଗିରଫ କରିଥିଲା। ପ୍ରଥମେ ☞ପୃଷ୍ଠା-୪






## ସାଲେପୁର ନାବାଳିକା ବଳାତ୍କାର, ହତ୍ୟା ମାମଲା

# ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡାଦେଶ

କଟକ ଅଫିସ/ନିଶ୍ଚିନ୍ତକୋଇଲି, (ଡି.ଏନ୍.ଏ.),୧୯।୯

### ୨ମାସରେ ୪ଜଣଙ୍କୁ ଫାଶୀ

ବହୁଚର୍ଚ୍ଚିତ ସାଲେପୁର ନାବାଳିକା ବଳାତ୍କାର ଓ ହତ୍ୟା ମାମଲାର ଅଭିଯୁକ୍ତ ମହମ୍ମଦ ମୁସ୍ତାକଙ୍କୁ କଟକ ତୃତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ପୋକ୍‌ସୋ ଅଦାଲତ ଦୋଷୀ ସାବ୍ୟସ୍ତ କରି ଗୁରୁବାର ଫାଶୀ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ବନ୍ଦନା କର ସମସ୍ତ ତଥ୍ୟ ଓ ପ୍ରମାଣ ଆଧାରରେ ମୁସ୍ତାକଙ୍କୁ ଭାରତୀୟ ପିଙ୍ଗଳ କୋଡ୍(ଆଇପିସି) ଦଫା ୩୬୭(ଏ)(ବି),୩୦୨ ଓ ପୋକ୍‌ସୋ ଆଇନର ଦଫା ୬ ଅନୁଯାୟୀ ଅଭିଯୁକ୍ତଙ୍କୁ ଏହି ଦଣ୍ଡ ଶୁଣାଇଛନ୍ତି। ଏହି ମାମଲାରେ ଅଭିଯୁକ୍ତଙ୍କ ବିରୋଧରେ ଆଇପିସି ଦଫା ୩୬୪(ଏ) ପ୍ରମାଣିତ ହୋଇ ନ ଥିବାରୁ ଅଦାଲତ ତାଙ୍କୁ ଏଥିରୁ ମୁକ୍ତ କରିଛନ୍ତି। ବୁଧବାର ଅଦାଲତ ମୁସ୍ତାକଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅକ୍ଷୟ କୁମାର ନାୟକ ମାମଲା ପରିଚାଳନା କରୁଥିଲେ। ଏହି ମାମଲାକୁ ମିଶାଇ ଗତ ଦୁଇମାସ ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲାର ପୋକ୍‌ସୋ ଅଦାଲତ ୪ଜଣ ନାବାଳିକା ବଳାତ୍କାରୀଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ୨୦୧୮ ଏପ୍ରିଲ ୨୧ ସନ୍ଧ୍ୟାରେ ସାଲେପୁର ଥାନା ଅଞ୍ଚଳର ଜଣେ ୬ ବର୍ଷୀୟା ନାବାଳିକା ତାଙ୍କ ଭାଇଙ୍କ ସହ ଖେଳୁଥିଲେ। ମୁସ୍ତାକ ପହଞ୍ଚି ନାବାଳିକାଙ୍କୁ ଚକୋଲେଟ୍ ଦେବା ବାହାନାରେ ଏକ ଅନ୍ଧାରୁଆ ସ୍ଥାନକୁ ଟେକି ନେଇଥିଲେ। ସେଠାରେ ବଳାତ୍କାର କରିବା ପରେ ତାଙ୍କ ମୁଣ୍ଡକୁ ପଥରେ ଛେଚି ଦେଇଥିଲେ। ନାବାଳିକା ଜଣଙ୍କ ମରିଗଲେ ବୋଲି ଭାବି ମୁସ୍ତାକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ନାବାଳିକାଙ୍କୁ ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ଏକ ଅନ୍ଧାରୁଆ ସ୍ଥାନରୁ ନାବାଳିକାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରିଥିଲେ। ଚିକିତ୍ସା ଲାଗି ତାଙ୍କୁ ପ୍ରଥମେ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ଏସ୍‌ସିବି ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ୧୩ଜଣିଆ ଡାକ୍ତରୀ ଟିମ୍ ତାଙ୍କର ଚିକିତ୍ସା କରିଥିଲେ। ମାତ୍ର ଡାକ୍ତରଙ୍କ ଶତଚେଷ୍ଟା ସତ୍ତ୍ୱେ ଚିକିତ୍ସାଧୀନ ଅବସ୍ଥାରେ ଏପ୍ରିଲ୍ ୨୯ରେ ନାବାଳିକାଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷରେ ଘଟଣାଦିନ ରାତିରେ ଫେରାର ହେବାକୁ ଉଦ୍ୟମ କରୁଥିବା ମୁସ୍ତାକଙ୍କୁ ସାଲେପୁର ପୋଲିସ ମାଳହାଟ ଅଞ୍ଚଳରୁ ଗିରଫ କରି ଆଇପିସି ଦଫା ୩୭୬(୨)(ଆଇ)(ଏମ୍)/୩୦୭ ☞ପୃଷ୍ଠା-୪

**ଭୁବନେଶ୍ୱର ରେଳଷ୍ଟେଶନ ହେବ ମଲ୍ଟି ମୋଡାଲ ହବ୍** ୫

**ଆଜିର ସମ୍ପାଦକୀୟ**

ଗଳାବାଟ ବନ୍ଦ

**ଆଜିର ମନ୍ତବ୍ୟ**

"ଭାଜପାର ଆର୍ଥିକ ନୀତିଗୁଡ଼ିକ ଏପରି ଯେ ତାହା ଉପରେ କାହାର ବିଶ୍ୱାସ ନାହିଁ।
- ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ନେତା


NECC NATIONAL EGG CO-ORDINATION COMMITTEE 19.09.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 71 | 120 | 130 |
| CTC | 71 | 120 | 130 |
| DKL | 71 | 120 | 130 |
| BDK | 72 | 122 | 132 |
| BLS | 74 | 124 | 134 |
| ANG | 71 | 120 | 130 |
| BHM | 67 | 115 | 125 |

*Conditions Apply

Eggs Retail Price- 48/-Dozen
Issued in the Interest of Consumers


### ପିଆଜ ଜ୍ୱାଳାରେ ଲୋକେ ଛଟପଟ

# ଦର ଛୁଇଁଲାଣି ୪୫

ଭୁବନେଶ୍ୱର,୧୯।୯(ବ୍ୟୁରୋ)

- କାମ ଦେଉନି ପ୍ରାଇସ୍ ଷ୍ଟାବିଲାଇଜେଶନ ଫଣ୍ଡ
- ନଭେମ୍ବର ଯାଏ ଦର କମିବା ସମ୍ଭାବନା କ୍ଷୀଣ



ଅତ୍ୟାବଶ୍ୟକ ସାମଗ୍ରୀ ପିଆଜ ଦର ବୃଦ୍ଧି ଗରିବ, ନିମ୍ନ ମଧ୍ୟବିତ୍ତ ପରିବାର ମୁଣ୍ଡରେ ଚଡ଼କ ପକାଇଛି। ପ୍ରତିଦିନ ଦର ବଢ଼ି ବଢ଼ି ଚାଲିଛି । ବଜାରରେ ଏହାର ଖୁଚୁରା ଦର ୪୫ ଟଙ୍କା ଛୁଇଁଲାଣି। ଘରଖର୍ଚ୍ଚ ପାଇଁ କିଲୋ ଜାଗାରେ ଅଢ଼େଇଶ କିମ୍ବା ଅଧା କେ.ଜି.ରେ କାମ ଚଳାଇବାକୁ ପଡୁଛି। ଆସନ୍ତା ନଭେମ୍ବର ଯାଏ ବଜାରରେ ପିଆଜ ଦର କମିବା ଆଶା କ୍ଷୀଣ ବୋଲି ପିଆଜ ଆମଦାନୀ କରୁଥିବା ବ୍ୟବସାୟୀମାନେ କହିଲେଣି । ଏହି ଦର ବୃଦ୍ଧିକୁ ନେଇ ସାଧାରଣ ଖାଉଟି ହନ୍ତସନ୍ତ ହେଉଛନ୍ତି। ସରକାରୀ ଉଦାସୀନତା ମଧ୍ୟ ଅବସ୍ଥାକୁ ଆହୁରି ଜଟିଳ କରିଛି। ଖୁଚୁରା ବ୍ୟବସାୟୀଙ୍କ ଉପରେ ନିୟନ୍ତ୍ରଣ ନ ଥିବାରୁ ମନଇଚ୍ଛା ଦର ବଢ଼ାଇ ଗ୍ରାହକଙ୍କୁ ଶୋଷଣ କରୁଥିବା ଅଭିଯୋଗ ହେଉଛି।

ଓଡ଼ିଶାକୁ ମୁଖ୍ୟତଃ ମହାରାଷ୍ଟ୍ରର ନାସିକରୁ ପିଆଜ ଆମଦାନୀ ହୋଇଥାଏ। ଏହାଛଡ଼ା ଆନ୍ଧ୍ର ଏବଂ କର୍ଣ୍ଣାଟକର ବାଙ୍ଗାଲୋରରୁ ମଧ୍ୟ ପିଆଜ ରାଜ୍ୟକୁ ଆସିଥାଏ। ପ୍ରବଳ ବର୍ଷା ଯୋଗୁ ମହାରାଷ୍ଟ୍ରରେ ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏଥିଯୋଗୁ ରାଜ୍ୟରେ ପିଆଜ ଦର ଅହେତୁକ ଭାବେ ବୃଦ୍ଧି ପାଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସଫେଇ ଦେଉଛି। ଏହି ଅତ୍ୟାବଶ୍ୟକ ସାମଗ୍ରୀ ପିଆଜ ଦରକୁ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେବାକୁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ଅବଗତ କରାଇଛନ୍ତି। ବାହାର ରାଜ୍ୟ ଉପରେ ନିର୍ଭର କରୁଥିବାରୁ ପିଆଜ ଦର ବୃଦ୍ଧି ☞ପୃଷ୍ଠା-୪





ଆପଣଙ୍କର ପ୍ରିୟ ଧରିତ୍ରୀ କାଗଜରେ ଏକ ବ୍ୟାଗ ପ୍ରସ୍ତୁତ କରନ୍ତୁ ଏବଂ ଫଟୋ/ ଭିଡିଓ /ସେଲଫିକୁ plasticfreeodishadht@gmail.com ରେ ମେଲ୍ କରନ୍ତୁ । ଖବରକାଗଜକୁ ପୁଣି ବ୍ୟବହାର ଉପଯୋଗୀ କରିବା ସହ ପ୍ଲାଷ୍ଟିକ ମୁକ୍ତ ଓଡିଶା ଗଠନରେ ସହଯୋଗ କରି ପୁରସ୍କାର ଜିତିବାର ସୁଯୋଗ ପାଆନ୍ତୁ । ଶ୍ରେଷ୍ଠ ୫ଟି ବ୍ୟାଗ୍ ପ୍ରସ୍ତୁତକାରୀଙ୍କୁ ମିଳିବ ଆକର୍ଷଣୀୟ ଉପହାର ।



ଏଏପିର ପୂର୍ବତନ ନେତ୍ରୀ ଅଲକା ଲାମ୍ବା ଗୁରୁବାର ଦିଲ୍ଲୀ ବିଧାନସଭାରୁ ଅଯୋଗ୍ୟ ଘୋଷିତ ହୋଇଛନ୍ତି। ଚାନ୍ଦନୀଚୌକରୁ ସେ ଏଏପି ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଦଳବଦଳ ନେଇ ଏଏପି ବିଧାୟକ ସୌରଭ ଭରଦ୍ୱାଜ ତାଙ୍କ ବିରୋଧରେ ପିଟିଶନ ଆଣିବା ପରେ ଏହା ଉପରେ ବାଚସ୍ପତି ରାମ ନିୱାସ ନିଷ୍ପତ୍ତି ନେଇ ଅଲକାଙ୍କୁ ଅଯୋଗ୍ୟ ଘୋଷଣା କରିଛନ୍ତି। ପ୍ରକାଶଥାଉ କି, ସେ ଗତ ୬ରେ କଂଗ୍ରେସରେ ବିଧିବଦ୍ଧ ଭାବେ ଯୋଗଦେଇଥିଲେ।

ଜାତୀୟ ଜଳମାର୍ଗ ବିଲ୍

# ବିରୋଧ କରିଥିଲେ ଅଧିକାଂଶ ରାଜ୍ୟ

ନୂଆଦିଲ୍ଲୀ,୧୯।୯(ପି.ଟି.)

କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ଜାତୀୟ ଜଳମାର୍ଗ ବିଲ୍‌କୁ ବିଭିନ୍ନ ରାଜ୍ୟ ବିରୋଧ କରିଥିଲେ। ଏପରିକି ଭାଜପା ଶାସିତ ରାଜ୍ୟଗୁଡ଼ିକ ମଧ୍ୟ ଏହା ସପକ୍ଷରେ ନ ଥିଲେ। ୨୦୧୫ରେ କେନ୍ଦ୍ର ସରକାରଙ୍କ ଏହି ପ୍ରସ୍ତାବିତ ବିଲ୍‌କୁ ମଧ୍ୟପ୍ରଦେଶର ତତ୍କାଳୀନ ଶିବରାଜ ସିଂ ଚୌହାନ ସରକାର ଦୃଢ଼ ବିରୋଧ କରିଥିଲା। ୨୦୧୫ ଜୁଲାଇ ୨୪ରେ ଫାଇଲ ହୋଇଥିବା ଏକ ନୋଟ୍ ଅନୁଯାୟୀ ମାତ୍ର ୧୮ଟି ରାଜ୍ୟ ବିଲ୍ ଉପରେ ନିଜର ମତ ରଖିଥିବାବେଳେ ଉତ୍ତରପ୍ରଦେଶ ସମେତ କେତେକ ରାଜ୍ୟ କୌଣସି ମତାମତ ଦେଇ ନ ଥିଲେ। କେନ୍ଦ୍ର ସରକାର ସମ୍ପୃକ୍ତ ରାଜ୍ୟଗୁଡ଼ିକ ସହ ଉପଯୁକ୍ତ ବିଚାରବିମର୍ଶ ନ କରି ଜାତୀୟ ଜଳମାର୍ଗ ଘୋଷଣା କରିଥିବା ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ଆବେଦନରୁ ଜଣାପଡ଼ିଛି।

ଆରଟିଆଇରେ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟ ସରକାର ଓ ବିଭିନ୍ନ ମନ୍ତ୍ରଣାଳୟ ସହ ଆଲୋଚନା କରି ବିଲ୍ ପ୍ରସ୍ତୁତ କରିବାକୁ କେନ୍ଦ୍ରର ବିଧେୟକ ବିଭାଗ ଜାହାଜ ଚଳାଚଳ ମନ୍ତ୍ରଣାଳୟକୁ ପରାମର୍ଶ ଦେଇଥିଲା। କେନ୍ଦ୍ରର ପ୍ରସ୍ତାବରେ ୭ଟି ରାଜ୍ୟ ସହମତି ପ୍ରକାଶ କରିଥିବାବେଳେ ବିହାର, ଦିଲ୍ଲୀ, ହରିୟାଣା, ହିମାଚଳପ୍ରଦେଶ, ପଞ୍ଜାବ ଓ ତେଲେଙ୍ଗାନା କେତେକ ସର୍ତ୍ତରେ ରାଜି ହୋଇଥିଲେ। ୨୦୧୪ ନଭେମ୍ବର ୧୨ରେ ଭାରତର ଅନ୍ତର୍ଦେଶୀୟ ଜଳମାର୍ଗ କର୍ତ୍ତୃପକ୍ଷ (ଆଇଡବ୍ଲ୍ୟୁଏଆଇ) ପତ୍ର ଲେଖିଥିଲେ। ମଧ୍ୟପ୍ରଦେଶର ଜଳସମ୍ପଦ ମନ୍ତ୍ରଣାଳୟ ୨୦୧୫ ଜୁଲାଇ ୧୬ରେ ଉକ୍ତ ପ୍ରସ୍ତାବକୁ ବିରୋଧ କରି କେନ୍ଦ୍ରକୁ ପତ୍ର ଲେଖିଥିଲେ। ଜଳମାର୍ଗ ପାଇଁ ଖର୍ଚ୍ଚକୁ ନେଇ ଶିବରାଜ ସିଂ ସରକାର ଚିନ୍ତାବ୍ୟକ୍ତ କରିଥିଲେ। ମଧ୍ୟପ୍ରଦେଶ ଜଳମାର୍ଗକୁ ଜାତୀୟ ଜଳମାର୍ଗ ଘୋଷଣା କରାଗଲେ ଏହା ରାଜ୍ୟର ସାମ୍ବିଧାନିକ ଅଧିକାରର ଉଲ୍ଲଂଘନ ହେବ। ଏହାବ୍ୟତୀତ ମଧ୍ୟପ୍ରଦେଶରେ ପ୍ରବାହିତ ନଦୀର ଉତ୍ପତ୍ତି ସେହି ରାଜ୍ୟରେ ଓ ତାହା ବର୍ଷା ଉପରେ ନିର୍ଭର କରୁଥିବାରୁ ଅନ୍ୟ ଋତୁରେ ନୌପରିବହନ ଲାଗି ଯଥେଷ୍ଟ ପାଣି ରହିବ ନାହିଁ ବୋଲି ରାଜ୍ୟ ପକ୍ଷରୁ କୁହାଯାଇଥିଲା। ମଧ୍ୟପ୍ରଦେଶର ଦୃଢ଼ ବିରୋଧ ସତ୍ତ୍ୱେ ଜାତୀୟ ଜଳମାର୍ଗ ବିଲ୍‌କୁ କେନ୍ଦ୍ର ସରକାର ଅନୁମୋଦନ କରାଇଥିଲେ। ଏଥିରେ ଟୋନ୍ସ ବ୍ୟତୀତ ମଧ୍ୟପ୍ରଦେଶର ଅନ୍ୟ କୌଣସି ନଦୀକୁ ସାମିଲ କରାଯାଇ ନ ଥିଲା।

ସେହିପରି ଜମ୍ମୁ-କଶ୍ମୀର ସରକାର ମଧ୍ୟ ବିଲ୍‌କୁ ବିରୋଧ କରିଥିଲେ। ଜାତୀୟ ଜଳମାର୍ଗ ଘୋଷଣା ପୂର୍ବରୁ ଏହା କେତେଦୂର ଉପଯୁକ୍ତ ହେବ ତାହାର ସର୍ଭେ ବିଶେଷଜ୍ଞମାନଙ୍କ ଦ୍ୱାରା କରାଇବାକୁ ଜମ୍ମୁ-କଶ୍ମୀର ସରକାର ପ୍ରସ୍ତାବ ଦେଇଥିଲେ। ଏହା ସତ୍ତ୍ୱେ ସେଠାର ଚେନାବ, ରାବି, ସିନ୍ଧୁ ଓ ଝେଲମ୍ ନଦୀକୁ ଜାତୀୟ ଜଳମାର୍ଗରେ ସାମିଲ ପାଇଁ କେନ୍ଦ୍ର ଘୋଷଣା କରିଥିଲା। ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ଦ୍ୱାରା ସବିଶେଷ ସର୍ଭେ ଓ ତଦନ୍ତ କରାଯାଇ ନ ଥିବାରୁ କେନ୍ଦ୍ରର ପ୍ରସ୍ତାବକୁ ଝାଡ଼ଖଣ୍ଡ ସରକାର ବିରୋଧ କରିଥିଲେ। ଉକ୍ତ ରାଜ୍ୟରେ ପ୍ରବାହିତ ସୁବର୍ଣ୍ଣରେଖା ଓ ଖରକାଇ ନଦୀରେ ନୌପରିବହନ ସମ୍ଭାବ୍ୟତାକୁ ନେଇ ରାଜ୍ୟ ସରକାର ରିପୋର୍ଟ ୨୦୧୫ ଜୁଲାଇ ୨ରେ କେନ୍ଦ୍ରକୁ ଦେବା ସହ ଏହା ଉପରେ ସବିଶେଷ ସର୍ଭେ ପାଇଁ ଦାବି କରିଥିଲେ। ସୁବର୍ଣ୍ଣରେଖାର ଅଧିକାଂଶ ଭାଗରେ ନୌପରିବହନ ସମ୍ଭବ ନୁହେଁ ବୋଲି ଉକ୍ତ ପତ୍ରରେ ଉଲ୍ଲେଖ ଥିଲା।

ପଞ୍ଜାବ ସରକାର ଅନୁମତି ଦେଇଥିଲେ ହେଁ ସର୍ତ୍ତ ରଖିଥିଲେ। ଏହା ସହ ନଦୀ ଜଳ ନିୟନ୍ତ୍ରଣ ଓ ବ୍ୟବହାର ସମ୍ପୃକ୍ତ ରହୁଥିବାରୁ ରିପାରିଆନ୍ ନୀତିର ଉଲ୍ଲଂଘନ ଯେପରି ନ ହୁଏ ତାହା ସୁନିଶ୍ଚିତ କରିବାକୁ ହେବ। ଉକ୍ତ ନୀତି ଅନୁଯାୟୀ ଯେଉଁ ରାଜ୍ୟ ଦେଇ ନଦୀ ପ୍ରବାହିତ, ତାହାର ଜଳରାଶି ଉପରେ ସେମାନଙ୍କର ଅଧିକାର ରହିବ। ୨୦୧୫ ଜୁଲାଇ ୧୭ରେ ରାଜ୍ୟ ସରକାର ପଠାଇଥିବା ଚିଠି ଅନୁଯାୟୀ ସତ୍‌ଲେଜ ନଦୀରେ ଭାକ୍ରା ନଙ୍ଗଲ ଡ୍ୟାମ୍, ରୋପଡ୍ ହେଡ୍ ୱାର୍କ୍ସ ଡ୍ୟାମ୍, ହାରିକେ ହେଡ୍‌ୱାର୍କ ଡ୍ୟାମ୍ ଏବଂ ବେଆସ୍ ନଦୀରେ ପୋଙ୍ଗ ଡ୍ୟାମ୍ ନିର୍ମାଣ ଦିନରୁ ସେପ୍ଟେମ୍ବରରୁ ଜୁନ୍ ମଧ୍ୟରେ ଜଳସ୍ତର ବହୁତ କମ୍ ରହିଥାଏ।

ପଶ୍ଚିମବଙ୍ଗର ମହାନନ୍ଦା, ଅଜୟ, ଜଳାଙ୍ଗୀ, ଦ୍ୱାରକା, ବଟେଶ୍ୱର, ଦାମୋଦର, ଦ୍ୱାରକେଶ୍ୱର, ଶିଳାବତୀ, କୁମାରୀ ଏବଂ ଇଛାମତୀକୁ ୧୦୧ଟି ଜାତୀୟ ଜଳମାର୍ଗରେ ସାମିଲ କରାଯାଇଥିଲା। ଏହି ନଦୀଗୁଡ଼ିକରେ ଡିସେମ୍ବର-ଜାନୁୟାରୀରୁ ମାର୍ଚ୍ଚ-ଏପ୍ରିଲ୍ ମଧ୍ୟରେ ଯଥେଷ୍ଟ ପାଣି ରହୁ ନ ଥିବା ରାଜ୍ୟ ସରକାର ୨୦୧୫ ଜାନୁୟାରୀ ୩୦ରେ ପତ୍ର ଲେଖି କେନ୍ଦ୍ରକୁ ଜଣାଇଥିଲେ। ଆନୁଷ୍ଠାନିକ ଘୋଷଣା ପୂର୍ବରୁ ବିଶେଷଜ୍ଞ କମିଟି ଦ୍ୱାରା ସ୍ଥିତି ଅନୁଧ୍ୟାନ ପାଇଁ ପଶ୍ଚିମବଙ୍ଗ ସରକାର କେନ୍ଦ୍ରକୁ ପରାମର୍ଶ ଦେଇଥିଲେ। ତାମିଲନାଡୁ ସରକାର ରାଜ୍ୟର ୯ଟି ନଦୀରୁ ମାତ୍ର ୨ଟିକୁ ଜାତୀୟ ଜଳମାର୍ଗରେ ସାମିଲ କରିବା ପାଇଁ ରାଜି ହୋଇଥିଲେ। ଏହା ସତ୍ତ୍ୱେ କେନ୍ଦ୍ର ସରକାର ସମସ୍ତ ୯ଟି ନଦୀକୁ ଜାତୀୟ ଜଳମାର୍ଗ ଘୋଷଣା କରିଥିଲେ।

କେନ୍ଦ୍ର ପ୍ରସ୍ତାବରେ ବିହାର ସରକାର ସମ୍ପୂର୍ଣ୍ଣ ଏକମତ ହୋଇ ନ ଥିଲେ ହେଁ କଡ଼ା ସର୍ତ୍ତରେ ରାଜି ହୋଇଥିଲେ। କେବଳ ରାଜ୍ୟ ନୁହନ୍ତି, କେନ୍ଦ୍ର ସରକାରଙ୍କ ଦୁଇ ପ୍ରମୁଖ ବିଭାଗ ନୀତି ଆୟୋଗ ଏବଂ ଅର୍ଥ ମନ୍ତ୍ରଣାଳୟ ମଧ୍ୟ ଜାତୀୟ ଜଳମାର୍ଗକୁ ବିରୋଧ କରିଥିଲେ। ଯଥେଷ୍ଟ ବିଚାର ବିମର୍ଶ ନ କରି କୌଣସି ନଦୀକୁ ଜାତୀୟ ଜଳମାର୍ଗ ଘୋଷଣା କରିବା ଠିକ୍ ନୁହେଁ ବୋଲି ଜାହାଜ ଚଳାଚଳ ମନ୍ତ୍ରଣାଳୟକୁ କୁହାଯାଇଥିଲା। ଖାଲି ସେତିକି ନୁହେଁ, ଯଥେଷ୍ଟ ବିଚାର ଆଲୋଚନା କରା ନ ଯାଇ ବିଲ୍‌କୁ ପାସ୍ କରାଯାଇଥିବା ସରକାରୀ ଦସ୍ତାବିଜରୁ ଜଣାପଡ଼ିଛି। ଅଧିକାଂଶ ସଂସଦୀୟ କମିଟି ସଦସ୍ୟ ବିଲ୍‌କୁ ନେଇ ଚିନ୍ତାବ୍ୟକ୍ତ କରିଥିଲେ। ଆନ୍ତଃମନ୍ତ୍ରଣାଳୟ ପରାମର୍ଶ ପ୍ରକ୍ରିୟା ମଧ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିଲା।



■ଭାଜପା ଶାସିତ ରାଜ୍ୟ ବି ସହମତ ନ ଥିଲେ

■ନୀତି ଆୟୋଗ, ଅର୍ଥ ମନ୍ତ୍ରଣାଳୟ ଚାହୁଁ ନ ଥିଲେ

# ନେତାନ୍ୟାହୁଙ୍କୁ ନିର୍ବାଚନୀ ଝଟକା

ଜେରୁଜେଲମ୍,୧୯।୯



■ଇସ୍ରାଏଲ୍‌ରେ ୫ ମାସରେ ଦ୍ୱିତୀୟ ସାଧାରଣ ନିର୍ବାଚନ

■ଏଥର ବି କାହାକୁ ମିଳିଲାନି ସଂଖ୍ୟାଗରିଷ୍ଠତା

■ମେଣ୍ଟ ସରକାର ଗଠନ ଲାଗି ନେତାନ୍ୟାହୁଙ୍କ ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କଲେ ବେନ୍ନି ଗାଂଜ

ପଞ୍ଚମଥର ପାଇଁ କ୍ଷମତାସୀନ ହେବାକୁ ଅଣ୍ଟାଭିଡ଼ିଥିବା ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେନ୍‌ୟାମିନ୍ ନେତାନ୍ୟାହୁଙ୍କୁ ଗୁରୁବାର ନିର୍ବାଚନୀ ଝଟ୍‌କା ଲାଗିଛି। ନିର୍ବାଚନରେ ନେତାନ୍ୟାହୁଙ୍କ ନେତୃତ୍ୱାଧୀନ ଦକ୍ଷିଣପନ୍ଥୀ ଶାସକ ଦଳ ଲିକୁଡ୍ ପାର୍ଟିକୁ ୩୧ ଆସନ ମିଳିଛି। ଅନ୍ୟପକ୍ଷରେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ବେନ୍ନି ଗାଂଜଙ୍କ ଦଳ ବ୍ଲୁ ଆଣ୍ଡ ହ୍ୱାଇଟ୍ ପାର୍ଟିକୁ ୩୩ ଆସନରେ ସଫଳତା ମିଳିଛି। ଉଭୟ ଶାସକ ଓ ବିରୋଧୀ ଦଳକୁ ସଂଖ୍ୟାଗରିଷ୍ଠତା ମିଳି ନ ଥିବାରୁ ଦେଶରେ ରାଜନୈତିକ ଅଚଳାବସ୍ଥା ଓ ଝୁଲା ପାର୍ଲାମେଣ୍ଟ ସ୍ଥିତି ସୃଷ୍ଟି ହୋଇଛି। ତୃତୀୟ ଥର ନିର୍ବାଚନ ନ କରାଇବା ସପକ୍ଷରେ ଥିବା ନେତାନ୍ୟାହୁ ରାଜନୈତିକ ସଙ୍କଟ ଟାଳିବା ପାଇଁ ବେନ୍ନି ଗାଂଜଙ୍କୁ ମିଳିତ ସରକାର ଗଠନ ସକାଶେ ନିମନ୍ତ୍ରଣ କରିଛନ୍ତି।

ଇସ୍ରାଏଲ୍‌ରେ ଏପ୍ରିଲ ୯ରେ ସାଧାରଣ ନିର୍ବାଚନ ହୋଇଥିଲା। ଏଥିରେ ୧୨୦ ଆସନ ବିଶିଷ୍ଟ ନେସେଟ୍‌ରେ ଉଭୟ ଲିକୁଡ୍ ଏବଂ ବ୍ଲାକ୍ ଆଣ୍ଡ ହ୍ୱାଇଟ୍‌କୁ ୩୫ଟି ଲେଖାଏ ଆସନ ମିଳିଥିଲା। କୌଣସି ଦଳକୁ ସଂଖ୍ୟାଗରିଷ୍ଠତା ନ ମିଳିବାରୁ ଗତ ମଙ୍ଗଳବାର ପୁଣି ନିର୍ବାଚନ କରାଯାଇଥିଲା। ଏଥିରେ ମଧ୍ୟ କାହାକୁ ସରକାର ଗଠନ ପାଇଁ ଜନାଦେଶ ମିଳିନାହିଁ। ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ଏକ ଭିଡିଓ ମେସେଜ୍‌ରେ କହିଛନ୍ତି, ସେ ଅନ୍ୟ ଦକ୍ଷିଣପନ୍ଥୀ ଓ ଅତି-ରକ୍ଷଣଶୀଳ ଦଳଗୁଡ଼ିକର ସହଯୋଗ ବିନା ମେଣ୍ଟ ସରକାର ଗଠନ କରିପାରିବେ ନାହିଁ। ଅନ୍ୟପକ୍ଷରେ ପୂର୍ବତନ ସେନାମୁଖ୍ୟ ଗାଂଜ ଦୁର୍ନୀତି ଅଭିଯୁକ୍ତ ନେତାନ୍ୟାହୁଙ୍କ ସହ ମିଶି ସରକାର ଗଠନ ପାଇଁ ଆଗ୍ରହୀ ନୁହନ୍ତି କହି ତାଙ୍କ ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଏହାସହ ନିଜେ ପ୍ରଧାନମନ୍ତ୍ରୀ ହେବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି।

# କେନ୍ଦ୍ରମନ୍ତ୍ରୀ ସୁପ୍ରିୟୋ ହଟହଟା



କୋଲକାତା,୧୯।୯(ପି.ଟି.)

ଯାଦବପୁର ବିଶ୍ୱବିଦ୍ୟାଳୟରେ କଳା ପତାକା ଦେଖାଇ ଠେଲାପେଲା

ଏବିଭିପି ପକ୍ଷରୁ ଆୟୋଜିତ ଏକ ସେମିନାରରେ ଉଦ୍‌ବୋଧନ ଦେବାକୁ ଯାଇଥିବା କେନ୍ଦ୍ରମନ୍ତ୍ରୀ ବାବୁଲ ସୁପ୍ରିୟୋଙ୍କୁ ଯାଦବପୁର ବିଶ୍ୱବିଦ୍ୟାଳୟରେ ହଟହଟା ହେବାକୁ ପଡ଼ିଛି। ଗୋଟିଏ ଛାତ୍ରଗୋଷ୍ଠୀ ତାଙ୍କୁ କଳାପତାକା ଦେଖାଇ ଠେଲାପେଲା କରିଥିଲେ। ଘଟଣାସ୍ଥଳରେ ବିଶ୍ୱବିଦ୍ୟାଳୟ କୁଳାଧିପତି ତଥା ରାଜ୍ୟପାଳ ଜଗଦୀପ ଧନ୍‌ଖର ମଧ୍ୟ ଉପସ୍ଥିତ ଥିଲେ। ବାମଦଳ ସମର୍ଥିତ ଦୁଇ ଛାତ୍ର ସଂଗଠନ ଭାରତୀୟ ଛାତ୍ର ସଂଘ ଏବଂ ଆର୍ଟ ଫାକଲ୍ଟି ଛାତ୍ରସଂସଦ (ଏଏଫ୍‌ଏସ୍‌ୟୁ)ର ସଦସ୍ୟମାନେ ତାଙ୍କୁ କ୍ୟାମ୍ପସ୍ ବାହାରେ ଦେଢ଼ଘଣ୍ଟା ଧରି ଅଟକ ରଖିଥିଲେ। ‘ବାବୁଲ ସୁପ୍ରିୟୋ ଫେରିଯାଅ’ ବୋଲି ସେମାନେ ସ୍ଲୋଗାନ ଦେଇଥିଲେ। ଅପରାହ୍ନ ୫ଟାରେ ସେ କ୍ୟାମ୍ପସ୍ ଛାଡୁଥିବାବେଳେ ପୁଣିଥରେ ବିରୋଧର ସମ୍ମୁଖୀନ ହୋଇଥିଲେ। ବିକ୍ଷୋଭକାରୀ ଛାତ୍ରଗୋଷ୍ଠୀ ରାସ୍ତା ଅବରୋଧ କରି ତାଙ୍କ ଚୁଟି ଟାଣିବା ସହ ଠେଲାପେଲା କରିଥିବା ମନ୍ତ୍ରୀ କହିଛନ୍ତି। ସେମାନେ ନିଜକୁ ନକ୍ସଲ ବୋଲି ଖୋଲାଖୋଲି କହୁଥିଲେ। ଫାସୀବାଦୀ ଶକ୍ତିକୁ କ୍ୟାମ୍ପସରେ ପୂରାଇ ଦିଆଯିବ ନାହିଁ ବୋଲି ଏଏଫ୍‌ଏସ୍‌ୟୁ ନେତା ଦେବରାଜ ଦେବନାଥ କହିଥିଲେ। ସେ ରାଜନୀତି କରିବାକୁ ଆସି ନ ଥିଲେ। ବିଶ୍ୱବିଦ୍ୟାଳୟ ଛାତ୍ରଙ୍କ ବ୍ୟବହାରରେ ସେ ଦୁଃଖିତ ବୋଲି ବାବୁଲ ଖବରଦାତାମାନଙ୍କୁ କହିଛନ୍ତି।

## ସୁପର ୩୦ ପ୍ରତିଷ୍ଠାତା ଆମେରିକାରେ ପୁରସ୍କୃତ

ୱାଶିଂଟନ,୧୯।୯(ପି.ଟି.)

ସୁପର ୩୦ର ପ୍ରତିଷ୍ଠାତା ଆନନ୍ଦ କୁମାରଙ୍କୁ ଆମେରିକାରେ ପୁରସ୍କୃତ କରାଯାଇଛି। ପ୍ରତିବର୍ଷ ୩୦ ଜଣ ଗରିବ ଛାତ୍ରୀଛାତ୍ରଙ୍କୁ ମାଗଣାରେ ପ୍ରଶିକ୍ଷଣ ଦେଇ ସେମାନଙ୍କୁ ଆଇଆଇଟି ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତ କରୁଥିବା ଏହି ଖ୍ୟାତନାମା ଗଣିତଜ୍ଞଙ୍କୁ ଆମେରିକାର ଫାଉଣ୍ଡେଶନ୍ ଫର୍ ଏକ୍ସେଲେନ୍ସ ପକ୍ଷରୁ ‘ଏଜୁକେଶନ ଏକ୍ସେଲେନ୍ସ ଆୱାର୍ଡ’ରେ ସମ୍ମାନିତ କରାଯାଇଛି। କାଲିଫର୍ନିଆର ସାନ୍ ଜୋସ୍‌ଠାରେ ସଂଗଠନର ୨୫ତମ ବାର୍ଷିକ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଦେଶର ସବୁ ସମସ୍ୟା ବିରୋଧରେ ଲଢ଼େଇ ପାଇଁ ଶିକ୍ଷାକୁ ସବୁଠୁ ଶକ୍ତିଶାଳୀ ଅସ୍ତ୍ର ଭାବେ ବ୍ୟବହାର କରିବା ନିମନ୍ତେ ସହାୟତା କରିବାକୁ ଏହି ଅବସରରେ ଆନନ୍ଦ କୁମାର ଆମେରିକା ଓ ସାରା ବିଶ୍ୱରେ ବସବାସ କରୁଥିବା ଭାରତୀୟମାନଙ୍କୁ ଅନୁରୋଧ କରିଥିଲେ। ସମସ୍ତଙ୍କୁ ଉନ୍ନତମାନର ଶିକ୍ଷା ଉପଲବ୍ଧ ହୋଇପାରିଲେ ଦାରିଦ୍ର୍ୟ, ବେରୋଜଗାରୀ, ଜନସଂଖ୍ୟା ବିସ୍ଫୋରଣ, ପରିବେଶ ଆଦି ବିଭିନ୍ନ ସମସ୍ୟାର ସମାଧାନ ହୋଇପାରିବ ବୋଲି ସେ କହିଥିଲେ।



# ତେଜସ୍‌ରେ ଉଡ଼ିଲେ ରାଜନାଥ



ବେଙ୍ଗାଲୁରୁ,୧୯।୯(ପି.ଟି.)

ଏଲ୍‌ସିଏରେ ଉଡ଼ିବାରେ ପ୍ରଥମ ପ୍ରତିରକ୍ଷାମନ୍ତ୍ରୀ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଗୁରୁବାର ବେଙ୍ଗାଲୁରୁସ୍ଥିତ ହାଲ୍ (ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍) ବିମାନବନ୍ଦରରୁ ତେଜସ୍ ଯୁଦ୍ଧବିମାନରେ ଉଡ଼ିଛନ୍ତି। ସେ ଦେଶର ପ୍ରଥମ ପ୍ରତିରକ୍ଷା ମନ୍ତ୍ରୀ, ଯିଏ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ହାଲୁକା ଲଢ଼ୁଆ ବିମାନ (ଏଲ୍‌ସିଏ)ରେ ଉଡ଼ିବାର ସୁଯୋଗ ପାଇଛନ୍ତି। ଯୁଦ୍ଧବିମାନରେ ଉଡ଼ିବାର ଅନୁଭୂତି ରୋମାଞ୍ଚକର ଥିଲା ଏବଂ ଏହା ତାଙ୍କ ଜୀବନର ସବୁଠୁ ସ୍ମରଣୀୟ ଘଟଣା ହୋଇ ରହିବ ବୋଲି ୩୦ ମିନିଟ୍‌ର ଉଡ଼ାଣ ପରେ ରାଜନାଥ କହିଛନ୍ତି। ଜି ସୁଟ୍, ହେଲ୍‌ମେଟ ଏବଂ ଏଭିଏଟର ଗ୍ଲାସ୍‌ରେ ରାଜନାଥ ଯୁଦ୍ଧବିମାନ ପାଇଲଟ ଭଳି ଦେଖାଯାଉଥିଲେ। ସେ ନିଜେ ମଧ୍ୟ ୨ ମିନିଟ ବିମାନକୁ ନିୟନ୍ତ୍ରଣ କରିବା ସହ ଉଡ଼ାଇଥିଲେ। ଭାରତ ଯୁଦ୍ଧବିମାନ ରପ୍ତାନି କରିବା ସ୍ତରରେ ପହଞ୍ଚିପାରିଥିବାରୁ ଏଥିପାଇଁ ସେ ହାଲ୍ ଏବଂ ଡିଆର୍‌ଡିଓ ତଥା ଏଥିସହିତ ଜଡ଼ିତ ଅନ୍ୟ ସଂସ୍ଥାକୁ ଅଭିନନ୍ଦନ ଜଣାଇଥିଲେ। ଦକ୍ଷିଣପୂର୍ବ ଏସିଆର କେତେକ ଦେଶ ତେଜସ୍ ଯୁଦ୍ଧବିମାନ କିଣିବାକୁ ଆଗ୍ରହ ପ୍ରକାଶ କରିଛନ୍ତି।

ରାଜନାଥଙ୍କ ସହ ଏୟାର ଭାଇସ୍ ମାର୍ଶାଲ ଏନ୍. ତିୱାରୀ ଏବଂ ପାଇଲଟ ଥିଲେ। ତିୱାରୀ ଏରୋନଟିକ୍ସ ଉନ୍ନୟନ ସଂସ୍ଥା (ଏଡିଏ)ର ଜାତୀୟ ଉଡାଣ ପରୀକ୍ଷା କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ମଧ୍ୟ ଅଛନ୍ତି। ତେଜସ୍ ଯୁଦ୍ଧବିମାନ ବାୟୁସେନାରେ ସାମିଲ ହୋଇଥିଲା ବେଳେ ଏହାର ନାଭାଲ ଭର୍ସନ ନୌସେନା ପାଇଁ ନିର୍ମାଣ ଚାଲିଛି। ଯୁଦ୍ଧଜାହାଜରେ ଅବତରଣ କରିବା ପୂର୍ବରୁ ଗତ ଶୁକ୍ରବାର ଗୋଆ ବେଳାଭୂମିରେ ତେଜସ୍ ନାଭାଲ ଭର୍ସନ ସଫଳତାର ସହ ଆରେଷ୍ଟେଡ୍ ଲ୍ୟାଣ୍ଡିଂ କରିଥିଲା।

## ରାକେଶ ଭଦୌରିଆ ହେବେ ବାୟୁସେନା ମୁଖ୍ୟ

ନୂଆଦିଲ୍ଲୀ,୧୯।୯(ପି.ଟି.): ଏୟାର ମାର୍ଶାଲ ରାକେଶ କୁମାର ସିଂ ଭଦୌରିଆ ଭାରତୀୟ ବାୟୁସେନା (ଆଇଏଏଫ୍)ର ପରବର୍ତ୍ତୀ ମୁଖ୍ୟ ହେବାକୁ ଯାଉଛନ୍ତି। ହାଲୁକା ଲଢ଼ୁଆ ବିମାନ ତେଜସ୍‌ର ପରୀକ୍ଷାମୂଳକ ଉଡାଣ ସହ ସମ୍ପୃକ୍ତ ଥିବା ରାକେଶଙ୍କର ୨୬ଟି ଲଢ଼ୁଆ ବିମାନ ଓ ପରିବହନ ବିମାନ ଉଡ଼ାଇବା ଅଭିଜ୍ଞତା ରହିଛି। ବର୍ତ୍ତମାନ ଆଇଏଏଫ୍‌ର ଉପାଧ୍ୟକ୍ଷ ଥିବା ରାକେଶ ଅକ୍ଟୋବର ୧ରେ ଏୟାର ଚିଫ୍ ମାର୍ଶାଲ ବି.ଏସ୍. ଧନୋଆଙ୍କ ଉତ୍ତରାଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିବେ। ଧନୋଆ ଚଳିତ ମାସ ୩୦ରେ ଅବସର ଗ୍ରହଣ କରିବାକୁ ଯାଉଛନ୍ତି।

ନ୍ୟାଶନାଲ ଡିଫେନ୍ସ ଏକାଡେମୀର ପୂର୍ବତନ ଛାତ୍ର ରାକେଶଙ୍କୁ ‘ସୋର୍ଡ ଅଫ ଅନର’ ପ୍ରଦାନ କରାଯାଇଥିଲା। ସେ ୧୯୮୦ ଜୁନ୍‌ରେ ଆଇଏଏଫ୍‌ରେ ସାମିଲ ହୋଇଥିଲେ। ବିଭିନ୍ନ ଯୁଦ୍ଧବିମାନ ଉଡ଼ାଣରେ ତାଙ୍କର ପାରଦର୍ଶିତା ରହିଥିବାବେଳେ ସେ ବିଭିନ୍ନ ବିମାନର ପରୀକ୍ଷାମୂଳକ ଉଡ଼ାଣ କରିଥାନ୍ତି। ରାକେଶ କ୍ୟାଟ୍ ‘ଏ’ ଯୋଗ୍ୟତାସମ୍ପନ୍ନ ଉଡ଼ାଣ ପ୍ରଶିକ୍ଷକ।



■ ନ୍ୟୁୟର୍କରେ ୨୦ ଦ୍ୱିପାକ୍ଷିକ ବୈଠକ କରିବେ ମୋଦି

# ସ୍ଥାନ ପାଇବନି କଶ୍ମୀର ପ୍ରସଙ୍ଗ

ନୂଆଦିଲ୍ଲୀ/ୱାଶିଂଟନ, ୧୯।୯(ପି.ଟି.): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନ୍ୟୁୟର୍କ ଗସ୍ତ ଅବସରରେ ୨୦ ଦ୍ୱିପାକ୍ଷିକ ବୈଠକ କରିବେ। ଏଥିସହ ଜାତିସଂଘ ସାଧାରଣ ପରିଷଦ ବୈଠକରେ ମୋଦି ଉଦ୍‌ବୋଧନ ଦେବେ। ତେବେ ଏଥିରେ କଶ୍ମୀର ପ୍ରସଙ୍ଗ ସ୍ଥାନ ପାଇବ ନାହିଁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ସଚିବ ବିଜୟ ଗୋଖଲେ କହିଛନ୍ତି। କେବଳ ବିକାଶ, ସୁରକ୍ଷା, ଆତଙ୍କବାଦ ଓ ଶାନ୍ତି ପ୍ରସଙ୍ଗ ଉପରେ ଭାରତ ମତ ରଖିବ। ସେପ୍ଟେମ୍ବର ୨୨ରେ ପ୍ରବାସୀ ଭାରତୀୟଙ୍କ ସହ ହ୍ୟୁଷ୍ଟନରେ ‘ହାଓ୍ବି ମୋଦି’ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଅନେକ ଘୋଷଣା କରିବେ ବୋଲି ଜଣାପଡ଼ିଛି।

■ ଆଫଗାନିସ୍ତାନରେ ରାଷ୍ଟ୍ରପତି ନିର୍ବାଚନକୁ ୯ ଦିନ

# ତାଲିବାନ ଆକ୍ରମଣରେ ୨୦ ନିହତ

କାବୁଲ,୧୯।୯(ଆଇଏଏନ୍‌ଏସ୍)

ଯୁଦ୍ଧ ପ୍ରଭାବିତ ଆଫଗାନିସ୍ତାନରେ ତାଲିବାନର ଆଉ ଏକ ଆକ୍ରମଣ। ଏଥର ଜାବୁଲ ପ୍ରଦେଶର କଲାତ୍ ସହରସ୍ଥିତ ଏକ ହସ୍ପିଟାଲକୁ ଟାର୍ଗେଟ କରିଛି ଏହି ଆତଙ୍କବାଦୀ ସଙ୍ଗଠନ। ଗୁରୁବାର ସକାଳ ୬ଟାରେ ବିସ୍ଫୋରକ ବୋଝେଇ ଏକ ଟ୍ରକ୍ ଉକ୍ତ ହସ୍ପିଟାଲକୁ ଧକ୍କା ଦେଇଥିଲା। ବିସ୍ଫୋରଣରେ ହସ୍ପିଟାଲ କୋଠା ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବାବେଳେ ୨୦ ନିହତ ଓ ୯୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ହସ୍ପିଟାଲ କର୍ମଚାରୀ ଓ ରୋଗୀ। କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିପାରେ। ସେମାନଙ୍କୁ କାନ୍ଦାହାରର ଏକ ହସ୍ପିଟାଲକୁ ନିଆଯାଇଛି। ତାଲିବାନ ମୁଖପାତ୍ର ଜାବିହୁଲ୍ଲା ମୁଜାହିଦ୍ ଏହି ଆକ୍ରମଣ ପଛରେ ନିଜ ସଙ୍ଗଠନର ହାତ ଥିବା କହିଛନ୍ତି। ଆସନ୍ତା ୨୮ରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନକୁ ଭଣ୍ଡୁର କରିବା ପାଇଁ ଆଫଗାନିସ୍ତାନର ବିଭିନ୍ନ ସ୍ଥାନରେ ଆତଙ୍କବାଦୀମାନେ କିଛି ସପ୍ତାହ ଧରି ଆକ୍ରମଣ କରୁଛନ୍ତି। ପରୱାନ ପ୍ରଦେଶରେ ମଙ୍ଗଳବାର ରାଷ୍ଟ୍ରପତି ଅଶ୍‌ରଫ୍ ଗନିଙ୍କ ଏକ ନିର୍ବାଚନୀ ସଭାରେ ଆତଙ୍କବାଦୀ ଆତ୍ମଘାତୀ ବିସ୍ଫୋରଣ ଘଟାଇଥିଲେ। ଏଥିରେ ୨୬ ପ୍ରାଣ ହରାଇଥିବାବେଳେ ୪୨ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ।



# ପାକିସ୍ତାନ ବିଛାଇଛି କୁହୁକ ଜାଲ

ନୂଆଦିଲ୍ଲୀ,୧୯।୯(ଆଇଏଏନ୍‌ଏସ୍)

ଆଇଏସ୍‌ଆଇର ହନିଟ୍ରାପ୍ ଚକ୍ରବ୍ୟୂହ

■ଭାରତୀୟ ଯୁବତୀଙ୍କ ନାମରେ ଜାଲ୍ ଆକାଉଣ୍ଟ ଖୋଲି ସୋସିଆଲ ମିଡିଆରେ ବ୍ୟବହାର

■ସେନା ଯବାନ, ଅଧିକାରୀଙ୍କୁ ଫସାଇ ସମ୍ବେଦନଶୀଳ ତଥ୍ୟ ହାସଲ କରୁଛି



ପାକିସ୍ତାନର ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ) ପକ୍ଷରୁ ଚାଲିଥିବା ଏକ ‘କଲ୍ ସେଣ୍ଟର’ର ପର୍ଦ୍ଦାଫାଶ କରିବାରେ ଭାରତୀୟ ଗୋଇନ୍ଦା ସଂସ୍ଥାଗୁଡ଼ିକୁ ବଡ଼ ସଫଳତା ମିଳିଛି। ଏହି କଲ୍ ସେଣ୍ଟରରୁ ଆଇଏସ୍‌ଆଇ ହନିଟ୍ରାପ୍ ବିଛାଇ ଭାରତୀୟ ଯବାନଙ୍କୁ ଫସାଉଥିଲା ବୋଲି ଜଣାପଡ଼ିଛି।

ପାକିସ୍ତାନର ରାଜଧାନୀ ଇସ୍‌ଲାମାବାଦଠାରୁ ୧୧୬ କି.ମି. ଦୂର ଝେଲମ ସହରରେ ରହିଛି କୁଖ୍ୟାତ୍ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇର ତଥାକଥିତ କଲ୍ ସେଣ୍ଟର। ସେଠାରୁ ଭାରତୀୟ ସେନା ଓ ସରକାରୀ ଅଧିକାରୀମାନଙ୍କୁ ଜାଲରେ ଛନ୍ଦି ସମ୍ବେଦନଶୀଳ ତଥା ଗୋପନୀୟ ତଥ୍ୟ ହାସଲ କରୁଛି। ଏଥିରେ ଆଇଏସ୍‌ଆଇକୁ ପାକିସ୍ତାନ ଟେଲିକମ୍ୟୁନିକେଶନ କମ୍ପାନୀ ଲିମିଟେଡ୍ (ପିଟିସିଏଲ୍) ପୂରା ସହଯୋଗ କରୁଛି। ସେଠାରେ ଭାରତୀୟ ସିମ୍‌କାର୍ଡଗୁଡ଼ିକୁ ବ୍ୟବହାର କରାଯାଉଛି, ଯାହାକି ପାକିସ୍ତାନରେ ଥିବା ସମ୍ପର୍କୀୟଙ୍କ ଘରକୁ ଯାଇଥିବାବେଳେ ଭାରତୀୟ ଯାତ୍ରୀ ବିଶେଷକରି ମହିଳାଙ୍କଠାରୁ ସେଠାର କଷ୍ଟମ୍ସ ବିଭାଗ ଜବତ କରିଥାଏ। ଦିଲ୍ଲୀ ଓ ଅନ୍ୟ କେତେକ ରାଜ୍ୟର ପୋଲିସ ଏକ ଚାଞ୍ଚଲ୍ୟକର ହନିଟ୍ରାପ୍ ସ୍କାଣ୍ଡାଲ ନେଇ ଦେଶବ୍ୟାପୀ ତନାଘନା କରିବା ପରେ ୧୦୦ରୁ ଊର୍ଦ୍ଧ୍ୱ ଭାରତୀୟ ସିମ୍‌କାର୍ଡ ଠାବ କରିଛନ୍ତି। ସୀମାନ୍ତରେ ଅବସ୍ଥିତ କଲ୍ ସେଣ୍ଟରଗୁଡ଼ିକରେ କାର୍ଯ୍ୟରତ ପାକିସ୍ତାନୀ ମହିଳାମାନଙ୍କ ପରିଚୟ ଲୁଚାଇବା ପାଇଁ ଭାରତୀୟ ମହିଳା ଯାତ୍ରୀଙ୍କ ସିମ୍‌କାର୍ଡଗୁଡ଼ିକୁ ବ୍ୟବହାର କରାଯାଉଛି। ଭାରତୀୟ ସିମ୍‌କାର୍ଡ ଓ ଫେସ୍‌ବୁକ୍‌ରେ ସଙ୍ଗୀତା ମିଶ୍ର, ଆୟେଶା ରୟ, ନୀତା ସିଂ ଭଳି ନାମରେ ଜାଲ ଆକାଉଣ୍ଟ ଖୋଲାଯାଇ ପାକିସ୍ତାନୀ ଯୁବତୀମାନଙ୍କୁ ନିୟୋଜିତ କରାଯାଇଛି। ସେଠାରେ କାର୍ଯ୍ୟରତ ଯୁବତୀମାନେ ଉତ୍ତର ଭାରତୀୟଙ୍କ ଭଳି ଅନର୍ଗଳ ହିନ୍ଦୀ କହିପାରୁଛନ୍ତି। ଆଇଏସ୍‌ଆଇ ହ୍ୟାଣ୍ଡଲର୍ସଙ୍କ ସହାୟତାରେ ସେହି ଯୁବତୀମାନେ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଭାରତୀୟ ଯବାନମାନଙ୍କୁ ସର୍ଚ୍ଚ କରୁଛନ୍ତି। ପରେ ସେମାନେ ଫ୍ରେଣ୍ଡ ରିକ୍ୱେଷ୍ଟ ପଠାଇ ଚାଟିଂ କରୁଛନ୍ତି। ଫେସ୍‌ବୁକ୍‌ରେ ଭିଡିଓ କଲ୍ କରି ତାକୁ ରେକର୍ଡ କରୁଛନ୍ତି। ସମ୍ପର୍କକୁ ଅଧିକ ନିବିଡ଼ କରିବା ପାଇଁ ସେମାନେ ହ୍ୱାଟ୍ସଆପ୍‌ରେ ପ୍ରାଇଭେଟ ଚାଟିଂ ପାଇଁ ଯବାନମାନଙ୍କୁ ଅନୁରୋଧ କରୁଛନ୍ତି। ଏଥିଯୋଗୁ ଯବାନମାନେ ସେମାନଙ୍କୁ ଭାରତୀୟ ଯୁବତୀ ମନେକରି ସେମାନଙ୍କ ସହ ପ୍ରେମାଳାପ କରିବା ପରେ ଜାଲରେ ଫସିଯାଉଛନ୍ତି। ଦିଲ୍ଲୀର ଜଣେ ଯୁବତୀଙ୍କୁ ଦିଲ୍ଲୀ ପୋଲିସ ଜେରା କରିବା ପରେ ଏହି ତଥ୍ୟ ସାମ୍ନାକୁ ଆସିଛି। ୩୦ ବର୍ଷୀୟା ଯୁବତୀ ପ୍ରଘଟ କରିଛନ୍ତି ଯେ, ସେ ପାକିସ୍ତାନ ଯାଇଥିବାବେଳେ ସେଠାକାର କଷ୍ଟମ୍ସ ବିଭାଗ ଅଧିକାରୀମାନେ ତାଙ୍କ ସିମ୍‌କାର୍ଡ ଓ ଫୋନ୍‌କୁ ଜବତ କରିନେଇଥିଲେ। ସୁରକ୍ଷା କାରଣରୁ ପାକିସ୍ତାନ ମାଟିରେ କୌଣସି ଭାରତୀୟ ସିମ୍‌କାର୍ଡ କିମ୍ବା ମୋବାଇଲ ଫୋନ୍‌କୁ ଅନୁମତି ଦିଆଯିବ ନାହିଁ କହି ପାକିସ୍ତାନୀ କର୍ତ୍ତୃପକ୍ଷ ସେଗୁଡ଼ିକୁ ଭାରତୀୟ ଯାତ୍ରୀଙ୍କଠାରୁ ଜବତ କରିନେଉଥିବା ସମ୍ପୃକ୍ତ ମହିଳାଙ୍କୁ ପଚରାଉଚରା ବେଳେ ଜଣାପଡ଼ିଛି। ଭାରତୀୟ ସେନାର ଯବାନ ଓ ସରକାରୀ ଅଧିକାରୀମାନଙ୍କୁ ହନିଟ୍ରାପ୍‌ରେ ଫସାଇ ଦେଶର ଗୋପନୀୟ ତଥ୍ୟ ହାସଲ କରିବା ପାଇଁ ଆଇଏସ୍‌ଆଇ ଏଭଳି ଚକ୍ରବ୍ୟୂହ କରିଥିବା ସ୍ପଷ୍ଟ ହୋଇଛି।



ଝାଡ଼ଖଣ୍ଡର ପୂର୍ବତନ କଂଗ୍ରେସ ମୁଖ୍ୟ ଅଜୟ କୁମାର ଗୁରୁବାର ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ୍ ସିସୋଦିଆଙ୍କ ଉପସ୍ଥିତିରେ ଆମ୍ ଆଦ୍ମୀ ପାର୍ଟି (ଏଏପି)ରେ ସାମିଲ ହୋଇଛନ୍ତି। ଝାଡ଼ଖଣ୍ଡ କଂଗ୍ରେସ ସ୍ଥିତି ଦୁର୍ବଳ ହୋଇପଡ଼ିଥିବା କୁମାର ଅଭିଯୋଗ କରିବା ସହ ଏଏପି ମୋତେ ଯାହା ଦାୟିତ୍ୱ ଦେବ, ତାକୁ ସମ୍ଭାଳିବାକୁ ପ୍ରସ୍ତୁତ ଥିବା କହିଛନ୍ତି। ପୂର୍ବତନ ଆଇପିଏସ୍ ଅଫିସର କୁମାର ଗତ ମାସରେ ଝାଡ଼ଖଣ୍ଡ କଂଗ୍ରେସ ମୁଖ୍ୟ ପଦରୁ ଇସ୍ତଫା ଦେଇଥିଲେ। ଚଳିତ ବର୍ଷ ଶେଷ ଭାଗରେ ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ସେ ଏଏପିରେ ଯୋଗଦେଇଛନ୍ତି।




ଚିଟିକାମାଲରେ ଦମ୍ପତିଙ୍କୁ ହତ୍ୟା ଘଟଣା

## ଗୁଣିଗାରେଡ଼ିରୁ ହତ୍ୟା ସ୍ପଷ୍ଟ

**ବଲାଙ୍ଗୀର ଅଫିସ/ ପାଟଣାଗଡ଼,୧୯।୯ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ତଥା ଲରମ୍ବା ଥାନା ଅନ୍ତର୍ଗତ ଚିଟିକାମାଲ ଗାଁରେ ଗତ ୧୬ ତାରିଖରେ ସଂଘଠିତ ଦମ୍ପତି ହତ୍ୟା ଘଟଣା ଗୁଣିଗାରେଡିରୁ ହୋଇଥିବା ପୋଲିସ ସ୍ପଷ୍ଟ କରିଛି। ଏସ୍‌ପି ମାଡକର ସନ୍ଦୀପ ସମ୍ପତ୍ ପାଟଣାଗଡ଼ ଥାନାରେ ଏକ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଗୁଣିଗାରେଡି ସନ୍ଦେହରେ ଚିଟିକାମାଲ ଗାଁର ଚିନ୍ତାମଣି ବରିହା ଓ ତାଙ୍କ ସ୍ତ୍ରୀ ରୁକ୍ମିଣୀଙ୍କୁ ନିର୍ମମ ହତ୍ୟା କରାଯାଇ ପାଖ ପାହାଡରେ ଫିଙ୍ଗି ଦିଆଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ଅନ୍ୟଜଣେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି ବୋଲି ଏସପି ସୂଚନା ଦେଇଛନ୍ତି । ଏସପି ସମ୍ପତ୍ କହିଥିଲେ ଯେ, ଗିରଫ ସମସ୍ତ ଅଭିଯୁକ୍ତ ଦୋଷ ସ୍ୱୀକାର କରିଛନ୍ତି ଓ ଗୁଣିଗାରେଡି ସନ୍ଦେହରୁ ସେମାନେ ଏଭଳି କାଣ୍ଡ କରିଥିବା କହିଛନ୍ତି ।




■ ଆର୍‌କେଭିୱାଇ ସମୀକ୍ଷା ବୈଠକ

## ଧାର୍ଯ୍ୟ ସମୟରେ ପ୍ରକଳ୍ପ ସାରିବା ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୧୯।୯(ବ୍ୟୁରୋ)**

ରାଜ୍ୟ କୃଷି ଉତ୍ପାଦନ କମିଶନର(ଏପିସି) ପ୍ରଦୀପ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା(ଆର୍‌କେଭିୱାଇ) ସମ୍ପର୍କିତ ପ୍ରକଳ୍ପ ସ୍କ୍ରିନିଂ କମିଟି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନରେ ଆୟୋଜିତ ଏହି ବୈଠକରେ କୃଷି ଏବଂ ଏହାର ଆନୁଷଙ୍ଗିକ କ୍ଷେତ୍ରରେ ଜାରି ରହିଥିବା ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ଆଲୋଚନା ହୋଇଥିଲା। ଧାର୍ଯ୍ୟ ସମୟରେ ଏହି ପ୍ରକଳ୍ପଗୁଡ଼ିକ ସାରିବା ପାଇଁ କମିଶନର ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତିଟି ପ୍ରକଳ୍ପର ସମୀକ୍ଷା କରିବା ସହ ଆସନ୍ତା ଅକ୍ଟୋବର ଶେଷସୁଦ୍ଧା କେନ୍ଦ୍ର ସରକାରଙ୍କଠାରୁ ଦ୍ୱିତୀୟ କିସ୍ତି ଟଙ୍କା ପାଇବା ପାଇଁ ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ କୁହାଯାଇଛି। ସେହିପରି କୃଷି ବିଭାଗ ପ୍ରମୁଖ ସଚିବ ଡକ୍ଟର ସୌରଭ ଗର୍ଗ ଆରକେଭିୱାଇ ଯୋଜନାରେ ରହିଥିବା ଅର୍ଥକୁ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ସେହିପରି ଏହି ଯୋଜନା ଅଧୀନରେ ହେଉଥିବା କାର୍ଯ୍ୟକ୍ରମଗୁଡ଼ିକର ଜିଓ ଟ୍ୟାଗିଂ ଉପରେ ଗୁରୁତ୍ୱ ଦିଆଯାଇଛି। ଆରକେଭିୱାଇ ଯୋଜନାଟି ୨୦୦୭ରେ କୃଷି ଓ ଏହାର ଆନୁଷଙ୍ଗିକ କ୍ଷେତ୍ରଗୁଡ଼ିକର ସର୍ବାଙ୍ଗୀନ ବିକାଶକୁ ଲକ୍ଷ୍ୟ ରଖି କରାଯାଇଥିଲା। ଏହା ରାଜ୍ୟରେ ଲାଗୁ ହେବାଠାରୁ ୫୦୦ଟି ପ୍ରକଳ୍ପ ସମାପ୍ତ ହୋଇଛି। ସେହିପରି ବର୍ତ୍ତମାନ ଏହା ଅଧୀନରେ ୨୬୭ ପ୍ରକଳ୍ପ କାର୍ଯ୍ୟ ଜାରି ରହିଥିବା ଜଣାପଡ଼ିଛି। ଏହି ବୈଠକକୁ କୃଷି ବିଭାଗ ଅତିରିକ୍ତ ସଚିବ ମନ୍ମଥ ପାଣି ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମତ୍ସ୍ୟ ଏବଂ ପ୍ରାଣୀସମ୍ପଦ ବିଭାଗ କମିଶନର ତଥା ସଚିବ ଏସ୍ ରଘୁପ୍ରସାଦ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ମୁଥୁ କୁମାର ପ୍ରମୁଖ ଉପସ୍ଥିତ ରହିଥିଲେ।




## ପିଏଲ୍‌ଏଫ୍‌ଆଇ ଏରିଆ କମାଣ୍ଡର ଗିରଫ

■ ଦେଶୀ ପିସ୍ତଲ ସହ ଅଫୁଟାଗୁଳି ଉଦ୍ଧାର
■ ସୀମାନ୍ତରେ ଚଳାଇଥିଲେ ଆତଙ୍କ

**ରାଉରକେଲା ଅଫିସ,୧୯।୯**

ରାଉରକେଲା ପୋଲିସ ସୀମାନ୍ତରେ ଆତଙ୍କ ଚଳାଇଥିବା ଆଉ ଜଣେ ପିଏଲ୍‌ଏଫ୍‌ଆଇ (ପିପୁଲ ଲିବରେଶନ ଫ୍ରଣ୍ଟ ଅଫ୍ ଇଣ୍ଡିଆ) ଏରିଆ କମାଣ୍ଡରଙ୍କୁ ଗିରଫ କରିଛି। ତାଙ୍କ ନାଁ ସୁଦାମ ସିଂ(୩୪)। ତାଙ୍କ ନିକଟରୁ ଏକ ଦେଶୀ ପିସ୍ତଲ ସହ ଗୁଳି ଜବତ କରାଯାଇଛି। ସେ ଝାଡ଼ଖଣ୍ଡ ସିମଡେଗା ଅଞ୍ଚଳ ବାନୋ ଥାନା ଅନ୍ତର୍ଗତ ବଡାଇକ ଟୋଲା ବାସିନ୍ଦା ବୋଲି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସ କହିଛି। ସୁଦାମ ପିଏଲ୍‌ଏଫ୍‌ଆଇ ଲିଡର ଦୀନେଶ ଗୋପଙ୍କ ନିର୍ଦ୍ଦେଶରେ କାମ କରୁଥିଲେ। ଗତ ୨୦୦୭ରୁ ସେ ଝାଡ଼ଖଣ୍ଡର ବାନୋ ସମେତ ଓଡିଶା ସୀମା ହାତିବାରୀ ଓ ବିଶ୍ରା ଅଞ୍ଚଳରେ ସକ୍ରିୟ ରହିଥିଲେ। ଜଣେ ପେସାଦାର ଅପରାଧୀ ଭାବେ ସେ ଏକାଧିକ ହତ୍ୟା, ଲୁଣ୍ଠନ ଓ ବଟି ଆଦାୟ ଘଟଣାରେ ସମ୍ପୃକ୍ତ ରହିଥିଲେ। ତାଙ୍କ ଆତଙ୍କରେ ବାନୋ ଓ ଏହାର ନିକଟବର୍ତ୍ତୀ ବାସିନ୍ଦା ସର୍ବଦା ଭୟଭୀତ ରହୁଥିଲେ। ରାଜନେତାଙ୍କୁ ଟାର୍ଗେଟ କରିବା ତାଙ୍କର ଅଭ୍ୟାସରେ ପରିଣତ ହୋଇଥିଲା। ବନ୍ଧୁକ ଦେଖାଇ ନିରୀହ ବ୍ୟବସାୟୀଙ୍କଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରୁଥିବା ସୁଦାମଙ୍କ ନାଁରେ ଭୟରେ କେହି ଅଭିଯୋଗ କରୁ ନ ଥିଲେ। ତାଙ୍କ ନାମରେ ବିଭିନ୍ନ ଥାନାରେ ୧୫ରୁ ଊର୍ଦ୍ଧ୍ୱ ମାମଲା ରହିଛି। ଏଥିରେ ୭ଟି କେବଳ ହତ୍ୟାକାଣ୍ଡ ସମ୍ପର୍କିତ ବୋଲି ଜଣାଯାଇଛି। ବାନୋ ପୋଲିସ ଷ୍ଟେଶନରେ ୬ଟି ମାମଲା ରହିଥିବାବେଳେ ଜଲଡେଗା ଥାନାରେ ଗୋଟିଏ ପଞ୍ଜୀକରଣ କରାଯାଇଛି। ଗୋଟିଏ ମାମଲା ବିଶ୍ରା ଥାନାରେ ରହିଛି। ଅନ୍ୟ ୫ଟି ମାମଲା ଝାଡ଼ଖଣ୍ଡରେ ଥିବା ପୋଲିସ ସୂଚନା ଦେଇଛି। ଗତ ୨୦୧୭ରେ ମିଟକୁନ୍ଦୁରୀ (ବିଶ୍ରା) ଅଞ୍ଚଳରେ ହତ୍ୟା ଉଦ୍ୟମ ସହ ହାତୀବାରି କୋ ଅପରେଟିଭ ବ୍ୟାଙ୍କ ଲୁଟ୍ ଭଳି ସଙ୍ଗିନ ମାମଲାରେ ସୁଦାମ ସମ୍ପୃକ୍ତ ଥିବା ଜଣାଯାଇଛି। ଗତ ୨୬।୧୨। ୨୦୧୭ ବିଶ୍ରା ଥାନା ମାମଲା ନଂ ୪୮ ଆଧାରରେ ତାଙ୍କୁ ୧୨। ୬। ୨୦୧୭ରେ ପୋଲିସ ଗିରଫ କରିଥିଲା। ସୁପାରି ନେଇ ଜଣେ ବ୍ୟବସାୟୀଙ୍କୁ ହତ୍ୟା କରିବାକୁ ସୁଦାମ ଷଡଯନ୍ତ୍ର କରିଥିଲେ। ଏହି ଘଟଣାରେ ତାଙ୍କର ଅନ୍ୟ ଦୁଇ ଜଣ ସହଯୋଗୀ ରହିଥିବା ଜଣାଯାଇଛି।

## ୪୦୦ ଜିଲାରେ ଆୟୋଜିତ ହେବ ଋଣମେଳା

### ୨୦୨୦ ମାର୍ଚ୍ଚ ପର୍ଯ୍ୟନ୍ତ ଏନ୍‌ପିଏ ଘୋଷିତ ହେବନି ଏମ୍‌ଏସ୍‌ଏମ୍‌ଇ ଋଣ

**ନୂଆଦିଲ୍ଲୀ,୧୯।୯:** ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ସେକ୍ଟରରେ ଦେଖାଦେଇଥିବା ମାନ୍ଦାବସ୍ଥାକୁ ଦୂରକରିବା ଲକ୍ଷ୍ୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଗୁରୁବାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଘୋଷଣା କରିଛନ୍ତି। ବ୍ୟାଙ୍କଗୁଡ଼ିକ ୨୦୨୦ ମାର୍ଚ୍ଚ ପର୍ଯ୍ୟନ୍ତ ଏମ୍‌ଏସ୍‌ଏମ୍‌ଇଙ୍କ ଋଣକୁ ଅନାଦାୟ ଋଣ ବା ଏନ୍‌ପିଏ ଘୋଷଣା କରିବେ ନାହିଁ। ଏ ନେଇ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସୀତାରାମନ୍ ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏଠାରେ ବ୍ୟାଙ୍କ ମୁଖ୍ୟମାନଙ୍କ ସହ ଆଲୋଚନା ପରେ ସେ କହିଛନ୍ତି ଯେ, ଋଣ ପ୍ରଦାନ ପାଇଁ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଦେଶର ୪୦୦ ଜିଲାରେ ଋଣ ମେଳା ଆୟୋଜନ କରାଯିବ। ଏମ୍‌ଏସ୍‌ଏମ୍‌ଇ ଋଣକୁ ଏନ୍‌ପିଏ ଘୋଷଣା କରା ନ ଗଲେ ସେମାନଙ୍କୁ ସହାୟତା ମିଳିବ। ସେ କହିଛନ୍ତି ଯେ, କେତେକ ଅଣବ୍ୟାଙ୍କିଙ୍ଗ୍ କ୍ଷେତ୍ରକୁ ଚିହ୍ନଟ କରାଯାଇଛି ଯେଉଁମାନଙ୍କୁ ଋଣ ଉପଲବ୍ଧ କରାଯାଇପାରିବ। ଫଳରେ ଋଣ ନେବାକୁ ଇଚ୍ଛୁକ ବ୍ୟକ୍ତିବିଶେଷଙ୍କୁ ନଗଦ ଉପଲବ୍ଧ ହୋଇପାରିବ। ବ୍ୟାଙ୍କଗୁଡ଼ିକ ଆସନ୍ତା ୨୯ରୁ ପ୍ରଥମେ ୨୦୦ ଜିଲାରେ ଏନ୍‌ବିଏଫ୍‌ସି ଓ ଖୁଚୁରା ଋଣଗ୍ରହୀତାଙ୍କ ସହ ବୈଠକ କରିବେ। ଅକ୍ଟୋବର ୧୦ରୁ ୧୫ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟ ୨୦୦ ଜିଲାରେ ଏଭଳି ବୈଠକ ଆୟୋଜନ କରାଯିବ। ଏହାଦ୍ୱାରା ପାର୍ବଣ ଋତୁ ସମୟରେ ଅଧିକରୁ ଅଧିକ ଋଣ ପ୍ରଦାନ କରିବା ନିଶ୍ଚିତ ହୋଇପାରିବ ବୋଲି ମନେ କରାଯାଉଥିବା ସୀତାରାମନ୍ କହିଛନ୍ତି।


ନିର୍ମଳା ସୀତାରାମନ୍



**କିଛି ତଥ୍ୟ**

୨୦୧୭-୧୮ ଆର୍ଥିକ ବର୍ଷରେ ଦେଶରୁ ୪୫ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମତ୍ସ୍ୟ ଓ ସାମୁଦ୍ରିକ ଖାଦ୍ୟ ସମାଗ୍ରୀ ରପ୍ତାନି ହୋଇଛି।

– ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରଣାଳୟ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................


ଆରାଧ୍ୟା
ପରିବାରବର୍ଗ


ଶ୍ରୀଜିତା
ପରିବାରବର୍ଗ


ସୋନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ସୀତାରାମନଙ୍କୁ ମାରୁତି ଅଧ୍ୟକ୍ଷଙ୍କ ସମର୍ଥନ

**ନୂଆଦିଲ୍ଲୀ,୧୯-୯:** ଓଲା ଓ ଉବର କ୍ୟାବ୍ ଆଧାରିତ ଟ୍ୟାକ୍ସି ସୁବିଧା ଯୋଗୁ ଦେଶର ଅଟୋ ସେକ୍ଟରରେ ମାନ୍ଦାବସ୍ଥା ଆସିଛି ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ବୟାନକୁ ଶେଷରେ ମାରୁତି ସୁଜୁକି ମଧ୍ୟ ସମର୍ଥନ କରିଛି। ମିଡିଆକୁ ଏକ ସାକ୍ଷାତକାର ଦେଇ କମ୍ପାନୀ ଅଧ୍ୟକ୍ଷ ଆର୍.ସି. ଭାର୍ଗବ ଅର୍ଥମନ୍ତ୍ରୀଙ୍କ ବୟାନକୁ ଉଚିତ୍ ବୋଲି ଦର୍ଶାଇଛନ୍ତି। ତେବେ କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ ଅର୍ଥମନ୍ତ୍ରୀଙ୍କ ବୟାନ ସହ ସହମତ ନୁହେଁ ବୋଲି ପୂର୍ବରୁ କହିସାରିଛନ୍ତି। ଅର୍ଥମନ୍ତ୍ରୀ ସୀତାରାମନ୍ ଏକ ଖବରଦାତା ସମ୍ମିଳନୀରେ କହିଥିଲେ ଯେ, ଆଜିକାଲିର ଯୁବବର୍ଗ ଇଏମ୍‌ଆଇ ଜରିଆରେ ନୂଆ କାର୍ କିଣିବା ପରିବର୍ତ୍ତେ ଓଲା-ଉବର କ୍ୟାବ୍ ବ୍ୟବହାର କରିବାକୁ ଅଧିକ ପସନ୍ଦ କରୁଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ବଳବାନ୍ ଚନ୍ଦ୍ର ପ୍ରଭାବରେ ପିଲାମାନଙ୍କ କଥା, ଶିକ୍ଷା ସମ୍ପର୍କିତ ସମସ୍ୟା, ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଘଟିବ। ବ୍ୟବସାୟ, ପରିବହନରେ ସମସ୍ୟା ମୁକ୍ତ ରହିବେ। ଅଟକି ରହିଥିବା କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। ଆନୁଷ୍ଠାନିକ କାମ, ସାମାଜିକ ସମ୍ପର୍କରେ ଉନ୍ନତି ସହ ବିଳାସ ଓ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବ।

**ବୃଷ** ଆଜିର ଗ୍ରହସ୍ଥିତି ପ୍ରଭାବରେ ପରକୁ ଆପଣାର କରି କାମ ହାସଲରେ ସମର୍ଥ ହେବେ। କିନ୍ତୁ ମୃଗଶିରା ନକ୍ଷତ୍ରାଧିପ ମଙ୍ଗଳଙ୍କ ଦୁର୍ବଳତାଜନିତ ପ୍ରତ୍ୟେକ କ୍ଷେତ୍ରରେ ସଂଘର୍ଷମୟ ପରିସ୍ଥିତି ଲାଗିରହିବ। ଦେବ ଦର୍ଶନର ସୁଯୋଗ ମିଳିପାରେ। ଜମିଜମା କାରବାର, ରାଜନୀତି ଓ କ୍ରୀଡ଼ା ତଥା ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ମିଥୁନ** ସମସ୍ତ ପ୍ରକାରର ସୁବିଧା ଥିଲେ ମଧ୍ୟ ବୃହସ୍ପତିଙ୍କ ଦୋଷରୁ ନିର୍ଦ୍ଦିଷ୍ଟ ସମୟରେ କାମଗୁଡିକ ନ ହୋଇପାରିବା କାରଣରୁ ବ୍ୟସ୍ତ ହେବେ। ଋଣ ଭାରରେ ଅତିଷ୍ଠ ହେବାକୁ ପଡ଼ିବ ଓ ତାହା ହିଁ ଦୁଶ୍ଚିନ୍ତାର କାରଣ ହେବାର ସୂଚନା ରହିଛି। ହଠାତ୍ କୌଣସି ହୃଦୟବାନ୍ ବ୍ୟକ୍ତିଙ୍କ ସହାୟତାରୁ କାର୍ଯ୍ୟସିଦ୍ଧି ଘଟିବ।

**କର୍କଟ** ସ୍ୱସ୍ଥାନପାଳ ଶନି ଷଷ୍ଠଭାବସ୍ଥ ଯୋଗୁ ପରୋକ୍ଷ ଶତ୍ରୁତା ହେତୁ ଭଲ କାମ କଲେ ମଧ୍ୟ ସମାଲୋଚିତ ହେବା ବ୍ୟତୀତ କିଛି ଲାଭ ହେବନି। ଅନ୍ୟମନସ୍କ ରହି ବିଭିନ୍ନ ପ୍ରକାରର ସମସ୍ୟାକୁ ଡାକି ଆଣିପାରନ୍ତି। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

**ସିଂହ** ଏକାଧିକ ଗ୍ରହ ଧନସ୍ଥାନସ୍ଥ ହେତୁ ବିଭିନ୍ନ ଦିଗରୁ ଅର୍ଥସଂଗ୍ରହ କରିପାରିବେ। କୌଣସି ନୂତନ କାମର ଯୋଜନା କରିବେ ଓ ସଫଳତା ମଧ୍ୟ ପାଇବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଘରୋଇ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ, ସମସ୍ୟାର କାରଣ ହୋଇପାରେ। ମନୋରଞ୍ଜନ କାର୍ଯ୍ୟକ୍ରମ କିମ୍ବା ସଭାସମିତିରେ ସଫଳତା ହାସଲ କରିବେ।

**କନ୍ୟା** ଗ୍ରହଯୋଗର ସୁପ୍ରଭାବରେ ଯେଉଁ କାମରେ ହାତଦେଲେ ମଧ୍ୟ ସଫଳତା ନିଶ୍ଚିତ ପାଇପାରିବେ। ଆଜି ଏକ ଭିନ୍ନ ପରିସ୍ଥିତିରେ ବାନ୍ଧବୀଙ୍କ ସହ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠିତ ହେବା ସହ ଅର୍ଥ ସମ୍ପର୍କିତ ସମସ୍ୟା ସୁଧାରିନେବେ। ବିବାଦୀୟ ଘଟଣାରେ ବିଜୟଲାଭ ସୁନିଶ୍ଚିତ।

**ତୁଳା** ଅଷ୍ଟମସ୍ଥ ଚନ୍ଦ୍ର ମନରେ ଅସ୍ଥିରତା ସୃଷ୍ଟି କରିବ ଅବଶ୍ୟ ଆର୍ଥିକ ଦିଗରୁ କୌଣସି ଅସୁବିଧା ହେବନାହିଁ। କୌଣସି ନୂତନ କର୍ମାରମ୍ଭ କରିବେ ଓ ଏଥିରେ ବନ୍ଧୁ ପରିଜନଙ୍କ ସହଯୋଗ ଅବଶ୍ୟ ମିଳିବ। ବ୍ୟୟ ଭାର କ୍ରମଶଃ କମି ଆସିବା ସାଙ୍ଗକୁ ନିର୍ମାଣ ଓ ଜମିଜମା କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**ବିଛା** କେତେକ କ୍ଷେତ୍ରରେ ନୈରାଶ୍ୟଜନକ ପରିସ୍ଥିତି ମାନସିକ ଅସୁସ୍ଥତାର କାରଣ ସାଜିପାରେ। କୌଣସି କାମରେ ବ୍ୟସ୍ତତା ବଢ଼ିଯାଇପାରେ କିନ୍ତୁ କୌଣସି ଅସୁବିଧା ହେବ ନାହିଁ। ବାଣିଜ୍ୟ, ପରିବହନ ଓ ବ୍ୟବସାୟ ଦିଗଟି ମନ୍ଦ ହେବନି। ଆଜି ଘରୋଇ ବରାଦ ଅନୁଯାୟୀ କିଛି ମନୋରଞ୍ଜନ ଜିନିଷ କ୍ରୟ କରିବେ।

**ଧନୁ** ଆଜି ହଠାତ୍ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବାରୁ ମନୋବଳ ସାମାନ୍ୟ ବୃଦ୍ଧି ପାଇବ। ବାଣିଜ୍ୟ, ବ୍ୟବସାୟ, ପରିବହନ, କଳା, ସାହିତ୍ୟ,ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟାକୁ ସୁଧାରି ନେବେ। କର୍ମକ୍ଷେତ୍ରରେ ବିଶିଷ୍ଟବ୍ୟକ୍ତିମାନଙ୍କ ମାଧ୍ୟମରେ ଉପଯୁକ୍ତ ଭାବେ ସମ୍ମାନିତ ହୋଇପାରନ୍ତି।

**ମକର** ଚନ୍ଦ୍ରଙ୍କ ଶୁଭତ୍ୱ କାରଣରୁ ପାରିବାରିକ ସମସ୍ୟାର ସରଳ ସମାଧାନ କରି ମନକୁ ହାଲୁକା କରିବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବା ସାଙ୍ଗକୁ ନିକଟ ସମ୍ପର୍କୀୟମାନଙ୍କ ସହ କୌଣସି ନୂତନ କର୍ମାରମ୍ଭର ଯୋଜନା ପ୍ରସ୍ତୁତ କରିବେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ପ୍ରତିବନ୍ଧକ ଲାଗିରହିବ।

**କୁମ୍ଭ** ନୀଚସ୍ଥ ଶୁକ୍ରଜନିତ ପରିବାରରେ ଘଟିଯାଇଥିବା କେତେକ ଅତୀତ ଘଟଣାକୁ ସ୍ମରଣ କରି ଅନୁତାପ କରିବେ। ଅସାବଧାନତାବଶତଃ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ। କଳା, ସାହିତ୍ୟରେ ଉନ୍ନତି କରିବା ସାଙ୍ଗକୁ ନିଜର କୃତୀ ଓ କୃତିତ୍ୱ କାରଣରୁ ପ୍ରଶଂସିତ ମଧ୍ୟ ହେବେ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ।

**ମୀନ** ବିଭିନ୍ନ ପ୍ରକାର ପ୍ରତିବନ୍ଧକ ମଧ୍ୟରେ ଗତି କରିବା ସହ କାର୍ଯ୍ୟହାନି କାରଣରୁ ମାନସିକ ଅସ୍ଥିରତା ଲାଗିରହିବ। ପ୍ରତ୍ୟେକ କ୍ଷେତ୍ରରେ ଅସୁବିଧାର କାରଣ ନ ବୁଝି କାମ କଲେ ହଇରାଣ ହେବାକୁ ପଡ଼ିବ। ଆଜି ଦିନଟିରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ଏପରି କି ଯାତ୍ରାକାଳୀନ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ।

ଆଜି ଆଶ୍ୱିନ କୃଷ୍ଣପକ୍ଷର ଗଜଷଷ୍ଠୀ ଶୁକ୍ରବାର, ସେପ୍ଟେମ୍ବର ୨୦ ତାରିଖ, ରାଶି ନକ୍ଷତ୍ର–ଦିବା ଘ୧୧।୧୦ମି. ପର୍ଯ୍ୟନ୍ତ କୃତ୍ତିକା/ବୃଷ, ଷଷ୍ଠୀର ଶ୍ରାଦ୍ଧ। ଦିବା ଘ୬।୨୭ମି. ମଧ୍ୟେ ଘ୭।୧୫ମି. ଗତେ, ଘ୯।୩୮ମି. ମଧ୍ୟେ ଘ୧୨।୦୧ମି. ଗତେ, ଘ୩।୧୨ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୦୯ମି. ଗତେ ଘ୮।୩୯ମି. ମଧ୍ୟେ, ଘ୧୧।୩୯ମି. ଗତେ ଘ୧।୦୯ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୦୯ମି. ଗତେ ଘ୧୧।୪୦ମି. ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

### ଜେଲ ଗଲେ ଆଶୀର୍ବାଦ,...

ସେମାନଙ୍କୁ ସିବିଆଇ କାର୍ଯ୍ୟାଳୟକୁ ନିଆଯାଇଥିଲା। ଉଭୟଙ୍କ ଓକିଲ ଓ ପରିବାର ସଦସ୍ୟଙ୍କୁ ଭେଟିବାକୁ ସୁଯୋଗ ଦିଆଯାଇଥିଲା। ଡାକ୍ତରଙ୍କୁ ଡକାଯାଇ ଉଭୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ସିବିଆଇ ଅଧିକାରୀମାନେ ସେମାନଙ୍କୁ ସ୍ୱତନ୍ତ୍ର କୋର୍ଟରେ ହାଜର କରିଥିଲେ। ଉଭୟଙ୍କ ବିରୋଧରେ ଆଇପିସି ଦଫା ୧୨୦(ବି), ୪୦୯, ୪୭୧, ୪୨୦, ୪୬୮ ଲଗାଯାଇଛି। କୋର୍ଟରେ ହାଜର ପରେ ଉଭୟଙ୍କ ଓକିଲ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଆଶୀର୍ବାଦ ଓ କମଳାକାନ୍ତଙ୍କୁ ଜାମିନ ପ୍ରଦାନ କରିବାକୁ କୋର୍ଟଙ୍କୁ ପାର୍ଥନା କରିଥିଲେ। କିନ୍ତୁ ସରକାରୀ ଓକିଲ ଜାମିନ ନ ଦେବା ପାଇଁ ଯୁକ୍ତି ବାଢିଥିଲେ। ଉଭୟ ମୁଷ୍ଟିମେୟ ଲୋକ ହୋଇଥିବାରୁ ଜାମିନରେ ଗଲେ ପ୍ରମାଣ ନଷ୍ଟ କରିବା ସହ ତଦନ୍ତଙ୍କୁ ବାଟବଣା କରିପାରନ୍ତି ବୋଲି କହିଥିଲେ। ଶେଷରେ ଅପରାହ୍ନ ପ୍ରାୟ ୫ଟାରେ କୋର୍ଟ ତାଙ୍କ ରାୟ ଶୁଣାଇଥିଲେ।

କୋର୍ଟରେ ହାଜର ପୂର୍ବରୁ ସିବିଆଇ ଅଫିସ ସମ୍ମୁଖରେ ଆଶୀର୍ବାଦ ଗଣମାଧ୍ୟମକୁ କହିଥିଲେ, ମୋତେ କାହିଁକି ଗିରଫ କରାଯାଇଛି ଆପଣମାନେ ଜାଣିଛନ୍ତି। ଆଗକୁ ଓସିଏ ନିର୍ବାଚନ ଥିବାରୁ ଏଭଳି ଜାଣିଶୁଣି ପ୍ରତିପକ୍ଷ ଷଡ଼ଯନ୍ତ୍ର କରିଛନ୍ତି। ୨୦୧୨ ମସିହାର ମାମଲା। ସିବିଆଇ ଚାର୍ଜଶିଟ ଦାଖଲ କରିସାରିଛି। ନିୟମ ଅନୁଯାୟୀ ସମନ ପାଇବା କଥା। କିନ୍ତୁ ବିନା ସମନରେ ମୋତେ ଗିରଫ କରାଯାଇଛି। ତେବେ ବାପାଙ୍କ ଗିରଫଦାରିକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ପୁଅ ସଞ୍ଜୟ ବେହେରା। ସଞ୍ଜୟ କହିଛନ୍ତି, ଶୁକ୍ରବାର ଓସିଏ ନିର୍ବାଚନ ପାଇଁ ନୋମିନେଶନ ରହିଛି। ଏହାପୂର୍ବରୁ ବାପାଙ୍କୁ ଗିରଫ କରିବା ନିଶ୍ଚିତ ବଡ଼ ଷଡ଼ଯନ୍ତ୍ର ଓ ଚକ୍ରାନ୍ତ। ଏହାର ପ୍ରଭାବ ନିର୍ବାଚନ ଉପରେ ପଡ଼ିବ ନାହିଁ। ଓସିଏର ସଦସ୍ୟ ଏବଂ ଓଡିଶାବାସୀ ଜାଣିଛନ୍ତି ବାପା କ'ଣ?

ଅନ୍ୟପକ୍ଷରେ ହୋଟେଲ ସୋଲାନ୍ ଇନ୍ ମାଲିକ କମଳାକାନ୍ତ ଅନ୍ୟ ଅଭିଯୁକ୍ତଙ୍କ ସହ ମିଶି ଅର୍ଥତତ୍ତ୍ୱ ଗ୍ରୁପ୍‌ରୁ ଜମିହଡ଼ପ କରିଥିଲେ। ସେମାନେ ଖୋର୍ଦ୍ଧା ନିକଟ ଜାମୁଝରୀ ଓ ବାଲେଶ୍ୱରରେ ଥିବା ଏହି ସଂସ୍ଥାର ଜମି ବିକ୍ରି କରି ବହୁ କୋଟି ଟଙ୍କା ହଡ଼ପ କରିନେଇଥିବା ଅଭିଯୋଗ ରହିଥିଲା।

### ଅଭିଯୁକ୍ତଙ୍କୁ ଫାଶୀ...

ଆଇପିସି, ପୋକ୍‌ସୋ ଆଇନର ଦଫା ୬ରେ ଏକ ମାମଲା(ନଂ.୮୧/୨୦୧୮) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ଉକ୍ତ ମାମଲାରେ ପୋଲିସ ଘଟଣାର ମାତ୍ର ୧୯ଦିନରେ ୫ଶହ ପୃଷ୍ଠା ସମ୍ବଳିତ ଚାର୍ଜଶିଟ ଦାଖଲ କରିଥିଲା। କଟକର ପୋକ୍‌ସୋ ଅଦାଲତରେ ଏହି ସମ୍ବେଦନଶୀଳ ଘଟଣାର ଦ୍ରୁତ ଶୁଣାଣି ଆରମ୍ଭ ହୋଇଥିଲା। ମାମଲାରେ ୪୬ଜଣ ସାକ୍ଷୀଙ୍କ ମଧ୍ୟରୁ ୨୩ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ମୃତା ନାବାଳିକା ପରିବାରକୁ କଟକ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଓଡ଼ିଶା ପୀଡିତ କ୍ଷତିପୂରଣ ଯୋଜନାରେ ୧ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା।

ଦେଶର ବିଭିନ୍ନ ରାଜ୍ୟରେ ନାବାଳିକା ବଳାତ୍କାର ଓ ହତ୍ୟା ମାମଲା ବୃଦ୍ଧି ପାଉଥିବାବେଳେ କେନ୍ଦ୍ର ସରକାର ପ୍ରୋଟେକ୍‌ଶନ୍ ଅଫ୍ ଚିଲ୍‌ଡ୍ରେନ୍ ଫ୍ରମ୍ ସେକ୍ସୁଆଲ୍ ଅଫେନ୍‌ସେସ୍(ପୋକ୍‌ସୋ) ଆଇନରେ ସଂଶୋଧନ ଆଣିବା ନିମନ୍ତେ ଅଧ୍ୟାଦେଶ ପାରିତ କରିଥିଲେ। କଟକ ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତଙ୍କ ରାୟ ପୂର୍ବରୁ ୨୦୧୯ ଜୁଲାଇ ୨୭ରେ ଅନୁଗୋଳ ପୋକ୍‌ସୋ ଅଦାଲତ ଜଣେ ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ଅନାମ ଦେହୁରୀ(୨୨)ଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିଥିଲେ। ଅନ୍ୟ ଏକ ଘଟଣାରେ ମୟୂରଭଞ୍ଜ ଜିଲା ଏଡିଜେ ଅଦାଲତ ଜଣେ ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ଅଭିଯୁକ୍ତ ବେତନଟୀ ଥାନା ଅଞ୍ଚଳର ଯାମିନୀକାନ୍ତ ମହନ୍ତଙ୍କୁ ଗତ ଅଗଷ୍ଟ ୨୮ରେ ଫାଶୀ ଦଣ୍ଡରେ ଦଣ୍ଡିତ କରିଥିଲେ। ସେହିପରି ଗତ ୧୦ରେ ଜଗତ୍‌ସିଂହପୁର ପୋକ୍‌ସୋ ଅଦାଲତ ଆଉ ଏକ ନାବାଳିକା ବଳାତ୍କାର ଓ ହତ୍ୟା ମାମଲାରେ ଅଭିଯୁକ୍ତ କାଳିଆ ଓରଫ ଲବ ମାନା(୩୫)ଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଥିଲେ।

### ଦର ଛୁଇଁଲାଣି...

ଉପରେ ଅଙ୍କୁଶ ଲଗାଇବାକୁ ସରକାରଙ୍କ ପାଖରେ କୌଣସି ବିକଳ୍ପ ନାହିଁ। ନୂଆ ପିଆଜ ବଜାରକୁ ଆସିଲେ ଦର କମିବ ବୋଲି ଯୋଗାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଅର୍ଥାତ୍ ଏହି ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧିକୁ ରୋକିବା ପାଇଁ ସରକାରଙ୍କ ପାଖରେ କିଛି ବିକଳ୍ପ ନାହିଁ। ଉତ୍ପାଦନ ବୃଦ୍ଧି ଓ ଦର କମିବା ଯାଏ ଖାଉଟିଙ୍କୁ ଅପେକ୍ଷା କରିବାକୁ ପଡ଼ିବ।

ଆଳୁ ଓ ପିଆଜ ଦରକୁ ନିୟନ୍ତ୍ରଣ କରିବା ପାଇଁ ପ୍ରାଇସ୍ ଷ୍ଟାବିଲାଇଜେଶନ ଫଣ୍ଡ (ପିଏସ୍‌ଏଫ୍) ଗଠନ କରିବାକୁ କେନ୍ଦ୍ର ସରକାର ୨୦୧୫ରେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ୫୦ କୋଟି ଟଙ୍କା ଲେଖାଏ ଅଂଶଧନ ବହନ କରିବା ବ୍ୟବସ୍ଥା ରହିଛି। ୧୦୦ କୋଟି ଟଙ୍କାରେ ଅଗଷ୍ଟ ମାସ ପୂର୍ବରୁ ରାଜ୍ୟ ସରକାର ପ୍ରାଥମିକ ସମବାୟ ସମିତି ଜରିଆରେ ଚାଷୀଙ୍କ ଠାରୁ ଅତ୍ୟାବଶ୍ୟକ ସାମଗ୍ରୀ ଆଳୁ, ପିଆଜ ଏବଂ ଡାଲିଜାତୀୟ ଶସ୍ୟ କିଣି ଗଚ୍ଛିତ ରଖିବେ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପିଏସ୍‌ଏଫ୍‌ର ନୋଡାଲ ବିଭାଗ ଭାବେ କାର୍ଯ୍ୟ କରିବ। ଡିରୋଟ ସମୟରେ ଉକ୍ତ ସାମଗ୍ରୀକୁ ନିର୍ଦ୍ଦିଷ୍ଟ ମୂଲ୍ୟରେ ବିକ୍ରି ପାଇଁ ବଜାରକୁ ଛଡ଼ାଯିବ। ଫଳରେ ଖାଉଟିମାନଙ୍କୁ ମୂଲ୍ୟ ବୃଦ୍ଧି କଷ୍ଟରୁ ମୁକ୍ତି ମିଳିପାରିବ। ମାତ୍ର ଏହି ପାଣ୍ଠି ଗଠନ ହେବାର ୪ ବର୍ଷ ବିତିଯିବାକୁ ବସିଥିଲେ ମଧ୍ୟ ଏହାର ବ୍ୟବହାର କରାଯାଉ ନାହିଁ। ଫଳରେ ବଜାର ଉପରେ ସରକାରଙ୍କ କୌଣସି ନିୟନ୍ତ୍ରଣ ରହୁନାହିଁ। ଖାଉଟିଙ୍କୁ ବାଧ୍ୟହୋଇ ଅନ୍ୟ ରାଜ୍ୟର ଉତ୍ପାଦନ ଓ ଦର ଉପରେ ନିର୍ଭର କରିବାକୁ ପଡୁଛି। ପରିସ୍ଥିତି ସ୍ୱାଭାବିକ ହେବା ଯାଏ ଖାଉଟିମାନେ ଚଢ଼ା ଦରରେ ପିଆଜ କିଣିବାକୁ ବାଧ୍ୟ ହେବେ। ଯୋଗାଣ ବିଭାଗ ଅଧିକାରୀଙ୍କ କହିବା କଥା ହେଲା ଚାଷୀଙ୍କଠାରୁ ଆଳୁ ରଖିବା ପାଇଁ ସରକାର ଶୀତଳଭଣ୍ଡାରଗୁଡ଼ିକ ଭଡ଼ାରେ ନେଇଥିଲେ। ରାଜ୍ୟର ଚାଷୀଙ୍କଠାରୁ ଆଳୁ ସଂଗ୍ରହ କରି ରଖାଯାଇଥିଲା। ଆଳୁ ଅଭାବରୁ କେତେକ ଶୀତଳଭଣ୍ଡାର ଖାଲି ପଡ଼ି ରହିଲା। ଆଳୁ ଦର ଖସିଯିବାରୁ ଗଚ୍ଛିତ ଆଳୁକୁ କମ୍ ଦରରେ ବିକ୍ରି କରାଗଲା। ଏଥିଯୋଗୁ ସରକାରଙ୍କୁ ୫୦ ଲକ୍ଷ ଟଙ୍କାର କ୍ଷତି ସହିବାକୁ ପଡ଼ିଲା। ଏଥିଯୋଗୁ ଶୀଘ୍ର ନଷ୍ଟ ହେଉଥିବା ପିଆଜକୁ ଗଚ୍ଛିତ ରଖିବା ସମ୍ଭବ ନୁହେଁ। ବର୍ଷା କମିଗଲେ ପିଆଜ ଦର ଆପେ କମିଯିବ ବୋଲି ଅଧିକାରୀ ଜଣକ କହିଛନ୍ତି। ଆଇଗିଣିଆ ପିଆଜ ବ୍ୟବସାୟୀ ସଂଘର ସାଧାରଣ ସମ୍ପାଦକ ତଥା ଓଡ଼ିଶା ବ୍ୟବସାୟୀ ସଂଘର ଆବାହକ ଶକ୍ତି ଶଙ୍କର ମିଶ୍ର କହିଛନ୍ତି ଯେ, ବନ୍ୟା ଓ ଲଗାଣ ବର୍ଷା ଯୋଗୁ ମହାରାଷ୍ଟ୍ର, ଆନ୍ଧ୍ର କିମ୍ବା କର୍ନାଟକରେ ପିଆଜ ଉତ୍ପାଦନ ହ୍ରାସ ପାଇଛି। ଏହାଛଡ଼ା ବର୍ଷା ଯୋଗୁ ପରିବହନ ବେଳେ ପିଆଜରେ ପାଣି ପଶି ନଷ୍ଟ ହୋଇଯାଉଛି। ଏଥିଯୋଗୁ ଦର ବୃଦ୍ଧି ଘଟିଛି। ଆସନ୍ତା ମାସେ ଯାଏ ପିଆଜ ଦର କମିବା ଆଶା କ୍ଷୀଣ ବୋଲି ସେ କହିଛନ୍ତି। ପଶ୍ଚିମବଙ୍ଗ ସରକାର ଆଳୁ ରଖିବା ପାଇଁ ପର୍ଯ୍ୟାପ୍ତ ଶୀତଳଭଣ୍ଡାର କରିଥିବାରୁ ଚଳିତ ବର୍ଷ ଆଳୁ ଦର ନିୟନ୍ତ୍ରଣରେ ରହିପାରିଛି। ରାଜ୍ୟରେ ବ୍ୟବସାୟୀମାନଙ୍କୁ କିମ୍ବା ସରକାର ନିଜେ ପିଆଜ ରଖିବା ପାଇଁ ବ୍ୟବସ୍ଥା କଲେ ଲୋକଙ୍କୁ ଦର ବୃଦ୍ଧିର କଷ୍ଟ ଭୋଗିବାକୁ ପଡ଼ନ୍ତା ନାହିଁ ବୋଲି ସେ କହିଛନ୍ତି।

ରାଜ୍ୟରେ ଯେତିକି ପିଆଜ ଉତ୍ପାଦନ ହେଉଛି ତାହା ସଂରକ୍ଷଣ ଅଭାବରୁ ଅନ୍ୟ ରାଜ୍ୟକୁ ଚାଲି ଯାଉଛି। ରାଜ୍ୟରେ ପିଆଜ ଚାଷକୁ ପ୍ରୋତ୍ସାହନ ଦେବା ସହ ସଂରକ୍ଷଣ ପାଇଁ ବ୍ୟବସ୍ଥା ନ କଲେ ପ୍ରତ୍ୟେକ ବର୍ଷ ଲୋକଙ୍କୁ ଆଳୁ, ପିଆଜ ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଆକାଶଛୁଆଁ ଦରରେ ପେଷି ହେବାକୁ ପଡ଼ିବ।

## classifieds Everyday
0674-2580101, 2549302

### real estate

**SALE**

Plot at Sundarpada Mouza Botanda 2.5k.m from Airport, Bhubaneswar. Contact for detail: 9078002314, 7735015318. D-67067

**ଭୁବନେଶ୍ୱର AIIMS Medical ନିକଟରେ Yellowzone gharabari 32ft road electricity ଥାଇ immediate boundary patta plot. 9777553622.** D-66784

**ଭୁବନେଶ୍ୱର ଖୋର୍ଦ୍ଧା NH ପାଖରେ ପିତାପଲ୍ଲୀ ଛକରେ possession ଥାଇ plot sqft. 399/-ରେ ମିଳୁଅଛି। 9090963952.** D-66774

ଭୁବନେଶ୍ୱର IIT ଅରଗୁଳ ରେଲଓ୍ୱେଷ୍ଟେସନ ଠାରେ 1200 କୁ 2,00,000/- registry free, Puja offer. Outright / Installment. 9348817649. D-66783

**Bhubaneswar Patia KIIT ଜଗନ୍ନାଥମନ୍ଦିର ପାଖରେ 40ft ରାସ୍ତାଥାଇ Yellowzone ଘରବାରି ପ୍ଲଟ Possession ସହିତ registration ନିଅନ୍ତୁ 7751096741.** D-66785

ଭୁବନେଶ୍ୱର ଜଟଣୀଗେଟ୍ NH-5 ରୁ ଅଳ୍ପ ଦୂରତାରେ 1200 କୁ 2,16,000/- outrightରେ plot ମିଳୁଅଛି। 7894433357, 8144706560. D-66782

**ଭୁବନେଶ୍ୱର ସୁନ୍ଦରପଦା Xavier University ପଛପଟରେ Immediate registration & Possession ସହିତ ସ୍ଥିତିବାନ ପ୍ଲଟ ସୁଲଭମୂଲ୍ୟରେ ମିଳୁଅଛି। Contact: 8249292535.** D-66780

New 2BHK flat with parking available for sale at Sundarpada price below 30 lakhs. Ph: 9938810414. D-66299

**Residential plot sale at Patrapada 600mtr from NH, Sqft- 2200/- (Size-2024) near Kalinganagar DAV School (Nuagaon) Sqft. 1950/- (Gharabari). 9853606253, 7978332619.** D-66781

ପଟିଆ ବିଗ୍‌ବଜାର ପାଖରେ 1Acre plot ବିକ୍ରି ହେବ। Contact: 9778928492. D-65692

**5000sqft gharabari plot for sale at Pokhariput (Near DAV School) Bhubaneswar. Contact- Deepak: 9937329999.** D-68004

ସତ୍ୟନଗର ଘରବାରି plot 19,000 sqft. ବିକ୍ରି ହେବ। Contact: 9937910363. D-65693

**4000sqft plot sale at Patia (Near Big Bazar), Bhubaneswar, Directly Buyer Contact- Deepak: 9937329999.** D-68005

BDA Plot 30' road, electric ସହିତ ମାତ୍ର 7,00,000/-ରେ NH-16ରୁ 200 mtr. distanceରେ ମିଳୁଅଛି। 9777449397, 8917697736. D-14389

**Residential & commercial plot in front of Krupajal Engineering college close to BBSR-Puri NH for sale @ 1300 per sqft. For details contact: 7381452871.** D-67393

**PURCHASE**

Stithiban gharabari land requires in around Bhubaneswar. Contact: 9937816565, 9937568585. D-67392

### to-let

2BHK, ground floor, Bharat Villa, Hanspal, near Metro satelite. 9437241031. D-14417

Gf two Br, two Toilets, Dressing Dining cum Drawing, Puja, Kitchen, and one spacious Br Kitchen separate Toilet both houses for small families only. In Nageswartangi, Bhubaneswar. 9937251147, 9040975251. D-67103

250sqft furnished room for office, near BDA, Keshari Talkies Plot-5, Bhubanewar. Contact: 9238579309. D-66189

Brick plant on rent. For Flyash brick one plant & machines having plant shed capacity 16000 sqft. land area 22000 sqft. with readymade office, store, staff quarter. Security deposit & rent negotiable. Contact: 9938810414, 9861022444. D-66300

Marriage Hall available on 8th Dec 2019 Onwards. At- Sankalp Media & Convention Luxurious 3 floors with A/c & all modern amenities for 1000+guests infront of Sai Temple, Near Infocity, Patia, Bhubaneswar. Ph: 7008648674 / 7008976501. D-67502

**ACCOMMODATION**

Wanted 1000sqft space for office (Jaydev Vihar, Nayapalli, Acharya Vihar, Bargad Canal road, Goutamnagar, Rathroad and others. Call: 9938720683, 9853483658. D-67391

### packers & movers

Shivam logistic packers movers. Household/ car relocation countrywide. 9777044177, 9338461133. D-14206

### healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Kajal ayurvedic massage club fully relaxed by smart lady, home service available. 9937637219. D-66960

Ayurvedic herbal body massage trend therapist. Mob: 8018246332. D-66961

Herbal full body massage by smart / expert therapist. Contact: 8338067247. D-67386

Summer special mesmerizing offer expert therapeutic refreshing massage appointment. 9668374480. D-67387

Experience full body massage with us (expert). Call: 7377048581, 06742597822. D-67389

Full body herbal massage with refreshment expert therapist. 7381239385, 06742540855. D-67388

Monalisa Massage Club: All types body massage with hiprofile smart lady rooms service available- 9708545108. D-14410

Refresh your mind and soul with best therapy at Orchid Salon/ Spa. 9937287222. D-66963

### business

ନିଜ ଜିଲ୍ଲାରେ office କରନ୍ତୁ। ମାସକୁ ୧୦,୦୦୦ରୁ ୩୦,୦୦୦ କମାନ୍ତୁ। Mob: 9777434078. D-14379

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

ଏତଦ୍ୱାରା ଆମେ ସତ୍ୟଭାମା କୁମାରୀ ଦେବୀ ଏବଂ ଜୟଜିତ ସିଂଦେଓ ନିବାସୀ ଦେଓଭବନ, ଟାଉନ୍ ଥାନା ସାମନା, ତହସିଲ/ଜିଲ୍ଲା- ସମ୍ବଲପୁର, ଘୋଷଣା କରୁଅଛୁ ଯେ, ସତ୍ୟନାରାୟଣ ଚନ୍ଦ୍ର ଦେଓ କରିଥିବା ଉଇଲ୍‌ନାମା ରେଜିଷ୍ଟର୍ ନଂ.୧୦, ତାରିଖ ୨୨।୦୧।୨୦୧୯ ଅନୁସାରେ ଆମ୍ଭେ ତାଙ୍କ ସମ୍ପତ୍ତିର ଉତ୍ତରାଧିକାରୀ ଅଟୁ। ଏହି ସମ୍ପତ୍ତିରେ ଅନ୍ୟ କାହାର ଅଧିକାର ନାହିଁ। ଯଦି ଏହାକୁ କୌଣସି ବ୍ୟକ୍ତି କ୍ରୟ କିମ୍ବା ବିକ୍ରୟ କଲେ ଆମ୍ଭେ ଦାୟୀ ରହିବୁ ନାହିଁ। ସମ୍ପତ୍ତିର ବିବରଣୀ- ଏମ୍. ଏସ୍ ହୋଲ୍ଡିଂ ନଂ. ୭୪୪- ରାମପୁର ଏବଂ ଖାତା ନଂ. ୮୯୬, ଗ୍ରାମ- ରାମପୁର, ଖାତା ନଂ. ୧୧୫ ,ଏବଂ ୯୬, ଗ୍ରାମ- ପଣ୍ଡକିମାଲ ଏବଂ ଖାତା ନଂ. ୫୬ ଗ୍ରାମ- ତନ୍ତଗାଡ଼ ଇତ୍ୟାଦି। D-14409

Affidavit before Executive Magistrate, Dhamnagar 07.09.2019 my name has changed from Shoobham Nayak to Shubham Nayak. Henceforth I shall be known as Shubham Nayak, S/o- Jyotirmaya Nayak, At/ Po- Mamadula, Dist- Bhadrak, Pin- 756117, PS.- Dhusuri for all legal purposes. D-14416

By virtue of an affidavit in the court of the Executive Magistrate, Angul, I Shri Asharam Gaan, aged about 19yrs, S/o Gouranga Gaan of Bantala, Angul here by declared that I have changed my name from 'Asharam Gaan' to 'Aryan Gaan'. Henceforth I shall be known as Aryan Gaan for all future purposes. D-14414

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରୋ ରଙ୍ଗୀନ ଟ୪୨୦/–ରୋ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



ମାଲକାନଗିରି ଜିଲା ସଦର ମହକୁମାସ୍ଥିତ କେନାଲ ନିକଟରେ ଗୁରୁବାର ଜିଲା ଅବକାରୀ ବିଭାଗ ଚଢ଼ାଉ କରି ୧୧୮ କିଲୋ ଗଞ୍ଜେଇ ଜବତ କରି ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସଞ୍ଜୟ ସାହାଣି, ଦୟାଶଙ୍କର ସିଂ ଓ ତାରୟନ ଦାସ। ଏଥିସହ ଗଞ୍ଜେଇ ଚାଲାଣରେ ବ୍ୟବହୃତ ଗୋଟିଏ ଟାଟା ସୁମୋ ଏବଂ ବାଇକ୍ ଜବତ କରିଛି। ଏହି ଗଞ୍ଜେଇର ମୂଲ୍ୟ ୫ଲକ୍ଷ ୯୦ ହଜାର ଟଙ୍କା ହେବ ବୋଲି କୁହାଯାଉଛି। ଖବରରୁ ଜଣାପଡିଛି ଜିଲାପାଳ ମନୀଷ ଅଗ୍ରୱାଲଙ୍କ ନିର୍ଦ୍ଦେଶରେ ଏହି ଚଢାଉ ହୋଇଥିଲା।

# ଭୁବନେଶ୍ୱର ରେଳ ଷ୍ଟେଶନ ହେବ ମଲ୍ଟି ମୋଡାଲ ହବ୍

**ଭୁବନେଶ୍ୱର, ୧୯।୯(ବ୍ୟୁରୋ)**





ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରସ୍ଥିତ ଲୋକସେବା ଭବନରୁ ଭିଡିଓ କନଫରେନ୍ସିଂରେ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ନୂଆଦିଲ୍ଲୀଠାରେ ବୁଝାମଣାପତ୍ର ସ୍ୱାକ୍ଷର କରାଯାଉଛି।

ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେଶନକୁ ମଲ୍ଟି ମୋଡ଼ାଲ ହବ୍‌ରେ ବିକଶିତ କରାଯିବ। ଏନେଇ ଗୁରୁବାର ନୂଆଦିଲ୍ଲୀର ଉଦ୍ୟୋଗ ଭବନରେ ରେଲ୍‌ୱେ ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ବିଦ୍ୟା ଭୂଷଣ ଉପସ୍ଥିତ ଥିଲେ। ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ଡିଭିଜନର ରେଳ ପ୍ରବନ୍ଧକ ଶଶିକାନ୍ତ ସିଂହ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଡିଏ ଉପାଧ୍ୟକ୍ଷ ପ୍ରେମଚନ୍ଦ୍ର ଚୌଧାରୀ ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରସ୍ଥିତ ଲୋକସେବା ଭବନରୁ ଭିଡିଓ କନଫରେନ୍ସିଂ ଜରିଆରେ କାର୍ଯ୍ୟକ୍ରମରେ ଯୋଡ଼ି ହୋଇଥିଲେ।

ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ଓ ବିଡିଏ ଜମିରେ ଏହି ପ୍ରକଳ୍ପ ନିର୍ମାଣ ହେବ। ଷ୍ଟେଶନର ନୂତନ ଟର୍ମିନାଲ ବିଲ୍ଡିଂ, ସିଟି ବସ୍ ଟର୍ମିନାଲ, ପବ୍ଲିକ କାର୍ ପାର୍କିଂ, ଅଟୋ ଓ ଟ୍ୟାକ୍ସିର ଭିନ୍ନ ଭିନ୍ନ ପାର୍କିଂ, ଭୂତଳ ରାସ୍ତା ଓ ଅନ୍ୟାନ୍ୟ ସେବା ଉପଯୋଗୀ ବ୍ୟବସ୍ଥା ସହ ପ୍ଲାଟଫର୍ମ ଉପର ଦେଇ ଉଭୟ ପାର୍ଶ୍ୱକୁ ସଂଯୋଗ କନ୍‌କୋର୍ସ ନିର୍ମାଣ କରାଯିବ। ଉଭୟ ରେଲ୍‌ୱେ ଓ ରାଜ୍ୟ ସରକାରଙ୍କ ଜମିରେ ନୂଆ ଷ୍ଟେଶନ ବିଲ୍ଡିଂ ସହ ଦୁଇ ଲାଇନ୍ ପ୍ଲାଟଫର୍ମ ନିର୍ମାଣ ହେବ। ପ୍ରସ୍ତାବିତ ୬ ମହଲା ବିଶିଷ୍ଟ ଷ୍ଟେଶନ ବିଲ୍ଡିଂରେ ପ୍ରଥମ ୩ ମହଲା ରେଲ୍‌ୱେ ଓ ଉପର ୩ ମହଲା ବିଡିଏ ବ୍ୟବହାର କରିବ।

ପ୍ରସ୍ତାବିତ ଷ୍ଟେଶନର ବିକଶିତ ଅଞ୍ଚଳ ମଧ୍ୟରେ ଥିଏଟର ପ୍ଲାଜା, ଆର୍ଟ ପ୍ଲାଜା, ଶିଶୁ ପ୍ଲାଜା ଓ ଫୁଡ୍‌କୋର୍ଟର ବ୍ୟବସ୍ଥା ରହିବ। ଏଥିସହ ଗହଳି କମାଇବା ଲାଗି ବସ୍, ଅଟୋ ରିକ୍ସା, ଟ୍ୟାକ୍ସି, ଦୁଇ ଚକିଆ ଯାନ ପାଇଁ ଅଲଗା ସ୍ଥାନ ରହିବ। ସେହିଭଳି ସାଇକେଲ ଆରୋହୀ ଓ ପଥଚାରୀଙ୍କ ପାଇଁ ଭିନ୍ନ ଭିନ୍ନ ଯାତାୟାତ ପଥ ନିର୍ମାଣ କରାଯିବ। ଷ୍ଟେଶନ ଭିତରକୁ ପଶିବା ଲାଗି ଭୂତଳ ରାସ୍ତା ଓ ବାହାରିବା ଲାଗି ଉପର ମହଲାଦେଇ ସ୍ୱତନ୍ତ୍ର ରାସ୍ତା ନିର୍ମାଣ କରିବାକୁ ଯୋଜନା ରହିଛି।

- ରାଜ୍ୟ ସରକାର ଓ ରେଲ୍‌ୱେ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ
- ଦେଶର ବ୍ୟବସାୟିକ ଜିଲା ପାଇଁ ବାଟ ଫିଟିବ: ମୁଖ୍ୟମନ୍ତ୍ରୀ
- ଓଡ଼ିଶା ବିକାଶର ମାଇଲ୍ ଖୁଣ୍ଟ ହେବ: ଧର୍ମେନ୍ଦ୍ର

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପ ପାଇଁ ରେଳ ମନ୍ତ୍ରଣାଳୟ ଓ ପୂର୍ବତଟ ରେଳପଥକୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି, ଏହା ଏକ ଐତିହାସିକ ମୁହୂର୍ତ୍ତ। ଭୁବନେଶ୍ୱର ରେଳ ଷ୍ଟେଶନ ବିଶ୍ୱସ୍ତରୀୟ ଷ୍ଟେଶନରେ ପରିଣତ ହେବାକୁ ଯାଉଛି। ଭୁବନେଶ୍ୱର ପାଇଁ ଏହା ପ୍ରଥମ ଟ୍ରାଞ୍ଜିଟ ଅଭିମୁଖୀ ଉନ୍ନୟନ ପ୍ରକଳ୍ପ। ଏହା ଭବିଷ୍ୟତରେ ଭୁବନେଶ୍ୱରକୁ ଦେଶର ଏକ ବ୍ୟବସାୟିକ ଜିଲାରେ ପରିଣତ କରିବାକୁ ବାଟ ଫିଟାଇବ ବୋଲି ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କହିଛନ୍ତି। ଅନ୍ୟପକ୍ଷରେ ଭୁବନେଶ୍ୱରରେ ଏକ ନୂଆ କୀର୍ତ୍ତିମାନ ସ୍ଥାପନ ହେବାକୁ ଯାଉଛି ବୋଲି ବୁଝାମଣାପତ୍ର ସ୍ୱାକ୍ଷର ସମୟରେ ଉପସ୍ଥିତ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। କେନ୍ଦ୍ର ଓ ରାଜ୍ୟର ମିଳିତ ସହଯୋଗରେ ଓଡ଼ିଶା ବିକାଶର ଏହା ମାଇଲଖୁଣ୍ଟ ହେବ। ଷ୍ଟେଶନର ଉନ୍ନତି ହେଲେ ରାଜ୍ୟକୁ ଏକ ନୂଆ ପରିଚୟ ମିଳିବା ସହ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇବ। ଏହି ପ୍ରକଳ୍ପ ପାଇଁ ଡିଟେଲ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର୍) ପ୍ରସ୍ତୁତି କାର୍ଯ୍ୟ ସିଙ୍ଗାପୁରର ସୁବର୍ଣ୍ଣା ଜୁରଙ୍ଗ ସଂସ୍ଥାକୁ ଦିଆଯାଇଥିବାରୁ ବିଡିଏକୁ ଧର୍ମେନ୍ଦ୍ର ଧନ୍ୟବାଦ ଜଣାଇଛନ୍ତି।

# ପିଟିପିଟି ଯୁବକଙ୍କୁ ହତ୍ୟା

**ଭଦ୍ରକ ଅଫିସ୍, ୧୯।୯:** ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ରାଉତରାଗଡ଼ିଆ ପାଟଣାରେ ଜଣେ ଯୁବକଙ୍କୁ ଲୁହା ରଡ୍‌ରେ ପିଟି ହତ୍ୟା କରାଯାଇଛି। ମୃତକ ହେଲେ ଉକ୍ତ ଗ୍ରାମର ବିଜୟ ବେହେରା(୪୦)। ରାସ୍ତା ଉପରେ ବାଲି ରଖିବାକୁ କେନ୍ଦ୍ରକରି ଗୁରୁବାର ରାତିରେ ଗାଁର ଏକ ପରିବାର ସହ ତାଙ୍କର ଗଣ୍ଡଗୋଳ ହୋଇଥିଲା। ପ୍ରତିପକ୍ଷ ଲୁହା ରଡ୍‌ରେ ଆକ୍ରମଣ କରିବାରୁ ବିଜୟ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକ ରାତି ପ୍ରାୟ ୧୦ଟା ବେଳେ ତାଙ୍କୁ ଭଦ୍ରକ ଜିଲା ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଗ୍ରାମାଞ୍ଚଳ ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ତଦନ୍ତ କରିଥିଲା। ସେଠାରେ ମୃତ ବିଜୟଙ୍କ ସମ୍ପର୍କୀୟଙ୍କ ବୟାନକୁ ଭିତ୍ତିକରି ପୋଲିସ ରାଉତରାଗଡ଼ିଆ ପାଟଣା ଗାଁକୁ ଯାଇ ତଦନ୍ତ ଚଳାଇଛି।

ଆଲ୍ଲାହାବାଦ ବ୍ୟାଙ୍କ ALLAHABAD BANK
ବିଶ୍ୱାସର ଏକ ପରମ୍ପରା। A tradition of trust
ମୁଖ୍ୟ କାର୍ଯ୍ୟାଳୟ: 2, ନେତାଜୀ ସୁଭାଷ ରୋଡ୍, କୋଲକାତା - 700001
ସମସ୍ତ ଗ୍ରାହକଙ୍କ ପାଇଁ ସର୍ବସାଧାରଣ ନୋଟିସ
କ୍ୟାଶ୍ କ୍ରେଡିଟ୍ ଓ ଓଭରଡ୍ରାଫ୍ଟ ଖାତା ଉପରେ ନଗଦ ନେଣଦେଣ ଶୁଳ୍କର ସଂଶୋଧନ
ଶାଖା ବ୍ୟାଙ୍କିଙ୍ଗ୍ ମାଧ୍ୟମରେ ଆର୍‌ଟିଜିଏସ୍ ଓ ଏନ୍‌ଇଏଫ୍‌ଟି ଶୁଳ୍କର ପ୍ରଚଳନ
ଡିଜିଟାଲ ବ୍ୟାଙ୍କିଙ୍ଗ୍‌କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆଲ୍ଲାହାବାଦ ବ୍ୟାଙ୍କ କ୍ୟାଶ୍ କ୍ରେଡିଟ୍ ଏବଂ ଓଭରଡ୍ରାଫ୍ଟ ଖାତାଗୁଡ଼ିକ ଉପରେ ନଗଦ ନେଣଦେଣ ଶୁଳ୍କ ଲାଗୁ କରିଛି ଏବଂ କେବଳ ଶାଖାରେ ସମ୍ପାଦିତ ନେଣଦେଣ ପାଇଁ ଆର୍‌ଟିଜିଏସ୍/ଏନ୍‌ଇଏଫ୍‌ଟି ଶୁଳ୍କକୁ ପୁନଃ-ପ୍ରଚଳନ କରିଛି, ଯାହା ତା୦୧।୧୧।୨୦୧୯ରିଖଠାରୁ ଲାଗୁ ହେବ। ବିଶଦ ବିବରଣୀ ପାଇଁ ଦୟାକରି ନିକଟତମ ଶାଖା ସହ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍ www.allahabadbank.in ପରିଦର୍ଶନ କରନ୍ତୁ।
ମୁଖ୍ୟ କାର୍ଯ୍ୟାଳୟ, କୋଲକାତା
ତାରିଖ: ୧୯।୦୯।୨୦୧୯
ଡିଜିଏମ୍ ଓ ଭାରପ୍ରାପ୍ତ ଅଧିକାରୀ (ଆର୍‌ବିଓଡି)







# ଅଯୋଗ୍ୟଙ୍କ ସଂଖ୍ୟା ୨୦ ଲକ୍ଷ ଟପିବ: ଭାଜପା

**ଭୁବନେଶ୍ୱର,୧୯।୯(ବ୍ୟୁରୋ)**

**କାଳିଆ ଯୋଜନା**

ଶାସକ ବିଜେଡି ନିର୍ବାଚନ ଜିତିବା ଓ କ୍ଷମତା ଆପଣେଇବା ପାଇଁ କାଳିଆ ଯୋଜନା ଲାଗୁ କରିଥିଲା। ଦଳୀୟ କର୍ମୀମାନଙ୍କୁ ହିତାଧିକାରୀ ଚିହ୍ନଟ କରି ଏହି ଯୋଜନା ମାଧ୍ୟମରେ ଟଙ୍କା ବଣ୍ଟାଯାଇଥିଲା। ଆଉ ଏବେ ନିର୍ବାଚନ ସରିବା ପରେ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ କରି ଅର୍ଥ ଫେରାଇବା କହି ଚାଷୀଙ୍କ ମନରେ ଭୟର ବାତାବରଣ ସୃଷ୍ଟି କରିବାକୁ ଶାସକ ଦଳ ପ୍ରୟାସ କରୁଛି ବୋଲି ଭାଜପା ଅଭିଯୋଗ କରିଛି। ଏହାସହ କାଳିଆ ଯୋଜନାରେ ୨୦ ଲକ୍ଷରୁ ଅଧିକ ଅଯୋଗ୍ୟ ଟଙ୍କା ହାତେଇଛନ୍ତି। ଯଦି ଏହାର ନିରପେକ୍ଷ ତଦନ୍ତ ନ ହୁଏ ତେବେ ଭାଜପା କୋର୍ଟର ଆଶ୍ରୟ ନେବ ବୋଲି ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଚେତାବନୀ ଦେଇଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୃଥ୍ୱୀରାଜ କହିଛନ୍ତି ଯେ ଅଯୋଗ୍ୟ ହିତାଧିକାରୀଙ୍କୁ ରାଶନକାର୍ଡ ବଣ୍ଟନ କରି ପରେ ସେମାନଙ୍କୁ ଜେଲ୍ ପଠାଇବା ଭଳି ଏବେ କାଳିଆ ଯୋଜନାରେ ଉଦ୍ୟମ କରାଯାଉଛି। ଯୋଗ୍ୟ ଚାଷୀ ପରିବାର ଆଶଙ୍କା ଭିତରେ ରହିଛନ୍ତି ଯେ କାଳେ ତାଙ୍କୁ ଅଯୋଗ୍ୟ ଘୋଷଣା କରି ଅର୍ଥ ଆଦାୟ କରାଯିବ ନଚେତ୍ ଜେଲ୍ ପଠାଯିବ। ଖୋଦ୍ ବିଭାଗୀୟ ମନ୍ତ୍ରୀ ଏହି ଯୋଜନାରେ ଦୁର୍ନୀତି ହୋଇଛି ବୋଲି ସ୍ୱୀକାର କରିବା ପରେ ଦଳର ମୁଖପାତ୍ର ଏହାକୁ ନେଇ ଭିନ୍ନ ମତ ରଖି ରାଜ୍ୟବାସୀଙ୍କୁ ବିଭ୍ରାନ୍ତ କରୁଛନ୍ତି। ଏହି ଯୋଜନାରେ ହୋଇଥିବା ମହାଦୁର୍ନୀତିର ପର୍ଦ୍ଦାଫାଶ ହେବା ଦରକାର। ହିତାଧିକାରୀ ତାଲିକାର ତଦନ୍ତ ଏକ ନିରପେକ୍ଷ ଯାଞ୍ଚ ଏଜେନ୍ସି ଦ୍ୱାରା କରାଯିବା ଆବଶ୍ୟକ। ଏହାସହ ନିଜ କ୍ଷମତାକୁ ଅପବ୍ୟବହାର କରି ଅଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରି ରାଜ୍ୟ ରାଜକୋଷରୁ ୧୭୦ କୋଟି ଟଙ୍କା ଅପବ୍ୟୟ କରିଥିବା ବିଭାଗୀୟ ମନ୍ତ୍ରୀ ଓ ସରକାରୀ ଅଫିସରମାନଙ୍କ ସମେତ ମୁଖ୍ୟମନ୍ତ୍ରୀ ଏବଂ ଅର୍ଥମନ୍ତ୍ରୀଙ୍କ ଆକାଉଣ୍ଟରୁ ଅର୍ଥ ଆଦାୟ କରାଯାଉ। କୃଷିମନ୍ତ୍ରୀ ଅରୁଣ ସାହୁ କହିଥିଲେ, "କାଳିଆ ଯୋଜନାରେ ୩ଲକ୍ଷ ୪୧ ହଜାର ଅଯୋଗ୍ୟ ହିତାଧିକାରୀ ଟଙ୍କା ପାଇଛନ୍ତି। ସରକାର ସେମାନଙ୍କଠାରୁ ପଇସା ଫେରାଇବେ।" ହେଲେ ଗତକାଲି କୃଷି ବିଭାଗ ଏକ ବିଜ୍ଞପ୍ତି ପ୍ରକାଶ କରି କହିଲା ୩୨ ହଜାର ଅଯୋଗ୍ୟ ଅଛନ୍ତି। ନିର୍ବାଚନ ପୂର୍ବରୁ ଭୋଟ ହାତେଇବା ପାଇଁ କଣ୍ଟିଜେନ୍ସି ଫଣ୍ଡରୁ ଅର୍ଥ ଆଣି ବଣ୍ଟାଯାଇଥିଲା। ନିରପେକ୍ଷ ତଦନ୍ତ ହେଲେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଅଯୋଗ୍ୟ ହିତାଧିକାରୀ ବାହାରିବେ ବୋଲି ପୃଥ୍ୱୀରାଜ କହିଛନ୍ତି।

# ୨୦୨୦ ମାର୍ଚ୍ଚ ସୁଦ୍ଧା ସବୁ ପୌରାଞ୍ଚଳକୁ ବିଶୁଦ୍ଧ ପାନୀୟ ଜଳ


**ଭୁବନେଶ୍ୱର, ୧୯।୯(ବ୍ୟୁରୋ)**

- ନଗର ଉନ୍ନୟନ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ
- ପ୍ରତି ଘରକୁ ହେବ ପାଇପ୍ ସଂଯୋଗ

୨୦୨୦ ମାର୍ଚ୍ଚ ସୁଦ୍ଧା ରାଜ୍ୟର ୧୧୪ ପୌରାଞ୍ଚଳର ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାନୀୟ ଜଳ ପାଇପ ଯୋଗେ ଯୋଗାଇ ଦିଆଯିବ। ଲୋକସେବା ଭବନରେ ଆୟୋଜିତ ଏକ ସମୀକ୍ଷା ବୈଠକ ପରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଗୁରୁବାର ଏହି ସୂଚନା ଦେଇଛନ୍ତି। ଏଥିସହ ସମସ୍ତ ପୌରାଞ୍ଚଳରେ ଏଲ୍‌ଇଡି ଲାଇଟ୍‌ରେ ରାସ୍ତା ଆଲୋକୀକରଣ କାର୍ଯ୍ୟ ମଧ୍ୟ ସମାନ ସମୟରେ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

ବୈଠକରେ ମୁଖ୍ୟତଃ ବାଲେଶ୍ୱର ଜିଲାର ୪ଟି ପୌରାଞ୍ଚଳର ସମୀକ୍ଷା କରାଯାଇଥିଲା। ବିଦ୍ୟୁତ୍ ଖୁଣ୍ଟ ନ ଥିଲେ ନୂତନ ଖୁଣ୍ଟ ବସାଯାଇ ଏହି ଆଲୋକୀକରଣ ବ୍ୟବସ୍ଥା କରାଯିବ। ଚଳିତ ବର୍ଷ ଡିସେମ୍ବର ଶେଷ ସୁଦ୍ଧା ଏହି କାର୍ଯ୍ୟ ସରିବ ବୋଲି କୁହାଯାଇଛି। ବାଲେଶ୍ୱର ଜିଲାର ବାଲେଶ୍ୱର, ସୋର ଓ ଜଳେଶ୍ୱର ପୌରପରିଷଦ ଏବଂ ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦରେ ପାନୀୟ ଜଳ ଯୋଗାଣ, ଏମ୍‌ସିସି (ମାଇକ୍ରୋ କମ୍ପୋଷ୍ଟିଙ୍ଗ୍ ସେଣ୍ଟର), ସ୍ମାର୍ଟ ପାର୍କ, ଶ୍ମଶାନ ଆଦି ସମ୍ବନ୍ଧରେ ବୈଠକରେ ଆଲୋଚନା ହୋଇଥିଲା। ସମୀକ୍ଷାରୁ ଜଣାଯାଇଛି ଯେ, ନୀଳଗିରିର ସୋନ ନଦୀରୁ ନୀଳଗିରି ବ୍ଲକ୍ ଓ ଏନ୍‌ଏସିକୁ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିପାଇଁ ଏକ ବୃହତ୍ ପ୍ରକଳ୍ପ କରାଯାଇଛି। ଏହାସହ ଉତ୍ସ ଓ ଷ୍ଟୋରେଜ୍ ଉନ୍ନତୀକରଣ ପାଇଁ ଏଷ୍ଟିମେଟ୍ ପ୍ରଦାନ ଓ ନୀଳଗିରିର ଜଗନ୍ନାଥ ମନ୍ଦିରକୁ ବହୁ ଭକ୍ତ ଓ ପର୍ଯ୍ୟଟକଙ୍କ ସମାଗମକୁ ଦୃଷ୍ଟିରେ ରଖି ମନ୍ଦିର ନିକଟରେ ପାନୀୟ ଜଳର ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ମନ୍ତ୍ରୀ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସେହିପରି ବାଲେଶ୍ୱର ପୌରାଞ୍ଚଳରେ ୨୬୦ କି.ମି. ପାଇପ ଲାଇନ୍ ବିଛାଯିବାକୁ ଲକ୍ଷ୍ୟ ରଖାଯାଇଛି। ତନ୍ମଧ୍ୟରୁ ୧୮୩ କି.ମି.ର କାର୍ଯ୍ୟ ସରିଛି। ପୁରୁଣା ପାଇପ ସବୁ ବଦଳାଯାଇଛି। ୪ ଜଳଭଣ୍ଡାରର କାର୍ଯ୍ୟ ଡିସେମ୍ବର ସୁଦ୍ଧା ଓ ୨ ଜଳଭଣ୍ଡାରର କାର୍ଯ୍ୟ ଆସନ୍ତା ଫେବୃଆରୀ ସୁଦ୍ଧା ଶେଷ ହେବ ବୋଲି ଜଣାପଡ଼ିଛି। ସୋର ପୌରପରିଷଦରେ ପାଇପ ଲାଇନ୍ ବିଛାଯାଇଛି ଓ ଏଠାରେ ୧୪ଟି ଉତ୍ସ ରହିଥିବାବେଳେ ୨ଟି ଉତ୍ସକୁ ଖୁବ୍‌ଶୀଘ୍ର ବିଦ୍ୟୁତ୍ ସଂଯୋଗ କରାଯିବ। ଜଳେଶ୍ୱର ପୌରପରିଷଦର ସୁବର୍ଣ୍ଣରେଖା ନଦୀରୁ ପାନୀୟ ଜଳ ପ୍ରକଳ୍ପ କରିବା ପାଇଁ ବ୍ୟବସ୍ଥା କରାଯିବ। ସୋରସ୍ଥିତ ଟାଉନହଲ୍ ନବୀକରଣ, ବାଲେଶ୍ୱର ଗାନ୍ଧୀ ସ୍ମୃତି ଭବନକୁ ଅତ୍ୟାଧୁନିକ ଏବଂ ବ୍ରିଟ୍ କଲ୍ୟାଣ ମଣ୍ଡପର ଉନ୍ନତୀକରଣ କରିବାକୁ ମନ୍ତ୍ରୀ କହିଥିଲେ। ୪ଟି ପୌରାଞ୍ଚଳକୁ ସ୍ମାର୍ଟ ପାର୍କ ଓ ଶ୍ମଶାନ ପାଇଁ ଡିପିଆର୍ ପ୍ରସ୍ତୁତ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସ୍ମାର୍ଟ ପାର୍କ ପାଇଁ ୪ ପୌରାଞ୍ଚଳକୁ ଏକ କୋଟି ଟଙ୍କା ଯୋଗାଇ ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି।



ସମୀକ୍ଷା ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟମାନେ।



ଧରିତ୍ରୀ
DHARITRI
ଶୁକ୍ରବାର, ୨୦ ସେପ୍ଟେମ୍ବର, ୨୦୧୯

ଧର୍ମ ରହିଥାଏ ନିଜକୁ ସଂକୁଚିତ କରି ତା'ର ବାହ୍ୟ ଆଙ୍ଗିକଗୁଡିକ ଉପରେ– ତା'ର ନିର୍ଦ୍ଦିଷ୍ଟ ସଂସ୍କୃତି ଭିତରେ ଓ କେତେକ ଭାବାଦର୍ଶ ଭିତରେ। କିନ୍ତୁ ଧର୍ମର ମହାନତା ଘଟେ ସେତିକି ବେଳେ, ଯେତେବେଳେ କେତେକ ଯଥାର୍ଥ ଅସାଧାରଣ ବ୍ୟକ୍ତି ସତକୁ ସତ ତାଙ୍କ ଜୀବନରେ କିଛି ଅଧ୍ୟାତ୍ମ ଉପଲବ୍ଧି ଅର୍ଜନ କରିଥାନ୍ତି।
–ଶ୍ରୀମା



# ଗଳାବାଟ ବନ୍ଦ

ବିଭିନ୍ନ ଆର୍ଥିକ ସଂସ୍ଥାର ଉପଭୋକ୍ତାମାନଙ୍କର ଋଣ ସମ୍ବନ୍ଧୀୟ ସୂଚନା ଅନିୟନ୍ତ୍ରିତ ଭାବରେ ପ୍ରଘଟ ନ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସମସ୍ତ ବ୍ୟାଙ୍କ ଓ ଅଣବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀ (ଏନ୍‌ବିଏଫ୍‌ସି)ଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ଏକ ରିପୋର୍ଟ ଅନୁସାରେ ଦୀର୍ଘକାଳ ହେଲା ଉପଭୋକ୍ତାମାନଙ୍କ ଅଜ୍ଞାତସାରରେ ବା ବିନା ସମ୍ମତିରେ ଏସବୁ ତଥ୍ୟ ହସ୍ତାନ୍ତର କରାଯାଉଥିଲା। ଯାହାହେଉ, ଶେଷରେ କେନ୍ଦ୍ରୀୟ ବ୍ୟାଙ୍କ ଏହାକୁ ବନ୍ଦକରିବା ପାଇଁ ପଦକ୍ଷେପ ନେଇଛନ୍ତି, ଯାହା ସ୍ୱାଗତଯୋଗ୍ୟ।

ଯେକୌଣସି ପ୍ରକାର ତଥ୍ୟ ଆଜିକାଲି ଖୁବ୍ ମୂଲ୍ୟବାନ୍। ପାଶ୍ଚାତ୍ୟ ଦେଶର ଅଧିକାଂଶ ବୃହତ୍ ପ୍ରତିଷ୍ଠାନ ତଥ୍ୟ ସାହାଯ୍ୟରେ ବଳୀୟାନ୍ ହୋଇ ବଜାରରେ ଏକଚାଟିଆ କାରବାର ଚଳାଇଛନ୍ତି। କିନ୍ତୁ ଉଦ୍‌ବେଗର ବିଷୟ ହେଉଛି ତଥ୍ୟର ମୂଲ୍ୟବୃଦ୍ଧି ସହ ଏହାର ଦୁରୁପଯୋଗ ମଧ୍ୟ ବଢ଼ିବାରେ ଲାଗିଛି। ଉଦାହରଣସ୍ୱରୂପ ଏଥିପୂର୍ବରୁ ଚଳିତବର୍ଷ ଏକ ରିପୋର୍ଟ ପ୍ରକାଶ ପାଇଥିଲା ଯେ, ଆମାଜନ୍ କର୍ମଚାରୀମାନେ ଆଲେକ୍ସା ବ୍ୟବହାରକାରୀଙ୍କ ରେକର୍ଡିଂଗୁଡ଼ିକ ଶୁଣୁଥିଲେ। ଏପରିଭାବେ ବ୍ୟକ୍ତିଗତ ଗୋପନୀୟତା ଉଲ୍ଲଂଘନ ହୁଏତ ବିଶେଷ କ୍ଷତିକାରକ ନ ହୋଇପାରେ, କିନ୍ତୁ ଆର୍ଥିକ କମ୍ପାନୀଗୁଡ଼ିକ ଉପଭୋକ୍ତାମାନଙ୍କ ଆର୍ଥିକ କାରବାର ସମ୍ବନ୍ଧୀୟ ବ୍ୟକ୍ତିଗତ ଗୋପନୀୟତାକୁ ନେଇ ଖେଳିବା କେବେହେଲେ ସ୍ପୃହଣୀୟ ନୁହେଁ।

ଖାଉଟିମାନଙ୍କ ଋଣ ସମ୍ବନ୍ଧୀୟ ତଥ୍ୟର ସୁରକ୍ଷା ଦିଗରେ ଆର୍‌ବିଆଇ ଯେଉଁ ପଦକ୍ଷେପ ନେଇଛି ତାହା ସ୍ୱାଗତଯୋଗ୍ୟ, ଯଦିଚ ଏହାଦ୍ୱାରା ଏପରି ତଥ୍ୟ ଉପରେ ନିର୍ଭର କରୁଥିବା ଫିନ୍‌ଟେକ୍ ଷ୍ଟାର୍ଟ–ଅପ୍‌ଗୁଡ଼ିକ କ୍ଷତିଗ୍ରସ୍ତ ହେବେ। ଅନେକ ଫିନ୍‌ଟେକ୍ କମ୍ପାନୀ କ୍ରେଡିଟ୍ ଇନ୍‌ଫର୍ମେଶନ୍ କମ୍ପାନୀଗୁଡ଼ିକଠାରୁ ଏହା ପାଇଥାନ୍ତି। ଏହି ତଥ୍ୟକୁ ନେଇ ସେମାନେ ଖାଉଟିମାନଙ୍କର ମୂଲ୍ୟାୟନ କରିବା ସହ ସେମାନଙ୍କୁ ଋଣ ଦେବା ନ ଦେବା ନେଇ ନିଷ୍ପତ୍ତି ନେଇଥାନ୍ତି। ତେବେ ଏହି ତଥ୍ୟର ଦୁରୁପଯୋଗ ହେବାର ସବୁବେଳେ ସମ୍ଭାବନା ରହିଥାଏ। ଯଦିଚ ଋଣୀ ଠିକ୍ ସମୟରେ ଋଣ ପରିଶୋଧ କରିବାରେ ଅଭ୍ୟସ୍ତ କି ନା ତାହା ଜାଣିବା ପାଇଁ ଏହି ତଥ୍ୟ ବ୍ୟବହାର କରାଯାଏ, ତଥାପି ଏହି ତଥ୍ୟରୁ ଖାଉଟିଙ୍କର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଚୋରି ହେବା ଓ ତା'ର ଅପବ୍ୟବହାର ହେବାର ଆଶଙ୍କା ଥାଏ। ଉଦାହରଣସ୍ୱରୂପ କେତେକ ଫିନ୍‌ଟେକ୍ ଫାର୍ମ ଅଛି ଯେଉଁମାନେ ବର୍ଷରେ ଏକାଧିକ ବାର ଖାଉଟିମାନଙ୍କୁ ସେମାନଙ୍କର କ୍ରେଡିଟ୍ ସ୍କୋର୍ ରିପୋର୍ଟ ପ୍ରଦାନ କରିଥାନ୍ତି। ଏହି ସେବା ପ୍ରଦାନ କରିବା ପାଇଁ ଖାଉଟିମାନଙ୍କୁ ସେମାନଙ୍କର ପାନ୍, ପରିଚୟ, ଠିକଣା ଓ ମୋବାଇଲ ନମ୍ବର ଆଦି ପଚରାଯାଇଥାଏ ଏବଂ ନିଜର କ୍ରେଡିଟ୍ ସ୍କୋର କିପରି ବଢ଼ାଇବାକୁ ହେବ ସେଥିଲାଗି ଉପଦେଶ ଦିଆଯାଇଥାଏ। ଉକ୍ତ ତଥ୍ୟଗୁଡ଼ିକ ପ୍ରଦାନ କରିବା ପରେ ଖାଉଟିମାନେ ପରିଚୟ ଚୋରି ତଥା ଅନ୍ୟ ସାଇବର ଅପରାଧର ଶିକାର ହେବାର ସମ୍ଭାବନା ଥାଏ। ଅନିୟନ୍ତ୍ରିତ ସଂସ୍ଥାଗୁଡ଼ିକ ଦ୍ୱାରା ଏହି ସେବା ପ୍ରଦାନ କରାଯାଉଥିବାରୁ ନିୟନ୍ତ୍ରିତ ସଂସ୍ଥାଗୁଡ଼ିକ ଦ୍ୱାରା ଦିଆଯାଉଥିବା ସୁରକ୍ଷାରୁ ଖାଉଟିମାନେ ବଞ୍ଚିତ ହୁଅନ୍ତି।

## ଆଜିର ଅର୍ଥନୀତି

ତଥ୍ୟ ଏକ ପ୍ରକାର ନୂତନ ଇନ୍ଧନ ହୋଇଥିବାରୁ ଆର୍‌ବିଆଇ ଯେଉଁ ସଂସ୍ଥାଗୁଡ଼ିକୁ ନିୟନ୍ତ୍ରଣ କରୁଛି, ସେଗୁଡ଼ିକ ଖାଉଟିମାନଙ୍କ ତଥ୍ୟ କିପରି ବ୍ୟବହାର କରୁଛନ୍ତି, ତା' ଉପରେ ନଜର ରଖିବା ଆବଶ୍ୟକ। ସେମାନଙ୍କର ସବୁ ପ୍ରକାର ଅନୈତିକ ଅଭ୍ୟାସକୁ ମୂଳରୁ ବନ୍ଦ କରାଯିବା ଦରକାର, ଯାହାଫଳରେ ଲୋକମାନଙ୍କ ଆର୍ଥିକ କାରବାର ପାଇଁ ଏକ ନିରାପଦ ଓ ସୁସ୍ଥ ବାତାବରଣ ସୃଷ୍ଟି ହୋଇପାରିବ। ବ୍ୟାଙ୍କ ଓ ଅଣବ୍ୟାଙ୍କିଙ୍ଗ୍ ଆର୍ଥିକ ସଂସ୍ଥାଗୁଡ଼ିକ ଗ୍ରାହକଙ୍କ ତଥ୍ୟ ନେଇ କାରବାର କଲାବେଳେ ଅତ୍ୟନ୍ତ ସତର୍କ ହେବା ଉଚିତ। ଲୋକମାନଙ୍କୁ ବିଭିନ୍ନ ସେବା ଦେବାବେଳେ ସେମାନଙ୍କଠାରୁ ବିଭିନ୍ନ ତଥ୍ୟ ସଂଗ୍ରହ ମାଧ୍ୟମରେ ସେମାନଙ୍କୁ ଜାଣିବା ଲାଗି କମ୍ପାନୀଗୁଡ଼ିକ ଯେପରି ସତର୍କତା ଅବଲମ୍ବନ କରନ୍ତି, ସେହିପରି ସେମାନେ ପୂର୍ଣ୍ଣ ପ୍ରମାଣିତ ବ୍ୟବସ୍ଥା ମାଧ୍ୟମରେ ଗ୍ରାହକମାନଙ୍କର ବିଶ୍ୱାସଭାଜନ ହେବା ନିମନ୍ତେ ମଧ୍ୟ ଉଦ୍ୟମ କରିବା ଆବଶ୍ୟକ। ଯଦି ବ୍ୟାଙ୍କିଙ୍ଗ୍ ସଂସ୍ଥାଗୁଡ଼ିକ ଗ୍ରାହକମାନଙ୍କ ପାଖରେ ଉତ୍ତରଦାୟୀ ନ ହେବେ, ତା'ହେଲେ ବ୍ୟବସ୍ଥା ଭିତରେ ଅନେକ ଗଳାବାଟ ରହିଯିବ ଏବଂ ଜମାକାରୀମାନେ ସେମାନଙ୍କ କଷ୍ଟାର୍ଜିତ ଧନ ହରାଇବାର ଆଶଙ୍କା ରହିବ।

ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଅପବ୍ୟବହାରକୁ ରୋକିବା ଲାଗି ଆର୍‌ବିଆଇ ଏକ ସତର୍କ ପ୍ରହରୀ ପରି କାର୍ଯ୍ୟ କରୁଥିବା ବେଳେ ଖାଉଟିମାନେ ମଧ୍ୟ ଇଣ୍ଟରନେଟ ମାଧ୍ୟମରେ ବ୍ୟାଙ୍କିଙ୍ଗ୍ ସେବା ଲାଭ କଲାବେଳେ ଖୁବ୍ ସତର୍କ ରହିବା ଆବଶ୍ୟକ। ଆର୍ଥିକ କାରବାର କଲାବେଳେ ଭର୍ଚୁଆଲ ପ୍ଲାଟଫର୍ମ ଉପରେ ଅତିଶୟ ନିର୍ଭରଶୀଳ ନ ହେବା ବିଜ୍ଞତାର ପରିଚାୟକ। କାରଣ ଦେଶରେ ଅଧିକାଂଶ ବ୍ୟବହାରକାରୀ ପାଇରେଟେଡ୍ ସଫ୍ଟୱେର ବ୍ୟବହାର କରନ୍ତି, ଯାହା ହ୍ୟାକିଂ ଓ ଅନ୍ୟ ସାଇବର ଅପରାଧ ପାଇଁ ସୁଯୋଗ ସୃଷ୍ଟି କରିଥାଏ। ଏ ପରିସ୍ଥିତିରେ ନିଜର କଷ୍ଟାର୍ଜିତ ଧନକୁ ସୁରକ୍ଷିତ ରଖିବା ଲାଗି ଉଭୟ ଆର୍ଥିକ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷେ ଅଧିକ ସତର୍କ ରହିବା ଅତି ଜରୁରୀ।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ସେପ୍ଟେମ୍ବର ୧୯୯୪

୧ ଶେଷ ମୁହୂର୍ତ୍ତରେ ଆମେରିକା ଏବଂ ହାଇତି ମଧ୍ୟରେ ଏକ ବୁଝାମଣା ହୋଇପାରିଥିବାରୁ ଦୁଇଦେଶ ମଧ୍ୟରେ ଅବଶ୍ୟମ୍ଭାବୀ ଯୁଦ୍ଧ ଆଶଙ୍କା ଦୂର ହୋଇଛି।

୨ ସ୍ୱିଡେନ ପ୍ରଧାନମନ୍ତ୍ରୀ କାର୍ଲ ବିଲ୍ଡ ତାଙ୍କ ପଦରୁ ଇସ୍ତଫା ଦେଲେ।

## su | do | ku ସୁ-ଡୋ-କୁ

| | | | | | | | | | | | |
|---|---|---|---|---|---|---|---|---|---|---|---|
| 4 | | | C | | D | | 1 | | 8 | A | |
| | | | E | | | | | 1 | 2 | D | 4 |
| A | | | | | 7 | 6 | 4 | | | B | |
| | 0 | | 8 | | | 3 | | 7 | | 5 | |
| | | C | | | A | D | 2 | | 3 | 1 | |
| | | | | A | | | | | | | B |
| | | 5 | | | | 4 | A | 3 | | 7 | C |
| | 9 | | | | 3 | 5 | | 7 | 4 | | |
| B | | | | | | 1 | | 4 | | | |
| 7 | 1 | 2 | | | 1 | | B | E | 8 | C | 3 |
| | 2 | | B | | 4 | | 3 | A | | 9 | |
| | 7 | | 1 | | | E | | | | | D |
| | | | 0 | 9 | | C | 2 | 5 | 1 | B | E |
| | | C | 6 | 0 | | | | E | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | |
|---|---|---|---|---|---|---|---|---|---|---|---|
| 9 | E | A | C | 3 | 4 | 5 | 1 | B | 8 | D | 6 | 2 | 7 | 0 |
| 6 | 5 | 4 | 7 | D | B | 8 | 0 | E | 1 | 2 | A | 9 | 3 | C |
| 2 | 8 | 1 | E | 5 | A | 9 | C | 3 | 4 | 7 | 0 | 6 | B | D |
| 3 | D | B | 2 | 6 | 0 | 7 | 4 | A | 5 | C | 9 | 8 | 1 | E |
| 0 | 7 | C | 1 | 9 | 8 | D | 6 | 2 | E | B | 3 | A | 5 | 4 |
| 8 | 1 | E | 3 | 2 | C | 6 | 5 | 0 | D | A | B | 4 | 9 | 7 |
| 7 | 2 | 6 | B | A | 5 | C | E | 8 | 9 | 4 | 1 | D | 0 | 3 |
| D | 4 | 3 | 0 | E | 1 | A | 7 | 9 | C | 5 | 2 | B | 6 | 8 |
| 5 | B | 0 | 6 | 7 | 9 | 4 | 2 | D | 3 | E | 8 | 1 | C | A |
| A | C | 9 | 8 | 4 | D | 3 | B | 1 | 0 | 6 | 7 | 5 | E | 2 |
| 4 | 0 | 5 | A | 8 | 3 | 1 | D | C | B | 9 | E | 7 | 2 | 6 |
| E | 9 | 2 | 5 | C | 6 | B | 8 | 7 | A | 3 | 4 | 0 | D | 1 |
| 1 | 6 | D | 4 | B | 7 | 0 | 3 | 5 | 2 | 8 | C | E | A | 9 |
| C | A | 7 | D | 1 | 2 | E | 9 | 4 | 6 | 0 | 5 | 3 | 8 | B |
| B | 3 | 8 | 9 | 0 | E | 2 | A | 6 | 7 | 1 | D | C | 4 | 5 |

ଗତକାଲିର ଉତ୍ତର

# ଲକ୍ଷ୍ୟଚ୍ୟୁତ ବିତର୍କ

ଡ. ଛାୟାକାନ୍ତ ଷଡ଼ଙ୍ଗୀ

ବିଦ୍ୟା ବିବାଦାୟ ଅର୍ଥାତ୍ ବିବାଦ ନିମନ୍ତେ ବିଦ୍ୟା ଉଦ୍ଦିଷ୍ଟ। ଏଠାରେ ବିବାଦ ବିତର୍କ ଅର୍ଥରେ ବ୍ୟବହୃତ ହୋଇଛି। ବିଦ୍ୱାନମାନେ ଏକତ୍ର ହେଲେ ନିଜ ନିଜ ଜ୍ଞାନର ପରାକାଷ୍ଠା ପ୍ରତିପାଦନ କରିବା ପାଇଁ ତର୍କରେ ପ୍ରବୃତ୍ତ ହୁଅନ୍ତି। ଅନେକ ସମୟରେ ଏହି ତର୍କର ଅନ୍ତରାଳରେ ସେମାନଙ୍କର ଅହଂକାର ଲୁକ୍କାୟିତ ଥାଏ। ସେମାନେ ନିଜକୁ ଅନ୍ୟମାନଙ୍କଠାରୁ ବେଶି ଜ୍ଞାନୀ ମଣନ୍ତି ଓ ଅନ୍ୟର ଯୁକ୍ତିକୁ ସହଜରେ ଗ୍ରହଣ କରନ୍ତି ନାହିଁ। ଅହଂ ସହ ଅହଂର ସଂଘର୍ଷ ହୁଏ। ବିତର୍କର ଉଦ୍ଦେଶ୍ୟ ହେଉଛି ଯଥାର୍ଥ ଯୁକ୍ତି ବଳରେ ସତ୍ୟ ପାଖରେ ପହଞ୍ଚିବା ପାଇଁ ଚେଷ୍ଟା କରିବା। ମାତ୍ର ସତ୍ୟ ପାଖରେ ପହଞ୍ଚିବା ପୂର୍ବରୁ ପଣ୍ଡିତମାନେ ତର୍କ କରୁ କରୁ ବିବାଦରେ ଛନ୍ଦି ହୋଇଯାନ୍ତି। ବେଳେ ବେଳେ ଏହି ବିବାଦ ହିଂସାର ରୂପ ନିଏ। ସେମାନେ ଭୁଲିଯାନ୍ତି ଯେ ଜ୍ଞାନ ସର୍ବଦା ଅସଂପୂର୍ଣ୍ଣ, ଆପେକ୍ଷିକ ଓ ଅନନ୍ତ। ବହୁ ଜ୍ଞାନ ଓ ଅନୁଭୂତି ଅର୍ଜନ କଲା ପରେ ଗ୍ରୀକ୍ ବୀର ୟୁଲିସସ୍ ପୁତ୍ରକୁ ରାଜ୍ୟଭାର ଅର୍ପଣ କରି ନିଜ ଜ୍ଞାନ ପିପାସା ମେଣ୍ଟାଇବା ପାଇଁ ଆରମ୍ଭ କଲେ ସମୁଦ୍ର ଯାତ୍ରା। ସେ ଉପଲବ୍ଧି କରିଥିଲେ ଜ୍ଞାନର ତୋରଣ ଦେଇ ଏକ ଅପହଞ୍ଚ ପୃଥିବୀ ସର୍ବଦା ଝଲସି ଉଠେ। (ଟେନିସନଙ୍କ କବିତା)। ଜ୍ଞାନ ଅନନ୍ତ ହୋଇଥିବାରୁ ଏହି ଅସୀମ ରାଜ୍ୟକୁ ଅଧୀନ କରିବା ମଣିଷର ସାଧ୍ୟାତୀତ। ମାତ୍ର ତଥାକଥିତ ପଣ୍ଡିତମାନେ ଏହି ସତ୍ୟକୁ ଭୁଲିଯାନ୍ତି ଓ ଅହଂକାରର ବଶବର୍ତ୍ତୀ ହୋଇ ନିଜକୁ ସର୍ବଜ୍ଞ ମଣି ତର୍କ କରନ୍ତି। ତର୍କରୁ ସୃଷ୍ଟି ହୁଏ ବିବାଦ ଓ ବିବାଦରୁ ଜନ୍ମନିଏ ହିଂସା ଓ ବ୍ୟକ୍ତିଗତ ଶତ୍ରୁତା।

ଆଜି ରାଜନୈତିକ କ୍ଷେତ୍ରରେ ମଧ୍ୟ ବିତର୍କ ଉଗ୍ର ହିଂସ୍ର ରୂପ ନେଉଛି। ସଂସଦ ଓ ବିଧାନସଭା ହେଉଛି ଏକପ୍ରକାର ତର୍କକ୍ଷେତ୍ର। ସରକାର ସେଠାରେ କୌଣସି ଯୋଜନା ସମ୍ପର୍କିତ ବିଲ୍ ଉପସ୍ଥାପନ କରନ୍ତି ଓ ବିତର୍କ ପାଇଁ ସୁଯୋଗ ସୃଷ୍ଟି କରନ୍ତି। ମାତ୍ର ସେଠାରେ ଯେଭଳି ବିତର୍କ ହେଉଛି ତାହା ଅତ୍ୟନ୍ତ ଚିନ୍ତାଜନକ। ଏହି ବିତର୍କ ବେଳେ ବେଳେ ହିଂସାର ରୂପ ନେଉଛି। ବିରୋଧୀ ଦଳ ଭାବୁଛନ୍ତି ସରକାରଙ୍କ ଦ୍ୱାରା ପରିବେଷିତ ବିଲ୍ ଜନହିତକର ହେଉ ବା ହାନିକର ହେଉ ବିରୋଧ କରିବା ସେମାନଙ୍କ କର୍ତ୍ତବ୍ୟ। ଏହିଭଳି ଚିନ୍ତାଧାରା ପୋଷଣ କରିବା ଦ୍ୱାରା ଅନେକ ସମୟରେ ରାଜନୈତିକ ଶତ୍ରୁତା ବ୍ୟକ୍ତିଗତ ଶତ୍ରୁତାରେ ପରିଣତ ହେଉଛି ଏବଂ ବ୍ୟକ୍ତିଗତ ଶତ୍ରୁତା ରାଜନୈତିକ କ୍ଷେତ୍ରରେ ପ୍ରତିଫଳିତ ହେଉଛି। କୌଣସି ଏକ ଆଦର୍ଶକୁ ନେଇ ବିତର୍କ ହୁଏ। ମାତ୍ର ବିତର୍କ ଏଭଳି ଏକ ସ୍ତରକୁ ଚାଲିଯାଉଛି ଯେ ଆଦର୍ଶ ଏକ 'ବାଦ'ରେ ପରିଣତ ହେଉଛି ଓ ସେହି 'ବାଦ'ରେ ଆଉ ଆଦର୍ଶ ରହୁନାହିଁ। ବିତର୍କରେ ଅଂଶଗ୍ରହଣ କରୁଥିବା ତଥାକଥିତ ଜ୍ଞାନୀମାନେ ଭିନ୍ନ ଆଦର୍ଶରେ ବିଶ୍ୱାସ କରୁଥିବା ବ୍ୟକ୍ତିମାନଙ୍କ ମତକୁ ସମ୍ମାନ ଦେଉନାହାନ୍ତି। କେତେକ ସ୍ଥଳରେ କ୍ରୁଦ୍ଧ ହୋଇ ଅପଶବ୍ଦ ବ୍ୟବହାର କରୁଛନ୍ତି। ଟିଭି ପରଦାରେ ଅନୁଷ୍ଠିତ ହେଉଥିବା ବିତର୍କରେ ଭାଗ ନେଉଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ମୁଥ ମରାମରି ହେବା ବା ଚୌକି ଫୋପାଡିବା ଦୃଶ୍ୟ ମଧ୍ୟ ଦେଖିବାକୁ ମିଳୁଛି। ବିତର୍କ ହେଉଛି ଲକ୍ଷ୍ୟଚ୍ୟୁତ। ସେମାନେ ଭୁଲିଯାଉଛନ୍ତି ଯେ ବିତର୍କ ପୂର୍ବରୁ ଆବଶ୍ୟକ ହୁଏ ନମ୍ରଭାବ, ପରସ୍ପରର ମତ ପ୍ରତି ସମ୍ମାନବୋଧ ଓ କ୍ରୋଧଶୂନ୍ୟ ମନ। ବିତର୍କରେ ଯୋଗ ଦେଉଥିବା ତଥାକଥିତ ଜ୍ଞାନୀମାନଙ୍କ ପାଇଁ ଆଦି ଶଙ୍କରାଚାର୍ଯ୍ୟ ଓ ପଣ୍ଡିତଶ୍ରେଷ୍ଠ ମଣ୍ଡନ ମିଶ୍ରଙ୍କ ମଧ୍ୟରେ ଘଟିଥିବା ଐତିହାସିକ ବିତର୍କ ପ୍ରଣିଧାନଯୋଗ୍ୟ ମନେ ହୁଏ।

ଶଙ୍କରାଚାର୍ଯ୍ୟଙ୍କ ସମୟରେ ମଣ୍ଡନ ମିଶ୍ର ଥିଲେ ଭାରତର ସର୍ବଶ୍ରେଷ୍ଠ ପଣ୍ଡିତ ଓ କର୍ମକାଣ୍ଡର ଅଦ୍ୱିତୀୟ ପୃଷ୍ଠପୋଷକ। ତାଙ୍କର ଶାଣିତ ଯୁକ୍ତି ବଳରେ ସେତେବେଳେ ବୌଦ୍ଧ ପଣ୍ଡିତମାନେ ତର୍କ କ୍ଷେତ୍ରରେ ପରାଜୟବରଣ କରୁଥିଲେ। ମଣ୍ଡନ ମିଶ୍ରଙ୍କ ସ୍ତ୍ରୀ ଉଭୟ ଭାରତୀ ମଧ୍ୟ ଥିଲେ ଜଣେ ବିଦୂଷୀ। ବେଦ, ବେଦାନ୍ତ ଦର୍ଶନ ଆଦିରେ ତାଙ୍କର ଅପୂର୍ବ ପାଣ୍ଡିତ୍ୟ ଥିଲା। ଦିନେ ଶଙ୍କରାଚାର୍ଯ୍ୟ ମଧ୍ୟାହ୍ନରେ ମଣ୍ଡନ ମିଶ୍ରଙ୍କ ଗୃହରେ ପହଞ୍ଚିଲେ। ସେତେବେଳେ ମଣ୍ଡନ ମିଶ୍ର ପିତୃଶ୍ରାଦ୍ଧ କାର୍ଯ୍ୟରେ ବ୍ୟସ୍ତ ଥିଲେ। ସନ୍ନ୍ୟାସୀମାନେ କର୍ମକାଣ୍ଡ ତ୍ୟାଗ କରିଥାନ୍ତି ଓ ନିଜ ପାଇଁ ଶ୍ରାଦ୍ଧ କରି ଗୃହ ତ୍ୟାଗ କରିଥାନ୍ତି। ସେଥିପାଇଁ ସନ୍ନ୍ୟାସୀମାନଙ୍କ ଉପସ୍ଥିତି ଶ୍ରାଦ୍ଧ ସମୟରେ ଅମଙ୍ଗଳ ସୂଚକ ମନେକରାଯାଏ। ଏଣୁ ଶଙ୍କରଙ୍କର ଅପ୍ରତ୍ୟାଶିତ ଆଗମନ ମଣ୍ଡନ ମିଶ୍ରଙ୍କ ହୃଦୟରେ କ୍ରୋଧ ସଞ୍ଚାର କଲା। ମାତ୍ର ଶଙ୍କର ସହାସ୍ୟ ବଦନରେ ମଣ୍ଡନ ମିଶ୍ରଙ୍କୁ ଅଭିନନ୍ଦନ ଜଣାଇଲେ। ଆରମ୍ଭ ହେଲା ଅନୌପଚାରିକ କଥାବାର୍ତ୍ତା। କ୍ରମେ ଉଭୟେ ନିଜ ନିଜ ଜ୍ଞାନକୁ ନେଇ ତର୍କରେ ପ୍ରବୃତ୍ତ ହେଲେ। ସେଠି ଉପସ୍ଥିତ ଥିବା ଦୁଇଜଣ ପଣ୍ଡିତ ଉଭୟଙ୍କ ମଧ୍ୟରେ ଚାଲିଥିବା ଯୁକ୍ତିତର୍କ ଶ୍ରବଣ କରୁଥିଲେ। ସେମାନେ ଲକ୍ଷ୍ୟ କଲେ ଯେ ମଣ୍ଡନ ତର୍କ କଲାବେଳେ କ୍ରୁଦ୍ଧ ହୋଇ କଥାବାର୍ତ୍ତା କରୁଛନ୍ତି। ମାତ୍ର ଶଙ୍କର ମଣ୍ଡନଙ୍କ ଯୁକ୍ତିକୁ ଧ୍ୟାନ ଦେଇ ଶାନ୍ତ ମନରେ ଶୁଣୁଛନ୍ତି ଓ ଖଣ୍ଡନ କରୁଛନ୍ତି। ସେ ସ୍ୱଭାବତଃ ଥାନ୍ତି କ୍ରୋଧଶୂନ୍ୟ ଓ ଶାନ୍ତ। ଏହା ନିରୀକ୍ଷଣ କରି ପଣ୍ଡିତଦ୍ୱୟ ମଣ୍ଡନଙ୍କୁ କ୍ରୋଧଶୂନ୍ୟ ହୋଇ ଶାନ୍ତ ମନରେ ତର୍କ କରିବା ପାଇଁ ପରାମର୍ଶ ଦେଲେ।

ଶଙ୍କର ଓ ମଣ୍ଡନ ମିଶ୍ରଙ୍କ ତର୍କରେ ଥିଲା ଏକ ସର୍ତ୍ତ। ଯିଏ ପରାଜିତ ହେବ ସେ ବିଜୟୀର ଶିଷ୍ୟତ୍ୱ ଗ୍ରହଣ କରିବ। ତର୍କ ସମୟରେ ମଧ୍ୟସ୍ଥର ଭୂମିକା ସମ୍ପାଦନ କଲେ ମଣ୍ଡନଙ୍କ ସ୍ତ୍ରୀ ଉଭୟ ଭାରତୀ। ଉଭୟଙ୍କ ମଧ୍ୟରେ ତର୍କ ଏତେ ଦୀର୍ଘ ହେଲା ଯେ ତର୍କସ୍ଥଳରେ ପୂର୍ଣ୍ଣ ସମୟ ଉପସ୍ଥିତ ରହିବା ସ୍ତ୍ରୀଙ୍କ ପାଇଁ ସମ୍ଭବ ହେଲା ନାହିଁ। କାରଣ ସ୍ୱାମୀଙ୍କ ଭୋଜନ ଓ ସନ୍ନ୍ୟାସୀଙ୍କ ଭିକ୍ଷା ପ୍ରସ୍ତୁତ କରିବା ଥିଲା ତାଙ୍କର ଦାୟିତ୍ୱ। ଏଣୁ ସେ ଏକ ଅଭିନବ ଉପାୟ ଚିନ୍ତା କଲେ। ତର୍କ ଯେତେଦିନ ଧରି ଚାଲିବ ସେତେଦିନ ପର୍ଯ୍ୟନ୍ତ ପ୍ରତ୍ୟହ ଗୋଟିଏ ଗୋଟିଏ ଫୁଲମାଳ ଉଭୟଙ୍କ ଗଳାରେ ପିନ୍ଧାଇ ଦେବେ। ଯିଏ ପରାଜିତ ହେବ ସେ ନିଶ୍ଚୟ ଉଦ୍‌ବିଗ୍ନ ଓ କ୍ରୁଦ୍ଧ ହୋଇପଡିବ ଓ ଫଳରେ ତା'ର ଶରୀରର ତାପମାତ୍ରା ବୃଦ୍ଧି ହେବ। ତାପ ବୃଦ୍ଧି ହେଲେ ଗଳାର ମାଳା ମ୍ଳାନ ପଡିଯିବ। ଯାହାର ଫୁଲମାଳ ପ୍ରଥମେ ମ୍ଳାନ ଦେଖାଯିବ ସେ ପରାଜିତ ହୋଇଛନ୍ତି ବୋଲି ନିର୍ଣ୍ଣୟ କରାଯିବ। ଆରମ୍ଭ ହେଲା ତର୍କ। ତର୍କ କ୍ଷେତ୍ରକୁ ଆସିଲା ବେଦ, ବେଦାନ୍ତ, କର୍ମକାଣ୍ଡ ଓ ଅନେକ ଶାସ୍ତ୍ର। ତର୍କ ଚାଲିଲା ଦୀର୍ଘ ଷୋଳ ଦିନ। ଶେଷ ଦିନ ଶଙ୍କର ମଣ୍ଡନ ମିଶ୍ରଙ୍କ ସମସ୍ତ ଯୁକ୍ତିକୁ ଖଣ୍ଡନ କରି ଅଦ୍ୱୈତ ମତକୁ ପ୍ରତିଷ୍ଠା କଲେ। ସପ୍ତଦଶ ଦିବସରେ ମଣ୍ଡନ ମିଶ୍ରଙ୍କ ମୁଖମଣ୍ଡଳ ଲଜ୍ଜାରେ ବିବର୍ଣ୍ଣ ପଡିଗଲା। ପରାଜୟର କ୍ରୋଧରେ ଶରୀର କମ୍ପି ଉଠିଲା। ଶରୀରର ତାପମାତ୍ରା ବୃଦ୍ଧି ହେଲା ଓ ଫୁଲମାଳଟି ବିବର୍ଣ୍ଣ ପଡିଗଲା। ସେ ନତମସ୍ତକରେ ପରାଜୟ ସ୍ୱୀକାର କଲେ ଓ ସର୍ତ୍ତ ଅନୁସାରେ ଶଙ୍କରଙ୍କ ଶିଷ୍ୟତ୍ୱ ଗ୍ରହଣ କରିବାକୁ ପ୍ରସ୍ତୁତ ହେଲେ। ମାତ୍ର ତାଙ୍କର ଧର୍ମପତ୍ନୀ କହିଲେ, "ହେ ପଣ୍ଡିତଶ୍ରେଷ୍ଠ! ମୁଁ ହେଉଛି ସ୍ୱାମୀଙ୍କ ଅର୍ଦ୍ଧାଙ୍ଗିନୀ। ଆପଣ ମୋ ସ୍ୱାମୀଙ୍କୁ ପରାସ୍ତ କରିଛନ୍ତି, ମାତ୍ର ମୋତେ ପରାସ୍ତ କରିନାହାନ୍ତି। ଏଣୁ ଆପଣଙ୍କ ବିଜୟ ସମ୍ପୂର୍ଣ୍ଣ ହୋଇନାହିଁ। ମୋତେ ପରାଜିତ କଲା ପରେ ମୋ ସ୍ୱାମୀ ଆପଣଙ୍କ ଶିଷ୍ୟତ୍ୱ ଗ୍ରହଣ କରି ସନ୍ନ୍ୟାସ ନେବେ।" ପୁଣି ଉଭୟଙ୍କ ମଧ୍ୟରେ ସପ୍ତଦଶ ଦିବସ ବ୍ୟାପୀ ତର୍କ ଚାଲିଲା, ମାତ୍ର ଶଙ୍କରଙ୍କ ପରାଜୟ ହେଲା ନାହିଁ। ଶେଷରେ ଉଭୟ ଭାରତୀ ବେଦ, ବେଦାନ୍ତ ପରେ କାମଶାସ୍ତ୍ର ସମ୍ପର୍କରେ ପ୍ରଶ୍ନ କରିବା ଦ୍ୱାରା ଶଙ୍କର ନିରୁତ୍ତର ହେଲେ। କାରଣ ସେ ସନ୍ନ୍ୟାସୀ ହୋଇଥିବାରୁ ସେହି ଶାସ୍ତ୍ରରେ ଅନଭିଜ୍ଞ ଥିଲେ। ଏଣୁ ସେ ସେହି ଶାସ୍ତ୍ର ଅଧ୍ୟୟନ କରିବା ପାଇଁ ଏକମାସ ସମୟ ଭିକ୍ଷା କଲେ। ସେ ବିନମ୍ରତାର ସହ ନିଜର ଅଜ୍ଞତା ସ୍ୱୀକାର କରି ବିଦାୟ ନେଲେ ଓ ପୁଣି ଫେରିବାର ପ୍ରତିଶ୍ରୁତି ଦେଲେ। ଶଙ୍କର–ମଣ୍ଡନ ଉପାଖ୍ୟାନ ବିତର୍କ ସମ୍ପର୍କରେ ଦୁଇଟି ଦିଗ ପ୍ରତି ସଚେତନ କରାଏ। ତର୍କ ସମୟରେ କ୍ରୁଦ୍ଧ ବା ଉତ୍ତେଜିତ ହେବ ନାହିଁ ଓ ନିଜକୁ ସମସ୍ତ ଜ୍ଞାନର ଅଧିକାରୀ ଭାବି ଅହଂକାର କବଳିତ ହେବ ନାହିଁ, କାରଣ ଜ୍ଞାନ ଅସୀମ। ଆଜି ଯେଉଁ ପଣ୍ଡିତମାନେ ବିତର୍କରେ ଭାଗ ନେଉଛନ୍ତି ସେମାନେ ଏହି ଦୁଇଟି ଦିଗ ପ୍ରତି ସଚେତନ ହେବେ ବୋଲି ଆଶା।

ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼,
ମୋ–୯୪୩୭୩୨୯୨୬୩

# ଅସୁରକ୍ଷିତ ସରକାରୀ ବିଦ୍ୟାଳୟ

ପୀତାମ୍ବର ରାଉତ

ନିଆଳି ବ୍ଲକ୍ ବିନିସପୁର ପଞ୍ଚାୟତର ଆମ୍ବାପଡ଼ା ପ୍ରାଥମିକ ବିଦ୍ୟାଳୟର ଲୋମହର୍ଷଣକାରୀ ଘଟଣା ସାରା ଓଡ଼ିଶାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। କାର୍ଯ୍ୟରତ ଶିକ୍ଷୟିତ୍ରୀ ଶୁଚିସ୍ମିତା ମୁଦୁଲିଙ୍କୁ ଜଣେ ଦୁର୍ବୃତ୍ତ କ୍ଲାସରୁମ୍‌ରେ ପଶି ସବୁ କୋମଳମତି ଛାତ୍ରୀଛାତ୍ରଙ୍କ ସମ୍ମୁଖରେ ଦିନ ୧୧ଟା ୩୦ମିନିଟ୍‌ରେ ଏକ ଧାରୁଆ କଟୁରିରେ ଚୋଟ ପରେ ଚୋଟ ବସେଇ ଚାଲିଥିଲା। ୯ଥର ହାଣିବା ପରେ ସେ ସ୍ଥାନ ଛାଡ଼ି ଚାଲିଯାଇଥିଲା। କ୍ଲାସ୍‌ରୁମ ଚଟାଣ ରକ୍ତରଞ୍ଜିତ ହୋଇଯାଇଥିଲା। ଆହତ ଶିକ୍ଷୟିତ୍ରୀ ଜୀବନ ସହ ସଂଗ୍ରାମ କରୁଥିବା ସମୟରେ ତାଙ୍କୁ ମେଡିକାଲକୁ ନେଇଯାଇଥିଲେ ସ୍ଥାନୀୟ ଗ୍ରାମବାସୀ। ଦୁର୍ବୃତ୍ତ ଜଣକ ନିଆଳି ପୋଲିସ ଦ୍ୱାରା ଧରାପଡ଼ି ଜେଲରେ ଅଛନ୍ତି। ଲୋକଙ୍କ କଥାରୁ ଜଣାପଡ଼ିଛି ସେ ଏକତରଫା ପ୍ରେମ କରୁଥଲେ।

ସରକାରୀ ଅନୁଷ୍ଠାନରେ ଯେଉଁ ଘଟଣା ଘଟିଛି ଏଥିପାଇଁ ସରକାରଙ୍କୁ ପଦକ୍ଷେପ ନେବାର ବେଳ ଆସିଛି। ଏମିତି ଘଟଣା ପ୍ରାୟତଃ ବେସରକାରୀ ଶିକ୍ଷାନୁଷ୍ଠାନରେ ଘଟି ନ ଥାଏ। କାରଣ ତାଙ୍କର ଜଣେ ୱାଚ୍‌ମ୍ୟାନ୍ ଥାଏ ଏବଂ ସେହିସବୁ ଅନୁଷ୍ଠାନର କର୍ମଚାରୀମାନଙ୍କ ସଂଖ୍ୟା ମଧ୍ୟ ଅଧିକ। ପିଅନ ଜଣେ ଥିଲେ ବି ସେ ଦୁର୍ବୃତ୍ତକୁ ଅଟକାଇ ପାରିଥାନ୍ତା। ବର୍ତ୍ତମାନ ପ୍ରାୟ ସବୁ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଙ୍କ ଅପେକ୍ଷା ଶିକ୍ଷୟିତ୍ରୀଙ୍କ ସଂଖ୍ୟା ଅଧିକ। ସରକାରୀ ଅନୁପାତ ଅନୁସାରେ ୩୦ ଜଣ ପିଲାଙ୍କ ପାଇଁ ଜଣେ ଶିକ୍ଷକ। ଯେହେତୁ ସରକାରୀ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା କମିବାରେ ଲାଗିଛି, ତେଣୁ ପ୍ରାୟ ସ୍କୁଲଗୁଡ଼ିକରେ ୨/୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ରହୁଛନ୍ତି। ଏହା ବି ଦୁର୍ଘଟଣା ଘଟାଇବା ପାଇଁ ଏକ ମୌକା।

ଅନେକ ସ୍କୁଲରେ ପାଚେରି ଏବଂ ଗେଟ୍ ନାହିଁ, ଯାହା ଦୁର୍ବୃତ୍ତଙ୍କ ପାଇଁ ଦ୍ୱିତୀୟ ସୁଯୋଗ। ତେଣୁ ସରକାର ଏସବୁ ବିଷୟ ପ୍ରତି ଧ୍ୟାନ ଦେବା ବାଞ୍ଛନୀୟ। ବିଦ୍ୟାଳୟ କାନ୍ଥରେ ଲେଖାହୋଇଛି ଦଣ୍ଡମୁକ୍ତ ଅଞ୍ଚଳ। ପିଲାଙ୍କୁ ମାଡ଼ ଦେଇ ପାଠ ପଢ଼େଇବା ବେଳ ଆଉ ନାହିଁ। କାରଣ ସେମାନେ କୋମଳମତି। ତାଙ୍କୁ ଡରେଇଲେ, ସେମାନେ ପାଠ ପଢ଼ିବା ଦୂରେ ଥାଉ ଆଉ ସ୍କୁଲକୁ ମଧ୍ୟ ଆସିବେ ନାହିଁ। ହେଲେ ଆମ୍ବାପଡ଼ା ପ୍ରାଥମିକ ବିଦ୍ୟାଳୟରେ ସେ ଦିନର ସେହି ଘଟଣା ପିଲାଙ୍କ ମନରେ କି ପ୍ରଭାବ ପକେଇଥିବ ତାହା ଆମ ସମସ୍ତଙ୍କୁ ଭାବିବା ଦରକାର। ଏପର୍ଯ୍ୟନ୍ତ ମଧ୍ୟ କିଛି ପିଲା ଭୟରେ ସ୍କୁଲକୁ ଆସୁନାହାନ୍ତି।

ଏମିତି ଘଟଣା ସରକାରୀ ଅଫିସଗୁଡ଼ିକରେ ହେବା ଏପର୍ଯ୍ୟନ୍ତ ନଜରକୁ ଆସିନାହିଁ। କାରଣ ପ୍ରତି ଅଫିସରେ ପୁରୁଷ କର୍ମଚାରୀ, ସିକ୍ୟୁରିଟି, ସିସିଟିଭିମାନ ଉପଲବ୍ଧ। ଶିକ୍ଷା ଆମର ମୌଳିକ ଅଧିକାର, ଯେଉଁଥିପାଇଁ ସାରା ଭାରତରେ ଚାଲିଛି ସର୍ବଶିକ୍ଷା ଅଭିଯାନ। ରାଇଟ୍ ଟୁ ଏଜୁକେଶନ ନିୟମ ଯୋଡ଼ାଯାଇଛି ଆମ ସମ୍ବିଧାନରେ। ତା' ଅର୍ଥ ୬ରୁ ୧୪ବର୍ଷ ବୟସ୍କ ପ୍ରତ୍ୟେକ ପିଲା ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ଗ୍ରହଣ କରିବେ। ଏବେ ପୁଣି ଜାତୀୟ ଶିକ୍ଷା ନୀତି ସ୍ୱତନ୍ତ୍ର ଭାବେ ପ୍ରଣୀତ ହୋଇଛି। ଓଡ଼ିଶା ସରକାର ମଧ୍ୟ ସର୍ବଶିକ୍ଷାକୁ ସଫଳ କରିବା ପାଇଁ ଯତ୍‌ପରୋନାସ୍ତି ଚେଷ୍ଟିତ। ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ଏବେ ସରକାରୀ ବିଦ୍ୟାଳୟରେ ଉଜ୍ଜ୍ୱଳ, ଉତ୍ଥାନ, ଉତ୍କର୍ଷ ଆଦି ପାଠ୍ୟକ୍ରମ ଚାଲୁ ରହିଛି।

ଆମର ଗୋଟେ କଥା ଅଛି – 'ବାପ ପୁଅ ରାତିସାରା ଉଜାଗର ହେଲେ ମୁଗୁରା ପଛ ମୁକୁଳା'। ମହାକାଳ ଫଳ ଭଳି ଆମ ସରକାରୀ ଶିକ୍ଷା ବ୍ୟବସ୍ଥା। ଆମ୍ବାପଡ଼ା ପ୍ରାଥମିକ ବିଦ୍ୟାଳୟର ଘଟଣା ଖୋଲି ଦେଇଛି ସବୁ ଗୁମର। ଯେଉଁଠି ଶିକ୍ଷୟିତ୍ରୀ ଶିକ୍ଷକ ସୁରକ୍ଷିତ ନୁହନ୍ତି, କେମିତି ସଫଳ ହେବ ସର୍ବଶିକ୍ଷା। ସରକାରୀ ବିଧି ବ୍ୟବସ୍ଥାକୁ ଏହି ଘଟଣା ଉପହାସ କରୁନାହିଁ କି? ସରକାର ଶିକ୍ଷୟିତ୍ରୀଙ୍କ ପାଇଁ ଡ୍ରେସ୍ କୋଡ୍ କରିଦେଲେ, ସେମାନେ ଆଉ ଆଳ ଦେଖେଇ ଠକି ପାରିବେନି। ହେଲେ ଆମ ସରକାରୀ ପରିବେଶ ଏମିତି ଯେ ଦିନରେ କାର୍ଯ୍ୟ କରୁଥିଲା ବେଳେ ସେମାନେ ଠକି ହୋଇଯାଉଛନ୍ତି।

ଏଠି ସରକାରୀ ସ୍ଲୋଗାନ ଚାଲିଛି– ସଶକ୍ତ ମହିଳା, ସଶକ୍ତ ଭାରତ। ମହିଳା ଆତ୍ମନିଯୁକ୍ତି ପାଇଲେ, ସଶକ୍ତ ହେଲେ। ହେଲେ ଏବେ ବି ମହିଳା ସୁରକ୍ଷିତ ନୁହନ୍ତି। ପ୍ରତିଦିନ ମହିଳା ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କିନ୍ତୁ ବିଦ୍ୟାଳୟରେ ପିଲାମାନଙ୍କ ସମ୍ମୁଖରେ ଆକ୍ରମଣ ଆଦୌ ଗ୍ରହଣୀୟ ନୁହେଁ। ଏଇ ଘଟଣା ସରକାରଙ୍କ ପାଇଁ ସତର୍କ ଘଣ୍ଟି। ଆବଶ୍ୟକ ପଦକ୍ଷେପ ବେଳ ହୁଁ ନ ନେଲେ ଏଭଳି ଘଟଣା ବଢ଼ିଚାଲିବ।

ସରକାର ଅନୁଧ୍ୟାନ କରି ପ୍ରତି ବିଦ୍ୟାଳୟରେ ସୁଦୃଢ଼ ପାଚେରି, ଗେଟ୍‌ର ବ୍ୟବସ୍ଥା କରନ୍ତୁ। ୱାଚମ୍ୟାନ୍ ଏବଂ ପିଅନ ମଧ୍ୟ ପ୍ରାଥମିକ ବିଦ୍ୟାଳୟରେ ରହନ୍ତୁ। ଏଥି ସହିତ ଜଣେ ସୁଇପର ନିହାତି ପ୍ରାଥମିକ ବିଦ୍ୟାଳୟରେ ରହିବା ଦରକାର। ଛଅ ବର୍ଷର ପିଲା, ପୁଣି ବିପିଏଲ୍ ଶ୍ରେଣୀର ପିଲା ଶୌଚ ହେବା ବିଷୟରେ ବି ଜାଣି ନ ଥାନ୍ତି। ନିରାପଦ ଓ ସ୍ୱଚ୍ଛ ପରିବେଶରେ ପିଲାଟି ପାଠ ପଢୁ, ଏହା ଆମର ଉଦ୍ଦେଶ୍ୟ। ଆମେ ପ୍ରଥମ ଘଟଣାରୁ ବ୍ୟବସ୍ଥା ସଜାଡ଼ି ଦେଲେ ଅସୁବିଧା କେଉଁଠି! ଶିଶୁମାନେ ଦେଶର ଭବିଷ୍ୟତ। ଧନୀଘରର ପିଲାମାନେ ଘରୋଇ ସ୍କୁଲରେ ସୁରକ୍ଷିତ, ହେଲେ ଅବଶିଷ୍ଟ ଆମ ଗରିବ ପିଲା କ'ଣ ଏ ଦେଶର ଭବିଷ୍ୟତ ନୁହନ୍ତି। ସେମାନଙ୍କ ଶିକ୍ଷା ଦାୟିତ୍ୱ ସରକାରଙ୍କର। ଶିକ୍ଷାଦାନ କରୁଥିବା ଶିକ୍ଷୟିତ୍ରୀ ଆଜି ଅସୁରକ୍ଷିତ। ତେଣୁ ସରକାର ଯଥାଶୀଘ୍ର ଏଥିପାଇଁ ବିହିତ ପଦକ୍ଷେପ ନିଅନ୍ତୁ। ବଜ୍ରପାତ ଓ ଆକସ୍ମିକ ଘଟଣାରେ ମୃତ୍ୟୁବରଣ କଲେ କ୍ଷତି ପୂରଣ ଦିଆଯାଉଛି। ହଜାର ହଜାର ଶିକ୍ଷୟିତ୍ରୀ ଆଜି ଆତଙ୍କିତ। ସେମାନେ ଆତଙ୍କିତ ରହିଲେ କିପରି ଗଢ଼ିପାରିବେ ପିଲାଙ୍କ ଭବିଷ୍ୟତ!

ଚଳିତ ବର୍ଷ ୧୬୬ ସରକାରୀ ବିଦ୍ୟାଳୟ ବନ୍ଦ ହେବାକୁ ଯାଉଥିବା ବେଳେ ଆଗାମୀ ବର୍ଷ ଆହୁରି ସ୍କୁଲ ବନ୍ଦ ହୋଇପାରେ। ଆମ ସମ୍ବିଧାନରେ କଠୋର ଆଇନ ପ୍ରଣୟନ ହେବା ଦରକାର। ଦୁର୍ବୃତ୍ତ ଦିବାଲୋକରେ ଅପରାଧ ଘଟାଇ ପୋଲିସ ହାତରେ ଧରା ପଡ଼ି ମଧ୍ୟ ଖସିଯିବାର ଅନେକ ନଜିର ଅତୀତରେ ରହିଛି। ସରକାରୀ ଅନୁଦାନ ଓ ପୂର୍ଣ୍ଣ ବେତନ ପାଇଁ ଶିକ୍ଷକ ସଂଘ ଦାବି କରୁଛି। ସୁରକ୍ଷା ପାଇଁ ମଧ୍ୟ ଦାବି କରିବା ଦରକାର।

ନିଆଳି, କଟକ, ମୋ – ୯୯୩୭୬୬୨୧୮୭

## ଏଇ ଭାରତରେ

ଭାରତର ଅନେକ ସ୍ଥାନରେ ପରମ୍ପରା ଓ ଲିଙ୍ଗଗତ ଅସମାନତାର ବେଡ଼ିରେ ବାନ୍ଧିହୋଇ ମହିଳାମାନେ ଅଣନିଃଶ୍ୱାସୀ ହୋଇପଡୁଥିବା ବେଳେ ବାରାଣସୀର ଏକ ଗାଁରେ ମହିଳାମାନେ ଯେପରି ସଂସ୍କାରୀ ମନୋଭାବ ପ୍ରଦର୍ଶନ କରିଛନ୍ତି ତାହା ବାସ୍ତବିକ ପ୍ରଶଂସନୀୟ। ଅନ୍ଧବିଶ୍ୱାସକୁ ପଛକୁ ପକାଇଦେଇ ବରିୟାସନପୁର ଗାଁର ଗୋଟିଏ ପରିବାରର ସମସ୍ତ ମହିଳା ସମାଜକୁ ସମାନତାର ଏକ ବାର୍ତ୍ତା ଦେଇଛନ୍ତି। ଏହି ଗାଁର ହରିଚରଣ ପଟେଲଙ୍କ ପତ୍ନୀ ୮୦ ବର୍ଷୀୟା ରଜ୍ଜି ଦେବୀଙ୍କ ଦେହାନ୍ତ ହେବା ପରେ ତାଙ୍କ ବୋହୂ ଓ ପରିବାରର ଅନ୍ୟ ମହିଳାମାନେ ଶବକୁ କାନ୍ଧେଇ ଶ୍ମଶାନକୁ ନେଇଥିଲେ। ସମସ୍ତେ ବାରାଣସୀର ସରାୟମୋହନ ଘାଟରେ ପହଞ୍ଚିବା ପରେ ରଜ୍ଜିଙ୍କର ପୁଅ ଥିଲେ ବି ଝିଅ ହୀରାମଣି ମୁଖାଗ୍ନି ଦେଇଥିଲେ। ଏହା ସହ ସେମାନେ ଶୁଦ୍ଧିକ୍ରିୟା ବାବଦ ଖର୍ଚ୍ଚକାଟ୍ କରିବା ପାଇଁ ତେରଦିନ ଭୋଜନ ନ ଦେବାକୁ ସ୍ଥିର କରିଛନ୍ତି। କେବଳ ଏତିକି ନୁହେଁ, ତେରଦିନ ପରିବାର ସଦସ୍ୟମାନେ ବୃକ୍ଷରୋପଣ କରିବେ ବୋଲି କହିଛନ୍ତି ମୃତ ରଜ୍ଜିଙ୍କ ଏକମାତ୍ର ପୁତ୍ର ଭାଗୀରଥି ପ୍ରସାଦ। ହିନ୍ଦୁଧର୍ମରେ ଚଳି ଆସୁଥିବା ପ୍ରାଚୀନ ପରମ୍ପରାକୁ ଭାଙ୍ଗି ଆଉ ଏକ ପାଦ ଆଗକୁ ଯାଇଥିବାରୁ ଗାଁର ମୁଖିଆ ଓ ଅନ୍ୟ ପୁରୁଷମାନେ ମହିଳାମାନଙ୍କୁ ସମର୍ଥନ କରିଛନ୍ତି। ରଜ୍ଜି ଦେବୀଙ୍କ ବୋହୂ ଲାଲତି ଦେବୀ, ଝିଅ ହୀରାମଣି ଓ ପ୍ରେମାଙ୍କ ସହ ରେଖା, ସୁଧା, ସୁନୀତା, ଅମରାବତୀ ଓ ମହଦେଇ ଶବକୁ କାନ୍ଧରେ ନେବା ସମୟରେ 'ଜନ୍ମ–ମୃତ୍ୟୁ ସତ୍ୟ' ବୋଲି ଉଚ୍ଚାରଣ କରିଥିଲେ।

## ଚିରନ୍ତନୀ

ହେ ଶୂନ୍ୟ ହେ ମହାଶୂନ୍ୟ !
ଆବରି ବିରାଟ ଏହି ବିଶ୍ୱ
କୋଟି ଗ୍ରହ ଉପଗ୍ରହ
ଖେଳାଉଛ ଯେହ୍ନୁ ଦଶଦିଶ।
ଅଗଣନ ଜୀବ ତହିଁ
ରେଣୁ ସମ ହୁଏ ଉଦେ ଲୀନ,
ଅସଂଖ୍ୟ ବନ୍ଧନ ଲଭେ
ଦୁଃଖ ସମ ଶତଧା ବିଦୀର୍ଣ୍ଣ।
(ଶୂନ୍ୟ ଚିନ୍ତା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସରକାରୀ କଳରୁ ଦୁର୍ନୀତି ଦୂର ପାଇଁ ପ୍ରସ୍ତାବ

ମହାଶୟ,

ସରକାରୀ କଳରୁ ଦୁର୍ନୀତି ଦୂର କରିବା ଓ ଲୋକଙ୍କ କାମ ଯଥାସମୟରେ କରିବା ପାଇଁ ମୁଖ୍ୟମନ୍ତ୍ରୀ '୫–ଟି 'କଥା କହିଥିବା ବେଳେ ମୁଖ୍ୟ ଶାସନ ସଚିବ ରକେଟ ଗତିରେ ଫାଇଲ କାମ କରିବାକୁ ବାବୁମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହାକୁ ସଫଳ କରିବା ପାଇଁ ମୋର କେତେକ ପ୍ରସ୍ତାବ ଏଠାରେ ଉଲ୍ଲେଖ କରୁଛି। ସମସ୍ତ ସରକାରୀ ବିଭାଗରେ କୌଣସି ସ୍ତରରେ ୭ ଦିନରୁ ଅଧିକ ଫାଇଲ ରହିବ ନାହିଁ। ଯଦି କୌଣସି କର୍ମଚାରୀ, ଅଧିକାରୀ, ମନ୍ତ୍ରୀ ସାତଦିନରୁ ଅଧିକ ଦିନ ନିଜ ପାଖରେ ନଥି ରଖିବେ ତାଙ୍କ ବେତନରୁ ପ୍ରତିଦିନ ପାଇଁ ଅର୍ଥ କଟାଯାଉ। ଲୋକ ନ୍ୟାୟ ନ ପାଇଲେ ସମ୍ପୃକ୍ତ ଅଧିକାରୀଙ୍କ ପଦବୀକୁ ତଳପାହ୍ୟାକୁ ଖସାଇ ଦିଆଯାଉ ଓ ବାରମ୍ବାର ଅନ୍ୟାୟ କଲେ ଚାକିରିରୁ ବହିଷ୍କାର କରାଯାଉ। ଯେଉଁ ସରକାରୀ କର୍ମଚାରୀ, ଅଧିକାରୀ ପ୍ରସ୍ତାବିତ ଆଇନ ଅନୁସାରେ କାର୍ଯ୍ୟ କରିବେ ତାଙ୍କୁ ପୁରସ୍କୃତ କରିବା ସହିତ ତାଙ୍କ ସନ୍ତାନଙ୍କୁ ମାଗଣାରେ ଶିକ୍ଷା ପ୍ରଦାନ କରାଯାଉ। ରାସ୍ତା, ପୋଲ, ଗୃହ ନିର୍ମାଣ, କେନାଲ ଆଦି ନିର୍ମାଣ କାର୍ଯ୍ୟ ଗୁଣାତ୍ମକ ହେବା ଏବଂ ସମସ୍ତ ଯୋଜନା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଶେଷହେବା ପାଇଁ ଅଟକଳ ଅର୍ଥର ସମପରିମାଣ ଠିକାଦାରମାନଙ୍କଠାରୁ ବ୍ୟାଙ୍କ ଗ୍ୟାରେଣ୍ଟି ରଖାଯିବା ଆବଶ୍ୟକ। ଏହା ସହିତ ପ୍ରତ୍ୟେକ ନିର୍ମାଣ କାମର ଲାଇଫ୍ ଟାଇମ୍ ଧାର୍ଯ୍ୟ କରାଯିବା, ତା' ପୂର୍ବରୁ ରାସ୍ତା, ଘର, ପୋଲ ଆଦି ଭାଙ୍ଗିଗଲେ ଯାହା ଅର୍ଥ ଖର୍ଚ୍ଚ ଲାଗିବ ତାହା ଉକ୍ତ ବ୍ୟାଙ୍କରୁ ଅଣାଯାଉ। ସେହିପରି ଯୋଜନା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଶେଷ ନ କଲେ ଯେତିକି ଅର୍ଥ ଅଧିକ ଖର୍ଚ୍ଚ ହେବ ସେ ବାବଦ ଅର୍ଥକୁ (ବ୍ୟାଙ୍କ ଗ୍ୟାରେଣ୍ଟି ଦେଇଥିବା) ବ୍ୟାଙ୍କରୁ ଉଠାଯିବାକୁ ବ୍ୟବସ୍ଥା ହେଉ। ଠିକାଦାରମାନଙ୍କୁ ୨୦% ଲାଭରେ କାମ ଦିଆଯାଉ ଓ ବଜାରର ବର୍ତ୍ତମାନର ମାଟେରିଆଲ ମୂଲ୍ୟ ଅନୁସାରେ ଯୋଜନା ଅଟକଳ କରାଯାଇ ଟେଣ୍ଡର କରାଯାଉ। ନିମ୍ନମାନର କାମ ଯୋଗୁ ପ୍ରକଳ୍ପ ଭାଙ୍ଗିଲେ କିମ୍ବା ଆଂଶିକ ଭାଙ୍ଗିଲେ ଇଞ୍ଜିନିୟରଙ୍କ ଦରମାରୁ କିମ୍ବା ପେନ୍‌ସନରୁ ୧୦% ଆଦାୟ କରାଯିବାକୁ ଆଇନ କରାଯାଉ।

ବିଭୁଧେନ୍ଦ୍ର ପ୍ରତାପ ଦାସ, ପୂର୍ବତନ ବିଧାୟକ, ଭୁବନେଶ୍ୱର

### ଭାଷାକୋଷ ପ୍ରଣେତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେଉ

ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷର ପ୍ରଣେତା ପଣ୍ଡିତ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ଜୀବନୀ ସମ୍ବନ୍ଧେ ଶିକ୍ଷିତ ମହଲରେ ଅନେକେ ଜାଣନ୍ତି ନାହିଁ। ସେ ଆମ ପାଇଁ ଓଡ଼ିଆ ଭାଷାର ଭଣ୍ଡାର ରଖି ଜୀବନତମାମ ନିଜ ବ୍ୟକ୍ତିଗତ ସୁଖସୁବିଧା ଖୋଜି ନ ଥିଲେ। କିନ୍ତୁ ତାଙ୍କର ପ୍ରତିମୂର୍ତ୍ତି କେଉଁଠାରେ ଦେଖିବାକୁ ମିଳେ କି? ଅବଶ୍ୟ ତାଙ୍କ ସମ୍ମାନାର୍ଥେ କଟକରେ ଭାଷାକୋଷ ଲେନ୍‌ର ନାମକରଣ ହୋଇଛି। ଏଣୁ ମୋ ମତରେ ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ସ୍ଥାପନ ପରେ ତାଙ୍କର ଏକ ପ୍ରତିମୂର୍ତ୍ତି ସେଠାରେ ରହୁ।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



କର୍ନାଟକର ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଡି.କେ. ଶିବକୁମାର ନୂଆଦିଲ୍ଲୀର ରାମ ମନୋହର ଲୋହିଆ ହସ୍ପିଟାଲରୁ ଡିସ୍‌ଚାର୍ଜ ହେବା ପରେ ତାଙ୍କୁ ଗୁରୁବାର ତିହାର ଜେଲକୁ ପଠାଇ ଦିଆଯାଇଛି। ମନିଲଣ୍ଡରିଂ ମାମଲାରେ ଗତ ୩ ତାରିଖରେ ଗିରଫ ହେବା ପରେ ଅକ୍ଟୋବର ୧ ପର୍ଯ୍ୟନ୍ତ ତାଙ୍କୁ ବିଚାରବିଭାଗୀୟ ହାଜତରେ ରଖାଯିବା ଲାଗି ଦିଲ୍ଲୀର ଏକ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଶିବକୁମାରଙ୍କ ବିରୋଧରେ ଅଣାଯାଇଥିବା ମାମଲାର ତଦନ୍ତ ଜାରି ରହିଛି।



# ମହାରାଷ୍ଟ୍ରରେ ନିର୍ବାଚନୀ ବିଗୁଲ୍ ବଜାଇଲେ ମୋଦି



■କଶ୍ମୀରକୁ ନୂତନ ସ୍ୱର୍ଗରେ ପରିଣତ କରିବାକୁ ସହଯୋଗ ଲୋଡ଼ିଲେ

■ପାକିସ୍ତାନ ମନ୍ତବ୍ୟ ପାଇଁ ପାୱାରଙ୍କ ଉପରେ ବର୍ଷିଲେ

**ନାଶିକ୍,୧୯।୯(ପି.ଟି.):** ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଆସନ୍ତା ମାସରେ ହେବାକୁ ଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ସେଠାରେ ଭାଜପା ପାଇଁ ପ୍ରଚାରର ଶୁଭାରମ୍ଭ କରିଛନ୍ତି। ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାରଙ୍କ ପାକିସ୍ତାନ ସପକ୍ଷବାଦୀ ମନ୍ତବ୍ୟ ପାଇଁ ମୋଦି ତାଙ୍କ ଉପରେ ବର୍ଷିଛନ୍ତି। ଅତୀତରେ ରାଜନୈତିକ ଅସ୍ଥିରତା ପାଇଁ ରାଜ୍ୟ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲା। ଭାଜପା ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ପାଇ ନ ଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ୫ ବର୍ଷର ସ୍ଥିର ସରକାର ଦେଇପାରିଥିବାରୁ ପ୍ରଧାନମନ୍ତ୍ରୀ ତାଙ୍କର ଉଚ୍ଚପ୍ରଶଂସା କରିଥିଲେ।

ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ସମ୍ପର୍କରେ ମୋଦି କହିଥିଲେ, ଏହା ୧୩୦ କୋଟି ଭାରତୀୟଙ୍କ ଇଚ୍ଛା ଥିଲା। କଶ୍ମୀରକୁ ନୂଆ ସ୍ୱର୍ଗରେ ପରିଣତ କରିବା ତାଙ୍କର ସ୍ୱପ୍ନ। ଏହାକୁ ପୂରଣ କରିବା ପାଇଁ ସେ ଅନ୍ୟମାନଙ୍କ ସହଯୋଗ ଲୋଡ଼ିଥିଲେ। ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ୩୭୦ ଉଚ୍ଛେଦ ନିଷ୍ପତ୍ତି ପାଇଁ ବିରୋଧୀ ଦଳ ସରକାରଙ୍କୁ ସମର୍ଥନ କରିବା ପରିବର୍ତ୍ତେ ହୀନ ରାଜନୈତିକ ଉଦ୍ଦେଶ୍ୟ ରଖି ସମାଲୋଚନା କରୁଛନ୍ତି। ରାହୁଲ ଗାନ୍ଧୀଙ୍କ ନାଁ ନ ନେଇ ମୋଦି କହିଥିଲେ, କଂଗ୍ରେସ ନେତାଙ୍କ ମନ୍ତବ୍ୟକୁ ଅନ୍ୟ ଦେଶ ଓ ଆତଙ୍କବାଦୀ ସଂଗଠନ ଭାରତ ବିରୋଧରେ ବ୍ୟବହାର କରୁଛନ୍ତି। ପାୱାରଙ୍କ ଭଳି ଅଭିଜ୍ଞ ନେତା ଭୋଟ ପାଇଁ ଭୁଲ୍ ମନ୍ତବ୍ୟ ଦେବା ତାଙ୍କୁ ଦୁଃଖିତ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ଅଯୋଧ୍ୟା ଜମି ବିବାଦ ମାମଲା ସୁପ୍ରିମକୋର୍ଟଙ୍କ ବିଚାରାଧୀନ ଥିବାରୁ ଏହା ଉପରେ ମନ୍ତବ୍ୟ ପ୍ରଦାନରୁ ଦୂରେଇ ରହିବାକୁ ପ୍ରଧାନମନ୍ତ୍ରୀ ରାଜନେତାମାନଙ୍କୁ ପରାମର୍ଶ ଦେଇଛନ୍ତି। ସେ କାହା ନାଁ ନେଇ ନ ଥିଲେ ହେଁ ଶିବସେନାକୁ ଲକ୍ଷ୍ୟ କରି ଏହା କହିଥିବା ଚର୍ଚ୍ଚା ହେଉଛି। ପ୍ରକାଶ ଯେ, ୩୭୦ ଉଚ୍ଛେଦ ଭଳି ରାମମନ୍ଦିର ନିର୍ମାଣ ଲାଗି ମୋଦି ସରକାର ସାହସିକ ପଦକ୍ଷେପ ନେବାକୁ ଶିବସେନା ମୁଖ୍ୟ ଉଦ୍ଧବ ଠାକ୍‌ରେ ଗତ ସୋମବାର କହିଥିଲେ।

## ଶାହଙ୍କୁ ଭେଟିଲେ ମମତା



■ ଉଠାଇଲେ ଏନ୍‌ଆର୍‌ସି ପ୍ରସଙ୍ଗ

■ ନରମ ଆଭିମୁଖ୍ୟକୁ ନେଇ ଚର୍ଚ୍ଚା

**ନୂଆଦିଲ୍ଲୀ, ୧୯।୯(ପି.ଟି.):** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହଙ୍କୁ ଭେଟି ଆସାମ ଏନ୍‌ଆର୍‌ସି ନେଇ ଆଲୋଚନା କରିଛନ୍ତି। ବହୁ ବେଙ୍ଗଲୀ, ବିହାରୀ, ଗୋର୍ଖା ଓ ଆସାମୀ ସମ୍ପ୍ରଦାୟର ଲୋକେ ଆସାମ ଏନ୍‌ଆର୍‌ସିରୁ ବାଦ୍ ପଡ଼ିଥିବା ସେ ଅବଗତ କରାଇଛନ୍ତି। ଏଥିରେ ହସ୍ତକ୍ଷେପ କରି ସେମାନଙ୍କ ଦୁଃଖ ବୁଝିବାକୁ ସେ ଶାହଙ୍କୁ ଅନୁରୋଧ କରିଛନ୍ତି। ମମତାଙ୍କଠାରୁ ସବୁ ଶୁଣିବା ପରେ ଏ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶାହ ମତ ଦେଇଛନ୍ତି। ଖବରଦାତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ମମତା କହିଛନ୍ତି, ପଶ୍ଚିମବଙ୍ଗରେ ଏନ୍‌ଆର୍‌ସି ଲାଗୁ କରାଯିବାର କୌଣସି ଆବଶ୍ୟକତା ନାହିଁ। ଏନ୍‌ଡିଏର ଘୋର ବିରୋଧୀଭାବେ ପରିଚିତ ଟିଏମ୍‌ସି ମୁଖ୍ୟ ମମତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବାର ଦିନକ ପରେ ଶାହଙ୍କୁ ସାକ୍ଷାତ କରିଛନ୍ତି। କୋଲକାତାର ପୂର୍ବତନ ପୋଲିସ କମିଶନର ରାଜୀବ କୁମାରଙ୍କ ପଛରେ ସିବିଆଇ ଧାଉଁଥିବାବେଳେ ମମତାଙ୍କ କେନ୍ଦ୍ର ବିରୋଧୀ ଆଭିମୁଖ୍ୟ ନରମ ହୋଇଥିବା ବିଶ୍ଳେଷକମାନେ କହୁଛନ୍ତି।

## ରାଜୀବଙ୍କୁ ଗୋଡ଼ାଉଛି ସିବିଆଇ

**କୋଲକାତା,୧୯।୯(ପି.ଟି.)**

ସାରଦା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ ସମ୍ପୃକ୍ତ କୋଲକାତାର ପୂର୍ବତନ ପୋଲିସ କମିଶନର ରାଜୀବ କୁମାରଙ୍କୁ ସିବିଆଇ ସାନି ନୋଟିସ ଜାରି କରି ଶୁକ୍ରବାର ହାଜର ହେବାକୁ ନିର୍ଦ୍ଦେଶ ଦେଇଛି। କୋଲକାତାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ତାଙ୍କୁ ନ ପାଇବା



ପରେ ଗିରଫ ପରୱାନା ଜାରି ପାଇଁ ସିବିଆଇ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଏହା ପୂର୍ବରୁ ସିବିଆଇ ଟିମ୍ ଆଲିପୁରସ୍ଥିତ ଆଇପିଏସ୍ ଅଫିସରଙ୍କ ମେସ୍ ଏବଂ ଇଏମ୍ ବାଇପାସ୍‌ରେ ଥିବା ପଞ୍ଚତାରକା ହୋଟେଲରେ ଖୋଜାଖୋଜି କରିଥିଲା। ପଶ୍ଚିମବଙ୍ଗ ପୋଲିସ ମହାନିର୍ଦ୍ଦେଶକଙ୍କୁ ପତ୍ର ଲେଖି ତଦନ୍ତକାରୀ ସଂସ୍ଥା ରାଜୀବ କୁମାରଙ୍କ ଫୋନ ନମ୍ବର ମାଗିଥିବା ଜଣାପଡ଼ିଛି। ୧୯୮୯ ବ୍ୟାଚ୍‌ର ଆଇପିଏସ୍ ଅଫିସର ରାଜୀବ କୁମାରଙ୍କୁ ଖୋଜି ବାହାର କରିବା ଲାଗି ସିବିଆଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଛି। ଗତ ଶୁକ୍ରବାର କୋଲକାତା ହାଇକୋର୍ଟ ରାଜୀବଙ୍କୁ ଗିରଫଦାରିରୁ ସୁରକ୍ଷା ଦେବାକୁ ମନା କରିଦେବା ପରେ ସିବିଆଇ ତାଙ୍କୁ ଜେରା ପାଇଁ ନୋଟିସ ଜାରି କରିଥିଲା। ତେବେ ସେ ସିବିଆଇରେ ହାଜର ନ ହୋଇ ନୋଟିସକୁ ଏଡ଼ାଇଯାଇଥିଲେ।


## ଚିଦାମ୍ବରମଙ୍କ ହାଜତ ମିଆଦ ୩କୁ ବୃଦ୍ଧି

**ନୂଆଦିଲ୍ଲୀ,୧୯।୯(ପି.ଟି.)** ଆଇଏନ୍‌ଏକ୍ସ ମିଡିଆ ଦୁର୍ନୀତି ମାମଲାରେ ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ ଅକ୍ଟୋବର ୩ ପର୍ଯ୍ୟନ୍ତ ତିହାର ଜେଲରେ ରହିବେ। ତଦନ୍ତ ପ୍ରକ୍ରିୟା ଜାରି ରହିଥିବାରୁ ତାଙ୍କ ହାଜତ



ମିଆଦକୁ ଗୁରୁବାର ଦିଲ୍ଲୀର ଏକ ଅଦାଲତ ଆଉ ୧୪ ଦିନ ବୃଦ୍ଧି କରିଛନ୍ତି। ଗୁରୁବାର ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସିବିଆଇର ଅନୁରୋଧକ୍ରମେ ତାଙ୍କ ହାଜତ ମିଆଦକୁ ବୃଦ୍ଧି କରାଯାଇଛି। ସେ ବିଭିନ୍ନ ରୋଗରେ ପୀଡ଼ିତ ଥିବା ତାଙ୍କ ଓକିଲ ଜଣାଇବା ପରେ ଡାକ୍ତରୀ ପରୀକ୍ଷା ପାଇଁ ଅନୁମତି ଦିଆଯାଇଛି। ତାଙ୍କର ମେଡିକାଲ ଦସ୍ତାବିଜ ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ପାଖକୁ ପଠାଯିବ ଏବଂ ଆବଶ୍ୟକ ପଡ଼ିଲେ ଏମ୍ସ, ସଫଦରଜଙ୍ଗ କିମ୍ବା ରାମମନୋହାର ଲୋହିଆ ହସ୍ପିଟାଲରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି କୋର୍ଟ କହିଛନ୍ତି। ଚିଦାମ୍ବରମଙ୍କ ମେରୁଦଣ୍ଡରେ ଯନ୍ତ୍ରଣା ହେଉଥିବାରୁ ତାଙ୍କୁ ଜେଲ୍‌ରେ ଚୌକି ଓ ତକିଆ ଯୋଗାଇ ଦେବାକୁ ଅଦାଲତ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ୨୧ରେ ପୂରିବ ବିକ୍ରମ ଆୟୁଷ



ନାସା ଉଠାଇଲା ଅବତରଣ ସ୍ଥାନର ଫଟୋ

**ହ୍ୟୁଷ୍ଟନ,୧୯।୯** ଭାରତର ଦ୍ୱିତୀୟ ଚନ୍ଦ୍ର ମିଶନ ଚନ୍ଦ୍ରୟାନ-୨ର ଲ୍ୟାଣ୍ଡର ବିକ୍ରମର ଆୟୁଷ ଆଉ ମାତ୍ର ଦୁଇଦିନ ବାକି। ବିକ୍ରମ ସୂକ୍ଷ୍ମ ଅବତରଣ କରିବାରେ ବିଫଳ ହେବା ପରେ ଏହାସହ କୌଣସି ପ୍ରକାର ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ। ସମ୍ପର୍କ ପୁନଃ ସ୍ଥାପନ ପାଇଁ ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସା ପକ୍ଷରୁ ମଧ୍ୟ ଉଦ୍ୟମ କରାଯାଇଥିଲା, ଯାହାକି ବିଫଳ ହୋଇଛି। ତେବେ ଚନ୍ଦ୍ରର ଯେଉଁ ଅଞ୍ଚଳରେ ବିକ୍ରମ ହାର୍ଡଲ୍ୟାଣ୍ଡିଂ କରିଥିଲା ସେଠାର ଫଟୋ ନାସାର ମୁନ୍ ଅର୍ବିଟର ଉଠାଇଛି। ଲୁନାର ରିକୋନିସାନ୍ସ ଅର୍ବିଟର (ଏଲ୍‌ଆର୍‌ଓ) ମଙ୍ଗଳବାର ଚନ୍ଦ୍ରର ଦକ୍ଷିଣ ମେରୁରେ ବିକ୍ରମ ଅବତରଣ କରିଥିବା ସ୍ଥାନର ଫଟୋ ଉଠାଇଛି। ସେହି ଫଟୋଗୁଡ଼ିକୁ ପ୍ରୋସେସିଂ କରାଯାଉଛି ବୋଲି ନାସା ପକ୍ଷରୁ ସ୍ପଷ୍ଟ କରାଯାଇଛି। ଇସ୍ରୋ ଗତ ୭ ରାତିରେ ବିକ୍ରମକୁ ଚନ୍ଦ୍ରର ଦକ୍ଷିଣ ମେରୁରେ ସୂକ୍ଷ୍ମାବତରଣ ପାଇଁ ଉଦ୍ୟମ କରି ବିଫଳ ହୋଇଥିଲା। ବିକ୍ରମର ଆୟୁଷ ହେଉଛି ୧୪ ଦିନ ଅର୍ଥାତ୍ ଆସନ୍ତା ୨୧ରେ ଶେଷ ହେବ। ପୃଥିବୀରେ ୧୪ ଦିନ ସମାନ ଚନ୍ଦ୍ରରେ ଦିନେ। ଏହି ଅବଧି ପୂରଣ ହେବା ପରେ ବିକ୍ରମ ପଡ଼ିରହିଥିବା ଅଞ୍ଚଳରେ ରାତି ହୋଇଯିବ। ସୂର୍ଯ୍ୟଙ୍କ ଅନୁପସ୍ଥିତିରେ ସେଠାକାର ତାପମାତ୍ରା ବିୟୁକ୍ତ ୨୦୦ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ଖସିଯିବ। ବିକ୍ରମକୁ ଏଭଳି ସ୍ଥିତିରେ କାମ କରିବା ଭଳି ଉପାୟରେ ବିକଶିତ କରାଯାଇ ନ ଥିବାରୁ ଏହାର ଉପକରଣଗୁଡ଼ିକ ସବୁଦିନ ପାଇଁ ଅକାମୀ ହୋଇଯିବ।



## ଟ୍ରେନ୍ ଧକ୍କାରେ ୬୦ରୁ ଊର୍ଦ୍ଧ୍ୱ ଛେଳିମେଣ୍ଢା ମୃତ

ଖଲ୍ଲିକୋଟ,୧୯।୯(ଡି.ଏନ୍.ଏ.): ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ଓଡିଆ ଆଲପୁର ପଞ୍ଚାୟତ ଗୁରାପଲ୍ଲୀ ଗ୍ରାମ ନିକଟସ୍ଥ ରେଲଧାରଣାରେ ଫାଲକ୍‌ନାମା ଏକ୍ସପ୍ରେସ ଧକ୍କାରେ ଗୁରୁବାର ଅପରାହ୍ନରେ ୬୦ରୁ ଊର୍ଦ୍ଧ୍ୱ ଛେଳିମେଣ୍ଢାଙ୍କ ମୃତ୍ୟୁ ଘଟିଛି। ଗୁରାପଲ୍ଲୀ ଗ୍ରାମ ପାଖ ଦେଇ ପୂର୍ବତଟ ରେଳ ଲାଇନ୍ ଯାଇଛି। ଅପରାହ୍ନ ପ୍ରାୟ ସାଢେ ୪ଟାରେ ଛେଳି ମେଣ୍ଢା ପଲ ଟ୍ରେନ୍ ଲାଇନ ପାରି ହେଉଥିବାବେଳେ ଦ୍ରୁତଗତିରେ ବ୍ରହ୍ମପୁର ଅଭିମୁଖେ ଆସୁଥିବା ଫାଲକ୍‌ନାମା ଏକ୍ସପ୍ରେସ ସେମାନଙ୍କ ଉପରେ ଚଢି ଚାଲିଯାଇଥିଲା। ଟ୍ରେନ୍ ଲାଇନ ରକ୍ତ ରଞ୍ଜିତ ହୋଇ ପଡିଥିବାବେଳେ ବହୁ ଛେଳିମେଣ୍ଢା କଟିଯାଇଥିଲେ।

## ସଂକ୍ଷେପରେ

### ନୀହାରିକା ହତ୍ୟା ମାମଲା
### ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା

**ଜଗତ୍‌ସିଂହପୁର ଅଫିସ, ୧୯।୯:** ଜଗତ୍‌ସିଂହପୁର ଜିଲା ବିରିଡ଼ି ଥାନା ଅନ୍ତର୍ଗତ ବିଲୁଆଖାଇ ନଦୀପଠାରୁ ନର୍ସ ନୀହାରିକା ପାତ୍ରଙ୍କ ମୃତଦେହ ଉଦ୍ଧାର ହେବା ଘଟଣାକୁ ନେଇ ଲାଗିରହିଥିବା ରହସ୍ୟ ଖୁବ୍‌ଶୀଘ୍ର ପର୍ଦାଫାଶ ହେବାକୁ ଯାଉଛି। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ନୀହାରିକାଙ୍କ ପ୍ରେମିକ ହାଜିପୁରର କିଶୋର ଚନ୍ଦ୍ର ଆଁଖଲଙ୍କୁ ପୋଲିସ ଦିନେ ଦୁଇଦିନ ମଧ୍ୟରେ ଗିରଫ କରିପାରେ। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସେ କେଉଁଠି ରହୁଛନ୍ତି ତାହା ପୋଲିସକୁ ସୂଚନା ମିଳିଛି। ଅନ୍ୟପକ୍ଷରେ ନିହାରିକାଙ୍କୁ କଟକ ଅଞ୍ଚଳରେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ସେଠାରେ ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇ ଏକ ଅଖାରେ ଭର୍ତ୍ତି କରି ବିଲୁଆଖାଇ ନଦୀରେ ଭସାଇ ଦିଆଯାଇଥିବା କୁହାଯାଉଛି। ନିହାରିକାଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇଥିଲେ ମଧ୍ୟ ରିପୋର୍ଟ ମିଳିପାରିନାହିଁ। ଶୁକ୍ରବାର ଏହି ରିପୋର୍ଟ ମିଳିଲା ପରେ ଅନେକ ତଥ୍ୟ ମିଳିବ ବୋଲି ପୋଲିସ କହିଛି। ମୃତଦେହ ଚିହ୍ନଟ ପାଇଁ ଡିଏନ୍ଏ ପରୀକ୍ଷା ନିମନ୍ତେ ନୀହାରିକାଙ୍କ ମା ପ୍ରତିମା ଓ ବାପା ଗଗନଙ୍କ ରକ୍ତ ନମୁନା ସଂଗ୍ରହ ହେବ।

### ଟିଗିରିଆରେ ହେବ ଆଦର୍ଶ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟ ଗବେଷଣା କେନ୍ଦ୍ର

**ଭୁବନେଶ୍ୱର, ୧୯।୯(ବ୍ୟୁରୋ):** କଟକ ଜିଲା ଟିଗିରିଆଠାରେ ଖୁବ୍‌ଶୀଘ୍ର ଏକ ଆଦର୍ଶ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟ ଗବେଷଣା କେନ୍ଦ୍ର (ମଡେଲ୍ ରୁରାଲ୍ ହେଲ୍‌ଥ ରିସର୍ଚ୍ଚ ୟୁନିଟ୍) କାର୍ଯ୍ୟକ୍ଷମ ହେବ। ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗୁରୁବାର ଏହି ସୂଚନା ଦେଇଛନ୍ତି। ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ଗବେଷଣା କରିବା ଲକ୍ଷ୍ୟରେ ଏହି କେନ୍ଦ୍ରଟି ପ୍ରତିଷ୍ଠା କରାଯାଉଛି। ଗବେଷଣା କେନ୍ଦ୍ରର କୋଠାବାଡ଼ି ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଛି। ଏଥିରେ ଆବଶ୍ୟକ କର୍ମଚାରୀମାନଙ୍କୁ ନିୟୋଜିତ କରାଯାଉଥିବା ଜଣାପଡିଛି। କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ଏହି ପ୍ରକଳ୍ପ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ଅବଗତି ନିମନ୍ତେ ମଡେଲ୍ ରୁରାଲ୍ ହେଲ୍‌ଥ ରିସର୍ଚ୍ଚ ୟୁନିଟ୍‌ରେ ମିଳିବାକୁ ଥିବା ସୁବିଧା ସୁଯୋଗ ସମ୍ପର୍କରେ ବିବରଣୀ ପୁସ୍ତିକା ପ୍ରକାଶ କରିବା ପାଇଁ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ପ୍ରସ୍ତାବ ଦେଇଛନ୍ତି। ଟିଗିରିଆରେ ସର୍ଭିକାଲ୍ କ୍ୟାନ୍‌ସର ରୋଗର ଆଗୁଆ ନିରୂପଣ ଦିଗରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ବର୍ତ୍ତମାନ ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ-ରିଜିଓନାଲ୍ ମେଡିକାଲ୍ ରିସର୍ଚ୍ଚ ସେଣ୍ଟର, ଭୁବନେଶ୍ୱର ପକ୍ଷରୁ ଟିଗିରିଆ ଓ ଆଠଗଡ଼ଠାରେ ହେଲ୍‌ଥ ଡେମୋଗ୍ରାଫିକ୍ ସର୍ଭେଲାନ୍ସ ସିଷ୍ଟମ୍ ପ୍ରତିଷ୍ଠା ନିମନ୍ତେ ଯୋଜନା ପ୍ରସ୍ତୁତ କରାଯାଉଥିବା ଜଣାପଡ଼ିଛି। ଏଥି ସହିତ ଆଇସିଏମ୍‌ଆର୍-ଆର୍‌ଏମ୍‌ଆର୍‌ଏସ୍, ଭୁବନେଶ୍ୱରର ବୈଜ୍ଞାନିକ ପରାମର୍ଶଦାତା କମିଟି ସ୍ଥାନୀୟ ଆବଶ୍ୟକତାକୁ ନେଇ ୧୬ଟି ବିଭିନ୍ନ ପ୍ରକଳ୍ପକୁ ମଞ୍ଜୁରୀ ଦେଇଥିବାବେଳେ ବର୍ତ୍ତମାନ ୫ଟି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି।

### ଓସା ନିର୍ବାଚନ: ଗୃହ ପ୍ରମୁଖ ସଚିବଙ୍କୁ କର୍ମଚାରୀଙ୍କ ଦାବିପତ୍ର

**ଭୁବନେଶ୍ୱର, ୧୯।୯(ବ୍ୟୁରୋ):** ଓଡ଼ିଶା ସଚିବାଳୟ ସେବା ସଂଘ(ଓସା)ର ନିର୍ବାଚନ ବିଳମ୍ବ ନେଇ କର୍ମଚାରୀ ମହଲରେ ଆଲୋଡ଼ନ ସୃଷ୍ଟି ହୋଇଛି। ଦୁଇ ବର୍ଷ ପୂର୍ବେ ନିର୍ବାଚିତ ପ୍ରତିନିଧିଙ୍କ କାର୍ଯ୍ୟକାଳ ସରିଯାଇଛି। ହେଲେ ପରବର୍ତ୍ତୀ ନିର୍ବାଚନ ନେଇ କୌଣସି ପ୍ରକ୍ରିୟା ଏଯାଏ ଦେଖିବାକୁ ମିଳିନାହିଁ। ସେହିପରି କାର୍ଯ୍ୟକାଳ ସରିବା ପରେ ସଂଘର ସଭାପତି, ସମ୍ପାଦକ ତଥା ଅନ୍ୟାନ୍ୟ ପଦବୀରେ କାର୍ଯ୍ୟ ଜାରି ରଖିବା ପାଇଁ ସଂଘର ସାଧାରଣ ପରିଷଦ ବୈଠକର ଅନୁମତି ଆବଶ୍ୟକ ହୋଇଥାଏ। ମାତ୍ର ସେପରି କିଛି ପ୍ରକ୍ରିୟା ଓସା ଦ୍ୱାରା ଅନୁପାଳନ କରାଯାଇ ନ ଥିବା କେତେକ କର୍ମଚାରୀ ଅଭିଯୋଗ କରିଛନ୍ତି। ଏପରି ପରିସ୍ଥିତି ପୂର୍ବରୁ କେବେ ଉପୁଜି ନ ଥିବା କର୍ମଚାରୀମାନେ କହିଛନ୍ତି। ତେଣୁ ତୁରନ୍ତ ନିର୍ବାଚନ ପାଇଁ ନିୟମ ଅନୁଯାୟୀ ପଦକ୍ଷେପ ନେବା ଲାଗି କର୍ମଚାରୀମାନେ ଗୃହ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ ଚୋପ୍ରାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ରରେ ସଚିବାଳୟର ୧୨୪୨ ଜଣଙ୍କ ସ୍ୱାକ୍ଷର ରହିଥିବା ଜଣାଯାଇଛି। ସରକାରୀ ସ୍ୱୀକୃତି ଥିବା ଓସା ଏକ ପ୍ରତିଷ୍ଠିତ ଫୋରମ୍। ଏହାର ପରିଚାଳନା ପାଇଁ ସ୍ୱତନ୍ତ୍ର ଆଇନ ବହି(ବାଇ-ଲ) ମଧ୍ୟ ରହିଛି। ତେଣୁ ଏପରି ଏକ ପ୍ରତିଷ୍ଠିତ ସଂଘର ନିୟମିତ ସମୟରେ ନିର୍ବାଚନ ନ ହେବା ଦୁର୍ଭାଗ୍ୟଜନକ ବୋଲି ଅନେକେ ମତ ଦେଇଛନ୍ତି। ଓସା ନିର୍ବାଚନ ବିଳମ୍ବ ହେବା ସମ୍ପର୍କରେ ଧରିତ୍ରୀରେ ଗତ ୨୬ ଅଗଷ୍ଟରେ ଏକ ଖବର ପ୍ରକାଶିତ ହୋଇଥିଲା।

## ଅନୁପ୍ରବେଶକାରୀଙ୍କୁ ସହଯୋଗ ଦେଇଛନ୍ତି ରାଜନେତା

# ହଇରାଣ ହୋଇପାରନ୍ତି ମୂଳବାସିନ୍ଦା

ଭୁବନେଶ୍ୱର,୧୯।୯(ବ୍ୟୁରୋ)

ଭାରତରେ ରହୁଥିବା ବେଆଇନ ପ୍ରବାସୀଙ୍କୁ ଚିହ୍ନଟ କରି ବିଦା କରାଯିବ। ଏଥିଲାଗି ଜାତୀୟ ନାଗରିକ ପଞ୍ଜିକା(ଏନ୍‌ଆର୍‌ସି) ସାରା ଦେଶରେ ଲାଗୁ କରାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ବୁଧବାର ସୂଚନା ଦେଇଛନ୍ତି। ପୂର୍ବରୁ କେନ୍ଦ୍ର ସରକାର ଏହି ନିୟମ ଆସାମରେ ଲାଗୁ କରି ସାରିଛନ୍ତି। ଆସାମର ଚୂଡାନ୍ତ ତାଲିକା ପ୍ରକାଶ ପାଇବା ପରେ ସେଥିରେ ୧୯ଲକ୍ଷ ୬ ହଜାର ୬୫୭ଜଣଙ୍କ ନାମ ନ ଥିଲା। ଏପରି କି ଉକ୍ତ ତାଲିକାରେ ସେନାରେ କାର୍ଯ୍ୟ କରୁଥିବା ବିମଳ ଚୌଧୁରୀଙ୍କ ନାମ ମଧ୍ୟ ବାଦ୍ ପଡିଥିଲା। ଅର୍ଥାତ୍ ଆବଶ୍ୟକ ଦସ୍ତାବିଜ୍ ଦେଖାଇ ନ ପାରିଲେ ମୂଳ ବାସିନ୍ଦାଙ୍କୁ ମଧ୍ୟ ହଇରାଣ ହେବାକୁ ପଡ଼ିଛି। ଶାହଙ୍କ ନୂଆ ସୂଚନା ଅନୁସାରେ ଆସାମ ପରେ ଯଦି ଓଡିଶାରେ ଏନ୍‌ଆରସି ଲାଗୁ କରିବା ପାଇଁ ସ୍ଥିର କରାଯାଏ ତେବେ କ'ଣ ସବୁ ସ୍ଥିତି ସୃଷ୍ଟି ହେବ ସେନେଇ ବିଭିନ୍ନ ପ୍ରଶ୍ନ ଉଙ୍କିମାରିଲାଣି।

ମିଳିଥିବା ସୂଚନା ମୁତାବକ ଓଡ଼ିଶାରେ ଲକ୍ଷ ଲକ୍ଷ ଅନୁପ୍ରବେଶକାରୀ ରହୁଛନ୍ତି। ଆଉ ସରକାରଙ୍କ ପକ୍ଷରୁ ଆବଶ୍ୟକ ପଡୁଥିବା ଦସ୍ତାବିଜ୍ ମଧ୍ୟ ଏହି ଅନୁପ୍ରବେଶକାରୀମାନେ ଏକପ୍ରକାର ପ୍ରସ୍ତୁତ କରି ସାରିଥିବା ଜଣାପଡ଼ିଛି। ଏପରି କି ଏହି ଅନୁପ୍ରବେଶକାରୀଙ୍କୁ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ନିଜର ଭୋଟବ୍ୟାଙ୍କ ଭାବି ସେମାନଙ୍କ ଭୋଟର କାର୍ଡ କରାଇଦେବା ସହ ସେମାନଙ୍କୁ ସ୍ଥାନୀୟ ବାସିନ୍ଦା ଭାବେ ସ୍ଥାନ ଦେଇଛନ୍ତି। ଯାହାଦ୍ୱାରା ସେମାନେ ସରକାରଙ୍କ ବହୁ ଯୋଜନାର ଫାଇଦା ପାଇ ଆସୁଛନ୍ତି। ଅନ୍ୟପଟେ ଯଦି ଦେଖାଯାଏ ଏନ୍‌ଆରସି ପାଇଁ ଆବଶ୍ୟକ ଦସ୍ତାବିଜ ଅନୁପ୍ରବେଶକାରୀ ଉପସ୍ଥାପିତ କରି ନ ପାରନ୍ତି ତେବେ ବହୁ ଭାରତୀୟ ମଧ୍ୟ ଏହା ଦେଖାଇବାରେ ଅକ୍ଷମ ହେବେ। ସାଧାରଣତଃ ୧୯୭୧ ପୂର୍ବରୁ ଜମିଜମା ଦସ୍ତାବିଜର ପ୍ରମାଣ ପତ୍ର ଦେଖିବାକୁ ଗଲେ ଅଧିକାଂଶ ଲୋକଙ୍କ ନିକଟରେ ରହୁନାହିଁ। ପୁରାତନ ଜମିପଟ୍ଟା ରାଜସ୍ୱ ବନ୍ଦୋବସ୍ତ ଯୋଗୁ ବଦଳୁଥିବାରୁ ତାହା ମଧ୍ୟ ଦେଖାଇ ହେବନାହିଁ। ସେହିପରି ନିକଟରେ ହୋଇଥିବା ଫନୀ ଏବଂ ପୂର୍ବରୁ ହୋଇଥିବା ବନ୍ୟା, ବାତ୍ୟା ଫଳରେ ବହୁ ଗ୍ରାମାଞ୍ଚଳର ଲୋକ ସେମାନଙ୍କ ଦଲିଲ୍ ହଜାଇ ଦେଇଛନ୍ତି। ତେଣୁ ଏହି ଗ୍ରାମବାସୀ ନିଜ ଜାତୀୟତାର ପ୍ରମାଣ ଦେବା ପାଇଁ ହଇରାଣ ହୋଇପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି। ଏନେଇ ମହାକାଳପଡା ବ୍ଲକ ବଟୀଘର ପଞ୍ଚାୟତର କଜଳପାଟିଆ ଗ୍ରାମର ପ୍ରଫୁଲ୍ଲ ମଣ୍ଡଳ କହିଛନ୍ତି, ପାକିସ୍ତାନରୁ ତାଙ୍କ ବାପା ଆସିଥିଲେ। ୧୯୮୫ରୁ ୧୯୯୦ ମଧ୍ୟରେ ସେ ଓଡ଼ିଶା ଆସିଛନ୍ତି। ଏହାପରେ ସେ ଭୋଟର କାର୍ଡ ପାଇଥିଲେ। ଏପରି କି ସରକାରୀ ଯୋଜନା



ତଥା ରାଶନ କାର୍ଡରେ ଚାଉଳ, କିରୋସିନ ସାଙ୍ଗକୁ ଭତ୍ତା ମଧ୍ୟ ନେଉଥିଲେ। ମାତ୍ର କିଛିଦିନ ହେବ ତାଙ୍କ ଭୋଟର କାର୍ଡ କାଟି ଦିଆଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଯଦି ରାଜ୍ୟରେ ଏନ୍‌ଆରସି ଲାଗୁ କରାଯାଏ ତେବେ ସେମାନେ କ'ଣ କରିବେ ନିଷ୍ପତ୍ତି ନେଇ ନ ଥିବା କହିଛନ୍ତି। ସେହିପରି କଜଳପାଟିଆ ଗ୍ରାମର ନରେଶ ମଣ୍ଡଳ ମଧ୍ୟ ସମାନ କଥା କହିଛନ୍ତି। ସେ ପୂର୍ବରୁ ଭୋଟର କାର୍ଡ ପାଇଥିବା ବେଳେ ଏବେ ତାକୁ କାଟି ଦିଆଯାଇଛି। ସେହିପରି ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଭାସ୍କର ବେରା କହିଛନ୍ତି, ୬୫ ବର୍ଷ ତଳେ ତାଙ୍କ ବାପା ଭାଗଚାଷୀ ଭାବେ ଓଡିଶାକୁ ଆସିଥିଲେ। ଏଠାରେ ସେ ଜମିବାଡି କିଣି ସ୍ଥାୟୀ ବାସିନ୍ଦା ହୋଇସାରିଛନ୍ତି। ଏଠାରେ ପଞ୍ଚାୟତ ନିର୍ବାଚନଠାରୁ ଆରମ୍ଭ କରି ସାଧାରଣ ନିର୍ବାଚନରେ ମଧ୍ୟ ଭୋଟ ଦେଇଛନ୍ତି। ସରକାରଙ୍କ ସବୁ ଯୋଜନାର ସୁବିଧା ପାଉଛନ୍ତି। ତେଣୁ ଯଦି ରାଜ୍ୟରେ ଏନ୍‌ଆରସି ଲାଗୁ କରାଯାଏ ତେବେ କିଛି ଫରକ ପଡିବ ନାହିଁ ବୋଲି ଭାସ୍କର କହିଛନ୍ତି।

ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ କହିଛନ୍ତି, ଏନ୍‌ଆରସି ଲାଗୁ ହେଲେ ବିଦେଶୀ ଅନପ୍ରବେଶୀ ଯେଉଁମାନେ ରାଜ୍ୟରେ ରହିଛନ୍ତି ସେମାନେ ଧରାପଡ଼ିଯିବେ। ପୋଲିସ ଏଥିପାଇଁ ସହଯୋଗ ଯୋଗାଇ ଦେବାକୁ ଏକପ୍ରକାର ଚେଷ୍ଟା ଚଳାଇଛି। ସେ ଏସ୍‌ଆର୍‌ସି ଥିବାବେଳେ କେନ୍ଦ୍ରାପଡ଼ା ଜିଲାର ଦୁଇଜଣ ବରିଷ୍ଠ ନେତା ସେତେବେଳେ ସେହି ବିଦେଶୀଙ୍କୁ ଭୋଟର କାର୍ଡ କରାଇବା ସହିତ ରାଜ୍ୟ ସରକାରଙ୍କ ପାଣ୍ଠିରୁ ସେମାନଙ୍କୁ ଟଙ୍କା ଦେଇଥିଲେ। ସେମାନଙ୍କୁ ଏହି ରାଜନେତାମାନେ ହିଁ ପ୍ରଶ୍ରୟ ଦେଇଛନ୍ତି। ଏବେ ଯଦି ଏନ୍‌ଆର୍‌ସି ରାଜ୍ୟରେ ଲାଗୁ କରାଯାଏ ତେବେ ସେହିଭଳି ଅନୁପ୍ରବେଶକାରୀଙ୍କ ସହିତ କେତେଜଣ ଭଲ ଲୋକ ଯେଉଁମାନେ କାଗଜ ଠିକ୍ ରଖିନାହାନ୍ତି ସେମାନେ ମଧ୍ୟ ହଇରାଣ ହୋଇଯିବେ ବୋଲି ସହଦେବ କହିଛନ୍ତି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଡ଼ ଥିଲେ ପଚାରି**
**ସାନ ଥିଲେ ବିଚାରି।**

ବୟସ୍କ ବ୍ୟକ୍ତି ବହୁ ଅଭିଜ୍ଞତା ହାସଲ କରିଥାନ୍ତି। କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ତାଙ୍କ ମତାମତ ବା ପରାମର୍ଶ ନେବା ବୁଦ୍ଧିମାନର କାର୍ଯ୍ୟ ହୋଇଥାଏ। ସେହିପରି ବୟସରେ ସାନ ହେଲେ ମଧ୍ୟ ତାଙ୍କ କଥାକୁ ଟାଳି ନ ଦେଇ ବିଚାର କରିବା ଉଚିତ ହୋଇଥାଏ। କୌଣସି ନିଷ୍ପତ୍ତି ନେବାପୂର୍ବରୁ ସମସ୍ତଙ୍କ ସହ ବିଚାର ବିମର୍ଶ କରିବା ବା ମତାମତ ନେବା ଜରୁରୀ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବାଛି ବିଭା ହେବ କୁଳର ନାରୀ,**
**ମରନ୍ତେ ପିଅନ୍ତେ ହେବ ଉଜିଗାରୀ।**

ଉଚ୍ଚକୁଳ, ଶିକ୍ଷିତା ଓ ଖାନଦାନ ଘରର ଝିଅକୁ ବାହାହେଲେ ଘରସଂସାର ଚଳାଇବା ସହଜ ହୋଇଥାଏ। ଏପରି ଗୁଣର ଝିଅ ଭଲରେ ମନ୍ଦରେ ସବୁବେଳେ ନିଜର ହୋଇ ରହିବା ସହ ଦୁଃଖକଷ୍ଟ ସବୁ ସହି ସୁରୁଖୁରୁରେ ତା'ର ପରିବାର ଚଳେଇ ନେଇଥାଏ। ଏଣୁ ବାହାହେବା ଆଗରୁ ଭଲ ଭାବରେ ସବୁ ବୁଝି ବିଚାରି କୁଳ, ଘର, ବନ୍ଧୁବାନ୍ଧବ ସମସ୍ତଙ୍କଠାରୁ ବିଭିନ୍ନ ଖବର ସଂଗ୍ରହ କରି ବିଭାହେବା ଉଚିତ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପଶ୍ଚିମ ଓଡ଼ିଶା ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରସଙ୍ଗ
# ୩ ଦିନ ସରକାରୀ କଳ ବନ୍ଦ କରିବାକୁ ନିଷ୍ପତ୍ତି

ସମ୍ବଲପୁର,୧୯।୯ (ବ୍ୟୁରୋ)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗରେ ସମ୍ବଲପୁର ଜିଲା ଓକିଲ ସଂଘ ପକ୍ଷରୁ ଗୁରୁବାର ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା କ୍ରିୟାନୁଷ୍ଠାନ କମିଟି ସଭାପତି ପ୍ରଦୀପ ବହିଦାର ବୈଠକରେ ଅଧ୍ୟକ୍ଷତା କରିଥିଲେ। ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ପୂରଣ ପର୍ଯ୍ୟନ୍ତ ପ୍ରତି ମାସରେ ୩ ଦିନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଅଫିସ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏପରି କି ବୀମା କମ୍ପାନୀ, ବ୍ୟାଙ୍କଗୁଡିକ ବନ୍ଦ କରିବାକୁ ବୈଠକରେ ସ୍ଥିର କରାଯାଇଛି। ହେଲେ ଶିକ୍ଷା ଅନୁଷ୍ଠାନ ଓ ଜରୁରୀ ସେବାକୁ କୋହଳ କରିବାକୁ ବୈଠକରେ କୁହାଯାଇଛି।

## ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସହ ୬୬୨ ବର୍ଗ କଲେଜ ସଂଘର ଆଲୋଚନା
# ୭ମ ବେତନ କମିଶନ ଦରମା ଦାବି

ଭୁବନେଶ୍ୱର,୧୯।୯(ବ୍ୟୁରୋ)

ସରକାରୀ କର୍ମଚାରୀଙ୍କଠାରୁ ଆରମ୍ଭକରି ବିଭିନ୍ନ ସରକାରୀ ଉଦ୍ୟୋଗ, ପୌରସଂସ୍ଥାର କର୍ମଚାରୀମାନେ ସପ୍ତମ ବେତନ କମିଶନଙ୍କ ସୁପାରିସ ହାରରେ ଦରମା ପାଉଛନ୍ତି। ମାତ୍ର ବ୍ଲକଗ୍ରାଣ୍ଟ ପାଉଥିବା ୬୬୨ ବର୍ଗ କଲେଜ ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ଏଥିରୁ ବଞ୍ଚିତ କରାଯାଇଛି। ତୁରନ୍ତ ସପ୍ତମ ବେତନ କମିଶନ ହାରରେ ସେମାନଙ୍କୁ ଦରମା ଦେବାକୁ ୬୬୨ ବର୍ଗ କଲେଜ ସଂଘର କର୍ମକର୍ତ୍ତାମାନେ ଦାବି କରିଛନ୍ତି। କୃଷକ ଭବନଠାରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ସଂଘର କର୍ମକର୍ତ୍ତାମାନଙ୍କୁ ନେଇ ଅନୁଷ୍ଠିତ ବୈଠକରେ ସଂଘ ପକ୍ଷରୁ ୮ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଏହି ବର୍ଗର ସମସ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ଜାତୀୟ ସ୍ତରର ପୂର୍ଣ୍ଣ ଅନୁଦାନ ଦେବା ସହିତ ସପ୍ତମ ବେତନ କମିଶନ ସୁପାରିସ ଆଧାରରେ ଦରମା ଦେବା, ୨୦୧୭ ଅନୁଦାନ ନୀତିରେ ଅସଙ୍ଗତି ଦୂର କରିବା, ଆଉ ଗୋଟିଏ ଇନ୍‌କ୍ରିମେଣ୍ଟ ବୃଦ୍ଧି କରିବା, ରିସାଇନ ଆଦେଶକୁ ଉଚ୍ଛେଦ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଏହି ବୈଠକରେ ଉଚ୍ଚ ଶିକ୍ଷା ବିଭାଗ ସଚିବ ଶାଶ୍ୱତ ମିଶ୍ର, ନିର୍ଦ୍ଦେଶକ ଅଶ୍ୱିନୀ ମିଶ୍ର, ଉପ ସଚିବ ପ୍ରଶାନ୍ତ ରଥ, ଉପନିର୍ଦ୍ଦେଶକ ତୁଷାରକାନ୍ତି ତ୍ରିପାଠୀଙ୍କ ସମେତ ସଂଘ ପକ୍ଷରୁ ସଭାପତି ଗୋଲକ ନାୟକ, ଦୁଇ ସମ୍ପାଦକ ସଓାପଉଦ୍ଦିନ ଅହମ୍ମଦ, ଗଗନ ବେଉରାଙ୍କ ସହ ଅଶୋକ ପୁରୋହିତ, ଜ୍ୟୋସ୍ନାରାଣୀ ବସ୍ତିଆ, ତପନ ଜେନା, ରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସଂଘର ଦାବିଗୁଡ଼ିକୁ ଆସନ୍ତା ଦୁଇ ମାସ ମଧ୍ୟରେ ତର୍ଜମା କରାଯାଇ ପୂରଣ କରିବାକୁ ପଦକ୍ଷେପ ନିଆଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

## ଜିଲା ଟିଠି
### ଖୋର୍ଦ୍ଧା



# ବଦଳିଲାନି ଚିତ୍ର

ଲୀଳମାଟି ଖୋର୍ଦ୍ଧାର ଗରିମାମୟ ଐତିହ୍ୟ ଅପାସୋରା। ବ୍ରିଟିଶ୍ ଶାସନରୁ ମୁକ୍ତି ପାଇଁ ହୋଇଥିବା ସଂଗ୍ରାମର ମୂକସାକ୍ଷୀ ହୋଇରହିଛି ଏଠାକାର ଅନେକ ସ୍ଥାନ। ଏଠାରେ ଝରିଛି ସଂଗ୍ରାମୀଙ୍କ ରକ୍ତ। ସେହି ରକ୍ତ ପରାଧୀନତାର ଶୃଙ୍ଖଳକୁ ମୁକ୍ତ କରି ସ୍ୱାଧୀନତା ପ୍ରଦାନ କରିଛି। ବିଭିନ୍ନ ଦିବସରେ ଆମେ ସେହି ସ୍ମୃତିକୁ ରୋମନ୍ଥନ କରି କେବଳ ପୂର୍ବ ଗୌରବକୁ ମନେ ପକାଉଛେ। ହେଲେ ଠିକଣା ସମୟରେ ମନେ ପଡୁନି ଗରିମାମୟ ଐତିହ୍ୟ କି ଦୃଷ୍ଟିରେ ପଡୁନି ସେମାନଙ୍କର ପୀଠ। ୧୮୧୭ରେ ସଂଗଠିତ ପାଇକ ବିଦ୍ରୋହ ବ୍ରିଟିଶ୍ ଇଷ୍ଟଇଣ୍ଡିଆ କମ୍ପାନୀ ବିରୋଧରେ ଏକ ସଶସ୍ତ୍ର ପ୍ରତିରୋଧ ଭାବରେ ପରିଗଣିତ। ୧୮୫୭ ସିପାହି ବିଦ୍ରୋହର ୪୦ ବର୍ଷ ପୂର୍ବରୁ ଓଡ଼ିଶାରେ ଏହି ବିପ୍ଳବ ଇଂରେଜ ଉପନିବେଶବାଦୀ ଶାସକଙ୍କୁ ଶକ୍ତ ଜବାବ ଦେଇଥିଲା। ୨୦୧୭ ଜୁଲାଇ ୧୮ରେ ରାଜ୍ୟ ସରକାର ସ୍ୱତନ୍ତ୍ର କ୍ୟାବିନେଟ ବୈଠକ କରାଇ ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବରେ ଘୋଷଣା କରିବାକୁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ରାଜ୍ୟ ସରକାରଙ୍କର ପର୍ଯ୍ୟଟନ ବିଭାଗ ବରୁଣେଇ ଓ ଗଡ଼ଖୋର୍ଦ୍ଧାରେ ଆଲୋକୀକରଣ, ପାର୍କିଂ ସ୍ଥାନ, ବିଦ୍ୟୁତ୍ ସଂଯୋଗୀକରଣ, ରାସ୍ତା ନିର୍ମାଣ, ବରୁଣେଇରେ ଅମରଜ୍ୟୋତି ସ୍ତମ୍ଭ ଓ ହେରିଟେଜ ଗେଟ୍ ନିର୍ମାଣ ଏବଂ ପାନୀୟଜଳ ଯୋଗାଣ ପରି ଭିତ୍ତିଭୂମିର ବିକାଶ ପାଇଁ ୧୫ କୋଟି ଓ ସଂସ୍କୃତି ବିଭାଗ ୧.୫ କୋଟି ଟଙ୍କା ଖର୍ଚ୍ଚ କରି ସାରିଲେଣି। ବିଭିନ୍ନ ବିଭାଗ ଦ୍ୱାରା କେତେକ'ଣ ପଦକ୍ଷେପ ନିଆଯାଉଛି ବୋଲି ଡିଣ୍ଡିମ ପିଟାଯାଉଛି। ହେଲେ ବଦଳି ପାରିଲାନି ଖୋର୍ଦ୍ଧାଗଡ଼ର ଚିତ୍ର। ପରିତ୍ୟକ୍ତ ହୋଇ ପଡ଼ିରହିଥିବା ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର ପାଇଁ ପ୍ରତ୍ନତତ୍ତ୍ୱ ବିଭାଗର ଅନୁମତି ପରେ ବି ପଦକ୍ଷେପ ନାହିଁ କି ଅନୁଦାନ ନାହିଁ। ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ବେଳେ ସୀତାକୁଣ୍ଡକୁ ରାସ୍ତା, ଗଡ଼ଠାରୁ ବରୁଣେଇ ଓ ବରୁଣେଇ ହୋଟେଲଠାରୁ ବରୁଣେଇ ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଦୋହରୀକରଣ, ବରୁଣେଇରେ ଶୌଚାଳୟ, ପାଇକ ଗ୍ୟାଲେରି ଓ ମଞ୍ଚ, ପର୍ଯ୍ୟଟକ ଉପଯୋଗୀ ବୈଠକଶାଳା, ଜରୀନାଳଠାରେ ନୌକାବିହାର କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ଅଧିକାଂଶ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିଛି। ଯାହା ପୂର୍ଣ୍ଣାଙ୍ଗ ହୋଇଛି ବୋଲି କୁହାଯାଉଛି, ତାହା କାମରେ ଆସୁନି। ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତି ଗଡ଼ଖୋର୍ଦ୍ଧା ଛକରେ ଖରା ଓ ବର୍ଷାରେ ଅବହେଳିତ ହୋଇ ପଡ଼ିରହିଛି। ଏହି ପରିପ୍ରେକ୍ଷୀରେ ବରୁଣେଇ ପାଦଦେଶରେ ରାଜ୍ୟ ସରକାର ଦେଇଥିବା ପାଇକ ସ୍ମାରକୀ ପାଇଁ ୧୦ ଏକର ଜମି ପର୍ଯ୍ୟାପ୍ତ ହେବନି ବୋଲି କୁହାଯାଉଛି। ବିଶ୍ୱସ୍ତରୀୟ ପାଇକ ସ୍ମାରକୀକୁ ଆଖିଆଗରେ ରଖି ଏହାକୁ ବରୁଣେଇ ପାହାଡ଼ ଶୀର୍ଷ ସ୍ଥାନରେ କରାଯାଉ ବୋଲି ଦାବି ଉଠିଲାଣି। ପାଇକ ସ୍ମାରକୀ ପାଇଁ ସୀତାକୁଣ୍ଡ ପାଖରେ ପର୍ଯ୍ୟାପ୍ତ ଜମି ଥିବାରୁ ଦାବି ଉପଯୁକ୍ତ ବୋଲି କୁହାଯାଉଛି। ବରୁଣେଇ ପାହାଡ ଶୀର୍ଷ ସ୍ଥାନରେ ସୀତାକୁଣ୍ଡ ଓ ପାଣ୍ଡବ ଗୁମ୍ଫା ପରି ଐତିହ୍ୟ ରହିଥିଲେ ମଧ୍ୟ ଉପେକ୍ଷିତ ହୋଇ ରହିଛି। ଏହା ପାଖରେ ପାଇକ ସ୍ମାରକୀ କରାଗଲେ ପାଣ୍ଡବ ଗୁମ୍ଫା, ସୀତାକୁଣ୍ଡ ବିକଶିତ ହୋଇ ପାରିବ। ଏଥିପାଇଁ ତରାବୋଇ ଘାଟିଠାରୁ ସୀତାକୁଣ୍ଡ ପର୍ଯ୍ୟନ୍ତ ସ୍ୱତନ୍ତ୍ର ରାସ୍ତା ନିର୍ମାଣ କରିବାକୁ ପଡ଼ିବ ବୋଲି କଥା ଉଠିଛି।

– ଲୋକନାଥ ମିଶ୍ର


## CLASSIFIED DISPLAY

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କେଶିଟ୍, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦରେ ଦିଆଯାଉଛି। ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ। ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ ୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ୍
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫0,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍‌ଚର ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7289999543
7289948952
SCO- 106, Second Floor, Vishal Tower, Cannaught Place, Delhi.

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday

KUBER FINANCE
Kuber ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ। ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
8146524009
8146359004

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
MOB: 7292041586
Address - 12, Govt. Place (East), 2nd floor, Kolkata, west Bengal- 700069

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Reg. No. - U6519TN198PLC00855)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ। 2% ସୁଧ 40% ରିହାତି।
7310644620
9499439810
VISHAL ENCLAVE, M. ROAD, UP

EDUCATION EDUCATION

ADMISSION OPEN
MAA TARA TARINI SCHOOL OF NURSING, Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

BUSINESS BUSINESS

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ। ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

HINDUSTAN TOWER
ନାମ ନୁହେଁ କାମ କହିଥାଏ। 25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ ୨୦ ଲକ୍ଷ, ଭଡ଼ା 60,000 + ବାଇକ୍। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

# ମନ୍ତ୍ରୀ ସୁଶାନ୍ତ ସିଂଙ୍କ ନାଁରେ ବ୍ଲାକମେଲିଂ, ଅଭିଯୁକ୍ତ ଗିରଫ

ବରଗଡ଼ ଅଫିସ,୧୯।୯

ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂଙ୍କ ନାଁରେ ବ୍ଲାକମେଲିଂ କରି ସରକାରୀ ଅଧିକାରୀଙ୍କଠାରୁ ଟଙ୍କା ଆଦାୟ କରିବା ଅଭିଯୋଗରେ ବରଗଡ଼ ଜିଲ୍ଲା ସୋହେଲା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଦେବଗଡ଼ ଜିଲ୍ଲା ପ୍ରଭାଶୁଣୀ ଗ୍ରାମର ସୁଶାନ୍ତ କୁମାର ରଣଜିତ୍ ଓରଫ୍ ମଗୁଲୁ(୨୪) । ତାଙ୍କ ବିରୋଧରେ ସୋହେଲା ଥାନାରେ ଏକ ମାମଲା (ନଂ.୧୧୦/୧୯) ରୁଜୁ ହୋଇଛି ।

ଏ ନେଇ ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ବରଗଡ଼ ଏସ୍‌ପି ପ୍ରିୟମ୍ବଦା ସାହୁ ସୂଚନା ଦେଇ କହିଥିଲେ, ଗ୍ରାମ୍ୟ ଉନ୍ନୟନ ଓ ଶ୍ରମମନ୍ତ୍ରୀ ସିଂଙ୍କ ନାଁରେ ବ୍ଲାକମେଲିଂ କରି ଜଣେ ଅଜଣା ଲୋକ ବିଭିନ୍ନ ସରକାରୀ ଅଧିକାରୀଙ୍କଠାରୁ ଟଙ୍କା ଆଦାୟ କରିବା ନେଇ ଗତ ଜୁଲାଇ ୨୦ତାରିଖରେ ମନ୍ତ୍ରୀଙ୍କ ସୋହେଲା ବ୍ଲକ ପ୍ରତିନିଧି ଗଣତନ୍ତ୍ର ପ୍ରଧାନ ପୋଲିସରେ ଏତଲା ଦେଇଥିଲେ । ତାଙ୍କ ଏତଲାକୁ ଭିତ୍ତିକରି ସୋହେଲା ଥାନାରେ ଉପରୋକ୍ତ ମାମଲା ରୁଜୁ ହେବା ସହିତ ଉକ୍ତ ଘଟଣାର ତନାଘନା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା । ଉକ୍ତ ଟିମ୍ ଅନୁସନ୍ଧାନ କରି ମନ୍ତ୍ରୀ ସିଂଙ୍କ ନାମରେ ଗିରଫ ଅଭିଯୁକ୍ତ ମଗୁଲୁ ସେଭଳି ବ୍ଲାକମେଲିଂ କରୁଥିବା ଜଣାପଡ଼ିଥିଲା । ଫଳରେ ପୋଲିସ ଅନୁସନ୍ଧାନ ଜାରି ରଖି ଅଭିଯୁକ୍ତ ମଗୁଲୁଙ୍କୁ କୋରାପୁଟ ଜିଲ୍ଲା ଜୟପୁରରୁ ଗିରଫ କରିଥିଲା ।

ଗିରଫ ଅଭିଯୁକ୍ତ ନିଜକୁ ମନ୍ତ୍ରୀ ସିଂ ବୋଲି ପରିଚୟ ଦେବା ସହିତ ଏକ ମୋବାଇଲ ନମ୍ବର ୭୬୮୨୯୭୨୪୮୮ରୁ ବିଭିନ୍ନ ସରକାରୀ ଅଧିକାରୀଙ୍କୁ ଫୋନ କରି ଟଙ୍କା ଦାବି କରୁଥିଲେ । ଏପରି କି ସେହି ମୋବାଇଲ ନମ୍ବରରେ ମନ୍ତ୍ରୀଙ୍କ ଫଟୋକୁ ନିଜ ପ୍ରୋଫାଇଲ ଫଟୋ ଭାବେ ମଧ୍ୟ ରଖିଥିଲେ । ଏଭଳି ବ୍ଲାକମେଲିଂ କରି ଅଭିଯୁକ୍ତ ଯୁବକ ମାଲକାନଗିରି, କୋରାପୁଟ, ରାୟଗଡ଼ା ଏବଂ ଅନୁଗୁଳ ଜିଲ୍ଲାର ବିଭିନ୍ନ ଅଧିକାରୀଙ୍କଠାରୁ ୩ରୁ ୪ଲକ୍ଷ ଟଙ୍କା ଆଦାୟ କରିଥିବା ସ୍ୱୀକାର କରିଥିବା ଏସ୍‌ପି କହିଛନ୍ତି । ଅଭିଯୁକ୍ତଙ୍କ ପାଖରୁ ନଗଦ ଟଙ୍କା ଜବତ ହୋଇ ନ ଥିବାବେଳେ ପୋଲିସ ତାଙ୍କ ପାଖରୁ ବ୍ୟାଙ୍କ ପାସ୍‌ବୁକ୍, ଆଧାର କାର୍ଡ଼ ଓ ୩ଟି ମୋବାଇଲ ଜବତ କରି ଅଧିକ ତଦନ୍ତ ଚଳାଇଛି । ସୂଚନାଯୋଗ୍ୟ, ଗତ କିଛିବର୍ଷ ତଳେ ବରଗଡ଼ର ଜଣେ ଯୁବକ ତତ୍କାଳୀନ କଂଗ୍ରେସ ବିଧାୟକ ତଥା ବର୍ତ୍ତମାନର ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାଶଙ୍କ ନାମରେ ନକଲି ଫେସବୁକ୍ ଆକାଉଣ୍ଟ କରି ଟଙ୍କା ଆଦାୟ କରୁଥିବା ବେଳେ ଧରାପଡ଼ିଥିଲେ । ସେହିପରି ନିଜକୁ ମାଓବାଦୀ ବୋଲି ପରିଚୟ ଦେଇ ବିଭିନ୍ନ ସରକାରୀ ଅଫିସରଙ୍କଠାରୁ ବଟି ଆଦାୟ ଅଭିଯୋଗରେ ଜଣେ ବନ ଅଧିକାରୀଙ୍କ ସମେତ କେତେଜଣ ଅଭିଯୁକ୍ତଙ୍କୁ ମଧ୍ୟ ପୋଲିସ ଗିରଫ କରିଥିଲା ।

## ■ ହାଜତରେ ମଦ ବ୍ୟବସାୟୀଙ୍କ ମୃତ୍ୟୁ ଘଟଣା

# ୫ ଲକ୍ଷ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ପଟ୍ଟାମୁଣ୍ଡାଇ, ୧୯।୯ (ସ୍ୱ.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ହାଜତରେ ମଦ ବ୍ୟବସାୟୀ ସୁଶାନ୍ତ ବେହେରାଙ୍କ ମୃତ୍ୟୁ ଘଟଣାରେ ମୃତକଙ୍କ ପରିବାରକୁ ୫ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଘୋଷଣା କରିଛନ୍ତି । ଏ ନେଇ ଜିଲ୍ଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି । ସୁଶାନ୍ତ ଚୋରା ମଦ କାରବାର କରୁଥିବା ଅଭିଯୋଗରେ ପୋଲିସ ବୁଧବାର ତାଙ୍କୁ ଘରୁ ଉଠାଇ ଆଣିଥିଲା । ମାତ୍ର ଥାନା ହାଜତରେ ତାଙ୍କର ମୃତ୍ୟୁ ଘଟିଥିଲା । ସୁଶାନ୍ତଙ୍କ ସ୍ତ୍ରୀ ପ୍ରିୟଙ୍କା ଏ ନେଇ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ୩୦୨/୧୯ ନଂ.ରେ ଏକ ମାମଲା ରୁଜୁ ହୋଇଛି । ତେବେ ଏହି ଘଟଣା ପ୍ରତିବାଦରେ ବୁଧବାର ସନ୍ଧ୍ୟାରୁ ଗ୍ରାମବାସୀ ଥାନା ଘେରାଉ ସହ ଧାରଣା ଦେଇଥିବା ବେଳେ ରାତିପ୍ରାୟ ୧ଟା ପର୍ଯ୍ୟନ୍ତ ଏହା ଚାଲିଥିଲା । ଏଣୁ ରାତି ୧ଟା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ବର୍ମା ଘଟଣାସ୍ଥଳରେ ପହଞ୍ଚି ସୁଶାନ୍ତଙ୍କ ଧାରଣାକାରୀଙ୍କୁ ବୁଝାସୁଝା କରିଥିଲେ । ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ମୃତକଙ୍କ ପରିବାରକୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଅପରପକ୍ଷେ ମଙ୍ଗଳବାର ପୋଲିସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କଟକ ବଡ଼ ମେଡିକାଲରେ ସୁଶାନ୍ତଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା । ଏହି ସମୟର ଭିଡିଓ ରେକର୍ଡ ମଧ୍ୟ କରାଯାଇଥିବା ଜଣାପଡ଼ିଛି । ସାନଭାଇ ପ୍ରଶାନ୍ତଙ୍କୁ ମୃତଦେହ ହସ୍ତାନ୍ତର କରାଯିବା ପରେ ପୁରୀ ସ୍ୱର୍ଗଦ୍ୱାରଠାରେ ସୁଶାନ୍ତଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ଏ ନେଇ ଏନ୍‌ଏଚ୍‌ଆର୍‌ସିରେ (ନଂ– ୧୧୪୧୪/ଆଇଏନ/୨୦୧୯)ରେ ଏକ ମାମଲା ରୁଜୁ ହୋଇଛି । ସୂଚନାଥାଉ କି, ରାଜନଗର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ସୁଶାନ୍ତଙ୍କ ବାପା ନିତ୍ୟାନନ୍ଦଙ୍କୁ ନେଇ କଟକ ମେଡିକାଲକୁ ଯାଇଥିଲେ ।


## ଆଲ୍ଲାହାବାଦ ବ୍ୟାଙ୍କ
(ଭାରତ ସରକାରଙ୍କର ଏକ ଉପକ୍ରମ)

### ଗୃହ ଆବଶ୍ୟକ

ଆଲ୍ଲାହାବାଦ ବ୍ୟାଙ୍କ, ମଣ୍ଡଳୀୟ କାର୍ଯ୍ୟାଳୟ, ସମ୍ବଲପୁର ଏହାର ନିମ୍ନଲିଖିତ ଶାଖାର ସ୍ଥାନାନ୍ତରଣ ନିମନ୍ତେ ଭଡାସୂତ୍ରରେ ତଳ ମହଲାର ଗୃହ ନିମନ୍ତେ ପ୍ରସ୍ତାବମାନ ଆହ୍ୱାନ କରୁଅଛି ।

| କ୍ର.ନଂ. | ମଣ୍ଡଳ | ଶାଖାର ନାମ | କାର୍ପେଟ୍ ଏରିଆ | ଗୃହ ଆବଶ୍ୟକ | ସ୍ଥାନ (ନିମ୍ନଲିଖିତ ସ୍ଥାନର ବଜାର ଅଞ୍ଚଳରେ) |
|---|---|---|---|---|---|
| ୧. | ସମ୍ବଲପୁର | କୋକଳବା | ୧୦୦୦ ବର୍ଗଫୁଟ | ସେହି ସ୍ଥାନରେ ବର୍ତ୍ତମାନର ଶାଖା ସ୍ଥାନାନ୍ତରଣ ନିମନ୍ତେ ବିକଳ୍ପ ଗୃହ | ସା/ପୋ.: କୋକଳବା, ଥାନା: ନରସିଂହପୁର, ଜିଲ୍ଲା: କଟକ, ଓଡ଼ିଶା, ପିନ୍-୭୫୪୦୩୨ |

ଦରଖାସ୍ତ ଫର୍ମ ଏବଂ ଅନ୍ୟାନ୍ୟ ସବିଶେଷ ବିବରଣୀ ବ୍ୟାଙ୍କର ମଣ୍ଡଳୀୟ କାର୍ଯ୍ୟାଳୟ, "ଶ୍ୟାମ ଆର୍କେଡ" ସା.: କ୍ଷେତରାଜପୁର, ପୋ/ଜିଲ୍ଲା: ସମ୍ବଲପୁର, ଓଡ଼ିଶା-୭୬୮୦୦୩ କିମ୍ବା କୋକଳବା ଶାଖାରୁ ସଂଗ୍ରହ କରିପାରିବେ କିମ୍ବା ବ୍ୟାଙ୍କର ୱେବ୍‌ସାଇଟ୍: www.allahabadbank.in ରୁ ଡାଉନ୍‌ଲୋଡ୍ କରିପାରିବେ। ଧାର୍ଯ୍ୟ ଫର୍ମାଟରେ ସମ୍ପୂର୍ଣ୍ଣ ଭାବେ ପୁରଣ କରାଯାଇଥିବା ଦରଖାସ୍ତ ସହିତ ଆବଶ୍ୟକୀୟ ସୂଚନା ଏବଂ ୱେବସାଇଟ୍‌ରେ ଦର୍ଶିତ କାଗଜପତ୍ର ଗୁଡ଼ିକୁ ବନ୍ଦ ଲଫାପାରେ ତା୦୯.୧୦.୨୦୧୯ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ମଣ୍ଡଳୀୟ କାର୍ଯ୍ୟାଳୟରେ ଦାଖଲ କରିବେ।

ତାରିଖ: ୨୦.୦୯.୨୦୧୯ — ସହାୟକ ମହାପ୍ରବନ୍ଧକ



## ପୂର୍ବ ତଟ ରେଳପଥ
### 'ଇ' କ୍ରୟ ପ୍ରଣାଳୀ

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପଲୋଡ କରାଯାଇଛି ।

ଟେଣ୍ଡର ବିଜ୍ଞପ୍ତି ସଂ. PCMM/EP/2019-20/01 ତା.16.09.2019 ରିଖ

**ଟେଣ୍ଡର ନଂ. 04195106 :** ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 160 sq mm Annealed କପର ଷ୍ଟ୍ରାଣ୍ଡେଡ୍ (Stranded) ଜମ୍ପର ୱାୟର ଇତ୍ୟାଦି, ପରିମାଣ : T.S. ଅନୁସାରେ, ବନ୍ଦ ହେବା ତାରିଖ ଓ ସମୟ : ତା.10.10.2019ରିଖ 1500 ଘଟିକାରେ ।

**ଟେଣ୍ଡର ନଂ.04185141 :** ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଜଏଣ୍ଟଲେସ୍ ଗ୍ରୁଭଡ କପର କଣ୍ଟାକ୍ଟ ୱାୟର ଇତ୍ୟାଦି, ପରିମାଣ : T.S. ଅନୁସାରେ, ବନ୍ଦ ହେବା ତାରିଖ ଓ ସମୟ : ତା.11.10.2019ରିଖ 1500 ଘଟିକାରେ ।

**ଟେଣ୍ଡର ନଂ. 08195076A :** ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ପୂର୍ବ ତଟ ରେଳପଥ ନିମନ୍ତେ UMID CARDS ର ମୁଦ୍ରଣ ଏବଂ ଯୋଗାଣ ଇତ୍ୟାଦି, ପରିମାଣ : 272988 ସଂଖ୍ୟକ, ବନ୍ଦ ହେବା ତାରିଖ ଓ ସମୟ : ତା.30.09.2019ରିଖ 1500 ଘଟିକାରେ ।

ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର

PR - 380/K/19-20



## ପୂର୍ବ ତଟ ରେଳପଥ
### ଇଂଜିନିୟରିଂ କାର୍ଯ୍ୟ

ଫାଇଲ୍ ସଂ. DRM/Engg/KUR/19-20/E-Tender/32 ତା.13.09.2019ରିଖ

(1) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-HQ-KUR-218-2019, ତା.06.09.2019ରିଖ

**ବିବରଣୀ :** ମଣ୍ଡଳ ରେଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା ରୋଡ଼ ପାଇଁ ପ୍ରସ୍ତାବିତ ଗ୍ରୀନ୍ ରେଟିଂ ପ୍ରମାଣପତ୍ର ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 5.42 ଲକ୍ଷ, EMD (ଟଙ୍କାରେ) : 10,800/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 2,360/-, ଶେଷ ହେବା ଅବଧି : 36 (ଛତିଶ) ମାସ ।

(2) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-NORTH-KUR-219-2019, ତା.09.09.2019ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ଉତ୍ତର) ପରିସୀମା ଅଧୀନସ୍ଥ କେନ୍ଦୁଆପଦା-ଜେନାପୁର ସେକ୍ସନ ମଧ୍ୟରେ ପ୍ୟାଚ୍‌ଗୁଡ଼ିକରେ ଅପ୍ ଲାଇନ୍‌ରେ କି.ମି. 309.42 ଠାରୁ କି.ମି. 314.12 ପର୍ଯ୍ୟନ୍ତ 4.43 ଟ୍ରାକ୍ କିଲୋମିଟର ନିମନ୍ତେ ସମ୍ପୂର୍ଣ୍ଣ ଟ୍ରାକ୍ ନବୀକରଣ (ପ୍ରାଥମିକ) ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 75.25 ଲକ୍ଷ, EMD (ଟଙ୍କାରେ) : 1,50,500/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 06 (ଛଅ) ମାସ ।

(3) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-NORTH-KUR-220-2019, ତା.07.09.2019ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ନୟାଗଡ଼ ଠାରୁ ଟାଙ୍ଗିଆପାଳ ଷ୍ଟେସନଗୁଡ଼ିକ ମଧ୍ୟରେ ସର୍ଭିସ୍ ବିଲ୍ଡିଂଗୁଡ଼ିକର ବିବିଧ ମରାମତି ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 106.67 ଲକ୍ଷ, EMD (ଟଙ୍କାରେ) : 2,03,300/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 06 (ଛଅ) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.01.10.2019 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼

PR-377/K/19-20



## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. MSM-QUICK WATERING-2-19

**କାର୍ଯ୍ୟର ନାମ :** ସମ୍ବଲପୁର, ଟିଟିଲାଗଡ଼ ଏବଂ କଣ୍ଟାବାଞ୍ଜି ଷ୍ଟେସନ ପ୍ଲାଟଫର୍ମଗୁଡ଼ିକଠାରେ କାମ୍‌ଟେକ୍ (Camtech) ଡିଜାଇନ୍ ହାଇ ପ୍ରେସର କୋଚ୍ ୱାଟରିଂ ସୁବିଧା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 4,93,65,121/-, EMD (ଟଙ୍କାରେ) : 3,96,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-, ଶେଷ ହେବା ଅବଧି : 04 (ଚାରି) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.04.10.2019 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ : http://www.ireps.gov.in ରେ ଉପଲବ୍ଧ ଅଟେ ।

ମଣ୍ଡଳ ରେଳ ପ୍ରବନ୍ଧକ (ମେକାନିକାଲ), ସମ୍ବଲପୁର

PR-379/K/19-20



Your classified advertisement published in Dharitri will be listed free in Dharitri online edition : www.dharitri.com



## ପୂର୍ବ ତଟ ରେଳପଥ
### ଜୋନାଲ୍ ମୁଖ୍ୟାଳୟରେ ଦୀର୍ଘ ସମୟ ଧରି ଖାଲିଥିବା ଅନୁକମ୍ପାମୂଳକ ନିଯୁକ୍ତି ମାମଲା ପାଇଁ ଅଦାଲତ-2019

ପୂର୍ବ ତଟ ରେଳପଥ, ଭୁବନେଶ୍ୱର ପକ୍ଷରୁ ଦୀର୍ଘଦିନ ଧରି ଖାଲିଥିବା ଅନୁକମ୍ପାମୂଳକ ନିଯୁକ୍ତି ମାମଲାଗୁଡ଼ିକୁ ସମ୍ପନ୍ନ କରିବା ପାଇଁ ତା 04.11.2019 ରିଖ (ସୋମବାର) ପୂର୍ବାହ୍ନ 1100 ଘଟିକା ସମୟରେ ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀଙ୍କ କାର୍ଯ୍ୟାଳୟ, ପୂର୍ବ ତଟ ରେଳପଥ, ରେଳ ସଦନ, ସାଉଥ୍ ବ୍ଲକ୍, ଦ୍ୱିତୀୟ ମହଲା, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-751017 ଠାରେ ଏକ ଜୋନାଲ ମୁଖ୍ୟାଳୟ ସ୍ତରୀୟ ଅଦାଲତ ଅନୁଷ୍ଠିତ ହେବ । ତେଣୁ, ମୃତକଙ୍କ ପରିବାର / ଚିକିତ୍ସିତ ହେବାପାଇଁ ଅନୁପଯୁକ୍ତ / ଶ୍ରେଣୀ ବହିର୍ଭୂତ କର୍ମଚାରୀଙ୍କ ପରିବାର (ଯେଉଁମାନେ କେବଳ ଭୁବନେଶ୍ୱର ସ୍ଥିତ ପୂର୍ବ ତଟ ରେଳପଥ ମୁଖ୍ୟାଳୟ ଠାରେ କାର୍ଯ୍ୟରତ ଥିଲେ) ସେମାନଙ୍କର ଦରଖାସ୍ତକୁ (କେବଳ ଦୀର୍ଘ ଦିନ ଧରି ଖାଲି ଥିବା ଅନୁକମ୍ପାମୂଳକ ନିଯୁକ୍ତି ମାମଲା) ନିମ୍ନବର୍ଣ୍ଣିତ ତଥ୍ୟ ସହିତ ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ, ପୂର୍ବ ତଟ ରେଳପଥ, ରେଳ ସଦନ, ସାଉଥ୍ ବ୍ଲକ୍, ଦ୍ୱିତୀୟ ମହଲା, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-751017 ଙ୍କ ଠିକଣାରେ ତା 22.10.2019 ରିଖ ସୁଦ୍ଧା ଦାଖଲ କରିପାରିବେ ଏବଂ ସମସ୍ତ ପ୍ରାସଙ୍ଗିକ ମୂଳ ନଥିପତ୍ର / ପ୍ରମାଣପତ୍ର ସହିତ ତା 04.11.2019 ରିଖ ଦିନ ଅନୁଷ୍ଠିତ ହେବାକୁ ଥିବା ଅଦାଲତରେ ଯୋଗ ଦେଇପାରିବେ ।

1. ଆବେଦନକାରୀଙ୍କ ନାମ :
2. ପ୍ରାକ୍ତନ କର୍ମଚାରୀଙ୍କ ସହିତ ଥିବା ସମ୍ପର୍କ :
3. ଆବେଦନକାରୀଙ୍କ ଶିକ୍ଷାଗତ ଯୋଗ୍ୟତା :
4. ଜନ୍ମ ତାରିଖ :
5. ଅନୁକମ୍ପାମୂଳକ ନିଯୁକ୍ତି ପାଇଁ କରିଥିବା ପ୍ରଥମ ଆବେଦନର ତାରିଖ (ନକଲ ସଂଲଗ୍ନ କରାଯିବା ଆବଶ୍ୟକ) :
6. ପ୍ରାକ୍ତନ କର୍ମଚାରୀଙ୍କ ସମ୍ପୂର୍ଣ୍ଣ ବିବରଣୀ:
7. ଅଭିଯୋଗର ସମ୍ପୂର୍ଣ୍ଣ ବିବରଣୀ:

**ଦରଖାସ୍ତ ପଠାଇବା ସମୟରେ ଆବେଦନକାରୀ ନିମ୍ନବର୍ଣ୍ଣିତ ନଥିପତ୍ରଗୁଡ଼ିକ ସଂଲଗ୍ନ କରିବା ଉଚିତ :**

(i) ମୃତ୍ୟୁ ପ୍ରମାଣପତ୍ର / ସ୍ୱାସ୍ଥ୍ୟଗତ ଅକ୍ଷମତା କିମ୍ବା ଶ୍ରେଣୀ ବହିର୍ଭୂତ ପ୍ରମାଣପତ୍ର ।
(ii) ନିରୁଦ୍ଦିଷ୍ଟ ରେଳ କର୍ମଚାରୀଙ୍କ କ୍ଷେତ୍ରରେ ଦର୍ଜ ହୋଇଥିବା ଏଫ୍‌ଆଇଆର (FIR) ।
(iii) ଆଇନ୍‌ଗତ ଉତ୍ତରାଧିକାରୀ ପ୍ରମାଣପତ୍ର ।
(iv) ପରିବାର ସଦସ୍ୟଙ୍କ ବିଷଦ ବିବରଣୀ ।
(v) ନିଯୁକ୍ତି ସହାୟତା କାମନା ଭିତ୍ତିକ ଦରଖାସ୍ତ ।
(vi) ଆବେଦନକାରୀଙ୍କ ଜନ୍ମ ତାରିଖ / ଯୋଗ୍ୟତା ସମ୍ପର୍କିତ ପ୍ରମାଣପତ୍ର ।
(vii) ଉପଲବ୍ଧ ଥିବା ମୀମାଂସା (settlement) କାଗଜପତ୍ର ।
(viii) ସତ୍ୟାପିତ ହୋଇଥିବା ଆବେଦନକାରୀଙ୍କ ଫଟୋ (3 ସଂଖ୍ୟକ) ।
(ix) ପୋଷ୍ୟ ପୁତ୍ର / କନ୍ୟା ଗ୍ରହଣ ମାମଲାରେ ବୈଧ ପୋଷ୍ୟ ଗ୍ରହଣ ଦଲିଲ ।
(x) ଜ୍ୟେଷ୍ଠଙ୍କ ଠାରୁ କନିଷ୍ଠଙ୍କ ସପକ୍ଷରେ ଆପତ୍ତି ବିହୀନ ପ୍ରମାଣପତ୍ର ।

PR-378/K/19-20 — ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ



## HDFC
Housing Development Finance Corporation Ltd.

୧୦୮-ଡ଼ି, ମାଷ୍ଟର କ୍ୟାଣ୍ଟିନ୍, ପ୍ରଥମ ମହଲା, ଲାଲ୍ ଚାନ୍ଦ ଜୁଏଲର୍ସର ବିପରୀତ ପାର୍ଶ୍ୱ, ଭୁବନେଶ୍ୱର-୭୫୧୦୦୧

### ଡିମାଣ୍ଡ ନୋଟିସ୍

**ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ଅନୁଯାୟୀ ଡ଼ିମାଣ୍ଡ ନୋଟିସ୍ ।**

ନିମ୍ନ ସ୍ୱାକ୍ଷରକାରୀ ଏଚ୍.ଡିଏଫ୍‌ସି ଲିମିଟେଡ୍‌ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ-୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି କଥିତ ଆକ୍ଟର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରି ନିମ୍ନଲିଖିତ ଋଣଗ୍ରହୀତା / ଆଇନଗତ ଉତ୍ତରାଧିକାରୀ ଏବଂ ଆଇନଗତ ପ୍ରତିନିଧି(ମାନ)ଙ୍କୁ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ନିମ୍ନସ୍ୱାକ୍ଷରକାରୀ ତାଙ୍କୁ ଜ୍ଞାତଥିବା କଥିତ ଋଣଗ୍ରହୀତା(ମାନେ)/ଆଇନଗତ ଉତ୍ତରାଧିକାରୀ(ମାନେ)/ଆଇନଗତ ପ୍ରତିନିଧି(ମାନେ)ଙ୍କ ବାସଗୃହରେ ଏହି ନୋଟିସର ଏକ ନକଲ ସଂଲଗ୍ନ କରିଥିଲେ । ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ କଥିତ ନୋଟିସର ନକଲ ଉପଲବ୍ଧ ଏବଂ କଥିତ ଋଣଗ୍ରହୀତା(ମାନେ)/ଆଇନଗତ ଉତ୍ତରାଧିକାରୀ(ମାନେ)/ଆଇନଗତ ପ୍ରତିନିଧିମାନେ ଯଦି ଆବଶ୍ୟକ କରନ୍ତି ତେବେ ଉକ୍ତ ନକଲ ଗୁଡ଼ିକୁ ଯେକୌଣସି କାର୍ଯ୍ୟଦିବସର ସାଧାରଣ ଅଫିସ ସମୟ ମଧ୍ୟରେ ନିମ୍ନସ୍ୱାକ୍ଷରକାରୀଙ୍କ ଠାରୁ ସଂଗ୍ରହ କରିପାରିବେ ।

ଉପରୋକ୍ତ କ୍ରମେ, ପୁନଶ୍ଚ କଥିତ ଋଣଗ୍ରହୀତା(ମାନେ) / ଆଇନଗତ ଉତ୍ତରାଧିକାରୀ(ମାନେ)/ଆଇନଗତ ପ୍ରତିନିଧି(ମାନେ)ଙ୍କୁ ଏହି ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଛି କି ସେମାନେ ଏଚ୍‌ଡ଼ିଏଫ୍‌ସି ଲିମିଟେଡ଼ କୁ ଏହି ନୋଟିସ୍ ପ୍ରକାଶନ ତାରିଖର ୬୦ ଦିନ ମଧ୍ୟରେ ନିମ୍ନରେ ସେମାନଙ୍କ ନାମ କ୍ରମରେ ସୂଚିତ କରାଯାଇଥିବା ବକେୟା ଦେୟ ସହିତ କଥିତ ଡ଼ିମାଣ୍ଡ ନୋଟସିରେ ଦର୍ଶିତ ବାର୍ଷିକ ୧୮% ପରବର୍ତ୍ତୀସୁଧ ଯାହା ଚୁକ୍ତି ଏବଂ ଅନ୍ୟାନ୍ୟ କାଗଜାତ / ଦଲିଲ ଦ୍ରଷ୍ଟବ୍ୟ, ସେ ଅନୁଯାୟୀ ଦେୟ ପରିଶୋଧ ତାରିଖ / ଦେୟମୁକ୍ତ ତାରିଖ ପର୍ଯ୍ୟନ୍ତ ତାହା ପରିଶୋଧ କରିବେ । କଥିତ ଋଣଗ୍ରହୀତା(ମାନ)ଙ୍କ ଦ୍ୱାରା ଏଚ୍‌ଡ଼ିଏଫ୍‌ସି ଲିମିଟେଡ଼ ନିକଟରେ ଋଣ ଦେୟ ପରିଶୋଧ ନିମନ୍ତେ ନିମ୍ନଲିଖିତ ସୁରକ୍ଷିତ ସମ୍ପତ୍ତି ବନ୍ଧକ ରଖାଯାଇଥିଲା ।

| ଋଣଗ୍ରହୀତା / ଆଇନଗତ ଉତ୍ତରାଧିକାରୀ / ଆଇନଗତ ପ୍ରତିନିଧି (ମାନଙ୍କ) ନାମ ଓ ଠିକଣା | ଆକାଉଣ୍ଟ ନଂ. / ମୋଟ୍ ବକେୟା ଦେୟ | ଡ଼ିମାଣ୍ଡ ନୋଟିସ୍ / ଏନ୍‌ପିଏ ତାରିଖ | ସୁରକ୍ଷିତ ସମ୍ପତ୍ତି / ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ଶ୍ରୀ ନିର୍ଭୟ କୁମାର, ସହ-ଋଣଗ୍ରହୀତା: ସୁଧା କୁମାରୀ, ବି-୨ ଏଫ୍‌୭ସି, ମୁନ୍ ସିଟି, ରାଜୀବ ପାଥ, ଡିମ୍ନା ରୋଡ୍, ମାଙ୍ଗୋ, ଜାମସେଦ୍‌ପୁର-୭୩୧୦୦୧ | ଆକା.ନଂ.: ୬୦୭୩୬୫୯୪୦ ତା୩୧.୦୭.୨୦୧୯ରିଖ ସୁଦ୍ଧା ଟ.୨୮,୯୦,୬୮୦/- | ୨୭.୦୮.୨୦୧୯ / ୦୪.୦୧.୨୦୧୯ | ଅନନ୍ତରା ବିଲଡିଂର ବ୍ଲକ-ଜେମିନୀରେ ୩ୟ ମହଲାରେ ଥିବା ଫ୍ଲାଟର ସମୁଦାୟ ପରିମିତ କ୍ଷେତ୍ର: ୧୪୨୦ବର୍ଗଫୁଟ ଯାହାର ଫ୍ଲାଟ: ଆର୍‌୩୧୧, ପ୍ଲଟ୍ ନଂ.: ୧୦୨୮, ୧୦୫୫, ୧୦୫୬, ୧୦୫୭, ୧୦୫୪(ଅଂଶ), |
| ୧୦୫୩, ୪୯୩୩, ୧୦୫୨, ମୌଜା: ପରିଡିହି, ଥାନା ନଂ.: ୧୬୪୧, ଥାନା: ମାଙ୍ଗୋ, ଜାମସେଦପୁର-୮୩୧୦୧୩ ସହିତ ନିମ୍ନରେ ଥିବା ଅବିଭକ୍ତ ଜମିର ଅଂଶ, ଏହାର ଚାରିପାର୍ଶ୍ୱରେ ଉତ୍ତର: କରିଡର/ଫ୍ଲାଟ୍ ନଂ.: ଆର୍-୩୦୯, ଦକ୍ଷିଣ: ପାର୍କିଂ, ପୂର୍ବ: ଫ୍ଲାଟ୍ ନଂ.: ଆର୍-୩୧୨, ପଶ୍ଚିମ: ରାସ୍ତା | | | |
| ଋଣଗ୍ରହୀତା: ଶ୍ରୀ ଦେବାଶିଷ ମଲ୍ଲିକ, ଫ୍ଲାଟ୍-୭୦୩, ୭ମ ମହଲା, ଭୁବନ ପ୍ରାଇଡ, ଫେଜ୍-୧, ପ୍ଲଟ୍-୧୨୬, ଖାତା ନଂ.: ୨୦୬, ମୌଜା: ରଣସିଂହପୁର, ଥାନା: ପାତ୍ରପଡା, ଭୁବନେଶ୍ୱର-୭୫୧୦୧୯ / ସହ-ଋଣଗ୍ରହୀତା: ସାଇସ୍ମିତା ନାୟକ, ପ୍ଲଟ୍ ନଂ.: ୧୬୨, ହାଉସ୍ ନଂ.: ଏ/୩, ଖଣ୍ଡଗିରି, ଜଗନ୍ନାଥ ମନ୍ଦିର ନିକଟ, କ୍ରିଷ୍ଣା ବିହାର, ଭୁବନେଶ୍ୱର-୭୫୧୦୧୯ | ତା୩୧.୦୭.୨୦୧୯ରିଖ ସୁଦ୍ଧା ଆକା.ନଂ.: ୬୩୩୫୬୧୨୩୧ ୧,୦୯,୬୯୮/- ଟଙ୍କା ଆକା.ନଂ.: ୬୨୯୮୯୭୪୫୩ ନିମନ୍ତେ ଟ.୪୫,୦୬,୧୩୧/- | ୨୭.୦୮.୨୦୧୯/ ଆକା.ନଂ.: ୬୩୩୫୬୧୨୩୧ ୦୬.୦୧.୨୦୧୯ ଏବଂ ଆକା.ନଂ.: ୬୨୯୮୯୭୪୫୩ ୦୬.୧୧.୨୦୧୮ | ଭୁବନ ପ୍ରାଇଡ୍ ବିଲଡିଂର ୭ମ ମହଲାରେ ଥିବା ଫ୍ଲାଟ୍-୭୦୩ ସମୁଦାୟ ପରିମିତ କ୍ଷେତ୍ର: ପ୍ରାୟ ୧୫୪୦ ବର୍ଗଫୁଟ ସହିତ ଅବିଭକ୍ତ ଜମିର ନିମ୍ନ ଭାଗର ଅଂଶ ଏବଂ ସେଠାରେ ଯୁଗ୍ମଭାବେ ବର୍ତ୍ତମାନ ଏବଂ ଭବିଷ୍ୟତ ସଂଲଗ୍ନ ନିର୍ମାଣ ଯାହାର ପ୍ଲଟ୍ ନଂ.: ୧୨୬, ଖାତା ନଂ.: ୨୦୬, ମୌଜା: ରଣସିଂହପୁର, ଭୁବନେଶ୍ୱର-୭୫୧୦୦୧ ସହିତ ଅବିଭକ୍ତ ଜମିର ନିମ୍ନ ଭାଗର ଅଂଶ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଖୋଲା ସ୍ଥାନ, ଦକ୍ଷିଣ: କରିଡର, ପୂର୍ବ: ଖୋଲା ସ୍ଥାନ, ପଶ୍ଚିମ: ଖୋଲା ସ୍ଥାନ |
| ଋଣଗ୍ରହୀତା: ପ୍ରହଲ୍ଲାଦ ଡୋରା, ଏଚ୍‌ଆଇଜି ନଂ.: ୧/୧୧, ଲେନ୍ ନଂ.: ୧୩, ସତ୍ୟ ସାଇ ଏନ୍‌କ୍ଲେଭ୍, କୋଲଥିଆ, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦ / ସହ-ଋଣଗ୍ରହୀତା: ଗାୟତ୍ରୀ ଦେବୀ, ପିତା: ଶ୍ରୀ ପ୍ରହଲ୍ଲାଦ ଡୋରା, କ୍ୱାର୍ଟର ନଂ.: ୬, ଟାଇପ୍-ଡି, ୟୁନିଟ୍-୬, ଏସ୍.ଜି.ଓ.ଆଇ, ଟାଇପ୍-୮, ୟୁନିଟ୍-୬, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୩ | ତା୩୦.୦୧.୨୦୧୯ରିଖ ସୁଦ୍ଧା ଆକା.ନଂ.: ୪୭୩୨୨୭୪୪୪ ନିମନ୍ତେ ଟ.୯,୭୦,୪୯୮/- | ୧୯.୦୮.୨୦୧୯ / ୦୪.୧୦.୨୦୧୬ | ଶ୍ରୀ ପ୍ରହଲ୍ଲାଦ ଡୋରାଙ୍କ ସପକ୍ଷରେ ଓଡ଼ିଶା ଷ୍ଟେଟ୍ ହାଉସିଂ ବୋର୍ଡ ଦ୍ୱାରା ମୂଳତଃ ବଣ୍ଟନ କରାଯାଇଥିବା ଶ୍ରୀ ସତ୍ୟସାଇ ଏନ୍‌କ୍ଲେଭରେ ଅବସ୍ଥିତ ଏଚ୍‌ଆଇଜି ୟୁନିଟ୍ ଯାହାର ପ୍ଲଟ୍ ନଂ.: ୩୫, ୧(ଅଂଶ), ୨୯(ଅଂଶ), ୩୦(ଅଂଶ), ୨୫(ଅଂଶ), ୧୩୨(ଅଂଶ), ଖାତା ନଂ.: ୨୭୬ ଏବଂ ୨୭୮, ମୌଜା: ଆଇଗିଣିଆ, ଖଣ୍ଡଗିରି, ଭୁବନେଶ୍ୱର |
| ଋଣଗ୍ରହୀତା: ବ୍ୟୋମକେଶ ରଥ, ସା/ପୋ.: ଶାସନ ଦାମୋଦରପୁର, ଥାନା: ପୁରୀ ସଦର, ପୁରୀ-୭୫୨୦୦୨ | ଆକା.ନଂ.: ୪୭୧୪୧୩୪୭୮ ତା୩୦.୦୬.୨୦୧୯ରିଖ ସୁଦ୍ଧା ଟ.୪,୧୯,୪୮୦/- | ୧୯.୦୮.୨୦୧୯ / ୦୪.୦୮.୨୦୧୭ | ଜମିର ପରିମିତ କ୍ଷେତ୍ର: ପ୍ରାୟ ଏକର୦.୦୩ଡିସିମିଲି ସହିତ ସେଠାରେ ବର୍ତ୍ତମାନ ଏବଂ ଭବିଷ୍ୟରେ ନିର୍ମିତ ହେବାକୁ ଥିବା ଗୃହ ଯାହାର ପ୍ଲଟ୍ ନଂ.: ୫୧୪, ଖାତା ନଂ.: ୧୦୭୪, କ୍ଷେତ୍ର: ଏକର୦.୦୯ଡିସିମିଲି, ମୌଜା: ଦାମୋଦରପୁର ଶାସନ, ପୁରୀ ସଦର, ଜିଲ୍ଲା: ପୁରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୫୧୪ର ଅଂଶ, ଦକ୍ଷିଣ: ରାସ୍ତା, ପୂର୍ବ: ଲକ୍ଷ୍ମୀକାନ୍ତ ମିଶ୍ର, ପଶ୍ଚିମ: ରାମହରି ରଥ |
| ଆକା.ନଂ.: ୬୧୩୦୯୦୩୫୬ ତା୩୦.୦୬.୨୦୧୯ରିଖ ସୁଦ୍ଧା ଟ.୩,୦୨,୦୬୭/- | | ୧୯.୦୮.୨୦୧୯ /୦୪.୧୦.୨୦୧୭ | |
| ଆକା.ନଂ.: ୪୭୯୯୫୩୧୮୭ ତା୩୦.୦୬.୨୦୧୯ରିଖ ସୁଦ୍ଧା ଟ.୨,୯୮,୮୪୨/- | | ୧୯.୦୮.୨୦୧୯ /୦୪.୧୦.୨୦୧୭ | |
| ଋଣଗ୍ରହୀତା: ବିଶେଶ୍ୱର ଭୋଇ, ସରକାରୀ କ୍ୱାର୍ଟର ନଂ.: ୧, ବ୍ଲକ୍ କଲୋନୀ, କନ୍ଧମାଳ, ବୌଦ୍ଧ-୭୬୨୦୧୪ / ସହ-ଋଣଗ୍ରହୀତା: ଅରୁନ୍ଧତୀ ଭୋଇ, ଭିଆଇଏମ୍-୫୩୧, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୧୬ | ଆକା.ନଂ.: ୬୧୬୦୪୬୭୦୭ ତା୩୧.୦୭.୨୦୧୯ରିଖ ସୁଦ୍ଧା ଟ.୧୯,୦୬,୬୦୬/- | ୧୯.୦୮.୨୦୧୯ / ୦୫.୦୭.୨୦୧୮ | ଆଇଡିଆଲ ପ୍ଲାଜା ବିଲଡିଂର ବ୍ଲକ-ବିରେ ୬ଷ୍ଠ ମହଲାରେ ଥିବା ଫ୍ଲାଟ୍-୬୦୬, ସମୁଦାୟ ପରିମିତ କ୍ଷେତ୍ର: ୯୮୨ ବର୍ଗଫୁଟ ଏବଂ ଗୋଟିଏ ପାର୍କିଂ ସହିତ ଆନୁପାତିକ ଅବିଭକ୍ତ ନିମ୍ନ ଭାଗର ଜମିର ଅଂଶ ଏବଂ ସମସ୍ତ ସଂଲଗ୍ନ ନିର୍ମାଣ ଯାହାର ପ୍ଲଟ୍ ନଂ.: ୯୦/୪୩୨୫, ୮୯, ୯୦(ଅଂଶ), ୯୧/୪୩୦୩, ୯୧/୨୫୧୮/୫୮୪୦, ୯୦(ପିଟି), ୯୨/୪୩୨୫, ୯୦/୨୫୮୯, ଖାତା ନଂ.: ୬୧୧/୧୦୪୪, ୬୧୧/୧୭୩୧, ୬୧୧/୭୩୦, ୧୮୦, ୬୧୧/୫୫୬.୧୨୬, ମୌଜା: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୦୧ |
| ଋଣଗ୍ରହୀତା: ମଞ୍ଜୁର ଅଲ୍ଲୀ, ଗ୍ରାମ: ସୁକିନ୍ଦା, ପୋ.: ସୁକିନ୍ଦା, ଥାନା: ସୁକିନ୍ଦା, ଜିଲ୍ଲା: ଯାଜପୁର, ଯାଜପୁର-୭୫୫୦୧୮ | ଆକା.ନଂ.: ୬୦୭୧୮୫୨୨୦ ତା୩୧.୦୫.୨୦୧୯ରିଖ ସୁଦ୍ଧା ଟ.୧୯,୦୨,୬୭୭/- | ୦୧.୦୮.୨୦୧୯ / ୦୬.୦୪.୨୦୧୮ | ବସେରା ଇମ୍ପ୍ରେସନ ପ୍ଲସ୍ ବିଲଡିଂର ଫେଜ୍-୧, ବ୍ଲକ୍-୧ରେ ୧ମ ମହଲାରେ ଥିବା ଫ୍ଲାଟ୍-୧୦୫ ସମୁଦାୟ ପରିମିତ କ୍ଷେତ୍ର: ପ୍ରାୟ ୧୨୭୦ ବର୍ଗଫୁଟ ଯାହାର ପ୍ଲଟ୍ ନଂ.: ୪୩୯/୧୮୫୫, ୪୩୯/୧୮୫୦, |
| ୪୩୯/୧୮, ୪୩୯/୧୮୫୬, ଖାତା ନଂ.: ୪୭୪/୧୪୫, ୪୭୪/୧୪୧, ୪୭୪/୧୪୦, ୪୭୪/୧୪୬, ମୌଜା: ପଟିଆ, ଭୁବନେଶ୍ୱର-୭୫୧୦୦୧ | | | |
| ଋଣଗ୍ରହୀତା: ଅହଲ୍ୟା ନାୟକ, ବାଲିଗୋହିରୀ, ରାଜ ନିଳଗିରି, ବାଲେଶ୍ୱର, ବାଲେଶ୍ୱର-୭୫୬୦୦୧, ସହ-ଋଣଗ୍ରହୀତାମାନେ: ୧) ଦେବାଶିଷ ନାୟକ, ପ୍ଲଟ୍ ନଂ.: ୧୨୪୮, ମାର୍ଫତ: ସତ୍ୟ ଭୂଷଣ ରାଉତ, ଜଗନ୍ନାଥ ନଗର, ଭୁବନେଶ୍ୱର, ଭୁବନେଶ୍ୱର-୭୫୧୦୨୫, ୨) ସେବାଶିଷ ନାୟକ, ବାଲିଗୋହିରୀ, ରାଜ ନିଳଗିରି, ବାଲେଶ୍ୱର, ବାଲେଶ୍ୱର-୭୫୬୦୦୧ | ଆକା.ନଂ.: ୬୨୨୮୭୧୧୨୬ ତା୩୧.୦୫.୨୦୧୯ରିଖ ସୁଦ୍ଧା ଟ.୧୨,୧୭,୬୬୩/- | ୦୨.୦୮.୨୦୧୯ / ୩୧.୦୫.୨୦୧୭ | ଜମିର ପରିମିତ କ୍ଷେତ୍ର: ପ୍ରାୟ ଏକର୦.୧୧୦ଡିସିମିଲି ବା ୪୮୦୦ ବର୍ଗଫୁଟ ସହିତ ସେଠାରେ ବର୍ତ୍ତମାନ ଏବଂ ଭବିଷ୍ୟତରେ ନିର୍ମିତ ହେବାକୁ ଥିବା ଗୃହ ଯାହାର ପ୍ଲଟ୍ ନଂ.: ୫୯୩/୨୪୩୫, ଖାତା ନଂ.: ୫୧୨/୪୯୪, ହାଲ୍ ଖାତା ନଂ.: ୫୧୨/୫୫୨, ମୌଜା: ବାଲିଗୋହିରୀ, ତହସିଲ: ନିଳଗିରି, ଜିଲ୍ଲା: ବାଲେଶ୍ୱର, ଏହାର ଚାରିପାର୍ଶ୍ୱରେ ଉତ୍ତର: ନୟନଜୋରୀ, ଦକ୍ଷିଣ: ପାର୍ବତୀ ଦିବ୍ୟା ଏବଂ ବଳରାମ ଜେନା, ପୂର୍ବ: ମଦନ ମୋହନ ପଣ୍ଡା, ପଶ୍ଚିମ: ଅକ୍ଷୟ କୁମାର ମହାଲିକ |
| | ଆକା.ନଂ.: ୬୨୨୮୭୧୨୩୬ ତା୩୧.୦୫.୨୦୧୯ରିଖ ସୁଦ୍ଧା ଟ.୧୧,୭୧,୧୬୪/- | ୦୨.୦୮.୨୦୧୯ / ୩୧.୦୫.୨୦୧୭ | |
| | ଆକା.ନଂ.: ୬୨୩୩୭୬୩୩୩ ତା୩୧.୦୫.୨୦୧୯ରିଖ ସୁଦ୍ଧା ଟ.୨୮,୧୭୧/- | ୦୨.୦୮.୨୦୧୯ / ୩୦.୦୬.୨୦୧୮ | |
| ଆକା.ନଂ.: ୬୨୩୩୭୬୨୯୨ ତା୩୧.୦୫.୨୦୧୯ରିଖ ସୁଦ୍ଧା ଟ.୪୦,୩୩୦/- | | ୦୨.୦୮.୨୦୧୯ /୩୧.୦୫.୨୦୧୮ | |
| ଆକା.ନଂ.: ୬୨୨୮୭୩୭୦୨ ତା୩୧.୦୫.୨୦୧୯ରିଖ ସୁଦ୍ଧା ଟ.୧୩,୭୮,୫୨୨/- | | ୦୨.୦୮.୨୦୧୯ /୩୦.୦୪.୨୦୧୭ | |

✱ ଦେୟ ମୁକ୍ତ ଏବଂ / କିମ୍ବା ପରିଶୋଧ ତାରିଖ ପର୍ଯ୍ୟନ୍ତ ବାର୍ଷିକ ୧୮% ହାରରେ ପରବର୍ତ୍ତି ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଏବଂ ଦେୟ ଇତ୍ୟାଦି ସହିତ ।

ଯଦି କଥିତ ଋଣଗ୍ରହୀତାମାନେ ଏଚ୍‌ଡ଼ିଏଫ୍‌ସି ଲିମିଟେଡ଼ କୁ ଉପରୋକ୍ତ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ତେବେ ଏଚ୍‌ଡ଼ିଏଫ୍‌ସି ଲିମିଟେଡ଼ କଥିତ ଆକ୍ଟର ଧାରା ୧୩(୪) ଅନୁସାରେ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତି (ଗୁଡ଼ିକ) / ସ୍ଥାବର ସମ୍ପତ୍ତି (ଗୁଡ଼ିକ) ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ଏବଂ କଥିତ ଋଣଗ୍ରହୀତା(ମାନେ) / ଆଇନଗତ ଉତ୍ତରାଧିକାରୀ(ମାନେ) / ଆଇନଗତ ପ୍ରତିନିଧି(ମାନେ) ସମସ୍ତ ଆଇନଗତ ଖର୍ଚ୍ଚ / ଫଳାଫଳ ନିମନ୍ତେ ଦାୟୀ ରହିବେ ।

କଥିତ ଋଣଗ୍ରହୀତା(ମାନେ)/ ଆଇନଗତ ଉତ୍ତରାଧିକାରୀ(ମାନେ)/ଆଇନଗତ ପ୍ରତିନିଧି(ମାନେ) କଥିତ ଆକ୍ଟ ଅନୁଯାୟୀ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତି (ଗୁଡ଼ିକୁ) / ସ୍ଥାବର ସମ୍ପତ୍ତି ଗୁଡ଼ିକୁ ଏଚ୍‌ଡ଼ିଏଫ୍‌ସି ଲିମିଟେଡ଼ର ଲିଖିତ ଅନୁମତି ବିନା କୌଣସି ପ୍ରକାରରେ ବିକ୍ରୟ, ଲିଜ୍ କିମ୍ବା ଅନ୍ୟ ମାଧ୍ୟମରେ ହସ୍ତାନ୍ତରୀତ କରିପାରିବେ ନାହିଁ । କୌଣସି ବ୍ୟକ୍ତି ଯଦି ଏହି ଆକ୍ଟର କିମ୍ବା ନିୟମର ଉପରୋକ୍ତ ଧାରାକୁ ଉଲଙ୍ଘନ କରି କାର୍ଯ୍ୟ କରନ୍ତି ତେବେ ଆଇନ ଅନୁଯାୟୀ ଜୋରିମାନା ଏବଂ / କିମ୍ବା କାରାଦଣ୍ଡ ନିମନ୍ତେ ଦାୟୀ ରହିବେ ।

**ପଞ୍ଜିକୃତ କାର୍ଯ୍ୟାଳୟ : ରମଣ ହାଉସ୍, ଏଚ୍.ଟି. ପାରେଖ ମାର୍ଗ, ୧୬୯, ବାକ୍‌ବେ ରିକ୍ଲାମେସନ୍, ଚର୍ଚ୍ଚ ଗେଟ୍, ମୁମ୍ବାଇ-୪୦୦୦୨୦**

ସ୍ଥାନ : ଭୁବନେଶ୍ୱର
ତାରିଖ : ୨୦.୦୯.୨୦୧୯

ହାଉସିଂ ଡ଼େଭଲପ୍‌ମେଣ୍ଟ ଫାଇନାନ୍ସ କର୍ପୋରେସନ୍ ଲିମିଟେଡ୍, ତରଫରୁ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଯଶବନ୍ତ ପି. ରାଜପାଲ



# CLASSIFIED DISPLAY

**Life Care Emporium** — Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS
Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841

**ADMISSION OPEN**
INDUSTRIAL SAFETY ENGINEERING
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
EEURO MARITIME ACADEMY (ISO 9001 : 2015 CERTIFIED) Estd.2000
166, Soubhagya Nagar, Siripur, Unit-8, Bhubaneswar
logon : www.eeuromaritime.org
Ph.0674-2385773, M:9437114882, 9090366575

**YOU ARE UNDER CCTV SURVEILLANCE**
Call for Installation:-8984063447
UTILITY SERVICES

ଏମିତ ପାଠ ପଢ଼ନ୍ତୁ ଯେଉଁ ପାଠ ଆପଣଙ୍କୁ ରୋଜଗାରକ୍ଷମ କରିପାରିବ
**Bhava Institute Of Medical Science & Research** ରେ ଖୋଲିଛି ସମ୍ପୂର୍ଣ୍ଣ ରୋଜଗାରକ୍ଷମ ପାଠ୍ୟକ୍ରମ
DIPLOMA PROGRAMME: GNM (Nursing), ANM (Nursing), DMRT (X-Ray), DMLT (Pathology) — ELIGIBILITY : +2 PASS
CERTIFICATE PROGRAMME: MEDICAL LAB TECH., X-RAY TECH, O.T TECH, WARD TECH, DIALYSIS TECH — ELIGIBILITY : MATRIC PASS
ପାରା ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୨୯ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15, Phone : 0674 - 2553122, 9040009727, 8456845313 (M)

**MORE SPACE • SAME PRICE**
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable

**ବଶୀକରଣ କବଚ**
ପଞ୍ଚଧାତୁରେ ନିର୍ମିତ ସ୍ୱର୍ଣ୍ଣପଲିଶ୍ ଯୁକ୍ତ "ସିଦ୍ଧ ବଶୀକରଣ କବଚ"କୁ ପିନ୍ଧିବା ଦ୍ୱାରା ପଥରମନା ସ୍ତ୍ରୀ-ପୁରୁଷ, ଅଧିକାରୀ, ବ୍ୟବସାୟୀ, ଶତ୍ରୁ ସମସ୍ତେ ଆପଣଙ୍କ ଦ୍ୱାରା ପ୍ରଭାବିତ ହୋଇ ଆପଣଙ୍କ ଇଚ୍ଛା ଅନୁଯାୟୀ କାମ କରିବେ। ବ୍ୟବସାୟରେ ସଫଳତା, ମନପସନ୍ଦ ବିବାହ, ପ୍ରେମ ଓ ମଧୁର ସମ୍ପର୍କ ପାଇଁ "ସିଦ୍ଧ ବଶୀକରଣ କବଚ" କୁ ଘରେ ବସି ମାତ୍ର ₹630/- ରେ ମଗାନ୍ତୁ। ଏବେ ହିଁ ଅର୍ଡର କରନ୍ତୁ ଏବଂ ଡେଲିଭରୀ ମିଳିବା ପରେ ପେମେଣ୍ଟ କରନ୍ତୁ ।
୧୦ ବର୍ଷ ଧରି ଲକ୍ଷାଧିକ ସନ୍ତୁଷ୍ଟ ଓ ସୁଖୀ ଲୋକଙ୍କ ବିଶ୍ୱାସର ପ୍ରତୀକ
VEDANG SANSTHAN 9312010073
RZG-95A, MAHAVIR ENCLAVE, NEW DELHI-110045

**PARCSON WELLNESS PVT. LTD.**
Celebrates World Physiotherapy Month

| Contions | 14 days Package @ Centre with discount | 14 days package @home with discount |
|---|---|---|
| Package-A Includes ORTHO, Neuro, Geriatric, Sports, Cardio | 52% | 44% |
| Package-B Includes Post Operative, Pulmonary, Diabetes, Obesity | 54% | 39% |
| Package-C Includes Post Arthritis, Post natal, Prenatal, Ergonomics | 43% | 38% |

NB: Discount package available till Dussehra.
Contact :- D-101, Metro Sattelite City, Puri Canal Road, Hanspal, BBSR-752101, Ph.No. 9238138122/ 9238138133/ 9238138166, Email : parcsonbbsr@gmail.com

**ଶ୍ରବଣ ସମସ୍ୟା?**
Free Hearing Check-up Camp (Going on at all Audizone Centres)
■ Exchange Offer ■ EMI Facility ■ Attractive Discount
ଶ୍ରବଣ ଯନ୍ତ୍ର — DIGITAL HEARING AID — signia
Audizone Speech & Hearing Clinic
BHUBANESWAR: Baramunda 9777806331 | Saheed Nagar 6371045707 | Jaydev Vihar 6372287878
CUTTACK: Link Road 7381770531
KORAPUT: In front of S.L.N Medical 6372307123



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର । -ଏଡ୍‌ୱର୍ଥ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଯୁବ ସାଂସ୍କୃତିକ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ କୁଆଖାଇ କାର୍ଯ୍ୟକ୍ରମ, କୁଆଖାଇ ନଦୀକୂଳ, ପୂର୍ବାହ୍ନ ୯ଟା।
- ଉତ୍କଳ ବିଶ୍ୱବିଦ୍ୟାଳୟ ଓ ଓସ୍‌ଡମା ପକ୍ଷରୁ ସେମିନାର, କୃଷି ଭବନ ଅଡିଟୋରିୟମ୍, ପୂର୍ବାହ୍ନ ୧୦ଟା ୩୦।
- କମିଶନରେଟ ପୋଲିସ ପକ୍ଷରୁ ଟ୍ରାଫିକ୍ ସଚେତନତା ଶିବିର, ରମାଦେବୀ ବିଶ୍ୱବିଦ୍ୟାଳୟ ଅଡିଟୋରିୟମ୍, ମଧ୍ୟାହ୍ନ ୧୨ଟା।
- ଗୁରୁକୁଳ ଗୀତାଞ୍ଜଳି ପକ୍ଷରୁ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ଅଟୋରିକ୍ସା ମହାସଂଘ ପକ୍ଷରୁ ବିଶ୍ୱକର୍ମା ଭସାଣି ଉତ୍ସବ, ଶହୀଦ ନଗର ଦୁର୍ଗାପୂଜା ମଣ୍ଡପ, ରୂପାଲି ଛକ, ସନ୍ଧ୍ୟା ୬ଟା ୩୦।

**କଟକ**

- ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ଶୋଭାଯାତ୍ରା ଓ ବିକ୍ଷୋଭ, ଜିଲାପାଳଙ୍କ ଅଫିସ ସମ୍ମୁଖ, ପୂର୍ବାହ୍ନ ୧୧ଟା ୩୦ ।
- ଶ୍ରୀ ଷୋଳପୁଅ ମା' ଠାକୁରାଣୀ ପୂଜା ଉତ୍ସବ ଉପଲକ୍ଷେ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ସଭା, କର ପ୍ୟାଲେସ, ସୂତାହାଟ, ମଧ୍ୟାହ୍ନ ୧୨ଟା।

### ■ ନନ୍ଦନକାନନରେ ହାତୀ ମଡ଼କ

# ଆଖି ବୁଜିଲା କମଳା

**ବାରଙ୍ଗ,୧୯।୯(ଡି.ଏନ୍.ଏ.)**

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଗୁରୁବାର ସନ୍ଧ୍ୟାରେ ୭ବର୍ଷର ମାଈ ହାତୀ କମଳାର ମୃତ୍ୟୁ ଘଟିଛି। ହର୍ପିସ ଭୂତାଣୁଜନିତ ସଂକ୍ରମଣ ରୋଗରେ ଆକ୍ରାନ୍ତ ହୋଇ କମଳାର ମୃତ୍ୟୁ ଘଟିଛି ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି। ଏହି ଭୂତାଣୁ ଜନିତ ରୋଗରେ ପୂର୍ବରୁ ଦୁଇଟି ହାତୀଙ୍କ ମୃତ୍ୟୁ ଘଟିଥିଲା।

**୨୫ ଦିନରେ ୩ ହାତୀଙ୍କ ମୃତ୍ୟୁ**

ସୂଚନାଥାଉ କି, ନନ୍ଦନକାନନରେ ଅଗଷ୍ଟ ୨୬ତାରିଖରେ ହାତୀ ଜୁଲିର ମୃତ୍ୟୁ ଘଟିଥିଲା। ଏହାର ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଭୂତାଣୁ ଯୋଗୁ ଜୁଲିର ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା। ଏହି ଘଟଣାର ୧୯ଦିନ ପରେ ଅନ୍ୟ ଏକ ହାତୀ ଚନ୍ଦନର ମୃତ୍ୟୁ ଘଟିଥିଲା। ଏହାପରେ ନନ୍ଦନକାନନରେ



ମୃତ ହାତୀ କମଳା ।


ଏହି ଭୂତାଣୁକୁ ନେଇ ଆତଙ୍କ ଦେଖାଦେଇଥିଲା। ଏଥିଯୋଗୁ ହାତୀଶାଳାରେ ଥିବା ମାଈ ହାତୀ କମଳା ଓ ଗୌରୀକୁ ଅଲଗା କରି ଗତ ୧୬ତାରିଖରେ କଟେଜ ପରିସରରେ ରଖାଯାଇଥିଲା। ୧୭ତାରିଖରେ ଏହି ହାତୀଦ୍ୱୟଙ୍କ ଖାଇବା କମିବା ଦେଖିବାକୁ ମିଳିଥିଲା। ନୂଆ ଜାଗାରେ ଖାପଖୁଆଇ ପାରୁ ନ ଥିବାରୁ ଏଭଳି ହେଉଛି ବୋଲି ଡାକ୍ତରମାନେ ଅନୁମାନ କରିଥିଲେ। ତେବେ ୧୮ତାରିଖରେ କମଳାର ଖାଇବା କମିବା ସହ ସେ ଘୁମାଇବା ଆରମ୍ଭ କରିଥିଲା। ଗୁରୁବାର ସକାଳେ ତା'ର ମୁହଁ ଫୁଲିଯାଇଥିଲା। ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ମୁତାବକ ଏକ ଡାକ୍ତରୀ ଟିମ ବହୁ ସମୟ ଧରି ତା'ର ଚିକିତ୍ସା କରିଥିଲେ ମଧ୍ୟ ତାକୁ ବଞ୍ଚାଇ ପାରି ନ ଥିଲେ। କୋରାପୁଟ ଜିଲାର ନାରାୟଣପାଟଣା ଜଙ୍ଗଲରୁ ଉଦ୍ଧାର ହୋଇ ଚିକିତ୍ସା ପାଇଁ ଓୟୁଏଟିରେ ଭର୍ତ୍ତି ହୋଇଥିବା କମଳାର ବୟସ ୩ ମାସ ୨୬ଦିନ ହୋଇଥିବାବେଳେ ୨୦୧୩ ନଭେମ୍ବର ୨୨ରେ ତାକୁ ନନ୍ଦନକାନନକୁ ଅଣାଯାଇଥିଲା। କମଳାର ମୃତ୍ୟୁ ପରେ କଟେଜରେ ଗୌରୀ ଏକୁଟିଆ ରହିଛି। ହର୍ପିସ ଭୂତାଣୁଜନିତ ରୋଗ ପାଇଁ ଔଷଧ ନ ଥିବାରୁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇ ଚିକିତ୍ସା ଜାରି ରହିଥିଲେ ମଧ୍ୟ କମଳାର ମୃତ୍ୟୁ ଘଟିଆନ୍ତା ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ଦାସ କହିଛନ୍ତି। କମଳାର ମୃତ୍ୟୁ ପରେ ନନ୍ଦନକାନନରେ ହାତୀସଂଖ୍ୟା ୫କୁ ଖସିଆସିଛି। ହାତୀଶାଳାରେ ପ୍ରେମା, ବାସନ୍ତୀ, ହୀରା ରହୁଥିବା ବେଳେ ଛୋଟ ହାତୀ ମାମା ଡାକ୍ତରଖାନା ପାଖରେ ଏବଂ ଗୌରୀ କଟେଜ ପରିସରରେ ରହୁଛି।

## ଶ୍ରମିକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଭୁବନେଶ୍ୱର, ୧୯।୯(ବ୍ୟୁରୋ):** ମଞ୍ଚେଶ୍ୱର ଥାନା ଅଧୀନ ଗାଡକଣ ଅଞ୍ଚଳରେ ଜଣେ ଶ୍ରମିକଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ଗୁରୁବାର ସକାଳେ ତାଙ୍କ ଘର ଆଜବେଷ୍ଟସ୍ ରେଲିଂରୁ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ କନ୍ଧମାଳ ଜିଲା ମୃତଙ୍ଗ ଅଞ୍ଚଳର ଲୋଚନ ପୋଢ (୪୦)। ପୋଲିସ ସୂଚନା ମୁତାବକ, ଲୋଚନ ଗାଡକଣ ଅଞ୍ଚଳରେ ନିଜ ପରିବାର ସହ ରହୁଥିଲେ। ସେ ଦିନମଜୁରିଆ ଭାବେ କାମ କରୁଥିଲେ। ବୁଧବାର ରାତିରେ ପ୍ରବଳ ମଦ ପିଇ ଘରକୁ ଫେରି ସ୍ତ୍ରୀଙ୍କୁ ମାଡ଼ ମାରିଥିଲେ। ଏଥିଯୋଗୁ ତାଙ୍କ ସ୍ତ୍ରୀ ଶୋଇବା ପାଇଁ ଜଣେ ସମ୍ପର୍କୀୟ ଭଉଣୀଙ୍କ ଘରକୁ ଚାଲିଯାଇଥିଲେ। ସକାଳୁ ଫେରି ଦେଖିଲା ବେଳକୁ କବାଟ ଭିତରୁ ବନ୍ଦ ଥିଲା। ଅନେକ ଡାକିବା ପରେ ଉତ୍ତର ନ ମିଳିବାରୁ ସେ କବାଟ ଭାଙ୍ଗି ଘରେ ପଶିଥିଲେ। ଲୋଚନ ବେକରେ ଦଉଡ଼ି ଲଗାଇ ଆଜବେଷ୍ଟସ୍ ରେଲିଂରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଖବର ପାଇ ପୋଲିସ ପହଞ୍ଚି ଲୋଚନଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୮୧/୧୯) ରୁଜୁ କରି ତଦନ୍ତ କରୁଛି।

### ବ୍ରାଣ୍ଡ୍ ଓଡ଼ିଶାର ପ୍ରସାର ପାଇଁ ନୂଆ ଅଭିଯାନ

# ଓଡ଼ିଶା ନୁହେଁ...ଓଡ଼ିଶା ଆଃ




**ଭୁବନେଶ୍ୱର,୧୯।୫(ବ୍ୟୁରୋ)**

ପ୍ରଥମେ 'ଓଡ଼ିଶା ବାଇ ମର୍ନିଂ, ହକି ବାଇ ଇଭିନିଂ'। ଆଉ ଏବେ 'ଓଡ଼ିଶା ଆଃ'। ରାଜ୍ୟ ଏବଂ ଦେଶ ବାହାରେ ବ୍ରାଣ୍ଡ୍ ଓଡ଼ିଶାର ପ୍ରମୋଶନ ପାଇଁ ଜୋରଦାର ଉଦ୍ୟମ ଚଳାଇଛି ରାଜ୍ୟ ପର୍ଯ୍ୟଟନ ବିଭାଗ। ଓଡ଼ିଶାକୁ ଭାରତର ଏକ ପ୍ରମୁଖ ପର୍ଯ୍ୟଟନ ହବ୍‌ରେ ପରିଣତ କରିବାକୁ ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ଆରମ୍ଭ ହୋଇଛି ନୂଆ କ୍ୟାମ୍ପେନ୍ 'ଓଡ଼ିଶା ଆଃ'। ଏକ ଅଭିନବ ଢଙ୍ଗରେ ଡିଜାଇନ୍ ହୋଇଥିବା ଏହି କ୍ୟାମ୍ପେନ୍ ଏବେ ଦିଲ୍ଲୀ ଏବଂ ବମ୍ବେର ମେଟ୍ରୋ ଷ୍ଟେଶନ ଏବଂ ବିମାନ ବନ୍ଦରରେ ଦେଖିବାକୁ ମିଳୁଛି।

୨୦୧୮ରେ ଭୁବନେଶ୍ୱରରେ ଆୟୋଜିତ ହୋଇଥିବା ପୁରୁଷ ହକି ବିଶ୍ୱକପ୍‌ରେ ଓଡ଼ିଶାକୁ ଦେଶ ଓ ବିଦେଶରେ କ୍ରୀଡ଼ା ରାଜଧାନୀଭାବେ ଦର୍ଶାଯାଇଥିଲା। କ୍ରୀଡ଼ା ସହ ପର୍ଯ୍ୟଟନକୁ ଯୋଡ଼ି ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ରାଜ୍ୟ ସରକାର ନୂଆ ନୂଆ କ୍ୟାମ୍ପେନ୍ ଆରମ୍ଭ କରିଥିଲେ। 'ଓଡ଼ିଶା-ବେଷ୍ଟ କେପ୍ଟ ସିକ୍ରେଟ୍' ପରେ 'ଓଡ଼ିଶା ବାଇ ମର୍ନିଂ, ହକି ବାଇ ଇଭିନିଂ' କ୍ୟାମ୍ପେନ୍ ଆରମ୍ଭ ହୋଇଥିଲା, ଯାହାକି ଦେଶ ବାହାରେ ବିଶେଷଭାବେ ଆଦୃତ ହୋଇଥିଲା। ଏହି 'ଓଡ଼ିଶା ବାଇ ମର୍ନିଂ, ହକି ବାଇ ଇଭିନିଂ' କ୍ୟାମ୍ପେନ୍‌ର ଡିଜାଇନ୍ କରିଥିବା ଏସ୍‌ଡିବି କ୍ରିଏଶନ୍‌ର ପ୍ରତିଷ୍ଠାତା ତଥା କ୍ରିଏଟିଭ୍ ଡିରେକ୍ଟର ସଚିନ ଦାସ ବର୍ମା ଏହି ନୂଆ କ୍ୟାମ୍ପେନ୍ 'ଓଡ଼ିଶା ଆଃ'ର ମଧ୍ୟ ଡିଜାଇନ୍ କରିଛନ୍ତି। ନିକଟରେ ଦିଲ୍ଲୀ ଏବଂ ମୁମ୍ବାଇ ବିମାନ ବନ୍ଦରରେ ଏହି ନୂଆ କ୍ୟାମ୍ପେନ୍ ଲୋକାର୍ପିତ ହୋଇଥିବାବେଳେ ମୁମ୍ବାଇ ମେଟ୍ରୋରେ ମଧ୍ୟ ଦେଖିବାକୁ ମିଳିଛି। ତେବେ ଧୀରେ ଧୀରେ ଏହାକୁ ଦେଶ ଏବଂ ଦେଶ ବାହାରର ପ୍ରମୁଖ ଏୟାରପୋର୍ଟରେ ପ୍ରଦର୍ଶନ କରାଯିବ। ଏହାସହ ଖବରକାଗଜ, ଇଲେକ୍ଟ୍ରୋନିକ୍ ଏବଂ ଡିଜିଟାଲ ମିଡ଼ିଆରେ ମଧ୍ୟ ପ୍ରମୋଟ କରିବାକୁ ବିଭାଗ ଯୋଜନା କରିଛି। ତେବେ କେରଳ, ଗୋଆ, ଆସାମ ଭଳି ଟୁରିଜମ୍ ବ୍ରାଣ୍ଡ୍ ସହ ତାଳ ଦେବାକୁ ଓଡ଼ିଶା ଏହି କେମ୍ପେନ୍ ଆରମ୍ଭ କରିଥିବା କୁହାଯାଇଛି। ଏହାସହ ଓଡ଼ିଶା ପ୍ରତି ପର୍ଯ୍ୟଟକଙ୍କର ଥିବା ଚିନ୍ତାଧାରାରେ ଏହା ପରିବର୍ତ୍ତନ ଆଣିବ। ପୁରୀ, କୋଣାର୍କ, ଭୁବନେଶ୍ୱର ଛଡ଼ା ଓଡ଼ିଶାରେ ଦେଖିବାକୁ ଓ ଅନୁଭୂତ କରିବାକୁ ଅନେକ କିଛି ରହିଛି। ଆଧ୍ୟାତ୍ମିକ ଓ ଐତିହ୍ୟ ପର୍ଯ୍ୟଟନ ବାହାରେ ଓଡ଼ିଶା ପର୍ଯ୍ୟଟକଙ୍କ ପାଇଁ ଅନେକ କିଛି ସାଇତି ରଖିଛି। ରାଜ୍ୟରେ କୋରାପୁଟ, ସାତକୋଶିଆ, ଦାରିଙ୍ଗବାଡ଼ି, ଦେବ୍ରିଗଡ଼, ଶିମିଳିପାଳ ଓ ଭିତରକନିକା, ମଣ୍ଡାସାରୁ ଭଳି ପରିବେଶ ପର୍ଯ୍ୟଟନସ୍ଥଳୀ ରହିଛି। ଏହାସହ ଓଡ଼ିଶାର ଆଦିବାସୀ ପର୍ଯ୍ୟଟନ, ବିଚ୍ ଟୁରିଜମ୍, ବନ୍ୟଜନ୍ତୁ ପର୍ଯ୍ୟଟନ, ପାରମ୍ପରିକ ଓଡ଼ିଆ ଖାଦ୍ୟ ପର୍ଯ୍ୟଟକଙ୍କୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଦେବାର କ୍ଷମତା ରଖିଛି। ଓଡ଼ିଶାର କୋଣ ଅନୁକୋଣରେ ଥିବା ଏହାର କଳା, ସଂସ୍କୃତି, ପ୍ରାକୃତିକ ସୌନ୍ଦର୍ଯ୍ୟ, ଚାଲିଚଳଣି, ନୃତ୍ୟ, ସଙ୍ଗୀତ ଜଣେ ପର୍ଯ୍ୟଟକକୁ ଆଃ ଅନୁଭୂତି ଦେଉଥିବାବେଳେ ନୂଆ ଅଭିଯାନକୁ ସେହି ଅନୁଯାୟୀ ପ୍ରସ୍ତୁତ କରାଯାଇଛି।




ଭୁବନେଶ୍ୱର ଜନତା ମଇଦାନରେ ଅକ୍ଟୋବର ୪ ରେ ହେବାକୁ ଥିବା 'ଡାଣ୍ଡିଆ ନାଇଟ୍' ପାଇଁ ସେବା ପ୍ରୟାସ ଫାଉଣ୍ଡେଶନ ପକ୍ଷରୁ ଗୁରୁବାର ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି ।

### ■ ଓଡ଼ିଶା ଖଦି ବଜାର- ୨୦୧୯ ଆରମ୍ଭ

# ପ୍ରୋତ୍ସାହନ ଲାଗି ମିଳିତ ଉଦ୍ୟମ ଲୋଡ଼ା

**ଭୁବନେଶ୍ୱର,୧୯।୯**

ଖଦି ସାମଗ୍ରୀର ପ୍ରୋତ୍ସାହନ ଲାଗି ସମସ୍ତେ ଆଗେଇ ଆସିବା ଆବଶ୍ୟକ। ଏହାଦ୍ୱାରା ଦେଶର କ୍ଷୁଦ୍ର ଶିଳ୍ପକୁ ଉତ୍ସାହିତ କରାଯିବା ସହ କାରିଗରଙ୍କ ଲାଗି ରୋଜଗାର ସୃଷ୍ଟି କରାଯାଇ ପାରିବ। ଖଦି ସାମଗ୍ରୀର ବହୁଳ ବ୍ୟବହାର ହେଲେ କାରିଗରମାନେ ଭଲ ରୋଜଗାର ପାଇପାରିବେ। ଏହାକୁ ସମସ୍ତେ ଉପଲବ୍ଧ କରିବା ଉଚିତ। ସବୁ ସ୍ତରରେ ଏଥି ଲାଗି ଉଦ୍ୟମ ଲୋଡ଼ା ବୋଲି ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ସ୍ଥାନୀୟ ପ୍ରଦର୍ଶନୀ ପଡ଼ିଆଠାରେ ଗୁରୁବାର ଓଡ଼ିଶା ଖଦି ବଜାର ୨୦୧୯କୁ ଶୁଭାରମ୍ଭ କରି ସେ କହିଛନ୍ତି ଯେ, ବିଦ୍ୟାଳୟ ସ୍ତରରେ ଖଦି ପୋଷାକ ବ୍ୟବହାର ହେଲେ ଏହା ଶିଳ୍ପ ଲାଗି ନୂଆ ସୁଯୋଗ ସୃଷ୍ଟି କରନ୍ତା। ଛାତ୍ରୀଛାତ୍ର ଅନ୍ତତଃ ପକ୍ଷେ ସପ୍ତାହରେ ଗୋଟିଏ ଦିନ ଖଦି ପୋଷାକ ପିନ୍ଧିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

ଖଦି ଏବଂ ଗ୍ରାମୋଦ୍ୟୋଗ କମିଶନ(କେଭିଆଇସି) ରାଜ୍ୟ ଅଫିସ ପକ୍ଷରୁ ଆୟୋଜିତ ଏହି ପ୍ରଦର୍ଶନୀ ଅକ୍ଟୋବର ୨ ଯାଏ ଚାଲିବ। ଏଠାରେ ୭୫ ଷ୍ଟଲ ସ୍ଥାପନ କରାଯାଇଛି। ଓଡ଼ିଶା, ପଶ୍ଚିମବଙ୍ଗ, ବିହାର ଏବଂ ଛତିଶଗଡ଼ର କାରିଗରମାନେ ମେଳାରେ ଯୋଗ ଦେଇଛନ୍ତି। ସେହିଭଳି ମେଳାରେ ୪ ସ୍ୱତନ୍ତ୍ର ପ୍ରଦର୍ଶନ ପାଭିଲିଅନ ସ୍ଥାପନ କରାଯାଇଛି। ଖଦି କାରିଗର ଏବଂ ଶିଳ୍ପକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଏଭଳି ମେଳା ଆୟୋଜନ କରାଯାଉଥିବା କେଭିଆଇସି ପକ୍ଷରୁ କୁହାଯାଇଛି। ଏଠାରେ ଗ୍ରାହକମାନେ ରାଜ୍ୟ ଏବଂ ରାଜ୍ୟ ବାହାରର କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ବର୍ଗର ଖଦି ସାମଗ୍ରୀ ସହଜରେ ପାଇପାରିବେ। କାର୍ଯ୍ୟକ୍ରମ ଅବସରରେ କେଭିଆଇସି ସଭାପତି ସଂଗ୍ରାମ କେଶରୀ ପାଇକରାୟ, ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକ, କେଭିଆଇସି ନିର୍ଦ୍ଦେଶକ ସମୀର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




ପ୍ରଦର୍ଶନୀରେ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ ।

# ପ୍ରଯୁକ୍ତି ବିଦ୍ୟା ଦ୍ୱାରା ଉଚ୍ଚଶିକ୍ଷାର ବିକାଶ କରାଯିବ



ବୈଠକରେ ମନ୍ତ୍ରୀ ଅରୁଣ ସାହୁ ଓ ଅନ୍ୟମାନେ ।

**ବିଶ୍ୱବିଦ୍ୟାଳୟ ଉଚ୍ଚ ପଦାଧିକାରୀସ୍ତରୀୟ ବୈଠକ**

■ ନାକ୍ ମାନ୍ୟତା ପାଇଁ ପ୍ରସ୍ତୁତ ହେଉଛି ରୋଡ୍ ମ୍ୟାପ୍

**ଭୁବନେଶ୍ୱର, ୧୯।୯(ବ୍ୟୁରୋ)**

ମହାବିଦ୍ୟାଳୟ ଗୁଡ଼ିକ ନାକ୍ ମାନ୍ୟତା ପାଇବା ଦିଗରେ ଇଣ୍ଟରନାଲ୍ କ୍ୱାଲିଟି ଆସ୍ୟୁରାନ୍ସ ସେଲ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ଏହାକୁ ଅଧିକ କ୍ରିୟାଶୀଳ ଓ ସୁଦୃଢ଼ କରାଯିବା ପାଇଁ ପଦକ୍ଷେପ ନିଆଯାଇଛି। ମହାବିଦ୍ୟାଳୟମାନେ ନାକ୍ ମାନ୍ୟତା ପାଇବା ଦିଗରେ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟଗୁଡ଼ିକର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଶିକ୍ଷାନୁଷ୍ଠାନମାନଙ୍କରେ ୫'ଟି'କୁ କଡ଼ାକଡ଼ି ଭାବେ ଅନୁପାଳନ କରିବା ସହିତ ଇ-ଗଭର୍ଣ୍ଣାନ୍ସ ଓ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ କରି ଉଚ୍ଚଶିକ୍ଷାର ବିକାଶ କରାଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି। ଗୁରୁବାର ପୁସ୍ତକ ଭବନରେ ଆୟୋଜିତ ବିଶ୍ୱବିଦ୍ୟାଳୟମାନଙ୍କର ଉଚ୍ଚ ପଦାଧିକାରୀସ୍ତରୀୟ ବୈଠକରେ ମନ୍ତ୍ରୀ ସାହୁ ଅଧ୍ୟକ୍ଷତା କରି କହିଥିଲେ, ରାଜ୍ୟର ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ଯେପରି ଅଧିକରୁ ଅଧିକ ନାକ୍ ମାନ୍ୟତା ପାଇବେ ସେ ଦିଗରେ ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରାଯାଉଛି। ଏଥିସହ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଅଧ୍ୟାପକଙ୍କର ଦକ୍ଷତା ବୃଦ୍ଧି ପାଇଁ ନିୟମିତ ଭାବେ ରିଫ୍ରେସର କୋର୍ସକୁ ଗୁରୁତ୍ୱ ଦିଆଯାଉଛି। ଶିକ୍ଷାନୁଷ୍ଠାନରେ ମାନବସମ୍ବଳ ବିକାଶ କେନ୍ଦ୍ରଗୁଡ଼ିକର କାର୍ଯ୍ୟକାରିତା, ପରିଚାଳନା ଓ ନାକ୍ ମାନ୍ୟତା ସମ୍ବନ୍ଧରେ ସମୀକ୍ଷା କରିବା ଅବସରରେ ଗୁଣାତ୍ମକ ଶିକ୍ଷାଦାନ ନିମନ୍ତେ ଅଧ୍ୟାପକମାନଙ୍କ ନିୟମିତ ପ୍ରଶିକ୍ଷଣ ଆବଶ୍ୟକ। ଏଥିପାଇଁ ଏକ କ୍ୟାଲେଣ୍ଡର ପ୍ରସ୍ତୁତ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

ବୈଠକରେ କଲେଜ ଉନ୍ନୟନ ପରିଷଦ ଓ ଇଣ୍ଟରନାଲ୍ କ୍ୱାଲିଟି ଆସ୍ୟୁରାନ୍ସ ସେଲ୍ ବାବଦରେ ସମୀକ୍ଷା କରିଥିଲେ। ଏଥି ସହିତ ନାକ୍ ମାନ୍ୟତା ପାଇବା ଦିଗରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ କହିଥିଲେ। ବୈଠକରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଶ୍ୱତ ମିଶ୍ର, ବିଶ୍ୱବ୍ୟାଙ୍କ ପ୍ରକଳ୍ପ ନିର୍ଦ୍ଦେଶକ ପରମେଶ୍ୱରନ୍ ବି, ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଦାସ ଏବଂ ପ୍ରଫେସର ସସ୍ମିତ ପାଣି ପ୍ରମୁଖ ନାକ୍ ମାନ୍ୟତା ଓ ଉଚ୍ଚଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧିର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ବହୁ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ସ୍ୱୟଂ ମହାବିଦ୍ୟାଳୟ ପଦାଧିକାରୀମାନେ ଯୋଗଦେଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ଦୁର୍ଗାମାଧବ



ଉଦୟ



ଅସିତ୍



ସୁବାସ



ମାନସ



ସନ୍ତୋଷ



ପ୍ରମୋଦ



ଯତୀନ



ଭୁଲ୍‌ଟା ବୁଝିବା ମାତ୍ରେ ଲଜ୍ଜିତ ହୋଇଯିବା ଭଳି ସଦ୍‌ଗୁଣ ଆଉ କିଛି ନାହିଁ । -ଡାୟୋଜିନିସ୍



ଭୁବନେଶ୍ୱର ରେଳ ଷ୍ଟେଶନ

# ବିଶ୍ୱସ୍ତରୀୟ ପାଇଁ ସଜବାଜ



ସ୍ମିତ ପ୍ରଜ୍ଞ ମିଶ୍ର
ଭୁବନେଶ୍ୱର, ୧୯।୯

ଦେଶର ପ୍ରଥମ ମଲ୍ଟି ମୋଡାଲ ହବ୍ (ବହୁମୁଖୀ ପରିବହନ କେନ୍ଦ୍ର) ହେବ ଭୁବନେଶ୍ୱର ରେଳ ଷ୍ଟେଶନ । ଯାତ୍ରୀଙ୍କୁ ଏଠାରେ ବିମାନବନ୍ଦର ଅପେକ୍ଷା ଅଧିକ ସୁବିଧା ମିଳିବ । ରେଳ ଷ୍ଟେଶନକୁ ସମ୍ପୂର୍ଣ୍ଣ ଭାବେ ବିଶ୍ୱସ୍ତରୀୟ କରାଯିବାକୁ ରେଲୱେ ସହିତ ରାଜ୍ୟ ସରକାର ହାତ ମିଳାଇଛନ୍ତି । ସମଗ୍ର ଷ୍ଟେଶନ ଶୀତତାପ ନିୟନ୍ତ୍ରିତ ହେବାକୁ ଥିବା ବେଳେ ୬ ମହଲା ବିଶିଷ୍ଟ ଷ୍ଟେଶନ ବିଲଡିଂ ରହିବ । ବିମାନବନ୍ଦର ପରି ରେଳ ଷ୍ଟେସନରେ ଯାତ୍ରୀଙ୍କୁ ଉତ୍କୃଷ୍ଟ ସେବା ଯୋଗାଇବା ପାଇଁ ଭିତରେ ରଙ୍ଗବେରଙ୍ଗର ଆଲୁଅ ସହ ଅତ୍ୟାଧୁନିକ ସୁବିଧା ଓ ବାହାରେ ବଡ ସମୟ ବିତାଇବା ଲାଗି ବଡ଼ ବଗିଚା ରହିବ । ଯେଉଁଠି ଯାତ୍ରୀମାନେ ବସି ଆରାମ କରିପାରିବେ । ଯାହାପାଇଁ ଗୁରୁବାର ନୂଆଦିଲ୍ଲୀଠାରେ ରେଲୱେ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଭୁବନେଶ୍ୱର ରେଲ୍‌ୱେ ଷ୍ଟେଶନର ଉନ୍ନତୀକରଣ ପାଇଁ ରେଲୱେ ୭୦ କୋଟି ଓ ରାଜ୍ୟ ସରକାର ୬୦ କୋଟି ଟଙ୍କା ଖର୍ଚ୍ଚ କରିବେ । ସେହିପରି ଷ୍ଟେଶନର ପାରିପାର୍ଶ୍ୱିକ ଉନ୍ନତୀକରଣ ଓ ନୂତନ ବିଲ୍ଡିଂ ନିର୍ମାଣ ପାଇଁ ରାଜ୍ୟ ସରକାର ଇଞ୍ଜିନିୟରିଂ ପ୍ରକ୍ୟୁରମେଣ୍ଟ ଆଣ୍ଡ କନଷ୍ଟ୍ରକଶନ (ଇପିସି) ମୋଡ଼ରେ ୩୦୦ କୋଟି ଓ ପବ୍ଲିକ ପ୍ରାଇଭେଟ ପାର୍ଟନରଶିପ (ପିପିପି) ମୋଡରେ ୫୪୦ କୋଟି ଟଙ୍କା ବ୍ୟୟ କରିବେ । ଯେଉଁଥିରେ କି ଥିଏଟର ପ୍ଲାଜା, ଆର୍ଟ ପ୍ଲାଜା, ଶିଶୁମାନଙ୍କ ପାଇଁ ପ୍ଲାଜା ଓ ଫୁଡ କୋର୍ଟର ସୁବିଧା କରାଯିବ । ଏଥିସହ ଗହଳି କମାଇବା ଲାଗି ପଥଗୁଡିକୁ ଭାଗ ଭାଗ କରାଯିବ । ବସ୍ ପାଇଁ ଅଲଗା, ଅଟୋ ରିକ୍ସା ପାଇଁ ଅଲଗା, ଟ୍ୟାକ୍ସି ପାଇଁ ଅଲଗା, ଦୁଇ ଚକିଆ ଯାନ ପାଇଁ ଅଲଗା ଓ ସ୍ୱତନ୍ତ୍ର ଭାବେ ସାଇକେଲ ଆରୋହୀ ଏବଂ ପଥଚାରୀଙ୍କ ପାଇଁ ଭିନ୍ନ ଭିନ୍ନ ପଥ ନିର୍ମାଣ କରାଯିବ ।





## ସ୍ମାର୍ଟ ସିଟି ମିଶନରେ କରାଯିବ କାର୍ଯ୍ୟ

କେନ୍ଦ୍ର ସରକାରଙ୍କ ସ୍ମାର୍ଟ ସିଟି ମିଶନ ଅନ୍ତର୍ଭୁକ୍ତ ରେଳଷ୍ଟେଶନ ମଲ୍ଟିମୋଡାଲ ହବ୍ ନିର୍ମାଣ ଭାବେ ଭୁବନେଶ୍ୱର ରେଳଷ୍ଟେଶନ ସଂଲଗ୍ନ ଅଞ୍ଚଳକୁ ବିକଶିତ କରାଯିବ । ୧୨ ଏକର ଜାଗାରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପକୁ ଓଡିଶା ସରକାରଙ୍କ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପ୍ଲାନିଂ, ଡିଜାଇନିଂ ଓ ଏକ୍‌ଜୁକେଶନରେ ନିର୍ମାଣ କରାଯିବ । ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ମିଳିତ ଜମିରେ ନୂଆ ଟର୍ମିନାଲ ବିଲ୍ଡିଂ ସହ ୨ଟି ନୂଆ ପ୍ଲାଟଫର୍ମ, ସିଟି ବସ୍ ଟର୍ମିନାଲ, ପବ୍ଲିକ କାର ପାର୍କିଂ ଏବଂ ଅନ୍ୟାନ୍ୟ ସାଧାରଣ ଲୋକଙ୍କ ଉପଯୋଗୀ ଭାବେ ନିର୍ମାଣ କରାଯିବ ।

## ୩ ଭାଗରେ ଅର୍ଥ ଖର୍ଚ୍ଚ ହେବ

ନୂଆ ରୂପ ନେବାକୁ ଥିବା ଭୁବନେଶ୍ୱର ରେଳ ଷ୍ଟେଶନକୁ ତିନି ଭାଗରେ କାର୍ଯ୍ୟ କରାଯାଇ ଅର୍ଥ ଖର୍ଚ୍ଚ କରାଯିବ । ପ୍ରଥମଟିରେ ଦୁଇ ଅତିରିକ୍ତ ଲାଇନ ଓ ୩ ମହଲା କୋଠା ନିର୍ମାଣ ହେବ, ଯେଉଁଥିରେ ୧୩୦ କୋଟି ଖର୍ଚ୍ଚ ହେବ । ଅନ୍ୟଟି ଇପିସି (ଇଞ୍ଜିନିୟରିଂ ପ୍ରକ୍ୟୁରମେଣ୍ଟ ଆଣ୍ଡ କନଷ୍ଟ୍ରକଶନ) ରେ ଥିଏଟର ପ୍ଲାଜା, ଆର୍ଟ ପ୍ଲାଜା, ଶିଶୁମାନଙ୍କ ପାଇଁ ପ୍ଲାଜା ଓ ଫୁଡ୍ କୋର୍ଟର ସୁବିଧା କରାଯିବ । ଏଥିସହ ଗହଳି କମାଇବା ଲାଗି ପଥଗୁଡିକୁ ଭାଗଭାଗ କରାଯିବ । ଯେଉଁଥିରେ ୩୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ । ଶେଷରେ ପିପିପି ମୋଡ୍‌ରେ କାର୍ଯ୍ୟ ହେବ, ଯେଉଁଥିରେ ୫୪୦ ଟଙ୍କା ଖର୍ଚ୍ଚ କରାଯିବ । ସେଥିରେ ରେଳ ଷ୍ଟେଶନକୁ ସଂଯୋଗ କରୁଥିବା ରାସ୍ତା, ସୁଉଚ୍ଚ ଅଟ୍ଟାଳିକା ଓ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ପାଇଁ ଘର କରାଯିବ ।

## ତଳ ୩ ମହଲାରେ ରେଲୱେ, ଉପର ୩ ବିଡିଏ

ପ୍ରସ୍ତାବିତ ୬ ମହଲା ଷ୍ଟେଶନ ବିଲ୍‌ଡିଂରେ ୩ ମହଲା ଷ୍ଟେଶନର ଓ ୩ ମହଲା ବିଡିଏ ନିକଟରେ ରହିବ । ତଳ ମହଲା ସହିତ ପ୍ରଥମ ଓ ଦ୍ୱିତୀୟ ମହଲା ରେଳ ଷ୍ଟେଶନକୁ ମିଳିବ । ଏଥିରେ ରେଳପଥର ୧.୭୪ ଲକ୍ଷ ବର୍ଗଫୁଟ ଜାଗା ବ୍ୟବହାର ହେବ । ବାକି ଉପର ତିନି ମହଲା ତକ ବିଡିଏ ନିକଟକୁ ଯିବ । ସେଠାରେ ବିଡିଏ ଶପ୍‌ଲାଇନ, ହୋଟେଲ, ହାଉସଲାଇନ, ପ୍ରେକ୍ଷାଳୟ କରାଯିବାର ବ୍ୟବସ୍ଥା କରାଯାଇଛି ।

## ସିଙ୍ଗାପୁରର ଡିଜାଇନିଂ କମ୍ପାନୀକୁ ବିଡିଏର ଦାୟିତ୍ୱ

ଏହି ପ୍ରକଳ୍ପ ପାଇଁ ବିଡିଏ ବହୁ ପୂର୍ବରୁ ଡିଟେଲ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର୍) ପ୍ରସ୍ତୁତ କରି କାର୍ଯ୍ୟ ଆରମ୍ଭ କରିଛି । ଫଳସ୍ୱରୂପ ରେଳ ଷ୍ଟେଶନ ନିକଟରୁ ଜବରଦଖଲ ଉଚ୍ଛେଦ ସହ ଅଶୋକା ମାର୍କେଟ ଭଙ୍ଗା ହେବା ଆଦି ରହିଛି । ସିଙ୍ଗାପୁରର ସୁବର୍ଣ୍ଣା ଜୁରଙ୍ଗ ନାମକୁ ଡିଜାଇନିଂ ସଂସ୍ଥାକୁ ଏନେଇ ନୂଆ ଡିଜାଇନ୍ ବନାଇବାକୁ ବିଡିଏ ଦାୟିତ୍ୱ ଦେଇଥିଲା । ଯାହାର କିଛି ଗ୍ରାଫିକାଲ ଛବି ଏବେ ପ୍ରକାଶିତ ହୋଇଛି । ଏହି ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତ କରିବାକୁ ସମ୍ପୃକ୍ତ ସଂସ୍ଥାକୁ ଏକ କୋଟି ଟଙ୍କା ଦିଆଯାଇଛି ।

## ଶୋଭା ବଢ଼ାଇବ ଐତିହ୍ୟ ସ୍ଥାପତ୍ୟ

ଷ୍ଟେଶନ ଭିତରକୁ ପଶିବା ଲାଗି ଭୂତଳ ରାସ୍ତା ଓ ବାହାରିବା ଲାଗି ଉପର ମହଲା ଦେଇ ରାସ୍ତା ନିର୍ମାଣ କରାଯିବ । ଏହି ରାସ୍ତାରେ ଓ ଷ୍ଟେଶନ ପରିସରରେ ପ୍ରସିଦ୍ଧ କଳିଙ୍ଗ ସ୍ଥାପତ୍ୟ ସହ ପରିବେଶକୁ ସବୁଜମୟ କରାଯିବ । ଓଡ଼ିଶାର ପୁରାତନ କଳା, ସଂସ୍କୃତିର କିଛି ପଟୋଚିତ୍ରକୁ ମଧ୍ୟ ଉଭୟ ପାର୍ଶ୍ୱରେ ସ୍ଥାନିତ କରାଯିବ ।

## ବହୁ କାର୍ଯ୍ୟାଳୟ ସ୍ଥାନାନ୍ତରିତ ହେବ

ନୂଆ ପ୍ରସ୍ତାବିତ ପ୍ରକଳ୍ପ ନିର୍ମାଣରେ ବହୁ କାର୍ଯ୍ୟାଳୟ ସ୍ଥାନାନ୍ତର ହେବ । ପାର୍ସଲ ଅଫିସ୍, ରନିଂ ରୁମ୍, ଜିଆରପି ବାରାକ୍ ସବୁଗୁଡ଼ିକ ବର୍ତ୍ତମାନ ଥିବା ୬ନମ୍ବର ପ୍ଲାଟଫର୍ମକୁ ଉଠିଯିବ । ଆରପିଏଫ୍ ଓ ଜିଆରପି ଥାନା ଗୋଟିଏ ଛାତ ତଳେ ରହିବ । ରନିଂ ରୁମ୍ ବର୍ତ୍ତମାନର ଆରପିଏଫ୍ ଥାନା ନିକଟକୁ ସ୍ଥାନାନ୍ତର ହେବ ବୋଲି ଯୋଜନା ରଖାଯାଇଛି ।

ପାଉଣା ପାଇ ନ ଥିବାରୁ ସେବାୟତ କ୍ଷୁବ୍ଧ

# ଶ୍ରୀଜୀଉଙ୍କ ନୀତିକାନ୍ତି ୨ ଘଣ୍ଟା ବିଳମ୍ବ

ପୁରୀ ଅଫିସ, ୧୯।୯

ସେବାୟତଙ୍କ ପ୍ରାପ୍ୟ ପାଉଣାକୁ ନେଇ ଗୁରୁବାର ମହାପ୍ରଭୁଙ୍କ ନୀତିକାନ୍ତି ବିଳମ୍ବ ହୋଇଛି । ଜଣେ ସେବାୟତଙ୍କୁ ୩ମାସର ପାଉଣା ମିଳି ନ ଥିବାରୁ ସେ କ୍ଷୁବ୍ଧ ହୋଇ ସେବା କରି ନ ଥିଲେ । ଫଳରେ ଗୋପାଳବଲ୍ଲଭ ନୀତିରେ ପ୍ରାୟ ୨ଘଣ୍ଟା ବିଳମ୍ବ ଘଟିଥିଲା । ତାଙ୍କୁ ବୁଝାଶୁଝା କରାଯିବା ପରେ ନୀତି ସ୍ୱାଭାବିକ ହୋଇଥିଲା । ଭୋଗ ପୂର୍ବରୁ ପାଣି ପକାଇବା ହେଉଛି ସୁଆର ବଡୁ ସେବାୟତ ରାଜାରାମ ମେକାପଙ୍କ ପ୍ରମୁଖ ସେବା । ସେ ପାଣି ନ ପକାଇବା ପର୍ଯ୍ୟନ୍ତ ଭୋଗ ବଢା ହୋଇ ନ ଥାଏ । ଗୁରୁବାର ସକାଳେ ବଲ୍ଲଭ ଭୋଗ ପୂର୍ବରୁ ସେ ପାଣି ପକାଇ ନ ଥିଲେ । ଫଳରେ ବଲ୍ଲଭ ନୀତିରେ ବିଳମ୍ବ ହୋଇଥିଲା । ଅନ୍ୟ ସେବାୟତମାନେ ତାଙ୍କୁ ବୁଝାଶୁଝା କରିବା ଭିତରେ ପ୍ରାୟ ୨ଘଣ୍ଟା ନୀତି ବିଳମ୍ବ ହୋଇଯାଇଥିଲା । ଏ ସମ୍ପର୍କରେ ରାଜାରାମ କହିଛନ୍ତି, ବାରମ୍ବାର ପାଉଣା ସମ୍ପର୍କରେ ପ୍ରଶାସନକୁ ଜଣାଇବା ସତ୍ତ୍ୱେ ନିରାଶ ହେବାକୁ ପଡ଼ିଛି । ପାଉଣା ନ ପାଇବା ଯୋଗୁ ଧାର କରଜରେ ବୁଡ଼ି ରହିଛି । ପ୍ରଶାସନ ଏ ଦିଗରେ ବିଚାର ନ କଲେ ୧୯ ତାରିଖରେ ସେବା କରିବି ନାହିଁ ବୋଲି ଆଗରୁ ଅଭିଯୋଗ ପତ୍ରରେ ଜଣାଇଥିଲି । ଏହାସତ୍ତ୍ୱେ ପ୍ରଶାସନ ଚୁପ୍ ବସିଲା । ଅନ୍ୟପକ୍ଷରେ ନୀତିରେ ବିଳମ୍ବ ହେଲେ ପ୍ରଶାସନ ସେବାୟତଙ୍କ ପ୍ରାପ୍ୟ ପାଉଣା କାଟୁଛି । କିନ୍ତୁ ୩/୪ ମାସ ଧରି ପ୍ରାପ୍ୟ ପାଉଣା ନ ଦେବା ପ୍ରସଙ୍ଗ ସେବାୟତଙ୍କ ମଧ୍ୟରେ ଏବେ ଅସନ୍ତୋଷ ସୃଷ୍ଟି କରିଛି ।

# ଭାରତରେ ପ୍ରଥମଥର ପାଇଁ ଆରମ୍ଭ ହେବ ମସଲା କ୍ଲଷ୍ଟର

କଟକ ଅଫିସ, ୧୯।୯

ଅଣୁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିକାଶ ପ୍ରତିଷ୍ଠାନ ପକ୍ଷରୁ କଲେଜଛକସ୍ଥିତ ଏମ୍‌ଏସ୍‌ଏମ୍‌ଇ ବିକାଶଭବନରେ ଗୁରୁବାର ମସଲା ଉଦ୍ୟୋଗପତିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏମ୍‌ଏସ୍‌ଏମ୍‌ଇ ସହନିର୍ଦ୍ଦେଶକ ପି.କେ. ମିଶ୍ର ଯୋଗଦେଇ ଭାରତରେ ପ୍ରଥମଥର ପାଇଁ ମସଲା କ୍ଲଷ୍ଟର ଆରମ୍ଭ ହେବ ବୋଲି କହିଥିଲେ । ଏହି ବୈଠକରେ ବିଭିନ୍ନ ପ୍ରାନ୍ତରୁ ଆସିଥିବା ସମସ୍ତ ମସଲା ଉଦ୍ୟୋଗୀଙ୍କୁ ମସଲା କ୍ଲଷ୍ଟର ବିଷୟରେ ବୁଝାଯାଇଥିଲା । କ୍ଲଷ୍ଟରର ଉନ୍ନତି ପାଇଁ ଏକ ନୂତନ କାର୍ଯ୍ୟକାରୀ ସମିତି ଗଠନ କରାଯାଇଛି । ରୁଚି ମସଲାର ପ୍ରତିଷ୍ଠାତା ଡ. ଶରତ ଚନ୍ଦ୍ର ସାହୁ ଏବଂ ଭାରତ ମସଲା ଉଦ୍ୟୋଗର ପ୍ରତିଷ୍ଠାତା ସୁରେନ୍ଦ୍ର ପଣ୍ଡା ଉପଦେଷ୍ଟା ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଓରି ମିକ୍ସ ମସଲା ଉଦ୍ୟୋଗର ପ୍ରତିଷ୍ଠାତା ଜ୍ୟୋତିର୍ମୟୀ ରାଉତଙ୍କ ପକ୍ଷରୁ ସଭାପତିଭାବେ କମ୍ପାନୀ ନିର୍ଦ୍ଦେଶକ ରାଜେଶ ରାଉତ, ଉପସଭାପତି ଭାବେ ରାଜ୍ ମସଲା ପ୍ରତିଷ୍ଠାତା ଜ୍ୟୋତିର୍ମୟୀ ମହାନ୍ତି, ମୁସ୍‌କାନ ମସଲାର ପ୍ରତିଷ୍ଠାତା ଅନୀଲ ମୁରାର୍‌କାଙ୍କୁ ସମ୍ପାଦକ ଭାବେ ଏବଂ ରାଜଲକ୍ଷ୍ମୀ ମସଲା ଉଦ୍ୟୋଗର ପ୍ରତିଷ୍ଠାତା ଉମେଶ ଚନ୍ଦ୍ର ବେହେରା କୋଷାଧ୍ୟକ୍ଷ ଭାବେ କାର୍ଯ୍ୟଭାର ଦିଆଯାଇଥିଲା । କଟକ, ଖୋର୍ଦ୍ଧା ଓ ଜଗତ୍‌ସିଂହପୁର ଜିଲାର ପ୍ରାୟ ୩୦ଟି ମସଲା ଉଦ୍ୟୋଗପତି ଏହି ଶିଳ୍ପପୁଞ୍ଜର ସଭ୍ୟ ରହିଛନ୍ତି । ଅନ୍ୟାନ୍ୟ ଜିଲାର ଛୋଟବଡ଼ ମସଲା ଉଦ୍ୟୋଗୀଙ୍କୁ ଯୋଗାଯୋଗ ପାଇଁ ଫୋନ ନଂ. ୯୪୩୭୨୬୭୦୯୭ ଜାରି କରାଯାଇଛି । କାର୍ଯ୍ୟକ୍ରମରେ ରାକ୍ଷୀ ମସଲା ମହେନ୍ଦ୍ର ବେହେରା, ସନ ଫୁଡ୍ ଦେବେନ୍ଦ୍ର ସାହୁ, ଶ୍ରୀଜଗନ୍ନାଥ ମସଲା ନିରଞ୍ଜନ ନାଏକ, ସ୍ୱାଦିଷ୍ଟ ମସଲାର ଗଗନ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

# ୭ଥର ଜେରା ହୋଇଥିଲେ ଆଶୀର୍ବାଦ





ଆଶୀର୍ବାଦଙ୍କୁ ସିବିଆଇ କାର୍ଯ୍ୟାଳୟରୁ କୋର୍ଟକୁ ନିଆଯାଉଛି ।

ଭୁବନେଶ୍ୱର, ୧୯।୯ (ବ୍ୟୁରୋ)

- ପୂର୍ବରୁ ସିବିଆଇ ୫ଥର, ଇଡି ୨ଥର ଜେରା କରିଥିଲା
- ୨୮ ତାରିଖରେ ଚାର୍ଜଶିଟ୍ ଦାଖଲ ହୋଇଥିଲା
- କମଳାକାନ୍ତ ମଧ୍ୟ ଜେରାର ସମ୍ମୁଖୀନ ହୋଇଥିଲେ

ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ ସଂସ୍ଥା (ଏଟି ଗ୍ରୁପ୍) ମହାଠକେଇ ମାମଲାରେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରାଙ୍କୁ ସିବିଆଇ ଗୁରୁବାର ଗିରଫ କରିଛି । ତେବେ ଓସିଏ ନିର୍ବାଚନ ପୂର୍ବରୁ ଏହି ଗିରଫଦାରିକୁ ନେଇ ଚର୍ଚ୍ଚା ଜୋର୍ ଧରିଛି । ତେବେ କ'ଣ ଥିଲା ଚିଟ୍‌ଫଣ୍ଡ ଠକେଇ ସହ ଆଶୀର୍ବାଦଙ୍କ ଲିଙ୍କ୍ ତାହାକୁ ନେଇ ଆଲୋଚନା ଚାଲିଛି । ଏହି ସଂସ୍ଥା ଓଡ଼ିଶା ସମେତ ଦେଶରୁ ଲକ୍ଷଲକ୍ଷ ଜମାକାରୀଙ୍କଠାରୁ କୋଟି କୋଟି ଟଙ୍କା ଠକିନେଇଥିଲା । ଏହି ମହାଠକେଇର ତଦନ୍ତବେଳେ ଓଡ଼ିଶା କ୍ରିକେଟ ଆସୋସିଏଶନର ସମ୍ପୃକ୍ତି ପଦାକୁ ଆସିଥିଲା । ସେତେବେଳେ ଓସିଏର ସମ୍ପାଦକ ଥିଲେ ଆଶୀର୍ବାଦ ବେହେରା । ତାଙ୍କ ଜରିଆରେ ଏଟି ଗ୍ରୁପ୍ ସଂସ୍ଥାର ପ୍ରଚାର ହୋଇଥିଲା । ଏଟି ଗ୍ରୁପ୍ ଓଡିଶା ରଣଜୀ କ୍ରିକେଟ ଟିମ୍‌ର ପ୍ରାୟୋଜକ ହୋଇଥିଲା । ଏଥିପାଇଁ ସଂସ୍ଥାଠାରୁ ସଂଘ ୧ କୋଟି ଟଙ୍କା ନେଇଥିଲା । ଏହାସହ ୨୦୧୧ ଓଡ଼ିଶା ପ୍ରିମିୟର ଲିଗ୍ (ଓପିଏଲ୍) ଟାଇଟଲ ମଧ୍ୟ ଏହି ସଂସ୍ଥା ପ୍ରାୟୋଜିତରେ ହୋଇଥିବା ସିବିଆଇ ଜାଣିବାକୁ ପାଇଥିଲା । ଅନ୍ୟପକ୍ଷରେ ଆଶୀର୍ବାଦ ଓଡିଶା ଅଲିମ୍ପିକ ଆସୋସିଏଶନର ସମ୍ପାଦକ ଥିବାବେଳେ ସରକାରଙ୍କ ୦.୭୫ ଏକର ବିବାଦୀୟ ଜମିରେ ବେଆଇନ ଭାବେ ଏକ କଲ୍ୟାଣ ମଣ୍ଡପ ଓ ୨୩ ଦୋକାନ ନିର୍ମାଣ କରାଯାଇ ଭଡାରେ ଲଗାଯାଇଥିଲା । ଏନେଇ ଅଭିଯୋଗ ହେବା ପରେ ସୁପ୍ରିମ୍‌କୋର୍ଟ ତଦନ୍ତ ପାଇଁ ସିବିଆଇକୁ ନିର୍ଦ୍ଦେଶ ଦେଇଥିଲେ । ଏହି ମାମଲାରେ ସିବିଆଇ ଆଶୀର୍ବାଦଙ୍କୁ ବାରମ୍ବାର ଜେରାକଲା ପରେ ତାଙ୍କ ସହ ଏଟି ଗ୍ରୁପ୍ ଲିଙ୍କ୍ ପଦାକୁ ଆସିଥିଲା । ଏପରି କି ସିବିଆଇ ୨୦୧୫ ଅଗଷ୍ଟରେ ଆଶୀର୍ବାଦଙ୍କ ଘର ଓ ଓସିଏ ଅଫିସରେ ଚଢ଼ାଉ କରିଥିଲା । ଏହାମଧ୍ୟରେ ସିବିଆଇ ତାଙ୍କୁ ୫ଥର ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ୨ଥର ଜେରା କରିଛନ୍ତି । ଏହାସହ ସିବିଆଇ ଓସିଏ କର୍ମଚାରୀଙ୍କୁ ମଧ୍ୟ ଜେରା କରି ଆବଶ୍ୟକ ପ୍ରମାଣ ଯୋଗାଡ଼ କରିଥିଲା । ଗତ ୨୮ ତାରିଖରେ ସିବିଆଇ ଆଶୀର୍ବାଦ ବେହେରାଙ୍କ ସମେତ ମୋଟ୍ ୩ଜଣଙ୍କ ନାଁରେ ଚାର୍ଜଶିଟ୍ ଦାଖଲ କରିଥିଲା । ଏହି ମାମଲାରେ ଅନ୍ୟଜଣେ ଅଭିଯୁକ୍ତ ହେଲେ ଏଟି ଗ୍ରୁପ୍ ନିର୍ଦ୍ଦେଶକ ସମ୍ବିତ ଖୁଣ୍ଟିଆ । ସମ୍ବିତଙ୍କୁ ୨୦୧୪ ଅଗଷ୍ଟ ୧୬ରେ ଖୋର୍ଦ୍ଧା ବାଟମଙ୍ଗଳା ହାଉସିଂବୋର୍ଡସ୍ଥିତ ଘରୁ ସିବିଆଇ ଗିରଫ କରିଥିଲା । ସେ ପରେ କୋର୍ଟରୁ ଜାମିନ ପାଇଛନ୍ତି । ଅନ୍ୟପକ୍ଷରେ ଗୁରୁବାର ଗିରଫ ହୋଇ ଜେଲ୍ ଯାଇଥିବା ହୋଟେଲ ସୋଲାନ୍ ଇନ୍ ମାଲିକ କମଳାକାନ୍ତ ଦାସ ପୂର୍ବରୁ ମଧ୍ୟ ସିବିଆଇ ଦ୍ୱାରା ଜେରାର ସମ୍ମୁଖୀନ ହୋଇଛନ୍ତି । ସେହିଭଳି ଏହି ମାମଲାରେ ୮ କମ୍ପାନୀ ଓ ୩୩ଜଣ ଅଭିଯୁକ୍ତଙ୍କ ବିରୋଧରେ ସିବିଆଇ ୬ ଚାର୍ଜସିଟ୍ ସହ ୪ ଅତିରିକ୍ତ ଚାର୍ଜଶିଟ୍ ଦାଖଲ କରିସାରିଥିବା ସିବିଆଇ ଅଧିକାରୀ କହିଛନ୍ତି ।

## ଓଡ଼ିଶା ଲଳିତ କଳା ଏକାଡ଼େମୀ
## ସଂସ୍କୃତି ଭବନ, ଭୁବନେଶ୍ୱର

**ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ଓଡ଼ିଶା ଲଳିତ କଳା ଏକାଡ଼େମୀର ବରିଷ୍ଠ ସହକାରୀ ସୁଶାନ୍ତ କୁମାର ସ୍ୱାଇଁ ଏବଂ ତାଙ୍କ ପରିବାର ବର୍ଗଙ୍କ ଅଗବତି ନିମନ୍ତେ ଜଣାଇଦିଆଯାଉଛି କି, ଗତ ୧୩.୦୯.୨୦୧୯ ରିଖ ଦୈନିକ ସମ୍ବାଦ ପତ୍ରରେ ପ୍ରକାଶିତ ବିଜ୍ଞପ୍ତି ପଢି ଶ୍ରୀ ସ୍ୱାଇଁ ଏବଂ ତାଙ୍କ ପରିବାର ବର୍ଗ ଗଭୀର ମର୍ମାହତ ଓ ମାନସିକ ଯନ୍ତ୍ରଣା ପାଇଥିବା ବିଷୟରେ ସେ ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ମାନ୍ୟବର ମନ୍ତ୍ରୀ, ଉପଦେଷ୍ଟା, ମୁଖ୍ୟ ଶାସନ ସଚିବ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବା ସହିତ ତଦନ୍ତ ନିମନ୍ତେ ଆବେଦନ କରିଥିଲେ । ତାଙ୍କ ଆବେଦନ ପତ୍ରକୁ ଗ୍ରହଣ କରାଯାଇ ତଦନ୍ତ ପରେ ଜଣାପଡ଼ିଲା ଏକାଡ଼େମୀର ଉପ-ବିଭାଗ ଅଧିକାରୀ ଶ୍ରୀ ପ୍ରସନ୍ନ କୁମାର ମିଶ୍ର ଚପରାଶୀ ଶରତ ଚନ୍ଦ୍ର ସାମଲଙ୍କ ଠାରୁ ଚିଠିଟିକୁ ନେଇ ନିଜ ପାଖରେ ରଖିଥିଲେ । ଡ଼ାକଯୋଗେ ଯେଉଁ ଚିଠି ପଠାଯାଇଥିଲା ତାହା ଭୁଲ୍ ଠିକଣା ଯୋଗୁଁ ଫେରିଆସିଥିବାରୁ ଶ୍ରୀ ସ୍ୱାଇଁ କାର୍ଯ୍ୟାଳୟରୁ ଉକ୍ତ ପତ୍ର ନଂ ୨୮୯ ତା ୨୧.୦୮.୨୦୧୯ ରିଖ କୁ ଗ୍ରହଣ କରିଛନ୍ତି । ପ୍ରକାଶ ଥାଉକି, ଜଣେ ଶୃଙ୍ଖଳିତ କର୍ମଚାରୀ ଭାବରେ ଶ୍ରୀ ସ୍ୱାଇଁ କାର୍ଯ୍ୟାଳୟର ସମସ୍ତ ଚିଠିପତ୍ରକୁ ଗ୍ରହଣ କରିବା ସହିତ ତାହାର ଉତର ମଧ ପ୍ରଦାନ କରିଛନ୍ତି । ଶ୍ରୀ ପ୍ରସନ୍ନ କୁମାର ମିଶ୍ର ଓ ଚପରାଶୀ ଶରତ ଚନ୍ଦ୍ର ସାମଲଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କୁ ଅବଗତ କରାଯାଇଛି । ଏପରି ବିଜ୍ଞାପନ ପ୍ରକାଶ କରାଯାଇ ଶ୍ରୀ ସ୍ୱାଇଁଙ୍କ ସମ୍ମାନହାନି ହୋଇଥିବାରୁ ଏକାଡ଼େମୀ ପକ୍ଷରୁ ଦୁଃଖ ପ୍ରକାଶ କରାଯାଉଛି ।

ସଚିବ
ଓଡ଼ିଶା ଲଳିତ କଳା ଏକାଡ଼େମୀ

No. 198-C:

**GOVERNMENT OF ODISHA**
**OFFICE OF THE EXECUTIVE ENGINEER,**
**P.H. DIVISION, BALASORE**
Phone : 9437086137, e-mail-eephbls@gmail.com

**NATIONAL COMPETITIVE BIDDING THROUGH e-Procurement (Online Mode)**
Invitation for Bids (IFB) dt.18.09.2019

The Executive Engineer, P.H. Division, Balasore on behalf of Governor of Odisha, invites Percentage Rate bids in Double cover system in ONLINE mode only.

| Sl. No. | Name of the Work | Bid-Identification No. | Value of Work (Rs.Lakh) | Period of Completion | Availability of bid documents for online bidding From | Availability of bid documents for online bidding To | Last date and time of seeking clarification | Date & Time of opening of technical bid |
|---|---|---|---|---|---|---|---|---|
| 1 | Providing water supply Service Connection to Households of Bhadrak Municipality for Universal water supply coverage. | EEPHBLS-11 dt.18.09.2019 | 247.20 | 03 (Three) calendar month | 11:00 Hrs. of dt.27.09.19 | 17:00 Hrs. of dt.14.10.19 | 17:00 Hrs. Of 10.10.19 | 11:00 Hrs. Of 18.10.19 |

The bidders shall have to participate in ONLINE bidding only. Further details can be seen from the website: http://tendersodisha.gov.in. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.

Name and Address of the officer inviting bid :- The Executive Engineer, P.H. Division, Balasore-756056, Odisha, Phone : 9437086137

13053/11/0003/1920

Executive Engineer, P.H. Division, Balasore

**FORM NO. 13**
**Before the Debt Recovery Tribunal, Cuttack**
**O.A. No. 308 of 2018**
**Bank of India, Civil Township Branch, Rourkela**
.............Applicant

Vrs.

1. **M/s Maa Tarini Restaurant,** At: RCMS Complex, STI Chowk, Rourkela- 769004 .
2. **Abhaya Kumar Bhola, Partner,** S/O. Shridhar Charan Bhola, Residing at- LCR/411, At/P.O.: Chend, Rourkela, 769015 .
3. **Ranjan Singh, Partner,** S/o: Rakesh Singh, Residing at B/104, Sector-22, Fertiliser Colony, Rourkela, Dist : Sundergarh-769007

..........Defendants

**SUMMONS BY THE PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an Application in **O.A. No 308 of 2018** in the court of Debt Recovery Tribunal, Cuttack for a recovery of **Rs.45,64,431/- (Rupees Forty Five Lakhs Sixty Four Thousand Four Hundred and Thirty One)** only with interest calculated upto dt.02.12.17 together with current and future interest, costs and for other reliefs.


The above mentioned defendant(s) are therefore hereby directed to appear before this Tribunal in person or through an Advocate or duly authorized agent, in support of his / their defence to show cause within 30 days from the date of publication or on **07th day of November 2019** at **10.30** a.m [fore noon] as to why relief prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal on this 13th day of September, 2019 .

Sd/-
**Registrar**
**(M.K. Patnaik)**
**Debt Recovery Tribunal, Cuttack**

ଧ୍ୟାନ ଦିଅନ୍ତୁ
ବୈଦ୍ୟୁତିକ ଦୁର୍ଘଟଣାରୁ ଦୂରେଇ ରୁହନ୍ତୁ



କଣ କରିବେ

- ଛିଣ୍ଡି ପଡିଥିବା ତାର କିମ୍ବା ଝୁଲି ପଡିଥିବା ତାର ବିଷୟରେ ଜାଣିଲେ ତୁରନ୍ତ ନିକଟସ୍ଥ ବିଦ୍ୟୁତ୍ ବିତରଣ କେନ୍ଦ୍ରକୁ ଖବର ଦିଅନ୍ତୁ ।
- ବିଦ୍ୟୁତ୍ ଖୁଣ୍ଟ କିମ୍ବା ବିଦ୍ୟୁତ୍ ଯୋଗାଣ ନିମନ୍ତେ ବ୍ୟବହୃତ କୌଣସିବି ଉପକରଣ ଠାରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ, କାରଣ ଏଥିରେ ବିଦ୍ୟୁତ୍ ପ୍ରବାହ ହେଉଥାଇପାରେ । ସର୍ଭିସ୍ ତାରକୁ ନିୟମିତ ବ୍ୟବଧାନରେ ଯାଞ୍ଚ କରାନ୍ତୁ ।
- ଯେ କୌଣସି ବୈଦ୍ୟୁତିକ କାର୍ଯ୍ୟ ସମ୍ପାଦନ କିମ୍ବା ମରାମତି ନିମନ୍ତେ, କେବଳ ଲାଇସେନ୍ସ ପ୍ରାପ୍ତ ବିଦ୍ୟୁତ୍ ସଂସ୍ଥାର ସାହାଯ୍ୟ ନିଅନ୍ତୁ ।
- ଘରୋଇ ଉପକରଣ ଗୁଡିକରେ ଆର୍ଥିଙ୍ଗ୍ ସଠିକ୍ ଭାବରେ ରଖିଲେ ଅନେକ ବୈଦ୍ୟୁତିକ ଦୁର୍ଘଟଣାରୁ ରକ୍ଷା ପାଇପାରିବେ । ମଝିରେ ମଝିରେ ଏହାର ପରୀକ୍ଷା ନୀରିକ୍ଷା କରାଇବା ଆବଶ୍ୟକ ଅଟେ ।
- ବିଦ୍ୟୁତ୍ ତାର ତଳେ ବା ନିକଟରେ କୌଣସି ନିର୍ମାଣ କାର୍ଯ୍ୟ କରିବା ପୂର୍ବରୁ ସଂପୃକ୍ତ ବିଦ୍ୟୁତ୍ ବିତରଣ ସଂସ୍ଥା ଏବଂ ବିଦ୍ୟୁତ୍ ନିରୀକ୍ଷକଙ୍କ ଆବଶ୍ୟକୀୟ ଅନୁମତି ପ୍ରାପ୍ତ କରିବା ଅନିବାର୍ଯ୍ୟ ଅଟେ ।

କଣ କରିବେ ନାହିଁ

- ଛିଣ୍ଡି ପଡିଥିବା ତାର କିମ୍ବା ଝୁଲି ପଡିଥିବା ତାରକୁ ଆଦୌ ସ୍ପର୍ଶ କରନ୍ତୁ ନାହିଁ । ସେଥିରେ ବିଦ୍ୟୁତ୍ ପ୍ରବାହ ହେଉଥାଇପାରେ ।
- ବିଦ୍ୟୁତ୍ ଖୁଣ୍ଟ, ସରଭିସ୍ ତାର, ଷ୍ଟେ କିମ୍ବା ଏଥିରେ ସଂଲଗ୍ନ କୌଣସି ତାର ଆଦିକୁ ଲୁଗା ଶୁଖାଇବା, ଗୃହପାଳିତ ପଶୁ ବାନ୍ଧିବା ଇତ୍ୟାଦିରେ ବ୍ୟବହାର କରନ୍ତୁ ନାହିଁ ।
- କୌଣସି ଅନଧିକୃତ ବା ବାରଣ କରାଯାଇଥିବା ବୈଦ୍ୟୁତିକ କାର୍ଯ୍ୟ କରନ୍ତୁ ନାହିଁ । ଏହାଦ୍ୱାରା ବୈଦ୍ୟୁତିକ ଦୁର୍ଘଟଣା ଘଟିଥାଏ ।
- କୌଣସି ଘରୋଇ ବୈଦ୍ୟୁତିକ ଉପକରଣରେ ସକ୍ ବା ଚାର୍ଜ ଅନୁଭୂତ ହେଉଥିଲେ, ଉପଯୁକ୍ତ ଯାଞ୍ଚ ନ କରାଇ ତାହା ବ୍ୟବହାର କରନ୍ତୁ ନାହିଁ ।
- ବିଦ୍ୟୁତ୍ ତାର ତଳେ ବା ଏହାର ଅତି ନିକଟରେ କୌଣସି ନିର୍ମାଣ କାର୍ଯ୍ୟ, ପୂଜା, ମେଳା ଇତ୍ୟାଦି ନିମନ୍ତେ ପେଣ୍ଡାଲ ନିର୍ମାଣ, ଗାଡି ରଖିବା, ଜିନିଷପତ୍ର ପରିବହନ ବା ଗଚ୍ଛିତ କରନ୍ତୁ ନାହିଁ । ଏହା ଆଇନ୍ ଅନୁଯାୟୀ ଦଣ୍ଡନୀୟ ।

ଆପଣଙ୍କ ଜୀବନ ମୂଲ୍ୟବାନ ଅଟେ । ବିଦ୍ୟୁତ୍ ଦୁର୍ଘଟଣାରୁ ନିଜକୁ ଏବଂ ନିଜ ପରିବାରକୁ ଦୂରେଇ ରଖିବାରେ ଯତ୍ନବାନ ହୁଅନ୍ତୁ ।

ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) -ତଥା- ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ
ଶକ୍ତି ବିଭାଗ, ଓଡିଶା ସରକାର
04004/13/0010/1920 ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ: E-mail: eic-epcei@nic.in DSPL-84



ବିଧାତାଙ୍କର ଶୃଙ୍ଖଳା ଭାଙ୍ଗିଲେ ଜ୍ୱାଳା ବଢ଼ିବ ସିନା କମିବ ନାହିଁ। ଯେପରି କଏଦୀ ଜେଲ୍ ଭାଙ୍ଗି ବାହାରିଗଲେ ନିସ୍ତାର ପାଏନି ବରଂ ଦଣ୍ଡ ବୃଦ୍ଧି ହୋଇଥାଏ।
- ସ୍ୱାମୀ ନିଗମାନନ୍ଦ



# ଷ୍ଟ୍ରେଚର ଅଭାବ, କାନ୍ଧରେ ବୁହା ହେଉଛନ୍ତି ରୋଗୀ

**ଏସ୍‌ସିବି ମେଡିକାଲ**

କଟକ ଅଫିସ, ୧୯।୯

କଟକ ଏସ୍‌ସିବି ମେଡିକାଲରେ ଦିନକୁ ଦିନ ରୋଗୀ ସଂଖ୍ୟା ବଢ଼ିବାରେ ଲାଗିଛି। ପ୍ରତିଦିନ ୫ହଜାରରୁ ଊର୍ଦ୍ଧ୍ୱ ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି। ସେମାନଙ୍କ ମଧ୍ୟରୁ ୫୦୦ରୁ ଊର୍ଦ୍ଧ୍ୱ ରୋଗୀ ହସ୍ପିଟାଲରେ ଆଡମିଶନ ହୋଇଥାନ୍ତି। ପ୍ରତିଦିନ ରୋଗୀ ସଂଖ୍ୟା ବଢୁଥିବାବେଳେ ସେହି ଅନୁପାତରେ ସେମାନଙ୍କ ଲାଗି ଷ୍ଟ୍ରେଚର୍ ସଂଖ୍ୟା ବଢୁ ନ ଥିବା ଅଭିଯୋଗ ହୋଇଛି। ଫଳରେ ବାହାରୁ ଆସୁଥିବା ଗୁରୁତର ରୋଗୀ ଷ୍ଟ୍ରେଚର୍ ନ ପାଇ ନିଜ ସମ୍ପର୍କୀୟଙ୍କ କାନ୍ଧରେ ଭାର ହୋଇ ଯାଉଥିବା ଦେଖିବାକୁ ମିଳିଛି। ଏସ୍‌ସିବିର କାଜୁଆଲିଟି, ପେଡିଆଟ୍ରିକ୍, ସ୍ତ୍ରୀ ଓ ପ୍ରସୂତି, ଟ୍ରମା କେୟାର, ନ୍ୟୁରୋଲୋଜି, ଚର୍ମ, ସର୍ଜରୀ, ମାନସିକ ରୋଗ, କର୍ଣ୍ଣ ନାଶା, ଗଳା, ଅର୍ଥୋପେଡିକ ବିଭାଗରେ ରୋଗୀ ଚିକିତ୍ସିତ ହେଉଥିଲେ ମଧ୍ୟ ସେମାନଙ୍କୁ ନେବା ଆଣିବା ନିମନ୍ତେ ଷ୍ଟ୍ରେଚର୍‌ର ଅଭାବ ରହୁଥିବା ଅଭିଯୋଗ ହୋଇଛି। ବାହାରୁ ଆସୁଥିବା ଗୁରୁତର ରୋଗୀ ଏକ୍ସ-ରେ, ଥାଇରଏଡ୍, ବ୍ଲଡ୍, ୟୁରିନ ପରୀକ୍ଷା ନିମନ୍ତେ ବିଭିନ୍ନ ପରୀକ୍ଷାଗାରକୁ ଯିବା ପାଇଁ ଷ୍ଟ୍ରେଚରର ଆବଶ୍ୟକତା ପଡ଼ିଥାଏ। କିନ୍ତୁ ଏସ୍‌ସିବିରେ ଷ୍ଟ୍ରେଚର୍‌ର ବ୍ୟବସ୍ଥା ନ ଥିବା ହେତୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମ୍ପର୍କୀୟଙ୍କ କାନ୍ଧରେ ବୁହା ହୋଇ ଯିବା ଫଳରେ ପରୀକ୍ଷା ରିପୋର୍ଟ ଠିକ୍ ସମୟରେ ନ ପାଇପାରି ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଏଥିସହ ଚିକିତ୍ସା ସରିବା ପରେ



ରୋଗୀଙ୍କୁ ହାତରେ ଟେକି ନିଆଯାଉଛି।

ରୋଗୀ ଘରକୁ ଯିବା ସମୟରେ ଗାଡ଼ି କିମ୍ବା ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବା ଆଣିବା କରିବାକୁ ଷ୍ଟ୍ରେଚର୍ ନ ଥିବା ଦେଖିବାକୁ ମିଳିଛି। ଏ ନେଇ କେନ୍ଦ୍ରାପଡ଼ାରୁ ଚିକିତ୍ସା ନିମନ୍ତେ ଆସିଥିବା ସୁରେଶ ମହାନ୍ତି କହିଛନ୍ତି, ମା'ଙ୍କୁ ଚିକିତ୍ସା କରିବା ପାଇଁ ଏସ୍‌ସିବି ମେଡିକାଲ ଆଣିଥିଲି। କିନ୍ତୁ ଏଠାରେ ଚିକିତ୍ସା କରିବାଠାରୁ ଆରମ୍ଭ କରି ଘରକୁ ନେବା ସମୟରେ ମୋତେ ଷ୍ଟ୍ରେଚର ମିଳି ନ ଥିଲା। ଫଳରେ ମୁଁ ଓ ଭାଇ ମିଶି ମାଆଙ୍କୁ କାନ୍ଧରେ ବିଭିନ୍ନ ପରୀକ୍ଷା କରାଇବା ସହ ଚିକିତ୍ସା କରାଇଥିଲୁ। ମୋ ଭଳି ବହୁ ରୋଗୀ ଏଠାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଲେ ଅନ୍ୟ ରୋଗୀମାନେ ସୁବିଧା ପାଇପାରିବେ। ଏ ନେଇ ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସିବିକେ ମହାନ୍ତି କହିଛନ୍ତି, ରୋଗୀ ଷ୍ଟ୍ରେଚର ବ୍ୟବହାର କଲା ପରେ ବାହାରକୁ ଆଣି ରଖିଦେଇ ଯାଉଛନ୍ତି। ଫଳରେ ବହୁ ଷ୍ଟ୍ରେଚର ଚୋରି ହୋଇଯାଉଛି। ରୋଗୀଙ୍କୁ ବିଭିନ୍ନ ପରୀକ୍ଷା ପାଇଁ ବ୍ୟାଟ୍ରିଚାଳିତ ଗାଡ଼ିରେ ନେବା ଆଣିବା କରାଯାଉଛି। ପ୍ରତି ବିଭାଗରେ ୪ରୁ ୫ଟି ଷ୍ଟ୍ରେଚର ଦିଆଯାଇଛି। କୌଣସି ରୋଗୀ କାନ୍ଧରେ ବୁହାଯାଉନି। ଗୋଟିଏ ପରେ ଗୋଟିଏ ରୋଗୀ ପରୀକ୍ଷା ନିମନ୍ତେ ଯିବା କଥା। କିନ୍ତୁ ରୋଗୀ ଅପେକ୍ଷା ନ କରି ଯାଉଥିବାରୁ ଷ୍ଟ୍ରେଚର ସମସ୍ୟା ଦେଖାଯାଉଛି। କିନ୍ତୁ ଷ୍ଟ୍ରେଚର ଅଭାବ ନାହିଁ। ସମସ୍ତ ରୋଗୀଙ୍କୁ ଷ୍ଟ୍ରେଚର ସୁବିଧା ଯୋଗାଇ ଦିଆଯାଉଥିବା ସେ କହିଛନ୍ତି।

## କୂଅ, ପୋଖରୀରେ ବୁଡ଼ି ୩ ମୃତ

ଖୋର୍ଦ୍ଧା ଅଫିସ,୧୯।୯

ବୁଧବାର ଓ ଗୁରୁବାର ଦୁଇଦିନ ମଧ୍ୟରେ ବାଣପୁର ବ୍ଲକ ଅଞ୍ଚଳରେ ପାଣିରେ ବୁଡ଼ି ୩ ଜଣ ଶିଶୁଙ୍କ ମୃତ୍ୟୁ ଘଟିଛି। କୁମାରାଙ୍ଗ ପଞ୍ଚାୟତ ଚମ୍ପାଦେଇପୁର ଗ୍ରାମର କାର୍ତ୍ତିକ ସାହୁଙ୍କ ଦେଢବର୍ଷର ପୁଅ ଅମିତ ଘରେ ଖେଳୁଥିବାବେଳେ ଘର ପରିସରରେ ଥିବା କୂଅରେ ଖସି ପଡିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରି ବିଫଳ ହେବାରୁ ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଦମକଳ କର୍ମଚାରୀ ଅମିତକୁ ଉଦ୍ଧାର କରି ବାଣପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ମାତ୍ର ସେତେବେଳକୁ ଅମିତଙ୍କ ମୃତ୍ୟୁ ହୋଇଯାଇଥିଲା। ସେହିପରି ଉକ୍ତ ପଞ୍ଚାୟତର ଖୁଣ୍ଟପଲ୍ଲୀ ଗ୍ରାମର ଆଲୋକ ଜେନାଙ୍କ ଦୁଇବର୍ଷର ଝିଅ ସୁହାନୀ ବାରିପଟେ ଖେଳୁଥିବା ବେଳେ ନିକଟରେ ଥିବା ପୋଖରୀ ମଧ୍ୟକୁ ଖସିପଡିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବାଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ବୁଧବାର ଅପରାହ୍ନରେ ଗମ୍ଭାରୀମୁଣ୍ଡା ପଞ୍ଚାୟତ ଘାସେଡିହ ମୋହନପୁର ଗ୍ରାମର ଉତ୍ତମ ନାୟକଙ୍କ ଅଢେଇ ବର୍ଷର ପୁତ୍ର ଗାଁ ଦାଣ୍ଡରେ ଖେଳୁଥିବା ବେଳେ ଘର ନିକଟ ପୋଖରୀରେ ପଡିଯାଇଥିଲେ। ବାଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

**ସଂକ୍ଷେପରେ**

## ଚଳଚ୍ଚିତ୍ର 'ମା' ନୁହେଁ ପତିତା' ପୁରସ୍କୃତ



**କଟକ ଅଫିସ, ୧୯।୯:** ଲଭଲି ଟେଲିଫିଲ୍ମ ଇଣ୍ଡିଆ ବ୍ୟାନରରେ ପ୍ରସ୍ତୁତ କ୍ଷୁଦ୍ର ଓଡ଼ିଆ ଚଳଚ୍ଚିତ୍ର 'ମା' ନୁହେଁ ପତିତା'କୁ ସାର୍ଟିଫିକେଟ ଅଫ ଏକ୍ସିଲେନ୍ସି ପୁରସ୍କାର ପ୍ରଦାନ କରାଯାଇଛି। କୋଲକାତାଠାରେ ଆୟୋଜିତ ଅଷ୍ଟମ କୋଲକାତା ଫିଲ୍ମ ଫେଷ୍ଟିଭାଲରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ପ୍ରଫେସର ଡା. ସରୋଜିନୀ ଷଡ଼ଙ୍ଗୀଙ୍କ ଦ୍ୱାରା ଲିଖିତ 'ମା' ନୁହେଁ ପତିତା' କବିତାର ବିଷୟବସ୍ତୁ ଉପରେ ଏହି ଚଳଚ୍ଚିତ୍ର ନିର୍ମାଣ କରାଯାଇଥିଲା। ଏହାକୁ ପରିକଳ୍ପନା, ପ୍ରଯୋଜନା ଓ ନିର୍ଦ୍ଦେଶନା ଦେଇଥିଲେ ହୃଦ୍‌ବକ୍ଷଶଲ୍ୟ ବିଶେଷଜ୍ଞ ପ୍ରଫେସର ଡା. ରମାରମଣ ଷଡ଼ଙ୍ଗୀ। ମାନବ ଜାତିର ସୃଷ୍ଟିକର୍ତ୍ତା ମା'ର ଗୌରବ ଅତୁଳନୀୟ ବୋଲି ଏହି ଚଳଚ୍ଚିତ୍ରରେ ନିଚ୍ଛକ ଭାବେ ପ୍ରଦର୍ଶିତ ହୋଇଥିଲା। ଏହି ଚଳଚ୍ଚିତ୍ର ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେବ। ଶିଶୁ ସୁରକ୍ଷା, ମାତୃ ସୁରକ୍ଷା ଓ ନାରୀର ସାମଗ୍ରିକ ଉନ୍ନତି ଯେ ଅପରିହାର୍ଯ୍ୟ ତାହା ଏହି ଚଳଚ୍ଚିତ୍ର ପ୍ରମାଣ କରୁଛି। ଚଳଚ୍ଚିତ୍ରରେ ଥିବା ୩ଟି ଗୀତ ଶ୍ରୁତିମଧୁର ହୋଇଛି। ଚଳଚ୍ଚିତ୍ରଟି ଦର୍ଶକଙ୍କ ପାଇଁ ୟୁଟ୍ୟୁବ୍‌ରେ ମଧ୍ୟ ଉପଲବ୍ଧ। ଏଥିରେ ଅଭିନେତ୍ରୀ କୁନି ପଣ୍ଡା, ଅମିୟବାଳା ପରିଡ଼ା ଓ ସ୍କ୍ରିନ ପ୍ଲେ ପାଇଁ ସୁଧାକର ଦାସଙ୍କୁ ମାନପତ୍ର ପ୍ରଦାନ କରାଯାଇଛି।

## ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଛାତ୍ର ର୍‍ୟାଗିଂ ଘଟଣା
## ବୈଠକରେ ବାହାରିଲାନି ନିଷ୍କର୍ଷ

**କଟକ ଅଫିସ,୧୯।୯:** ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଛାତ୍ର ର୍‍ୟାଗିଂ ଘଟଣାରେ ହଷ୍ଟେଲରୁ ବହିଷ୍କୃତ ୬ଜଣ ଅନ୍ତେବାସୀଙ୍କ ଅଭିଭାବକଙ୍କୁ ନେଇ ଗୁରୁବାର ବୈଠକ ବସିଥିଲା। ଏଥିରେ ବିଶ୍ୱବିଦ୍ୟାଳୟର ବରିଷ୍ଠ ପଦାଧିକାରୀ ଉପସ୍ଥିତର ରହି ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରିପାରି ନ ଥିଲା। ଏ ସମ୍ପର୍କରେ କୁଳସଚିବ ଅଶୋକ କୁମାର ଦାସ କୁହନ୍ତି, ଅଭିଭାବକଙ୍କ ଅଭିଯୋଗକୁ ଗ୍ରହଣ କରାଯାଇଛି। ଆଗାମୀ ଦିନରେ ଆଲୋଚନା କରାଯିବ। ସୂଚନାଥାଉ କି, ଇଷ୍ଟ ହଷ୍ଟେଲରେ ସୋମବାର ରାତିରେ ଜନ୍ମଦିନ ପାଳନ ଉତ୍ସବରେ ଜଣେ ଛାତ୍ରଙ୍କୁ କେତେଜଣ ଅନ୍ତେବାସୀ ମାଡ ମାରିଥିଲେ। ଏ ସମ୍ପର୍କରେ ସେ ଅଭିଯୋଗ କରି ନ ଥିଲେ ମଧ୍ୟ ତାଙ୍କ ଅଭିଭାବକ ର୍‍ୟାଗିଂ ହୋଇଛି ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟରେ ଫେରାଦ ଦେଇଥିଲେ। ଅଭିଭାବକ ଜଣଙ୍କ ୬ ଜଣ ଅନ୍ତେବାସୀଙ୍କ ନାମରେ ର୍‍ୟାଗିଂ ଅଭିଯୋଗ ଉଠାଇଥିଲେ। ବିଶ୍ୱବିଦ୍ୟାଳୟର ର୍‍ୟାଗିଂ କମିଟି ଘଟଣାର ତଦନ୍ତ କରି ଇଷ୍ଟ ହଷ୍ଟେଲର ୬ଜଣ ଅନ୍ତେବାସୀଙ୍କୁ ହଷ୍ଟେଲରୁ ବହିଷ୍କାର ନିର୍ଦ୍ଦେଶ ଦେବା ସହ ଗୋଟିଏ ସେମିଷ୍ଟରରୁ ବଞ୍ଚିତ କରିଥିଲା।

**ବେଆଇନ ପାର୍କିଂ ଘଟଣା**

## ହୋଟେଲ ସ୍ୱସ୍ତି ପ୍ରିମିୟମକୁ ବିଏମ୍‌ସିର ନୋଟିସ୍

**ଭୁବନେଶ୍ୱର, ୧୯।୯(ବ୍ୟୁରୋ):** ବେଆଇନ ପାର୍କିଂକୁ ନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ହୋଟେଲ୍ ସ୍ୱସ୍ତି ପ୍ରିମିୟମକୁ ଗୁରୁବାର ନୋଟିସ ଜାରି କରିଛି। ବାରମ୍ବାର ନୋଟିସ ସତ୍ତ୍ୱେ ସର୍ବସାଧାରଣଙ୍କ ରାସ୍ତାକୁ କବ୍‌ଜା କରି ହୋଟେଲ ଓ କର୍ମଚାରୀଙ୍କ ଗାଡ଼ି ରଖାଯାଇ ଟ୍ରାଫିକ ସମସ୍ୟା ସୃଷ୍ଟି କରାଯାଉଥିବାରୁ ବିଏମ୍‌ସି କଡା ଆଭିମୁଖ୍ୟ ଗ୍ରହଣ କରିଛି। ଏଣିକି ବେଆଇନ ପାର୍କିଂ ହେଲେ ଦୈନିକ ହୋଟେଲ ଉପରେ ୫୦ହଜାର ଟଙ୍କା ଜରିମାନା ସହ ଗାଡ଼ିକୁ ଜବତ କରାଯିବ ବୋଲି ଚେତାବନୀ ଦିଆଯାଇଛି। ବିଏମ୍‌ସି ଉତ୍ତରମଣ୍ଡଳ ଅଧିକାରୀ ପ୍ରମୋଦ କୁମାର ପୃଷ୍ଟିଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ହୋଟେଲକୁ ଯାଇ କର୍ତ୍ତୃପକ୍ଷଙ୍କୁ ନୋଟିସ ଦେଇଛନ୍ତି।

ବିଏମ୍‌ସି ପକ୍ଷରୁ ମିଳିଥିବା ସୂଚନାନୁସାରେ, ହୋଟେଲ ସ୍ୱସ୍ତି ପ୍ରିମିୟମ ସମ୍ମୁଖରେ ବିଏମ୍‌ସିର ପାର୍କିଂସ୍ଥଳ ରହିଛି। ମାତ୍ର ହୋଟେଲ ଓ ଏହାର କର୍ମଚାରୀଙ୍କ ଗାଡ଼ିକୁ ପାର୍ଶ୍ୱରେ ରହିଥିବା ସର୍ଭେ ଅଫ୍ ଇଣ୍ଡିଆ ରୋଡ୍ ଏବଂ ଆଖପାଖ ରାସ୍ତା ଉପରେ ରଖାଯାଉଛି। ସେହିଭଳି ହୋଟେଲକୁ ଆସୁଥିବା ବିଭିନ୍ନ ପ୍ରକାର ଯାନବାହନ ମଧ୍ୟ ବେଆଇନ ଭାବେ ରାସ୍ତା ଅବରୋଧ କରାଯାଇ ପାର୍କିଂ ହେଉଛି। ଫଳରେ ବିଏମ୍‌ସି ରାଜସ୍ୱ ହରାଉଥିବାବେଳେ ବେଆଇନ ପାର୍କିଂ ଯୋଗୁ ସାଧାରଣ ଲୋକ ଯିବା ଆସିବାରେ ହଇରାଣ ହେଉଛନ୍ତି। ଏନେଇ ବାରମ୍ବାର ଅଭିଯୋଗ ହେବା ବିଏମ୍‌ସି ନୋଟିସ ଦେଇଛି। ଉକ୍ତ ନୋଟିସ୍‌ରେ ଉଲ୍ଲେଖ ରହିଛି ଯେ, ହୋଟେଲ କର୍ତ୍ତୃପକ୍ଷ ବିଏମ୍‌ସି ପାର୍କିଂସ୍ଥଳ କିମ୍ବା ନିଜ କ୍ୟାମ୍ପସରେ ଗାଡ଼ି ରଖନ୍ତୁ। ଜାଣିଶୁଣି ଦେୟଦେବାରୁ ଦୂରେଇ ରହିବା ଓ ସର୍ବସାଧାରଣ ସ୍ଥାନରେ ଯାନବାହନ ରଖିଥିବା ନଜରକୁ ଆସିଲେ ପଦକ୍ଷେପ ନିଆଯିବ।





ନୂଆଦିଲ୍ଲୀଠାରେ ଅନୁଷ୍ଠିତ କେନ୍ଦ୍ରୀୟ ପରାମର୍ଶଦାତା ବୋର୍ଡ ବୈଠକରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ଅନ୍ୟମାନେ।

■ କେନ୍ଦ୍ରୀୟ ପରାମର୍ଶଦାତା ବୋର୍ଡ ବୈଠକ

## ଅଧିକ ପ୍ରାକ୍-ଶୈଶବ ପୁନର୍ବାସ କେନ୍ଦ୍ର ପ୍ରତିଷ୍ଠା ଦାବି

ଭୁବନେଶ୍ୱର,୧୯।୯(ବ୍ୟୁରୋ)

କେନ୍ଦ୍ର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରଣାଳୟ ଆନୁକୂଲ୍ୟରେ କେନ୍ଦ୍ରୀୟ ପରାମର୍ଶଦାତା ବୋର୍ଡର ୩ୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଯୋଗଦେଇ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ରାଜ୍ୟ ତରଫରୁ ବିଭିନ୍ନ ଦାବି ଉପସ୍ଥାପନ କରିଛନ୍ତି। ଗୁରୁବାର ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଅନୁଷ୍ଠିତ ଏହି ବୈଠକରେ ସେ ଭିନ୍ନକ୍ଷମ ଶିଶୁମାନଙ୍କ ଅଭିବୃଦ୍ଧି ଉଦ୍ଦେଶ୍ୟରେ ଓଡ଼ିଶାରେ ଦୁଇଟି ପ୍ରାକ୍-ଶୈଶବ ପୁନର୍ବାସ କେନ୍ଦ୍ର ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଛନ୍ତି। ଏହାସହ ଭୁବନେଶ୍ୱରଠାରେ ଭିନ୍ନକ୍ଷମଙ୍କ ଲାଗି ଏକ କ୍ରୀଡ଼ା କେନ୍ଦ୍ର ସ୍ଥାପନ କରିବା ପାଇଁ ପଣ୍ଡା କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି। ରାଜ୍ୟରେ ଭିନ୍ନକ୍ଷମଙ୍କ ସଶକ୍ତୀକରଣ ପାଇଁ କେନ୍ଦ୍ର ସରକାର ଅଧିକ ପଦକ୍ଷେପ ଗ୍ରହଣ କରିବାକୁ ସେ କହିଛନ୍ତି।

ଏହି ବୈଠକରେ କେନ୍ଦ୍ର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଥାବର ଚାନ୍ଦ ଗେହ୍‌ଲଟ ଅଧ୍ୟକ୍ଷତା କରିଥିବାବେଳେ ମନ୍ତ୍ରୀ ପଣ୍ଡା ଓଡ଼ିଶା ପକ୍ଷରୁ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ରାଜ୍ୟରେ ଆଉ ୩ଟି ଜିଲାରେ ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ଖୋଲିବା ପାଇଁ କେନ୍ଦ୍ରକୁ ପ୍ରସ୍ତାବ ଦିଆଯାଇଛି। ଏହା ଉପରେ କେନ୍ଦ୍ର ସରକାର ତ୍ୱରିତ ପଦକ୍ଷେପ ନେବାକୁ ସେ କହିଥିଲେ। ଓଡ଼ିଶାରେ ସାର୍ବଜନୀନ ଭିନ୍ନକ୍ଷମ ପରିଚୟ ପତ୍ର ପ୍ରଦାନ ବ୍ୟବସ୍ଥାରେ ବିଶେଷ ଅଗ୍ରଗତି ପରିଲକ୍ଷିତ ହୋଇଛି। 'ଆସେସିବୁଲ୍ ଇଣ୍ଡିଆ' ଯୋଜନାରେ ରାଜ୍ୟର ସରକାରୀ କୋଠାବାଡ଼ିକୁ ଭିନ୍ନକ୍ଷମଙ୍କ ଯାତାୟାତ ଏବଂ ପ୍ରବେଶ ସୁଗମ କରିବା ଉଦ୍ଦେଶ୍ୟରେ ର୍‍ୟାମ୍ପ ନିର୍ମାଣ କରାଯାଇଛି। ରାଜଧାନୀ ଭୁବନେଶ୍ୱରରେ ଚିହ୍ନଟ ହୋଇଥିବା ୨୦୩ଟି ସରକାରୀ କୋଠା ମଧ୍ୟରୁ ୧୧୭ଟିରେ ର୍‍ୟାମ୍ପ ନିର୍ମାଣ କାମ ଶେଷ ହୋଇଛି ଏବଂ ସେଥିପାଇଁ ରାଜ୍ୟ ବଜେଟ୍‌ରୁ ବ୍ୟୟ କରାଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ସୋସିଆଲ୍ ଅଡିଟ୍ ପାଇଁ 'ସୋସାଇଟି ଫର ସୋସିଆଲ୍ ଅଡିଟ୍, ଆକାଉଣ୍ଟବିଲିଟି ଆଣ୍ଡ ଟ୍ରାନ୍ସପରେନ୍ସି'(ଓସାଟ୍)କୁ ନିୟୋଜିତ କରାଯାଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ଭିନ୍ନକ୍ଷମ ଅଧିକାର ନିୟମାବଳୀ-୨୦୧୮ ପ୍ରଣୟନ କରାଯାଇଛି ଓ ୨୦୧୮ରେ ରାଜ୍ୟ ଉପଦେଷ୍ଟା ବୋର୍ଡ ଗଠନ କରାଯାଇଥିବା ପଣ୍ଡା ସୂଚନା ଦେଇଥିଲେ। ସେହିଭଳି ଓଡ଼ିଶାରେ ଭିନ୍ନକ୍ଷମ ହିତାଧିକାରୀମାନଙ୍କୁ ପେନ୍‌ସନ୍ ପ୍ରଦାନ ବ୍ୟବସ୍ଥାରେ ଉଲ୍ଲେଖଯୋଗ୍ୟ ପ୍ରଗତି ହୋଇଥିବା ସେ କହିଥିଲେ। ବୈଠକରେ ପରାମର୍ଶଦାତା ବୋର୍ଡର ସଦସ୍ୟମାନଙ୍କ ସମେତ ବିଭିନ୍ନ ରାଜ୍ୟର ବିଭାଗୀୟ ମନ୍ତ୍ରୀ ଓ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ଅଭିଯୁକ୍ତଙ୍କ ଗିରଫ ଦାବିକଲା ଭାଜପା ମହିଳା ମୋର୍ଚ୍ଚା

କଟକ ଅଫିସ/ବାଲିଅନ୍ତା, ୧୯।୯(ଡି.ଏନ୍.ଏ.)

ନର୍ସ ନୀହାରିକା ପାତ୍ର ହତ୍ୟା ଘଟଣାକୁ ନେଇ ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଛି। ହତ୍ୟାକାରୀଙ୍କୁ ପୋଲିସ ଧରିପାରି ନ ଥିବାବେଳେ ଏ ନେଇ ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଡିଜିପିଙ୍କ ଉଦ୍ଦେଶ୍ୟରେ ଏଡିଜିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଗୁରୁବାର ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତୀ ପରିଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବାଲିଅନ୍ତା ଥାନା ଭିଙ୍ଗାରପୁର ଗ୍ରାମରେ ରହୁଥିବା ନୀହାରିକାଙ୍କ ପରିବାର ଲୋକଙ୍କୁ ଭେଟିଥିଲା। ଏଥିସହ ନୀହାରିକା କାର୍ଯ୍ୟ କରୁଥିବା ନର୍ସିଂହୋମ ଓ ମୃତଦେହ ମିଳିଥିବା ଜଗତ୍‌ସିଂହପୁର ଜିଲା ବିରିଡ଼ି ଥାନା ଅନ୍ତର୍ଗତ ବିଲୁଆଖାଇ ନଦୀପଠାକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ଡିଜିପିଙ୍କୁ ଭେଟି ପରିସ୍ଥିତି ବିଷୟରେ ଅବଗତ କରିବା ସହ ୪୮ ଘଣ୍ଟା ଭିତରେ ମୁଖ୍ୟ ଅଭିଯୁକ୍ତ ଓ ତାଙ୍କ ସହଯୋଗୀଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲା ବାଲିଅନ୍ତା ଥାନା ଅଧୀନ ଭିଙ୍ଗାରପୁର ଗ୍ରାମର ନୀହାରିକା କଟକର ଏକ ଘରୋଇ ନର୍ସିଂହୋମରେ ଚାକିରି କରୁଥିଲେ। ତେବେ ଗତ ୯ରେ ସେ ନିଖୋଜ ଅଛନ୍ତି ବୋଲି ମଧୁପାଟଣା ଥାନାରେ ଅଭିଯୋଗ ହୋଇଥିଲା। ହେଲେ



ଡିଜିପିଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଭାଜପା ମହିଳା ମୋର୍ଚ୍ଚା ସଦସ୍ୟା।

**ନର୍ସ ନୀହାରିକା ହତ୍ୟା ଘଟଣା**

■ ଡିଜିପିଙ୍କ ଉଦ୍ଦେଶ୍ୟରେ ଏଡିଜିଙ୍କୁ ସ୍ମାରକପତ୍ର ପ୍ରଦାନ

■ ଘଟଣାସ୍ଥଳ ଅନୁଧ୍ୟାନ ସହ ପରିବାର ଲୋକଙ୍କୁ ଭେଟିଲେ

ଗତ ୧୭ରେ ତାଙ୍କ ଗଳିତ ମୃତଦେହ ଅଖାରେ ବନ୍ଧା ହୋଇଥିବା ଅବସ୍ଥାରେ ଜଗତ୍‌ସିଂହପୁର ଜିଲା ବିରିଡି ଅଞ୍ଚଳରେ ଥିବା ବିଲୁଆଖାଇ ନଦୀପଠାରୁ ଉଦ୍ଧାର କରାଯାଇଥିଲା। କେହି ତାଙ୍କୁ ହତ୍ୟା କରିବା ପରେ ହାତଗୋଡ ବାନ୍ଧି ଏକ ବସ୍ତାରେ ଭର୍ତ୍ତିକରି ନଦୀରେ ଫିଙ୍ଗିଦେଇଥିଲେ। ନିଖୋଜ ଅଭିଯୋଗ ପରେ ପୋଲିସ ନିଜ କର୍ତ୍ତବ୍ୟ ଠିକ୍‌ଭାବେ କରିଥିଲେ ନୀହାରିକାଙ୍କ ହତ୍ୟା ହୋଇ ନ ଥାନ୍ତା ବୋଲି ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ କୁହାଯାଇଛି। ପୋଲିସର ଅପାରଗତା ପାଇଁ ନୀହାରିକା ନିଖୋଜ ହେବାର ୧୦ ଦିନ ପରେ ବି ଅଭିଯୁକ୍ତଙ୍କ ପତ୍ତା ମିଳୁନି। ପୋଲିସ ପ୍ରାଥମିକ ତଦନ୍ତରେ ସର୍ବଦା ବିଳମ୍ବ କରୁଛି, ଯେଉଁଥିପାଇଁ ଏପରି ଅପରାଧ ବଢ଼ିବାରେ ଲାଗିଛି ବୋଲି ମୋର୍ଚ୍ଚା ପକ୍ଷରୁ ଅଭିଯୋଗ କରାଯାଇଛି। ତେବେ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏଡିଜି ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରତିନିଧି ଦଳରେ ମହିଳା ମୋର୍ଚ୍ଚା ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ପ୍ରତିଭା ଶତପଥୀ, ଉପସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ଅନିତା ଶୁଭଦର୍ଶିନୀ, ସମ୍ପାଦିକା ରଶ୍ମିରେଖା ଦାସ, ଐଶ୍ୱର୍ଯ୍ୟା ବିଶ୍ୱାଳ, କ୍ରୀଷ୍ଣା ମହାନ୍ତି, ଯାଜ୍ଞସେନୀ ଜେନା, ସୋସିଆଲ ମିଡିଆ ସଂଯୋଜିକା କସ୍ତୁରୀ ମିଶ୍ର ଥିଲେ। ସେହିଭଳି ବିଧାୟିକା କୁସୁମ ଟେଟେ, ଖୋର୍ଦ୍ଧା ଜିଲାର ସୁବାସ ଜେନା ପ୍ରମୁଖ ଉପସ୍ଥିତ ଥିଲେ।


ଓଡ଼ିଶା ସରକାର

**କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**

**ଘୋଷଣା**

File No.: 08/2018/825 Dated: 24.07.2019

No.: V-70: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ଦୋବେଇପେଣ୍ଠ, ଥାନା- ପାଟଣା, ତହସିଲ- ସାହାରାପଡ଼ା, ଜିଲ୍ଲା- କେନ୍ଦୁଝରରେ ନିମ୍ନ ସୂଚିତ ''କ'' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଟେଲ୍ ମାଇନର କେନାଲ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୧୭୭, ତା୨୫।୦୭।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ଦୋବେଇପେଣ୍ଠ, ଥାନା- ପାଟଣା, ଜିଲ୍ଲା- କେନ୍ଦୁଝରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ **www.kendujhar.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ **http://revenue.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନଃ ବସତି ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ - ''କ''**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ଜିଲ୍ଲା: କେନ୍ଦୁଝର — ତହସିଲ: ସାହାରପଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଦୋବେଇପେଣ୍ଠ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୩୩.୪୩ | ଏ.୦୩.୬୬ | ଏଥି ସହିତ ସଂଲଗ୍ନ |

**ତଫସିଲ - ''ଖ''**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

ଜିଲ୍ଲା: କେନ୍ଦୁଝର — ତହସିଲ: ସାହାରପଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଧାରା ୧୯ର ଉପଧାରା (୭) ଅଧୀନରେ ଜିଲ୍ଲାପାଳ, କେନ୍ଦୁଝରଙ୍କ ଅଧିସୂଚନା ନଂ.- ୧୧୭୭, ତା୨୫।୦୭।୨୦୧୮ରିଖ ଅନୁଯାୟୀ ଧାରା ୧୧(୧)ର ଘୋଷିତ ଅଧିସୂଚନା ବୈଧ ତାରିଖ ୨୮।୦୮।୨୦୧୮।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ

**LAND SCHEDULE FOR PERMANENT ACQUISITION OF LAND FOR LEFT MAIN DISTRIBUTARY - MINOR, SUB-MINOR IN DEO IRRIGATION PROJECT**

**ଗ୍ରାମ: ଦୋବେଇପେଣ୍ଠ, କ୍ରମିକ ସଂଖ୍ୟା - ୧୯୪, ଥାନା - ପାଟଣା, ତହସିଲ - ପାଟଣା, ଜିଲ୍ଲା - କେନ୍ଦୁଝର**


| କ୍ରମିକ ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅଧିଗୃହୀତ ରକବା | କିସମ | ପ୍ରଜାଙ୍କ ନାମ ଓ ଧାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୧୨ | ୩୦୮ | ୧.୨୦ | ୦.୩୨ | ଶାରଦ ଏକ | କୀର୍ତ୍ତନ ଖଟୁଆ, ପି.- ଅର୍ଜୁନ ଖଟୁଆ, ଜା: ତେଲି, ବା: ନିଜଗାଁ | |
| ୨ | ୨୧ | ୩୩୯ | ୦.୭୪ | ୦.୨୫ | ଟଇଲା ଏକ | ଖଡ଼ିକା ନାଏକ, ସ୍ୱା.- ବଂଶୀ ନାଏକ, ପୁନ ନାଏକ, କୁନା ନାଏକ, ପି.- ସୁନା ନାଏକ, ଧନୁ ନାଏକ, ରଥୁ ନାଏକ, ପି.- ସମ୍ଭ ନାଏକ, ଶୁକୁରା ନାଏକ, ଡମା ନାଏକ, ଗହ୍ଣା ନାଏକ, ଭାମା ନାଏକ, ଜେମା ନାଏକ, ପି.- ନାଥ ନାଏକ, ଜା: ଖଣ୍ଡୁଆଳ, ବା: ନିଜଗାଁ | |
| ୩ | ୩୧ | ୩୦୮/୧୦୭୫ | ୦.୩୪ | ୦.୧୭ | ଶାରଦ ଦୁଇ | ଗୋବର୍ଦ୍ଧନ ଖଟୁଆ, ପି.- ଅର୍ଜୁନ ଖଟୁଆ, ଜା: ତେଲି, ବା: ନିଜଗାଁ | |
| ୪ | ୩୭ | ୩୧୮/୧୨୦୫ | ୧.୩୬ | ୦.୩୯ | ଟଇଲା ଦୁଇ | ଚରଣ ନାଏକ, ପି.- ପିତ ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୫ | ୫୨ | ୩୧୧<br>୩୧୨<br>୩୩୭ | ୦.୯୪<br>୦.୬୫<br>୧.୨୫ | ୦.୦୩<br>୦.୦୧<br>୦.୩୪ | ଶାରଦ ଏକ<br>ଶାରଦ ଦୁଇ<br>ଟଇଲା ଏକ | ନବଘନ ନାଏକ, ତାରା ନାଏକ, ପି.- ଦ୍ୱାରି ନାଏକ, ଶୁକୁରା ନାଏକ, ପାଣ୍ଡୁ ନାଏକ, ଅବଳା ନାଏକ, ପି.- ନୀଳ ନାଏକ, ଚମ୍ପା ନାଏକ, ସ୍ୱା.- ନୀଳ ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୬ | ୫୮ | ୩୪୦ | ୦.୭୪ | ୦.୨୦ | ଟଇଲା ଦୁଇ | ନୀଳମଣି ନାଏକ, ପି.- ବେନୁ ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୭ | ୭୩ | ୩୨୦ | ୦.୯୩ | ୦.୦୩ | ଟଇଲା ଏକ | ପୂର୍ଣ୍ଣ ନାଏକ, ପି.- ଶ୍ରୀଧର ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୮ | ୬୨ | ୩୦୦/୧୧୪୭ | ୦.୧୦ | ୦.୦୧ | ଟଇଲା ଏକ | ପରମା ନାଏକ, ପି.- ଦୁଃଖା ନାଏକ, ହାଡ଼ିଆ ନାଏକ, ଶୈଳ ନାଏକ, ଫକୀର ନାଏକ, ପି.- ଇନ୍ଦ୍ର ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୯ | ୭୭ | ୩୧୮/୧୪୦୨ | ୧.୬୬ | ୦.୦୭ | ଟଇଲା ଦୁଇ | ବନମାଳୀ ନାଏକ, ସୁନିଆ ନାଏକ, ପି.- ଦିଗା ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୧୦ | ୮୧ | ୩୧୮ | ୧.୬୦ | ୦.୦୩ | ଟଇଲା ଦୁଇ | ବିଦ୍ୟାଧର ନାଏକ, ମନ୍ତ୍ରୀବର ନାଏକ, ପି.- ଚିନ୍ତାମଣି ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୧୧ | ୯୦ | ୨୯୯ | ୧.୩୫ | ୦.୩୬ | ଟଇଲା ଏକ | ଭାଗବତ ନାଏକ, ରାଜ ନାଏକ, ଟିକୁଲୁ ନାଏକ, ପି.- ଦୁତି ନାଏକ, ପାନ ନାଏକ, ସ୍ୱା.- ଦୁତି ନାଏକ, କଣ୍ଟ ନାଏକ, ପି.- ନୁଣି ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୧୨ | ୯୫ | ୨୯୮ | ୧.୦୭ | ୦.୧୦ | ଟଇଲା ଏକ | ମକୁରୁ ନାଏକ, ଶଙ୍କୁରୁ ନାଏକ, ପି.- ପ୍ରହ୍ଲାଦ ନାଏକ, ରମେଶ ଚନ୍ଦ୍ର ନାଏକ, ରମାକାନ୍ତ ନାଏକ, କାବୁର ନାଏକ, ଦୁତିଆ ନାଏକ, ପି.- ଗୌରାଙ୍ଗ ନାଏକ, ଜା: ଭୂୟାଁ, ବା: ନିଜଗାଁ | |
| ୧୩ | ୧୧୫ | ୩୧୫ | ୧୫.୦୦ | ୦.୬୦ | ଟଇଲା ଏକ | ରବିନ୍ଦ୍ର ନାଥ ନାଏକ, ପୂର୍ଣ୍ଣ ଚନ୍ଦ୍ର ନାଏକ, ପି.- ଅଧିକାରୀ ନାଏକ, ଅଭି ନାଏକ, ଜଗନ୍ନାଥ ନାଏକ, ପି.- ସଦାନନ୍ଦ ନାଏକ, ଜା: ବଥୁଡ଼ି, ବା: ନିଜଗାଁ | |
| ୧୪ | ୧୧୯ | ୩୦୭ | ୧.୯୭ | ୦.୩୯ | ଶାରଦ ଦୁଇ | ରମେଶ ଚନ୍ଦ୍ର ନାଏକ, ପି.- ଭୀମ ନାଏକ, ମୋତି ନାଏକ, ସ୍ୱା.- ମଧୁ ନାଏକ, ଭଦ୍ରୁ ନାଏକ, ପି.- ଦେବ ନାଏକ, ଦୋଳ ନାଏକ, ଦକ୍ଷିଣ ନାଏକ, ପି.- ଅର୍ଜୁନ ନାଏକ, ସୁଦ୍ର ନାଏକ, ପି.- ସିର ନାଏକ, ନାଲୁ ନାଏକ, ଲକ୍ଷ୍ମୀଧର ନାଏକ, ପି.- ସୁବର୍ଣ୍ଣ ନାଏକ, ଅଇବନ ନାଏକ, ପି.- କହ୍ନେଇ ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୧୫ | ୧୨୦ | ୩୧୯ | ୦.୮୦ | ୦.୧୩ | ଘରବାରି | ରସା ନାଏକ, ଦୁଃଶା ନାଏକ, ଶୈଳ ନାଏକ, ପି.- ସଦା ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୧୬ | ୧୩୦ | ୩୩୮/୧୧୫୪<br>୩୦୫<br>୩୩୮ | ୦.୫୬<br>୦.୫୫<br>୦.୬୨ | ୦.୦୨<br>୦.୦୧<br>୦.୨୦ | ଟଇଲା ଏକ<br>ଶାରଦ ଏକ<br>ଟଇଲା ଏକ | ସାରତ ନାଏକ, ଗଣ ନାଏକ, ପି.- ସୁଦ୍ର ନାଏକ, ରୁକ୍ମଣୀ ନାଏକ, ସ୍ୱା.- ସୁଦ୍ର ନାଏକ, ବେଙ୍ଗ ନାଏକ, ସ୍ୱା.- ରୁଦ୍ର ନାଏକ, ଉଦ୍ଧବ ନାଏକ, ପି.- ଝଟା ନାଏକ, ବା: ବାଥୁଡ଼ି, ବା: ନିଜଗାଁ | |
| | | ୨୦ | ୩୩.୪୩ | ୩.୬୬ | | | |

**ସରକାରୀ ଖାତା**

| କ୍ରମିକ ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅଧିଗୃହୀତ ରକବା | କିସମ | ପ୍ରଜାଙ୍କ ନାମ ଓ ଧାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୧୪୭ | ୩୩୮/୧୧୫୩<br>୩୩୯/୧୧୫୫ | ୦.୨୪<br>୦.୧୦ | ୦.୦୭<br>୦.୦୩ | ରାସ୍ତା<br>ରାସ୍ତା | ରକ୍ଷିତ | |
| ୨ | ୧୫୦ | ୩୧୬<br>୩ | ୧.୬୮<br>୨.୦୨ | ୦.୧୦<br>୦.୨୦ | ପଥରବଣି | ଆବଦ ଅଯୋଗ୍ୟ ଅନାବାଦୀ | |

24045/14/0006/1920

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୦ ସେପ୍ଟେମ୍ବର, ୨୦୧୯



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
-ଆଇନଷ୍ଟାଇନ



## ସଂକ୍ଷେପରେ

### ସନ୍ଦେହଜନକ ଅବସ୍ଥାରେ ଯୁବତୀଙ୍କ ମୃତଦେହ ଉଦ୍ଧାର

ଭୁବନେଶ୍ୱର,୧୯।୯(ବ୍ୟୁରୋ): ଚାକିରି କରିବା ପାଇଁ ଯାଜପୁରରୁ ରାଜଧାନୀ ଆସିଥିବା ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହକୁ ମଞ୍ଚେଶ୍ୱର ଥାନା ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ଯାଜପୁର ଜିଲା ବିଞ୍ଝାରପୁର ଥାନା ଅଧୀନ କପିଳା ପଞ୍ଚାୟତ ବରୁଣାବାଙ୍କ ଗ୍ରାମର ଅକ୍ଷୟ କୁମାର ପରିଡ଼ାଙ୍କ ଝିଅ ଅଞ୍ଜଳି (୨୦)। ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ଅଞ୍ଜଳିଙ୍କ ଜେଜେମା ଅଭିଯୋଗ ଆଣିଛନ୍ତି। ଏ ନେଇ ମଞ୍ଚେଶ୍ୱର ଥାନା ପୋଲିସ ପ୍ରାଥମିକ ଅବସ୍ଥାରେ ନଂ ୯୦/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ମଞ୍ଚେଶ୍ୱର ଥାନା ଅଧୀନ ନହରକଣ୍ଟା ଅଞ୍ଚଳରେ ସମ୍ପର୍କୀୟ ପିଉସୀ ସରସ୍ୱତୀଙ୍କ ଘରକୁ ଗତ ସପ୍ତାହ ହେବ ଅଞ୍ଜଳି ଆସିଥିଲେ। ଚାକିରି ପାଇଁ ସେ ବିଭିନ୍ନ ସଂସ୍ଥାକୁ ସାକ୍ଷାତକାର ଦେବାକୁ ଯାଉଥିଲେ। ବୁଧବାର ସକାଳୁ ସରସ୍ୱତୀ ଜଣେ ସମ୍ପର୍କୀୟଙ୍କ ସହ ନୟାଗଡ଼ ଯାଇଥିଲେ। ମଧ୍ୟାହ୍ନରେ ସେ ଫୋନ କରିବାରୁ ଅଞ୍ଜଳି ଫୋନ ଉଠାଇ ନ ଥିଲେ। ପଡ଼ୋଶୀଙ୍କୁ ସରସ୍ୱତୀ ଏହା ଜଣାଇଥିଲେ। ସେମାନେ ଡାକିଥିଲେ ମଧ ସେ ଶୁଣି ନଥିଲେ। ଫଳରେ ସେମାନେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି କବାଟ ଭାଙ୍ଗି ଦେଖିବାରୁ ଅଞ୍ଜଳି ଘରର ଆଜବେଷ୍ଟସ ରେଲିଂରେ ଚୁନୁରି ଲଗାଇ ମୃତାବସ୍ଥାରେ ଝୁଲୁଥିଲେ। ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।


### ରାଜ୍ୟ ସଂଗ୍ରହାଳୟ ପରିଦର୍ଶନ କଲେ ସଂସ୍କୃତି ମନ୍ତ୍ରୀ

ଭୁବନେଶ୍ୱର,୧୯।୯(ବ୍ୟୁରୋ): ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ବୁଧବାର ରାଜ୍ୟ ସଂଗ୍ରହାଳୟ ଅଚାନକ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ସଂଗ୍ରହାଳୟର ବିଭିନ୍ନ ଗ୍ୟାଲେରୀ ତଥା ପ୍ରତ୍ନତତ୍ତ୍ୱ, ପୋଥି, ହାତୀଦାନ୍ତ, ଅସ୍ତ୍ରଶସ୍ତ୍ର ଓ ପାଇକ ଗ୍ୟାଲେରୀ ବୁଲି ଦେଖିଥିଲେ। ରାଜ୍ୟର ଐତିହ୍ୟ, ସଂସ୍କୃତି, ଗୌରବମୟ ପରମ୍ପରାର ନିଦର୍ଶନକୁ ସଂଗ୍ରହାଳୟରେ ପ୍ରଦର୍ଶିତ କରାଯାଇପାରିବ ବୋଲି ସେ କହିଥିଲେ। ସଂଗ୍ରହାଳୟର ପଦାଧିକାରୀ ଓ କର୍ମଚାରୀଙ୍କ ସହ ଆଲୋଚନା କରିବା ସହ ବିଭିନ୍ନ ଅସୁବିଧା ସମ୍ପର୍କରେ ଅବଗତ ହୋଇଥିଲେ। ସଂଗ୍ରହାଳୟରେ କ୍ୟୁରେଟର ତଥା ଅନ୍ୟମାନଙ୍କ ଅନୁପସ୍ଥିତି ସମ୍ପର୍କରେ ଜାଣିବାପରେ ମନ୍ତ୍ରୀ ବାୟୋମେଟ୍ରିକ୍ସ ମେସିନ୍ ଲଗାଇବାକୁ ପରାମର୍ଶ ଦେବାସହ ଖାଲି ପଡ଼ିଥିବା ପଦବୀ ପୂରଣ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ୫ 'ଟି' ସୂତ୍ରକୁ ଅଗ୍ରାଧିକାର ଦେଇ ସଂଗ୍ରହାଳୟର କର୍ମଚାରୀ ଓ ପଦାଧିକାରୀମାନେ କାର୍ଯ୍ୟ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସଂଗ୍ରହାଳୟର ଅଧୀକ୍ଷକ ଡ. ଜୟନ୍ତୀ ରଥ ମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇବା ସହ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ କ୍ୟୁରେଟର ଭାରତୀ ପାଲ ଓ ଭାଗ୍ୟଲିପି ମଲ୍ଲ ମଧ ଉପସ୍ଥିତ ଥିଲେ।

■ ପଥପ୍ରାନ୍ତ ନାଟକ ଦ୍ୱାରା ଟ୍ରାଫିକ ସଚେତନତା

# ହେଲମେଟ୍ ପିନ୍ଧାଇଲେ ପୋଲିସ କମିଶନର

ଭୁବନେଶ୍ୱର, ୧୯।୯(ବ୍ୟୁରୋ)



ପୋଲିସ କମିଶନର ଜଣେ ଶିଶୁଙ୍କୁ ହେଲ୍‌ମେଟ ପିନ୍ଧାଉଛନ୍ତି।

ନୂଆ ମୋଟର ଯାନ ଆଇନ୍ ସେପ୍ଟେମ୍ବର ୧ରୁ ଲାଗୁ ହେବା ପରେ ୪ ଦିନ ପାଇଁ ନିୟମକୁ କଡାକଡି କରାଯିବା ସହ ଲୋକଙ୍କଠାରୁ ମୋଟା ଅଙ୍କର ଫାଇନ ଆଦାୟ କରାଯାଇଥିଲା। ତେଣୁ ଲୋକଙ୍କ ଅସନ୍ତୋଷ ପଡିବା ପରେ ସରକାର ୩ ମାସ କୋହଳ କରିବା ସହ ଗାଡିର କାଗଜପତ୍ର କରିବାକୁ ଚାଳକମାନଙ୍କୁ କହିଛନ୍ତି। ତେଣୁ ଲୋକଙ୍କ ମଧ୍ୟରେ ସଚେତନତା ଆଣିବାକୁ ଏବେ କମିଶନରେଟ ପୋଲିସ ପକ୍ଷରୁ ରାଜଧାନୀର ଏକାଧିକ ଛକରେ ଟ୍ରାଫିକ ସଚେତନତା କରାଯାଉଛି। କେତେବେଳେ ଗୋଲାପ ଫୁଲ ତ ଆଉ କେତେବେଳେ ଚକୋଲେଟ ଦେଇ ଲୋକଙ୍କୁ ଟ୍ରାଫିକ ନିୟମ ବିଷୟରେ ସଚେତନ କରାଯାଉଛି। ଏହିଭଳି ଗୁରୁବାର କମିଶନରେଟ ପୋଲିସ ପକ୍ଷରୁ ଶିଶୁଭବନ ଛକରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ଟ୍ରାଫିକ ସଚେତନତା କରାଯାଇଥିଲା। ଏହାସହ ଯେଉଁମାନେ ହେଲମେଟ ପିନ୍ଧି ନ ଥିଲେ ସେମାନଙ୍କୁ ଧରାଯାଇ ଚାଲାଣ କରାଯିବା ପରେ ଏକ ନୂଆ ହେଲମେଟ ଦିଆଯାଇଛି। ଟ୍ରାଫିକ ଡିସିପି ସାଗରିକା ନାଥ ସେମାନଙ୍କୁ ହେଲମେଟ ପିନ୍ଧାର ନିୟମ ମାନିବାକୁ ସଚେତନ କରିଥିଲେ। ଏହିଭଳି ଅନେକ ଲୋକଙ୍କୁ ଧରାଯାଇ ଚାଲାଣ କଟାଯିବା ପରେ ହେଲମେଟ ପିନ୍ଧା ଯାଇଥିଲା। ଶେଷରେ ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ ଆସିବା ପରେ ବାପା କିମ୍ବା ମା'ଙ୍କ ସହ ବାଇକ୍‌ରେ ଯାଉଥିବା ଛୋଟ ପିଲାଙ୍କୁ ସେ ମିନି ହେଲମେଟ ପିନ୍ଧାଇଥିଲେ। ଏପରିକି ତାଙ୍କ ମାଆବାପାଙ୍କୁ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ କରିବା ସହ ଯେଉଁଆଡେ ଛୋଟ ପିଲାଙ୍କୁ ନେଉଛନ୍ତି ସେମାନଙ୍କୁ ହେଲମେଟ ପିନ୍ଧାଇବାକୁ ପରାମର୍ଶ ଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମ ପ୍ରାୟ ୩ ଘଣ୍ଟା ଧରି ସେଠାରେ ଚାଲିଥିଲା। ଟ୍ରାଫିକ ନିୟମ ଉପରେ ଯେଉଁ ନାଟକ ହୋଇଥିଲା ଲୋକମାନେ ତାହାକୁ ସହଜରେ ଗ୍ରହଣ କରିଥିଲେ। ଏହାସହ ବାଟରେ ଯାଉଥିବା ଲୋକେ ଗାଡି ଅଟକାଇ ଏହି ନାଟକକୁ ଉପଭୋଗ କରିଥିଲେ। ଏ ନେଇ ଟ୍ରାଫିକ ଡିସିପି ସାଗରିକା ନାଥ କହିଛନ୍ତି, ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏଭଳି ବ୍ୟବସ୍ଥା କରାଯାଇଛି। ଲୋକଙ୍କୁ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନ କରାଯାଉଛି। ବଡମାନେ ବାଇକ୍‌ରେ ଗଲା ବେଳେ ଛୋଟ ପିଲାଙ୍କୁ ମଧ ହେଲମେଟ ପିନ୍ଧାଇବାକୁ ସେ ପରିବାର ଲୋକଙ୍କୁ ନିବେଦନ କରିଛନ୍ତି। ଏହାସହ ଲୋକମାନେ ଟ୍ରାଫିକ ନିୟମ ମାନନ୍ତୁ। ରାଜଧାନୀରେ ଏକାଧିକ ଲୋକେ ସଚେତନ ହୋଇଗଲେଣି, ଆଉ କେତେଜଣ ଲୋକ ବାକି ଅଛନ୍ତି, ସେମାନେ ୩ ମାସ ମଧ୍ୟରେ ସଚେତନ ହୋଇଯାଆନ୍ତୁ। ନ ହେଲେ ୩ ମାସ ପରେ ହଇରାଣ ହେବେ ବୋଲି ସେ କହିଛନ୍ତି।

# ନିୟମ ଉଲ୍ଲଂଘନକାରୀଙ୍କୁ କାଳ ସୋସିଆଲ ମିଡିଆ

■ ସିପିଙ୍କୁ ଟୁଇଟ୍ କରି ଜଣାଉଛନ୍ତି ଲୋକେ

■ 'ସହରୀ ବାଘ'କୁ ଜରିମାନା




ଭୁବନେଶ୍ୱର, ୧୯।୯(ବ୍ୟୁରୋ)

ମୋଟରଯାନ ଆଇନ ନିୟମ ଉଲ୍ଲଂଘନକାରୀଙ୍କ ପାଇଁ ଏବେ କାଳ ସାଜିଛି ସୋସିଆଲ ମିଡିଆ। କାରଣ ବାଟରେ ଯାଉଥିବା କୌଣସି ଗାଡ଼ି ଯଦି ନିୟମ ଉଲ୍ଲଂଘନ କରୁଛି ତେବେ ତାହାକୁ ଜଗୁଛନ୍ତି ସାଧାରଣ ଲୋକେ। ନିୟମ ଉଲ୍ଲଂଘନକାରୀ ପୋଲିସ ହୁଅନ୍ତୁ କି ବଡ ଅଫିସର କେହି ଖସିଯାଇପାରିବେ ନାହିଁ। ଲୋକେ ନିଜ ମୋବାଇଲ୍‌ରେ ସେହି ଗାଡ଼ି ନମ୍ବର ଫଟୋ ଉଠାଇ ଆପ୍ ମାଧ୍ୟମରେ ଗାଡ଼ିର ସବୁ କିଛି ତଥ୍ୟ ବାହାର କରିଦେଉଛନ୍ତି। ଯେଉଁମାନଙ୍କର ଇନ୍ସ୍ୟୁରାନ୍ସ ନାହିଁ ଅଥବା ଅନ୍ୟ କିଛି ନିୟମ ଉଲ୍ଲଂଘନ ହୋଇଛି ସେମାନେ ତୁରନ୍ତ ଗାଡ଼ିର ଫଟୋ ସହ ପୋଲିସ କମିଶନର ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରି ଦେଉଛନ୍ତି। ଟ୍ୱିଟ୍‌ର କିଛି ସମୟ ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଘରେ ଯାଇ ପୋଲିସ ନୋଟିସ୍ ପହଞ୍ଚୁଛି। ୪ଦିନ ତଳେ କମିଶନରେଟ ପୋଲିସର ଜଣେ ଏଏସ୍‌ଆଇ ବାଇକରେ ୩ଜଣଙ୍କୁ ବସାଇ ଯାଉଥିବା ବେଳେ କେହି ଜଣେ ଏହାର ଫଟୋ ଉଠାଇ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀଙ୍କୁ ଟୁଇଟ୍ କରିଦେଇଥିଲେ। ସେ ଏହାକୁ ଦେଖିବା ପରେ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ଫାଇନ୍ କରିଥିଲେ। ସେହିଭଳି ଗୁରୁବାର ଜଣେ ବ୍ୟକ୍ତି ତାଙ୍କ ଗାଡ଼ିର ପଛ ନମ୍ବର ପ୍ଲେଟ୍‌ରେ ଟାଉନ୍ ଟାଇଗର (ସହରୀ ବାଘ) ଲେଖିଥଲେ। ଏହି ଗାଡ଼ି (ଓଡି-୦୨ଏଏମ୍-୨୨୨୨) ସୈନିକ ସ୍କୁଲ ନିକଟରେ ଯାଉଥିବା ବେଳେ ଡ. ମହେଶ ରଥ ନାମକ ବ୍ୟକ୍ତି ଏହାକୁ ଉଠାଇ ସିପିଙ୍କୁ ଟୁଇଟ୍ କରିଥିଲେ। କମିଶନର ଏହା ଦେଖିବା ପରେ ତତ୍‌କ୍ଷଣାତ ନୋଟିସ ଜାରି କରିଥିଲେ। ସେହି ଗାଡ଼ି ମାଲିକଙ୍କୁ ୫ଶହ ଟଙ୍କାର ଚାଲାଣ କଟାଟାଇଥିବା ଡିସିପି ସାଗରିକା ନାଥ ଟ୍ୱିଟ୍ କରି ଜଣାଇଥିଲେ। ଏହି ଗାଡ଼ିଟି ବାଲିଅନ୍ତା ଥାନା ଫୁଲନଖରା ଗୌରହରି ସାହୁଙ୍କର ବୋଲି ଜଣାପଡ଼ିଛି। ସେହିପରି ତାଳଚେର ଆରଟିଓରେ ଥିବା ଏକ ଇଣ୍ଟରସେପ୍ଟରର ଗାଡ଼ି(ଓଆର-୧୯-ଜେ-୫୫୫୫)ର ଇନ୍ସ୍ୟୁରାନ୍ସ ନ ଥିବା ଦୀପ୍ତିରଞ୍ଜନ ସାହୁ ଫଟୋ ଉଠାଇ ସିପିଙ୍କୁ ଟୁଇଟ୍ କରିଥିଲେ। ସିପି ଏହା ଦେଖି ଏମ୍‌ଭି ଆକ୍ଟ ୧୪୬(୨)କୁ ଅନୁଧ୍ୟାନ କରିବା ପାଇଁ ପରାମର୍ଶ ଦେଇଥିଲେ। ୱେବ୍‌ସାଇଟ୍‌ରେ ସରକାରୀ ଗାଡ଼ିର ତଥ୍ୟ ଥିବା କହିଥିଲେ।

# ଉତ୍ତମ ଶିକ୍ଷା ହିଁ ଶିଶୁଙ୍କ ଭବିଷ୍ୟତ ଉଜ୍ଜ୍ୱଳ କରିବ

ଭୁବନେଶ୍ୱର, ୧୯।୯(ବ୍ୟୁରୋ)



ରାଜ୍ୟର ସମସ୍ତ ୭୨ହଜାର ୫୮୭ଟି ଅଙ୍ଗନୱାଡ଼ି କେନ୍ଦ୍ରରେ 'ଅଙ୍କୁର-ଆଦ୍ୟ ଯତ୍ନ ଓ ଶିକ୍ଷା ଦିବସ' ପାଳିତ ହୋଇଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି, ଘରୋଇ ଯତ୍ନ, ଖେଳର ଗୁରୁତ୍ୱ, ଉତ୍ତମ ଅଭ୍ୟାସ, ଶିଶୁର ଦକ୍ଷତା ଆକଳନ, ପ୍ରାକ୍ ବିଦ୍ୟାଳୟ ଶିକ୍ଷା, ମା' ଏବଂ କିଶୋରୀମାନଙ୍କ ସମ୍ପୃକ୍ତି, ଆଦିକୁ ସୁନିଶ୍ଚିତ କରିବା ହିଁ ଅଙ୍କୁର ଦିବସର ମୂଳ ଲକ୍ଷ୍ୟ। ପ୍ରାକ୍ ଶୈଶବରୁ ଶିଶୁଙ୍କ ବୟସ ଅନୁସାରେ ସେମାନଙ୍କୁ ବିକାଶର ମାଇଲ୍ ଖୁଣ୍ଟ ସମ୍ପର୍କରେ ସମ୍ପୂର୍ଣ୍ଣ ଶିକ୍ଷା ପ୍ରଦାନ କରାଗଲେ ପରବର୍ତ୍ତୀ ସମୟରେ ସେମାନେ ଉତ୍ତମ ବ୍ୟକ୍ତିତ୍ୱରେ ପରିଣତ ହେବେ। ଉତ୍ତମ ଶିକ୍ଷା ହିଁ ଶିଶୁଙ୍କ ଭବିଷ୍ୟତ ଉଜ୍ଜ୍ୱଳ କରିବ ବୋଲି ବିଭାଗୀୟ ପ୍ରମୁଖ ସଚିବ ଗର୍ଗ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି।

ଗୁରୁବାର ଏନେଇ ବିଭାଗୀୟ ଅଧିକାରୀ ଏବଂ ପରାମର୍ଶଦାତାମାନେ ବିଭିନ୍ନ ଜିଲା ଗସ୍ତ କରି ଏହି ଦିବସ ଠିକ୍ ଭାବରେ ପାଳନ କରାଯାଉଛି କି ନାହିଁ ତାହା ତଦାରଖ କରିଛନ୍ତି। ପିଲାମାନଙ୍କ ପାଇଁ ସ୍ୱଳ୍ପ ମୂଲ୍ୟର ପ୍ରସ୍ତୁତ ଖେଳଣା ପ୍ରଦର୍ଶନୀ ମଧ ଉଦ୍‌ଘାଟିତ ହୋଇଥିଲା।

### ବିପୁଳ ବ୍ରାଉନସୁଗାର ଜବତ, ଜଣେ ଅଟକ

ପୁରୁଣା ଭୁବନେଶ୍ୱର,୧୯।୯(ଡି.ଏନ.ଏ)

ରାଜଧାନୀ ଉପକଣ୍ଠ ତଥା ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ଗୁଡ଼ିଆପୋଖରୀ ଛକ ତଉଲପୋଖରୀ ଗାଁମୁଣ୍ଡରେ ଥିବା ଆପାର୍ଟମେଣ୍ଟ ନିକଟରୁ ଉତ୍ତରାଫାଣ୍ଡି ପୋଲିସ ବିପୁଳ ବ୍ରାଉନସୁଗାର ଜବତ କରିଛି। ଏହି ଘଟଣାରେ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ତେବେ ଫାଣ୍ଡି ଇନ୍‌ଚାର୍ଜ ଅଶୋକ ଗୋଚ୍ଛାୟତ ସେପରି କିଛି ଘଟି ନ ଥିବା କହିଥିବାବେଳେ ପିପିଲି ଥାନାଧିକାରୀ ଶରତ ସାହୁ କହିଛନ୍ତି, ବ୍ରାଉନସୁଗାର ଧରାଯାଇନି, କେବଳ ସେବନକାରୀକୁ ଅଟକ କରିଛୁ।

# ନିଶା ସାମ୍ରାଜ୍ୟର ଗୁମର ଖୋଲିବ ଡାଏରୀ

ଭୁବନେଶ୍ୱର, ୧୯।୯(ବ୍ୟୁରୋ)

**ପିଲିଲା ରାଜାଙ୍କ ବିଦେଶୀ ଲିଙ୍କ୍**

■ ବ୍ରାଉନ ସୁଗାର ମାଫିଆଙ୍କ ତାଲିକା ପ୍ରସ୍ତୁତ

■ ଗିରଫ ପାଇଁ ରାଜ୍ୟ ବାହାରକୁ ଯିବ ଏସ୍‌ଟିଏଫ

୭ଦିନିଆ ରିମାଣ୍ଡରେ ଆସିଥିବା ବ୍ରାଉନ ସୁଗାର ର୍‍ୟାକେଟର କିଙ୍ଗପିନ୍ ଏସ୍.କେ. ରାଜାଙ୍କର ବିଦେଶୀ ଲିଙ୍କ୍ ମିଳିଛି। ଏସ୍‌ଟିଏଫ୍ ତାଙ୍କୁ ଗୁରୁବାର ୩ଘଣ୍ଟା ମାରାଥନ ଜେରା କରିବା ପରେ ଏହି ସୁରାକ ପାଇଛି। ରାଜା ବାଂଲାଦେଶ ଓ କୋଲକାତାରୁ କାହାଠାରୁ ବ୍ରାଉନ ସୁଗାର ଆଣନ୍ତି, ଓଡିଶା ଏବଂ ଅନ୍ୟ ରାଜ୍ୟକୁ କିଭଳି ଚାଲାଣ କରନ୍ତି ସେନେଇ ଏସ୍‌ଟିଏଫ୍ ଏସ୍‌ପି ଏବଂ ଅନ୍ୟ ୩ଜଣ ଅଧିକାରୀ ତାଙ୍କୁ ଜେରା କରିଥିଲେ। ଏସ୍‌ଟିଏଫ୍‌ର ଜଣେ ଅଧିକାରୀଙ୍କ ସୂଚନା ମୁତାବକ, ଜଳପଥ ଦେଇ ବାଲେଶ୍ୱରକୁ ବ୍ରାଉନସୁଗାର ଆଣୁଥିବା ରାଜା ସ୍ୱୀକାର କରିଛନ୍ତି। ଏପରି କି ବାଲେଶ୍ୱରରେ ସେ କାହାକୁ ଏହା ବିକ୍ରି କରନ୍ତି, କେତେ ଅର୍ଥ ପାଆନ୍ତି ଏବଂ ଗୋଆ, ରାଜସ୍ଥାନ, ନେପାଳ, ଆଫଗାନିସ୍ତାନ ଆଦି ସ୍ଥାନକୁ ଯାଇ କିଭଳି ବିକ୍ରି କରନ୍ତି ଆଦି ସବୁ ତଥ୍ୟ ରାଜାଙ୍କଠାରୁ ହାସଲ କରାଯାଇଛି। ଏସ୍‌ଟିଏଫ୍ ଏହି ବ୍ରାଉନସୁଗାର ମାଫିଆମାନଙ୍କର ଏକ ତାଲିକା ପ୍ରସ୍ତୁତ କରିଛି। ସମ୍ପୃକ୍ତ ମାଷ୍ଟରମାଇଣ୍ଡଙ୍କୁ ଧରିବା ପାଇଁ ଏସ୍‌ଟିଏଫ୍ ଏକ ୩ଜଣିଆ ଟିମ୍ ଗଠନ କରିଛି। ଏହି ଟିମ୍ ଖୁବ୍‌ଶୀଘ୍ର କୋଲାକାତା ଏବଂ ବାଂଲାଦେଶ ଯିବେ। ସେହିପରି ଆଉ ୩ଟି ଟିମ୍ ଗୋଆ, ରାଜସ୍ଥାନ ଓ ନେପାଳ ଆଦି ସ୍ଥାନକୁ ଯିବେ। ଅନ୍ୟପକ୍ଷରେ ଏସ୍‌ଟିଏଫ୍ ରାଜାଙ୍କ ଘରେ ଯାଞ୍ଚ କରିବା ବେଳେ ଏକ ଡାଏରୀ ପାଇଛି। ସେଥିରେ ତାଙ୍କ ନିଶା ସାମ୍ରାଜ୍ୟର କଳା ଇତିହାସ ରହିଛି। ବିଶେଷକରି ଖୋର୍ଦ୍ଧାରେ ବ୍ରାଉନ ସୁଗାର ବ୍ୟବସାୟର ମଙ୍ଗ ଧରିଥିଲେ ଛୋଟା। ସେ ପ୍ରତି ସପ୍ତାହରେ ରାଜାଙ୍କଠାରୁ ମୋଟା ଅଙ୍କର ବ୍ରାଉନ ସୁଗାର କିଣୁଥିଲେ। ସେ ୩୦ଲକ୍ଷ ଟଙ୍କା ବାକି ରଖିଥିବା ଏହି ଡାଏରୀରେ ଲେଖାଥିବା କୁହାଯାଉଛି। ତେଣୁ ଏସ୍‌ଟିଏଫ୍ ଆଗାମୀ ଦିନରେ ଛୋଟାଙ୍କୁ ରିମାଣ୍ଡରେ ଆଣି ରାଜାଙ୍କ ସହ ମୁହାଁମୁହିଁ ଜେରା କରିବ ବୋଲି ଜଣାପଡ଼ିଛି।

# ହୁକ୍କା ବାର୍‌ରେ ଚଢ଼ାଉ

## ସାମଗ୍ରୀ ଜବତ, ୧୫ ହଜାର ଜରିମାନା ଆଦାୟ



ହୁକ୍କା ବାର୍‌ରେ ଜବତ ହୋଇଥିବା ସାମଗ୍ରୀ।

ଭୁବନେଶ୍ୱର,୧୯।୯(ବ୍ୟୁରୋ)

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଥିବା ଉପ୍‌ରି କିଚେନ୍ ଆଣ୍ଡ କାଫେ ହୁକ୍କା ବାର୍‌ରେ ଗୁରୁବାର ଚନ୍ଦ୍ରଶେଖରପୁର ଥାନା ପୋଲିସ୍, ଡ୍ରଗ୍ସ ୟୁନିଟ୍, ଅବକାରୀ ନୀରିକ୍ଷକ, ବନ ବିଭାଗ ଓ ଖାଦ୍ୟ ସୁରକ୍ଷା ଅଧିକାରୀ ମିଳିତ ଭାବେ ଚଢ଼ାଉ କରିଛନ୍ତି। ଚଢ଼ାଉ ସମୟରେ ବାର୍ ଭିତରୁ ହୁକ୍କା ପାଇଁ ବ୍ୟବହୃତ ବିପୁଳ ପରିମାଣର ଫ୍ଲେଭର, ନିକୋଟିନ ଓ ଅନ୍ୟାନ ସାମଗ୍ରୀ ଜବତ କରି ଯାଞ୍ଚ ପାଇଁ ପଠାଇବା ସହ ହୁକ୍କା ବାର୍‌ରୁ ୧୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସୂଚନା ମୁତାବକ, ଚନ୍ଦ୍ରଶେଖରପୁର ପେଟ୍ରୋଲ ପମ୍ପ ନିକଟରେ ଥିବା ଉପ୍‌ରି କିଚେନ୍ ଆଣ୍ଡ୍ କାଫେ ହୁକ୍କା ବାର୍‌ରେ ବେଆଇନ ନିଶାଯୁକ୍ତ ନିକୋଟିନ ଏବଂ ଫ୍ଲେଭର ବ୍ୟବହାର ହେଉଥିବା ନେଇ ଖାଦ୍ୟ ସୁରକ୍ଷା ବିଭାଗ ନିକଟରେ ଖବର ପହଁଚିଥିଲା। ଗୁରୁବାର ଅପରାହ୍ନ ୩ଟାରେ ଅଚାନକ ଚଢ଼ାଉ କରାଯାଇଥିଲା। ହୁକ୍କାରେ ବ୍ୟବହୃତ ଫ୍ଲେଭର, ନିକୋଟିନ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରି ଯାଞ୍ଚ ପାଇ ପଠାଇଥିଲେ। ଏଥିସହ ଉକ୍ତ ହୁକ୍କା ବାର୍‌ର ଲାଇସେନ୍ସ ନ ଥିବାରୁ ଅବକାରୀ ଇନ୍ସପେକ୍ଟର ୧୦ହଜାର ଟଙ୍କା ଫାଇନ୍ ଆଦାୟ କରିଥିବାବେଳେ ଅର୍ବାନ ପୋଲିସ ଆକ୍ଟ ଅନୁଯାଇ ଚନ୍ଦ୍ରଶେଖରପୁର ଥାନା ପୋଲିସ ୫ହଜାର ଟଙ୍କା ଆଦାୟ କରିଥିଲା। ଏଥିସହ ବାର୍‌ରେ ହୁକ୍କା ଟାଣୁଥିବା ୪ ଗ୍ରାହକଙ୍କଠାରୁ ୫୦୦ ଟଙ୍କା ହିସାବରେ ୪ ହଜାର ଟଙ୍କା ଫାଇନ୍ ଆଦାୟ କରାଯାଇଥିଲା। ଡ୍ରଗ୍ସ ଅଧିକାରୀ କହିଛନ୍ତି ଯଦି ଜବତ ସାମଗ୍ରୀରେ ନିକୋଟିନ ମାତ୍ରା ବାହାରିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ୬ ପଞ୍ଚାୟତରେ ଲାଗିବ ୧୨୦ ସୋଲାର ଲାଇଟ୍


ପୁରୁଣା ଭୁବନେଶ୍ୱର,୧୯।୯(ଡି.ଏନ.ଏ.)

ଶାନ୍ତିସ୍ତୂପ ଧଉଳି ପରିଦର୍ଶନ ଅବସରରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ଲୋକଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ। ଶିଶୁପାଳଗଡ, ଇଟିପୁର, ଧଉଳି, ଟିକରପଡା, ଲିଙ୍ଗିପୁର ଆଦି ଅଞ୍ଚଳରେ ରାସ୍ତା ଶୋଚନୀୟ ଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ପଦକ୍ଷେପ ପାଇଁ ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏହା ସହ ୬ ପଞ୍ଚାୟତରେ ଆଲୋକୀକରଣ ଲାଗି ୧୨୦ ସୋଲାର ଲାଇଟ୍ ବ୍ୟବସ୍ଥା କରାଯିବ ବୋଲି ଘୋଷଣା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏକାମ୍ର ଭାଜପା ସଦସ୍ୟ ବାବୁ ସିଂ, କୋରଡକଣ୍ଟା ସରପଞ୍ଚ କୈଳାସ ଜେନା, ସୁନୀଲ ଛୁଆଳସିଂ ଓ ଅଜୟ ସାମନ୍ତରାୟଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ।

■ ଘରୋଇ କଲେଜ ହଷ୍ଟେଲରୁ ଛାତ୍ରଙ୍କ ମୃତଦେହ ଉଦ୍ଧାର ଘଟଣା

# ଡିସିପିଙ୍କ ଦ୍ୱାରସ୍ଥ ହେଲେ ପରିବାର ଲୋକ

ଭୁବନେଶ୍ୱର, ୧୯।୯(ବ୍ୟୁରୋ)




ପୁତ୍ରର ସନ୍ଦେହଜନକ ମୃତ୍ୟୁର ତଦନ୍ତ କରିବାରେ ପୋଲିସ ଅବହେଳା କରୁଥିବା ଭଳି ଏକ ସାଂଘାତିକ ଅଭିଯୋଗ ଆଣିଛନ୍ତି ଦୁଃଖରେ ଭାଙ୍ଗି ପଡ଼ିଥିବା ପିତା। ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ଯୁକ୍ତ ୨ ସାଇନ୍ସ କଲେଜ ହଷ୍ଟେଲରେ ଗତ ଜୁଲାଇ ୭ରେ ଜଣେ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ପୋଲିସ ଘଟଣାର ଆବଶ୍ୟକ ତଦନ୍ତ କରୁ ନାହିଁ। ଏହା ପରିବାର ଲୋକଙ୍କୁ ମାନସିକ ଦୁର୍ବଳ କରୁଥିବା ସେ ଅଭିଯୋଗ ଆଣିଛନ୍ତି। ଏନେଇ ଡିସିପିଙ୍କ ଦ୍ୱାରସ୍ଥ ହେବାସହ ଗଣମାଧ୍ୟମର ସାହାଯ୍ୟ ଲୋଡ଼ିଛନ୍ତି ମୃତ ଛାତ୍ରଙ୍କ ପିତା ହିଟଲର ରାଉତ।

ସୂଚନା ମୁତାବକ, ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଅଞ୍ଚଳର ହିଲଟର ରାଉତଙ୍କ ପୁଅ ରଞ୍ଜିତ ରାଉତ(୧୮) ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଥିବା ଉକ୍ତ ଘରୋଇ କଲେଜର +୨ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। କଲେଜରେ ରି-ଆଡମିଶନ୍ ପାଇଁ ଆବଶ୍ୟକ ଟଙ୍କା ଯୋଗାଡ଼ ନ କରିପାରି ସେ ଚିନ୍ତିତ ଥିଲେ। ଏହାରି ଭିତରେ ସେ ଘରକୁ ଯାଇ ଫେରିବା ଦିନ ହିଁ ଅଚାନକ୍ ତାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ଏନେଇ ତଦନ୍ତ ପ୍ରକ୍ରିୟାରେ ପୋଲିସ ସହଯୋଗ ନ କରି କଲେଜ କର୍ତ୍ତୃପକ୍ଷଙ୍କୁ ସହଯୋଗ କରୁଥିବା ପିତା ହିଟଲର ଅଭିଯୋଗ ଆଣିଛନ୍ତି। ଘଟଣା ଦିନଠାରୁ ଥାନା ଅଧିକାରୀ ଏତଲା କପି ନ ଦେବା, ବ୍ୟବଚ୍ଛେଦ ସମୟରେ ଅନୁପସ୍ଥିତ ରହିବା, ପୁଅର ରୁମ୍‌ମେଟ୍ ବାବଦରେ ତଥ୍ୟ ସ୍ପଷ୍ଟ ନ କରିବା, କଲେଜ କର୍ତ୍ତୃପକ୍ଷଙ୍କୁ ସହଯୋଗ କରି ମାମଲା ପ୍ରତ୍ୟାହାର କରିବାକୁ ଚାପ ପକାଇବା ସହ ମାନସିକ ଯନ୍ତ୍ରଣା ଦେବା ଭଳି ସାଂଘାତିକ ଅଭିଯୋଗ ନେଇ ପିତା ହିଟଲର ଡିସିପିଙ୍କୁ ଦେଖା କରିଛନ୍ତି। ତେବେ ଅଳ୍ପ ଉଚ୍ଚତାରେ ଆଣ୍ଠେଇଥିବା ଅବସ୍ଥାରେ ମୃତଦେହ ଉଦ୍ଧାର କରାଯାଇଥିବାରୁ ଏବଂ ଆତ୍ମହତ୍ୟା ସମୟରେ ରଞ୍ଜିତଙ୍କ ରୁମ୍‌ମେଟ୍ ଉପସ୍ଥିତ ଥିବାରୁ ପରିବାର ଲୋକ ପୁଅର ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ପିତା ହିଟଲରଙ୍କ ଅନୁଯାୟୀ କଲେଜ ପରିସରରେ କୌଣସି ଅଘଟଣ ଦ୍ୱାରା ପୁଅର ମୃତ୍ୟୁ ଘଟିଥିବା ଆଶଙ୍କା ରହୁଛି। ଅନ୍ୟପକ୍ଷରେ ଭୁବନେଶ୍ୱର ଡିସିପି ଅନୁପ ସାହୁ କହିଛନ୍ତି ଯେ, ପୂର୍ବରୁ ଏପରି ଅନେକ ଆତ୍ମହତ୍ୟା କମ୍ ଉଚ୍ଚତାରୁ ହେବାର ନଜିର ରହିଛି। ବ୍ୟବଚ୍ଛେଦ ରିପୋର୍ଟରେ ସେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ତଥାପି ମୃତକଙ୍କ ପିତାଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଥିବାବେଳେ ତାହାର ସତ୍ୟାସତ୍ୟ ନେଇ ତଦନ୍ତ ଜାରି ରହିଛି।

# ବିଲ୍‌ଡରଙ୍କ କବ୍‌ଜାରେ କାଳିକା ଦେବୀ ମନ୍ଦିର

ପୁରୁଣା ଭୁବନେଶ୍ୱର,୧୮।୯(ଡି.ଏନ.ଏ.)




କାଳୀକାଦେବୀ ମନ୍ଦିର।

ସରକାର ବିଭିନ୍ନ ସରକାରୀ ଜମି ଓ ମଠ ମନ୍ଦିର ସମ୍ପତ୍ତି ସୁରକ୍ଷା ପାଇଁ ଯେତେ ନୀତିନିୟମ ପ୍ରଣୟନ କଲେ ମଧ ଜବରଦଖଲକାରୀ ଓ ବିଲ୍‌ଡର ଏସବୁର ଗଳାବାଟ ଦେଇ ନିର୍ମାଣ କରାଇ ନେଉଛନ୍ତି। ପୁରୁଣା ଭୁବନେଶ୍ୱର ଅନ୍ତର୍ଗତ କାଳିକା ଦେବୀ ଠାକୁରାଣୀଙ୍କ ବେଢା ସମ୍ପତ୍ତି ଓ ମନ୍ଦିର ମଧ ଏଥିରୁ ବାଦ ପଡିନାହିଁ। ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସହ ପ୍ରତ୍ୟକ୍ଷ ଭାବେ ମା' କାଳିକାଙ୍କ ସମ୍ପର୍କ ରହିଛି। ପ୍ରତିବର୍ଷ ଦଶହରାରେ ଶ୍ରୀଲିଙ୍ଗରାଜ ମହାପ୍ରଭୁ ଏଠାକୁ ସ୍ୱତନ୍ତ୍ର ଯାତ୍ରାରେ ପ୍ରତ୍ୟାଗମନ କରିଥାନ୍ତି। ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା ପରେ ମା'ଙ୍କ ପୀଠରେ ଲାଖବିନ୍ଧା ଉତ୍ସବ ଅନୁଷ୍ଠିତ ହୋଇଥାଏ।

ଏକଦା କାଳିକା ଦେବୀ ପୀଠା ୧୧୯ ଡିସିମିଲ ପରିମିତ ଥିବାବେଳେ ଏବେ ମାତ୍ର ୨୦ ଡିସିମିଲକୁ ଖସି ଆସିଛି। କେବଳ ମୁଖ୍ୟ ମନ୍ଦିରକୁ ଛାଡିଦେଲେ ମନ୍ଦିର ସଂଲଗ୍ନ କରି ବଡ ବଡ କୋଠା ନିର୍ମାଣ କରାଯାଇଛି। ମୁଖ୍ୟ ଫାଟକ ଲଗାଇବା ଦ୍ୱାରା ଏହା ଏକ ପ୍ରକାର ଘର ଭଳି ପରିଲକ୍ଷିତ ହୁଏ। ସୂଚନାରୁ ଜଣାଯାଏ ଯେ, ଠାକୁରାଣୀଙ୍କ ମୂଳ ବେଢା ସମ୍ପତ୍ତିରୁ ଜବରଦଖଲ ଆକାରରେ ରାସ୍ତା ନିର୍ମାଣ କରାଇବା ଏବଂ ରାଜସ୍ୱ ବିଭାଗ ଏହାକୁ ରାସ୍ତା ରୂପେ ଦର୍ଶାଇବା ଯୋଗୁ ମନ୍ଦିର ସମ୍ପତ୍ତି ବେଆଇନ ଦଖଲକାରୀଙ୍କ କବ୍‌ଜାକୁ ଚାଲିଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ମନ୍ଦିରର ପୂର୍ବ ପଟ ବେଢା ସମ୍ପତ୍ତି ଉପରେ ରାସ୍ତାକରି ବିଲ୍‌ଡର, ସେବାୟତ ଏବଂ ବ୍ୟକ୍ତିବିଶେଷ ନିଜର ନିର୍ମାଣ କାର୍ଯ୍ୟ କରାଇଛନ୍ତି। ବିଲଡର ଏବଂ ବ୍ୟକ୍ତି ବିଶେଷଙ୍କୁ ଲାଭ ପାଇବା ଉଦ୍ଦେଶ୍ୟରେ ଠାକୁରାଣୀଙ୍କ ସମ୍ପତ୍ତିକୁ ରାସ୍ତା ରୂପେ ବ୍ୟବହାର କରୁଛନ୍ତି, ଯାହା ବେଆଇନ ଅଟେ। ପ୍ଲଟ ନଂ. ୮୨୦, ୮୨୯ ସରକାରୀ ଅନାବାଦୀ ଜମିକୁ ବେଆଇନ ଜବରଦଖଲ କରିବା ସହ ଅନ୍ୟ ଦୁଇଟି ସେବା ପୂଜା ନିମନ୍ତେ ମିଳିଥିବା ଶ୍ରୀଲିଙ୍ଗରାଜଙ୍କ ବେ-ବନ୍ଦୋବସ୍ତ ସମ୍ପତ୍ତି ପ୍ଲଟ ନଂ. ୮୨୭ ଓ ୮୨୮ ପରେ ଥିବା ବିଲଡରଙ୍କ ପ୍ଲଟ ନଂ. ୮୩୮କୁ ଗୃହ ନିର୍ମାଣ ଅନୁମତି ମିଳିଛି। ସାଧାରଣ ଲୋକଟିଏ ଗୃହ ନିର୍ମାଣ କରିବାକୁ ପ୍ଲାନ ଅନୁମୋଦନ ନିମନ୍ତେ ବିଡିଏ ଓ ବିଏମ୍‌ସି ଦପ୍ତର ଦୌଡି ଦୌଡି ନୟାନ୍ତ ହେଲାବେଳେ ବିଲଡର ବିଡିଏ ଓ ବିଏମସି କର୍ମଚାରୀଙ୍କ ଏଭଳି ଅସାଧୁ ମେଣ୍ଟ ପଦାରେ ପଡିଛି। ଏ ନେଇ ବିଲ୍‌ଡର ଶ୍ୟାମସୁନ୍ଦର ଅଗ୍ରୱାଲାଙ୍କୁ ପଚାରିବାରୁ ଆମ୍ଭକୁ ବିଏମ୍‌ସି ଏବଂ ବିଡିଏରୁ ସ୍ୱୀକୃତି ମିଳିବା ପରେ କାର୍ଯ୍ୟ ଆରମ୍ଭ କରିଛୁ। ସର୍ବୋପରି ଆମର କାଗଜପତ୍ର ୧୦୦ ପ୍ରତିଶତ ଠିକ୍ ରହିଛି।

**ପ୍ରଶାସନ ନୀରବ**

ବର୍ତ୍ତମାନ କାଳିକା ଦେବୀଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ବେଢା ପରିକ୍ରମା ଓ ଲାଖବିନ୍ଧା ଉତ୍ସବ ନିମନ୍ତେ ବେଢା ସ୍ଥାନରେ ବେଆଇନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇଛି। ସେହିଭଳି ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପଞ୍ଚମୀ ପଡିଆ ମୂଳ ସମ୍ପତ୍ତିରୁ ୩ ଭାଗ ଜବରଦଖଲକୁ ଚାଲିଯାଇଛି। ଠାକୁରଙ୍କ ଅଶୋକାଷ୍ଟମୀ ରଥଯାତ୍ରା ପାଇଁ ପଞ୍ଚମୀ ପଡିଆରେ ରଥକାଠ ଅନୁକୂଳ ହେଉଛି। ଏବେ ପଞ୍ଚମୀ ପଡିଆ ନାହିଁ କି ଆମ୍ବ ତୋଟା ନାହିଁ। ଜନୈକ ବ୍ୟକ୍ତି ବିଶେଷଙ୍କ ଅଗଣାରେ ଥିବା ଛୋଟିଆ ଆମ୍ବଗଛରେ କୁରଢି ଚୋଟ ମାରି ସେବାୟତ କାମଚଳା ରଥକାଠ ଅନୁକୂଳ କରୁଛନ୍ତି। ତେବେ ଯାହା କିଛି ପଞ୍ଚମୀ ପଡିଆ ବଞ୍ଚିଛି ତାକୁ ମଧ ଜବରଦଖଲ କରାଯାଉଛି। ଏଭଳି ଖବର ମନ୍ଦିର ପ୍ରଶାସନର ବାରମ୍ବାର ଦୃଷ୍ଟି ଗୋଚର ହେଉଛି। ବିଭିନ୍ନ ବର୍ଷରେ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଯୋଗ ଦେଉଥିବା ଅଫିସରଙ୍କୁ ବିଭିନ୍ନ ସମୟରେ ଅବଗତ କରାଯାଉଥିଲେ ହେଁ ସମାନ ପ୍ରତିକ୍ରିୟାରେ ଦିନ ଗଡାଉଛନ୍ତି ଯାହା ପାଇଁ କୌଣସି ସୁଫଳ ମିଳିପାରୁନାହିଁ।



ଆସନ୍ତାବର୍ଷ ଯେମିତି ହେଲେ ବି ଇଦ୍‌ରେ ମୋର ଗୋଟେ ଫିଲ୍ମ ମୁକ୍ତିଲାଭ ହେବା।
-ସଲମାନ୍ ଖାନ୍,
ବଲିଉଡ୍ ସୁପରଷ୍ଟାର



# କ୍ୟାନ୍‌ସର ପୀଡ଼ିତାଙ୍କ ବିଶ୍ୱ ରେକର୍ଡ



## ବିଶାଳ ଇଂଲିଶ୍ ଚ୍ୟାନେଲକୁ କ୍ରମାଗତ ୪ଥର ପହଁରି ସାରା ଥୋମାସ୍‌ଙ୍କ ରେକର୍ଡ

**ଲଣ୍ଡନ:** ଜୀବନରେ ଅସମ୍ଭବ ବୋଲି କିଛି ନାହିଁ। ଦୃଢ଼ ଇଚ୍ଛାଶକ୍ତି ଓ ମନୋବଳ ଥିଲେ ସବୁକିଛି ସମ୍ଭବ। କାରଣ କ୍ୟାନସର ଭଳି ମାରାତ୍ମକ ରୋଗରେ ପୀଡ଼ିତ ହୋଇ, ସେଥିରୁ ମୁକୁଳି, ପୁଣି ନିଜ ଜୀବନର ଲକ୍ଷ୍ୟ ପୂରଣ କରିବା ଭଳି ଏକ ଉଦାହରଣ ଦେଖିବା ପରେ ଆପଣ ହୁଏତ କହିବେ, "ସତରେ ଜୀବନରେ କିଛି ଅସାଧ ନୁହେଁ।" ୩୭ ବର୍ଷୀୟା ଆମେରିକୀୟ ମହିଳା ସାରା ଥୋମସ୍ ଇଂଲିଶ୍ ଚ୍ୟାନେଲକୁ ଲଗାତର ୪ଥର ପହଁରି ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି। ସାରା ଗତ ରବିବାର ସକାଳୁ ଏହି ଲକ୍ଷ୍ୟ ସହ ପହଁରା ଆରମ୍ଭ କରିଥିବାବେଳେ ୫୪ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ନେଇ ଏହି ରେକର୍ଡ ସୃଷ୍ଟି କରିଛନ୍ତି। ଅଲ୍‌ଟ୍ରା ମାରାଥନ୍ ସ୍ୱିମର୍ ସାରା ଥୋମସ୍ ସ୍ତନ କର୍କଟରେ ପୀଡିତ ଥିଲେ ଓ ଗତବର୍ଷ ଅର୍ଥାତ ୨୦୧୮ରେ ତାଙ୍କ ଚିକିତ୍ସା ଶେଷ ହୋଇଛି। ସାରା ନିଜର ଏହି ବିଜୟକୁ କର୍କଟ ରୋଗରୁ ମୁକ୍ତି ପାଇଥିବା ସମସ୍ତ ବ୍ୟକ୍ତିଙ୍କୁ ଉତ୍ସର୍ଗ କରିଛନ୍ତି। ସୂଚନାଯେ, ସାରା ପ୍ରଥମ ବ୍ୟକ୍ତି ଭାବେ ଇଂଲିଶ୍ ଚ୍ୟାନେଲକୁ କ୍ରମାଗତ ୪ଥର ପହଁରି ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି। ନିଜର ଅନ୍ତିମ ରାଉଣ୍ଡ ଶେଷ କରୁଥିବା ସମୟରେ ଏକ ବିରାଟ ବଡ଼ ଜୁଆର ତାଙ୍କ ଉପରକୁ ମାଡ଼ି ଆସି ପଛକୁ ଫିଙ୍ଗି ଦେଇଥିଲା, କିନ୍ତୁ ମଙ୍ଗଳବାର ସକାଳ ପ୍ରାୟ ୬.୩୦ ମିନିଟ ସମୟରେ ସେ ଏହି ଚ୍ୟାଲେଞ୍ଜ ପୂରଣ କରିଥିଲେ। ଏଭଳି ଏକ ବିଶ୍ୱ ରେକର୍ଡ ସୃଷ୍ଟି କରିବା ପରେ ସାରା କହିଛନ୍ତି, "ଆମେ ସତରେ ଏହା ସମ୍ପୂର୍ଣ୍ଣ କରିପାରିଛୁ ବୋଲି ମୁଁ ବିଶ୍ୱାସ କରିପାରୁନି। ଲୁଣିଆ ପାଣି କାରଣରୁ ଏହି ଯାତ୍ରା ଆହୁରି କଷ୍ଟଦାୟକ ଥିଲା। ଅନେକ ଲୋକ ମୋତେ ଦେଖା କରିବାକୁ ବେଳାଭୂମି ନିକଟକୁ ଆସିଥିଲେ, ମୋତେ ଅଭିନନ୍ଦନ ଜଣାଇଥିଲେ। କିନ୍ତୁ ଅନେକ ଲୋକ ଆଶ୍ଚର୍ଯ୍ୟ ଚକିତ ଥିବା ମୁଁ ଅନୁଭବ କରିଥିଲି। " ପ୍ରକାଶ ଥାଉ କି, ପୂର୍ବରୁ କେବଳ ୪ଜଣ ସ୍ୱିମର୍ ବିଶାଳ ଇଂଲିଶ୍ ଚ୍ୟାନେଲକୁ କ୍ରମାଗତ ତିନିଥର ପହଁରି ସାରିଛନ୍ତି। ତେବେ କ୍ରମାଗତ ୪ ଥର ପହଁରି ପ୍ରଥମ ବ୍ୟକ୍ତି ଭାବେ ସାରା ଥୋମସ୍ ଏହି ରେକର୍ଡ ଭାଙ୍ଗିଛନ୍ତି।

# ଆଈ ହେଲେ ରବିନା

**ମୁମ୍ବାଇ:** ଶୁଣିଲେ ଆଶ୍ଚର୍ଯ୍ୟ ହେବେ ନିଶ୍ଚିତ। ବଲିଉଡ୍ ଅଭିନେତ୍ରୀ ରବିନା ଟଣ୍ଡନ ଏବେ ଆଈ ହୋଇଛନ୍ତି। ତାଙ୍କ ପାଳିତ କନ୍ୟା ଛାୟା ଏକ ଶିଶୁ ପୁତ୍ର ସନ୍ତାନକୁ ଜନ୍ମ ଦେଇଛନ୍ତି। ଏନେଇ ରବିନା ଖୁସି ହେବା ସହ ବହୁ ଉତ୍ସାହିତ ମଧ୍ୟ ଅଛନ୍ତି। ନାତି ଘରକୁ ଆସିବା ପରେ ରବିନା ଧୁମ୍‌ଧାମ୍‌ରେ ତାଙ୍କୁ ସ୍ୱାଗତ କରିଛନ୍ତି। ତାଙ୍କ ଘରେ ଏବେ ଖୁସିର ମାହୋଲ ଦେଖାଦେଇଛି। ନାତି ହେବା ଖବର ଓ ଘରକୁ ଆସିବାର ଫଟୋ ସେ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ନିକଟରେ ଝିଅ ଛାୟାଙ୍କ ପାଇଁ ସେ ଏକ ବେବି ଶାୱାର ପାର୍ଟିର ଆୟୋଜନ କରିଥିଲେ। ଉକ୍ତ ପାର୍ଟିର ଫଟୋ ମଧ୍ୟ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଥିଲା। ପ୍ରକାଶଥାଉ କି, ୧୯୯୧ରେ 'ପଥର କେ ଫୁଲ୍' ଫିଲ୍ମରୁ କ୍ୟାରିୟର ଆରମ୍ଭ କରିଥିବା ରବିନା 'ଲାଡ୍‌ଲା', 'ଦିଲ୍‌ୱାଲେ', 'ମୋହରା', 'ଖିଲାଡିଓଁ କା ଖିଲାଡ଼ି', 'ଜିଦି', 'ବଡେ ମିୟାଁ ଛୋଟେ ମିୟାଁ', 'ଦୁଲ୍ହେ ରାଜା' ଭଳି ଅନେକ ଲୋକପ୍ରିୟ ଫିଲ୍ମରେ ନିଜର ଅଭିନୟ ଯାଦୁ ଦେଖାଇଛନ୍ତି। ଏଥିଲାଗି ତାଙ୍କୁ ଅନେକ ପୁରସ୍କାର ଓ ସମ୍ମାନ ମଧ୍ୟ ମିଳିଛି।



# ବ୍ଲୋଶମଙ୍କୁ ଆଇରନ୍‌ମ୍ୟାନ୍ ମୁକୁଟ



ଜେଟ୍ ଏୟାରୱେଜର ପୂର୍ବତନ ମହିଳା କର୍ମଚାରୀ

**ବେଙ୍ଗାଲୁରୁ:** ଜେଟ୍ ଏୟାରୱେଜର ପୂର୍ବତନ ମହିଳା କର୍ମଚାରୀ ବ୍ଲୋଶମ ଫର୍ନାଣ୍ଡିଜ୍ ଦୁନିଆର ସବୁଠୁ କଠିନ ଦିନିକିଆ ସହନଶୀଳ ପ୍ରତିଯୋଗିତା କୋପେନହାଜେନରେ ଭାଗନେଇ ଲୌହମାନବ (ଆଇରନମ୍ୟାନ) ଟ୍ରାଇଥଲନ ମୁକୁଟ ପିନ୍ଧିଛନ୍ତି। ଏହି ୩୬ ବର୍ଷିୟା ମହିଳା ବ୍ଲୋଶମ ଭାରତର ଏକମାତ୍ର ପ୍ରତିଯୋଗୀ, ଯିଏ ଅଗଷ୍ଟ ୮ରେ ଆୟୋଜିତ ଏହି ପ୍ରତିଯୋଗିତାରେ ଭାଗ ନେଇ ସଫଳତା ଅର୍ଜନ କରିଛନ୍ତି। ବ୍ଲୋଶମ ଦୁଇବର୍ଷ ହେବ ଟ୍ରାଇଥଲନ ହେବା ପାଇଁ ପ୍ରଶିକ୍ଷଣ ନେଉଥିଲେ। ଏଥିପାଇଁ ଅନ୍‌ଲାଇନ୍ ପ୍ଲାଟଫର୍ମ କ୍ରାଉଡେରାରୁ ସେ କ୍ରାଉଡଫଣ୍ଡିଂ ଅଭିଯାନ ମାଧ୍ୟମରେ ୨ ଲକ୍ଷ ଟଙ୍କା ଯୋଗାଡ଼ କରିଥିଲେ। ଏ ସମ୍ପର୍କରେ ବ୍ଲୋଶମ କୁହନ୍ତି, ଏପ୍ରିଲରେ ସେ ଶେଷଥର ପାଇଁ ଫ୍ଲାଇଟରେ ଡ୍ୟୁଟି କରିଥିଲେ। ହେଲେ ମାର୍ଚ୍ଚ ମାସରୁ ତାଙ୍କୁ ଦରମା ମିଳି ନ ଥିଲା। ରୋଜଗାରର ଅନ୍ୟ କୌଣସି ମାଧ୍ୟମ ନ ଥିବା ବେଳେ ସଞ୍ଚିତ ଅର୍ଥ ବି ସରିଆସିଥିଲା। ତେଣୁ ସ୍ୱପ୍ନ ପୂରଣ କରିବାକୁ କ୍ରାଉଡଫଣ୍ଡିଂକୁ ମାଧ୍ୟମ କରିଥିଲେ ବୋଲି ବ୍ଲୋଶମ କହିଛନ୍ତି। କଲ୍ୟାଣ ନଗର ନିବାସୀ ବ୍ଲୋଶମଙ୍କୁ ୧୩ ଘଣ୍ଟା ୨୨ ମିନିଟ୍ ୫୦ ସେକେଣ୍ଡରେ ୩.୮ କିମି ପହଁରା, ୧୮୦ କିମି ସାଇକେଲ ଚାଳନା ଓ ୪୨.୨ କିମିରୁ ଅଧିକ ଦୌଡ଼ିବାକୁ ପଡ଼ିଥିଲା। ଏହି ସଫଳତା ପାଇବା ପରେ ବ୍ଲୋଶମ କହିଛନ୍ତି, ଯଦି ମୁଁ ଚାକିରି ଛାଡ଼ି ନ ଥାନ୍ତି, ତେବେ ମୋର ପ୍ରକୃତ ଆବେଗ ପଛରେ ଯିବା କଥା ଭାବି ନଥାନ୍ତି।

# ୭୫ ବର୍ଷରେ ଡ୍ରାଇଭିଂ ଲାଇସେନ୍ସ



କାନ୍‌ବେରା: ଅଷ୍ଟ୍ରେଲିଆର ପିଲବରା ଅଞ୍ଚଳରେ ଥିବା ହେଡ୍‌ଲ୍ୟାଣ୍ଡରେ ରହନ୍ତି ବିନ୍ନି ଶୌମ୍ପି(୭୫)। ଏହି ବୟସରେ ସେ ଏବେ ଡ୍ରାଇଭିଂ ଲାଇସେନ୍ସ କରି ଆସିଛନ୍ତି ଚର୍ଚ୍ଚାକୁ। ନିକଟରେ ସେ ଡ୍ରାଇଭିଂ ଲାଇସେନ୍ସ କରିଥିବା ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ହୋଇଥିଲା। ବ୍ଲଡଯୁଡ ଟ୍ରି ଆସୋସିଏଶନ ନାମକ ଏକ ସଂସ୍ଥା ଏ ବିଷୟରେ ସୋସିଆଲ ମିଡିଆରେ ସୂଚନା ଦେଇଥିଲେ। ଅସଲ କଥା ହେଲା ବିନ୍ନି ତାଙ୍କ ବଡ ଭଉଣୀଙ୍କୁ ରେଗୁଲାର ହସ୍ପିଟାଲ ଚେକ୍ ପାଇଁ ନେବାକୁ, ମାର୍କେଟ ନେବାକୁ ଅବା ସି ବିଚ୍ ବୁଲାଇ ନେବାକୁ ନିଜେ ଏଇ ଡ୍ରାଇଭିଂ ଲାଇସେନ୍ସ କରିଥିବା କହିଛନ୍ତି। ବିନ୍ନି କେବେ କମ୍ପ୍ୟୁଟର ଚଳାଇ ଜାଣି ନ ଥିବା ବେଳେ ସେ କମ୍ପ୍ୟୁଟର ମାଧ୍ୟମରେ ଡ୍ରାଇଭିଂ ଟେଷ୍ଟ ଦେଇ ଏହି ଲାଇସେନ୍ସ ହାସଲ କରିଛନ୍ତି।

# 'ସ୍କୁଲ ଷ୍ଟ୍ରାଇକ୍ ଫର୍ କ୍ଲାଇମେଟ୍'ର ସ୍ରଷ୍ଟା ଗ୍ରେଟା




## ପରିବେଶ ସୁରକ୍ଷା ଅଭିଯାନ ଦେଇଛି ବିଶ୍ୱବ୍ୟାପୀ ଖ୍ୟାତି

**ଷ୍ଟକ୍‌ହୋମ:** ୨୦୧୮ ଅଗଷ୍ଟ ୨୦। ଖରାଛୁଟି ପରେ ଖୋଲିଥିଲା ସ୍କୁଲ। ସ୍ୱିଡେନ ପାର୍ଲାମେଣ୍ଟ ସମ୍ମୁଖରେ ଏକାକୀ ଛିଡ଼ା ହୋଇଥିଲେ ଜଣେ ସ୍କୁଲ ଛାତ୍ରୀ। ହାତରେ ଧରିଥିଲେ ପ୍ଲାକାର୍ଡ, ଯେଉଁଥିରେ ଦର୍ଶାଯାଇଥିଲା 'ସ୍କୁଲ ଷ୍ଟ୍ରାଇକ୍ ଫର୍ କ୍ଲାଇମେଟ୍'। ଖୁବ୍ ସଂକ୍ଷିପ୍ତ ଭାବେ ଲେଖାଯାଇଥିବା ସେହି ଗୋଟିଏ ଧାଡ଼ିରେ ପ୍ରତିଫଳନ ହୋଇଥିଲା ବିଶ୍ୱବାସୀ ନୀରବରେ ଭୋଗୁଥିବା ସମସ୍ୟାର ଚିତ୍ର। ଏହାପରେ ଯାହା ଘଟିଗଲା ତାହା ଇତିହାସ। ମାତ୍ର ୧୫ ବର୍ଷ ବୟସରୁ ବିଶ୍ୱବାସୀଙ୍କୁ ପରିବେଶ ସୁରକ୍ଷା, ଜଳବାୟୁ ପରିବର୍ତ୍ତନର ଗହନ ପାଠ ପଢ଼ାଇଥିବା ଏହି କୁନି ପରିବେଶବିତ୍ ଜଣକ ହେଲେ ଗ୍ରେଟା ଥନ୍‌ବର୍ଗ।


୨୦୧୮ ଅଗଷ୍ଟ ୨୦ ପୂର୍ବରୁ ଗ୍ରେଟା ଥିଲେ ଜଣେ ଅପରିଚିତ ଚେହେରା। କେହି ତାଙ୍କୁ ଜାଣି ନ ଥିଲେ କି ଚିହ୍ନି ବି ନ ଥିଲେ। ହେଲେ ପରିବେଶ ସୁରକ୍ଷା ପାଇଁ ତାଙ୍କର ନିଆରା ଅଭିଯାନ ଏବେ ତାଙ୍କୁ ବିଶ୍ୱବ୍ୟାପୀ ଦେଇଛି ପରିଚିତି। ମନୁଷ୍ୟକୃତ କାରଣରୁ ସବୁଜ ପରିବେଶ ଆଜି ଧ୍ୱଂସାଭିମୁଖୀ। ଏହାକୁ ଖେଳିବୁଲିବା ବୟସରେ ହୃଦୟଙ୍ଗମ କରିପାରିଛନ୍ତି ଗ୍ରେଟା।

ହଠାତ୍ କାଳ୍ପନିକ ଜୀବନଶୈଳୀରୁ ବାସ୍ତବବାଦୀ ହୋଇଯାଇଥିବା ଗ୍ରେଟାଙ୍କ କହିବା କଥା, ଜଳବାୟୁ ପରିବର୍ତ୍ତନ ଏବଂ ଏହାକୁ ନେଇ ଆସନ୍ନ ଗମ୍ଭୀର ସମସ୍ୟାକୁ ରାଜନେତାମାନେ ହୃଦୟଙ୍ଗମ କରିପାରୁନାହାନ୍ତି। ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ମଧ୍ୟ ନିଆଯାଉନାହିଁ। ଏହା ତାଙ୍କ ମନରେ ଦାରୁଣ ଆଘାତ ଦେଇଥିଲା। ଫଳରେ ସେ ସ୍କୁଲରୁ ଛୁଟି ନେଇ ଏହାର ପ୍ରତିବାଦ କରିବାକୁ ବାହାରିପଡ଼ିଥିଲେ। ଏହାପରେ ଏଥିରେ ଯୋଡ଼ି ହୋଇଗଲେ ବିଭିନ୍ନ ଛାତ୍ର ସଙ୍ଗଠନ। ସବୁଆଡୁ ତାଙ୍କର ଏହି ଅଭିଯାନକୁ ମିଳିଲା ଅକୁଣ୍ଠ ସମର୍ଥନ। ବିଭିନ୍ନ ସ୍ଥାନରେ ଜଳବାୟୁ ପରିବର୍ତ୍ତନକୁ ବେଖାତିର କରିଚାଲିଥିବା ରାଜନେତାଙ୍କ ବିରୋଧରେ ଆରମ୍ଭ ହେଲା ପ୍ରତିବାଦ। ଅଭିଯାନକୁ ଆହୁରି ଶାଣିତ କରିବାକୁ ସେ ଆରମ୍ଭ କଲେ 'ଫ୍ରାଇଡେ ଫର ଫ୍ୟୁଚର'। ପରିବେଶ ପ୍ରତି ଏପରି ଭଲପାଇବା କାରଣରୁ ତାଙ୍କୁ ୨୦୧୮ରେ ଯୁକ୍ତରାଷ୍ଟ୍ର ଆମେରିକାରେ ଆୟୋଜିତ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀରେ ଉଦ୍‌ବୋଧନ ଦେବାକୁ ମିଳିଥିଲା ସୁଯୋଗ। ସେ ସମ୍ମିଳନୀରେ ରଖିଥିବା ଅଭିଭାଷଣ ତଥାକଥିକ ରାଷ୍ଟ୍ରନାୟକମାନଙ୍କ ଚିନ୍ତା ବଢ଼ାଇଦେଲା। ଏହାକୁ ଗମ୍ଭୀରତାର ସହ ନେଲେ ପରିବେଶବିତ୍, ଛାତ୍ର। ପ୍ରତି ସପ୍ତାହରେ ବିଭିନ୍ନ ସ୍ଥାନରେ ପ୍ରତିବାଦ ସଭା ହେଲା। ବିରୋଧ ପ୍ରଦର୍ଶନ କରାଗଲା। ଏବେ ଏହି ଅଭିଯାନରେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ଏବଂ ପରିବେଶବିତ୍ ଯୋଡ଼ି ହୋଇଗଲେଣି। ଅକାଟ୍ୟ ତଥ୍ୟ ଉପସ୍ଥାପନା ପାଇଁ ଗ୍ରେଟା ସବୁଠି ପରିଚିତ। ସେ ନିଜ ଅଭିଭାଷଣରେ ରଖୁଥିବା ତଥ୍ୟକୁ ଆଧାର କରି ପରିବେଶ ସୁରକ୍ଷା ଏବଂ ତାପମାତ୍ରା ହ୍ରାସ ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। କେବଳ ଏତିକି ନୁହେଁ, ପ୍ରଥମେ ନିଜଠୁ ଆରମ୍ଭ ନ୍ୟାୟରେ ସେ ନିଜ ପରିବାର ସଦସ୍ୟଙ୍କ ଜୀବନ ଶୈଳୀ ମଧ୍ୟ ପରିବର୍ତ୍ତନ କରିସାରିଛନ୍ତି। ଏଥିରେ ମାଂସ ବର୍ଜନ, ବିମାନରେ ଯାତ୍ରା ବନ୍ଦ ଭଳି ନିୟମ ଲାଗୁ ହୋଇଛି। ୨୦୧୯ରେ ଟାଇମ୍ସ ମାଗାଜିନ ଗ୍ରେଟାଙ୍କୁ କଭର ପୃଷ୍ଠାରେ ସ୍ଥାନିତ କରିଥିଲା। ଏହା ଶୀର୍ଷକ ରହିଥିଲା 'ନେକ୍ସଟ୍ ଜେନେରେଶନ ଲିଡର'। ତାଙ୍କ ଜୀବନଗାଥାକୁ ଆଧାର କରି ୩୦ ମିନିଟ୍ ଅବଧିର ଏକ ଡକ୍ୟୁମେଣ୍ଟାରୀ ମଧ୍ୟ ପ୍ରସ୍ତୁତ ହୋଇଛି। ସୂଚନାଯୋଗ୍ୟ, ଗ୍ରେଟାଙ୍କ ଜନ୍ମ ୨୦୦୩ରେ ହୋଇଥିଲା। ତାଙ୍କ ମା' ମେଲିନା ଏର୍ନମ୍ୟାନ ଜଣେ ଅପେରା ଗାୟିକା। ବାପା ସ୍ୱାନ୍ତ ଥନ୍‌ବର୍ଗ ଜଣେ ଅଭିନେତା।

# ଦୁର୍ଘଟଣାର ୨୦ ବର୍ଷ ପରେ କ୍ଷତିପୂରଣ

**ଅହମ୍ମଦାବାଦ:** ଦୁର୍ଘଟଣାରେ ଜଣେ ପଙ୍ଗୁ ହୋଇଯିବା ପରେ ଦୀର୍ଘ ଦୁଇ ଦଶନ୍ଧି ପରେ କ୍ଷତିପୂରଣ ପାଇବା ଘଟଣା ଏବେ ସାମନାକୁ ଆସିଛି। ଗୁଜରାଟର ଅହମ୍ମଦାବାଦରେ ରହୁଥିବା ମନୀଷ ଖ୍ରୀଷ୍ଟି ଏକ ଦୁର୍ଘଟଣାରେ ପଙ୍ଗୁ ହୋଇଯିବା ପରେ କ୍ଷତିପୂରଣ ପାଇବାକୁ ମିର୍ଜାପୁର ଗ୍ରାମୀଣ ନ୍ୟାୟାଳୟରେ ମାମଲା ଦାଏର କରିଥିଲେ ଏବଂ ଏଥିପାଇଁ ତାଙ୍କୁ ୨୦ ବର୍ଷ ଅପେକ୍ଷା କରିବାକୁ ପଡିଥିଲା। ଏବେ ସେହି ପ୍ରତୀକ୍ଷାର ଅନ୍ତ ଘଟିଛି। କୋର୍ଟ ଦୁଇ ବୀମା କମ୍ପାନୀକୁ କ୍ଷତିପୂରଣ ବାବଦ ୩୦.୪୬ ଲକ୍ଷଟଙ୍କା ସୁଧ ସହ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୯ ବର୍ଷ ବୟସରେ ମନୀଷ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ମନୀଷ ଇଣ୍ଡିଆନ ଅଏଲ କର୍ପୋରେଶନ କମ୍ପାନୀର ଚାର୍ଜମ୍ୟାନ ଥିଲେ। ସେ ଏକ ବସ୍‌ରେ ଫେରୁଥିବାବେଳେ ନଭେମ୍ବର ୧୩, ୧୯୯୯ରେ ଅହମ୍ମଦାବାଦ- ସାନନ୍ଦ ରାଜପଥରେ ସେହି ବସ ସହ ଟ୍ରକର ମୁହାଁମୁହିଁ ଧକ୍କା ହେବା ପରେ ମନୀଷ ଗୁରୁତର ଆହତ ହୋଇଥିଲେ । ଚିକିତ୍ସା ପରେ ତାଙ୍କ ଅଣ୍ଟାଠାରୁ ଗୋଡ ପର୍ଯ୍ୟନ୍ତ କିଛି ବି କାମ କରି ନ ଥିଲା। ସେ ୯୦ ପ୍ରତିଶତ ବିକଳାଙ୍ଗ ହୋଇଗଲେ। ଦୁର୍ଘଟଣା ପରେ ଗାଡି ମାଲିକ ମନୀଷଙ୍କୁ କ୍ଷତିପୂରଣ ନ ଦେବାରୁ ୨୦୦୦ରେ ସେ କୋର୍ଟର ଆଶ୍ରୟ ନେଇଥିଲେ । ୩୦ ଲକ୍ଷ ଟଙ୍କାର କ୍ଷତି ପୂରଣ ଦେବାକୁ ସେ ଦାବି କରିଥିଲେ। ମନୀଷଙ୍କ ବିକଳାଙ୍ଗତା ପାଇଁ ଉଭୟ ଗାଡି ମାଲିକଙ୍କୁ ଦାୟୀ କରି ତାଙ୍କ ବୀମା କମ୍ପାନୀକୁ କ୍ଷତି ପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।





ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଗୋଟେ ଦୁଇଟି ଜିଲାରେ ପାଗ ମେଘୁଆ ରହିବା ସହ ବର୍ଷା ଓ ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୦ | ୨୪.୧ |
| ଚାନ୍ଦବାଲି | ୩୫.୭ | ୨୬.୮ |
| କଟକ | ୩୩.୪ | ୨୩.୬ |
| ପାରାଦ୍ୱୀପ | ୩୩.୦ | ୨୭.୭ |
| ଭୁବନେଶ୍ୱର | ୩୩.୨ | ୨୫.୪ |
| ଗୋପାଳପୁର | ୩୪.୦ | ୨୭.୦ |
| ପୁରୀ | ୩୩.୦ | ୨୫.୮ |
| ଅନୁଗୋଳ | ୩୪.୧ | ୨୧.୬ |
| ବାରିପଦା | ୩୧.୦ | ୨୬.୦ |
| ଝାରସୁଗୁଡ଼ା | ୩୩.୦ | ୨୪.୬ |
| କେନ୍ଦୁଝର | ୩୦.୫ | ୨୩.୬ |
| ସମ୍ବଲପୁର | ୩୩.୫ | ୨୪.୩ |
| ସୁନ୍ଦରଗଡ଼ | ୨୯.୦ | ୨୦.୦ |
| ହୀରାକୁଦ | ୩୧.୭ | ୨୪.୫ |
| ତାଳଚେର | ୩୨.୩ | ୨୪.୬ |
| ଭବାନୀପାଟଣା | ୩୨.୨ | ୨୪.୫ |
| ବଲାଙ୍ଗୀର | ୩୨.୦ | ୨୫.୫ |
| କୋରାପୁଟ | ୨୬.୩ | ୨୦.୬ |
| ଫୁଲବାଣୀ | ୨୯.୪ | -- |
| ଟିଟିଲାଗଡ଼ | ୩୨.୪ | ୨୧.୧ |
| ମାଲକାନଗିରି | ୩୧.୦ | -- |
| ସୋନପୁର | ୩୩.୮ | ୨୧.୦ |
| ଦାରିଙ୍ଗିବାଡ଼ି | ୨୬.୫ | ୧୭.୦ |

ଡିଗ୍ରୀ ସେଲ୍‌ସିୟସ୍

## ଇତିହାସର ଆଇନାରେ

### ସେପ୍ଟେମ୍ବର ୨୦ର ପ୍ରମୁଖ ଘଟଣା

୨୦୦୮ ସେପ୍ଟେମ୍ବର ୨୦ରେ ପାକିସ୍ତାନର ରାଜଧାନୀ ଇସ୍‌ଲାମାବାଦରେ ଏକ ବିସ୍ଫୋରକ ବୋଝେଇ ଟ୍ରକ ମାରିଅଟ୍ ହୋଟେଲ ସମ୍ମୁଖରେ ବିସ୍ଫୋରଣ ହେବାରୁ ଏଥିରେ ୫୪ ଜଣ ପ୍ରାଣ ହରାଇଥିଲେ। ଏହି ଆତଙ୍କବାଦୀ ବିସ୍ଫୋରଣରେ ୨୬୬ ଲୋକ ଆହତ ମଧ୍ୟ ହୋଇଥିଲେ। ପ୍ରଧାନମନ୍ତ୍ରୀଙ୍କ ବାସଭବନର ଅଳ୍ପ ଦୂରରେ ଏହି ବିସ୍ଫୋରଣ କରାଯାଇଥିଲା।

୨୦୧୮ ସେପ୍ଟେମ୍ବର ୨୦ରେ ପୂର୍ବ ଆଫ୍ରିକୀୟ ଦେଶ ତାଞ୍ଜାନିଆର ଭିକ୍ଟୋରିଆ ହ୍ରଦରେ ଏକ ଡଙ୍ଗା ବୁଡ଼ିଯିବା ଫଳରେ ୧୩୬ ଯାତ୍ରୀ ପ୍ରାଣ ହରାଇଥିଲେ। କେତେକ ନିଖୋଜ ଥିବାବେଳେ ସେମାନଙ୍କ ପତ୍ତା ମିଳି ନ ଥିଲା। ୧୦୧ ଯାତ୍ରୀ ନେବାର କ୍ଷମତା ଥିବା ଏହି ଡଙ୍ଗାରେ ପ୍ରାୟ ୩୦୦ ଯାତ୍ରୀ ଯାତ୍ରା କରୁଥିଲେ ବୋଲି ଜଣାପଡ଼ିଛି। ମାତ୍ର ୩୭ ଜଣଙ୍କୁ ଉଦ୍ଧାର କରାଯାଇଥିଲା।

# ନିଆଁଲଗା ଚିକିତ୍ସା




ବେଜିଂ: ଔଷଧ ତଥା ଚେରମୂଳି ଦ୍ୱାରା ରୋଗର ଚିକିତ୍ସା କରାଯାଉଥିବା ସମସ୍ତେ ଜାଣନ୍ତି। ହେଲେ ଦେହରେ ନିଆଁ ଲଗାଇ ରୋଗର ଚିକିତ୍ସା କରାଯାଉଥିବା ବିଷୟରେ କେବେ ଶୁଣିଛନ୍ତି ? ହୁଏତ ନା। ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ କଥାଟି ସତ। ଚୀନ୍‌ରେ ୧୦୦ରୁ ଉର୍ଦ୍ଧ୍ୱ ବର୍ଷ ଧରି ଏହି ପଦ୍ଧତିରେ ଚିକିତ୍ସା କରାଯାଉଛି। ଏହାକୁ 'ଫାୟାର ଥେରାପୀ' ବା 'ଅଗ୍ନୀ ଚିକିତ୍ସା' ବୋଲି କୁହାଯାଏ। ଏହି ଥେରାପୀ ଦ୍ୱାରା ଚିନ୍ତା, ଅବସାଦ, ବଦହଜମୀ, ବାଞ୍ଝପଣଠାରୁ ଆରମ୍ଭକରି କ୍ୟାନ୍ସର ପର୍ଯ୍ୟନ୍ତ ରୋଗରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି। ବିଶେଷକରି ବଡ଼ ତଥା ଦୁରାରୋଗ୍ୟ ରୋଗ ପାଇଁ ଅଧିକ ଅର୍ଥ ଖର୍ଚ୍ଚ କରିବା ସମସ୍ତଙ୍କ ପକ୍ଷେ ସମ୍ଭବପର ନୁହେଁ। ଏଥିପାଇଁ ଫାୟାର ଥେରାପୀକୁ ଉପଯୁକ୍ତ ଏବଂ ଶସ୍ତା ବୋଲି କୁହାଯାଏ। ଚୀନ୍‌ରେ ଅନେକ ବଡ଼ ରୋଗରୁ ମୁକ୍ତି ପାଇଁ ଏହି ଥେରାପୀ ବ୍ୟବହାର ହୋଇଥାଏ।

ଏହି ପଦ୍ଧତିରେ ଲୋକଙ୍କ ଉପଚାର କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଝାଙ୍ଗ୍ ଫାଙ୍ଗ ବେଶ୍ ଲୋକପ୍ରିୟ। ଝାଙ୍ଗଙ୍କ କହିବା ଅନୁସାରେ ଫାୟାର ଥେରାପୀ ମାନବ ଇତିହାସରେ ୪ର୍ଥ ବଡ କ୍ରାନ୍ତି। ସେ ବେଜିଂର ଏକ ଛୋଟ ଆପାର୍ଟମେଣ୍ଟରେ ଉପରୋକ୍ତ ରୋଗର ଚିକିତ୍ସା କରିଥାନ୍ତି। ଏକ ୱେବ୍‌ସାଇଟ୍ ଅନୁସାରେ, ପ୍ରଥମେ ରୋଗୀ ପିଠିରେ ଚେରମୂଳିରେ ପ୍ରସ୍ତୁତ ଏକ ଲେପ ଲଗାଯାଇ ତାହାକୁ ଏକ ଚାଦରରେ ଘୋଡ଼ାଇ ଦିଆଯାଏ। ଏହା ଉପରେ ପାଣି ଏବଂ ମଦ ଛିଞ୍ଚି ନିଆଁ ଲଗାଯାଏ। ଏହିପରି ରୋଗର ଚିକିତ୍ସା ହୋଇଥାଏ। ଏହା ଦ୍ୱାରା ଶରୀରର ଉପରସ୍ତରକୁ ଗରମକରି ଭିତରୁ ଥଣ୍ଡାକୁ ଦୂର କରାଯାଇଥାଏ। ତେବେ ଏହି ଥେରାପୀ ନେଉଥିବା ବ୍ୟକ୍ତିଙ୍କ ନିକଟରେ ଏଥିପାଇଁ ସାର୍ଟିଫିକେଟ ଥିବା ଆବଶ୍ୟକ ହୋଇଥାଏ।

**କର୍ତ୍ତବ୍ୟରେ ଅବହେଳା: ୨ ପୋଲିସ କର୍ମଚାରୀ ନିଲମ୍ବିତ**

**ବାଲେଶ୍ୱର ଅଫିସ, ୧୯।୯:** କର୍ତ୍ତବ୍ୟରେ ଅବହେଳା ଦର୍ଶାଇ ବାଲେଶ୍ୱର ଏସ୍‌ପି ବି. ଯୁଗୋଲ କିଶୋର କୁମାର ଗୁରୁବାର ଦୁଇ ପୋଲିସ କର୍ମଚାରୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ସେମାନେ ହେଲେ ବାଲେଶ୍ୱର ସହଦେବଖୁଣ୍ଟା ମଡେଲ ଥାନାର ହାବିଲଦାର ରଞ୍ଜନ ସାହୁ, କନଷ୍ଟେବଲ ପ୍ରଦୀପ କୁମାର ଦେ। ଠିକ୍ ସମୟରେ ଡ୍ୟୁଟି ନ କରିବା, ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ନ ମାନିବା ଭଳି ସେମାନଙ୍କ ବିରୋଧରେ ଅଭିଯୋଗ ହୋଇଥିଲା।

# ଭାରତକୁ ୫ ଟ୍ରିଲିୟନ ଅର୍ଥନୀତିରେ ପହଞ୍ଚାଇବ



ତୃତୀୟ ଅନ୍ତର୍ଜାତୀୟ ଜିଙ୍କ୍ ଗାଲଭାନାଇଜିଂ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର,୧୯।୯(ବ୍ୟୁରୋ)

ଭାରତକୁ ୫ ଟ୍ରିଲିୟନ ଅର୍ଥନୀତିରେ ପହଞ୍ଚାଇବା ପାଇଁ ସମସ୍ତେ ମିଳିମିଶି କାମ କରିବାର ଆବଶ୍ୟକତା ରହିଛି। ନୂଆଦିଲ୍ଲୀଠାରେ ଗୁରୁବାର ଆୟୋଜିତ ତୃତୀୟ ଅନ୍ତର୍ଜାତୀୟ ଜିଙ୍କ୍ ଗାଲଭାନାଇଜିଂ ସମ୍ମିଳନୀରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଭାରତକୁ ୫ ଟ୍ରିଲିୟନ ଅର୍ଥନୀତିରେ ପରିଣତ କରିବା କେବଳ ଗୋଟିଏ ସ୍ଲୋଗାନ ନୁହେଁ, ଏହି ଲକ୍ଷ୍ୟକୁ ବାସ୍ତବରେ ପୂରଣ କରିବା ପାଇଁ ସମସ୍ତେ ମିଳିମିଶି କାମ କରିବାର ଆବଶ୍ୟକତା ରହିଛି। ଇସ୍ପାତ ଶିଳ୍ପଗୁଡିକୁ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିର ଗୁରୁତ୍ୱକୁ ବୁଝି ଭାରତକୁ ବିଶ୍ୱ ଶକ୍ତି ହେବା ଦିଗରେ ଆଗକୁ ଅଗ୍ରସର କରାଇବା ପାଇଁ ନିଜର ରଣନୀତି ମଧ୍ୟ ନିର୍ଣ୍ଣୟ କରିବାକୁ ହେବ। ଭାରତରେ କଞ୍ଚାମାଲର ଉପଲବ୍ଧତା, ମାନବସମ୍ବଳ ଶକ୍ତି, ବିଶାଳ ସମୁଦ୍ରତଟ ଏବଂ ଏକ ବୃହତ୍ ବଜାର ଆଶୀର୍ବାଦ ସ୍ୱରୂପ ପ୍ରାପ୍ତ ହୋଇଛି। ଦୁନିଆର ସର୍ବଶ୍ରେଷ୍ଠ ବେଞ୍ଚମାର୍କ ପ୍ରତିଷ୍ଠା ପାଇଁ ଭାରତ ପାଖରେ ସବୁ ଯୋଗ୍ୟତା ଅଛି। ସାଧାରଣ ଲୋକଙ୍କ ଜୀବନଶୈଳୀ ସହ ଇସ୍ପାତ୍ ଶିଳ୍ପକୁ ଜଡିତ ହେବାର ଆବଶ୍ୟକତା ରହିଛି। ଏ ଦିଗରେ ଗାଲଭାନାଇଜଡ୍ ଇସ୍ପାତ୍ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଇପାରିବ। ଭାରତ ସରକାର ଇସ୍ପାତ୍ ଶିଳ୍ପ ପାଇଁ ସବୁ ଅନୁକୂଳ ବାତାବରଣ ତିଆରି କରିବା ପାଇଁ ପ୍ରତିବଦ୍ଧ। କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସବୁ ଘରକୁ ଜଳ ଯୋଜନା, ଆବଶ୍ୟକ ଅନୁଯାୟୀ ଉର୍ଜାର ବୃଦ୍ଧି ଓ ୪୦୦ ସହରରେ ପ୍ରାକୃତିକ ଗ୍ୟାସ ବିତରଣର ଯୋଜନା ଏବଂ ଅନ୍ୟାନ୍ୟ ଯୋଜନା ଇସ୍ପାତ୍ ଶିଳ୍ପକୁ ବୃଦ୍ଧି କରିବାରେ ସୁବିଧା ପ୍ରଦାନ କରିବ। ଏହି ସମ୍ମିଳନୀ ଇସ୍ପାତ ଶିଳ୍ପ ପାଇଁ ରଣନୀତି ପ୍ରସ୍ତୁତ କରିବାରେ ଏକ ଲମ୍ବା ରାସ୍ତା ତିଆରି କରିବ ବୋଲି ଧର୍ମେନ୍ଦ୍ର ଆଶାବ୍ୟକ୍ତ କରିଛନ୍ତି।

କଂଗ୍ରେସର ଗୁରୁତ୍ୱପୂର୍ଣ୍ଣ ବୈଠକ

# ‘ସବୁ ଦୋଷ ମାନିଲେ ନିରଞ୍ଜନ’

- ଦଳ ବିରୋଧୀଙ୍କୁ କଢ଼ାଯିବା କଥା କହି ନୂଆ ରାଜନୀତି
- ଛାତ୍ର, ଯୁବ ଓ ମହିଳା ସଭାପତି ପଦ ନେଇ ଆଲୋଚନା ହେଲାନି

ଭୁବନେଶ୍ୱର,୧୯।୯(ବ୍ୟୁରୋ)

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ୨୦୧୯ ନିର୍ବାଚନର ସମସ୍ତ ଦୋଷ ନିଜ ମୁଣ୍ଡକୁ ନେଇଛନ୍ତି। ନିର୍ବାଚନରେ ଯାହାସବୁ ଭୁଲ୍ ହୋଇଛି ସବୁ ଲାଗି ସେ ନିଜକୁ ଦାୟୀ କରିଥିବା ଜଣାପଡିଛି। ଗୁରୁବାର କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ହିଁ ନିରଞ୍ଜନ ସବୁ କଥା କହିଛନ୍ତି। ବୈଠକରେ ଉପସ୍ଥିତ ଜଣେ ନେତାଙ୍କ କହିବାନୁଯାୟୀ, ନିର୍ବାଚନ ପରାଜୟର କାରଣ ଆଲୋଚନା ପୂର୍ବରୁ ହିଁ ପିସିସି ସଭାପତି ନିଜ ଦୋଷ ମାନିବା ଆରମ୍ଭ କରିଦେଲେ। କହିବାକୁ ଲାଗିଲେ, ପିସିସିର ଛୋଟ କମିଟି ଗଠନ ହେବ, ହେଲେ ବହୁତ ବଡ ହୋଇଗଲା। ଅଧିକାଂଶ ଯୁବକଙ୍କୁ ଟିକେଟ ଦେବି କହିଥିଲି, ଗୋଟିଏ ପରିବାରରୁ ଜଣଙ୍କୁ ଟିକେଟ ଦିଆଯିବ କହିଲି, ସବୁଠାରୁ ଆଗୁଆ ପ୍ରାର୍ଥୀ ତାଲିକା ଘୋଷଣା କରିବାକୁ ମଧ୍ୟ କହିଥିଲି, ମାତ୍ର ଏଥିରୁ କିଛି କରିପାରିଲିନାହିଁ। ଏବେ ଆଉ ସେନେଇ ଆଲୋଚନା ନ କରି ଆଗକୁ ଦଳକୁ ମଜଭୁତ କରିବା ଉପରେ ଆଲୋଚନା ଲାଗି ନିରଞ୍ଜନ କହିଥିବା ସେ କହିଛନ୍ତି। ଏହାସହ ଦଳ ବିରୋଧରେ ଯେଉଁମାନେ କାର୍ଯ୍ୟ କରିଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପିସିସି ସଭାପତି କହିଥିବା ଜଣାପଡିଛି। ଯେଉଁମାନେ ଦଳର ପ୍ରାର୍ଥୀ ହୋଇଥିଲେ ସେମାନେ କହିପାରିବେ କେଉଁମାନେ ଦଳ ବିରୋଧରେ କାର୍ଯ୍ୟ କରିଛନ୍ତି। ସେମାନଙ୍କୁ ଦଳର ନୂଆ କମିଟିରୁ ଦୂରେଇ ରଖାଯିବ ବୋଲି ନିରଞ୍ଜନ କହିଥିବା ଶୁଣିବାକୁ ମିଳିଛି।

ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ନିଜ ପଦ ବଜାୟ ରଖିବା ପରେ ପ୍ରଥମ ଥର ଲାଗି ବୈଠକ କରିଛନ୍ତି। ଦଳର ସଂଗଠନଗୁଡିକୁ ପୁନର୍ଗଠନ କରିବା ପାଇଁ ବୈଠକରେ ଉପସ୍ଥିତ ସମସ୍ତ ନେତାମାନେ ସହମତି ପ୍ରକାଶ କରିଛନ୍ତି। ଏଥିରେ ଦଳର ସମସ୍ତ ବରିଷ୍ଠ ନେତାଙ୍କ ସହିତ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ନେତାମାନେ ମଧ୍ୟ ଯୋଗ ଦେଇଥିଲେ। ବୈଠକ ପରେ ନିରଞ୍ଜନ କହିଛନ୍ତି, ପିସିସିର ସବୁ କମିଟିଗୁଡିକ ଖୁବ୍‌ଶୀଘ୍ର ପୁନର୍ଗଠନ କରାଯିବ। ଯେଉଁମାନେ ଗତ ନିର୍ବାଚନରେ ଦଳ ପାଇଁ କାର୍ଯ୍ୟ କରିଥିଲେ ସେମାନଙ୍କ ଦକ୍ଷତାକୁ ବିଚାରକୁ ନେଇ ଦାୟିତ୍ୱ ବଣ୍ଟାଯିବ। କମିଟିରେ ଯୁବବର୍ଗଙ୍କୁ ପ୍ରାଧାନ୍ୟ ମିଳିବ। ବରିଷ୍ଠ ନେତାମାନେ ମଧ୍ୟ କମିଟିରେ ରହିବେ। ପୂର୍ବଭଳି ଜୋନ୍ କମିଟି କରାଯିବ ନାହିଁ। ଏଥର ବ୍ଲକ କମିଟି ମାଧ୍ୟମରେ ସଂଗଠନକୁ ପରିଚାଳନା କରାଯିବ। ୧୫୦ତମ ଗାନ୍ଧୀ ଜୟନ୍ତୀ ଅବସରରେ ଅକ୍ଟୋବର ୨ ତାରିଖରେ ରାଜ୍ୟସ୍ତରୀୟ ପଦଯାତ୍ରା, ସଭା କରିବା ସହିତ ୯ ତାରିଖରେ ଜିଲା ସ୍ତରୀୟ ସଭା ଓ ପଦଯାତ୍ରା ଏବଂ ୧୪ରେ ତାହା ବ୍ଲକସ୍ତରରେ କରାଯିବ। ଚଳିତ ମାସରେ ସଭ୍ୟ ସଂଗ୍ରହ ଆରମ୍ଭ କରିବା ପାଇଁ ଆଲୋଚନା ହୋଇଛି ବୋଲି ସେ କହିଛନ୍ତି। ଅନ୍ୟପଟେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ଲକ୍ଷେ ବିଲେଇରେ ମୂଷା ମରିବ ନାହିଁ। ଜୋନ୍, ଜିଲା ଏବଂ ବ୍ଲକ ସ୍ତରରେ କାର୍ଯ୍ୟକାରୀ ସଭାପତିର ଆବଶ୍ୟକତା ନାହିଁ। ଏଆଇସିସି ସମ୍ପାଦକ, କାର୍ଯ୍ୟକାରୀ ସଭାପତି ରହି ଟିକେଟ ବଣ୍ଟନ ସମୟରେ ଦଳୀୟ କନ୍ଦଳକୁ ଅଧିକ ବଢାଇ ଦେଲେ ବୋଲି ସେ କହିଛନ୍ତି। ସେଠାରେ ଉପସ୍ଥିତ ଆଉ ଜଣେ ନେତା କହିଛନ୍ତି, ଜାଣିଶୁଣି ପୁଣିଥରେ ପିସିସି ସଭାପତି ନିଜ ଲୋକଙ୍କ ଥଇଥାନର ନୂଆ ବାଟ ଆରମ୍ଭ କରିଛନ୍ତି। ଗତ ନିର୍ବାଚନରେ ସବୁ ଟିକେଟ ସେ ହିଁ ବାଣ୍ଟିଥିଲେ। ଏବେ ଦଳ ବିରୋଧରେ କେଉଁମାନେ କାମ କରିଛନ୍ତି ସେ କଥା ତାଙ୍କରି ପ୍ରାର୍ଥୀ କହିବେ। ତେବେ କେତେଦୂର ଏହା ଠିକ୍ ସେ କଥା ସମସ୍ତେ ଜାଣିଛନ୍ତି ବୋଲି ସେ କହିଛନ୍ତି। ଏହାସହ ଦଳରେ ଛାତ୍ର, ଯୁବ ଏବଂ ମହିଳା ସଭାପତି ପଦ ଖାଲିଥିବା ବେଳେ ଏନେଇ କୌଣସି ଆଲୋଚନା କରାଯାଇନାହିଁ।

**PARADIP PORT TRUST**
**E-TENDER CALL NOTICE**
Name of the Work: **"03rd Dry Docking / Repairs of tug TARINI of Paradip Port Trust at Paradip"**. Estimated cost put to tender : **Rs.1,19,32,100/-**. Last date & time of submission of tender through on-line bidding is **1500 hours on Dt.15.10.2019.** For details, please log on to the Website : **https://eprocure.gov.in/eprocure/app.**
**Deputy Conservator**
PPT/PR/338/19-20, Dt.19.09.2019

नालको NALCO
National Aluminium Company Limited
(A Government of India Enterprise)
Smelter Plant, Nalco Nagar, Angul-759145, Odisha, India
CIN : L27203OR1981GOI000920
A NAVRATNA COMPANY
**TENDER NOTICE**
E-tenderNo: SMLT/404/1000044256,Dt.11/09/2019
Bids invited from Indian manufacturers for Manufacture & supply of 240 sets of Flue Wall Bricks for Anode Baking Furance – I. The last date & time of bid submission: Dt 10/10/2019, 10:00am (Bid opening date: 12/10/2019).Tender documents will be available at **https://eprocure.gov.in/eprocure/app** and **www.nalcoindia.com.** Any corrigendum/addendum will be published in websites only.
**DGM (Materials)**

# ୩ ଛାତ୍ରଙ୍କୁ ହାଜର କଲା ପୋଲିସ

**ବୈଦିକ କଲେଜ ର୍‍ୟାଗିଂ ଘଟଣା**
- ବିଭାଗୀୟ ତଦନ୍ତ କରିବ ଶିକ୍ଷା ବିଭାଗ
- ଭୟରେ ଅନ୍ୟ ଛାତ୍ରୀଛାତ୍ର,ଅଭିଭାବକ

**ସମ୍ବଲପୁର, ୧୯।୯(ବ୍ୟୁରୋ):** ସମ୍ବଲପୁର ଜିଲା ଶାସନ ଥାନା ବୈଦିକ ଇଣ୍ଟରନ୍ୟାଶନାଲ ଘରୋଇ କଲେଜର ଯୁକ୍ତ ୨ କଳା ପ୍ରଥମ ବର୍ଷ ଛାତ୍ର ଅଭିଷେକ ମିଶ୍ରଙ୍କୁ ର୍‍ୟାଗିଂ କରାଯାଇଥିବା ଅଭିଯୋଗ ହୋଇଥିଲା। ଅଭିଷେକଙ୍କୁ ୨ ଦିନ ଧରି ହାତଗୋଡ ବାନ୍ଧି ଲୁହାଛଡ, ବେଲ୍ଟ ଓ ବାଡିରେ ମାଡ ମରାଯାଇଥିବା ତାଙ୍କ ବାପା ଗୌର ଚରଣ ଶାସନ ଥାନାରେ ଅଭିଯୋଗ କରିଥିଲେ। ବୁଧବାର ଅଭିଷେକଙ୍କ ମା’ବାପା ଓ ସମ୍ପର୍କୀୟ ଜିଲା ପ୍ରଶାସନ ଦ୍ୱାରସ୍ଥ ହୋଇଥିଲେ। ଏହି ଘଟଣାରେ ଗୁରୁବାର ପୋଲିସ ୩ ଜଣ ଛାତ୍ରଙ୍କୁ ଧରି ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରିଥିଲା। ଅନ୍ୟପକ୍ଷେ ଜିଲା ସଦର ମେଡିକାଲରେ ଚିକିତ୍ସିତ ହେଉଥିବା ଛାତ୍ର ଅଭିଷେକ ଓ ବାପା ଗୌରଚରଣଙ୍କୁ ଅତିରିକ୍ତ ଏସ୍‌ପି ପ୍ରଦୀପ କୁମାର ମହାପାତ୍ର ଭେଟି ପଚରାଉଚୁରା କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଏସ୍‌ପି ମହାପାତ୍ର କହିଛନ୍ତି, ଏହି ଘଟଣାରେ ଆଉ ଜଣେ ଛାତ୍ରଙ୍କୁ ଖୁବ ଶୀଘ୍ର ଧରି ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯିବ। କଲେଜର ଏଭଳି ଘଟଣାକୁ ନେଇ ଶିକ୍ଷା ବିଭାଗ ପକ୍ଷରୁ ତଦନ୍ତ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ପ୍ରଶାସନ ପକ୍ଷରୁ କୌଣସି ଅଧିକାରୀ ମେଡିକାଲକୁ ଆସି ନ ଥିବା ପ୍ରକାଶ କରିଛନ୍ତି ଅଭିଷେକଙ୍କ ବାପା ଗୌରଚରଣ। ଏହାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି।

**ନିରୁଦ୍ଦିଷ୍ଟ ବୃଦ୍ଧାଙ୍କ ସମ୍ପର୍କରେ ସୂଚନା**



ମାନସିକ ବିକାରଗ୍ରସ୍ତ ବୃଦ୍ଧା ଗତ ତା.୧୯।୦୭।୨୦୧୯ରୁ ବୀରମହାରାଜପୁର ପୁଲିସଙ୍କ ଦ୍ୱାରା ରାସ୍ତାରୁ ଉଦ୍ଧାର ହୋଇ ବୀରମହାରାଜପୁର ସ୍ୱଧାର ଗୃହରେ ଅଛନ୍ତି। ଉକ୍ତ ବୃଦ୍ଧା ତାଙ୍କର କୌଣସି ପରିଚୟ ଯଥା ନାମ ଓ ଠିକଣା ଦେଇପାରୁନାହାନ୍ତି। ଯଦି ତାଙ୍କର ସମ୍ପର୍କୀୟ ଅଥବା ବନ୍ଧୁବାନ୍ଧବ ଅଛନ୍ତି, ସେମାନେ ନିମ୍ନ ଦୂରଭାଷ ଯୋଗେ ଯୋଗାଯୋଗ କରିପାରିବେ।
**ଦୂରଭାଷ ନଂ.-୮୪୫୮୦୭୦୬୧୯, ୯୪୩୭୭୮୮୬୧୯**

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
EHT (O&M) DIVISION, JAYANAGAR-764005 CIN: U40102OR2004SGC007553
**NOTICE INVITING TENDER**
Sealed Tenders are invited by the undersigned from registered Contractors having valid Licence, I.T PAN No and GST Registration Certificate for **Tender Call No : 10 Uprooting & cleaning of grass, wild shrubs including cutting of small bushes at different grid S/S, under EHT(O&M) Division, Jayanagar and Different R & M works of 132KV and 220KV TL S/D Jayanagar. Cost of Tender Papers** are of Rs.672.00 and Rs.448.00 (non-refundable) in shape of Cash & **EMD** @1% of quoted amount in the shape of DD/Cash for Tender call No 10. **Sale of Tender Documents** from Dt.18.09.2019 to upto 12:00 Noon of Dt.27.09.2019. **Last Date of Submission of Tender** on or before Dt.27.09.2019 upto 04:00PM. **Tenders Will be Opened** on Dt.27.09.2019 at 04:30 PM.
**Corrigendum if any will be published in the website only.**
Sd/-
DGM (Ele.)
Please connect us: optcl.odisha optcl_odisha energyodisha

**ଓଡ଼ିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**ଅଧିସୂଚନା**

No.RDM–LAC–KNJ–0019–2019/18356 RDM, Dated: 01.JUL.2019

No.V–57 :– ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ବୈତରଣୀ ବାମ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା–ପଦ୍ମପୁର (ଅତିରିକ୍ତ), ଥାନା–ଆନନ୍ଦପୁର, ସଂ.୧୦୭, ତହସିଲ–ଆନନ୍ଦପୁର, ଜିଲ୍ଲା–କେନ୍ଦୁଝରରେ ନିମ୍ନ ତଫସିଲ ମତେ ପ୍ରାୟ ଏ.**୧.୨୧** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act-2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ବୈତରଣୀ ବାମ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ଆନନ୍ଦପୁର କେନାଲ ଡିଭିଜନ, କେନ୍ଦୁଝର।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର କେନାଲ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପଜିଲ୍ଲାପାଳ, ଆନନ୍ଦପୁର।
୬. **ଜମିର ବିବରଣୀ-**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ଆନନ୍ଦପୁର | ପଦ୍ମପୁର (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୨.୪୬ | ଏ. ୧.୨୧ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ–ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ସାଳପଡା କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ବ୍ରହ୍ମାନନ୍ଦ ବେହେରା, ଯୁଗ୍ମ ଶାସନ ସଚିବ

**LAND SCHEDULE**

Addl. Land Acquisition for Construction of Anandapur Barrage Project (Baitarani Left Bank Canal) of Vill - Padmapur, Tahasil - Anandapur, P.S.- Anandapur No.-107, Dist.- Keonjhar, L.A. Case No.20/18

| କ୍ର. ନଂ. | ଖାତା ନଂ. | ଜମି ମାଲିକଙ୍କ ନାମ, ଜାତି, ବାସସ୍ଥାନ | ପ୍ଲଟ୍ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୮ | ଅଙ୍କୁର ଖଟୁଆ, ପି–ଶଙ୍କର ଖଟୁଆ, ଜା–ତେଲି, ବା–ନିଜଗାଁ। | ୫୯୦/୪୩୨୮ | ବାଜେଫସଲ–୧ | ୦.୫୦ | ୦.୦୪ |
| ୨ | ୧୫୮ | ଗୋବର୍ଦ୍ଧନ ସାହୁ, ରଘୁ ସାହୁ, ପି–ଚନ୍ଦ୍ର ସାହୁ, ଜା–ତେଲି, ବା–ନିଜଗାଁ। | ୧୩୭୯/୪୪୨୭ | ବାଜେଫସଲ–୧ | ୦.୮୬ | ୦.୦୭ |
| ୩ | ୨୬୫ | ନଟବର ସାହୁ, ଜଟାଧାରୀ ସାହୁ, ନରହରି ସାହୁ, ରାମଚନ୍ଦ୍ର ସାହୁ, ପି–ରଙ୍କ ସାହୁ, ଜା–ତେଲି, ବା–ନିଜଗାଁ। | ୧୪୬୧/୪୩୧୩ | ବାଜେଫସଲ–୧ | ୦.୦୯ | ୦.୦୯ |
| ୪ | ୫୩୪ | ସତ୍ୟବାଦୀ ସାହୁ, ପି–ଦର୍ଶନ ସାହୁ, ଜା–ତେଲି, ବା–ନିଜଗାଁ। | ୧୩୮୪ | ବାଜେଫସଲ–୧ | ୦.୮୧ | ୦.୮୧ |
| ୫ | ୬୨୧/୬୫୨ | ଧୋବେଇ ସାହୁ, ପି–ନରି ସାହୁ, ଜା–ତେଲି, ବା–ନିଜଗାଁ। | ୪୪୪/୫୦୦୪ | ଶାରଦ–୨ | ୦.୧୧ | ୦.୧୧ |
| ୬ | ୬୨୧/୮୫୬ | କୁଶରଞ୍ଜନ ସାହୁ, ପି–ଜଟାଧାରୀ ସାହୁ, ଜା–ତେଲି, ବା–ପଦ୍ମପୁର। | ୪୬୧/୫୧୯୧ | ଘରବାରି | ୦.୦୯ | ୦.୦୯ |
| | | | | | ମୋଟ ଅଧିଗ୍ରହଣ ରକବା ଏ | ୧.୨୧ |

24001/14/0154/1920

No. V-64:
**ଓଡ଼ିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**ଅଧିସୂଚନା**

**No RDM-LAC-KNJ-0022-2019/** 20602 **R&DM, Dated 20 JUL 2019**

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛିକି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ବୈତରଣୀ ଦକ୍ଷିଣ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- **ଅତାସାହି**, ଥାନା- ଘଷିପୁରା ସଂ- ୬୧, ତହସିଲ- ଘଷିପୁରା, ଜିଲ୍ଲା- କେନ୍ଦୁଝର ରେ ନିମ୍ନ ତଫସିଲ ମତେ ପ୍ରାୟ **ଏ ୦.୫୨** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR&R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଯ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧- ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ୱରୁପ- ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ବୈତରଣୀ ଦକ୍ଷିଣ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ |
୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ଆନନ୍ଦପୁର ବ୍ୟାରେଜ ଡିଭିଜନ, କେନ୍ଦୁଝର ।
୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ :- ସାର୍ବଜନୀନ ଉଦ୍ଦେଶ୍ୟରେ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ବୈତରଣୀ ଦକ୍ଷିଣ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ କାର୍ଯ୍ୟକାରି କରିବା ।
୪- ସାମାଜିକ ପ୍ରଭାବ ମୂଲ୍ୟାୟନ ର ସାରାଂଶ :- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଯ୍ୟ ନୁହେଁ ।
୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ :- ଉପ-ଜିଲ୍ଲା ପାଳ, ଆନନ୍ଦପୁର ।
୬- ଜମି ର ବିବରଣୀ:-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ଘଷିପୁରା | ଅତାସାହି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ ୦.୯୭ | ଏ ୦.୫୨ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ସାଳପଡା, କେନ୍ଦୁଝରଙ୍କ କାର୍ଯ୍ୟାଳୟ ରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରା ଯାଇ ପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-ଅତିରିକ୍ତ ଶାସନ ସଚିବ

**LAND SCHEDULE**

Land Acquisition for excavation of Baitarani Right Bank Canal of Anandapur Barrage Project of Vill – Atasahi, Tahasil – Ghasipura, P.S. – Ghasipura No. – 61, Dist – Keonjhar. L.A. Case No. – 26/18

| କ୍ର:ନଂ | ଖାତା ନଂ | ଜମି ମାଲିକଙ୍କ ନାମ – ଜାତି , ବାସସ୍ଥାନ | ପ୍ଲଟ୍ ନଂ | କିସମ | ମୋଟ ରକବା | ଅଧିଗ୍ରହଣ ରକବା |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| ୧ | 62 | ଗୌରାଙ୍ଗ ନାହାକ, ପି- ବନମାଳି ନାହାକ, ଧର ନାହାକ, ପି- ରାମ ନାହାକ, ରଘୁ ସାହୁ, ପି- ଲକ୍ଷ୍ମଣ ସାହୁ, ଫଗୁ ସାହୁ, ବିକଳ ସାହୁ, ପି- ସପନ ସାହୁ, ମିଛୁ ନାହାକ, ନକୁଳ ନାହାକ, ଶଙ୍କି ସାହୁ, ମାଳି ସାହୁ, ପି- ଲକ୍ଷ୍ମଣ ସାହୁ, ଭରତ ନାହାକ, ପି- ବିକଳ ନାହାକ, ରଘୁ ନାହାକ, ପଗୁ ନାହାକ, ନସୁ ନାହାକ, ପି- ରଙ୍କ ନାହାକ, ଭାଇଗ ନାହାକ, ପି- ତିଳ ନାହାକ, ଧନି ସାହୁ, ପି- ଭିମ ସାହୁ, କୁରୁପ ସାହୁ, କରୁଣା ସାହୁ, ପି- ରତନ ସାହୁ, ଜଗବନ୍ଧୁ ସାହୁ, ପି- ମଧୁ ସାହୁ, ହଗର ସାହୁ, ବିକଳ ସାହୁ, ପି- ନିଶାକର ସାହୁ, ଚିନ୍ତାମଣି ନାଏକ, ଗଙ୍ଗାଧର ନାଏକ, ଲକ୍ଷ୍ମୀଧର ନାଏକ, ପି- ଗୋପି ନାଏକ, ଜା- ତେଲି, ବା- ନିଜଗାଁ । | 3142 | ଶାରଦ - ୨ | 0.61 | 0.16 |
| ୨ | 190 | ବୋଧି ସାହୁ, ପି- ଦଧି ସାହୁ, ମାୟା ସାହୁ, ପି- ଧନି ସାହୁ, ଚୈତନ୍ୟ ସାହୁ, ପି- କୃର୍ତି ସାହୁ, ସାଧୁ ସାହୁ, ପି – ରଘୁ ସାହୁ, କିର୍ତନ ସାହୁ, ଚୈତନ୍ୟ ସାହୁ, କାଶିନାଥ ସାହୁ, ପି- ରାମ ସାହୁ, ନିଶାକର ସାହୁ, ପି- ଭଗି ସାହୁ, ନିଶାକର ନାଏକ, ପି- ସଦା ନାଏକ, ପାର୍ବତୀ ନାଏକ, ସ୍ୱା- ଶୁକ ନାଏକ, ପାତୀ ସାହୁ, କେଲୁଣୀ ସାହୁ, ପି- ଶୁକ ସାହୁ, ଅମୃତ ନାହାକ, ଫକିର ନାହାକ, ଭାଇଗ ନାହାକ, ପି- ଧନୀ ନାହାକ, ଚଡେଇ ନାଏକ, ପି- ଅଇଁଠୁ ସାହୁ, ଫଗୁ ସାହୁ, ପି- ରତନ ସାହୁ, ଜା- ଗୁଡିଆ, ଚିନ୍ତାମଣୀ ନାଏକ, ଗଙ୍ଗାଧର ନାଏକ, ଲକ୍ଷ୍ମୀଧର ନାଏକ, ପି- ଗୋପି ନାଏକ, ଜା- ତେଲି, ବା- ନିଜଗାଁ । | 3143 | ଶାରଦ - ୨ | 0.36 | 0.36 |
| | | | | | ମୋଟ ଅଧିଗ୍ରହଣ ରକବା ଏ | 0.52 |

24001/14/0161/1920

**ODISHA HYDRO POWER CORPORATION LIMITED**
OHPC
BALIMELA HYDRO ELECTRIC PROJECT, POST:- BALIMELA
DIST.- MALKANGIRI (ODISHA): PIN: 764051
Phones: 06861-232581 (O)/232641 (R) : FAX:06861-232541
E-Mail unit.head_balimela@yahoo.com CIN No : U401010R1995SGC003963

**NOTICE INVITING TENDER NO. P-13 (H)/ 6340 /2019-20/ DATED: 18.09.2019.**
No.CAD-399 :- Sealed tenders in two parts are invited, for supply of industrial safety shoes and formal shoes to BHEP, Balimela as mention below by reputed shoe Manufactures / Authorized Distributors / Dealers of (i) Lee- Copper, (ii) BATA, (iii) LIBERTY, (iv) ACME (v) RAHAMAN, (vi) REEBOK or any reputed make of equivalent quality having prior experience of supplying 150 pair of shoes or more in a single order within last 3 years.

| Gr. | Description of materials | Qty | Estimated Cost | Cost of tender paper (Non-refundable) in Rs. | EMD in shape of DD only (Refundable) in Rs. | Period of availability of tender at OHPC website. | Last date & Time of receipt of Tender. | Date & Time of opening of bid |
|---|---|---|---|---|---|---|---|---|
| A | Industrial Safety Shoes (Executive & Non-executives) | 204 | Rs. 4,08,000/- | 2360/- (2000/-+ GST@18%) | Rs.4100/- | 21.09.2019 To 01.10.2019 | 01.10.2019 Upto 13.00 hrs | 01.10.2019 At 16.30 hrs. |
| B | Formal Shoes (Executive & Non-executives) | 29 | Rs. 58,000/- | 708/- (600/-+ GST@18%) | Rs.600/- | 21.09.2019 To 01.10.2019 | 01.10.2019 Upto 13.00 hrs | 01.10.2019 At 16.30 hrs. |

**N.B :-** The tenderer can participate either for one of the Group or both the Groups separately. For details of the tender documents, terms & conditions please visit our website **www.ohpcltd.com**
**Sd./- Chief General Manager**
04019/11/0042/1920 **(Electrical) BHEP, Balimela**

**ODISHA STATE SEEDS CORPORATION LIMITED**
(A GOVERNMENT UNDERTAKING)
**SANTARAPUR, BHUBANESWAR - 751002**
Tel - MD 0674 - 2340573, PBX - 2340170, Fax – 2340096
**TENDER CALL NOTICE**
No- OSSC/ Engg- 52/2019
**No. CAD-402:-** The Managing Director, Odisha State Seeds Corporation Ltd invites Percentage Rate Tenders through ONLINE MODE only for the works "CONSTRUCTION OF SEMI COVERED DRYING YARD AT DIFFERENT SEED PROCESSING PLANT LOCATION OF OSSC LTD, clubbed under each Seed Production Zone of OSSC Ltd, from eligible contractors.
The details of location of work, estimated amount, cost of Tender Document, EMD and other criteria can be seen in the Detailed Tender Call Notice posted in Website of Govt of Odisha www.tenderodisha.gov.in. The last date of uploading of tender to tender portal is dt. 09.10.2019.
*Sd./- Sri JR Mishra OAS (S)*
*Managing Director*
01045/11/0014/1920

**CUTTACK DEVELOPMENT AUTHORITY**
Arunodaya Market, Link Road, Cuttack - 753012 (Odisha)
**No.11989 /CDA / Dated : 19.09.2019**
**QUOTATION CALL NOTICE**
Cuttack Development Authority, Cuttack invites sealed quotations from the Regd. Travel Agencies / Service providers those who intend to supply the Petrol operated vehicles on monthly hire basis with driver for official purpose which shall confirm to terms and conditions **(Annexure - II).**
The quotation complete in all respect should reach the undersigned on or before dt.30.09.2019 to 5.00 P.M. and shall be opened on dt.01.10.2019 at 3.00 P.M. The details are available in CDA office during office hours from dt.21.09.2019 to dt.27.09.2019 on working days or in our website cdacuttack.nic.in w.e.f dt.21.09.2019.
**Secretary**

# ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍



**ଅଲିମ୍ପିକ୍ସ ପରେ ବିଶ୍ୱ ଆଥଲେଟିକ ଚାମ୍ପିୟନଶିପ୍ ଦ୍ୱିତୀୟ ଶ୍ରେଷ୍ଠ କ୍ରୀଡ଼ା ମହାକୁମ୍ଭର ମାନ୍ୟତା ପାଇଛି। ଏହି ମେଗା ଇଭେଣ୍ଟର ୧୭ତମ ସଂସ୍କରଣ ଏଥର କାତାର ରାଜଧାନୀ ଦୋହାରେ ଆୟୋଜନ ହେବ। ସେପ୍ଟେମ୍ବର ୨୭ ତାରିଖରୁ ଆରମ୍ଭ ହୋଇ ଏହା ଅକ୍ଟୋବର ୬ ତାରିଖରେ ଶେଷ ହେବ। ଦୋହାର ଖଲିଫା ଅନ୍ତର୍ଜାତୀୟ ଷ୍ଟାଡିୟମରେ ଏହାର ଆୟୋଜନ ହେବ...**



ନିର୍ମଳ କୁମାର ମିଶ୍ର

ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ୧୭ତମ ସଂସ୍କରଣ କାତାର୍ ରାଜଧାନୀ ଦୋହାଠାରେ ଚଳିତ ମାସ ୨୭ତାରିଖରୁ ଆରମ୍ଭ ହେବ। ଏହା ଅକ୍ଟୋବର ମାସ ୬ତାରିଖ ପର୍ଯ୍ୟନ୍ତ ଚାଲିବ। ଇଣ୍ଟରନାଶନାଲ୍ ଆସୋସିଏଶନ୍ ଅଫ୍ ଆଥ୍‌ଲେଟିକ୍ସ ଫେଡେରେଶନ୍ (ଆଇଏଏଫ୍) ଦ୍ୱାରା ଆୟୋଜିତ ଏହି ମେଗା ଇଭେଣ୍ଟ ବିଶ୍ୱସ୍ତରୀୟ ଆଥଲେଟମାନଙ୍କର ବେଶ୍ ପସନ୍ଦର ପ୍ରତିଯୋଗିତା ରୂପେ ଲୋକପ୍ରିୟତା ହାସଲ କରିଛି । ଅଲିମ୍ପିକ୍ସ ପରେ ଏହା ବିଶ୍ୱର ଦ୍ୱିତୀୟ ଶ୍ରେଷ୍ଠ ଆଥଲେଟିକ୍ସ ପ୍ରତିଯୋଗିତାର ମାନ୍ୟତା ପାଇଛି। ଏହା ପ୍ରତି ୪ବର୍ଷରେ ଥରେ ଅନୁଷ୍ଠିତ ହୋଇଆସୁଛି। ଅଲିମ୍ପିକ୍ସ ପରି ଏହି ମେଗା ପ୍ରତିଯୋଗିତାରେ ଅନେକ ଷ୍ଟାର ଆଥଲେଟଙ୍କ ସମାଗମ ଏହି ପ୍ରତିଯୋଗିତାକୁ ଆକର୍ଷଣୀୟ କରିବା ସହିତ ବିଶ୍ୱସ୍ତରୀୟ ପ୍ରତିଯୋଗୀମାନଙ୍କୁ ରେକର୍ଡ ସ୍ଥାପନ କରିବା ପାଇଁ ସହାୟକ ହୋଇଥାଏ। ଏସିଆ ମହାଦେଶର ତଥା ମଧ୍ୟପ୍ରାଚ୍ୟ ଦେଶ କାତାର ରାଜଧାନୀ ଦୋହାଠାରେ ଥିବା ଖଲିଫା ଇଣ୍ଟରନ୍ୟାଶନାଲ୍ ଷ୍ଟାଡିୟମରେ ପ୍ରତିଯୋଗିତାର ସବୁ ଇଭେଣ୍ଟ ଆୟୋଜନ ହେବ। ସୂଚନାଯୋଗ୍ୟ ଯେ, ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତା ୫ମ ଥର ପାଇଁ ଏସିଆ ମହାଦେଶରେ ଅନୁଷ୍ଠିତ ହେବାକୁ ଯାଉଛି। ପୂର୍ବରୁ ଜାପାନର ଟୋକିଓଠାରେ ୨ଥର, ଚାଇନା ଏବଂ ସାଉଥ୍ କୋରିଆରେ ଏହି ସମ୍ମାନଜନକ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଛି। ୨୦୧୭ ମସିହାରେ ଲଣ୍ଡନଠାରେ ଏହି ପ୍ରତିଯୋଗିତାର ୧୬ତମ ସଂସ୍କରଣ ଅନୁଷ୍ଠିତ ହୋଇଥିଲା। ବିଡିଂ ପ୍ରକ୍ରିୟାରେ ୨୦୧୪ ମସିହା ନଭେମ୍ବର ୧୮ତାରିଖରେ ଆଇଏଏଏଫର ବାର୍ଷିକ ବୈଠକ ମୋନାକୋ ସହରଠାରେ ଅନୁଷ୍ଠିତ ହୋଇଥିଲା। ଆୟୋଜକ ତାଲିକାରେ ବାର୍ସିଲୋନା (ସ୍ପେନ), ଦୋହା (କାତାର), ୟୁଜେନ୍ (ୟୁଏସ୍ଏ) ସହର ସାମିଲ ହୋଇଥିଲେ ମଧ୍ୟ କାତାର୍ ଏହି ସମ୍ମାନଜନକ ଟୁର୍ନାମେଣ୍ଟ ଆୟୋଜନ କରିବା ପାଇଁ ସୁଯୋଗ ପାଇଥିଲା। ଟୋକିଓ ଅଲିମ୍ପିକ୍ସ ପୂର୍ବରୁ ଏହି ମେଗା ଚାମ୍ପିୟନଶିପ୍ ବେଶ୍ ଗୁରୁତ୍ୱ ବହନ କରୁଛି। ଆଇଏଏଏଫ୍ ର ଟେକ୍‌ନିକାଲ କମିଟିର ଘୋଷଣା କ୍ରମେ ଏହି ପ୍ରତିଯୋଗିତା ପାଇଁ ଅଂଶଗ୍ରହଣ କରୁଥିବା ଆଥଲେଟମାନେ ସେମାନଙ୍କର ବିଶ୍ୱ ର୍‍ୟାଙ୍କିଙ୍ଗ୍ ମାନ୍ୟତା ଆଧାରରେ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ଏଥିସହିତ ଆଇଏଏଏଫ ଦ୍ୱାରା ଘୋଷିତ ଷ୍ଟାଣ୍ଡାର୍ଡ ଟାଇମିଂ ସହିତ ୨୦୦୯ରେ ଡାଇମଣ୍ଡ ଲିଗ୍‌ର ପ୍ରଦର୍ଶନ ଏବଂ ଫଳାଫଳ ଅନୁସାରେ ମଧ୍ୟ ବିଶ୍ୱସ୍ତରୀୟ ପ୍ରତିଯୋଗୀମାନେ 'ୱାଇଲ୍ଡ କାର୍ଡ ଏଣ୍ଟ୍ରି' ମାଧ୍ୟମରେ ମଧ୍ୟ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିପାରିବେ।

**୧୭ତମ ସଂସ୍କରଣ**

**ଦେଶ:** କାତାର
**ଭେନ୍ୟୁ:** ଦୋହା
**ଷ୍ଟାଡିୟମ:** ଖଲିଫା ଅନ୍ତର୍ଜାତୀୟ ଷ୍ଟାଡିୟମ
**ତାରିଖ:** ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୬
**ଆୟୋଜକ:** ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥଲେଟିକ୍ ଫେଡେରେଶ (ଆଇଏଏଫ୍)
ଅଂଶଗ୍ରହଣ କରିବେ: ଆଇଏଏଏଫ୍‌ର ୨୧୪ଟି ମେମ୍ବର ଫେଡେରେଶନର ସଭ୍ୟର ଆଥଲେଟ।

ଉଭୟ ପୁରୁଷ ଏବଂ ମହିଳା ବିଭାଗରେ ରନିଂ ରେସ୍ (୧୦୦ମି., ୨୦୦ମି., ୪୦୦ମି., ୧୫୦୦ମି, ୫୦୦୦ମି) ସହିତ ମାରାଥନ ହର୍ଡଲ୍ସ, ଡେକାଥେଲନ୍, ଷ୍ଟିପଲଚେଜ୍, ହାଇଜମ୍ପ, ପୋଲଭୋଲ୍ଟ, ଶଟ୍‌ପୁଟ୍, ଜାଭେଲିନ୍ ଥ୍ରୋ, ରିଲେ ରେସ ପରି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ୨୧୪ଟି ମେମ୍ବର୍ସ ଫେଡେରେଶନର ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିବେ। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଦେଶ ରୁଷିଆନ୍ ଆଥଲେଟିକ ଫେଡେରେଶନ୍‌କୁ ଆଇଏଏଏଫ୍ ବାସନ୍ଦ କରିଛି। କାରଣ ଏହାର ଅଧିକାଂଶ ଆଥଲେଟ୍ ଡୋପ୍ ଟେଷ୍ଟରେ ବିଫଳ ହୋଇଥିବାରୁ ରୁଷିଆ ଏହାର ଦୃଢ ପ୍ରତିବାଦ କରିବା ସହିତ ଏପରି ଏକ ସମ୍ମାନଜନକ ବିଶ୍ୱସ୍ତରୀୟ ପ୍ରତିଯୋଗିତାରୁ ନିଜକୁ ଦୂରେଇ ରଖିଛି। ବର୍ତ୍ତମାନ ଉଭୟ ପୁରୁଷ ଏବଂ ମହିଳା ଟ୍ରାକ ଆଣ୍ଡ ଫିଲ୍ଡ ରେକର୍ଡ ରହିଛି। ପୁରୁଷ ୧୦୦ମି. ପାଇଁ ୧୦.୧୦ ସେକେଣ୍ଡ ରହିଛି। ଏବଂ ୧୧.୨୪ ସେକେଣ୍ଡ ମହିଳା ୧୦୦ମି. ପାଇଁ ରହିଛି। ପୁରୁଷ ୨୦୦ ମିଟର ରେସ୍ ପାଇଁ ରେକର୍ଡ ୨୦.୪୦ ସେକେଣ୍ଡ ରହିଛି। ସେହିପରି ୨୩.୨୮ ସେକେଣ୍ଡ ମହିଳାଙ୍କ ପାଇଁ ରହିଛି। ପୁରୁଷ ୪୦୦ ମିଟରରେ ରେକର୍ଡ ୪୫.୩୦ସେକେଣ୍ଡ ରହିଛି । ସେହିପରି ମହିଳା ୪୦୦ମି. ରେସ ପାଇଁ ରେକର୍ଡ ୫୧.୮୦ ସେକେଣ୍ଡ ରହିଛି। ଏହି ପ୍ରତିଯୋଗିତାଗୁଡିକ ପାଇଁ ସମଗ୍ର ବିଶ୍ୱରୁ ୪୮ଜଣ ଲେଖାଏଁ ପ୍ରତିଯୋଗୀ ରହିଥିବା ବେଳେ ମହିଳା ୨୦୦ମିଟର ପାଇଁ ୫୬ ଜଣ ଭାଗ ନେଇ ପାରିବେ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ପ୍ରଥମ ସଂସ୍କରଣ ସ୍ୱିଡେନଠାରେ ଅନୁଷ୍ଠିତ ହୋଇଥିବା ବେଳେ ଗୋଟିଏ ଇଭେଣ୍ଟ ପାଇଁ ୨୦ଟି ସଭ୍ୟ ଦେଶରୁ ମାତ୍ର ୪୨ଜଣ ପ୍ରତିଯୋଗୀ ଭାଗନେଇଥିଲେ। ୨୦୧୭ ମସିହାରେ ଏହାର ୧୬ତମ ସଂସ୍କରଣ ଗ୍ରେଟ୍ ବ୍ରିଟେନ୍‌ର ଲଣ୍ଡନଠାରେ ୪ଅଗଷ୍ଟ ରୁ ୧୩ ଅଗଷ୍ଟ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦୫ଟି ଦେଶରୁ ୪୮ଟି ଇଭେଣ୍ଟ ପାଇଁ ୨୦୩୬ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଆମେରିକା ଏହି ସଂସ୍କରଣର ପଦକ ତାଲିକାରେ ଶୀର୍ଷରେ ରହିଥିଲା। ଆମେରିକା ମୋଟ୍ ୩୦ଟି ପଦକ (୧୦ଟି ସ୍ୱର୍ଣ୍ଣ, ୧୧ଟି ରୌପ୍ୟ, ୯ଟି ବ୍ରୋଞ୍ଜ୍) ହାସଲ କରିଥିଲା। ସେହିପରି କେନିଆ ମୋଟ୍ ୧୧ଟି ପଦକ ସହ ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଥିଲା। କେନିଆ ୫ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ, ୪ଟି ବ୍ରୋଞ୍ଜ୍ ପଦକ ଜିତିଥିଲା। ସେହିପରି ଦକ୍ଷିଣ ଆଫ୍ରିକା ୧୦ ପଦକ ସହ ତୃତୀୟ ସ୍ଥାନରେ ରହିଥିଲା। ଦକ୍ଷିଣ ଆଫ୍ରିକା ୭ଟି ସ୍ୱର୍ଣ୍ଣ, ୧ଟି ରୌପ୍ୟ, ୨ଟି ବ୍ରୋଞ୍ଜ ପଦକ ହାସଲ କରିଥିଲା। ଭାରତ କୌଣସି ପଦକ ଜିତିବାକୁ ସକ୍ଷମ ହୋଇ ନ ଥିବା ବେଳେ ୪୨ଟି ଦେଶ ୧୪୫ଟି ପଦକ ହାସଲ କରିବାକୁ ସକ୍ଷମ ହୋଇଥିଲେ। ଆୟୋଜକ ଦେଶ ଗ୍ରେଟ ବ୍ରିଟେନ ୬ଷ୍ଠ ସ୍ଥାନରେ ରହିଥିଲା।

ଆମେରିକାର ଜଷ୍ଟିନ ଗାଟଲିନ୍ ୧୦୦ମିଟର ରେସରେ ପୁରୁଷ ବିଭାଗରେ ୯.୯୨ ସେକେଣ୍ଡରେ ଗୋଲଡ ମେଡାଲ ହାସଲ କରିଥିବା ବେଳେ ୨୦୦ମିଟରରେ ତୁର୍କୀର ରାମିଲ ଗଲିଏଭ୍ ୨୦.୦୯ ସେକେଣ୍ଡରେ ସ୍ୱର୍ଣ୍ଣ ଏବଂ ୪୦୦ମିଟର ରେସ୍‌ରେ ସାଉଥ ଆଫ୍ରିକାର ୱାଡେଭାନ୍ ନିଏକେର୍କ ୪୩.୯୮ ସେକେଣ୍ଡରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ମହିଳା ବିଭାଗର ୧୦୦ମିଟର ରେସ୍‌ରେ ଆମେରିକାର ଟୋରିବୋୱି ୧୦.୮୫ ସେକେଣ୍ଡରେ ସ୍ୱର୍ଣ୍ଣ ପଦକ ପାଇଥିଲେ।

ଏପର୍ଯ୍ୟନ୍ତ ଅନୁଷ୍ଠିତ ୧୬ଟି ସଂସ୍କରଣରେ ଆମେରିକା ପଦକ ତାଲିକାରେ ୧୫୬ଟି ସ୍ୱର୍ଣ୍ଣ, ୧୦୫ଟି ରୌପ୍ୟ ଏବଂ ୯୧ଟି ବ୍ରୋଞ୍ଜ୍ ସହ ମୋଟ ୩୫୨ଟି ପଦକ ସହ ଶୀର୍ଷରେ ରହିଛି। କେନିଆ ୫୫ଟି ସ୍ୱର୍ଣ୍ଣ, ୪୮ଟି ରୌପ୍ୟ ଏବଂ ୩୭ଟି ବ୍ରୋଞ୍ଜ୍ ସହ ମୋଟ ୧୪୦ଟି ପଦକ ପାଇ ଦ୍ୱିତୀୟ ଏବଂ ରୁଷିଆ ୪୩ଟି ସ୍ୱର୍ଣ୍ଣ, ୫୨ଟି ରୌପ୍ୟ ଏବଂ ୪୮ଟି ବ୍ରୋଞ୍ଜ୍ ସହ ମୋଟ ୧୪୩ଟି ପଦକ ସହ ୩ୟ ସ୍ଥାନରେ ରହିଛି।

ଏସିଆ ମହାଦେଶରୁ ସବୁଠାରୁ ସଫଳ ଦେଶ ରୂପେ ଚାଇନା ୧୬ଟି ସ୍ୱର୍ଣ୍ଣ, ୨୨ଟି ରୌପ୍ୟ ଏବଂ ୧୮ଟି ବ୍ରୋଞ୍ଜ୍ ସହ ମୋଟ ୫୬ଟି ପଦକ ପାଇ ଶୀର୍ଷରେ ରହିଛି। ଭାରତର ପ୍ରଦର୍ଶନ ଏହି ମେଗା ଇଭେଣ୍ଟରେ ନିହାତି ମାମୁଲି ରହିଛି। ସମସ୍ତ ସଂସ୍କରଣରୁ ଗୋଟିଏ ରୌପ୍ୟ ଏବଂ ୧ଟି ବ୍ରୋଞ୍ଜ୍ ପାଇଛି। ଏହା ବିଶ୍ୱସ୍ତରୀୟ ଆଥ୍‌ଲେଟ ସୃଷ୍ଟି କରିବାରେ ଆମ ଦେଶର ଦୁର୍ବଳତାକୁ ପଦାରେ ପକାଇଛି। ଆଇଏଏଏଫ୍‌ର ୧୦୧ଟି ଦେଶ ଏପର୍ଯ୍ୟନ୍ତ ପଦକ ପାଇଥିବା ବେଳେ ମୋଟ ୨୧୯୮ଟି ପଦକ ବିଭିନ୍ନ ଇଭେଣ୍ଟରେ ଆଥଲେଟମାନେ ପାଇଛନ୍ତି। ଆଇଏଏଏଫ ଇତିହାସରେ ଜାମାଇକା ତାରକା ସ୍ପ୍ରିଣ୍ଟର ଉସେନ୍ ବୋଲ୍ଟ ସର୍ବାଧିକ ୧୪ଟି ମେଡାଲ ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ହାସଲ କରି ରେକର୍ଡ ସ୍ଥାପନ କରିଛନ୍ତି। ସେହିପରି କାର୍ଲ ଲୁଇସ୍ ମାଇକେଲ ଜନସନ୍ ଅନେକ ରେକର୍ଡ ସ୍ଥାପନ କରିଥିବା ବେଳେ ଆଲିସନ୍ ଫେଲିକ୍ସ ମହିଳା ବିଭାଗରେ ରେକର୍ଡ ୧୬ଟି ପଦକ ସହ ଆଗରେ ରହିଛନ୍ତି।



ଏଥର ୧୭ତମ ସଂସ୍କରଣ ପାଇଁ ଆଥଲେଟିକ୍ସ ଫେଡେରେଶନ୍ ଅଫ ଇଣ୍ଡିଆ ଭାରତୀୟ ଦଳ ଘୋଷଣା କରିଛି। ୧୪ଟି ଇଭେଣ୍ଟ ପାଇଁ ୨୫ଜଣ ଆଥଲେଟଙ୍କ ନାମ ଘୋଷଣା କରାଯାଇଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ ଭାରତୀୟ ସ୍ପ୍ରିଣ୍ଟର ଦୂତୀ ଚାନ୍ଦଙ୍କ ନାମ ଏହି ତାଲିକାରେ ନାହିଁ। କାରଣ ମହିଳା ବିଭାଗରେ ୧୦୦ମିଟର ପାଇଁ ମୋଟ ୪୮ ଜଣ ପ୍ରତିଯୋଗୀ ଭାଗନେବେ। ମାତ୍ର ୧୦୦ମିଟର ରେସ୍ ପାଇଁ ଟାଇମିଂ ରହିଛି ୧୧.୨୪ ସେକେଣ୍ଡ। ଦୂତୀଙ୍କ ବ୍ୟକ୍ତିଗତ ରେକର୍ଡକୁ ଆଧାର କରି ଆଇଏଏଏଫ ୱାଇଲ୍ଡ କାର୍ଡ ଏଣ୍ଟ୍ରି ମାଧ୍ୟମରେ ଦୂତୀ ଚାନ୍ଦଙ୍କୁ ସୁଯୋଗ ଦେଇପାରେ। ଏଥର ଭାରତ ପଦକ ତାଲିକାରେ ସଫଳତା ପାଇବ ବୋଲି ଆଶା କରାଯାଇପାରେ।

# ରୋମାଞ୍ଚକ ଆଶେସ୍

ବିଶ୍ୱର ସବୁଠାରୁ ହାଇପ୍ରୋଫାଇଲ ଟେଷ୍ଟ ସିରିଜର ମାନ୍ୟତା ପାଇଥିବା ଆଶେସ ଏଥର ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ବିଶ୍ୱ କ୍ରିକେଟର ଦୁଇ ସର୍ବ ପୁରାତନ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ଆଶେସ୍‌ରେ ପରସ୍ପରକୁ କଡ଼ା ଟକ୍କର ଦେଇଥିଲେ। ୫ଟି ଟେଷ୍ଟ, ୧୬୪୮ ଓଭର ଓ ୨୨ ଦିନ କ୍ରିକେଟ ଖେଳାଯିବା ପରେ ମଧ୍ୟ କୌଣସି ଦଳ ବିଜେତା ହୋଇ ପାରି ନ ଥିଲେ। ୨୦୦୧ ପରେ ଇଂଲଣ୍ଡ ମାଟିରେ ଅଷ୍ଟ୍ରେଲିଆ ଆଶେସ ଜିତିବାର ସୁଯୋଗ ହାସଲ କରିଥିଲା। ତେବେ ଅନ୍ତିମ ଟେଷ୍ଟରେ ବିଜୟୀ ହୋଇ ଇଂଲଣ୍ଡ ଅଷ୍ଟ୍ରେଲିଆ ଆଶାକୁ ଧୂଳିସାତ୍ କରିଥିଲା। ଦୀର୍ଘ ୪୭ ବର୍ଷ ପରେ ଆଶେସ ଇତିହାସରେ ଆଉ ଏକ ସିରିଜ ଡ୍ର ହୋଇଛି।

ଆଶେସ ଇତିହାସରେ ଏପର୍ଯ୍ୟନ୍ତ ୬ଟି ସିରିଜ ଅମୀମାଂସିତ ଭାବେ ଶେଷ ହୋଇଛି। ଏହି ସିରିଜ ୧୯୩୮ରେ ଇଂଲଣ୍ଡରେ ୧–୧ରେ ଅମୀମାଂସିତ ରହିଥିଲା। ଏହାପରେ ୧୯୬୨/୬୩ରେ ଅଷ୍ଟ୍ରେଲିଆରେ ଖେଳାଯାଇଥିବା ସିରିଜ ୧–୧ରେ ଡ୍ର ରହିଥିଲା। ପୁଣି ୧୯୬୫/୬୬ରେ ଏହି ସିରିଜ ଅଷ୍ଟ୍ରେଲିଆରେ ଖେଳାଯାଇଥିଲା ଓ ଏହା ୧– ୧ରେ ଡ୍ର ରହିଥିଲା। ଏହାପରେ ୧୯୬୮ରେ ଇଂଲଣ୍ଡରେ ଖେଳାଯାଇଥିବା ଆଶେସ ୧–୧ରେ ଅମୀମାଂସିତ ରହିଥିଲା। ସେହିପରି ୧୯୭୨ରେ ଅନୁଷ୍ଠିତ ଆଶେସ ୨–୨ରେ ଡ୍ର ରହିଥିଲା। ଏଥର ୨୦୧୯ ଆଶେସ ମଧ୍ୟ ୨–୨ରେ ଅମୀମାଂସିତ ରହିଛି। ମୋଟ ଉପରେ ୬ଟି ଆଶେସ ଡ୍ର ରହିଛି।

ଏଥର ଆଶେସ୍‌ରେ ଅଭିଜ୍ଞ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ ଷ୍ଟିଭ୍ ସ୍ମିଥ୍‌ଙ୍କ ପ୍ରଭୁତ୍ୱ ଦେଖିବାକୁ ମିଳିଥିଲା। ସାରା ସିରିଜରେ ସେ ଅବିଶ୍ୱସନୀୟ ପ୍ରଦର୍ଶନ କରିଥିଲେ। ବଲ୍ ଟ୍ୟାମ୍ପରିଂ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଗୋଟିଏ ବର୍ଷ ବାସନ୍ଦ ହୋଇ ପ୍ରତ୍ୟାବର୍ତ୍ତନ କରିଥିଲେ ମଧ୍ୟ ଉଚ୍ଚକୋଟୀର ବ୍ୟାଟିଂ ପ୍ରଦର୍ଶନ କରିଥିଲେ। ଏଥର ସେ ୪ଟି ମ୍ୟାଚ୍ ଖେଳି ୭ଟି ଇନିଂସରେ ୧୧୦. ୫୭ ରନ ହାରରେ ୭୭୪ ରନ ସଂଗ୍ରହ କରିଥିଲେ। ଏଥିରେ ତାଙ୍କର ୩ଟି ଲେଖାଏ ଶତକ ଓ ଅର୍ଦ୍ଧଶତକ ସାମିଲ ଥିଲା। ୨୧୧ ତାଙ୍କର ଉଚ୍ଚତମ ସ୍କୋର ଥିଲା। ରନ ସଂଗ୍ରହ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ସ୍ମିଥ୍ ପଞ୍ଚମ ସ୍ଥାନରେ ରହିବେ। କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ଡନ୍ ବ୍ରାଡମ୍ୟାନ ୫ଟି ମ୍ୟାଚ୍ ଖେଳି ୭ଟି ଇନିଂସରୁ ୧୩୯. ୧୪ ରନ ହାରରେ ସର୍ବାଧିକ ୯୭୪ ରନ ସଂଗ୍ରହ କରି ଶୀର୍ଷରେ ରହିଛନ୍ତି। ସେହିପରି ଆଲିଷ୍ଟର କୁକ୍ ଏହାପୂର୍ବରୁ ୫ଟି ମ୍ୟାଚ୍‌ରୁ ୭ଟି ଇନିଂସ ଖେଳି ୭୬୬ ରନ ସଂଗ୍ରହ କରି ଷଷ୍ଠ ସ୍ଥାନରେ ରହିଛନ୍ତି। ସେହିପରି ଇଂଲଣ୍ଡର ୱାଲି ହାମଣ୍ଡ ୫ଟି ମ୍ୟାଚ୍ ଖେଳି ୯ଟି ଇନିଂସରୁ ୧୧୩.୧୨ ରନ ହାରରେ ୯୦୫ ରନ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅଷ୍ଟ୍ରେଲିଆର ମାର୍କ ଟେଲର ୬ଟି ମ୍ୟାଚ୍ ଖେଳି ୧୧ଟି ଇନିଂସରୁ ୮୩.୯୦ ରନ ହାରରେ ୮୩୯ ରନ କରି ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ଡନ୍ ବ୍ରାଡମ୍ୟାନ ଅନ୍ୟଏକ ଆଶେସ୍‌ରେ ୫ଟି ମ୍ୟାଚ୍ ଖେଳି ୯ଟି ଇନିଂସରୁ ୯୦ ୮୧୦ ରନ କରି ଚତୁର୍ଥ ସ୍ଥାନରେ ରହିଛନ୍ତି।

**ଦୀର୍ଘ ୪୭ ବର୍ଷ ପରେ ହାଇପ୍ରୋଫାଇଲ ଆଶେସ ସିରିଜ ଅମୀମାଂସିତ ଭାବେ ଶେଷ ହୋଇଛି। ଏଥର ଆଶେସ ଅସାଧାରଣ ପ୍ରଦର୍ଶନ ପାଇଁ ନୁହଁ ବରଂ ରୋମାଞ୍ଚ ପାଇଁ ପ୍ରଶଂସକଙ୍କ ମନରେ ରହିବ। ତେବେ ଅଭିଜ୍ଞ ବ୍ୟାଟ୍ସମ୍ୟାନ ଷ୍ଟିଭ୍ ସ୍ମିଥ୍ ଓ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସଙ୍କ ପ୍ରଦର୍ଶନ ଐତିହାସିକ ଥିଲା। ଟେଷ୍ଟ ପଦାର୍ପଣ କରିଥିବା ଦିନିକିଆ ବିଶ୍ୱକପ୍ ହିରୋ ତଥା ଇଂଲଣ୍ଡ ଯୁବ ଦ୍ରୁତ ବୋଲର ଜୋଫ୍ରା ଆର୍ଚର ମଧ୍ୟ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କଡ଼ା ସଂଘର୍ଷପୂର୍ଣ୍ଣ ଏହି ସିରିଜ ୨–୨ରେ ଅମୀମାଂସିତ ରହିଥିଲା...**

**ଆଶେସ- ୨୦୧୯**

ଫଳାଫଳ: ୨–୨ରେ ଡ୍ର
ଇଂଲଣ୍ଡ ଅଧିନାୟକ: ଜୋ ରୁଟ୍
ଅଷ୍ଟ୍ରେଲିଆ ଅଧିନାୟକ: ଟିମ୍ ପେନ୍
ସର୍ବାଧିକ ସ୍କୋରର: ଷ୍ଟିଭ୍ ସ୍ମିଥ୍ (୭୭୪)
ଇଂଲଣ୍ଡର ସର୍ବାଧିକ ସ୍କୋରର: ବେନ୍ ଷ୍ଟୋକ୍ସ (୪୪୧)
ସର୍ବାଧିକ ଉଇକେଟ: ପ୍ୟାଟ୍ କୁମିନ୍ସ (୨୯)
ସର୍ବାଧିକ ଉଇକେଟ (ଇଂଲଣ୍ଡ): ଷ୍ଟୁଆର୍ଟ ବ୍ରଡ (୨୩)

ସଦ୍ୟ ସମାପ୍ତ ଆଶେସରେ ଅଷ୍ଟ୍ରେଲୀୟ ବୋଲରଙ୍କ ପ୍ରଦର୍ଶନ ଇଂଲଣ୍ଡ ବୋଲରଙ୍କଠାରୁ ଅପେକ୍ଷାକୃତ ଭଲ ହୋଇଥିଲା। ଦୁଇ ଦ୍ରୁତ ବୋଲର ପ୍ୟାଟ କୁମିନ୍ସ ଓ ଜୋଶ ହାଜେଲଉଡ ୯୪ଟି ଉଇକେଟରୁ ୪୯ଟି ଅକ୍ତିଆର କରିଥିଲେ। ୨୦.୫୩ ରନ ହାରରେ ପ୍ରତ୍ୟେକ ୪୫.୬ଟି ବଲ୍‌ରେ ଏହି ଦୁଇ ବୋଲର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ତେବେ ଇଂଲଣ୍ଡ ପେସ୍ ଯୋଡି ଷ୍ଟୁଆର୍ଟ ବ୍ରଡ ଓ ଜୋଫ୍ରା ଆର୍ଚର ମଧ୍ୟ ବେଶି ପଛରେ ପଡି ନ ଥିଲେ। ଏହି ଯୋଡି ୨୩.୫୩ ରନ ହାରରେ ୪୪.୨ ଷ୍ଟ୍ରାଇକ ରେଟ୍‌ରେ ୪୫ଟି ଉଇକେଟ ଅକ୍ତିଆର କରିଥିଲେ। ତେବେ ସିରିଜର ଓପନରମାନଙ୍କୁ ବେଶ୍ ସଂଘର୍ଷ କରିଥିବାର ଦେଖାଯାଇଥିଲା। ରୋରି ବର୍ନ୍ସ ୫ଟି ମ୍ୟାଚ୍ ଖେଳି ୧୦ଟି ଇନିଂସରୁ ୩୯.୦୦ ରନ ହାରରେ ୩୯୦ ରନ କରି ସଫଳତମ ଓପନର ସାବ୍ୟସ୍ତ ହୋଇଛନ୍ତି। ସେ ଗୋଟିଏ ଶତକ ଓ ୨ଟି ଅର୍ଦ୍ଧଶତକ ହାସଲ କରିଥିଲେ ଓ ତାଙ୍କର ସର୍ବାଧିକ ସ୍କୋର ୧୩୩ ଥିଲା। ସେହିପରି ଜୋ ଡେନ୍‌ଲି ୨ଟି ମ୍ୟାଚ୍ ଖେଳି ୪ଟି ଇନିଂସରୁ ୪୧.୨୫ ରନ ହାରରେ ୧୬୫ ରନ କରିଥିଲେ। ବିସ୍ଫୋରକ ଓପନର ଡେଭିଡ ୱାର୍ନର ସାଂଘାତିକ ଭାବେ ବିଫଳ ହୋଇଛନ୍ତି। ୫ଟି ମ୍ୟାଚ୍ ଖେଳି ୧୦ଟି ଇନିଂସରୁ ୯.୫୦ ରନର ହାରରେ ୯୫ ରନ ସଂଗ୍ରହ କରିଥିଲେ। ସେହିପରି ମାର୍କସ ହାରିସ, ଜାସନ ରଏ ଓ କାମେରନ ବ୍ୟାଙ୍କ୍ରଫ୍ଟ ମଧ୍ୟ ବିଫଳ ହୋଇଥିଲେ।

ଦିନିକିଆ ବିଶ୍ୱକପ୍ ଚାମ୍ପିୟନ ଇଂଲଣ୍ଡ ଏଥର ଆଶେସ ପ୍ରଥମ ଟେଷ୍ଟରେ ୨୫୧ ରନରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ସ୍ମିଥ୍ ପ୍ରଥମ ଇନିଂସରେ ୧୪୪ ଓ ଦ୍ୱିତୀୟ ଇନିଂସରେ ୧୪୨ ରନର ଶତକୀୟ ପାଳି ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ଟେଷ୍ଟ କିନ୍ତୁ ଅମୀମାଂସିତ ଭାବେ ଶେଷ ହୋଇଥିଲା। ଇଂଲଣ୍ଡ ଯୁବ ଦ୍ରୁତ ବୋଲର ଜୋଫ୍ରା ଆର୍ଚର ଏଥିରେ ଡେବ୍ୟୁ କରିଥିଲେ। ୧୧୫ ରନର ଉପଯୋଗୀ ଶତକୀୟ ଇନିଂସ ଖେଳି ଇଂଲଣ୍ଡ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ଦଳକୁ ପରାଜୟରୁ ରକ୍ଷା କରିବା ସହ ମ୍ୟାଚ୍ ଡ୍ର' ରଖିବାରେ ମୁଖ୍ୟ ଭୂମିକା ଗ୍ରହଣ କରି ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏହାପରେ ସଂଘର୍ଷପୂର୍ଣ୍ଣ ତୃତୀୟ ଟେଷ୍ଟ ମ୍ୟାଚ୍‌ରେ ଇଂଲଣ୍ଡ ବେନ୍ ଷ୍ଟୋକ୍ସଙ୍କ ୧୩୫ ରନର ଐତିହାସିକ ଅପରାଜିତ ଶତକ ବଳରେ ୧ ଉଇକେଟରେ ବିଜୟୀ ହୋଇଥିଲା। ଷ୍ଟୋକ୍ସ ମଧ୍ୟ ଏହି ମ୍ୟାଚ୍‌ରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ତେବେ ଚତୁର୍ଥ ଟେଷ୍ଟରେ ଅଷ୍ଟ୍ରେଲିଆ ୧୮୫ ରନରେ ବିଜୟୀ ହୋଇ ୨–୧ରେ ଅଗ୍ରଣୀ ହାସଲ କରିଥିଲା। ପ୍ରଥମ ଇନିଂସରେ ୨୧୧ରନର ଦ୍ୱିଶତକ ଓ ଦ୍ୱିତୀୟ ଇନିଂସରେ ୮୨ ରନ କରି ସ୍ମିଥ୍ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲା। ପଞ୍ଚମ ତଥା ଅନ୍ତିମ ଆଶେସ ଟେଷ୍ଟରେ ଇଂଲଣ୍ଡ ୧୩୫ ରନରେ ବିଜୟୀ ହୋଇ ସିରିଜ୍ ଡ୍ର ରଖିଥିଲା। ପ୍ରଥମ ଇନିଂସରେ ୬ ଉଇକେଟ ନେଇଥିବା ଆର୍ଚର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଷ୍ଟୋକ୍ସ ଓ ସ୍ମିଥ୍ ମିଳିତ ଭାବେ ପ୍ଲେୟାର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।



ଅଷ୍ଟ୍ରେଲିଆ ଦଳ


**ସମୟ**

ତ୍ରିରାଷ୍ଟ୍ରୀୟ ଟି୨୦ ସିରିଜରେ
ଗୋଟିଏ ମ୍ୟାଚ୍‌ରେ ଷଣ୍ଢ
ଇଂଲଣ୍ଡରେ ନେଦରଲାଣ୍ଡକୁ ହରାଇ
ହିଷ୍ଟ୍ରି କଲା ସ୍କଟଲାଣ୍ଡ
ମୁନିସ– କାଇଲ ମୁଣ୍ଡ
ଦୁଇ ଶ' ରନର ପାର୍ଟନରଶିପ୍
ଥାର୍ଡ ବିଗ୍ ରେକର୍ଡ ଧଣ୍ଡ।।।୧

ବିଶ୍ୱ ଫୁଟବଲି ଚାମ୍ପିୟନଶିପ୍ ଚାଲେ
ବ୍ୟାଙ୍କକ୍‌ଠି ଦେଖ୍ ଚାଇ
ରେଫରି ଦାୟିତ୍ୱ ତୁଲାଏ ସୁଜିତ୍
ଆମରି ଓଡ଼ିଆ ଭାଇ
କୃତୀ ଖେଳାଳିଙ୍କ ପାଇଁ
ଆଜି ମୋ ରାଇଜ ନାଁ ବାସ ଚହଟେ
ଦେଶ ବିଦେଶରେ ଯାଇ।।।୨

ଓସିଏର କର୍ମକର୍ତ୍ତା ନିର୍ବାଚନ
ପାଇଁ ବଢୁଅଛି ତାତି
ଆଶୀର୍ବାଦ ପୁଅ ସଞ୍ଜୟ ଲଢୁଛି
ସିଏ ସମ୍ପାଦକ ପ୍ରାର୍ଥୀ
କିଏ ହେବ ସଭାପତି
ପଙ୍କଜ ହେବ କି ହେବ ପୁଣି ନବ
ସମୟ କହିବ ସାଥୀ।।।୩

–ସୁବାସ ଚନ୍ଦ୍ର ପ୍ରଧାନ



"ଦେଶର ଗାଡ଼ି ସ୍କ୍ରାପିଙ୍ଗ୍ ନୀତି ସମ୍ପର୍କରେ କ୍ୟାବିନେଟ ନିଷ୍ପତ୍ତି ନେବ। ସଡ଼କ ପରିବହନ ଏବଂ ଅର୍ଥ ମନ୍ତ୍ରଣାଳୟ ଏହି ନୀତିର ଚିଠାକୁ ଇତିମଧ୍ୟରେ ଅନୁମୋଦନ କରିସାରିଛି।
–ନୀତିନ ଗଡ଼କରୀ, କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ



"ଡାଲମିଆ ସିମେଣ୍ଟ ଏହାର ଚେନ୍ନାଇ ପ୍ଲାଣ୍ଟକୁ କାର୍ବନ ମୁକ୍ତ କରିବା ଲାଗି ବ୍ରିଟେନ କମ୍ପାନୀ କାର୍ବନ ସଲ୍ୟୁସନ୍ସ ସହ ଚୁକ୍ତି ସ୍ୱାକ୍ଷର କରିଛି। –ମହେନ୍ଦ୍ର ସିଂଘି, ଡାଲମିଆ ସିମେଣ୍ଟ(ଭାରତ) ଏମ୍‌ଡି–ସିଇଓ

## ସଂକ୍ଷେପରେ

■ ଆଜି ଜିଏସ୍‌ଟି କାଉନସିଲ୍ ବୈଠକ

### ଟିକସ ହ୍ରାସ ନେଇ ହୋଇପାରେ ନିଷ୍ପତ୍ତି

ନୂଆଦିଲ୍ଲୀ,୧୯-୯:ଜିଏସ୍‌ଟି କାଉନସିଲ୍‌ର ୩୭ତମ ଗୁରୁତ୍ୱପୂର୍ଣ୍ଣ ବୈଠକ ଶୁକ୍ରବାର ଗୋଆରେ ବସିବାକୁ ଯାଉଛି। ଅର୍ଥନୀତିକୁ ଗତିଶୀଳ କରିବା ନେଇ ଟିକସ ବୋଝ ହ୍ରାସ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯିବାର ସମ୍ଭାବନା ରହିଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ଜିଏସ୍‌ଟି ରିଟର୍ନ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇପାରେ। ଦେଶର ଆର୍ଥିକ ବିକାଶ ହାର ପ୍ରଥମ ତ୍ରୈମାସରେ ୫%ରେ ପହଞ୍ଚିଥିବା ବେଳେ କାଉନସିଲ୍ ବୈଠକର ନିଷ୍ପତ୍ତି ବିଶେଷ ଗୁରୁତ୍ୱବହନ କରୁଛି। ତେବେ ମାନ୍ଦାବସ୍ଥାକୁ ଦୃଷ୍ଟିରେ ରଖି ବିସ୍କୁଟ, ହୋଟେଲ, ଦୈନନ୍ଦିନ ବ୍ୟବହାରରେ ଆସୁଥିବା ସାମଗ୍ରୀ ନିର୍ମାତା ସମେତ ବହୁ ଉଦ୍ୟୋଗ ଜିଏସ୍‌ଟି ହ୍ରାସ ପାଇଁ ଦାବି ଜଣାଇଛନ୍ତି। ଜିଏସ୍‌ଟି ହ୍ରାସ ହେଲେ ଚାହିଦା, ବ୍ୟବହାର ବଢ଼ିବ ଏବଂ ଅର୍ଥନୀତି ଗତିଶୀଳ ହେବ ବୋଲି ଯୁକ୍ତି ଦର୍ଶାଯାଉଛି। ତେବେ ଜିଏସ୍‌ଟି ହ୍ରାସକୁ ବହୁ ରାଜ୍ୟ ବିରୋଧ କରୁଛନ୍ତି। ସେମାନଙ୍କ ମତରେ କେନ୍ଦ୍ରର କ୍ଷତିପୂରଣ ପ୍ରଦାନ ପରିମାଣ ଦିନକୁ ଦିନ ହ୍ରାସ ପାଉଛି। ଏଭଳି କ୍ଷେତ୍ରରେ ଜିଏସ୍‌ଟି ହ୍ରାସ କରାଗଲେ ରାଜ୍ୟମାନଙ୍କର ଆୟ ବହୁ ପରିମାଣରେ କମିଯିବ। ଇତିମଧ୍ୟରେ ଫିଟ୍‌ମେଣ୍ଟ କମିଟି ବିସ୍କୁଟ ଠାରୁ ଆରମ୍ଭ କରି ଅଟୋ,ହୋଟେଲ ସେକ୍ଟର ଆଦିରେ ଜିଏସ୍‌ଟି ହ୍ରାସ ନ କରିବାକୁ ସୁପାରିସ୍ କରିଛନ୍ତି। ଉକ୍ତ ବୈଠକରେ ଜିଏସ୍‌ଟି ଆଇନରେ ସଂଶୋଧନ ନେଇ ଆଲୋଚନା ହୋଇପାରେ। କାରଣ ୩୭୦ ଅନୁଚ୍ଛେଦ ଉଚ୍ଛେଦ ପରେ ଜମ୍ମୁ-କଶ୍ମୀର ଓ ଲଦାଖକୁ ଜିଏସ୍‌ଟି ପରିସରଭୁକ୍ତ କରିବାକୁ ହେବ।

### ନିବେଶକ ହରାଇଲେ ୧.୬୫ ଲକ୍ଷ କୋଟି

ମୁମ୍ବାଇ,୧୯-୯: ଆମେରିକା ଫେଡେରାଲ ରିଜର୍ଭ ପକ୍ଷରୁ ସୁଧ ହାର ହ୍ରାସ ସମ୍ପର୍କରେ ଘୋଷଣା ବିଦେଶ ସମେତ ଭାରତୀୟ ଷ୍ଟକ୍ ବଜାରରେ ଏହାର ପ୍ରତିକୂଳ ପ୍ରଭାବ ଦେଖିବାକୁ ମିଳିଥିଲା। ଗୁରୁବାର ୩୦ ଶେୟାର ବିଶିଷ୍ଟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନ୍‌ସେକ୍ସ ୪୭୦.୪୧ ପଏଣ୍ଟ ହ୍ରାସ ପାଇ ୩୬,୦୯୩.୪୭ରେ ଏବଂ ୫୦ ଶେୟାର ବିଶିଷ୍ଟ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି ୧୩୫.୮୫ ପଏଣ୍ଟ ହ୍ରାସ ପାଇ ୧୦,୭୦୪.୮୦ରେ ବନ୍ଦ ହୋଇଛି। ଫଳରେ ବଜାରରେ ତାଲିକାଭୁକ୍ତ କମ୍ପାନୀଙ୍କ ପୁଞ୍ଜି ୧,୬୫,୪୩୭.୯୧ କୋଟି ହ୍ରାସ ପାଇ ୧,୩୮,୫୪,୪୩୯.୪୧ କୋଟି ଟଙ୍କା ହୋଇଛି। ଜିଓଜିତ୍ ଫାଇନାନ୍ସିଆଲ ସର୍ଭିସେସ୍‌ର ପ୍ରମୁଖ ବିଶ୍ଳେଷକ ବିନୋଦ ନାୟର କହିଛନ୍ତି ଯେ, ବିଦେଶୀ ସଂସ୍ଥାଗତ ନିବେଶକଙ୍କ ପକ୍ଷରୁ ଅର୍ଥ ଉଠାଣ ଜାରି ରହିଛି। ସେହିପରି ଭବିଷ୍ୟତରେ ସୁଧ ହାର ହ୍ରାସ ନେଇ ଫେଡେରାଲ ପକ୍ଷରୁ ସ୍ପଷ୍ଟ ସଙ୍କେତ ଦିଆ ନ ଯିବାରୁ ନିବେଶକ ହତୋତ୍ସାହିତ ହୋଇଥିଲେ। ଅନୁରୂପ ଭାବେ ଦେଶରେ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ଆଶାଜନକ ନ ରହିବା ମଧ୍ୟ ନିବେଶକଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇଥିଲା।


### ନୀରବ ମୋଦିଙ୍କ ହାଜତ ମିଆଦ ବୃଦ୍ଧି

ଲଣ୍ଡନ,୧୯-୯: ପଳାତକ ହୀରା ବ୍ୟବସାୟୀ ନୀରବ ମୋଦିଙ୍କ ହାଜତ ମିଆଦକୁ ସ୍ଥାନୀୟ ଅଦାଲତ ଗୁରୁବାର ଅକ୍ଟୋବର ୧୭ ଯାଏ ବୃଦ୍ଧି କରିଛନ୍ତି। ଗୁରୁବାର ତାଙ୍କର ହାଜତ ମିଆଦ ପୂରି ଯାଉଥିଲା। ବ୍ରିଟେନର ୱାଣ୍ଡସୱର୍ଥ ଜେଲ୍‌ରେ ବନ୍ଦୀ ଥିବା ନୀରବଙ୍କୁ ପ୍ରତ୍ୟର୍ପଣ ପାଇଁ ଆସନ୍ତାବର୍ଷ ମେ'ରେ ଶୁଣାଣି ହେବ। ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କାର ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ମହାଦୁର୍ନୀତିର ମୁଖ୍ୟ ଅଭିଯୁକ୍ତ ନୀରବଙ୍କୁ ଗୁରୁବାର ଭିଡ଼ିଓ ଲିଙ୍କ୍ ଜରିଆରେ ବ୍ରିଟେନ ଅଦାଲତରେ ହାଜର କରାଯାଇଥିଲା। ୱେଷ୍ଟମିନ୍‌ଷ୍ଟର ମାଜିଷ୍ଟ୍ରେଟ୍ ଜଷ୍ଟିସ୍ ଟ୍ୟାନ୍ ଇକରମ୍ ମାମଲାର ଶୁଣାଣି କରିଥିଲେ। ଆସନ୍ତା ଶୁଣାଣି ବେଳେ ପ୍ରତ୍ୟର୍ପଣ ମାମଲାର ଶୁଣାଣି ତାରିଖ ଧାର୍ଯ୍ୟ କରାଯିବ ବୋଲି ବିଚାରପତି କହିଛନ୍ତି। ଆସନ୍ତାବର୍ଷ ମେ ୧୧ରୁ ପ୍ରତ୍ୟର୍ପଣ ମାମଲାର ଶୁଣାଣି ପାଇଁ ପ୍ରାରମ୍ଭିକ ଭାବେ ତାରିଖ ସ୍ଥିର କରାଯାଇଛି। ତେବେ ଭାରତ ସରକାର ଓ ନୀରବ ମୋଦି ଏହାକୁ ଅଦ୍ୟାବଧି ସ୍ୱୀକାର କରିନାହାନ୍ତି। ଆସନ୍ତା ୫ ଦିନ ମଧ୍ୟରେ ଏ ସମ୍ପର୍କରେ ଜଣାଇବାକୁ ବିଚାରପତି ସମ୍ପୃକ୍ତ ପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

■ ଭାରତର ଅର୍ଥନୀତି ମଜଭୁତ୍: ଶକ୍ତିକାନ୍ତ

# ଆଉ ଏକ ରେପୋ ରେଟ୍ ହ୍ରାସ ହୋଇପାରେ

ମୁମ୍ବାଇ,୧୯-୯: ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସ ଦେଶର ବାଣିଜ୍ୟ ହ୍ରାସକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। ତେବେ ସେ ଏହା ମଧ୍ୟ କହିଛନ୍ତି ଯେ, ବିଶ୍ୱ ସ୍ତରରେ ଏବେ ସୁଦ୍ଧା ମାନ୍ଦାବସ୍ଥା ସ୍ଥିତି ଉପୁଜି ନାହିଁ। ବିଶ୍ୱରେ ସୃଷ୍ଟି ହୋଇଥିବା ବିପଦ ସତ୍ତ୍ୱେ ଦେଶର ଅର୍ଥବ୍ୟବସ୍ଥା ମଜବୁତ୍ ସ୍ଥିତିରେ ରହିଛି, କାରଣ ମାତ୍ର ୧୯.୭%ବିଦେଶୀ ଋଣ ରହିଛି। ସେ କହିଛନ୍ତି ଯେ, ଆସନ୍ତା ୧୨ ମାସ ପର୍ଯ୍ୟନ୍ତ ଭାରତର ମୁଦ୍ରାସ୍ଫୀତି ହାର ୪% ତଳେ ରହିବ। ଆର୍ଥିକ ବୃଦ୍ଧି ହ୍ରାସ ପାଇବା ଏବଂ ମୁଦ୍ରାସ୍ଫୀତିରେ ସ୍ଥିରତାକୁ ଦୃଷ୍ଟିରେ ରଖିଲେ ଆଉ ଏକ ରେପୋ ରେଟ ହ୍ରାସ କରାଯାଇପାରେ ବୋଲି ଶକ୍ତିକାନ୍ତ କହିଛନ୍ତି।



ଶକ୍ତିକାନ୍ତ ଦାସ

■ ମାନ୍ଦାବସ୍ଥା ଦୂର ପାଇଁ ଅଧିକ ରାଜସ୍ୱ ନାହିଁ
■ ଆସନ୍ତା ୧୨ ମାସରେ ମୁଦ୍ରାସ୍ଫୀତି ୪% ତଳେ ରହିବ
■ ଅଶୋଧିତ ତୈଳ ଦରବୃଦ୍ଧିର ପ୍ରଭାବ ବିଶେଷ ପଡ଼ିବ ନାହିଁ

ବ୍ଲୁମ୍‌ବର୍ଗ ଇଣ୍ଡିଆ ଇକୋନୋମିକ ଫୋରମ୍ ବୈଠକରେ ଯୋଗ ଦେଇ ଆର୍‌ବିଆଇ ଗଭର୍ନର କହିଛନ୍ତି ଯେ, ବାଣିଜ୍ୟକୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି। ଶକ୍ତିକାନ୍ତ କହିଛନ୍ତି ଯେ, ବିଶ୍ୱ ବାଣିଜ୍ୟ ପରିବେଶ ଏବେ ଆହ୍ୱାନପୂର୍ଣ୍ଣ ରହିଛି। ବିଶ୍ୱ ସ୍ତରରେ ବିକାଶ ହାର ହ୍ରାସ ପାଉଛି ଏବଂ ବିଭିନ୍ନ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ନିଜର ମୁଦ୍ରାନୀତିକୁ ସରଳ କରୁଛନ୍ତି। କିନ୍ତୁ ଏହା ସତ ଯେ, ଏବେ ସୁଦ୍ଧା ବିଶ୍ୱରେ ମାନ୍ଦାବସ୍ଥା ଆସିନାହିଁ। ସେ କହିଛନ୍ତି ଯେ, ବିଶ୍ୱ ଆହ୍ୱାନର ଆଘାତରୁ ଦେଶର ଅର୍ଥବ୍ୟବସ୍ଥାକୁ ବଞ୍ଚାଇବା ଏବଂ ଢ଼ାଞ୍ଚାଗତ ସୁଧାର ଲାଗି ସରକାର ବଜେଟରେ ନିର୍ଦ୍ଧାରିତ କରିଥିବା ଅର୍ଥ ଖର୍ଚ୍ଚ କରନ୍ତୁ। ତେବେ ସେ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଆର୍ଥିକ ବୃଦ୍ଧିକୁ ଗତିଶୀଳ କରିବାକୁ ହେଲେ ଏବଂ ମାନ୍ଦାବସ୍ଥା ଚକ୍ରର ମୁକାବିଲା ପାଇଁ ଅଧିକ ରାଜସ୍ୱ ବ୍ୟୟର ସମ୍ଭାବନା କମ୍ ରହିଛି। ରାଷ୍ଟ୍ରାୟତ୍ତ କମ୍ପାନୀଙ୍କୁ ଦିଆଯାଇଥିବା ଋଣକୁ ଦେଖିଲେ ଅଧିକ ରାଜସ୍ୱ ବ୍ୟୟ ଲାଗି ସରକାରଙ୍କ ନିକଟରେ ଅର୍ଥ ନାହିଁ। ଅର୍ଥନୀତିକୁ ଗତିଶୀଳ କରିବା ପାଇଁ ସରକାରଙ୍କ ପକ୍ଷରୁ ଯେତିକି ଘୋଷଣା କରାଯାଇଛି, ତାହା କେବଳ ପ୍ରଶାସନିକ ସଂସ୍କାର କାର୍ଯ୍ୟକ୍ରମ କହିଲେ ଅତ୍ୟୁକ୍ତି ହେବ ନାହିଁ। ଟିକସ ଆଦାୟକୁ ଦେଖି ସରକାର ଅଧିକ ରାଜସ୍ୱ ବ୍ୟୟ କରିପାରିବେ। ଶକ୍ତିକାନ୍ତ କହିଛନ୍ତି ଯେ, ଫେଡେରାଲ ରିଜର୍ଭର ନୀତିଗତ ସୁଧ ହାର ହ୍ରାସ ଯୋଗୁ ଦେଶରେ ନଗଦ ପ୍ରବାହକୁ ଗତି ମିଳିବ। କିନ୍ତୁ ଏଭଳି ପୁଞ୍ଜି ପ୍ରବାହକୁ ନେଇ ଆମକୁ ସତର୍କ ରହିବାକୁ ହେବ। ସୌଦି ଆରବରେ ଡ୍ରୋନ ଆକ୍ରମଣ ପରେ ଦେଶରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ବୃଦ୍ଧି ପାଇବାର ସମ୍ଭାବନା ଯଥେଷ୍ଟ ରହିଛି ବୋଲି ସେ କହିଛନ୍ତି। ତେବେ ମୁଦ୍ରାସ୍ଫୀତି ଓ ବିତ୍ତୀୟ ନିଅଣ୍ଟ ଉପରେ ଏହାର ସୀମିତ ପ୍ରଭାବ ପଡିବ ବୋଲି ସେ ମନେ କରୁଥିବା ଗଭର୍ନର କହିଛନ୍ତି। ସେ କହିଛନ୍ତି ଯେ, ଆର୍ଥିକ କ୍ଷେତ୍ରରେ ବହୁ ଆହ୍ୱାନ ସତ୍ତ୍ୱେ ଡଲାର ତୁଳନାରେ ଟଙ୍କାର ଅସ୍ଥିରତା ସୀମିତ ରହିଛି। ପ୍ରଥମ ତ୍ରୈମାସରେ ଟଙ୍କାର ମୂଲ୍ୟ ସାମାନ୍ୟ ବଢ଼ିଥିବା ବେଳେ ଅଗଷ୍ଟରେ ଏହା ସାମାନ୍ୟ କମିଛି। ଦେଶର ବାଣିଜ୍ୟ ସମ୍ପର୍କରେ ଉଲ୍ଲେଖ କରି ଶକ୍ତିକାନ୍ତ କହିଛନ୍ତି ଯେ, କେତେକ ଉଚିତ୍ ପଦକ୍ଷେପ ନିଆଯିବା କାରଣରୁ ଦେଶର ଅର୍ଥନୀତି ସୁଦୃଢ଼ ରହିଛି। ଏଥିଯୋଗୁ ବିଶ୍ୱରେ ଦେଖାଦେଇଥିବା ମାନ୍ଦାବସ୍ଥାର ଝଟ୍‌କାରୁ ଭାରତ ଦୂରେଇ ରହିଛି। ଦେଶର ଆମଦାନୀ ଓ ରପ୍ତାନି ଅନୁପାତରେ ଉନ୍ନତି ଆସିଥିବା ବେଳେ ରପ୍ତାନିର ଆହୁରି କେତେକ କ୍ଷେତ୍ର ଉଦ୍‌ବେଗଜନକ ସ୍ଥିତିରେ ରହିଛି ବୋଲି ସେ କହିଛନ୍ତି।

## ସାନିଟାରି ପ୍ୟାଡ୍ ବ୍ୟବହାର କରୁଛନ୍ତି ରାଜ୍ୟର ୧୩% ମହିଳା

ଭୁବନେଶ୍ୱର,୧୯-୯(ବ୍ୟୁରୋ)

ସାନିଟାରି ପ୍ୟାଡ୍ ବ୍ୟବହାର କ୍ଷେତ୍ରରେ ପଛୁଆ ରାଜ୍ୟଗୁଡିକ ତୁଳନାରେ ଓଡ଼ିଶା କିଛିଟା ଆଗୁଆ ରହିଛି। ଏଠାରେ ମହିଳାଙ୍କ ମଧ୍ୟରେ ପ୍ୟାଡ୍ ବ୍ୟବହାର ପରିମାଣ ପ୍ରାୟ ୧୨ରୁ ୧୩%। ସେହିଭଳି ରାଜ୍ୟରେ ଆଦିବାସୀ ବହୁଳ ଅଞ୍ଚଳରେ ଏଭଳି ପ୍ରଡକ୍ଟ ବ୍ୟବହାର ନେଇ ସଚେତନତା ବିଶେଷ ଭାବେ ପହଞ୍ଚିପାରି ନାହିଁ। ଓଡ଼ିଶାରେ ଅଧିକରୁ ଅଧିକ ଆଉଟଲେଟରେ ଏହି ପ୍ରଡକ୍ଟଗୁଡ଼ିକୁ ପହଞ୍ଚାଇବା ନେଇ ପଦକ୍ଷେପ ନିଆଯାଉଛି। ସାନିଟାରି ପ୍ୟାଡ୍ ବ୍ୟବହାର ନେଇ ସଚେତନତା ବୃଦ୍ଧି ଲାଗି ବିଭିନ୍ନ କ୍ୟାମ୍ପେନ ହାତକୁ ନିଆଯାଇଛି ବୋଲି ନାଇନ ସାନିଟାରି ପ୍ୟାଡ କମ୍ପାନୀର ସିଇଓ ରିଚା ସିଂ କହିଛନ୍ତି। ଏଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଓଡ଼ିଶା ସମେତ ପଞ୍ଜାବ ଏଜୁକେଶନ ବୋର୍ଡ, ନ୍ୟାଶନାଲ ହେଲ୍‌ଥ କମିଶନ ସହ ମିଳତ ହୋଇ ଉତ୍ତର ପ୍ରଦେଶରେ ସାନିଟାରି ନାପକିନ ବ୍ୟବହାରକୁ ଉତ୍ସାହିତ କରାଯାଉଛି। ସେହିଭଳି ଆଗାମୀ ଦିନରେ ଏଠାରେ ସରକାର ଏବଂ ଆଶା କର୍ମଚାରୀଙ୍କ ସହ ମିଶି କାମ କରିବାକୁ ଯୋଜନା ରଖିଛୁ। ଏବେ ଓଡ଼ିଶାରେ ୬ରୁ ୭ ହଜାର ଷ୍ଟୋରରେ କମ୍ପାନୀର ପ୍ରଡକ୍ଟ ଉପଲବ୍ଧ ହେଉଛି। ବର୍ତ୍ତମାନ ପ୍ରଡକ୍ଟର ଗୁଣବତ୍ତାକୁ ନେଇ ସଚେତନତା ମଧ୍ୟ ସୃଷ୍ଟି କରାଯାଉଛି।

ସାନିଟାରି ପ୍ୟାଡ୍ ବ୍ୟବହାର ନେଇ ସଚେତନତା ସୃଷ୍ଟି କରୁଛି ନାଇନ୍




ରିଚା ସିଂ

ସେ କହିଛନ୍ତି ଯେ, ବର୍ତ୍ତମାନ ଦେଶର ୧୮% ମହିଳା ଏବଂ ଯୁବତୀଙ୍କ ନିକଟରେ ସାନିଟାରି ନାପକିନ ପହଞ୍ଚିଛି। ଏବେ ବି ସିଂହଭାଗ ମହିଳାଙ୍କ ନିକଟରେ ଏହି ପ୍ରଡକ୍ଟ ପହଞ୍ଚି ନାହିଁ। ଏମାନଙ୍କ ନିକଟରେ ପ୍ରଡକ୍ଟ ପହଞ୍ଚାଇବା ଯୋଜନା ରହିଛି। ସେହିଭଳି ଏନ୍‌ଜିଓ ଏବଂ ସରକାରଙ୍କ ସହାୟତାରେ ଶସ୍ତାରେ ପ୍ୟାଡ୍ ଯୋଗାଇବାକୁ ଯୋଜନା ରଖିଛୁ। କମ୍ପାନୀ ବର୍ତ୍ତମାନ ସାରା ଦେଶରେ ୨୦୦ କୋଟି ଟଙ୍କାର କାରବାର କରୁଛି। ଆଗାମୀ ୫ ବର୍ଷରେ ୧୦୦୦ କୋଟି ଟଙ୍କାର ବ୍ୟବସାୟ ଲକ୍ଷ୍ୟ ରହିଛି ବୋଲି ସେ କହିଛନ୍ତି।

## ପାନାସୋନିକ ପକ୍ଷରୁ ଡିଲରମିଟ୍

ଭୁବନେଶ୍ୱର,୧୯-୯

ପାନାସୋନିକ ପକ୍ଷରୁ ଏହାର ପଶ୍ଚିମ ଓଡ଼ିଶା ଡିଲରଙ୍କ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ ଜିଲା ପାଇଁ ପାନାସୋନିକର ବିତରକଭାବେ କାର୍ଯ୍ୟ କରୁଥିବା ମେସର୍ସ ଦୂରଦର୍ଶନର ବିଭିନ୍ନ ଡିଲର ଏଥିରେ ଯୋଗ ଦେଇଥିଲେ। ଏହି ଅବସରରେ କମ୍ପାନୀର ନୂଆ ରେଞ୍ଜର ଏଲ୍‌ଇଡି, ରେଫ୍ରିଜରେଟର, ୱାଶିଂ ମେଶିନ, ମାଇକ୍ରୋୱେଭ, ଭିଡ଼ିଓ ଡୋର ଫୋନ ଏବଂ ବ୍ୟାଟେରି କେୟାର ପ୍ରଡକ୍ଟର ପ୍ରଦର୍ଶନ କରାଯାଇଥିଲା। ଦୂରଦର୍ଶନର ପ୍ରୋପ୍ରାଇଟର ଏମ୍.ଡି.ସୈଫୁଦ୍ଦିନ, ଅନିଲ ଅଗ୍ରୱାଲ, କିଶନ ଅଗ୍ରୱାଲ, ଅମରେଶ ଗିରି, କମଲେଶ ଗିରି, ଅଜିତ ମୁଦୁଲି, ଏମ୍.ଡି. ସିଜାଉଦ୍ଦିନଙ୍କୁ ବିଭିନ୍ନ କ୍ଷେତ୍ରରେ ସଫଳତା ଲାଗି ସମ୍ମାନିତ କରାଯାଇଥିଲା। ପାନାସୋନିକ ପକ୍ଷରୁ ଓଡ଼ିଶା, ବିହାର, ଝାଡଖଣ୍ଡ ବାଣିଜ୍ୟ ମୁଖ୍ୟ ସନ୍ତୋଷ ସାମନ୍ତରାଏ, ଓଡ଼ିଶା ମୁଖ୍ୟ ଦୁର୍ଗେଶ ଶୁକ୍ଳା, ମାର୍କେଟିଂ ମ୍ୟାନେଜର ଏସ୍ .କେ. ରଫିକୁଆଲା, ଏରିଆ ମ୍ୟାନେଜର ଦେବାଶିଷ ନାୟକ, ଏରିଆ ମ୍ୟାନେଜର ସର୍ଭିସ ଶିବ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।




ଖାଲି ପଡିଛି ଆର୍‌ବିଆଇ ଡେପୁଟି ଗଭର୍ନର ପଦ

### ଅର୍ଥ ମନ୍ତ୍ରଣାଳୟକୁ ମିଳିଛି ୧୦୦ ଆବେଦନ

ନୂଆଦିଲ୍ଲୀ,୧୯-୯

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ଡେପୁଟି ଗଭର୍ନର ପଦ ଦୀର୍ଘ ଦିନ ହେଲା ଖାଲିପଡିଛି। ନିଜର କାର୍ଯ୍ୟକାଳ ସମ୍ପୂର୍ଣ୍ଣ ହେବା ପୂର୍ବରୁ ବିରାଲ ଆଚାର୍ଯ୍ୟଙ୍କ ଅଚାନକ ଇସ୍ତଫା ପରେ ଏହି ପଦଟି ଖାଲି ପଡିଛି। ଏହି ଖାଲି ପଦବୀ ପୂରଣ ପାଇଁ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଆବେଦନ ଆହ୍ୱାନ କରାଯିବା ପରେ ପ୍ରାୟ ୧୦୦ ଆବେଦନକାରୀ ଏଥିପାଇଁ ଆଗେଇ ଆସିଛନ୍ତି। ଏହି ଆବେଦନଗୁଡ଼ିକୁ ଉଚ୍ଚସ୍ତରୀୟ କମିଟିକୁ ପଠାଯିବ ଏବଂ ସେମାନେ ଉଚିତ୍ ପ୍ରାର୍ଥୀଙ୍କୁ ଚୟନ କରିବେ।

## ଅର୍ଥନୀତିକୁ ନେଇ ଟୁଇଟରରେ ଅର୍ଥମନ୍ତ୍ରୀ–ବାୟୋକନ ମୁଖ୍ୟ ମୁହାଁମୁହିଁ

ନୂଆଦିଲ୍ଲୀ,୧୯-୯

ଦେଶର ଆର୍ଥିକ ପରିସ୍ଥିତିକୁ ନେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଏବଂ ବାୟୋକନ ଲିମିଟେଡ ମୁଖ୍ୟ କିରଣ ମଜୁମଦାର ସ' ଗୁରୁବାର ଟୁଇଟରରେ ମୁହାଁମୁହିଁ ହୋଇଥିଲେ। ମିଡିଆ ଏହାକୁ ତର୍କ ବୋଲି ଉଲ୍ଲେଖ କରିଥିଲେ ସୁଦ୍ଧା କିରଣ ଏହାକୁ ଆଲୋଚନା ବୋଲି କହିଛନ୍ତି। ବାସ୍ତବରେ ଇ–ସିଗାରେଟକୁ ନିଷେଧ କରାଯିବା ନେଇ କିରଣଙ୍କ ଏକ ଟୁଇଟ୍‌ରୁ ଏହି ବିବାଦ ଆରମ୍ଭ ହୋଇଥିଲା। ଇ–ସିଗାରେଟ ବ୍ୟାନ୍ ସମ୍ପର୍କରେ ଅର୍ଥମନ୍ତ୍ରୀ ସୀତାରାମନ୍ ଘୋଷଣା କରିବାକୁ ନେଇ କିରଣ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ଇ–ସିଗାରେଟ ବ୍ୟାନ୍ କରିବା ଘୋଷଣା ସ୍ୱାସ୍ଥ୍ୟମନ୍ତ୍ରୀ କରିବା ଉଚିତ ନ ଥିଲା କି ବୋଲି ଗୁରୁବାର ସକାଳେ ତାଙ୍କର ଟୁଇଟ୍‌ରେ ପ୍ରଶ୍ନ କରିଥିଲେ। ଗୁଟ୍‌ଖାକୁ ବ୍ୟାନ୍ କରିବା ଭଲ ହେବ ନାହିଁକି ବୋଲି ସେ ଆଉ ଏକ ପ୍ରଶ୍ନ ଦୋହରାଇଥିଲେ। ଅର୍ଥନୀତିକୁ ପୁନର୍ବାର ଠିକ୍ ରାସ୍ତାକୁ ଆଣିବା ଲାଗି ଅର୍ଥ ମନ୍ତ୍ରଣାଳୟ ପଦକ୍ଷେପ ଘୋଷଣା କରିବା ଉଚିତ ହେବ ବୋଲି ସେ କହିଛନ୍ତି। ତେବେ ସାଧାରଣତଃ ଟୁଇଟରରେ ଏଭଳି ଯୁକ୍ତିତର୍କରୁ ନିଜକୁ ଦୂରେଇ ରଖୁଥିବା ସୀତାରାମନ୍ ବାୟୋକନ ମୁଖ୍ୟଙ୍କ ଟୁଇଟ୍‌ର ଜବାବ ଅତ୍ୟନ୍ତ ଶାଳୀନତାର ସହ ଦେଇଛନ୍ତି। ସେ ନିଜ ପ୍ରତିକ୍ରିୟାରେ କ୍ରମାଗତ ୩ ଟୁଇଟ୍ କରିଛନ୍ତି।

# ଗ୍ରାହକଙ୍କ ୪୧ ବର୍ଷର ବିଶ୍ୱାସ ସହ ବଢ଼ୁଛୁ

ଆସିଛି ପାର୍ବଣ ଋତୁ। ଏହି ସମୟରେ ବିଭିନ୍ନ ପ୍ରଡକ୍ଟ କ୍ରୟ କଲେ ଶୁଭ ବୋଲି ସାଧାରଣରେ ବିଶ୍ୱାସ ରହିଛି। ବିଭିନ୍ନ ପ୍ରଡକ୍ଟ ମଧ୍ୟରେ କଞ୍ଜ୍ୟୁମର ଡ୍ୟୁରେବଲ୍‌ର ଗୁରୁତ୍ୱ ସ୍ୱତନ୍ତ୍ର। ରାଜ୍ୟରେ ଏହି ପ୍ରଡକ୍ଟ ଯୋଗାଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଡିଲରଶିପଗୁଡ଼ିକ ଏବେ ପ୍ରସ୍ତୁତ। ଏ କ୍ଷେତ୍ରରେ ରାଜ୍ ଇଲେକଟ୍ରୋନିକ୍ସ ଏକ ପରିଚିତ ବ୍ରାଣ୍ଡ ନାମ। ପାର୍ବଣରେ ବିକ୍ରି ପ୍ରସ୍ତୁତି, ପ୍ରଡକ୍ଟ କ୍ରୟ ନେଇ ଲୋକଙ୍କ ରୁଚି, ଶୋ'ରୁମର ସେବା ଯୋଗାଣ ସମ୍ପର୍କରେ ଏହାର ସ୍ୱତ୍ୱାଧିକାରୀ ପ୍ରକାଶ ବିଶ୍ୱାଳ(ଟୁଟୁ ଭାଇ)ଙ୍କ ସହ 'ଧରିତ୍ରୀ'ର ସାକ୍ଷାତ୍‌କାର।.....

**ରାଜ୍ ଇଲେକ୍‌ଟ୍ରୋନିକ୍ସ ରାଜ୍ୟରେ କିଭଳି ଉପସ୍ଥିତି ଜାହିର କରିଛି ?**

■ ରାଜ୍ୟରେ ରାଜ୍ ଇଲେକ୍‌ଟ୍ରୋନିକ୍ସ ଉପସ୍ଥିତିକୁ ଦୃଢ କରି ପାରିଛି। ଭୁବନେଶ୍ୱରରେ ୫ ଷ୍ଟୋର, କଟକ, ଯାଜପୁର ରୋଡରେ ୨ ଷ୍ଟୋର, ଯାଜପୁର ଟାଉନ, ଭଦ୍ରକ, ବାଲେଶ୍ୱର, ରାଉରକେଲା, ଝାରସୁଗୁଡା, ଅନୁଗୋଳରେ ୨ ଏବଂ ତାଳଚେରରେ ନିଜସ୍ୱ ଷ୍ଟୋର ଦ୍ୱାରା ସେବା ଯୋଗାଣ ହେଉଛି। ଏହାବାଦ ଫ୍ରାଞ୍ଚାଇଜି ଷ୍ଟୋର ଦ୍ୱାରା ଜାରକା, ଜଳେଶ୍ୱର, ଯାଜପୁର ରୋଡ କେଶଦୁରାପାଳ, ବନ୍ତ ଭଳି ସ୍ଥାନଗୁଡିକରେ ଗ୍ରାହକଙ୍କ ପାଖରେ ପହଞ୍ଚି ପାରିଛୁ।




ପ୍ରକାଶ ବିଶ୍ୱାଳ

**ଗ୍ରାହକ ଆଦୃତି ପାଇବାରେ କେଉଁ ପ୍ରସଙ୍ଗଗୁଡିକ ସହାୟକ ହୋଇଛି ?**

■ ଗତ ୪୧ ବର୍ଷ ହେବ ଗ୍ରାହକଙ୍କୁ ସେବା ଯୋଗାଇ ଦେଉଛୁ। ରାଜ୍ ଇଲେକ୍‌ଟ୍ରୋନିକ୍ସ ଏବଂ ବିଶ୍ୱାଳ ସେଲ୍‌ସ ଓଡିଶାର ବିଶ୍ୱାସଯୋଗ୍ୟ ବ୍ରାଣ୍ଡ ନାମ ହୋଇ ପାରିଛି। ଏହି ବିଶ୍ୱାସ ସହ ଅଗ୍ରସର ହେଉଛୁ। ସେବାରେ ପ୍ରମୁଖ ସ୍ଥାନରେ ରହିବା ସହ ଲୋକଙ୍କୁ ତ୍ୱରିତ ସେବା ଯୋଗାଣକୁ ପ୍ରାଥମିକତା ଦେଉଛୁ। ଗ୍ରାହକ ଯେଭଳି କୌଣସି ଅସୁବିଧାର ସାମ୍ନା ନ କରନ୍ତି ତାକୁ ନିଜେ ପ୍ରତ୍ୟକ୍ଷ ଭାବେ ଦେଖିଥାଏ। ପ୍ରତ୍ୟକ୍ଷ ସମ୍ପର୍କରେ ରହି ଗ୍ରାହକଙ୍କ ସମସ୍ୟା ସମାଧାନକୁ ଗୁରୁତ୍ୱ ଦେଇଥାଉ।

**ପାର୍ବଣରେ କ୍ରୟ ଉପରେ କେଉଁ ସବୁ ସ୍ୱତନ୍ତ୍ର ଅଫର ଷ୍ଟୋରରେ ଉପଲବ୍ଧ?**

■ ଚଳିତ ବର୍ଷ ପାର୍ବଣରେ ବିଭିନ୍ନ ଅଫର ଗ୍ରାହକଙ୍କ ଲାଗି ରହିଛି। ବର୍ତ୍ତମାନ ହାଇଏଣ୍ଡ ମଡେଲ ଭଲ ବିକ୍ରି ହେଉଛି। ଉକ୍ତ ମଡେଲଗୁଡିକ ଉପରେ ଅଫର ସହ ଅନ୍ୟ ଅଫର ଉପଲବ୍ଧ। ଏଲ୍‌ଜି ହାଇଏଣ୍ଡ ସାଇଡ୍ ବାଏ ସାଇଡ୍ ରେଫ୍ରିଜରେଟର ଉପରେ ମିନି ରେଫ୍ରିଜରେଟର ମାଗଣା ମିଳୁଛି। ୧୦ କେଜି ଫ୍ରଣ୍ଟଲୋଡିଂ ୱାଶିଂମେଶିନ କ୍ରୟରେ ଭ୍ୟାକୁମ କ୍ଲିନର ମାଗଣା ରହିଛି। ଏଲ୍‌ଜିର ୬୫ ଇଞ୍ଚ ଏବଂ ୫୫ ଇଞ୍ଚ ଏଲଇଡି କ୍ରୟରେ ଯଥାକ୍ରମ ୪୯,୯୦୦ ଏବଂ ୩୫,୯୦୦ ଟଙ୍କାର ସାଉଣ୍ଡ ବାର ରହିଛି। ଶୋ'ରୁମ ପକ୍ଷରୁ ଗିଫ୍ଟ ବ୍ୟବସ୍ଥା, ୩୨ ଇଞ୍ଚ ସ୍ମାର୍ଟ ଏବଂ ଉର୍ଦ୍ଧ୍ୱ ଉପରେ ଜିଓ ୱାଇଫାଇ ଡଙ୍ଗଲ ଦିଆଯାଉଛି। ଏଚ୍‌ଡିଏଫ୍‌ସି କାର୍ଡ, ଆଇସିଆଇସିଆଇ, ଆକ୍ସିସ କ୍ରେଡିଟ ଏବଂ ଡେବିଟ କାର୍ଡ ହୋଲ୍ଡରଙ୍କ ପାଇଁ ୯ ହଜାର ଟଙ୍କା ପର୍ଯ୍ୟନ୍ତ କ୍ୟାଶବ୍ୟାକ ରହିଛି। ଏୟାର କଣ୍ଡିଶନର ଉପରେ ୧୦% କ୍ୟାଶ୍‌ବ୍ୟାକ୍ ଗ୍ରାହକ ପାଇବେ। ଫାଇନାନ୍ସ, ବ୍ରାଣ୍ଡ ଇଏମ୍‌ଆଇ ଏବଂ କ୍ୟାଶ ଦେଇ ଲୋକମାନେ ଏହି ପ୍ରଡକ୍ଟ କିଣିପାରିବେ। ଦୈନିକ ଭିତ୍ତିରେ ୩୩ ଟଙ୍କା ଦେଇ ଗ୍ରାହକ ମାସିକ ୯୯୯ ଟଙ୍କା ଇଏମ୍‌ଆଇରେ ୩୨ ଇଞ୍ଚର ଏଲ୍‌ଇଡି ନେଇ ପାରିବେ। ସେହିଭଳି ଦୈନିକ ୬୭ ଟଙ୍କା ବା ମାସିକ ୧୯୯୯ ଟଙ୍କାରେ ୪୩ ଇଞ୍ଚ, ଦୈନିକ ୧୦୦ ଟଙ୍କାରେ ୪୫ ଇଞ୍ଚ, ଦୈନିକ ୧୬୭ ଟଙ୍କା ଦେଇ ୫୫ ଇଞ୍ଚର ଟିଭି ନେବାକୁ ଗ୍ରାହକ ସକ୍ଷମ ହୋଇପାରିବେ। ଏ କ୍ଷେତ୍ରରେ ଏଚ୍‌ଡିଏଫ୍‌ସି କାର୍ଡ ହୋଲ୍ଡରମାନେ ୯ ହଜାର ଟଙ୍କା ପର୍ଯ୍ୟନ୍ତ କ୍ୟାଶବ୍ୟାକ ପାଇବେ।

**ଓଡ଼ିଶା କଞ୍ଜ୍ୟୁମର ଡ୍ୟୁରେବୁଲ ବଜାରକୁ କିଭଳି ଦେଖୁଛନ୍ତି?**

■ ଓଡ଼ିଶାରେ ଏହି ବଜାର ଆଗାମୀ ଦିନରେ ଆହୁରି ଅଗ୍ରସର ହେବ। ବର୍ତ୍ତମାନ ୧୫% ଲୋକଙ୍କ ନିକଟରେ ଏହି ବର୍ଗର ପ୍ରଡକ୍ଟ ପହଞ୍ଚିଛି। ଆହୁରି ୮୫% ଲୋକଙ୍କ ପାଖରେ ଏହି ପ୍ରଡକ୍ଟ ଅପହଞ୍ଚ। ଲୋକଙ୍କ କ୍ରୟ ଆଶା ବଢୁଛି। ଗତ କିଛି ବର୍ଷ ତଳେ ଦେଶରେ ବାଇକ ନ ଥିବା ବେଳେ ଏବେ ଗାଁରେ ମଧ୍ୟ ପରିବାର ପିଛା ଏକାଧିକ ବାଇକ ଦେଖିବାକୁ ମିଳୁଛି। ଇଏମ୍‌ଆଇରେ ପ୍ରଡକ୍ଟ ଉପଲବ୍ଧ ହେଉଥିବାରୁ କଞ୍ଜ୍ୟୁମର ଡ୍ୟୁରେବୁଲ କ୍ରୟ ଏବେ କୌଣସି ନିର୍ଦ୍ଦିଷ୍ଟ ବର୍ଗର ଲୋକଙ୍କ ନିକଟରେ ସୀମିତ ନାହିଁ। ବିଦ୍ୟୁତ୍ ସେବା ଏବଂ ଗ୍ରାମୀଣ ଭିତ୍ତିଭୂମି ବିକାଶ ଉକ୍ତ ବର୍ଗରେ ପ୍ରଡକ୍ଟ କ୍ରୟକୁ ପ୍ରୋତ୍ସାହିତ କରୁଛି।

**ନୂଆ ଟେକ୍ନୋଲୋଜି ପ୍ରଡକ୍ଟ ଚାହିଦାରେ କିଭଳି ପରିବର୍ତ୍ତନ ଦେଖୁଛନ୍ତି ?**

■ ନୂଆ ଟେକ୍ନୋଲୋଜି ପ୍ରଡକ୍ଟ ଆଡକୁ ଗ୍ରାହକ ଏବେ ଅଗ୍ରସର। ଲୋକମାନେ ଆଡଭାନ୍ସ ପ୍ରଡକ୍ଟକୁ ଅପ୍‌ଗ୍ରେଡ ହେଉଛନ୍ତି। ଏବେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଟିଭି, ଫ୍ରଷ୍ଟ ଫ୍ରି ରେଫ୍ରିଜରେଟର ସହ ଅନ୍ୟାନ୍ୟ ପ୍ରଡକ୍ଟ କ୍ରୟ ନେଇ ଗ୍ରାହକ ମନ ବଳାଉଛନ୍ତି।

**ପାର୍ବଣରେ ବିକ୍ରି କେମିତି ରହିବ ?**

■ ଏଥର ମଧ୍ୟ ଭଲ ବିକ୍ରି ନେଇ ଆଶାବାଦୀ ରହିଛି। ଚଳିତ ବର୍ଷ ପାର୍ବଣ ଲୋକଙ୍କ ପାଇଁ ଖୁସି ଆଉ ସମୃଦ୍ଧି ଆଣିଦେଉ। ରାଜ୍ ଇଲେକଟ୍ରୋନିକ୍ସ ପାର୍ବଣ ପାଇଁ ଗ୍ରାହକଙ୍କୁ ଶୁଭେଚ୍ଛା ଜଣାଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୨୦, ୨୦୧୯



“ବିଶ୍ୱ ଚାମ୍ପିୟନଶିପ୍ ଟୁର୍ନାମେଣ୍ଟ ଲାଗି ଭଲରେ ପ୍ରସ୍ତୁତ ହୋଇ ଆସିଥିଲି । ଏହି ପ୍ରତିଯୋଗିତାରେ ପଦକ ଜିତିବା ମୋ ପାଇଁ ବଡ଼ ସଫଳତା ସଦୃଶ ।

–ଭିନେଶ ଫୋଗଟ୍, ଷ୍ଟାର୍ ଭାରତୀୟ କୁସ୍ତିଯୋଦ୍ଧା



“ଅଷ୍ଟ୍ରେଲିଆ କ୍ରିକେଟ ଦଳରେ ବିଶ୍ୱର ଶ୍ରେଷ୍ଠ ବୋଲିଂ ଆଟାକ୍ ରହିଛି। ବର୍ତ୍ତମାନ ଦଳରେ ଥିବା ଖେଳାଳିମାନେ ଅଷ୍ଟ୍ରେଲିଆ କ୍ରିକେଟ୍ ପାଇଁ ନୂଆ ଯୁଗ ଆରମ୍ଭ କରିବେ।

– ଟିମ୍ ପେନ୍, ଅଷ୍ଟ୍ରେଲିଆ ଟେଷ୍ଟ ଅଧିନାୟକ



## ସଂକ୍ଷେପରେ

### ଫିଫା ମାନ୍ୟତାରେ ଭାରତର ଅବନତି

ଜୁରିକ୍, ୧୯।୯(ପି.ଟି.): ଫୁଟ୍‌ବଲ୍‌ର ସର୍ବୋଚ୍ଚ ସଂସ୍ଥା ଫିଫା ପକ୍ଷରୁ ସଦ୍ୟ ପ୍ରକାଶିତ ବିଶ୍ୱ ମାନ୍ୟତାରେ ଭାରତୀୟ ଫୁଟ୍‌ବଲ ଦଳ ଗୋଟିଏ ପାହ୍ୟା ତଳକୁ ଖସି ୧୦୪ତମ ସ୍ଥାନରେ ରହିଛି। ଗତ ସପ୍ତାହରେ ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ଭାରତ ଏସିଆ ଚାମ୍ପିୟନ କାତାର ବିପକ୍ଷରେ ଗୋଲଶୂନ୍ୟ ଭାବେ ଡ୍ର' ରଖିଥିଲା। ଭାରତକୁ ହରାଇ ନ ପାରିବା ସତ୍ତ୍ୱେ କାତାର ବିଶ୍ୱ ର୍‍ୟାଙ୍କିଂର ୬୨ତମ ସ୍ଥାନ ବଜାୟ ରଖିଛି। ବେଲ୍‌ଜିୟମ ଫିଫା ର୍‍ୟାଙ୍କିଂର ଶୀର୍ଷ ସ୍ଥାନ ବଜାୟ ରଖିଥିବାବେଳେ ବ୍ରାଜିଲକୁ ପଛରେ ପକାଇ ଫ୍ରାନ୍ସ ୨ୟ ସ୍ଥାନ ଦଖଲ କରିଛି।

### ଡବଲ୍ସ ବକ୍ସ ବ୍ରେ ପ୍ରତିଯୋଗିତା

କଟକ ଅଫିସ, ୧୯।୯: ମଙ୍ଗଳା କ୍ଲବ ଆନୁକୂଲ୍ୟରେ ରାମଚନ୍ଦ୍ର ରାଜ ମେମୋରିଆଲ ଡବଲ୍ସ ବକ୍ସ ବ୍ରେ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଶେଖବଜାର ବିଜୟ କ୍ଲବ ଚାମ୍ପିୟନ ହୋଇଛି । ଫାଇନାଲରେ ବିଜୟ କ୍ଲବର ପ୍ରଦୀପ ସାହୁ-ମୁରଲୀ ପ୍ରଧାନଙ୍କ ଯୋଡ଼ି ପ୍ରତାପନଗରୀ ପ୍ରତାପ କ୍ଲବର ଅଶୋକ ବେହେରା-ସନାତନ ଦାସଙ୍କ ଯୋଡ଼ିକୁ ପରାସ୍ତ କରିଥିଲେ। ମଙ୍ଗଳା କ୍ଲବ ସମ୍ପାଦକ ସତ୍ୟ ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଓସିଏର ପୂର୍ବତନ ଉପସଭାପତି ନବରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିନୋଦ ଦାଶ, ଦିଲୀପ ନାୟକ, କେଦାର ପୃଷ୍ଟି, ପ୍ରତାପ ଚନ୍ଦ୍ର ରାଜ, ବିଜୟ କୁମାର ନାୟକ ଓ ବିଶ୍ୱରଞ୍ଜନ ଘଡ଼ାଇ ଉପସ୍ଥିତ ଥିଲେ।

### ବେଙ୍ଗଲ ୱାରିୟର୍ସ ବିଜୟୀ

ପୁଣେ, ୧୯।୯: ପ୍ରୋ କବାଡ଼ି ଲିଗ୍‌ରେ ଗୁରୁବାର ଖେଳାଯାଇଥିବା ଏକମାତ୍ର ମ୍ୟାଚ୍‌ରେ ବେଙ୍ଗଲ ୱାରିୟର୍ସ ବିଜୟୀ ହୋଇଛି। ସ୍ଥାନୀୟ ଶ୍ରୀ ଶିବ ଛତ୍ରପତି ରେସଲିଂ ହଲ୍‌ରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ବେଙ୍ଗଲ ୱାରିୟର୍ସ ୪୮-୩୬ ପଏଣ୍ଟରେ ହରିୟାଣା ଷ୍ଟିଲର୍ସକୁ ପରାସ୍ତ କରିଛି। ୧୭ତମ ମ୍ୟାଚ୍ ଯରୁ ୧୦ମ ବିଜୟ ସହ ବେଙ୍ଗଲ ୬୩ ପଏଣ୍ଟ ପାଇ ଟେବୁଲରେ ଦବଙ୍ଗ ଦିଲ୍ଲୀ (୬୯) ପଛକୁ ୨ୟ ସ୍ଥାନରେ ରହିଛି। ସେହିଭଳି ହରିୟାଣା ଷ୍ଟିଲର୍ସ ୧୬ ମ୍ୟାଚ୍‌ରୁ ୫୪ ପଏଣ୍ଟ ପାଇ ତାଲିକାର ୩ୟରେ ରହିଛି।

# ‘ଆହତ ସମସ୍ୟାରୁ ମୁକୁଳି ଖେଳିବା ସହଜ ନ ଥିଲା’




**ବେଙ୍ଗାଲୁରୁ, ୧୯।୯**

ସୁଶୀଳା ଚାନୁ ପୁଖରାମବାମ। ଭାରତୀୟ ମହିଳା ହକିରେ ଏହା ଏକ ପରିଚିତ ନାମ। ୨୦୦୯ରେ ସିନିୟର ଦଳ ପକ୍ଷରୁ ପଦାର୍ପଣ କରିବା ପରଠାରୁ ସେ ଭାରତୀୟ ଦଳର ନିୟମିତ ସଦସ୍ୟା ପାଲଟି ଯାଇଥିଲେ। ମାତ୍ର ଆହତ ସମସ୍ୟା ଯୋଗୁ ସେ ୨ଥର ଲମ୍ବା ସମୟ ପାଇଁ ହକିଠାରୁ ଦୂରରେ ରହିଥିଲେ। ସେ ୨୦୧୬ରେ ପ୍ରଥମ ଏବଂ ୨୦୧୮ରେ ଦ୍ୱିତୀୟଥର ପାଇଁ ଆହତ ସମସ୍ୟାରେ ରହିଥିଲେ। ଫଳରେ ଗତବର୍ଷ ସେ ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ ଏବଂ ଏସିଆନ ଗେମ୍ସରେ ଖେଳିପାରି ନ ଥିଲେ। ମଣିପୁର ଜନ୍ମିତ ଏହି ମିଡ୍‌ଫିଲ୍ଡରଙ୍କ ପାଇଁ ଏହା କଷ୍ଟସାଧ୍ୟ ସମୟ ଥିଲା। ମାତ୍ର ସମସ୍ୟାରୁ ମୁକୁଳି ସେ ଏବେ ପୁଣି ଜାତୀୟ ଦଳର ଅଂଶବିଶେଷ ହୋଇପାରିଛନ୍ତି।

୨୦୧୮ରେ ଦ୍ୱିତୀୟଥର ପାଇଁ ଗୁରୁତର ଆହତ ପରେ ଭାରତୀୟ ଦଳକୁ ଫେରିବା ସହଜ ନ ଥିଲା। ହକିକୁ କ୍ୟାରିୟର କରୁଥିବା ପ୍ରତି ଖେଳାଳିଙ୍କ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବର୍ଷ ଥିଲା। ମାତ୍ର ମୁଁ ଫିଟ୍ ନ ଥିବାରୁ ମହିଳା ହକି ବିଶ୍ୱକପ, ଏସିଆନ ଗେମ୍ସ ଓ ଏଏଚ୍‌ଏଫ ମହିଳା ଚାମ୍ପିୟନ୍ସ ଟ୍ରଫି ପରି ବଡ଼ ଟୁର୍ନାମେଣ୍ଟରେ ଖେଳିପାରି ନ ଥିଲି। ଏପରି ଟୁର୍ନାମେଣ୍ଟ ଗୁଡ଼ିକରେ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିବା ସବୁ ଖେଳାଳିଙ୍କ ସ୍ୱପ୍ନ ରହିଥାଏ, ମାତ୍ର ମୋ ପକ୍ଷେ ତାହା ସମ୍ଭବ ହେଲାନି। ଏବେ ମୁଁ ଫିଟ୍ ହୋଇଛି ଏବଂ ଦେଶ ପକ୍ଷରୁ ଖେଳିବାକୁ ପ୍ରସ୍ତୁତ ବୋଲି ଚାନୁ କହିଛନ୍ତି। ଚାନୁଙ୍କ ନେତୃତ୍ୱରେ ଭାରତୀୟ ମହିଳା ହକି ଦଳ ୨୦୧୬ ରିଓ ଅଲିମ୍ପିକ୍ସରେ ଖେଳିଥିଲା। ଦୀର୍ଘ ୩୬ ବର୍ଷ ପରେ ଭାରତୀୟ ମହିଳା ଦଳ ଅଲିମ୍ପିକ୍ସ ଯୋଗ୍ୟତା ପାଇଥିଲା। ଏହି ବର୍ଷ ପ୍ରାରମ୍ଭରେ ଆଘାତ ପାଇଥିବା ଚାନୁଙ୍କ ପାଇଁ ଏପରି ଏକ ଟୁର୍ନାମେଣ୍ଟ ଖେଳିବା ସହଜ ନ ଥିଲା। ମାତ୍ର ଲଢୁଆ ମନୋଭାବସମ୍ପନ୍ନ ଏହି ହାଫ୍‌ବ୍ୟାକ୍ ଶୀଘ୍ର ଆହତ ସମସ୍ୟାରୁ ମୁକୁଳି ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ‘‘୨୦୧୬ ମୋ ପାଇଁ ସବୁଠାରୁ କଷ୍ଟସାଧ୍ୟ ଥିଲା। କାରଣ ଏହା ଥିଲା ଅଲିମ୍ପିକ୍ କ୍ରୀଡ଼ାର ବର୍ଷ। ଅଲିମ୍ପିକ୍ସରେ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିବା ମୋର ସ୍ୱପ୍ନ ରହିଥିଲା। ମେଡିକାଲ ଷ୍ଟାଫ୍‌ଙ୍କ କଠିନ ପରିଶ୍ରମ ଯୋଗୁ ମୁଁ ଫିଟ୍ ହେବାକୁ ସକ୍ଷମ ହେଲି। ଖାଲି ସେତିକି ନୁହେଁ, ଭାରତୀୟ ଦଳର ନେତୃତ୍ୱ ନେବା ମୋ ପାଇଁ ଗର୍ବର କଥା ଥିଲା। ଅଲିମ୍ପିକ୍ସରେ ଆମର ପ୍ରଥମ ମ୍ୟାଚ୍‌ରେ ଦଳର ନେତୃତ୍ୱ ନେବାର ଅଭିଜ୍ଞତା ଏବେ ମଧ୍ୟ ମୋ ମନରେ ସତେଜ ହୋଇ ରହିଛି। ଏହା ଅବିସ୍ମରଣୀୟ ବୋଲି ସୁଶୀଳା କହିଛନ୍ତି।

ସମ୍ପ୍ରତି ୨୭ ବର୍ଷରେ ପଦାର୍ପଣ କରିଥିବା ସୁଶୀଳା ୨୦୧୩ରେ ମନଚେନଗ୍ଲାଡ୍‌ବ୍ୟାକ୍‌ରେ ଅନୁଷ୍ଠିତ ଜୁନିୟର ମହିଳା ହକି ବିଶ୍ୱକପରେ ଭାରତର ନେତୃତ୍ୱ ନେଇଥିଲେ। ସେତେବେଳେ ଭାରତ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲା। ଏହା ତାଙ୍କ କ୍ୟାରିୟରର ସବୁଠାରୁ ଶ୍ରେଷ୍ଠ ମୁହୂର୍ତ୍ତ ଥିଲା ବୋଲି ସେ କହିଛନ୍ତି। ‘‘ଜର୍ମାନୀ ଜୁନିୟର ମହିଳା ହକି ବିଶ୍ୱକପରେ ବ୍ରୋଞ୍ଜ ପଦକ ଜିତିବା ମୋ ଜୀବନର ସବୁଠାରୁ ଶ୍ରେଷ୍ଠ ମୁହୂର୍ତ୍ତ । ବ୍ରୋଞ୍ଜ ମେଡାଲ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ଆମେ ଇଂଲଣ୍ଡକୁ ଶୁଟ୍‌ଆଉଟରେ ପରାସ୍ତ କରିଥିଲୁ। ଆମେ ସମସ୍ତେ ଏହି ମ୍ୟାଚ୍ ପରେ ଖୁବ୍ ଖୁସି ହୋଇଯାଇଥିଲୁ। କାରଣ ବିଶ୍ୱର ଯେକୌଣସି ଦଳକୁ ଆମେ ହରାଇବାକୁ ସକ୍ଷମ ବୋଲି ଏହି ମ୍ୟାଚ୍ ପରେ ଆମର ଆତ୍ମବିଶ୍ୱାସ ହୋଇଥିଲା ବୋଲି ୨୦୦୩ରେ ମଣିପୁରର ପୋଷ୍ଟେରିଅର ହକି ଏକାଡେମୀରେ ଖେଳିବା ଆରମ୍ଭ କରିଥିବା ଚାନୁ ପ୍ରକାଶ କରିଛନ୍ତି।

ଆଗାମୀ ଦିନରେ ଆସିବାକୁ ଥିବା ଚ୍ୟାଲେଞ୍ଜ ସମ୍ପର୍କରେ ସେ କହିଛନ୍ତି ଯେ, ଆସନ୍ତା ବର୍ଷର ଅଲିମ୍ପିକ୍ସ ପାଇଁ ଆମେ ଯୋଗ୍ୟତା ଅର୍ଜନ କରିବୁ ବୋଲି ବିଶ୍ୱାସ ରହିଛି। ନିକଟ ଅତୀତରେ ମୁଁ କେତେକ ଟୁର୍ନାମେଣ୍ଟ ମିସ୍ କରିଛି। ମାତ୍ର ଏବେ ଭାରତୀୟ ଦଳରେ ସ୍ଥାନ ପାଇବା ସହ ଦଳକୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ସହାୟକ ହୋଇପାରିବି ବୋଲି ମୁଁ ଦୃଢ଼ ନିଶ୍ଚିତ। ଏବେ ଆମେ ଇଂଲଣ୍ଡ ଗସ୍ତରେ ଯାଇ ଶକ୍ତିଶାଳୀ ଗ୍ରେଟ୍‌ବ୍ରିଟେନ ଦଳ ସହିତ ଖେଳିବୁ। ଏହାପରେ ଓଡ଼ିଶାରେ ଅଲିମ୍ପିକ୍ସ ହକି କ୍ୱାଲିଫାୟର୍ସରେ ଆମେରିକାକୁ ଭେଟିବୁ। ତେଣୁ ଆଗାମୀ ଦୁଇମାସ ଗେମ୍ ଉପରେ ଫୋକସ କରି ଶ୍ରେଷ୍ଠ ପ୍ରଦର୍ଶନ ଦେବା ମୋର ଏକମାତ୍ର ଲକ୍ଷ୍ୟ ବୋଲି ସୁଶୀଳା ପ୍ରକାଶ କରିଛନ୍ତି।


ଭାରତୀୟ ମହିଳା ହକି ଦଳ ମାର୍ଲୋଠାରେ ଗ୍ରେଟ୍‌ବ୍ରିଟେନ ବିପକ୍ଷରେ ୫ଟି ମ୍ୟାଚ ଖେଳିବ। ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଏହି ମ୍ୟାଚ୍‌ଗୁଡ଼ିକ ଅନୁଷ୍ଠିତ ହେବ। ଏଥିପାଇଁ ଭାରତୀୟ ଦଳ ରବିବାର ଇଂଲଣ୍ଡ ଗସ୍ତ କରିବ।

**ଭାରତ-ଗ୍ରେଟ୍‌ବ୍ରିଟେନ ମ୍ୟାଚ୍ କାର୍ଯ୍ୟସୂଚୀ**

- ସେପ୍ଟେମ୍ବର ୨୭: ପ୍ରଥମ ମ୍ୟାଚ୍, ସମୟ: ରାତି ୧୦ଟା ୩୦
- ସେପ୍ଟେମ୍ବର ୨୯: ଦ୍ୱିତୀୟ ମ୍ୟାଚ୍, ସମୟ: ରାତି ୮ଟା
- ଅକ୍ଟୋବର ୧: ତୃତୀୟ ମ୍ୟାଚ୍, ସମୟ: ରାତି ୮ଟା
- ଅକ୍ଟୋବର ୨: ଚତୁର୍ଥ ମ୍ୟାଚ୍, ସମୟ: ରାତି ୮ଟା
- ଅକ୍ଟୋବର ୪: ପଞ୍ଚମ ମ୍ୟାଚ୍, ସମୟ: ଅପରାହ୍ନ ୨ଟା

(ସମସ୍ତ ମ୍ୟାଚ୍ ଇଂଲଣ୍ଡର ମାର୍ଲୋଠାରେ ଅନୁଷ୍ଠିତ ହେବ)

# ବଜରଙ୍ଗ, ଦାହିୟାଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା




ବଜରଙ୍ଗ ପୁନିଆ

**ନୁର୍-ସୁଲତାନ (କାଜାଖସ୍ତାନ), ୧୯।୯(ପି.ଟି.)**

ଏଠାରେ ଚାଲିଥିବା ବିଶ୍ୱ ରେସ୍‌ଲିଂ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପରାଜୟ ସତ୍ତ୍ୱେ ଷ୍ଟାର୍ ଭାରତୀୟ କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆ (୬୫ କିଗ୍ରା) ୨୦୨୦ ଟୋକିଓ ଅଲିମ୍ପିକ୍ସକୁ ଯୋଗ୍ୟତା ହାସଲ କରିଛନ୍ତି। ବଜରଙ୍ଗଙ୍କ ବ୍ୟତୀତ ଅନ୍ୟତମ ଭାରତୀୟ ରେସ୍‌ଲର ରବି ଦାହିୟା (୫୭)ଙ୍କୁ ମଧ୍ୟ ଅଲିମ୍ପିକ୍ସ ଟିକେଟ୍ ମିଳିଛି।

ପୁରୁଷ ୬୫ କିଗ୍ରା ବର୍ଗରେ ପୁନିଆ ଗୁରୁବାର ନର୍ଥ କୋରିଆର ଜଙ୍ଗ୍ ସନ୍‌ଙ୍କୁ ୮-୧ରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିବା ସହ ଅଲିମ୍ପିକକୁ ଯୋଗ୍ୟତା ହାସଲ କରିଥିଲେ। କିନ୍ତୁ ସେମିଫାଇନାଲରେ ୨୫ ବର୍ଷୀୟ ଏହି ହରିୟାଣା ବକ୍ସରଙ୍କୁ ବିବାଦୀୟ ପରିସ୍ଥିତିରେ ପରାଜୟ ବରଣ କରିବାକୁ ପଡ଼ିଥିଲା। ସେମିଫାଇନାଲରେ ବଜରଙ୍ଗଙ୍କ ମୁକାବିଲା ଘରୋଇ ରେସ୍‌ଲର ଦଉଲେଟ୍ ନିୟାଜବେକୋଭଙ୍କ ସହ ହୋଇଥିଲା। ଉଭୟ ରେସ୍‌ଲର ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ସମାନ ୯-୯ ପଏଣ୍ଟ ସ୍କୋର କରିଥିଲେ। ନିୟାଜବେକୋଭଙ୍କୁ ବାଉଟ୍‌ର ଏକ ଥ୍ରୋ'ରେ ଏକାଥରକେ ୪ ପଏଣ୍ଟ ମିଳିଥିବାରୁ ଶେଷରେ ତାଙ୍କୁ ରେଫରି ବିଜୟୀ ଘୋଷିତ କରିଥିଲେ। ସେହିଭଳି ମୁକାବିଲା ମଝିରେ ଘରୋଇ ରେସ୍‌ଲର ନିୟାଜବେକୋଭଙ୍କ ସପକ୍ଷରେ ରେଫରି କିଛି ନିଷ୍ପତ୍ତି ପ୍ରଦାନ କରିଥିଲେ। ଏହି ନିଷ୍ପତ୍ତିରେ ବଜରଙ୍ଗ କ୍ଷୁବ୍ଧ ହୋଇଥିବା ଜଣାପଡ଼ିଛି। ରେସ୍‌ଲିଂର ଏହି ସର୍ବୋଚ୍ଚ ପ୍ରତିଯୋଗିତାର ଗତ ସଂସ୍କରଣରେ ରୌପ୍ୟ ପଦକ ଜିତିଥିବା ବଜରଙ୍ଗ ଏବେ ଶୁକ୍ରବାର ବ୍ରୋଞ୍ଜ ପଦକ ପାଇଁ ଲଢ଼େଇ କରିବେ। ସେହିଭଳି ୫୭ କିଗ୍ରା ବର୍ଗର ସେମିଫାଇନାଲରେ ପ୍ରବେଶ କରିଥିବା ଅନ୍ୟତମ ଭାରତୀୟ ରେସ୍‌ଲର ରବି ଦାହିୟାଙ୍କୁ ମଧ୍ୟ ପରାଜୟର ସାମ୍ନା କରିବାକୁ ପଡ଼ିଛି। ସେ ୪-୬ରେ ବିଶ୍ୱ ଚାମ୍ପିୟନ ରୁଷିଆର ଜାଉର୍ ଉଗୁଏଭଙ୍କ ନିକଟରୁ ହାରିଯାଇଛନ୍ତି। ସେ ମଧ୍ୟ ଏବେ ବ୍ରୋଞ୍ଜ ପଦକ ବାଉଟ୍ ଖେଳିବେ।

■ ଥାଇଲାଣ୍ଡ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ

# ଦୁଇ ପଦକ ନିଶ୍ଚିତ କଲେ ପ୍ରମୋଦ

**ଭୁବନେଶ୍ୱର, ୧୯।୯(କ୍ରୀଡ଼ା ପ୍ରତିନିଧି)**

ବ୍ୟାଙ୍କକ୍‌ଠାରେ ଚାଲିଥିବା ଥାଇଲାଣ୍ଡ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଶାର ପ୍ରମୋଦ ଭଗତ ୨ଟି ପଦକ ଜିତିବା ନିଶ୍ଚିତ କରିଛନ୍ତି। ସେ ଉଭୟ ସିଙ୍ଗଲ୍ସ ଓ ଡବଲ୍ସର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ୪ର୍ଥ ଦିବସରେ ଅନୁଷ୍ଠିତ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରମୋଦ ଫ୍ରାନ୍ସର ମାଥ୍ୟୁ ଥୋମାସଙ୍କୁ ୨୧-୧୮, ୨୧-୧୯ ପଏଣ୍ଟରେ ପରାସ୍ତ କରିଛନ୍ତି। ଶୁକ୍ରବାର ସେ ଜାପାନର ଦାଇଶୁକେ ଫୁଜିହାରାଙ୍କୁ ସେମିଫାଇନାଲରେ ଭେଟିବେ। ସେହିପରି ଡବଲ୍ସରେ ପ୍ରମୋଦ ଓ ମନୋଜ ସରକାର ଯୋଡ଼ି କ୍ୱାର୍ଟର ଫାଇନାଲରେ ମାଥ୍ୟୁ ଥୋମାସ(ଫ୍ରାନ୍ସ) ଓ ନୀତେଶ କୁମାର(ଭାରତ) ଯୋଡ଼ିକୁ ୨୧-୧୭, ୨୨-୨୦ ପଏଣ୍ଟରେ ପରାସ୍ତ କରି ସେମିଫାଇନାଲରେ ପହଞ୍ଚିଛନ୍ତି। ଶୁକ୍ରବାର ଥାଇଲାଣ୍ଡ ଯୋଡ଼ି ଚାୱର୍ଟ କିଟିଚୋକ୍ୱାଚାନା ଓ ସାଙ୍ଗ୍‌ନିଲ ସିଙ୍ଘାଙ୍କୁ ଭେଟିବେ।



ପ୍ରମୋଦ ଭଗତ ଓ ମନୋଜ ସରକାର।

# ଆତଙ୍କବାଦୀ ଆକ୍ରମଣ ଭୟ ସତ୍ତ୍ୱେ ପାକିସ୍ତାନ ଯିବ ଶ୍ରୀଲଙ୍କା

**କଲମ୍ବୋ, ୧୯।୯ (ଏଏଫ୍‌ପି)**

ଆତଙ୍କବାଦୀ ଆକ୍ରମଣ ଭୟ ସତ୍ତ୍ୱେ ସୀମିତ ଓଭରବିଶିଷ୍ଟ ସିରିଜ ଖେଳିବା ଲାଗି ପାକିସ୍ତାନ ଗସ୍ତ କରିବ ବୋଲି ଶ୍ରୀଲଙ୍କା କ୍ରିକେଟ୍ (ଏସ୍‌ଏଲ୍) ପକ୍ଷରୁ ଗୁରୁବାର କୁହାଯାଇଛି। ‘ପ୍ରତିରକ୍ଷା ମନ୍ତ୍ରୀଙ୍କ ନିକଟରୁ ଆମକୁ ସବୁଜ ସଙ୍କେତ ମିଳିବା ପରେ ଦଳ ମଙ୍ଗଳବାର ପାକିସ୍ତାନ ଗସ୍ତ କରିବ। ଆମର ପ୍ଲାନ୍ ଅନୁଯାୟୀ ଏହି ଗସ୍ତ ହେବ। ମୋ ସହିତ ଅଫିସାଲମାନେ ଦଳ ସହ ପାକିସ୍ତାନ ଗସ୍ତ କରିବେ' ବୋଲି ଶ୍ରୀଲଙ୍କା କ୍ରିକେଟ୍ ସମ୍ପାଦକ ମୋହନ ଡି ସିଲ୍‌ଭା କହିଛନ୍ତି। ଗତ ସପ୍ତାହରେ ତିନି ମ୍ୟାଚ୍‌ବିଶିଷ୍ଟ ଦିନିକିଆ ଓ ଟି୨୦ ସିରିଜ ଲାଗି ଶ୍ରୀଲଙ୍କା ଦଳ ଘୋଷଣା ହେବାର କିଛି ସମୟ ପରେ ଖେଳାଳିଙ୍କ ଉପରେ ଆତଙ୍କବାଦୀ ଆକ୍ରମଣ ନେଇ ଶ୍ରୀଲଙ୍କା ସରକାରଙ୍କୁ ସୂଚନା ମିଳିଥିଲା। ତେବେ ଶ୍ରୀଲଙ୍କା ପ୍ରତିରକ୍ଷା ମନ୍ତ୍ରୀ ଏହି ଘଟଣାର ତଦନ୍ତ କରି ସବୁଜ ସଙ୍କେତ ପ୍ରଦାନ କରିଛନ୍ତି। ପୂର୍ବରୁ ୨୦୦୯ରେ ଏକ ଟେଷ୍ଟ ସିରିଜ ସମୟରେ ଲାହୋରରେ ଶ୍ରୀଲଙ୍କା ଖେଳାଳିଙ୍କ ଉପରକୁ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ସେତେବେଳେ ୬ ଜଣ ଶ୍ରୀଲଙ୍କା ଖେଳାଳି ଏଥିରେ ଆଘାତପ୍ରାପ୍ତ ହୋଇଥିଲେ। ଏହି ଆକ୍ରମଣ ଘଟଣା ପରେ ପାକିସ୍ତାନକୁ ସେତେବେଳେ ବିଶ୍ୱରେ ବେଶ୍ ନିନ୍ଦିତ ହେବାକୁ ପଡ଼ିଥିଲା। ଏପରିକି କୌଣସି ଦଳ ପାକିସ୍ତାନ ଗସ୍ତରେ ଯିବାକୁ ରାଜି ହୋଇ ନ ଥିଲେ। ତେବେ ପ୍ରଥମଥର ଲାଗି ଶ୍ରୀଲଙ୍କା ଦଳ ପାକିସ୍ତାନ ଗସ୍ତରେ ଯିବାକୁ ରାଜି ହୋଇଛି। କିନ୍ତୁ ଲସିଥ୍ ମାଲିଙ୍ଗାଙ୍କ ସମେତ ୧୦ଜଣ ପ୍ରମୁଖ ସିଂହଳୀ କ୍ରିକେଟର୍ ସୁରକ୍ଷାଜନିତ କାରଣ ଲାଗି ପୂର୍ବରୁ ଏହି ଗସ୍ତରୁ ଓହରି ଯାଇଛନ୍ତି।

**ସିରିଜ କାର୍ଯ୍ୟସୂଚୀ**

- ପ୍ରଥମ ଦିନିକିଆ: କରାଚୀ, ସେପ୍ଟେମ୍ବର ୨୭
- ୨ୟ ଦିନିକିଆ: କରାଚୀ, ସେପ୍ଟେମ୍ବର ୨୯
- ୩ୟ ଦିନିକିଆ: କରାଚୀ, ଅକ୍ଟୋବର ୨
- ପ୍ରଥମ ଟି୨୦: ଲାହୋର, ଅକ୍ଟୋବର ୫
- ୨ୟ ଟି୨୦: ଲାହୋର, ଅକ୍ଟୋବର ୭
- ୩ୟ ଟି୨୦: ଲାହୋର, ଅକ୍ଟୋବର ୯

# ସନ୍ତୋଷ ଟ୍ରଫି ପାଇଁ ଓଡ଼ିଶା ଦଳ ଘୋଷିତ

**ଭୁବନେଶ୍ୱର, ୧୯।୯(କ୍ରୀଡ଼ା ପ୍ରତିନିଧି)**

ପଶ୍ଚିମବଙ୍ଗର କଲ୍ୟାଣୀଠାରେ ଚଳିତମାସ ୨୧ରୁ ୨୬ ପର୍ଯ୍ୟନ୍ତ ୭୪ତମ ସନ୍ତୋଷ ଟ୍ରଫି ଜାତୀୟ ସିନିୟର ପୁରୁଷ ଫୁଟ୍‌ବଲ(ପୂର୍ବାଞ୍ଚଳ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ) ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ଟୁର୍ନାମେଣ୍ଟ ପାଇଁ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ପକ୍ଷରୁ ଗୁରୁବାର ୨୦ ଜଣିଆ ଦଳ ଘୋଷଣା କରାଯାଇଛି। ଅର୍ପଣ ଲାକ୍ରାଙ୍କୁ ଦଳର ଅଧିନାୟକ ମନୋନୀତ କରାଯାଇଛି। ବିହାର ଓ ପଶ୍ଚିମବଙ୍ଗ ସହିତ ଓଡ଼ିଶା ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଛି। ଓଡ଼ିଶା ଦଳ ଏହାର ପ୍ରଥମ ମ୍ୟାଚ୍ ୨୨ ତାରିଖରେ ବିହାର ଏବଂ ପରବର୍ତ୍ତୀ ମ୍ୟାଚ୍ ୨୬ରେ ପଶ୍ଚିମବଙ୍ଗ ବିପକ୍ଷରେ ଖେଳିବ। ଓଡ଼ିଶା ଦଳ ସହ କୋଚ୍ ନିପେନ୍ଦ୍ର କୁମାର ଦାସ, ସହକାରୀ କୋଚ୍ ରାଜଶେଖର ପ୍ରଧାନ ଓ ମ୍ୟାନେଜର ଜ୍ଞାନରଞ୍ଜନ ବେହେରା କଲ୍ୟାଣୀ ଯାତ୍ରା କରିବେ।

ଓଡ଼ିଶା ଦଳ: ଫଗୁ ବାସ୍କେ, ଇଜାଜୁଦ୍ଦିନ ଖାଁ, ଶେଖ୍ ଶାହାବାଜ ଆଲାମ, ଡି. ଶ୍ରୀନାଥ, ସୁନୀଲ ମୁଣ୍ଡା, ମହମ୍ମଦ ଇମ୍ତିଆଜ, ଅର୍ପଣ ଲାକ୍ରା(ଅଧିନାୟକ), ରାଜୁ ବେସାର, ଅରବିନ ଲାକ୍ରା, ଅର୍ଜୁନ ନାଏକ, ରାଜେଶ ନାଏକ, ବିକି ସେଠୀ, ଚନ୍ଦ୍ର ମୁଦୁଲି, ମୁକେଶ ମିଞ୍ଜ, ବିଜୟ ଘଲାନ, ଅମର ଲାକ୍ରା, ସେକ୍ ଫରିଦ, ପ୍ରଶାନ୍ତ ଶ୍ରୀହରି, କାର୍ତ୍ତିକ ଚନ୍ଦ୍ର ଭୋଳା, ଏସ.କେ. ଗୌଶ। କୋଚ୍: ନିପେନ୍ଦ୍ର କୁମାର ଦାସ, ସହକାରୀ କୋଚ୍: ରାଜଶେଖର ପ୍ରଧାନ, ମ୍ୟାନେଜର: ଜ୍ଞାନରଞ୍ଜନ ବେହେରା।



ସନ୍ତୋଷ ଟ୍ରଫି ପାଇଁ ମନୋନୀତ ଓଡ଼ିଶା ଦଳ।

# ସିନ୍ଧୁ ହାରିଲେ, ପ୍ରଣୀଥ୍ କ୍ୱାର୍ଟରରେ

**ଚାଙ୍ଗ୍‌ଝୋ(ଚାଇନା), ୧୯।୯**

ନୂଆକରି ବିଶ୍ୱ ଚାମ୍ପିୟନ ଟାଇଟଲ ହାସଲ କରିଥିବା ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ପିଭି ସିନ୍ଧୁ ଏଠାରେ ଚାଲିଥିବା ଚାଇନା ଓପନ ସୁପର ୧୦୦୦ ଟୁର୍ନାମେଣ୍ଟର ପ୍ରିକ୍ୱାର୍ଟର ଫାଇନାଲରୁ ପରାଜୟ ସହ ବିଦାୟ ନେଇଛନ୍ତି। ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ସିନ୍ଧୁ ୨୧-୧୨,୧୩-୨୧, ୨୧-୧୯ ଗେମ୍‌ରେ ଥାଇଲାଣ୍ଡର ପର୍ନପାୱି ଚୋଚୁୱଙ୍ଗଙ୍କଠାରୁ ହରିଯାଇଛନ୍ତି। ତେବେ ପୁରୁଷ ସିଙ୍ଗଲ୍ସରେ ବି. ସାଇ ପ୍ରଣୀଥ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେ ୨୧-୧୯, ୨୧-୧୯ରେ ଚାଇନାର ଲୁ ଗୁଆଙ୍ଗ୍‌ଙ୍କୁ ମାତ୍ ଦେଇଛନ୍ତି। ପାରୁପଲ୍ଲୀ କାଶ୍ୟପ ମଧ୍ୟ ପ୍ରି-କ୍ୱାର୍ଟରରୁ ଅଭିଯାନ ଶେଷ କରିଛନ୍ତି। ସେହିଭଳି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀଙ୍କ ପୁରୁଷ ଡବଲ୍ସ ଯୋଡ଼ିକୁ ମଧ୍ୟ ପରାଜୟର ସାମ୍ନା କରିବାକୁ ପଡ଼ିଛି। ତେବେ ମିକ୍ସଡ୍ ଡବଲ୍ସରେ ସାତ୍ତ୍ୱିକ ଓ ଅଶ୍ୱିନୀ ପୋନାପ୍ପାଙ୍କ ଯୋଡ଼ି ବିଜୟ ଅଭିଯାନ ଆରମ୍ଭ କରିଛନ୍ତି

# କୋହଲି ଏକମାତ୍ର ଖେଳାଳି

**ନୂଆଦିଲ୍ଲୀ, ୧୯।୯**

ଭାରତୀୟ ଅଧିନାୟକ ବିରାଟ କୋହଲି ନିଜ କ୍ୟାରିୟରରେ ଗୋଟିଏ ପରେ ଗୋଟିଏ ରେକର୍ଡ ଭାଙ୍ଗି ଚାଲିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ୭୨ ରନ୍‌ର ଅପରାଜିତ ଇନିଂସ ଯୋଗୁ କୋହଲିଙ୍କ ଟି୨୦ ଫର୍ମାଟରେ ଆଭରେଜ ୫୦ ଅତିକ୍ରମ କରିଛି। ଏଥିଯୋଗୁ କ୍ରିକେଟର ପ୍ରତ୍ୟେକ ଫର୍ମାଟରେ ୫୦ରୁ ଅଧିକ ଆଭରେଜରେ ରନ୍ କରୁବାରେ କୋହଲି ବିଶ୍ୱରେ ଏକମାତ୍ର ବ୍ୟାଟ୍ସମ୍ୟାନ ହୋଇପାରିଛନ୍ତି। ଏ ନେଇ ଆଇସିସି ଟୁଇଟ କରି ଜଣାଇଛି। ଟେଷ୍ଟରେ କୋହଲିଙ୍କ ଆଭରେଜ ୫୩.୧୪ ଥିବାବେଳେ ଦିନିକିଆରେ ୬୦.୩୧ ଓ ଟି୨୦ରେ ୫୦.୮୫ ହାରରେ ରନ୍ କରୁଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ୭୯ ଟେଷ୍ଟ, ୨୩୯ ଦିନିକିଆ ଓ ୭୧ ଟି୨୦ ଖେଳିଥିବା କୋହଲି ଏପର୍ଯ୍ୟନ୍ତ ଯଥାକ୍ରମେ ୬୭୪୯, ୧୧୫୨୦ ଓ ୨୪୪୧ ରନ୍ କରିସାରିଛନ୍ତି। ଏଥିପୂର୍ବରୁ ୨୦୧୭ରେ ମଧ୍ୟ ସମସ୍ତ ଫର୍ମାଟରେ ଭାରତୀୟ ଅଧିନାୟକଙ୍କ ଆଭରେଜ ୫୦ରୁ ଅଧିକ ଥିଲା।

# ନିର୍ବାଚନ ପୂର୍ବରୁ ଆଶୀର୍ବାଦ ଚେକ୍‌ମେଟ୍

**କଟକ ଅଫିସ,୧୯।୯**

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) କର୍ମକର୍ତ୍ତା ନିର୍ବାଚନ ଲାଗି ଶୁକ୍ରବାର ହେଉଛି ପ୍ରାର୍ଥିପତ୍ର ଦାଖଲ ତାରିଖ। ଏହାର ଗୋଟିଏ ଦିନ ପୂର୍ବରୁ ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରାଙ୍କୁ ଚେକ୍‌ମେଟ କରାଯାଇଛି । ସିବିଆଇ ହାତରେ ଧରାପଡ଼ିବା ପରେ ଆଶୀର୍ବାଦଙ୍କ ନେତୃତ୍ୱରେ ନିର୍ବାଚନୀ ରଣକୌଶଳ ପ୍ରସ୍ତୁତ କରିଥିବା ଗୋଷ୍ଠୀ ଏବେ ଚିନ୍ତାରେ। ଆଶୀର୍ବାଦ ନିର୍ବାଚନ ଲଢ଼ି ନ ଥାନ୍ତେ ସତ ହେଲେ ତାଙ୍କ ଉପସ୍ଥିତି ହିଁ ଏକ ଗୋଷ୍ଠୀ ପାଇଁ ବଳ ପାଲଟିଥିଲା। ଜାମିନ ଖାରଜ ହୋଇଥିବା ଯୋଗୁ ଆଶୀର୍ବାଦଙ୍କ ଲେଉଟାଣିକୁ ନେଇ କୌଣସି ସ୍ପଷ୍ଟ ସୂଚନା ନାହିଁ। ଫଳସ୍ୱରୂପ ନିର୍ବାଚନୀ ଅଙ୍କକଷାରେ ଏବେ ବଡ଼ଧରଣର ପ୍ରଭାବ ପଡ଼ିବ ବୋଲି ଅନୁମାନ କରାଯାଉଛି ।

୨୦୧୭ ଜାନୁୟାରୀ ୪ ତାରିଖରେ ଲୋଧା କମିଟି ସୁପାରିସ କ୍ରମେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରିପ୍ରେକ୍ଷୀରେ ଆଶୀର୍ବାଦ ଓସିଏର ସମ୍ପାଦକ ପଦବୀରୁ ଗାଦିଚ୍ୟୁତ ହୋଇଥିଲେ। ଓସିଏରେ ଆଶୀର୍ବାଦଙ୍କର ଥିଲା ୧୬ ବର୍ଷର ରାଜୁତି। ୨୦୦୦ ଜୁନ୍ ୨୫ ତାରିଖରେ ଆଶୀର୍ବାଦ ଓସିଏ ସମ୍ପାଦକ ଭାବେ ପ୍ରଥମେ ଦାୟିତ୍ୱ ଗ୍ରହଣ କରିଥିଲେ। ପୂର୍ବରୁ ରାଜ୍ୟ କ୍ରୀଡ଼ା ଜଗତରେ ଜଣେ ଦକ୍ଷ ସଙ୍ଗଠକ ଭାବେ କାର୍ଯ୍ୟ ନିର୍ବାହ କରି ସେ ଓସିଏ ପାଇଁ ନିଜ ବାଟ ଫିଟାଇଥିଲେ। ଓସିଏ ଆସିବା ପୂର୍ବରୁ ରାଜ୍ୟ ଆଥ୍‌ଲେଟିକ ଆସୋସିଏଶନ ଓ ଓଡ଼ିଶା ଅଲିମ୍ପିକ ଆସୋସିଏଶନର ବିଭିନ୍ନ ପଦପଦବୀରେ ରହିଥିଲେ। ଭିନ୍ନ କାର୍ଯ୍ୟଶୈଳୀ ଯୋଗୁ ସେ କିଛିବର୍ଷ ଭିତରେ ଅପ୍ରତିଦ୍ୱନ୍ଦ୍ୱୀ ସଙ୍ଗଠକ ପାଲଟି ଯାଇଥିଲେ। ୨୦୦୪, ୨୦୦୮, ୨୦୧୨ ମସିହାରେ ଆଶୀର୍ବାଦ ଲଗାତର ଭାବେ ଓସିଏ ସମ୍ପାଦକ ପଦ ବଜାୟ ରଖିଥିଲେ। କ୍ରମାଗତ ଚାରିଥର ଓସିଏର ସମ୍ପାଦକ ହୋଇଥିବା ଆଶୀର୍ବାଦ ପଦବୀରୁ ହଟିବା ପରେ ମଧ୍ୟ ତାଙ୍କ ବିନା ଏହି କ୍ରୀଡ଼ା ସଂଘରେ କୌଣସି ନୂଆ ନିଷ୍ପତ୍ତି ହୋଇପାରୁ ନ ଥିଲା। ଅଭିଜ୍ଞତାକୁ ଦୃଷ୍ଟିରେ ରଖାଯାଇ ବିଭିନ୍ନ ବୈଠକରେ ତାଙ୍କୁ ଲୋଡ଼ାଯାଉଥିଲା। ହେଲେ ଆଗାମୀ ନିର୍ବାଚନ ପାଇଁ ସମ୍ବିଧାନ ସଂଶୋଧନ କରାଯାଉଥିବା ବେଳେ କ୍ଲବଗୁଡ଼ିକୁ ସମ୍ବିଧାନ ତାଲିକାରୁ ବାଦ୍ ଦିଆଯିବା ଘଟଣାରେ ଆଶୀର୍ବାଦଙ୍କର ବିରୋଧୀ ସୃଷ୍ଟି ହୋଇଥିଲେ। ବାଦ୍ ପଡ଼ିଥିବା କ୍ଲବର ସମ୍ପାଦକମାନେ ଆଶୀର୍ବାଦଙ୍କ ବିରୋଧରେ ଏକଜୁଟ ହୋଇଥିଲେ। ପୁନର୍ବାର କ୍ଲବଗୁଡ଼ିକୁ ଓସିଏର ସଦସ୍ୟତା ମିଳିବା ପରେ ମଧ୍ୟ ବିରୋଧୀ ଗୋଷ୍ଠୀ ଆଶୀର୍ବାଦଙ୍କ ସମର୍ଥିତ ଗୋଷ୍ଠୀ ବିପକ୍ଷରେ ନିର୍ବାଚନରେ ପ୍ରାର୍ଥୀ ଦେବାକୁ ଅଣ୍ଟାଭିଡ଼ିଥିଲେ। ଗତ ମଙ୍ଗଳବାର ଆଶୀର୍ବାଦ ପୁରୀଠାରେ ଏକ ବୈଠକ ଡାକିଥିଲେ, ଯେଉଁଥିରେ ନିର୍ବାଚନରେ ଭୋଟ ଅଧିକାର ପାଇଥିବା ୩୩ ସଦସ୍ୟ ଉପସ୍ଥିତ ଥିଲେ। ମ୍ୟାଜିକ୍ ନମ୍ବର ୩୭କୁ ଟପି ଆଶୀର୍ବାଦଙ୍କ ଗୋଷ୍ଠୀ ଆଗାମୀ ନିର୍ବାଚନରେ ବାଜିମାତ କରିବ ବୋଲି କୁହାଯାଇଥିଲା। ବିଭିନ୍ନ ସଦସ୍ୟଙ୍କୁ ନେଇ ଭିନ୍ନ ଭିନ୍ନ କ୍ଲବ୍ ପ୍ରତିଷ୍ଠା କରିଥିବା ଆଶୀର୍ବାଦଙ୍କ ପରିଶ୍ରମ ଏବେ ପାଣିରେ ପଡ଼ିଛି ବୋଲି ଏକ ଜିଲା ସଂଘର ସମ୍ପାଦକ କହିଛନ୍ତି। ଆଶୀର୍ବାଦଙ୍କ ଅନୁପସ୍ଥିତିରୁ ଫାଇଦା ଉଠାଇବାକୁ ଚେଷ୍ଟା କରିବ ବିପକ୍ଷ ଗୋଷ୍ଠୀ। ଗେମ୍ ମାଷ୍ଟର ଆଶୀର୍ବାଦ ନ ଥିବା ଯୋଗୁ ବିଭିନ୍ନ ଅନୁବନ୍ଧିତ ୟୁନିଟ୍‌କୁ ହାତେଇ ଆଗାମୀ ନିର୍ବାଚନରେ ବିଜୟୀ ପାଇଁ ଚେଷ୍ଟା କରିବାକୁ ଏହି ଗୋଷ୍ଠୀ ଆଶା ରଖିଛି।

କେବଳ ଚିଟ୍‌ଫଣ୍ଡ ନୁହେଁ, ବିଭିନ୍ନ ଘଟଣାରେ ସିବିଆଇର ଜାଲ ଆଶୀର୍ବାଦଙ୍କୁ ଛନ୍ଦି ରଖିଥିଲା। ପୂର୍ବରୁ ବୟସ ଜାଲିଆତି ଅଭିଯୋଗ ପରେ ମଧ୍ୟ ଓସିଏରେ ସିବିଆଇ ପଶି ବିଭିନ୍ନ ଦସ୍ତାବିଜ ଜବତ କରିଥିଲା, ଯେଉଁଥିରେ ଆଶୀର୍ବାଦ ସିବିଆଇର ଦ୍ୱାରସ୍ଥ ହୋଇଥିଲେ। ଅଲିମ୍ପିକ ଆସୋସିଏଶନରେ ଜମି ଜାଲିଆତି, ବ୍ୟାପକ ଦୁର୍ନୀତି, ଅର୍ଥ ହେରଫେର ଘଟଣାରେ ମଧ୍ୟ ସିବିଆଇ ଆଶୀର୍ବାଦଙ୍କୁ ଟାର୍ଗେଟ କରିଥିଲା। ଯାହାଫଳରେ ଆଶୀର୍ବାଦ ରାଜ୍ୟ ଅଲିମ୍ପିକ ଆସୋସିଏଶନ ସମ୍ପାଦକ ପଦରୁ ହଟିଥିଲେ।

### ଓସିଏ ନିର୍ବାଚନ




## ବିବାଦର ମୂଳ ଓପିଏଲ୍

ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍) ଢାଞ୍ଚାରେ ୨୦୧୧ରେ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା ଓଡ଼ିଶା ପ୍ରିମିୟର ଲିଗ୍(ଓପିଏଲ୍)। ବିଭିନ୍ନ ଜିଲାର ନାମକୁ ନେଇ ୧୦ଟି ଦଳ ଗଠନ ହୋଇଥିଲା। ବିଭିନ୍ନ ବୟସ ବର୍ଗର ଖେଳାଳିଙ୍କୁ କିଣା ଯାଇଥିବା ବେଳେ ପ୍ରତ୍ୟେକ ଦଳର ବେସ ପ୍ରାଇସ ଥିଲା ୪ ଲକ୍ଷ ଟଙ୍କା। ଲିଗ୍ ସଫଳତାର ସହ ଆୟୋଜନ ହୋଇଥିବାବେଳେ ଏହା ପଛରେ ବିପୁଳ ଟଙ୍କା ଖର୍ଚ୍ଚ ହୋଇଥିଲା। ଓପିଏଲ ସମୟରେ ହିଁ ଆଶୀର୍ବାଦ ଚିଟଫଣ୍ଡ ମାମଲାରେ ଫସିଥିବା ଅର୍ଥତତ୍ତ୍ୱ ସଂସ୍ଥାର ମୁଖ୍ୟ ପ୍ରଦୀପ ସେଠୀଙ୍କ ସମ୍ପର୍କରେ ଆସିଥିଲେ। ସଂସ୍ଥା ପକ୍ଷରୁ ଏକ କୋଟି ଟଙ୍କା ଦିଆଯାଇଥିବା ବେଳେ ଟୁର୍ନାମେଣ୍ଟର ମୁଖ୍ୟ ପ୍ରାୟୋଜକ ଭାବେ ମଧ୍ୟ ଅର୍ଥତତ୍ତ୍ୱର ନାମ ଉଲ୍ଲେଖ କରାଯାଇଥିଲା। ଉକ୍ତ ଟଙ୍କା ଗ୍ରହଣ କରିବା ଏବେ ଆଶୀର୍ବାଦଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଏହିଠାରୁ ବିବାଦର ମୂଳମଞ୍ଜି ପଡ଼ିଥିଲା। ଏକ କୋଟି ଟଙ୍କାରୁ କିଛି ଅର୍ଥରେ ଓଡ଼ିଶା କ୍ରିକେଟ ଦଳ ଅଷ୍ଟ୍ରେଲିଆ ମଧ୍ୟ ଯାଇଥିଲା। ଅଷ୍ଟ୍ରେଲିଆର ଘରୋଇ ଦଳ ସହିତ ଓଡ଼ିଶା ସିନିୟର ପୁରୁଷ ଦଳ ଏକ ଟୁର୍ନାମେଣ୍ଟ ଖେଳିଥିଲା।

**ଜନ୍ମଦିନ ଶୁଭେଚ୍ଛା**



**ଆରାଧ୍ୟା ମିଶ୍ର (ମିଣ୍ଟୁ)**
କାଲୁପଡ଼ାଘାଟ, ଖୋର୍ଦ୍ଧା
ତା-୨୫।୦୯।୨୦୧୪
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ
ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ଶଶୀଦେବୀ ମିଶ୍ର, ବାପା, ମା, ପାପା, ମମି, ପରିବାର ବର୍ଗ ଓ ବନ୍ଧୁବାନ୍ଧବ.
ଧ-୧୪୪୦୮

**ଜନ୍ମଦିନର ଶୁଭେଚ୍ଛା**



**ପ୍ରାଂଶୁ (ସାଇ, ସୋନୁ)**
ମିଶ୍ରପଡ଼ା, ଅନୁଗୋଳ
ଜନ୍ମଦିନ ଶୁଭ ଅବସରରେ ଆମେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛାସହ:
ଜେପା, ଜେମା, ଆଇ, ବାପା, ମାମା ଓ ସାନଭାଇ ପ୍ରନୀଳ।
ଧ-୧୪୪୧୫

**ଜନ୍ମଦିନ ଶୁଭେଚ୍ଛା**



**ଶ୍ରୀଜିତା ମିଶ୍ର (ଶ୍ରୀ)**
କାଲୁପଡ଼ାଘାଟ, ଖୋର୍ଦ୍ଧା
ତା-୨୦।୧୦।୨୦୦୯
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ
ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ଶଶୀଦେବୀ ମିଶ୍ର, ବାପା, ମା, ପାପା, ମମି, ପରିବାର ବର୍ଗ ଓ ବନ୍ଧୁବାନ୍ଧବ.
ଧ-୧୪୪୦୭

# ଆଜି ପ୍ରାର୍ଥିପତ୍ର ଦାଖଲ

**କଟକ ଅଫିସ,୧୯।୯**

ବହୁ ପ୍ରତୀକ୍ଷିତ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) କର୍ମକର୍ତ୍ତା ନିର୍ବାଚନରେ ଶୁକ୍ରବାର ପ୍ରାର୍ଥିପତ୍ର ଦାଖଲ କରାଯିବ। ପୂର୍ବାହ୍ନ ୧୦.୩୦ରୁ ସନ୍ଧ୍ୟା ୫ଟା ମଧ୍ୟରେ ଏହି ପ୍ରକ୍ରିୟା ଶେଷ ହେବ। ୨୧ ତାରିଖ ମଧ୍ୟାହ୍ନ ୧୨ଟା ମଧ୍ୟରେ ପ୍ରାର୍ଥିପତ୍ର ଦାଖଲ ସମ୍ପର୍କିତ ଅଭିଯୋଗ ଗ୍ରହଣ କରାଯିବ। ପରେ ଦିନ ୧ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ପ୍ରାର୍ଥିପତ୍ର ଯାଞ୍ଚ କରାଯିବ। ୨୨ ତାରିଖ ଦିନ ୧ଟା ମଧ୍ୟରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ସମୟ ରହିଥିବା ବେଳେ ସନ୍ଧ୍ୟା ୫ଟାରୁ ୬ଟା ମଧ୍ୟରେ ଚୂଡ଼ାନ୍ତ ପ୍ରାର୍ଥିତାଲିକା ଘୋଷଣା କରାଯିବ। ଦୁଇଟି ଗୋଷ୍ଠୀ ନିର୍ବାଚନରେ ଅଂଶ ଗ୍ରହଣ କରୁଥିବା ବେଳେ ଉଭୟ ପକ୍ଷରୁ କେବଳ ସଭାପତି ଓ ସମ୍ପାଦକଙ୍କ ନାମ ଘୋଷଣା ହୋଇଛି। ଅନ୍ୟ ପଦବୀଗୁଡ଼ିକ ନିମନ୍ତେ ଉଭୟ ଗୋଷ୍ଠୀ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ।

**କମିବ ୪ ଭୋଟ**

ଗତ ୧୬ ତାରିଖରେ କମିଟି ଅଫ ଆଡମିନିଷ୍ଟ୍ରେଟର (ସିଓଏ) ଯେଉଁ ଘୋଷଣା କରିଥିଲା ତାହାକୁ ନେଇ ଓସିଏର ନିର୍ବାଚନ ଅଧିକାରୀ ମାଖନଲାଲ ମଜୁମଦାର ଗୁରୁବାର ଏକ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ସିଓଏ ପକ୍ଷରୁ କୁହାଯାଇଥିଲା ଯେ, ଯେଉଁମାନେ ନୂଆ ନିୟମ ବଳରେ ଓସିଏର ପଦବୀରେ ବସିବା ନିମନ୍ତେ ଅଯୋଗ୍ୟ, ସେମାନେ ଭୋଟ ମଧ୍ୟ ଦେଇପାରିବେ ନାହିଁ। ଏହି ନିୟମ ବଳରେ ଏବେ ମୋଟ ୪ଟି ଭୋଟ କମିବ। ଆଶୀର୍ବାଦ ବେହେରା ଜେଲରେ ଥିବା ବେଳେ ଭୋଟର ତାଲିକାରେ ଥିବା ଅନ୍ୟ ୩ଜଣ ପ୍ରତିନିଧି ଏହି ନିୟମ ବଳରେ ଭୋଟ ଦାନରୁ ବଞ୍ଚିତ ହେବେ । ତେବେ ୭୩ ନୁହେଁ ୬୯ ଭୋଟରଙ୍କୁ ନେଇ ନିର୍ବାଚନ କରାଯିବ ବୋଲି ଅନୁମାନ କରାଯାଉଛି। ଏ ସମ୍ପର୍କରେ ଓସିଏ ନିର୍ବାଚନ ଅଧିକାରୀଙ୍କ ଆଭିମୁଖ୍ୟ କଣ ରହିବ ତା' ଉପରେ ସମସ୍ତଙ୍କ ନଜର ରହିଛି।

## ଶ୍ରୀଲଙ୍କା ସ୍ପିନର ଦନଞ୍ଜୟ ବାସନ୍ଦ



**ଦୁବାଇ, ୧୯।୯(ପି.ଟି.)**

ନିୟମ ବହିର୍ଭୂତ ବୋଲିଂ ଆକ୍ସନ ପାଇଁ ଶ୍ରୀଲଙ୍କା ଅଫ୍ ସ୍ପିନର ଆକିଲା ଦନଞ୍ଜୟଙ୍କୁ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ୧୨ ମାସ ବାସନ୍ଦ କରିଛି। ତାଙ୍କ ବୋଲିଂ ଆକ୍ସନକୁ ଅନୁଧ୍ୟାନ କରାଯିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଅଗଷ୍ଟ ୧୪ରୁ ୧୮ ପର୍ଯ୍ୟନ୍ତ ଗାଲେଠାରେ ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ତାଙ୍କ ବୋଲିଂ ଆକ୍ସନର ବୈଧତାକୁ ନେଇ ପ୍ରଶ୍ନ ଉଠିଥିଲା। ଅଗଷ୍ଟ ୨୯ରେ ଚେନ୍ନାଇଠାରେ ବ୍ୟକ୍ତିଗତ ଭାବେ ତାଙ୍କ ବୋଲିଂ ଆକ୍ସନକୁ ଅନୁଧ୍ୟାନ କରାଯାଇଥିଲା। ଏଥିରେ ତାଙ୍କ ବୋଲିଂ ଆକ୍ସନ ଅବୈଧ ଥିବା ଜଣାପଡ଼ିଥିଲା। ଦନଞ୍ଜୟ ପ୍ରକୃତରେ ୨୦୧୮ ଡିସେମ୍ବରରେ ସସ୍‌ପେଣ୍ଡ ହୋଇଥିଲେ। ମାତ୍ର ପରେ ଏଥିରେ ପରିବର୍ତ୍ତନ ଆଣିବା ଲାଗି ପରାମର୍ଶ ଦିଆଯିବା ସହ ୨୦୧୯ ଫେବୃୟାରୀରେ ତାଙ୍କୁ ବୋଲିଂ କରିବାକୁ ଅନୁମତି ଦିଆଯାଇଥିଲା। 'ଗତ ୨ ବର୍ଷ ମଧ୍ୟରେ ଦନଞ୍ଜୟଙ୍କ ବୋଲିଂ ଆକ୍ସନକୁ ନେଇ ୨ ଥର ରିପୋର୍ଟ ହୋଇଛି। ପ୍ରଥମେ ତାଙ୍କୁ ସାମୟିକ ବାସନ୍ଦ କରାଯାଇଥିବାବେଳେ ଏବେ ସ୍ୱାଭାବିକ ଭାବେ ୧୨ ମାସ ପାଇଁ ସସ୍‌ପେଣ୍ଡ ହୋଇଛନ୍ତି'' ବୋଲି ଆଇସିସି ପକ୍ଷରୁ ପ୍ରକାଶ କରାଯାଇଛି। ଏକ ବର୍ଷ ବାସନ୍ଦ ପରେ ଦନଞ୍ଜୟ ତାଙ୍କ ବୋଲିଂ ଆକ୍ସନର ପୁନଃ ସମୀକ୍ଷା ପାଇଁ ଆଇସିସି ନିକଟରେ ଆବେଦନ କରିପାରିବେ।

■ ଡ୍ର' ଅଭିମୁଖେ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ

# ମାର୍କ୍ରାମ, ମଲ୍‌ଡରଙ୍କ ଶତକ

**ମହୀଶୂର, ୧୯।୯(ପି.ଟି.)**

ଘରୋଇ ଭାରତ-ଏ ବିପକ୍ଷରେ ସ୍ଥାନୀୟ ଶ୍ରୀକାନ୍ତ ଦତ୍ତ ନରସୀମା ରାଜା ଓ୍ୱାଡିୟର ଗ୍ରାଉଣ୍ଡରେ ଚାଲିଥିବା ଅନ୍ତିମ ତଥା ୨ୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା-ଏ ବ୍ୟାଟିଂରେ ଦୃଢ଼ ଜବାବ ଦେଇଛି। ଭାରତ-ଏ'ର ସ୍କୋର ୪୧୭ ରନ୍ ଜବାବରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା-ଏ ଗୁରୁବାର ୩ୟ ଦିବସରେ ପ୍ରଥମ ଇନିଂସରେ ୪୦୦ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଛି। ଦକ୍ଷିଣ ଆଫ୍ରିକା-ଏ ପକ୍ଷରୁ ଅଧିନାୟକ ତଥା ଓପନର ଏଡେନ ମାର୍କ୍ରାମ ଓ ମଧ୍ୟକ୍ରମରେ ୱିଆନ ମଲଡର ଆକର୍ଷଣୀୟ ଶତକୀୟ ଇନିଂସ ଖେଳି ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ଦ୍ୱିତୀୟ ଦିବସ ଶେଷସୁଦ୍ଧା ୫ ଉଇକେଟ୍ ହରାଇ ୧୫୯ ରନ କରିଥିବା ଦକ୍ଷିଣ ଆଫ୍ରିକା-ଏ ଗୁରୁବାର ପ୍ରଭାବୀ ବ୍ୟାଟିଂ କରିଥିଲା। ବିଶେଷକରି ଅଧିନାୟକ ମାର୍କ୍ରାମ ଓ ମଲ୍ଡରଙ୍କ ଇନିଂସ ବେଶ୍ ପ୍ରଶଂସନୀୟ ରହିଥିଲା। ପୂର୍ବଦିନର ଅପରାଜିତ ସ୍କୋର ୮୩ ରନ୍‌ରୁ ବ୍ୟାଟିଂ ଆରମ୍ଭ କରିଥିବା ମାର୍କ୍ରାମ ୧୬୧ ରନ୍ (୨୫୩ ବଲ୍, ୨୦ ଚୌକା, ୨ ଛକା)କରି ମହମ୍ମଦ ସିରାଜଙ୍କ ଦ୍ୱାରା କ୍ଲିନ୍‌ବୋଲ୍ଡ ହୋଇଥିଲେ। ସେହିଭଳି ୨୧ ବର୍ଷୀୟ ଡାହାଣହାତୀ ବ୍ୟାଟ୍ସମ୍ୟାନ ମଲ୍‌ଡର ୧୩୧ ରନ୍ (୨୩୦ ବଲ୍, ୧୭ ଚୌକା, ୧ ଛକା)ର ଅପରାଜିତ ଇନିଂସ ଖେଳିଥିଲେ। ଉଭୟ ମାର୍କ୍ରାମ ଓ ମଲ୍‌ଡରଙ୍କ ମଧ୍ୟରେ ୫ମ ଉଇକେଟ୍ ଯୋଡ଼ିରେ ୧୫୫ ରନ୍‌ର ଗୁରୁତ୍ୱପୂର୍ଣ୍ଣ ଭଗୀଦାରି ହୋଇଥିଲା। ଘରୋଇ ଦଳ ପକ୍ଷରୁ କୁଲଦୀପ ଯାଦବ ୪, ଶାହବାଜ ନଦୀମ ୩, ସିରାଜ ୨ ଓ ଶିବମ ଦୁବେ ଗୋଟିଏ ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ୧୭ ରନ୍‌ର ଅଗ୍ରଣୀ ଲାଭ କରିଥିବା ରିଦ୍ଧିମାନ ଶାହଙ୍କ ନେତୃତ୍ୱାଧୀନ ଭାରତ-ଏ ଦ୍ୱିତୀୟ ଇନିଂସ ଆରମ୍ଭ କରି ଷ୍ଟମ୍ପ ଅପସାରଣ ସୁଦ୍ଧା ୬ ଓଭରରେ କୌଣସି ଉଇକେଟ୍ ନ ହରାଇ ୧୪ ରନ ସଂଗ୍ରହ କରିଛି। ଭାରତ-ଏ ଏବେ ମୋଟ୍ ଉପରେ ୩୧ ରନ୍‌ରେ ଅଗ୍ରଣୀ ରହିଛି। ଶୁକ୍ରବାର ଅନ୍ତିମ ଦିବସ ହୋଇଥିବାରୁ ମ୍ୟାଚ୍ ଡ୍ର' ରହିବା ଏକପ୍ରକାର ସ୍ପଷ୍ଟ ହୋଇଛି।



ଶଟ୍ ଖେଳିବା ଅବସରରେ ଶତକ ହାସଲକାରୀ ଏଡେନ୍ ମାର୍କ୍ରାମ।

**ସଂକ୍ଷିପ୍ତ ସ୍କୋର**

**ଭାରତ-ଏ ପ୍ରଥମ ଇନିଂସ:** ୪୧୭ ଅଲ୍‌ଆଉଟ୍

**ଦକ୍ଷିଣ ଆଫ୍ରିକା-ଏ ପ୍ରଥମ ଇନିଂସ:** ୪୦୦ ଅଲ୍‌ଆଉଟ୍ (ମାର୍କ୍ରାମ ୧୬୧, ମଲ୍‌ଡର ୧୩୧*, ଭର୍ନନ ଫିଲାଣ୍ଡର ୨୧, କୁଲଦୀପ ୪/୧୨୧, ନଦୀମ ୩/୭୧)।

**ଭାରତ-ଏ ୨ୟ ଇନିଂସ:** ୧୪/୦, ୬ ଓଭର।

## ନାମାଙ୍କନ ଦାଖଲ କଲେ ଆଝାରୁଦ୍ଦିନ

**ହାଇଦ୍ରାବାଦ,୧୯।୯(ପିଟି)**

ପୂର୍ବତନ ଭାରତୀୟ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ ହାଇଦ୍ରାବାଦ କ୍ରିକେଟ ଆସୋସିଏଶନ (ଏଚ୍‌ସିଏ)ର ସଭାପତି ପଦ ପାଇଁ ନାମାଙ୍କନ ଦାଖଲ କରିଛନ୍ତି। ଆସୋସିଏଶନର ବିଭିନ୍ନ ପଦ ଲାଗି ଆସନ୍ତା ୨୭ରେ ନିର୍ବାଚନ ହେବ। ଉପସଭାପତି ଲାଗି ପୂର୍ବତନ ପ୍ରଶାସକ ପି. ଆର. ମାନସିଂଙ୍କ ପୁଅ ବିକ୍ରମ ମାନସିଂ ନାମାଙ୍କନ ଦାଖଲ କରିଛନ୍ତି। ଏମାନଙ୍କ ବ୍ୟତୀତ ଅଜମଲ ଅସାଦ (ସମ୍ପାଦକ), ପି. ଶ୍ରୀନିବାସ (ଯୁଗ୍ମ ସମ୍ପାଦକ), ଜି. ଶ୍ରୀନିବାସ (ଟ୍ରେଜରର) ଓ ପି. ଅନୁରୁଧା ( କାଉନ୍ସିଲର) ଅନ୍ୟାନ୍ୟ ପଦ ପାଇଁ ନାମାଙ୍କନ ଦାଖଲ କରିଛନ୍ତି। ଆସନ୍ତା ୨୩ରେ ନାମାଙ୍କନ ପ୍ରତ୍ୟାହାର କରାଯାଇପାରିବ। ଆଝାରୁଦ୍ଦିଙ୍କୁ ବିକ୍ରମ ଓ ଅନ୍ୟମାନେ ସମର୍ଥନ କରୁଛନ୍ତି।

# ୨୦୦ କିଗ୍ରା ଭାର ଉଠାଇଲେ ମୀରାବାଈ

**ପଟୟା, ୧୯।୯ (ପି.ଟି.)**



ଭାରୋତ୍ତୋଳନ ଅବସରରେ ମୀରାବାଈ ଚାନୁ।

ପୂର୍ବତନ ଚାମ୍ପିୟନ ତଥା ଷ୍ଟାର୍ ଭାରୋତ୍ତୋଳିକା ମୀରାବାଈ ଚାନୁ (୪୯ କିଗ୍ରା) ତାଙ୍କ ଜାତୀୟ ରେକର୍ଡ ପ୍ରଦର୍ଶନଠାରୁ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଥାଇଲାଣ୍ଡର ପଟୟାଠାରେ ଚାଲିଥିବା ବିଶ୍ୱ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ପୋଡିୟମ ଫିନିଶ୍ କରିବାରେ ବିଫଳ ହୋଇଛନ୍ତି। ମହିଳା ୪୯ କିଗ୍ରା ବିଭାଗରେ ମୀରାବାଈ ଗୁରୁବାର ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରି ୪ର୍ଥ ସ୍ଥାନରେ ରହି ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି। ୨୫ ବର୍ଷୀୟା ଏହି ମଣିପୁର ଭାରୋତ୍ତୋଳିକା ସ୍ନାଚ୍‌ରେ ୮୭ କିଗ୍ରା ଭାର ଉଠାଇଥିଲେ। ସେହିଭଳି କ୍ଲିନ୍ ଆଣ୍ଡ ଜର୍କ ବିଭାଗରେ ୧୧୪ କିଗ୍ରା ଉଠାଇଥିଲେ। ଫଳରେ ମୋଟ୍ ଉପରେ ମୀରାବାଈ ୨୦୧ କିଗ୍ରା ଭାର ଉଠାଇବାରେ ସଫଳ ହୋଇଥିଲେ। ପୂର୍ବରୁ ସେ ୧୯୯ କିଗ୍ରା ଭାର ଉଠାଇ ଜାତୀୟ ରେକର୍ଡର ଅଧିକାରିଣୀ ରହିଥିଲେ। ଗତ ଏପ୍ରିଲରେ ଚାଇନାରେ ଅନୁଷ୍ଠିତ ଏସିଆନ୍ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ସେ ଏହି ୧୯୯ (୮୮+୧୧୧) କିଗ୍ରା ଭାର ଉଠାଇଥିଲେ। ଚାଇନାର ଜିଆଙ୍ଗ ହୁଇହୁଆ ୨୧୨ (୯୪+୧୧୮) କିଗ୍ରା ଭାର ଉଠାଇ ଏହି ଓଜନ ବର୍ଗରେ ନୂତନ ବିଶ୍ୱ ରେକର୍ଡ ସୃଷ୍ଟି କରିବା ସହ ସ୍ୱର୍ଣ୍ଣ ପଦକ ଅକ୍ତିଆର କରିଥିଲେ। ପୂର୍ବରୁ ଚାଇନାର ହୋଉ ଝିଉହି (୨୧୦ କିଗ୍ରା)ଙ୍କ ନାମରେ ବିଶ୍ୱ ରେକର୍ଡ ରହିଥିଲା।

## ଗ୍ରୁପ୍ 'ଡି'ରେ ସ୍ନେହା ଦ୍ୱିତୀୟ

ମହିଳା ୫୫ କେଜି ବର୍ଗରେ ଭାରୋତ୍ତୋଳନ କରିଥିବା ଓଡ଼ିଶାର ସ୍ନେହା ସୋରେନ ଗ୍ରୁପ୍ 'ଡି'ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ୧୮ ବର୍ଷୀୟା ସ୍ନେହା ମୋଟ ୧୭୩ କେଜି(୭୨ କେଜି + ୧୦୧ କେଜି) ଭାରୋତ୍ତୋଳନ କରି ୮ ପ୍ରତିଯୋଗୀ ବିଶିଷ୍ଟ ଗ୍ରୁପରେ ୨ୟ ସ୍ଥାନରେ ରହିଥିଲେ। ସ୍ନାଚ୍‌ରେ ସେ ୭୨ କେଜି ଭାର ଉଠାଇ ୫ମ ସ୍ଥାନ ପାଇଥିଲେ। ମାତ୍ର ସେ କ୍ଲିନ୍ ଆଣ୍ଡ ଜର୍କରେ ୧୦୧ କେଜି ଭାରୋତ୍ତୋଳନ କରି ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ଦେଇଥିଲେ। ଗ୍ରୁପ 'ଏ'ର ପ୍ରତିଯୋଗିତା ପରେ ଓଭରଅଲ୍ ଷ୍ଟାଣ୍ଡିଂରେ ସ୍ନେହା କେଉଁ ସ୍ଥାନରେ ରହିବେ ତାହା ସ୍ପଷ୍ଟ ହେବ।

# ସୁନ୍ଦରଗଡ଼ ସାଇ ଜିତିଲା ନାଲ୍‌କୋ କପ୍ ହକି




ଅତିଥିଙ୍କ ଗହଣରେ ନାଲ୍‌କୋ କପ୍ ହକି ଚାମ୍ପିୟନ ସୁନ୍ଦରଗଡ ସାଇ ଦଳର ଖେଳାଳି।

**କଟକ ଅଫିସ,୧୯।୯**

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ୧୭ତମ ନାଲ୍‌କୋ କପ୍ ରାଜ୍ୟ ହକି ଚାମ୍ପିୟନଶିପ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସୁନ୍ଦରଗଡ଼ ସାଇ ହଷ୍ଟେଲ ଓ ପୂର୍ବତଟ ରେଲୱେ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ସାଇ ୧-୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ପ୍ରଥମ ଦୁଇଟିଯାକ କ୍ୱାର୍ଟର ଗୋଲଶୂନ୍ୟ ରହିବା ପରେ ୩ୟ କ୍ୱାର୍ଟରରେ ସେଲଭିଷ୍ଟାର ବାର୍ଲାଙ୍କ ନେତୃତ୍ୱାଧୀନ ସୁନ୍ଦରଗଡ଼ ସାଇ ହଷ୍ଟେଲ ଏକ ଗୋଲ ସ୍କୋର କରିଥିଲା। ୪୩ତମ ମିନିଟ୍‌ରେ ଅମିତ ରୋଶନ ଲାକ୍ରା ଉକ୍ତ ଗୋଲ ଦେଇଥିଲେ। ୪ର୍ଥ କ୍ୱାର୍ଟର ଗୋଲଶୂନ୍ୟ ରହିବା ଫଳରେ ଚାମ୍ପିୟନ ଟାଇଟଲ ସୁନ୍ଦରଗଡ଼ ସାଇ ହଷ୍ଟେଲ ଦଳକୁ ଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ନାଲ୍‌କୋର ଉତ୍ପାଦକ ନିର୍ଦ୍ଦେଶକ ଭି. ସୁବ୍ରମଣ୍ୟମ, ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ, ସିଏମ୍‌ସି କମିଶନର ଅନନ୍ୟା ଦାସ ଅତିଥି ଭାବେ ଯୋଗଦେଇଥିଲେ। ହକି ଓଡ଼ିଶା ସଭାପତି ଜଷ୍ଟିସ୍ ଏ.ଏସ୍. ନାଇଡୁ, ସମ୍ପାଦକ ପ୍ରତାପ ଶତପଥୀ, ଯୁଗ୍ମସମ୍ପାଦକ ପ୍ରଣବ ପଟ୍ଟନାୟକ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ଅମ୍ପାୟର ବିଶ୍ୱରଞ୍ଜନ ଷଡ଼ଙ୍ଗୀ, ନିଶାନ ଜ୍ୟୋତି ମହାନ୍ତି ମ୍ୟାଚ୍ ପରିଚାଳନା କରିଥିଲେ। ସୁଜିତ କୁମାର ମଲ୍ଲିକ, ରାଜେଶ ଗୁପ୍ତା, ସନ୍ତୋଷ ସାହୁ, ନିରଞ୍ଜନ ଗୌଡ଼ ମ୍ୟାଚ୍ ପରିଚାଳନାରେ ସହାୟତା କରିଥିଲେ।

**ମନେ ପଡ଼ନ୍ତି**

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା କିରଣବାଳା ବେହେରା**
ବାଇପାସ, ଭଦ୍ରକ ଆର.ସି. ବେହେରା ମେନ୍‌ସନ୍
ଆବିର୍ଭାବ: ୧୯।୦୪।୧୯୭୫
ତିରୋଧାନ: ୦୩।୧୦।୨୦୧୫
ଚାହୁଁ ଚାହୁଁ ୪ବର୍ଷ ବିତିଗଲା। "ମାମା" ଆମ୍ଭମାନଙ୍କୁ ବାପାଙ୍କ ଦାୟିତ୍ୱରେ ଛାଡ଼ି ଚାଲିଗଲ କେଉଁ ଅଜଣା ରାଇଜକୁ। ତୁମେ ଯେଉଁଠି ଥାଅନା କାହିଁକି ତୁମ ହୃଦୟର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦରୁ ଆମକୁ ବଞ୍ଚିତ କରିବ ନାହିଁ। ତୁମ ଆତ୍ମାର ସଦ୍‌ଗତି ହେଉ, ଆଜିର ଷଷ୍ଠି ତିଥିରେ ଏହାହିଁ ଆମ୍ଭମାନଙ୍କର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ପୁଅ: ସୁମନ, ଝିଅ: ସ୍ନେହା, ହତଭାଗା ସ୍ୱାମୀ
ଧ-୧୪୪୧୨

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଅଭୟ କୁମାର ପ୍ରଧାନ**
ଚେୟାରମ୍ୟାନ, DAV ପବ୍ଲିକ ସ୍କୁଲ, ନୟାଗଡ଼
ଆବିର୍ଭାବ: ୦୫।୦୪।୧୯୭୦
ତିରୋଧାନ: ୧୦।୦୯।୨୦୧୯
ତୋର ଅଭାବରେ ଝୁରି ହେଉଛି ସାରା ପରିବାର। ଆଜି ଏକାଦଶାହରେ ପରିବାର ଓ ବନ୍ଧୁବର୍ଗ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋର ଆତ୍ମାର ସଦ୍‌ଗତି ହେଉ।
ଶୋକସନ୍ତପ୍ତ:
ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୧୪୪୧୩

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ବୁଦ୍ଧ ଦେବ୍ ପଣ୍ଡା**
ଆବିର୍ଭାବ: ୦୪।୦୪।୧୯୫୨
ତିରୋଧାନ: ୩୦।୦୯।୨୦୧୮
ତୁମର ଆଦର୍ଶ ଆମ ଚଲାପଥରେ ସହାୟକ ହେଉ, ତୁମର ଶାଶ୍ୱତ ଆତ୍ମା ଚିରଶାନ୍ତି ଲାଭ କରୁ, ଏହା ହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ:
ସ୍ତ୍ରୀ: ବିଦେଶିନୀ ପଣ୍ଡା, ବଡ ପୁଅ: ପରିମଳ ପଣ୍ଡା, ଦ୍ୱିତୀୟ ପୁଅ: ରାଜୁ କିଶୋର ପଣ୍ଡା, ସାନ ପୁଅ: ବୀର କିଶୋର ପଣ୍ଡା, ବଡବୋହୂ: ଶମିତା ପଣ୍ଡା, ଦ୍ୱିତୀୟ ବୋହୂ: ଶୁଭ ସନ୍ଧ୍ୟା ରାଜଗୁରୁ, ସାନ ବୋହୂ: ସମୀକ୍ଷା ରଥ
ଧ-୧୪୪୧୮

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୨୦/୨୦୧୯ Bhubaneswar, Friday, September 20/2019

■ ଗଣମାଧ୍ୟମକୁ ସନ୍ଥଙ୍କ ଦୁର୍ବ୍ୟବହାର

# ସନ୍ଥ ସମାଜ ସମ୍ମିଳନୀରେ ଉତ୍ତେଜନା

**ପୁରୀ ଅଫିସ,୧୯।୯**

ପୁରୀରେ ଚାଲିଥିବା ଉଚ୍ଛେଦ ଅଭିଯାନକୁ ନେଇ ବିଭିନ୍ନ ସମୟରେ ବିରୋଧ, ପ୍ରତିବାଦ ଏବଂ ଉତ୍ତେଜନା ଦେଖିବାକୁ ମିଳୁଛି। ସରକାରଙ୍କ ଏହି ନିଷ୍ପତ୍ତିକୁ ଶତ ପ୍ରତିଶତ ସମର୍ଥନ ମିଳୁନାହିଁ। ବିଶେଷକରି ପ୍ରଥମେ ଐତିହ୍ୟସମ୍ପନ୍ନ ତିନୋଟି ମଠ ମାଟିରେ ମିଶିଯିବା ପରେ ଅଧିକ ପ୍ରତିକ୍ରିୟାଶୀଳ ହୋଇପଡ଼ିଛନ୍ତି ମହନ୍ତ ଓ ସାଧୁସନ୍ଥ । ବିଭିନ୍ନ ସମୟରେ ସାଧୁସନ୍ଥ ମେଳି ବାନ୍ଧୁଥିବାବେଳେ କିପରି ମଠଗୁଡ଼ିକୁ ସୁରକ୍ଷା ଦିଆଯାଇପାରିବ ସେନେଇ ଚାଲିଛି ମାନସ ମନ୍ଥନ। ଗୁରୁବାର ଦମୋଦର ରୋଡ଼ସ୍ଥିତ ରାମକୃଷ୍ଣ ଆନନ୍ଦ ଧାମ ପରିସରରେ ସନାତନ ସନ୍ଥ ସମାଜର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଧୁସନ୍ଥ, ମହନ୍ତ ଏକାଠି ହୋଇ ମଠ, ମନ୍ଦିର ଉଚ୍ଛେଦକୁ ବିରୋଧ କରି କାର୍ଯ୍ୟପନ୍ଥା ସ୍ଥିର କରିଥିଲେ। ତେବେ ଏଠାରେ ଗଣମାଧ୍ୟମକୁ ଜଣେ ସନ୍ଥ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ସମ୍ମିଳନୀ ଶେଷରେ ଆୟୋଜିତ ହୋଇଥିଲା ଖବରଦାତା ସମ୍ମିଳନୀ। ଏଥିରେ ସୂଚନା ଦେବାକୁ ୪ଜଣ ସାଧୁସନ୍ଥ ଆସିଥିଲେ। ସେମାନେ ଆଭିମୁଖ୍ୟ ରଖିବା ପୂର୍ବରୁ ଜଣେ ସନ୍ଥ ସବୁ ଗଣମାଧ୍ୟମ ବିକ୍ରି ହୋଇଯାଇଥିବା କହିଥିଲେ। ଏହି କଥାକୁ ଧରିଥିଲେ ସମସ୍ତ ଗଣମାଧ୍ୟମ ପ୍ରତିନିଧି। କେଉଁ ଗଣମାଧ୍ୟମ ବିକ୍ରି ହୋଇଛି, କିଏ କିଣିଛି ଏହାର ପ୍ରମାଣ ଦେବାକୁ ସେମାନେ କହିଥିଲେ। ମାତ୍ର ସନ୍ଥ ଜଣକ କୌଣସି କଥା ନ ଶୁଣି ଯୁକ୍ତିତର୍କ କରିଥିଲେ। ଗଣମାଧ୍ୟମ ପ୍ରତିନିଧିମାନେ ତାଙ୍କୁ ଘେରିଯାଇ ପ୍ରମାଣ ଦିଅ ବୋଲି କହିଥିଲେ। ଫଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅନ୍ୟ ସାଧୁସନ୍ଥମାନେ ଗଣମାଧ୍ୟମ ପ୍ରତିନିଧିଙ୍କୁ ବୁଝାଶୁଝା କରିଥିଲେ। ଶେଷରେ ଯେଉଁ ସନ୍ଥ ଏଭଳି ଅଭିଯୋଗ କରିଥିଲେ ସେ ତାଙ୍କ ଭୁଲ ବୁଝିପାରି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଗଣମାଧ୍ୟମ ପ୍ରତିନିଧିମାନେ ଏହି ଖବରଦାତା ସମ୍ମିଳନୀକୁ ବର୍ଜନ କରିଥିଲେ।

ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଅଚାନକ ଉତ୍କଳ ବିଶ୍ୱବିଦ୍ୟାଳୟ ଗସ୍ତ

# ଭିତ୍ତିଭୂମି ପରଖିବା ପରେ ସମାଧାନର ପ୍ରତିଶ୍ରୁତି



ଉତ୍କଳ ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ।

**ଭୁବନେଶ୍ୱର, ୧୯।୯(ବ୍ୟୁରୋ)**

ଉତ୍କଳ ବିଶ୍ୱବିଦ୍ୟାଳୟର ବିକାଶ ପାଇଁ କୋଟି କୋଟି ଟଙ୍କା ଆସୁଛି ହେଲେ ତାର ଉଚିତ୍ ବ୍ୟବହାର ହେଉଥିବା ପରିଲକ୍ଷିତ ହେଉନି। ବିଶ୍ୱବିଦ୍ୟାଳୟର ବିକାଶରେ ସେ ଅର୍ଥ ଲାଗି ପାରୁନାହିଁ। ତୁରନ୍ତ ସେ ପାଣ୍ଠିକୁ ବିଶ୍ୱବିଦ୍ୟାଳୟର ବିକାଶ ପାଇଁ ବିନିଯୋଗ କର ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି। ଗୁରୁବାର ପୂର୍ବାହ୍ନରେ ମନ୍ତ୍ରୀ ସାହୁ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଅଚାନକ ଗସ୍ତ କରିଥିଲେ। ଏହି ଅବସରରେ ସେ ପ୍ରଥମେ ଗୋବିନ୍ଦ ସାହୁ ମାର୍କେଟ ପରେ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ହଷ୍ଟେଲଗୁଡ଼ିକ ବୁଲି ଦେଖିଥିଲେ। ପରେ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ସଜାଡ଼ିବା ନେଇ ସେ କୁଳପତି ସୌମେନ୍ଦ୍ରମୋହନ ପଟ୍ଟନାୟକଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ସେ ବିଶ୍ୱବିଦ୍ୟାଳୟର ବିଭିନ୍ନ ସ୍ଥାନ ବୁଲି ଦେଖିଥିଲେ। ତାଙ୍କ ସହ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଉଚ୍ଚଶିକ୍ଷା ସଚିବ ଶଶ୍ୱତ ମିଶ୍ରଙ୍କ ସହ ବହୁ ଅଧିକାରୀ ଉପସ୍ଥିତ ଥିଲେ। ମନ୍ତ୍ରୀ ପୂର୍ବାହ୍ନ ୮ଟାରୁ ଅପରାହ୍ନ ଯାଏ ବିଶ୍ୱବିଦ୍ୟାଳୟ ପରିସରରେ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟ ପରିସରରେ ମନ୍ତ୍ରୀ ମଧ୍ୟାହ୍ନ ଭୋଜନ କରିଥିଲେ। ଉଲ୍ଲେଖଥାଉ କି, ଗତ ଦୁଇ ଦିନ ତଳେ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ ଦାବି ନେଇ କୁଳପତିଙ୍କୁ ଘେରିଥିଲେ ଓ ସେମାନଙ୍କ ସମସ୍ୟାର ସମାଧାନ ଦାବି କରିଥିଲେ। ଏହା ଶୁଣି ମନ୍ତ୍ରୀ ବିଶ୍ୱବିଦ୍ୟାଳୟ ଗସ୍ତ କରିଥିବା ଜଣାପଡ଼ିଛି।

■ ପଶ୍ଚିମ ପାର୍ଶ୍ୱରେ ମାପଚୁପକୁ ବିରୋଧ

# ଅଧାରେ ଅଟକିଲା ସର୍ଭେ

■ ଅଞ୍ଚଳବାସୀଙ୍କ ସହ ଆଲୋଚନା ବିଫଳ

■ ଅଧାରୁ ଉଠିଆସିଲେ ଅତିରିକ୍ତ ଜିଲାପାଳ

**ପୁରୀ ଅଫିସ, ୧୯।୯**

ଶ୍ରୀମନ୍ଦିର ଚୌହଦି ଉଚ୍ଛେଦର ମାପଚୁପ ଚାଲିଛି। ସୋମବାରଠାରୁ ଡିଜିପିଏସ୍ (ଡିଫରେନ୍ସିଆଲ ଗ୍ଲୋବାଲ ପୋଜିସନିଂ ସିଷ୍ଟମ) ପଦ୍ଧତିରେ ସର୍ଭେ କରାଯାଉଛି। ଏହି କାର୍ଯ୍ୟ ଆଉ ଦୁଇଦିନ ବାକି ଥିବାବେଳେ ଗୁରୁବାର ପ୍ରଶାସନକୁ ତୀବ୍ର ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି। ଫଳରେ ପଶ୍ଚିମ ପାର୍ଶ୍ୱରେ ଅଧାରେ ଅଟକିଛି ସର୍ଭେ। ଉଚ୍ଛେଦ ତ ଦୂରର କଥା, କୌଣସି ମାପଚୁପ କରାଇଦେବେ ନାହିଁ ବୋଲି ପ୍ରଭାବିତ ହେବାକୁ ଥିବା ଲୋକେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ପ୍ରଶାସନ ଏବଂ ପ୍ରଭାବିତଙ୍କ ମଧ୍ୟରେ ଏ ନେଇ ଆଲୋଚନା ବିଫଳ ହୋଇଛି। ଲୋକେ ସେମାନଙ୍କ ଜିଦ୍‌ରେ ଅଟଳ ରହିବାରୁ ଆଲୋଚନା ଅଧାରୁ ଅତିରିକ୍ତ ଜିଲାପାଳ ଉଠି ଆସିଥିବା ଜଣାପଡ଼ିଛି। ଆଗକୁ ଏହି ସର୍ଭେ କାର୍ଯ୍ୟ କି ମୋଡ଼ ନେଉଛି ତାହା ଉପରେ ଏବେ ସମସ୍ତଙ୍କ ନଜର।



ମଣିକର୍ଣ୍ଣିକା ସାହିରେ ଲୋକଙ୍କ ସହ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ଆଲୋଚନା କରୁଛନ୍ତି।

ଗୁରୁବାର ମେଘନାଦ ପାଚେରି କଡ଼ରୁ ୭୫ ମିଟର ପରିଧି ମାପଚୁପ ଆରମ୍ଭ ହୋଇଥିଲା। ପଶ୍ଚିମ ପାର୍ଶ୍ୱରେ ଡିଜିପିଏସ୍ ସର୍ଭେ ବେଳେ ପ୍ରଥମେ ବାସେଳୀ ଠାକୁରାଣୀ ମନ୍ଦିର ଗଳିରେ ଜଣେ ମହିଳା ମାପଚୁପ କରୁଥିବା କର୍ମଚାରୀ ଏବଂ ପୋଲିସକୁ ବିରୋଧ କରିଥିଲେ। ସର୍ଭେ କରୁଥିବା କର୍ମଚାରୀ ଚପଲ ପିନ୍ଧି ଘରଦ୍ୱାର ଭିତରକୁ ପଶି ଯାଉଥିବା ନେଇ ମହିଳା ଜଣକ ଆପତ୍ତି ଉଠାଇଥିଲେ। ନୋଟିସ୍ ନାହିଁ, କେଉଁ ଆଧାରରେ ଆମ ଘର ଭିତରେ ପଶିଯାଉଛ ବୋଲି ପଚାରିଥିଲେ। ଏହାପରେ କପାଳମୋଚନ ମନ୍ଦିର ନିକଟରେ ମାପଚୁପ ଚାଲିଥିବାବେଳେ କର୍ମଚାରୀମାନେ ମନ୍ଦିର ଭିତରକୁ ଚପଲ ପିନ୍ଧି ପଶୁଥିବା ନେଇ ହୋ ହଲ୍ଲା ହୋଇଥିଲା। ମଣିକର୍ଣ୍ଣିକା ସାହି ଓ ହରଚଣ୍ଡୀ ସାହିର କିଛି ଅଂଶ ମାପଚୁପ ଆରମ୍ଭ ସମୟରେ ଜୋର୍‌ଦାର ବିରୋଧ ହୋଇଥିଲା। ପ୍ରଶାସନ ସେମାନଙ୍କ ସହ ଆଲୋଚନା ନ କରି ହଠାତ ଉଚ୍ଛେଦ ନିଷ୍ପତ୍ତି ନେଇଛି। ଏହାଦ୍ୱାରା ପଶ୍ଚିମ ପାର୍ଶ୍ୱରେ ଅଧିକାଂଶ ସେବାୟତ ପରିବାର କ୍ଷତିଗ୍ରସ୍ତ ହେବା ଆଶଙ୍କା ରହିଛି। ସେବାୟତ ପରିବାର ସ୍ଥାନାନ୍ତର ହେଲେ ଠାକୁରଙ୍କ ନୀତିକାନ୍ତି କିପରି ଶୃଙ୍ଖଳିତ ହେବ ବୋଲି ଲୋକେ ପ୍ରଶ୍ନ କରିଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇବାରୁ ସର୍ଭେକୁ ବନ୍ଦ ରଖାଯାଇଥିଲା। ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ପହଞ୍ଚି କହିଥିଲେ, ଏବେ କେବଳ ସର୍ଭେ ହେଉଛି। ୭୫ ମିଟରର ଶେଷ ସୀମା କେଉଁଠି ତାହା ଚିହ୍ନଟ ଚାଲିଛି। ଏହାପରେ କ୍ଷତିଗ୍ରସ୍ତଙ୍କ ସହ ଆଲୋଚନା ହେବ। ସେମାନେ ଚାହିଁଲେ ସିଧାସଳଖ ଜିଲା ପ୍ରଶାସନ ନିକଟରେ ତାଙ୍କ ଆପତ୍ତି ଅଭିଯୋଗ ରଖିପାରିବେ। ଏଥିପାଇଁ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ତେଣୁ ବ୍ୟତିବ୍ୟସ୍ତ ନ ହେବାକୁ ସେ ଲୋକଙ୍କୁ ବୁଝାଇଥିଲେ। ହେଲେ ଲୋକେ ସର୍ଭେ କରାଇଦେବେ ନାହିଁ ବୋଲି ଜିଦ୍ ଧରିବାରୁ ଆଲୋଚନା ଅଧାରୁ ଅତିରିକ୍ତ ଜିଲାପାଳ ଉଠି ଆସିଥିଲେ। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ଦାଶ କହିଛନ୍ତି, ବର୍ତ୍ତମାନ କେବଳ ୭୫ ମିଟର କେଉଁ ପର୍ଯ୍ୟନ୍ତ ରହିଛି ତାହାର ସୀମା ନିର୍ଦ୍ଧାରଣ କରୁଛୁ। ଏଥିପାଇଁ କ୍ଷତିଗ୍ରସ୍ତଙ୍କୁ କିପରି ଠିକ୍ ଭାବେ ଥଇଥାନ କରାଯିବ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ତେଣୁ ସର୍ଭେ ସମୟରେ ସମସ୍ତେ ସହଯୋଗ କରିବା କଥା।









1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଝାଡ଼ଖଣ୍ଡର ପୂର୍ବତନ କଂଗ୍ରେସ ମୁଖ୍ୟ ଅଜୟ କୁମାର ଗୁରୁବାର ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ୍ ସିସୋଦିଆଙ୍କ ଉପସ୍ଥିତିରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ରେ ସାମିଲ ହୋଇଛନ୍ତି। ଝାଡ଼ଖଣ୍ଡ କଂଗ୍ରେସ ସ୍ଥିତି ଦୁର୍ବଳ ହୋଇପଡ଼ିଥିବା କୁମାର ଅଭିଯୋଗ କରିବା ସହ ଏଏପି ମୋତେ ଯାହା ଦାୟିତ୍ୱ ଦେବ, ତାକୁ ସମ୍ଭାଳିବାକୁ ପ୍ରସ୍ତୁତ ଥିବା କହିଛନ୍ତି। ପୂର୍ବତନ ଆଇପିଏସ୍ ଅଫିସର କୁମାର ଗତ ମାସରେ ଝାଡ଼ଖଣ୍ଡ କଂଗ୍ରେସ ମୁଖ୍ୟ ପଦରୁ ଇସ୍ତଫା ଦେଇଥିଲେ। ଚଳିତ ବର୍ଷ ଶେଷ ଭାଗରେ ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ସେ ଏଏପିରେ ଯୋଗଦେଇଛନ୍ତି।




## ଚିଟିକାମାଲରେ ଦମ୍ପତିଙ୍କୁ ହତ୍ୟା ଘଟଣା

# ଗୁଣିଗାରେଡ଼ିରୁ ହତ୍ୟା ସ୍ପଷ୍ଟ

**ବଲାଙ୍ଗୀର ଅଫିସ/ ପାଟଣାଗଡ଼,୧୯।୯ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ତଥା ଲରମ୍ବା ଥାନା ଅନ୍ତର୍ଗତ ଚିଟିକାମାଲ ଗାଁରେ ଗତ ୧୬ ତାରିଖରେ ସଂଘଠିତ ଦମ୍ପତି ହତ୍ୟା ଘଟଣା ଗୁଣିଗାରେଡିରୁ ହୋଇଥିବା ପୋଲିସ ସ୍ପଷ୍ଟ କରିଛି। ଏସ୍‌ପି ମାଡକର ସନ୍ଦୀପ ସମ୍ପତ୍ ପାଟଣାଗଡ଼ ଥାନାରେ ଏକ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଗୁଣିଗାରେଡି ସନ୍ଦେହରେ ଚିଟିକାମାଲ ଗାଁର ଚିନ୍ତାମଣି ବରିହା ଓ ତାଙ୍କ ସ୍ତ୍ରୀ ରୁକ୍ମିଣୀଙ୍କୁ ନିର୍ମମ ହତ୍ୟା କରାଯାଇ ପାଖ ପାହାଡରେ ଫିଙ୍ଗି ଦିଆଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ଅନ୍ୟଜଣେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି ବୋଲି ଏସପି ସୂଚନା ଦେଇଛନ୍ତି । ଏସପି ସମ୍ପତ୍ କହିଥିଲେ ଯେ, ଗିରଫ ସମସ୍ତ ଅଭିଯୁକ୍ତ ଦୋଷ ସ୍ୱୀକାର କରିଛନ୍ତି ଓ ଗୁଣିଗାରେଡି ସନ୍ଦେହରୁ ସେମାନେ ଏଭଳି କାଣ୍ଡ କରିଥିବା କହିଛନ୍ତି ।




■ ଆର୍‌କେଭିୱାଇ ସମୀକ୍ଷା ବୈଠକ

# ଧାର୍ଯ୍ୟ ସମୟରେ ପ୍ରକଳ୍ପ ସାରିବା ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୧୯।୯(ବ୍ୟୁରୋ)**

ରାଜ୍ୟ କୃଷି ଉତ୍ପାଦନ କମିଶନର(ଏପିସି) ପ୍ରଦୀପ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା(ଆର୍‌କେଭିୱାଇ) ସମ୍ପର୍କିତ ପ୍ରକଳ୍ପ ସ୍କ୍ରିନିଂ କମିଟି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନରେ ଆୟୋଜିତ ଏହି ବୈଠକରେ କୃଷି ଏବଂ ଏହାର ଆନୁଷଙ୍ଗିକ କ୍ଷେତ୍ରରେ ଜାରି ରହିଥିବା ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ଆଲୋଚନା ହୋଇଥିଲା। ଧାର୍ଯ୍ୟ ସମୟରେ ଏହି ପ୍ରକଳ୍ପଗୁଡ଼ିକ ସାରିବା ପାଇଁ କମିଶନର ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତିଟି ପ୍ରକଳ୍ପର ସମୀକ୍ଷା କରିବା ସହ ଆସନ୍ତା ଅକ୍ଟୋବର ଶେଷସୁଦ୍ଧା କେନ୍ଦ୍ର ସରକାରଙ୍କଠାରୁ ଦ୍ୱିତୀୟ କିସ୍ତି ଟଙ୍କା ପାଇବା ପାଇଁ ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ କୁହାଯାଇଛି। ସେହିପରି କୃଷି ବିଭାଗ ପ୍ରମୁଖ ସଚିବ ଡକ୍ଟର ସୌରଭ ଗର୍ଗ ଆରକେଭିୱାଇ ଯୋଜନାରେ ରହିଥିବା ଅର୍ଥକୁ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ସେହିପରି ଏହି ଯୋଜନା ଅଧୀନରେ ହେଉଥିବା କାର୍ଯ୍ୟକ୍ରମଗୁଡ଼ିକର ଜିଓ ଟ୍ୟାଗିଂ ଉପରେ ଗୁରୁତ୍ୱ ଦିଆଯାଇଛି। ଆରକେଭିୱାଇ ଯୋଜନାଟି ୨୦୦୭ରେ କୃଷି ଓ ଏହାର ଆନୁଷଙ୍ଗିକ କ୍ଷେତ୍ରଗୁଡ଼ିକର ସର୍ବାଙ୍ଗୀନ ବିକାଶକୁ ଲକ୍ଷ୍ୟ ରଖି କରାଯାଇଥିଲା। ଏହା ରାଜ୍ୟରେ ଲାଗୁ ହେବାଠାରୁ ୫୦୦ଟି ପ୍ରକଳ୍ପ ସମାପ୍ତ ହୋଇଛି। ସେହିପରି ବର୍ତ୍ତମାନ ଏହା ଅଧୀନରେ ୨୬୭ ପ୍ରକଳ୍ପ କାର୍ଯ୍ୟ ଜାରି ରହିଥିବା ଜଣାପଡ଼ିଛି। ଏହି ବୈଠକକୁ କୃଷି ବିଭାଗ ଅତିରିକ୍ତ ସଚିବ ମନ୍ମଥ ପାଣି ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମତ୍ସ୍ୟ ଏବଂ ପ୍ରାଣୀସମ୍ପଦ ବିଭାଗ କମିଶନର ତଥା ସଚିବ ଏସ୍ ରଘୁପ୍ରସାଦ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ମୁଥୁ କୁମାର ପ୍ରମୁଖ ଉପସ୍ଥିତ ରହିଥିଲେ।

# ପିଏଲ୍‌ଏଫ୍‌ଆଇ ଏରିଆ କମାଣ୍ଡର ଗିରଫ

**ରାଉରକେଲା ଅଫିସ,୧୯।୯**

■ ଦେଶୀ ପିସ୍ତଲ ସହ ଅଫୁଟାଗୁଳି ଉଦ୍ଧାର
■ ସୀମାନ୍ତରେ ଚଳାଇଥିଲେ ଆତଙ୍କ

ରାଉରକେଲା ପୋଲିସ ସୀମାନ୍ତରେ ଆତଙ୍କ ଚଳାଇଥିବା ଆଉ ଜଣେ ପିଏଲ୍‌ଏଫ୍‌ଆଇ (ପିପୁଲ ଲିବରେଶନ ଫ୍ରଣ୍ଟ ଅଫ୍ ଇଣ୍ଡିଆ) ଏରିଆ କମାଣ୍ଡରଙ୍କୁ ଗିରଫ କରିଛି। ତାଙ୍କ ନାଁ ସୁଦାମ ସିଂ(୩୪)। ତାଙ୍କ ନିକଟରୁ ଏକ ଦେଶୀ ପିସ୍ତଲ ସହ ଗୁଳି ଜବତ କରାଯାଇଛି। ସେ ଝାଡ଼ଖଣ୍ଡ ସିମଡେଗା ଅଞ୍ଚଳ ବାନୋ ଥାନା ଅନ୍ତର୍ଗତ ବଡାଇକ ଟୋଲା ବାସିନ୍ଦା ବୋଲି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସ କହିଛି। ସୁଦାମ ପିଏଲ୍‌ଏଫ୍‌ଆଇ ଲିଡର ଦୀନେଶ ଗୋପଙ୍କ ନିର୍ଦ୍ଦେଶରେ କାମ କରୁଥିଲେ। ଗତ ୨୦୦୭ରୁ ସେ ଝାଡ଼ଖଣ୍ଡର ବାନୋ ସମେତ ଓଡିଶା ସୀମା ହାତିବାରୀ ଓ ବିଶ୍ରା ଅଞ୍ଚଳରେ ସକ୍ରିୟ ରହିଥିଲେ। ଜଣେ ପେସାଦାର ଅପରାଧୀ ଭାବେ ସେ ଏକାଧିକ ହତ୍ୟା, ଲୁଣ୍ଠନ ଓ ବଟି ଆଦାୟ ଘଟଣାରେ ସମ୍ପୃକ୍ତ ରହିଥିଲେ। ତାଙ୍କ ଆତଙ୍କରେ ବାନୋ ଓ ଏହାର ନିକଟବର୍ତ୍ତୀ ବାସିନ୍ଦା ସର୍ବଦା ଭୟଭୀତ ରହୁଥିଲେ। ରାଜନେତାଙ୍କୁ ଟାର୍ଗେଟ କରିବା ତାଙ୍କର ଅଭ୍ୟାସରେ ପରିଣତ ହୋଇଥିଲା। ବନ୍ଧୁକ ଦେଖାଇ ନିରୀହ ବ୍ୟବସାୟୀଙ୍କଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରୁଥିବା ସୁଦାମଙ୍କ ନାଁରେ ଭୟରେ କେହି ଅଭିଯୋଗ କରୁ ନ ଥିଲେ। ତାଙ୍କ ନାମରେ ବିଭିନ୍ନ ଥାନାରେ ୧୫ରୁ ଊର୍ଦ୍ଧ୍ୱ ମାମଲା ରହିଛି। ଏଥିରେ ୭ଟି କେବଳ ହତ୍ୟାକାଣ୍ଡ ସମ୍ପର୍କିତ ବୋଲି ଜଣାଯାଇଛି। ବାନୋ ପୋଲିସ ଷ୍ଟେଶନରେ ୬ଟି ମାମଲା ରହିଥିବାବେଳେ ଜଲଡେଗା ଥାନାରେ ଗୋଟିଏ ପଞ୍ଜୀକରଣ କରାଯାଇଛି। ଗୋଟିଏ ମାମଲା ବିଶ୍ରା ଥାନାରେ ରହିଛି। ଅନ୍ୟ ୫ଟି ମାମଲା ଝାଡ଼ଖଣ୍ଡରେ ଥିବା ପୋଲିସ ସୂଚନା ଦେଇଛି। ଗତ ୨୦୧୭ରେ ମିଟକୁନ୍ଦୁରୀ (ବିଶ୍ରା) ଅଞ୍ଚଳରେ ହତ୍ୟା ଉଦ୍ୟମ ସହ ହାତୀବାରି କୋ ଅପରେଟିଭ ବ୍ୟାଙ୍କ ଲୁଟ୍ ଭଳି ସଙ୍ଗିନ ମାମଲାରେ ସୁଦାମ ସମ୍ପୃକ୍ତ ଥିବା ଜଣାଯାଇଛି। ଗତ ୨୬।୧୨। ୨୦୧୭ ବିଶ୍ରା ଥାନା ମାମଲା ନଂ ୪୮ ଆଧାରରେ ତାଙ୍କୁ ୧୨। ୬। ୨୦୧୭ରେ ପୋଲିସ ଗିରଫ କରିଥିଲା। ସୁପାରି ନେଇ ଜଣେ ବ୍ୟବସାୟୀଙ୍କୁ ହତ୍ୟା କରିବାକୁ ସୁଦାମ ଷଡଯନ୍ତ୍ର କରିଥିଲେ। ଏହି ଘଟଣାରେ ତାଙ୍କର ଅନ୍ୟ ଦୁଇ ଜଣ ସହଯୋଗୀ ରହିଥିବା ଜଣାଯାଇଛି।




# ୪୦୦ ଜିଲାରେ ଆୟୋଜିତ ହେବ ଋଣମେଳା


## ୨୦୨୦ ମାର୍ଚ୍ଚ ପର୍ଯ୍ୟନ୍ତ ଏନ୍‌ପିଏ ଘୋଷିତ ହେବନି ଏମ୍‌ଏସ୍‌ଏମ୍‌ଇ ଋଣ

**ନୂଆଦିଲ୍ଲୀ,୧୯।୯:** ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ସେକ୍ଟରରେ ଦେଖାଦେଇଥିବା ମାନ୍ଦାବସ୍ଥାକୁ ଦୂରକରିବା ଲକ୍ଷ୍ୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଗୁରୁବାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଘୋଷଣା କରିଛନ୍ତି। ବ୍ୟାଙ୍କଗୁଡ଼ିକ ୨୦୨୦ ମାର୍ଚ୍ଚ ପର୍ଯ୍ୟନ୍ତ ଏମ୍‌ଏସ୍‌ଏମ୍‌ଇଙ୍କ ଋଣକୁ ଅନାଦାୟ ଋଣ ବା ଏନ୍‌ପିଏ ଘୋଷଣା କରିବେ ନାହିଁ। ଏ ନେଇ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସୀତାରାମନ୍ ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏଠାରେ ବ୍ୟାଙ୍କ ମୁଖ୍ୟମାନଙ୍କ ସହ ଆଲୋଚନା ପରେ ସେ କହିଛନ୍ତି ଯେ, ଋଣ ପ୍ରଦାନ ପାଇଁ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଦେଶର ୪୦୦ ଜିଲାରେ ଋଣ ମେଳା ଆୟୋଜନ କରାଯିବ। ଏମ୍‌ଏସ୍‌ଏମ୍‌ଇ ଋଣକୁ ଏନ୍‌ପିଏ ଘୋଷଣା କରା ନ ଗଲେ ସେମାନଙ୍କୁ ସହାୟତା ମିଳିବ। ସେ କହିଛନ୍ତି ଯେ, କେତେକ ଅଣବ୍ୟାଙ୍କିଙ୍ଗ୍ କ୍ଷେତ୍ରକୁ ଚିହ୍ନଟ କରାଯାଇଛି ଯେଉଁମାନଙ୍କୁ ଋଣ ଉପଲବ୍ଧ କରାଯାଇପାରିବ। ଫଳରେ ଋଣ ନେବାକୁ ଇଚ୍ଛୁକ ବ୍ୟକ୍ତିବିଶେଷଙ୍କୁ ନଗଦ ଉପଲବ୍ଧ ହୋଇପାରିବ। ବ୍ୟାଙ୍କଗୁଡ଼ିକ ଆସନ୍ତା ୨୯ରୁ ପ୍ରଥମେ ୨୦୦ ଜିଲାରେ ଏନ୍‌ବିଏଫ୍‌ସି ଓ ଖୁଚୁରା ଋଣଗ୍ରହୀତାଙ୍କ ସହ ବୈଠକ କରିବେ। ଅକ୍ଟୋବର ୧୦ରୁ ୧୫ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟ ୨୦୦ ଜିଲାରେ ଏଭଳି ବୈଠକ ଆୟୋଜନ କରାଯିବ। ଏହାଦ୍ୱାରା ପାର୍ବଣ ଋତୁ ସମୟରେ ଅଧିକରୁ ଅଧିକ ଋଣ ପ୍ରଦାନ କରିବା ନିଶ୍ଚିତ ହୋଇପାରିବ ବୋଲି ମନେ କରାଯାଉଥିବା ସୀତାରାମନ୍ କହିଛନ୍ତି।



ନିର୍ମଳା ସୀତାରାମନ୍





ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
-ଆଇନଷ୍ଟାଇନ



## ସଂକ୍ଷେପରେ

### ମୁରସିଦ ରିଆଜୁଲ ହୋଦା ମାହାଙ୍ଗା ବିଜେଡି ସଂଖ୍ୟା ଲଘୁ ସେଲ ସଭାପତି ନିଯୁକ୍ତ



**ମାହାଙ୍ଗା,୧୯।୯(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ବିଜେଡି ସଂଖ୍ୟା ଲଘୁ ସେଲ ସଭାପତି ଭାବେ ମୁରସିଦ ରିଆଜୁଲ ହୋଦାଙ୍କୁ ନିଯୁକ୍ତି ଦିଆଯାଇଛି। ଏନେଇ ମାହାଙ୍ଗା ବିଧାୟକ ତଥା ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଘୋଷଣା କରିଛନ୍ତି । ହୋଦାଙ୍କ ନାମ ଘୋଷଣା ହେବା ପରେ ବ୍ଲକ ଅଧ୍ୟକ୍ଷ ଶରତ ନାୟକ, ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ବ୍ଲକ୍ ଉପାଧ୍ୟକ୍ଷା ରଶିଦା ବେଗମ, ବ୍ଲକ୍ ଯୁବ ବିଜେଡି ସଭାପତି ଶରତ ମହାପାତ୍ର, ପ୍ରଶାନ୍ତ ପଟ୍ଟନାୟକ ଓ ସରପଞ୍ଚ ସନ୍ଧ୍ୟାରାଣୀ ମହାନ୍ତି ପ୍ରମୁଖ ହୋଦାଙ୍କୁ ସ୍ୱାଗତ ଜଣାଇଛନ୍ତି।

### ଦେଶୀ ମଦ ଜବତ : ଜଣେ କୋର୍ଟ ଚାଲାଣ

**ନିଶ୍ଚିନ୍ତକୋଇଲି, ୧୯।୯(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ଥାନା ପୋଲିସ ପକ୍ଷରୁ ଗୁରୁବାର ବିଭିନ୍ନ ବେଆଇନ ମଦ ଆଡ୍ଡା ଉପରେ ଚଢ଼ାଉ କରାଯାଇ ୨ ଲିଟର ୮୦୦ ଗ୍ରାମ ଦେଶୀ ମଦ ଜବତ କରାଯାଇଛି। ଏହି ଅଭିଯୋଗରେ ଅଶୁରେଶ୍ୱର ପଞ୍ଚାୟତ ଅନ୍ତର୍ଗତ ପାଇକରାପୁର ଗ୍ରାମର ବିପିନ ବିହାରୀ ସାହୁଙ୍କୁ ଗିରଫ କରାଯାଇଛି। ସେ ଦେଶୀ ମଦ ନେଇ ଯାଉଥିବା ବେଳେ ପୋଲିସ ହାତରେ ଧରାପଡ଼ିଛନ୍ତି। ଏନେଇ ମାମଲା (ନଂ.୯୪/୧୯) ରୁଜୁ କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ରମାକାନ୍ତ ଜେନା କହିଛନ୍ତି।

### ବୃକ୍ଷରୋପଣ କାର୍ଯ୍ୟକ୍ରମ



**ନିଶ୍ଚିନ୍ତକୋଇଲି,୧୯।୯(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକ ନଗସପୁର ପଞ୍ଚାୟତସ୍ଥିତ ଜୟନ୍ତୀ ବିଦ୍ୟାପୀଠରେ ଗୁରୁବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୁହାଳ ଗ୍ରାହକ ସେବାକେନ୍ଦ୍ର ପକ୍ଷରୁ ଅୟୋଜିତ ଏହି କାର୍ଯ୍ୟକ୍ରମରେ ସେବା କେନ୍ଦ୍ରର ସଂଯୋଜକ ପ୍ରମୋଦ କୁମାର ସ୍ୱାଇଁ ଯୋଗଦେଇଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଷ୍ଟେଟବ୍ୟାଙ୍କ କେନ୍ଦୁପାଟଣା ଶାଖା ପରିଚାଳକ ସୁଶାନ୍ତ କୁମାର ସରାଫ ଯୋଗଦେଇ ବୃକ୍ଷରୋପଣ ଉପକାରିତା ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧୀର ଚନ୍ଦ୍ର ଷଡ଼ଙ୍ଗୀ, ଶିକ୍ଷକ ଶିବ ପ୍ରସାଦ ସାହୁ ଓ ସାମାଜିକ କର୍ମୀ ଦେବେନ୍ଦ୍ର କୁମାର ଷଡଙ୍ଗୀ ଏଥିରେ ଯୋଗଦେଇ ବିଭିନ୍ନ ଉପାଦେୟ ଗଛ ଲଗାଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ସମେତ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

■ ୮ମ ଶ୍ରେଣୀରେ ପାଠ ପଢ଼ାଯାଉ ନ ଥିବା ଅଭିଯୋଗ

# ସ୍କୁଲରେ ତାଲାଦେଇ ଛାତ୍ରୀଛାତ୍ରଙ୍କ ଧାରଣା

**ବାଙ୍କୀ,୧୯।୯(ବି.ପ୍ର.)**

ବାଙ୍କୀ ବ୍ଲକ ଅନ୍ତର୍ଗତ ରଗଡ଼ି ସରକାରୀ ବିଶ୍ୱନାଥ ଶ୍ରୀଚନ୍ଦନ ନୋଡାଲ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଅପରାହ୍ଣରେ ୮ମ ଶ୍ରେଣୀର ଛାତ୍ରୀଛାତ୍ର ତାଲାଦେଇ ଧରଣାରେ ବସିଛନ୍ତି। ଦୀର୍ଘ ୪ମାସ ହେବ ଏହି ବିଦ୍ୟାଳୟର ୮ମ ଶ୍ରେଣୀରେ ପାଠ ପଢ଼ା ନଯାଇ ଛାତ୍ରୀଛାତ୍ରଙ୍କ ପ୍ରତି ଅବହେଳା କରାଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ୧୯୨୫ ମସିହାରେ ସ୍ଥାପନ ହୋଇଥିବା ଏହି ବିଦ୍ୟାଳୟରେ ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ୩୭୦ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏଠାରେ ଉଚ୍ଚ ମାଧ୍ୟମିକ ଶିକ୍ଷକମାନେ ୯ମ ଓ ୧୦ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ପଢ଼ାଉ ଥିବା ବେଳେ ଉଚ୍ଚ ପ୍ରାଥମିକର ଶିକ୍ଷକମାନେ ୧ମ ରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ପଢ଼ାଉଥିଲେ। ମାତ୍ର ସରକାରୀ ନିୟମ ଅନୁସାରେ ଏହାକୁ ମିଶ୍ରଣ କରାଯାଇ ଏକ ଶାସନ ଖସଡା ଭିତରେ ପରିଚାଳନା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନୂତନ ନିୟମର କାର୍ଯ୍ୟସୂଚୀ ଅନୁସାରେ ଶିକ୍ଷକମାନେ ୮ମ ଶ୍ରେଣୀର ଛାତ୍ରଙ୍କୁ ପଢ଼ାଇ ପାରୁ ନ ଥିଲେ। ଏହାର ପ୍ରତିବାଦରେ ପିଲାମାନେ ଅସନ୍ତୋଷ ବ୍ୟକ୍ତ କରି ଧାରଣା ଦେଇଛନ୍ତି। ଫଳରେ ଶିକ୍ଷକମାନେ ବାହାରକୁ ବାହାରି ନ ପାରି ସେଠାରେ ବିଦ୍ୟାଳୟରେ ଫସି ରହିଛନ୍ତି। ଖବର ପାଇ ବ୍ଲକ ଶିକ୍ଷାଅଧିକାରୀ ପ୍ରତିମା ସୁନ୍ଦରୀ ଦଳାଇ, ବିଆରସିସି ଗଦାଧର ପ୍ରଧାନ, ସିଆରସିସି ଦାଶରଥୀ ପରିଡା ଓ ଚର୍ଚ୍ଚିକା ନୋଡାଲ ସିଆରସିସି ବଳରାମ ପାଇକରାୟ ଘଟଣାସ୍ଥଳରେ ପହଞ୍ଚି ଛାତ୍ରଛାତ୍ରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଫାଟକ ସମ୍ମୁଖରୁ ଉଠାଇବାରେ ବିଫଳ ହୋଇଛନ୍ତି । କୌଣସି ଉତ୍ତେଜନାକୁ ଆଶଙ୍କା କରି ବାଙ୍କୀ ପୋଲିସ ଘଟଣାସ୍ଥଳରେ ଉପସ୍ଥିତ ରହିଛନ୍ତି । ଏ ସମ୍ପର୍କରେ ପ୍ରଧାନ ଶିକ୍ଷକଙ୍କ ସହ ଯୋଗାଯୋଗ କରିବାକୁ ଉଦ୍ୟମ କରାଯାଇଥିବା ବେଳେ ତାଙ୍କ ମୋବାଇଲ ସୁଇଚ୍ ଅଫ୍ ଥିବାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଏହାର ସମାଧାନ ପାଇଁ ଏକ ୧୦ଜଣିଆ ପ୍ରତିନିଧିମଣ୍ଡଳୀ ସନ୍ଧ୍ୟାରେ ଜିଲାପାଳଙ୍କୁ ଭେଟି ଆଲୋଚନା କରିଛନ୍ତି। ପରେ ଜିଲାପାଳ ଘଟଣା ସ୍ଥଳରେ ପହଞ୍ଚି ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସେ ପିଲାମାନଙ୍କ ସହ ଆଲୋଚନା କରିଥିଲେ। ମାତ୍ର ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ନ ଥିବା ସୂଚନା ମିଳିଛି।

**ବିଶ୍ୱନାଥ ଶ୍ରୀଚନ୍ଦନ ନୋଡାଲ ଉନ୍ନୀତ ଉଚ୍ଚ ବିଦ୍ୟାଳୟ**



ସ୍କୁଲ ଫାଟକ ସମ୍ମୁଖରେ ଛାତ୍ରୀଛାତ୍ରମାନେ ଧାରଣା ଦେଇଛନ୍ତି।

■ ୪ ମାସ ହେବ ପାଠପଢ଼ା ବନ୍ଦ ରହିଛି

■ ବିଦ୍ୟାଳୟର ମିଶ୍ରଣ ପରେ ଉପୁଜିଛି ସମସ୍ୟା

ସାଲେପୁର ନାବାଳିକା ବଳାତ୍କାର ଓ ହତ୍ୟା ଘଟଣା

# କଟକ ଜିଲ୍ଲାର ପ୍ରଥମ ରେଡ୍ ଫ୍ଲାଗ୍ ମାମଲା

**କଟକ ଅଫିସ,୧୯।୯**

ସାଲେପୁର ଥାନା ଅଞ୍ଚଳର ଜଣେ ୬ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିଲା। ୨୦୧୮ ଏପ୍ରିଲ ୨୧ ସନ୍ଧ୍ୟାରେ ସେ ତାଙ୍କ ଭାଇଙ୍କ ସହ ଖେଳୁଥିଲେ। ଅଭିଯୁକ୍ତ ମହମ୍ମଦ ମୁସ୍ତାକ ପହଞ୍ଚି ନାବାଳିକାକୁ ଚକୋଲେଟ୍ ଦେବା ବାହାନାରେ ଏକ ଅନ୍ଧାରୁଆ ସ୍ଥାନକୁ ଟେକି ନେଇ ବଳାତ୍କାର କରିଥିଲେ। ପରେ ତାଙ୍କ ମୁଣ୍ଡକୁ ପଥରରେ ଛେଚି ପଳାଇ ଯାଇଥିଲେ। ଗୁରୁତ୍ୱର ଅବସ୍ଥାରେ ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା। ତେବେ ଗୁରୁବାର ଅଭିଯୁକ୍ତ ମୁସ୍ତାକଙ୍କୁ କଟକ ତୃତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ପୋକ୍‌ସୋ ଅଦାଲତ ଦୋଷୀ ସାବ୍ୟସ୍ତ କରି ଗୁରୁବାର ଫାଶୀଦଣ୍ଡରେ ଦଣ୍ଡିତ କରିଛନ୍ତି। ତେବେ ଏହି ସମ୍ବେଦନଶୀଳ ଘଟଣାକୁ ନେଇ ସେତେବେଳେ ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଅଭିଯୁକ୍ତଙ୍କ ବିରୋଧରେ କଠୋର ଦଣ୍ଡ ବିଧାନ କରିବା ଦାବିରେ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇଥିଲେ। ଫଳରେ ସରକାର ଏହି ଘଟଣାକୁ ଗୁରୁତ୍ୱ ଦେବା ସହ ପୋଲିସ ପ୍ରଶାସନ ଏହାକୁ ରେଡ୍‌ଫ୍ଲାଗ୍ ମାମଲାରେ ଅନ୍ତର୍ଭୁକ୍ତ କରିଥିଲା। କଟକ ଜିଲାର ଏହା ପ୍ରଥମ ରେଡ୍‌ଫ୍ଲାଗ୍ ମାମଲା ହୋଇଥିଲା। ପୋଲିସ ଏହି ମାମଲାରେ ଅଧିକ ତଥ୍ୟ ହାସଲ କରିବା ପାଇଁ ଅଭିଯୁକ୍ତଙ୍କୁ ଭିନ୍ନ ଭିନ୍ନ ପର୍ଯ୍ୟାୟରେ ରିମାଣ୍ଡରେ ନେଇଥିଲା।

### ତଦନ୍ତର ଦିଗ

ଘଟଣାର ଘଟିବାର ମାତ୍ର କେଇ ଘଣ୍ଟା ପରେ ପୋଲିସ ଅଭିଯୁକ୍ତ ମୁସ୍ତାକଙ୍କୁ ଗିରଫ କରିଥିଲା। ପରେ ଏହି ଘଟଣାର ତଦନ୍ତ ପାଇଁ ପୋଲିସ ଡଗ୍ ସ୍କ୍ୱାଡର ସହାୟତା ନେଇଥିଲା। ଡଗ୍ ସ୍କ୍ୱାଡ଼ ଘଟଣାସ୍ଥଳକୁ ଯାଇ ଅଭିଯୁକ୍ତ ମୁସ୍ତାକଙ୍କ ଘରେ ପହଞ୍ଚିଥିଲା। ଅଭିଯୁକ୍ତ ଘଟଣା ଘଟାଇବା ସମୟରେ ପିନ୍ଧିଥିବା ଶାର୍ଟକୁ ପୋଲିସ ଜବତ କରିଥିଲା। ଏଥିରେ ପୀଡ଼ିତାଙ୍କ ରକ୍ତଛିଟା ଲାଗିଥିଲା। ଫରେନ୍ସିକ୍ ଟେଷ୍ଟରେ ଉକ୍ତ ରକ୍ତ ପୀଡ଼ିତାଙ୍କର ବୋଲି ପ୍ରମାଣିତ ହୋଇଥିଲା। ଏହି ପ୍ରମାଣ ଆଧାରରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହଜ ହୋଇଥିଲା।

### ଆଲ୍ଲା କେ ଘର୍ ଦେର୍ ହେଁ ଅନ୍ଧେର୍ ନହିଁ

ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡାଦେଶ ପରେ ପୀଡିତାଙ୍କ ମାଆ କହିଛନ୍ତି, ଆଲ୍ଲାହ କେ ଘର ଦେର ହେଁ, ଅନ୍ଧେର ନହିଁ। ଅଦାଲତଙ୍କ ଏହି ରାୟ ପରେ ମୋ ଝିଅର ଆତ୍ମା ଶାନ୍ତି ପାଇବ। ତେବେ ଯେଉଁଦିନ ଅଭିଯୁକ୍ତ ଫାଶୀ ଖୁଣ୍ଟରେ ଝୁଲିବ, ସେହିଦିନ ହିଁ ଆମକୁ ଓ ମୋ ଝିଅକୁ ପ୍ରକୃତ ନ୍ୟାୟ ମିଳିବ। ଝିଅ ମରିବା ଦିନଠାରୁ ଆମେ ମାନସିକ ସ୍ତରରେ ଭାଙ୍ଗିପଡ଼ିଛୁ ବୋଲି ସେ କହିଛନ୍ତି।

### ଅଦାଲତଙ୍କ ଦୃଷ୍ଟାନ୍ତମୂଳକ ରାୟ

ସାଲେପୁର ନାବାଳିକା ବଳାତ୍କାର ଓ ହତ୍ୟା ମାମଲାରେ ପୋକ୍ସୋ ଅଦାଲତ ଦୋଷୀଙ୍କୁ ଫାଶୀଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଦାଲତଙ୍କ ଏହି ଦୃଷ୍ଟାନ୍ତମୂଳକ ରାୟ ଆଗାମୀ ଦିନରେ ଏଭଳି ଅମାନବୀୟ ଘଟଣା ଉପରେ ଅଙ୍କୁଶ ଲଗାଇବ। ଅଦାଲତ ମାମଲାର ସବୁ ଦିଗ ଉପରେ ତର୍ଜମା କରି ଏହି ରାୟ ଦେଇଛନ୍ତି। ଘଟଣାରେ ତଦନ୍ତକାରୀ ପୋଲିସ ଅଧିକାରୀଙ୍କ କାର୍ଯ୍ୟ ପ୍ରଶଂସାଯୋଗ୍ୟ। ପୋଲିସ ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରିବା ସହ ତଦନ୍ତ କାର୍ଯ୍ୟ ଖୁବ୍ କମ୍ ଦିନରେ ଶେଷ କରି ଚାର୍ଜଶିଟ୍ ଦାଖଲ କରିଥିଲା। ଯେଉଁଥିପାଇଁ ମାମଲାକୁ ଶୀଘ୍ର ଶେଷ କରିବାରେ ସହଜ ହୋଇଥିଲା। ଅଦାଲତ ୨୩ଜଣଙ୍କଠାରୁ ସାକ୍ଷ୍ୟ ଗ୍ରହଣ କରିଥିଲେ ବୋଲି ସରକାରଙ୍କ ପକ୍ଷରୁ ନିଯୁକ୍ତ ଆଇନଜୀବୀ ଅକ୍ଷୟ ନାୟକ କହିଛନ୍ତି।

### ମୋ’ ପୁଅ ନିର୍ଦ୍ଦୋଷ

ମୋ’ ପୁଅ ନିର୍ଦ୍ଦୋଷ, ତାକୁ ଏହି ମାମଲାରେ ଫସାଇ ଦିଆଯାଇଛି। ତାକୁ ନିର୍ଦ୍ଦୋଷ ପ୍ରମାଣ କରିବା ପାଇଁ ଆମେ ଉପର କୋର୍ଟକୁ ଯିବୁ। ସେ କେବେ ଏଭଳି କାମ କରିବ ନାହିଁ। ମୁଁ ତାକୁ ଜନ୍ମ ଦେଇଛି। ସେ କ’ଣ ମୁଁ ଜାଣିଛି ବୋଲି ମୁସ୍ତାକଙ୍କ ମାଆ କହିଛନ୍ତି।

ମହାନଦୀରେ ଗାଧୋଇବା ବେଳେ ବୁଡ଼ିବା ଘଟଣା

# ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର


**ବଡମ୍ବା,୧୯।୯(ଡି.ଏନ୍.ଏ)**

କଟକ ଜିଲା ବଡ଼ମ୍ବା ଥାନା ଅଧୀନ ଶଙ୍ଖାମେରୀ ଗ୍ରାମରେ ମହାନଦୀରେ ନିଖୋଜ ହୋଇଯାଇଥିବା ଯୁବକଙ୍କ ମୃତଦେହ ଗୁରୁବାର ଉଦ୍ଧାର ହୋଇଛି। ସେ ହେଲେ ନରସିଂହପୁର ଥାନା ଅଧୀନ ମାଧେଇପଦା ଗ୍ରାମର ସତ୍ୟଜିତ୍ ସାହୁ ଓରଫ ପ୍ରକାଶ(୨୩)। ସେ ବୁଧବାର ମହାନଦୀରେ ଗାଧୋଇବାକୁ ଯାଇ ବୁଡ଼ିଯାଇଥିଲେ। ବୁଡ଼ିବାର ୨୪ ଘଣ୍ଟାପରେ ବଡ଼ମ୍ବା ଅଗ୍ନିଶମ ସେବା କର୍ମଚାରୀ ଓ ଢେଙ୍କାନାଳସ୍ଥିତ ଓଡ୍ରାଫ୍ ଦଳ ସହାୟତାରେ ନଦୀରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଛି। ଏନେଇ ପରିବାର ସଦସ୍ୟ ବଡମ୍ବା ଥାନାରେ ଅଭିଯୋଗ କରିବା ପରେ ଏକ ଅପମୃତ୍ୟୁ ମାମଲା(ନଂ.୧୨/୧୯) ରୁଜୁ କରାଯାଇଛି। ପରେ ବଡମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ବଡ଼ମ୍ବା ଥାନା ଅଧିକାରୀ ଜ୍ଞାନରଞ୍ଜନ ମିଶ୍ର କହିଛନ୍ତି।

ସୂଚନାଯୋଗ୍ୟ, ସତ୍ୟଜିତ ଶଙ୍ଖାମେରୀସ୍ଥିତ ମାମୁଘରକୁ ଆସିଥିଲେ। ଏହି ଅବସରରେ ସେ ଶଙ୍ଖାମେରୀ ଗ୍ରାମର ଯୁଧିଷ୍ଠିର ସାହୁ, ରାମଚନ୍ଦ୍ର ସାହୁଙ୍କ ସହ ମିଶି ମହାନଦୀକୁ ଗାଧୋଇବାକୁ ଯାଇ ସମସ୍ତେ ପାଣିରେ ବୁଡିଯାଇଥିଲେ। ଏହି ସମୟରେ ସେମାନେ ଚିତ୍କାର କରିବାରୁ ପାଟି ଶୁଣି ନିକଟରେ ଗାଧୋଉଥିବା ବିନାୟକ ବରାଳ ସାହସ ସଞ୍ଚୟ କରି ଯୁଧିଷ୍ଠିର ଓ ରାମଚନ୍ଦ୍ରଙ୍କୁ ପାଣିରୁ ଉଦ୍ଧାର କରିଥିଲେ। ମାତ୍ର ସତ୍ୟଜିତ୍ ନିଖୋଜ ହୋଇଯାଇଥିଲେ। ଖବରପାଇ ବଡମ୍ବା ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବୁଡାଳିଙ୍କ ଦ୍ୱାରା ସତ୍ୟଜିତ୍‌ଙ୍କ ଅନୁସନ୍ଧାନ କରିଥିଲେ ମଧ୍ୟ କୌଣସି ପତ୍ତା ମିଳି ନ ଥିଲା। ଗୁରୁବାର ବଡ଼ମ୍ବା ଅଗ୍ନିଶମ ବିଭାଗ କର୍ମଚାରୀ ଓ ଢେଙ୍କାନାଳସ୍ଥିତ ଓଡ୍ରାଫ୍ ଦଳ ପୁନର୍ବାର ଖୋଜାଖୋଜି କରିଥିଲେ। ଦିନ ପ୍ରାୟ ୧୨ଟା ବେଳେ ବଡ଼ମ୍ବା ଅଗ୍ନିଶମ ସେବାସଂସ୍ଥା କର୍ମଚାରୀଙ୍କ ଦ୍ୱାରା ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଖବରପାଇ ବଡମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ପରିବାର ସଦସ୍ୟ ଓ ବିଡିଓଙ୍କ ସହ ଆଲୋଚନା କରିଥିଲେ। ଏଥିସହ ୨ ଯୁବକଙ୍କୁ ପାଣିରୁ ଉଦ୍ଧାର କରିଥିବା ସାହସୀ ଯୁବକ ବିନାୟକଙ୍କୁ ସେ ୫୦୦ ଟଙ୍କା ପ୍ରଦାନ କରି ସାବାସୀ ଦେଇଥିଲେ।

### ବିନାୟକଙ୍କୁ ସାହସିକତା ପୁରସ୍କାର ଦେବାକୁ ଦାବି

**ବଡମ୍ବା, ୧୯।୯(ଡି.ଏନ୍.ଏ.)**



ମହାନଦୀରେ ବୁଡିଯାଉଥିବା ୩ ଜଣ ଯୁବକଙ୍କ ମଧ୍ୟରୁ ୨ ଜଣଙ୍କୁ ଉଦ୍ଧାର କରିଥିବା ବଡମ୍ବାବ୍ଲକ୍ ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମର ବିନାୟକ ବରାଳ ଓରଫ ହାପିଙ୍କୁ ସାହସିକତା ପୁରସ୍କାର ଦେବାକୁ ଗ୍ରାମବାସୀଙ୍କ ପକ୍ଷର ଦାବି ହୋଇଛି। ସେ ମହାନଦୀରେ ଗାଧୋଉଥିବା ବେଳେ ନିକଟରେ ବୁଡିଯାଉଥିବା ଯୁଧିଷ୍ଠିର ସାହୁ, ରାମଚନ୍ଦ୍ର ସାହୁ ଓ ସତ୍ୟଜିତ୍ ସାହୁଙ୍କ ଚିତ୍କାର ଶୁଣିଥିଲେ। ସେମାନଙ୍କ ପାଟି ଶୁଣି ବିନାୟକ ଗଭୀର ଜଳକୁ ଯାଇ ଯୁଧିଷ୍ଠିର ଓ ରାମଚନ୍ଦ୍ରଙ୍କୁ ଉଦ୍ଧାର କରିଥିଲେ। ମାତ୍ର ସତ୍ୟଜିତ୍‌ଙ୍କୁ ଖୋଜି ପାଇ ନ ଥିଲେ। ତାଙ୍କର ଏହି ସାହିସୀକତା ପାଇଁ ସରକାରଙ୍କ ପକ୍ଷରୁ ପୁରସ୍କାର ପ୍ରଦାନ ଲାଗି ସାଧାରଣରେ ଦାବି ହୋଇଛି। ସେ ବଡମ୍ବାସ୍ଥିତ ମୋହନସୁବୁଦ୍ଧି କଲେଜରୁ ବିଜ୍ଞାନରେ ସ୍ନାତକ ହାସଲ କରିଛନ୍ତି। ପିତା ବିରଞ୍ଚି ନାରାୟଣ ବରାଳ ଆର୍ମିରେ ଚାକିରି କରି ୨୦୦୪ରେ ଶହୀଦ ହୋଇଥିଲେ।

# ଆଦିବାସୀଙ୍କ ଜମି ହଡ଼ପ ପ୍ରତିବାଦରେ ବିକ୍ଷୋଭ

**ବଡ଼ମ୍ବା,୧୯।୯(ଡି.ଏନ୍.ଏ.)**

ଆଦିବାସୀଙ୍କ ଜମି ହଡ଼ପ ଓ ଆଦିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନରେ ବିଳମ୍ବ କରିଥିବା ଅଭିଯୋଗରେ ଗୁରୁବାର ରାଷ୍ଟ୍ରୀୟ ଦଳିତ ମହାସଂଘ ପକ୍ଷରୁ ବଡମ୍ବା ତହସିଲ କାର୍ଯ୍ୟାଳୟ ପରିସରରେ ବିକ୍ଷୋଭ ପ୍ରଦର୍ଶନ ଓ ଗଣଧାରଣା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ବଡମ୍ବା କଚେରି ନିକଟ ବୁଢ଼ା ହନୁମାନ ପୀଠରୁ ଏକ ଶୋଭଯାତ୍ରା ବାହାରି ତହସିଲ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଏଥିରେ ବଡ଼ମ୍ବା ବୁଢାପଙ୍କ ଗ୍ରାମର ଅନେକ ଆଦିବାସୀ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ପ୍ରତିବାଦ ସଭାରେ ରାଷ୍ଟ୍ରୀୟ ଦଳିତ ମହାସଂଘ ରାଜ୍ୟ ସଭାପତି ଅଶୋକ ମଲ୍ଲିକ ଓ ରିପବ୍ଲିକାନ୍ ପାର୍ଟି ଅଫ୍ ଇଣ୍ଡିଆର ରାଜ୍ୟ ସଭାପତି ସେକ୍ ଅବଦୁଲ୍ ୱାଲି ଯୋଗଦେଇ ରାଜସ୍ୱ ବିଭାଗ ଅଧିକାରୀ ଓ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଥିଲେ। ରାଜସ୍ୱ ବିଭାଗ ଅଧିକାରୀ ବୁଢାପଙ୍କ ଗ୍ରାମର ଆଦିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନରେ ବିଳମ୍ବ କରିବା ସହ ଜମି ମାଫିଆଙ୍କୁ ସହାୟତା ପ୍ରଦାନ କରୁଛନ୍ତି ବୋଲି ସେମାନେ ଅଭିଯୋଗ କରିଥିଲେ। ଏନେଇ କଟକ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର ଅନିଲ କୁମାର ପଟ୍ଟନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ବୁଢାପଙ୍କ ଗ୍ରାମସ୍ଥିତ ଆଦିବାସୀ ସଙ୍ଗଠନର ଯୁବ ସାମାଜିକ କର୍ମୀ ତପନ କୁମାର ଦେହୁରୀ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଏହାକୁ ପରିଚାଳନା କରିଥିଲେ ।



ରାଷ୍ଟ୍ରୀୟ ଦଳିତ ମହାସଂଘ ପକ୍ଷରୁ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି।

# ‘କୁଶଳୀ କାରିଗର ଭାବେ ଶିକ୍ଷକଙ୍କ ଗୁରୁଦାୟିତ୍ୱ ରହିଛି’

**ସାଲେପୁର,୧୯।୯ (ଡି.ଏନ୍.ଏ.)**

ଶିକ୍ଷକମାନେ ନିଷ୍ଠାପର ଭାବେ ଶିକ୍ଷାଦାନ କରି ଛାତ୍ରୀଛାତ୍ରଙ୍କ ପ୍ରିୟଭାଜନ ହୋଇପାରିଲେ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆସିବ ବୋଲି ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ସ୍ଥାୟୀ ନିୟମିତ ନିଯୁକ୍ତିପତ୍ର ବଣ୍ଟନ ମେଳାରେ ଗୁରୁବାର ଯୋଗଦେଇ କହିଥିଲେ। ସାଲେପୁରସ୍ଥିତ ମଧୁସୂଦନ ମଣ୍ଡପ ପରିସରରେ ଆୟୋଜିତ ଏହି ମେଳାରେ ୫୭ ଜଣ ଶିକ୍ଷକଙ୍କୁ ସ୍ଥାୟୀ ନିୟମିତ ନିଯୁକ୍ତିପତ୍ର ବଣ୍ଟନ କରାଯାଇଥିଲା। ଏଥିରେ ନିମ୍ନ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ସୟଦ ଜାକି ଅମିନ ସଭାପତିତ୍ୱ କରିଥିଲେ। ମେଳାରେ ମୁଖ୍ୟଅତିଥିଭାବେ ବିଧାୟକ ବେହେରା ଯୋଗଦେଇ ମଣିଷ ତିଆରି କାରଖାନାର ଦାୟିତ୍ୱରେ କୁଶଳୀ କାରିଗର ଭାବେ ଶିକ୍ଷକଙ୍କ ଗୁରୁଦାୟିତ୍ୱ ରହିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବିଜେଡ଼ି କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ୍ କୁମାର ଦାଶ, ଜିଲା ପରିଷଦ ଅଧ୍ୟକ୍ଷା ଜ୍ୟୋତିରେଖା ନାୟକ ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ପ୍ରେମଲତା ନାୟକ, ଅତିରିକ୍ତ ଶିକ୍ଷାଅଧିକାରୀ ଜଗବନ୍ଧୁ ଶତପଥୀ, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି, ପୂର୍ବତନ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ରଜନୀକାନ୍ତ ଦାଶ ଯୋଗଦେଇଥିଲେ। ଏହି ଅବସରରେ ବରିଷ୍ଠ ଶିକ୍ଷକ ଗୌରଚରଣ ଭୂୟାଁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ କନିଷ୍ଠ ଶିକ୍ଷକ ସଂଘର ସଭାପତି ଦେବଦତ୍ତ ଦାଶ ବିବରଣୀ ପାଠ କରିଥିଲେ। ଭୁବନାନନ୍ଦ ଖୁଣ୍ଟିଆ, ଅନନ୍ତ ଚରଣ ସାହୁ, ମୀନକେତନ ପ୍ରଧାନ, ନୀଳିମା ପ୍ରିୟଦର୍ଶିନୀ, ବରିଷ୍ଠ ଶିକ୍ଷକ ପ୍ରଦ୍ୟୁମ୍ନ କୁମାର ଷଡ଼ଙ୍ଗୀ ଓ ଶିବପ୍ରସାଦ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ସେହିପରି ମଣ୍ଡଳ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ରୋମାଲି ମହାପାତ୍ର, ନର୍ମଦା ରାଉତ ଓ କଳିଙ୍ଗ ଦାସ ପ୍ରମୁଖ ନିଯୁକ୍ତିପତ୍ର ବଣ୍ଟନରେ ସହଯୋଗ କରିଥିଲେ।

■ ମିଶନ ଜିରୋ ‘ଏଫ୍’ ସମ୍ପର୍କିତ କର୍ମଶାଳା

# ଶିକ୍ଷକଙ୍କ ହାତରେ ପିଲାଙ୍କ ଭବିଷ୍ୟତ

**ବାଙ୍କୀ,୧୯।୯(ସ୍ୱ.ପ୍ର)**

କଟକ ଜିଲାପାଳ ଭବାନୀଶଙ୍କର ଚୟନିଙ୍କ ନିଜସ୍ୱ ଚିନ୍ତାଧାରାରେ ଆରମ୍ଭ ହୋଇଥିବା ମିଶନ ଜିରୋ ‘ଏଫ’ ବା ମାଟ୍ରିକ ପରୀକ୍ଷାର୍ଥୀଙ୍କ ଶୂନ୍ୟ ଫେଲ ଲକ୍ଷ୍ୟ ସମ୍ପର୍କିତ ଏକ କର୍ମଶାଳା ବାଙ୍କୀ କଲେଜ ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଚୟନି ଅଧ୍ୟକ୍ଷତା କରି ଓଡ଼ିଆ ମାଧ୍ୟମ ସରକାରୀ ବିଦ୍ୟାଳୟରେ ପିଲାଙ୍କ ପାଠପଢ଼ାକୁ ନେଇ ଚିନ୍ତାବ୍ୟକ୍ତ କରିଥିଲେ। ଏସବୁ ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷାରେ ଫେଲ ସଂଖ୍ୟା ବୃଦ୍ଧି ପାଇଥିବାରୁ ସେ ଅସନ୍ତୋଷବ୍ୟକ୍ତ କରିଥିଲେ। ଶିକ୍ଷାଦାନରେ ଶିକ୍ଷକଙ୍କ ଆନ୍ତରିକତା ନ ଥିବାରୁ ଗୁଣାତ୍ମକ ଶିକ୍ଷା ବାଧାପ୍ରାପ୍ତ ହେଉଛି। ପିଲାଙ୍କ ଭବିଷ୍ୟତ ଶିକ୍ଷକଙ୍କ ହାତରେ ଥିବାରୁ ପାଠପଢାରେ ଉନ୍ନତି ଲାଗି ସେ ପରାମର୍ଶ ଦେଇଥିଲେ। ଯେଉଁ ସ୍କୁଲରେ ଶିକ୍ଷକଙ୍କ ଅଭାବ ରହିଛି ସେଠାରେ ସ୍କୁଲର ପ୍ରଧାନଶିକ୍ଷକଙ୍କ ସୁପାରିସ ଅନୁସାରେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତି ଦେବା ଲାଗି ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କହିଥିଲେ। ଜିଲାପାଳଙ୍କ ଏହି ବାଙ୍କୀ ଗସ୍ତ ସମୟରେ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣ ପଞ୍ଚାୟତ ପରିଦର୍ଶନ କରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏଥିସହ ସ୍ୱଚ୍ଛ ଭାରତ ଅଭିଯାନ ଓ ପାନୀୟ ଜଳଯୋଗଣ ସମ୍ପର୍କରେ ତଦାରଖ କରିଥିଲେ। ଅଂଶୁପା ହ୍ରଦର ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବାଙ୍କୀର ସର୍ବପୁରାତନ ହାଇସ୍କୁଲ ବି.କେ.ବିଦ୍ୟାପୀଠ ଓ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଦର୍ଶନ କରି ଶିକ୍ଷାଦାନ ଓ ଛାତ୍ରଛାତ୍ରୀଙ୍କ ସମସ୍ୟା ବୁଝିଥିଲେ। ତାଙ୍କର ଏହି ଗସ୍ତ ବେଳେ କଟକ ଶିକ୍ଷା ଜିଲା ଅଧିକାରୀ ନିରଞ୍ଜନ ବେହେରା , ବାଙ୍କୀ ଉପଜିଲାପାଳ ଅରୁଣ କୁମାର ବିଶ୍ୱାଳ, ଜିଲା ବିଜ୍ଞାନ ଶିକ୍ଷା ପର୍ଯ୍ୟବେକ୍ଷକ ଅକ୍ଷୟ କୁମାର ଷଡ଼ଙ୍ଗୀ ,କଟକ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡ଼ଙ୍ଗୀ, ବାଙ୍କୀ କଲେଜ ଅଧ୍ୟକ୍ଷା ଡ.ନିବାସିନୀ ପଣ୍ଡା ଓ ଡମପଡ଼ା ତହସିଲଦାର ଇନ୍ଦିରା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କର୍ମଶାଳାରେ ବାଙ୍କୀ ଓ ଡମପଡ଼ା ବ୍ଲକ ଅନ୍ତର୍ଗତ ସମସ୍ତ ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକମାନେ ଯୋଗଦେଇଥିଲେ। କର୍ମଶାଳାର ୨ୟ ଅଧିବେଶନରେ ସରକାରୀ ଯୋଜନା ଓ ସଚେତନତା କାର୍ଯ୍ୟକ୍ରମ ଓ ଲୋକ ସେବା ଅଧିକାର ଅଧିନିୟମ ସମ୍ପର୍କରେ ଆଲୋଚନା ହୋଇଥିଲା।

■ ବାର୍ହାପଲ ଉପଦ୍ରବରେ ଚାଷୀ ହତାଶ

# ନଷ୍ଟ ହେଉଛି ଧାନ, ପନିପରିବା ଫସଲ

**ନରସିଂହପୁର,୧୯।୯(ଡି.ଏନ୍.ଏ.)**

ନରସିଂହପୁର ବ୍ଲକରେ ବାର୍ହାପଲଙ୍କ ଦ୍ୱାରାଙ୍କ ବ୍ୟାପକ ଫସଲ ନଷ୍ଟ ହେଉଛି। ପ୍ରତିଦିନ ରାତିରେ ସେମାନେ ପାଖ ଜଙ୍ଗଲରୁ ଆସି ଧାନଗଛ ଗୁଡିକର ମୂଳ ତାଡ଼ି ଦେବାସହ ବାଇଗଣ, କାକୁଡି, ପୋଟଳ, ଝୁଡଙ୍ଗ ଓ କଲରା ଆଦି ଫସଲ ନଷ୍ଟ କରୁଛନ୍ତି । ଏନେଇ ଚାଷୀମାନେ ଚିନ୍ତିତ ହୋଇପଡ଼ିଛନ୍ତି। ଏବିଷୟରେ ସେମାନେ ବାରମ୍ବାର ବନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବା ସତ୍ତ୍ୱେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ ବୋଲି କହିଛନ୍ତି।

ଏନେଇ ଜୟମଙ୍ଗଳ ଗ୍ରାମର ଚାଷୀ ମହେଶ୍ୱର ବେହେରା ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି, ଗ୍ରାମ ନିକଟ ଜଙ୍ଗଲରେ ବହୁ ସଂଖ୍ୟାରେ ବାରହା ରହୁଛନ୍ତି । ସେମାନେ ରାତି ହେଲେ ଖେତକୁ ଆସି ଧାନ ଓ ପନି ପରିବା ଫସଲ ନଷ୍ଟ କରିଦେଉଛନ୍ତି। ଫଳରେ ଫୁଲପଡା, ରାମପୁରା, ନୂଆବରମପୁରା, ଧନିପୁର, ଘୋରାଡିଆ, ମଣ୍ଡାତୋଠ, ନୂଆପଲ୍ଲୀ କୁଶପଦା, କାକୁଡିଆ, ଏକଡାଳ, ପଦାମାଳ, ନୂଆପାଟଣା ଆଦି ଗ୍ରାମରେ ବ୍ୟାପକ ଫସଲ ନଷ୍ଟ ହୋଇଛି।


ସେହିଭଳି ବ୍ଲକ ଅନ୍ତର୍ଗତ ଓଲବ, ଗୋଡ଼ିବନ୍ଧ, ସାଗର, ପାଞ୍ଚଗୋଛିା, ଅଲରା, ରଣସିଂହପୁର, ଜୟପୁର, ଶିଶୁପଥର, ଚକାମୁଣ୍ଡା, ବସନ୍ତପୁର, ରେଗେଡା ଓ କମଳାଡିହ ଆଦି ଅଞ୍ଚଳରେ ବାରାହାପଲ ବ୍ୟାପକ କ୍ଷତି ଘଟାଇଛନ୍ତି। ଗୋଟିଏ ବାର୍ହା ପଲରେ ୨୦ରୁ ଅଧିକ ବାରାହା ରହୁଛନ୍ତି । ପୂର୍ବରୁ ଫସଲ ଜଗିବା ପାଇଁ ଚାଷୀ ଜମିରେ କୁଡ଼ିଆ କରି ରହୁଥିବା ବେଳେ ଏବେ ବାର୍ହାପଲଙ୍କ ଭୟରେ ସେମାନେ ରାତିରେ ସେଠାକୁ ଯିବାକୁ ଭୟ କରୁଛନ୍ତି। ଏନେଇ ବିଭାଗ ପକ୍ଷରୁ କ୍ଷତିପୂରଣ ଦେବା ଲାଗି କ୍ଷତିଗ୍ରସ୍ତ ଚାଷୀମାନେ ଦାବି କରିଛନ୍ତି।

ଏସମ୍ପର୍କରେ ନରସିଂହପୁର ପୂର୍ବ ରେଞ୍ଜର ବିଭୁରଞ୍ଜନ ରାୟ କୁହନ୍ତି, ପାଖ ଜଙ୍ଗଲଗୁଡିକରେ ଦିନକୁ ଦିନ ବାରହା ବଂଶ ବୃଦ୍ଧି ପାଇବାରେଲାଗିଛି। ଫଳରେ ସେମାନେ ଖାଦ୍ୟ ଅନ୍ୱେଷଣରେ ଆସି ଫସଲ ନଷ୍ଟ କରୁଛନ୍ତି। ଆଗାମୀ ଦିନରେ ବାରହା ଘଉଡାଇବା ଲାଗି ଚାଷୀଙ୍କୁ ସହଯୋଗ କରାଯିବ ବୋଲି ସେ କହିଛନ୍ତି।

ନରସିଂହପୁରର ରଘୁନାଥ ଜୀଉ କୃଷକ ସଂଘର ସଭାପତି ସନାତନ ସ୍ୱାଇଁ କୁହନ୍ତି, ବାର୍ହାପଲ ଉପଦ୍ରବରେ ବ୍ୟାପକ ଧାନ ଫସଲ ନଷ୍ଟ ହେଉଛି । ଆଗାମୀ ଦିନରେ ଧାନଗଛରୁ କେଣ୍ଡା ବାହାରିବ। ଏପରି କ୍ଷତି ରୋକା ନଗଲେ ଚାଷୀଙ୍କ ପେଟକୁ ନାତ ମାରିବା ସଦୃଶ ହେବ। ବାର୍ହା ଘଉଡ଼ାଇବା ଲାଗି ତୁରନ୍ତ ପଦକ୍ଷେପ ନିଆ ନଗଲେ ଆଗାମୀ ଦିନରେ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

■ ଜଙ୍ଗଲରେ ବଢୁଛି ବାରହା ସଂଖ୍ୟା

■ ଖାଦ୍ୟ ଅନ୍ୱେଷଣରେ ରାତିରେ ଖେତରେ ପଶୁଛନ୍ତି



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
-ଆଇନଷ୍ଟାଇନ



## ସଂକ୍ଷେପରେ

### କଟକ ନଗର ଜିଲା ଯୁବମୋର୍ଚ୍ଚା ନୂତନ ସଭାପତି ଭାବେ ସ୍ୱାଧୀନ ମହାନ୍ତି ନିଯୁକ୍ତ

**କଟକ ଅଫିସ, ୧୯।୯:** କଟକ ନଗର ଜିଲା ସଭାପତି ଲକ୍ଷ୍ମୀଧର ପ୍ରଧାନଙ୍କ ସୁପାରିଶ କ୍ରମେ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ କଟକ ନଗର ଜିଲା ଭାରତୀୟ ଜନତା ଯୁବମୋର୍ଚ୍ଚାର ନୂତନ ସଭାପତି ଭାବେ ସ୍ୱାଧୀନ ମହାନ୍ତିଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି। ଏ ନେଇ ଦଳ ପକ୍ଷରୁ ଏକ ନିଯୁକ୍ତି ପତ୍ର ପ୍ରେସ୍‌ବିଜ୍ଞପ୍ତି ଜରିଆରେ ପ୍ରଦାନ କରାଯାଇଛି।



### ଏମ୍‌ପିଙ୍କ ଇଏସ୍‌ଆଇ ହସ୍ପିଟାଲ ପରିଦର୍ଶନ

**ଚୌଦ୍ୱାର,୧୯।୯(ଡି.ଏନ୍.ଏ.):** ଚୌଦ୍ୱାରସ୍ଥିତ ରାଜ୍ୟର ସର୍ବ ପୁରାତନ କର୍ମଚାରୀ ରାଜ୍ୟ ବୀମା ଚିକିତ୍ସାଳୟ(ଇଏସ୍‌ଆଇ) ଗୁରୁବାର ଏମ୍‌ପି ଭର୍ତ୍ତୃହରି ମହାତାବ ପରିଦର୍ଶନ କରିବା ସହ ସମୀକ୍ଷା କରିଥିଲେ। ଏମ୍‌ପି ମହତାବ ଓ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ହସ୍ପିଟାଲର ବିଭିନ୍ନ ୱାର୍ଡ ଓ ଅଫିସ ବୁଲି ଦେଖିବା ସହିତ ରୋଗୀଙ୍କ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏହା ପରେ ଆୟୋଜିତ ସମୀକ୍ଷା ବୈଠକରେ ହସ୍ପିଟାଲର ଅଧିକାରୀମାନେ ଯୋଗଦେଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଏମ୍‌ପିଙ୍କୁ ଅବଗତ କରାଇଥିଲେ। ଇଏସ୍‌ଆଇଏସ୍‌ର ଓଡ଼ିଶା ଶାଖା ନିର୍ଦ୍ଦେଶକ ରମେଶ ଚନ୍ଦ୍ର ରାଉତ, ଯୁଗ୍ମ ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ସାହୁ, ଚୌଦ୍ୱାର ଇଏସ୍‌ଆଇ ହସ୍ପିଟାଲର ଯୁଗ୍ମ ନିର୍ଦ୍ଦେଶିକା ସଂଯୁକ୍ତା ଲେଙ୍କା, ଡା. ଆର.କେ. ବେହେରା, ଡା.ଏ.ଭୌମିକ୍, ସତ୍ୟବ୍ରତ ମନ୍ତ୍ରୀ, ତପନ ଗଡ଼ନାୟକ, ନବ କିଶୋର ସାମଲ, ଇଂ. ବିଲାସ ବେହେରା ବୈଠକରେ ଯୋଗଦେଇଥିଲେ। ୧ଶହ ଶଯ୍ୟା ବିଶିଷ୍ଟ ଏହି ଡାକ୍ତରଖାନାକୁ ଓଡ଼ିଶାର ୯ ଜିଲାର ଘରୋଇ ଓ ସରକାରୀ କାରଖାନାରେ କାର୍ଯ୍ୟରତ ଶ୍ରମିକମାନେ ଚିକିତ୍ସା ପାଇଁ ଆସୁଥିବାରୁ ଏହାର ବିକାଶ ଓ ଉନ୍ନତିକରଣ ପାଇଁ ପଦକ୍ଷେପ ନିଆଯିବ ବୋଲି ମହତାବ ପ୍ରତିଶ୍ରୁତି ଦେଇଥିଲେ।

### ଜ୍ଞାନବିଜ୍ଞାନ ମେଳା

**କଟକ ଅଫିସ, ୧୯।୯:** ମହାନଦୀବିହାରସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିରରେ ଗୁରୁବାର ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ସାମାଜିକ କର୍ମୀ ସଞ୍ଜୟ ଜେନା ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ସପ୍ତାହ ପାଳନ କରାଯିବା ସହିତ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ନିମାଇଁ ଚରଣ ଜେନା, ଦୋଳଗୋବିନ୍ଦ ସ୍ୱାଇଁ, ସୁପ୍ରିୟା ମହାପାତ୍ର, ସମୀର କୁମାର ଦାସ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବିଜ୍ଞାନ ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ସଭାପତି ରାଜେନ୍ଦ୍ର କୁମାର ରାଉତରାୟ ଧନ୍ୟବାଦ ଦେଇଥିଲେ।

### ପିଠାପୁର ସାହି ଅଧିକାରୀଙ୍କ ପରଲୋକ

**କଟକ ଅଫିସ,୧୯।୯:** ପିଠାପୁର ସାହି ଅଧିକାରୀ ଶଙ୍କର୍ଷଣ ଦଳେଇ(୭୪)ଙ୍କର ପିଠାପୁରସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ କିଛିଦିନ ଧରି ଶର୍ଯାଶାୟୀ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ, ପୁତ୍ର, କନ୍ୟା ଓ ଆତ୍ମୀୟସ୍ୱଜନମାନେ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ବିରାଟ ପଟୁଆରରେ ସାହି ପରିକ୍ରମା କରାଯିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ପୁଅ ମୁଖାଗ୍ନି ଦେଇଥିଲେ। ତାଙ୍କର ମୃତ୍ୟୁରେ ପିଠାପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ସମ୍ମାନରେ ପିଠାପୁରସ୍ଥିତ ସମସ୍ତ ଦୋକାନ ବଜାର ବନ୍ଦ ଥିଲା।

### ଭାଗବତ ଜନ୍ମ ମହୋତ୍ସବ

**କଟକ ଅଫିସ, ୧୯।୯:** ତେଲେଙ୍ଗାବଜାରସ୍ଥିତ ରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣରେ ବେଦବ୍ୟାସ ବ୍ରାହ୍ମଣ ସମାଜ ପକ୍ଷରୁ ଗୁରୁବାର ଭାଗବତ ଜନ୍ମ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ବିଷ୍ଣୁ ସହସ୍ର ନାମ, ମହାମନ୍ତ୍ର ପାଠ ଓ କୀର୍ତ୍ତନ କରାଯାଇଥିଲା। ଏଥିରେ ବ୍ରହ୍ମଚାରୀ ସନ୍ତୋଷ ଚୈତନ୍ୟ ମହାରାଜ ମୁଖ୍ୟଅତିଥି, ଭାଜପା ନେତା ସଜ୍ଜନ ଶର୍ମା, ଡା. ସମ୍ରାଟ କର ଓ ସାମାଜିକ କର୍ମୀ ବ୍ରଜ କିଶୋର ନନ୍ଦ ଅନ୍ୟ ଅତିଥି ଭାବେ ଯୋଗଦେଇଥିଲେ।

## ■ବୋସରେ ସ୍ୱାଗତ ଉତ୍ସବ, ବାର୍ଷିକୋତ୍ସବ ବନ୍ଦ ପ୍ରତିବାଦ

# ଫାଟକରେ ତାଲା ପକାଇ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

**କଟକ ଅଫିସ, ୧୯।୯**

ଭୁବନାନନ୍ଦ ଓଡ଼ିଶା ଯାନ୍ତ୍ରିକ ବିଦ୍ୟାଳୟ (ବୋସ)ରେ ସ୍ୱାଗତ ଉତ୍ସବ ଓ ବାର୍ଷିକୋତ୍ସବ ବନ୍ଦ ପ୍ରତିବାଦରେ ଛାତ୍ରୀଛାତ୍ରମାନେ ମୁଖ୍ୟ ଫାଟକରେ ତାଲା ପକାଇବା ସହିତ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏପରି କି ସ୍କୁଲ କର୍ତ୍ତୃପକ୍ଷଙ୍କ ସମେତ ଛାତ୍ରୀଛାତ୍ରଙ୍କୁ ବାହାରକୁ ଯିବାକୁ ଦେଇ ନ ଥିଲେ। ଏହାକୁ ନେଇ ବିଦ୍ୟାଳୟ ପରିସରରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ମଙ୍ଗଳାବାଗ ପୋଲିସ ପହଞ୍ଚି ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଧାରଣାରତ ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରି ଘଟଣାର ସମାଧାନ କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ, କିଛିଦିନ ପୂର୍ବରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ପାଇଁ ସ୍ୱାଗତ ଉତ୍ସବ କରିବା ଲାଗି ଅନୁମତି ଦେଇଥିଲେ। ସେପ୍ଟେମ୍ବର ୨୧ରୁ ୨୯ ମଧ୍ୟରେ ସବୁ ବିଭାଗର ସ୍ୱାଗତ ଉତ୍ସବ ହେବା ପାଇଁ ବିଦ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏ ନେଇ ଛାତ୍ରୀଛାତ୍ର ସମସ୍ତ ପ୍ରକାର ପ୍ରସ୍ତୁତି କରିସାରିଥିଲେ। ମାତ୍ର ଗୁରୁବାର ସ୍ୱାଗତ ଉତ୍ସବକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଛି ବୋଲି ବିଦ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କର୍ତ୍ତୃପକ୍ଷଙ୍କ ଏହି ନିଷ୍ପତ୍ତି ପ୍ରତିବାଦରେ ବୋଷ ମୁଖ୍ୟଫାଟକ ସମ୍ମୁଖରେ ଛାତ୍ରୀଛାତ୍ରମାନେ ଧାରଣାରେ ବସିଥିଲେ। ପରେ ବିଦ୍ୟାଳୟ ଅଧକ୍ଷ ଅରୁଣ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଡକାଯାଇଥିଲା। ଆସନ୍ତା ୨୫ରେ ବିଦ୍ୟାଳୟର ସମସ୍ତ ବିଭାଗରେ ସ୍ୱାଗତ ଉତ୍ସବ ଓ ବାର୍ଷିକ ଉତ୍ସବକୁ ଅନେକ ଦିନ ଥିବାରୁ ଏହା ପରବର୍ତ୍ତୀ ସମୟରେ ଆଲୋଚନା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା।




ବୋସ ଫାଟକ ସମ୍ମୁଖରେ ଛାତ୍ରୀଛାତ୍ରମାନେ ଟାୟାର ଜାଳି ବିକ୍ଷୋଭ କରୁଛନ୍ତି।




ମହାନଦୀ ବିହାର ପ୍ରବେଶ ପଥର ତୁରନ୍ତ ନିର୍ମାଣ ଦାବି କରି ଗୁରୁବାର ମହାନଦୀବିହାରଠାରେ ଭାଜପା ନୂଆବଜାର ମଣ୍ଡଳ ପକ୍ଷରୁ ପ୍ରତିବାଦ ଧାରଣା।

## ଆଜିଠୁ ଉଠାଦୋକାନୀ ମହାସଂଘର ଗଣଧାରଣା

**କଟକ ଅଫିସ, ୧୯।୯**

ମଙ୍ଗଳାବାଗସ୍ଥିତ ମୋହନ ମଣ୍ଡପଠାରେ ଗୁରୁବାର ଉଠାଦୋକାନୀ ମହାସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନ ତରଫରୁ ଉଠାଦୋକାନୀମାନଙ୍କ ପାଇଁ କୌଣସି ସ୍ଥାୟୀ ଥଇଥାନର ବ୍ୟବସ୍ଥା କରା ନ ଯାଇ ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ଏପରି କି ବାରମ୍ବାର ଦୋକାନଗୁଡ଼ିକୁ ଉଠାଇ ନେବା ପାଇଁ ମଧ୍ୟ ବାଧ୍ୟ କରାଯାଉଛି। ଏ ନେଇ ସଂଘ ତରଫରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବା ସହିତ କଟକ ମହାନଗର ନିଗମ(ସିଏମ୍‌ସି) କମିଶନରଙ୍କୁ ମଧ୍ୟ ଅବଗତ କରାଯାଇଥିଲା। ଏହାସତ୍ତ୍ୱେ ପ୍ରଶାସନ ଏଥିପ୍ରତି କୌଣସି ଦୃଷ୍ଟି ଦେଉନାହିଁ। ତେଣୁ ଶୁକ୍ରବାରଠାରୁ ସିଏମ୍‌ସି ମୁଖ୍ୟ ଫାଟକ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳପର୍ଯ୍ୟନ୍ତ ଗଣଧାରଣା ଦିଆଯିବ ବୋଲି ସଂଘ ସଭାପତି ସୁରେଶ ମହାନ୍ତି କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସ୍ମୃତି ରଞ୍ଜନ ମିଶ୍ର, ଉମେଶ ଚନ୍ଦ୍ର ଜେନା, ରତ୍ନାକର ସାହୁ, ଅକ୍ଷୟ କୁଅଁର, ଦିଲ୍ଲୀପ ସାହୁ, ପ୍ରଫୁଲ୍ଲ ମହାନ୍ତିଙ୍କ ସମେତ ମହାସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ୨୪ରେ ମହାସମାବେଶ ଡାକରା

**କଟକ ଅଫିସ, ୧୯।୯**

ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ମହିଳା ସବ୍ କମିଟି ପକ୍ଷରୁ ଗୁରୁବାର ଯୋବ୍ରାସ୍ଥିତ ସଂଘ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମହିଳା କର୍ମଚାରୀଙ୍କୁ ସଙ୍ଗଠିତ କରିବା ଉଦ୍ଦେଶ୍ୟରେ କମିଟି ୨୦୧୦ରୁ ରାଜ୍ୟରେ କାର୍ଯ୍ୟ କରିଆସୁଛି। କର୍ମଚାରୀଙ୍କ ବିଭିନ୍ନ ଦାବି ନେଇ ଏହି ସମ୍ମିଳନୀ ହୋଇଥିଲା। ମୁଖ୍ୟତଃ ମହିଳା କର୍ମଚାରୀଙ୍କୁ କାର୍ଯ୍ୟକ୍ଷେତ୍ର ନିକଟରେ ସରକାରୀ ବାସଗୃହ ଯୋଗାଣ, ଏକାକୀ ରହୁଥିବା ମହିଳା କର୍ମଚାରୀଙ୍କୁ ସରକାରୀ କ୍ୱାର୍ଟରେ ଯୋଗାଣ କରିବା, ଗ୍ରୁପ ସି ଓ ଗ୍ରୁପ ଡି ପଦବୀରେ ନିଯୁକ୍ତି ନିମନ୍ତେ ମହିଳାଙ୍କର ବୟସ ସୀମା କୋହଳ କରିବା, ସାନ୍ତ୍ୱନାମୂଳକ ନିଯୁକ୍ତିରେ ସ୍ଥାୟୀ ନିଯୁକ୍ତି ଓ ବିଧବାମାନଙ୍କ କ୍ଷେତ୍ରରେ ସର୍ବନିମ୍ନ ଯୋଗ୍ୟତା କୋହଳ କରିବା, ସ୍ୱାମୀ ଓ ସ୍ତ୍ରୀଙ୍କୁ ଗୋଟିଏ ସ୍ଥାନରେ ନିଯୁକ୍ତି ଦେବା, ମଧ୍ୟାହ୍ନଭୋଜନ ନିମନ୍ତେ ସ୍ୱତନ୍ତ୍ର ଗୃହର ବ୍ୟବସ୍ଥା କରିବା, ବିଳମ୍ବିତ ରାତିରେ କାର୍ଯ୍ୟରେ ଯୋଗଦେବାକୁ ଆସୁଥିବା ଅଥବା କାର୍ଯ୍ୟସାରି ଘରକୁ ଫେରୁଥିବା ମହିଳା କର୍ମଚାରୀଙ୍କୁ ଅଫିସ ଗାଡ଼ି ବ୍ୟବହାର କରିବା ଅନୁମତି ଦେବା ଭଳି ବିଭିନ୍ନ ଦାବି ନେଇ ସମିତି ପକ୍ଷରୁ ଆସନ୍ତା ୨୪ରେ ଭୁବନେଶ୍ୱରର ଲୋୟର ପିଏମଜିରେ ମହାସମାବେଶ ଡାକରା ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ରେଣୁକା ମହନ୍ତ, ଅଙ୍କିତା ଚୌଧୁରୀ, ଶାନ୍ତିଲତା ସାହୁ, ଜ୍ୟୋତ୍ସ୍ନାମୟୀ ଦେଈ, ଧରିତ୍ରୀ ସାହୁ, ଝରଣା ଜେନା, ଚିନ୍ମୟୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଡିସିପିଙ୍କ ବଦଳି ଦାବିରେ ବିଭିନ୍ନ ଥାନାରେ ଅଭିଯୋଗ

**କଟକ ଅଫିସ, ୧୯।୯**

କଟକ ନଗର କଂଗ୍ରେସ ଅଧୀନ ସମସ୍ତ ବ୍ଲକ କଂଗ୍ରେସ କମିଟି ପକ୍ଷରୁ କଟକ ଡିସିପିଙ୍କ ମନମାନି ଓ ବିଶୃଙ୍ଖଳିତ ଆଚରଣ ବିରୁଦ୍ଧରେ କଟକର ବିଭିନ୍ନ ଥାନାରେ ଅଭିଯୋଗ ହୋଇଛି। ସୂଚନାଥାଉ କି, ଦୁର୍ଗା ପୂଜା ପ୍ରସ୍ତୁତି ବୈଠକକୁ ବିଧାୟକ ଇଂ. ମହମ୍ମଦ ମୋକିମଙ୍କୁ ଆମନ୍ତ୍ରଣ ନ କରି ବ୍ୟତିକ୍ରମ ଘଟାଇବା ସହିତ ନିଜର ଅହଙ୍କାରୀ ମନୋଭାବ ନେଇ ବିଧାୟକଙ୍କ ବିରୁଦ୍ଧରେ ଗଣମାଧ୍ୟମକୁ ଦେଇଥିବା ଅଶାଳୀନ ଟିପ୍ପଣୀକୁ ତୀବ୍ର ନିନ୍ଦା କରାଯାଇଛି। ସହରରୁ ଡିସିପିଙ୍କୁ ତୁରନ୍ତ ବଦଳି ଓ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରି ସହରର ୧୪ଟି ଥାନାରେ କଂଗ୍ରେସ ନେତା କିଶୋର କର, ସନ୍ତୋଷ ଲେଙ୍କା, ବୀରେନ୍ଦ୍ର ଦାସ, ଗିରିବାଳା ବେହେରା, ଶୈଳବାଳା ଜେନା, ସୂର୍ଯ୍ୟକାନ୍ତ ରାଉତ, ଅନିଲ ବେଉରାଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ରହି ଡିସିପିଙ୍କ ବିରୋଧରେ ଅଭିଯୋଗପତ୍ର ଦାଖଲ କରିଛନ୍ତି।



ଡିସିପିଙ୍କ ବଦଳି ଦାବିରେ ଗୁରୁବାର ବାଦାମବାଡ଼ି ଥାନା ଅଧିକାରୀଙ୍କୁ କଂଗ୍ରେସ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# ୨୪ରେ ସମ୍ବର୍ଦ୍ଧନା ଉତ୍ସବ

**କଟକ ଅଫିସ, ୧୯।୯**

ଆସନ୍ତା ୨୪ରେ ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଉଦ୍ଦେଶ୍ୟରେ ହାଇକୋର୍ଟ ବାର୍ କନ୍‌ଭେନ୍‌ସନ ହଲ୍‌ଠାରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ହରିଚନ୍ଦନଙ୍କୁ ସମ୍ବର୍ଦ୍ଧିତ କରାଯିବା କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ, କଟକର ଅନ୍ୟ ବାର୍ ଆସୋସିଏଶନ ଏବଂ ମାନବିକ ଅଧିକାର ମଞ୍ଚ, ଓଡ଼ିଶା ଭୁବନେଶ୍ୱର ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ଉକ୍ତ ସଭାରେ ସମସ୍ତ ବାର୍ ଆସୋସିଏଶନର ସଦସ୍ୟ, ବରିଷ୍ଠ ଆଇନଜୀବୀ ତଥା ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ପ୍ରତିନିଧିମାନେ ଯୋଗଦେବେ। ଏହି ପରିପ୍ରେକ୍ଷୀରେ ବାର୍ ଆସୋସିଏଶନର ସଭାପତି ଗୋପାଳକୃଷ୍ଣ ମହାନ୍ତିଙ୍କ ପୌରୋହିତ୍ୟରେ ବାକ୍ ସ୍ୱାଧୀନତା ଉପରେ ଏକ ଆଲୋଚନାଚକ୍ରର ଆୟୋଜନ କରାଯାଇଛି। ଏଥିରେ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଡ. ଦୁର୍ଗାପ୍ରସାଦ ଚୌଧୁରୀ ମୁଖ୍ୟବକ୍ତା, ଆଡଭୋକେଟ ଜେନେରାଲ ଅଶୋକ ପରିଜା ଓ ସହକାରୀ ସୋଲିସିଟର ଜେନେରାଲ ଅନୁପ କୁମାର ବୋଷ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେବେ ବୋଲି ହାଇକୋର୍ଟ ବାର୍ ଆସୋସିଏଶନ ସମ୍ପାଦକ ସଞ୍ଜୟ ଦାସ ସୂଚନା ଦେଇଛନ୍ତି।

# ପକ୍କାଘର ତାଲିକାରେ ଅନିୟମିତତାର ତଦନ୍ତ ଦାବି

**କଟକ ସଦର,୧୯।୯(ଡି.ଏନ୍.ଏ.)**

ଚଳିତବର୍ଷ କଟକ ସଦର ବ୍ଲକରେ ପ୍ରସ୍ତୁତ କରାଯାଇଥିବା ପକ୍କାଘର ତାଲିକାରେ ବ୍ୟାପକ ଅନିୟମିତତା ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଭାଜପା ସାଧାରଣ ସମ୍ପାଦକ ଦିଲୀପ ମଲ୍ଲିକ ଦାବି କରିଛନ୍ତି। ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମଲ୍ଲିକ ବ୍ଲକରୁ ବଦଳି ହୋଇଥିବା ୨ଯନ୍ତ୍ରୀଙ୍କୁ ଦାୟିତ୍ୱମୁକ୍ତ ନ କରାଯିବା ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ଅଧିକାଂଶ ସମୟରେ କାର୍ଯ୍ୟାଳୟରେ ଷ୍ଟାଫମାନେ ରହୁ ନ ଥିବାରୁ ସାଧାରଣ ଲୋକ ହଇରାଣ ହେଉଥିବା ଆୟତ୍ତପୁର ପଞ୍ଚାୟତ ସମିତି ସଭ୍ୟ ଗୋକୁଳ ପ୍ରଧାନ କହିଥିଲେ। ବ୍ଲକର କାର୍ଯ୍ୟ ବ୍ୟବସ୍ଥାକୁ ୫ଟି ଅନୁଯାୟୀ ଚଳାଇବା ଓ ତ୍ରୁଟି ବ୍ୟବସ୍ଥାକୁ ଖୁବଶୀଘ୍ର ସୁଧାର ନ କରାଗଲେ ଭାଜପା ଆନ୍ଦୋଳନକୁ ଓହ୍ଲାଇବ ବୋଲି କୈଳାଶ ଚନ୍ଦ୍ର ବସ୍ତିଆ, ପୀୟୁଷ ରଞ୍ଜନ ପରିଡା, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଜଗନ୍ନାଥ ଜେନା, ରତିକାନ୍ତ ପଟ୍ଟନାୟକ, ସୁରେଶ ଭୂୟାଁ ଓ ଲକ୍ଷ୍ମୀପ୍ରସାଦ ଆଚାର୍ଯ୍ୟ କହିଛନ୍ତି। ଏହି ଅବସରରେ ଭାଜପା ନେତୃ ମଣ୍ଡଳୀ ପକ୍ଷରୁ ବିଡିଓ ଦେବାଶିଷ ପଟ୍ଟନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ସାଲେପୁର ନାବାଳିକା ବଳାତ୍କାର ଓ ହତ୍ୟା ଘଟଣା

# କଟକ ଜିଲାର ପ୍ରଥମ ରେଡ୍ ଫ୍ଲାଗ୍ ମାମଲା

**କଟକ ଅଫିସ,୧୯।୯**

ସାଲେପୁର ଥାନା ଅଞ୍ଚଳର ଜଣେ ୬ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିଲା। ୨୦୧୮ ଏପ୍ରିଲ ୨୧ ସନ୍ଧ୍ୟାରେ ସେ ତାଙ୍କ ଭାଇଙ୍କ ସହ ଖେଳୁଥିଲେ। ଅଭିଯୁକ୍ତ ମହମ୍ମଦ ମୁସ୍ତାକ ପହଞ୍ଚି ନାବାଳିକାକୁ ଚକୋଲେଟ୍ ଦେବା ବାହାନାରେ ଏକ ଅନ୍ଧାରୁଆ ସ୍ଥାନକୁ ଟେକି ନେଇ ବଳାତ୍କାର କରିଥିଲେ। ପରେ ତାଙ୍କ ମୁଣ୍ଡକୁ ପଥରରେ ଛେଚି ପଳାଇ ଯାଇଥିଲେ। ଗୁରୁତ୍ୱର ଅବସ୍ଥାରେ ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା। ତେବେ ଗୁରୁବାର ଅଭିଯୁକ୍ତ ମୁସ୍ତାକଙ୍କୁ କଟକ ତୃତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ପୋକ୍‌ସୋ ଅଦାଲତ ଦୋଷୀ ସାବ୍ୟସ୍ତ କରି ଗୁରୁବାର ଫାଶୀଦଣ୍ଡରେ ଦଣ୍ଡିତ କରିଛନ୍ତି। ତେବେ ଏହି ସମ୍ବେଦନଶୀଳ ଘଟଣାକୁ ନେଇ ସେତେବେଳେ ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଅଭିଯୁକ୍ତଙ୍କ ବିରୋଧରେ କଠୋର ଦଣ୍ଡ ବିଧାନ କରିବା ଦାବିରେ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇଥିଲେ। ଫଳରେ ସରକାର ଏହି ଘଟଣାକୁ ଗୁରୁତ୍ୱ ଦେବା ସହ ପୋଲିସ ପ୍ରଶାସନ ଏହାକୁ ରେଡ୍‌ଫ୍ଲାଗ୍ ମାମଲାରେ ଅନ୍ତର୍ଭୁକ୍ତ କରିଥିଲା। କଟକ ଜିଲାର ଏହା ପ୍ରଥମ ରେଡ୍‌ଫ୍ଲାଗ୍ ମାମଲା ହୋଇଥିଲା। ପୋଲିସ ଏହି ମାମଲାରେ ଅଧିକ ତଥ୍ୟ ହାସଲ କରିବା ପାଇଁ ଅଭିଯୁକ୍ତଙ୍କୁ ଭିନ୍ନ ଭିନ୍ନ ପର୍ଯ୍ୟାୟରେ ରିମାଣ୍ଡରେ ନେଇଥିଲା।

### ତଦନ୍ତର ଦିଗ

ଘଟଣାର ଘଟିବାର ମାତ୍ର କେଇ ଘଣ୍ଟା ପରେ ପୋଲିସ ଅଭିଯୁକ୍ତ ମୁସ୍ତାକଙ୍କୁ ଗିରଫ କରିଥିଲା। ପରେ ଏହି ଘଟଣାର ତଦନ୍ତ ପାଇଁ ପୋଲିସ ଡଗ୍ ସ୍କ୍ୱାଡର ସହାୟତା ନେଇଥିଲା। ଡଗ୍ ସ୍କ୍ୱାଡ଼ ଘଟଣାସ୍ଥଳକୁ ଯାଇ ଅଭିଯୁକ୍ତ ମୁସ୍ତାକଙ୍କ ଘରେ ପହଞ୍ଚିଥିଲା। ଅଭିଯୁକ୍ତ ଘଟଣା ଘଟାଇବା ସମୟରେ ପିନ୍ଧିଥିବା ଶାର୍ଟକୁ ପୋଲିସ ଜବତ କରିଥିଲା। ଏଥିରେ ପୀଡ଼ିତାଙ୍କ ରକ୍ତଛିଟା ଲାଗିଥିଲା। ଫରେନ୍ସିକ୍ ଟେଷ୍ଟରେ ଉକ୍ତ ରକ୍ତ ପୀଡ଼ିତାଙ୍କର ବୋଲି ପ୍ରମାଣିତ ହୋଇଥିଲା। ଏହି ପ୍ରମାଣ ଆଧାରରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହଜ ହୋଇଥିଲା।

### ଆଲ୍ଲା କେ ଘର୍ ଦେର୍ ହୈ ଅନ୍ଧେର୍ ନହିଁ

ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡାଦେଶ ପରେ ପୀଡିତାଙ୍କ ମାଆ କହିଛନ୍ତି, ଆଲ୍ଲାହ କେ ଘର ଦେର ହୈ, ଅନ୍ଧେର ନହିଁ। ଅଦାଲତଙ୍କ ଏହି ରାୟ ପରେ ମୋ ଝିଅର ଆତ୍ମା ଶାନ୍ତି ପାଇବ। ତେବେ ଯେଉଁଦିନ ଅଭିଯୁକ୍ତ ଫାଶୀ ଖୁଣ୍ଟରେ ଝୁଲିବ, ସେହିଦିନ ହିଁ ଆମକୁ ଓ ମୋ ଝିଅକୁ ପ୍ରକୃତ ନ୍ୟାୟ ମିଳିବ। ଝିଅ ମରିବା ଦିନଠାରୁ ଆମେ ମାନସିକ ସ୍ତରରେ ଭାଙ୍ଗିପଡ଼ିଛୁ ବୋଲି ସେ କହିଛନ୍ତି।

### ଅଦାଲତଙ୍କ ଦୃଷ୍ଟାନ୍ତମୂଳକ ରାୟ

ସାଲେପୁର ନାବାଳିକା ବଳାତ୍କାର ଓ ହତ୍ୟା ମାମଲାରେ ପୋକ୍ସୋ ଅଦାଲତ ଦୋଷୀଙ୍କୁ ଫାଶୀଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଦାଲତଙ୍କ ଏହି ଦୃଷ୍ଟାନ୍ତମୂଳକ ରାୟ ଆଗାମୀ ଦିନରେ ଏଭଳି ଅମାନବୀୟ ଘଟଣା ଉପରେ ଅଙ୍କୁଶ ଲଗାଇବ। ଅଦାଲତ ମାମଲାର ସବୁ ଦିଗ ଉପରେ ତର୍ଜମା କରି ଏହି ରାୟ ଦେଇଛନ୍ତି। ଘଟଣାରେ ତଦନ୍ତକାରୀ ପୋଲିସ ଅଧିକାରୀଙ୍କ କାର୍ଯ୍ୟ ପ୍ରଶଂସାଯୋଗ୍ୟ। ପୋଲିସ ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରିବା ସହ ତଦନ୍ତ କାର୍ଯ୍ୟ ଖୁବ୍ କମ୍ ଦିନରେ ଶେଷ କରି ଚାର୍ଜଶିଟ୍ ଦାଖଲ କରିଥିଲା। ଯେଉଁଥିପାଇଁ ମାମଲାକୁ ଶୀଘ୍ର ଶେଷ କରିବାରେ ସହଜ ହୋଇଥିଲା। ଅଦାଲତ ୨୩ଜଣଙ୍କଠାରୁ ସାକ୍ଷ୍ୟ ଗ୍ରହଣ କରିଥିଲେ ବୋଲି ସରକାରଙ୍କ ପକ୍ଷରୁ ନିଯୁକ୍ତ ଆଇନଜୀବୀ ଅକ୍ଷୟ ନାୟକ କହିଛନ୍ତି।

### ମୋ' ପୁଅ ନିର୍ଦ୍ଦୋଷ

ମୋ' ପୁଅ ନିର୍ଦ୍ଦୋଷ, ତାକୁ ଏହି ମାମଲାରେ ଫସାଇ ଦିଆଯାଇଛି। ତାକୁ ନିର୍ଦ୍ଦୋଷ ପ୍ରମାଣ କରିବା ପାଇଁ ଆମେ ଉପର କୋର୍ଟକୁ ଯିବୁ। ସେ କେବେ ଏଭଳି କାମ କରିବ ନାହିଁ। ମୁଁ ତାକୁ ଜନ୍ମ ଦେଇଛି। ସେ କ'ଣ ମୁଁ ଜାଣିଛି ବୋଲି ମୁସ୍ତାକଙ୍କ ମାଆ କହିଛନ୍ତି।



କଟକ ମଙ୍ଗଳାବାଗ ରିଂରୋଡ଼ ହାଡ଼ିଆପଠାରେ ସିଏମ୍‌ସି ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

## ୪୪ ମଣ୍ଡଳ ରାଜଦୋଳ ସଭାଗୃହ ଉଦ୍‌ଘାଟିତ

**ଚୌଦ୍ୱାର,୧୯।୯(ଡି.ଏନ୍.ଏ.):** ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ ଦ୍ୱାରା ଚୌଦ୍ୱାର ପୌରପାଳିକାର ୪ନଂ. ୱାର୍ଡସ୍ଥିତ ଯାତ୍ରାପଡ଼ିଆରେ ନିର୍ମିତ ୪୪ ମଣ୍ଡଳ ରାଜଦୋଳ ସଭାଗୃହ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ରାଜଦୋଳ ସମିତି ସଭାପତି ଦୀପକ ମଙ୍ଗରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଚୌଦ୍ୱାର-କଟକ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଓ ଇମ୍ଫାର ବରିଷ୍ଠ ଉପସଭାପତି ବିଜୟାନନ୍ଦ ମହାପାତ୍ର ଅତିଥିଭାବେ ଯୋଗଦେଇ ସଭାଗୃହ ଉଦ୍‌ଘାଟନ କରିଥିଲେ। ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, ବିଷ୍ଣୁ ଚରଣ ପରିଡା, ଲାଲମୋହନ ପରିଡା ପ୍ରମୁଖ ଯୋଗଦେଇଥିଲେ। ଲୋକସମ୍ପର୍କ ଅଧିକାରୀ ଧ୍ରୁବ ଚରଣ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ତଳ କୋର୍ଟରେ ଆବେଦନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ମହେନ୍ଦ୍ର ସ୍ୱାଇଁ ହତ୍ୟା ମାମଲା**

**କଟକ ଅଫିସ, ୧୯।୯**


ପାରାଦୀପ ସିୱେଜ୍ ସିପିଂ କମ୍ପାନୀ ପରିଚାଳକ ମହେନ୍ଦ୍ର ସ୍ୱାଇଁ ହତ୍ୟା ଘଟଣାରେ ଶିଳ୍ପପତି ମହିମାନନ୍ଦ ମିଶ୍ରଙ୍କୁ ଗିରଫ କରାଯାଇଥିଲା। ଏ ନେଇ ସେ ହାଇକୋର୍ଟରେ ଜାମିନ ପାଇଁ ଆବେଦନ କରିଥିଲେ। ଏହି ମାମଲାରେ ଗୁରୁବାର ହାଇକୋର୍ଟ ଚୂଡ଼ାନ୍ତ ରାୟ ଶୁଣାଇଛନ୍ତି। ୧୬ଜଣ ସାକ୍ଷୀଙ୍କ ବୟାନ ଶୁଣିବା ପରେ ଜାମିନ ପାଇଁ ତଳକୋର୍ଟରେ ଆବେଦନ କରିବାକୁ ହାଇକୋର୍ଟ ମିଶ୍ରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ବିଚାରପତି ଜଷ୍ଟିସ ଦେବବ୍ରତ ଦାଶ ଗତ ଅଗଷ୍ଟ ୧୪ରେ ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। ପୂର୍ବରୁ ତଳକୋର୍ଟରେ ମାମଲାର ଶୁଣାଣି ହୋଇ ନ ଥିବାରୁ ଅଦାଲତ ଜାମିନ ଖାରଜ କରିଥିଲେ। ଏବେ ଯଥେଷ୍ଟ ସାକ୍ଷ୍ୟ ଗ୍ରହଣ କରାଯାଇଥିବାବେଳେ ନିମ୍ନ ଅଦାଲତରେ ଜାମିନ ଆବେଦନ କରାଯାଇପାରିବ ବୋଲି ହାଇକୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରି ଏହି ମାମଲାକୁ ଶେଷ କରିଛନ୍ତି।

ସୂଚନାଯୋଗ୍ୟ, ୨୦୧୬ ଅକ୍ଟୋବର ୨୬ରେ ପାରାଦୀପ ସିୱେଜ ସିପିଂ ମ୍ୟାନେଜର ମହେନ୍ଦ୍ର ସ୍ୱାଇଁଙ୍କୁ ଦୁର୍ବୃତ୍ତମାନେ ଗୁଳିକରି ହତ୍ୟା କରିଥିଲେ। ଏ ନେଇ ମହେନ୍ଦ୍ରଙ୍କ ବଡ଼ଭାଇ ରାଜକିଶୋର ସ୍ୱାଇଁ ପାରାଦୀପ ଥାନାରେ ଅଭିଯୋଗ କରିଥିବାବେଳେ ମିଶ୍ରଙ୍କ ସମେତ ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍(ଓଏସ୍‌ଏଲ୍)ର ଅନ୍ୟ ଅଧିକାରୀଙ୍କ ନାମରେ ଲୁକଆଉଟ୍ ସର୍କୁଲାର ଜାରି ହୋଇଥିଲା। ଏହି ମାମଲାରେ ପୋଲିସ ୧୬ଜଣଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଥିବାବେଳେ ଏମାନଙ୍କ ମଧ୍ୟରୁ ୪ଜଣ ଏବେବି ଫେରାର ରହିଛନ୍ତି। ତେବେ ଏହି ଘଟଣାରେ ଶିଳ୍ପପତି ମିଶ୍ରଙ୍କୁ ୨୦୧୬ ଡିସେମ୍ବରରେ ପୋଲିସ ବ୍ୟାଙ୍କକ୍‌ରୁ ଗିରଫ କରିଥିଲା। ପରେ ସେ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୧୭ ମେ ୧୬ରେ ହାଇକୋର୍ଟ ମିଶ୍ରଙ୍କ ଜାମିନ ମଞ୍ଜୁର କରିଥିଲେ। ମାତ୍ର ହାଇକୋର୍ଟଙ୍କ ଜାମିନ ଆଦେଶ ବିରୋଧରେ ରାଜ୍ୟ ସରକାର ସୁପ୍ରିମକୋର୍ଟକୁ ଯାଇଥିଲେ। ସୁପ୍ରିମକୋର୍ଟ ହାଇକୋର୍ଟ ଦେଇଥିବା ଜାମିନକୁ ଖାରଜ କରି ଦେଇଥିଲେ। ସୁପ୍ରିମକୋର୍ଟରେ ଜାମିନ ଖାରଜ ହେବା ପରେ ମିଶ୍ର ପୁନର୍ବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମିଶ୍ରଙ୍କ ପକ୍ଷରୁ ଆଇନଜୀବୀ ଜୟଦୀପ ପାଲ ଏହି ମାମଲା ପରିଚାଳନା କରିଥିଲେ।

## ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଆଲୋଚନାଚକ୍ର

**କଟକ ଅଫିସ, ୧୯।୯**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଅର୍ଥଶାସ୍ତ୍ର ବିଭାଗ ଏବଂ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ବିଚାରଧାରା ସଂଗଠନର ମିଳିତ ଆନୁକୂଲ୍ୟରେ ଗୁରୁବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ଉପାଧ୍ୟକ୍ଷ ଡ. ରବି ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ଆନ୍ତର୍ଜାତିକ ପ୍ରବନ୍ଧ ପ୍ରତିଷ୍ଠାନର ରାମକୃଷ୍ଣ ପାଣିଗ୍ରାହୀ ଯୋଗଦେଇ କହିଥିଲେ, ବର୍ତ୍ତମାନ ପରିସ୍ଥିତିରେ ଭାରତୀୟ ଅର୍ଥନୀତିର ମନ୍ଥର ଅଭିବୃଦ୍ଧି ଘଟୁଛି। ବିଭାଗୀୟ ମୁଖ୍ୟ ଡ. ଧର୍ମପଦ ମହାପାତ୍ର ସ୍ୱାଗତ ସମ୍ବର୍ଦ୍ଧନା ଓ କୁଳମଣି ମିଶ୍ର ବିଷୟବସ୍ତୁର ଉପକ୍ରମ ବ୍ୟାଖ୍ୟା କରିଥିଲେ। ଚିନ୍ମୟ ରଞ୍ଜନ କୁମାର ଧନ୍ୟବାଦ ଦେଇଥିଲେ।



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
-ଆଇନଷ୍ଟାଇନ



## ସଂକ୍ଷେପରେ

### ପ୍ରେମିକାଙ୍କୁ ପ୍ରତାରଣା କରି ପ୍ରେମିକ ଗିରଫ

ଖୋର୍ଦ୍ଧା ଅଫିସ,୧୯।୯:ପ୍ରେମିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ୫ ମାସର ଗର୍ଭବତୀ କରାଇ ପ୍ରତାରଣା କରି ଜଣେ ପ୍ରେମିକ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତ ରମାବିଲିର ଯୋଗୀନାଥ ହରିଚନ୍ଦନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଯୋଗୀନାଥଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ଯିବାକୁ ପଡିଛି। ଯୋଗୀନାଥ ଜଣେ ୨୪ ବର୍ଷୀୟା ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ସ୍ଥାପନ କରିଥିଲେ। ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ପ୍ରତାରଣା କରି ପ୍ରେମିକାଙ୍କୁ ଠକିଥିଲେ। ଏ ନେଇ ଜଙ୍କିଆ ଥାନାରେ ଅଭିଯୋଗ ପରେ ପୋଲିସ ୪୪୩, ୪୧୭, ୩୨୩, ୩୫୪, ୩୭୯, ୫୦୬, ୩୪ ଆଇପିସି ଦଫାରେ ନଂ. ୧୪୧/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା।

### ୨ ମାଙ୍କଡା ପଥର ବୋଝେଇ ଟ୍ରକ ଜବତ

ଖୋର୍ଦ୍ଧା ଅଫିସ,୧୯।୯:କୁମାରବସ୍ତକୁ ଯାଉଥିବା ୨ଟି ମାଙ୍କଡା ପଥର ବୋଝେଇ ଟ୍ରକକୁ ଆଦର୍ଶ ଥାନା ପୋଲିସ ୧୬ ନଂ. ଜାତୀୟ ରାଜପଥରୁ ଗୁରୁବାର ରାତିରେ ଜବତ କରିଛି। ରାତ୍ରକାଳୀନ ପୋଲିସ ପାଟ୍ରୋଲିଂ ଟିମ ଏହି ଟ୍ରକ ଜବତ କରିଛି।

### ଦୁର୍ବୃତ୍ତ ଲୁଟି ନେଲେ ୨ ଲକ୍ଷ ଟଙ୍କା

ଜଟଣୀ,୧୯।୯(ଡି.ଏନ.ଏ.):-ଜଟଣୀ ଥାନା ରାମଚନ୍ଦ୍ରପୁର ବଜାର ଟାଉନ୍ ଖାସ୍‌ମଲ ଅଞ୍ଚଳରୁ ଗୁରୁବାର ମଧ୍ୟାହ୍ନ ୧୨ଟାରେ ଦୁର୍ବୃତ୍ତମାନେ ୨ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏହି ଅଞ୍ଚଳର ମହମ୍ମଦ ଖଲିଲ ବ୍ୟାଙ୍କରୁ ଟଙ୍କା ଉଠାଇ କାର୍‌ରେ ଫେରୁଥିବା ବେଳେ ତାଙ୍କ ଘର ସମ୍ମୁଖରେ ଏହା ଘଟିଛି। ଘର ସମ୍ମୁଖରେ କାର୍ ରଖି ଡୋର ଖୋଲୁଥିବା ବେଳେ ଜଣେ ଦୁର୍ବୃତ୍ତ ହଠାତ୍ ଆସି ଖଲିଲକୁ ଧକ୍କା ମାରି ଟଙ୍କା ଥିବା ବ୍ୟାଗ୍ ଧରି ବାଇକ୍‌ରେ ଫେରାର ହୋଇଯାଇଥିଲେ। ଏ ନେଇ ଖଲିଲ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ କରୁଥିଲେ ମଧ କେହି ଧରା ପଡିନାହାନ୍ତି।

### ବିଶ୍ୱନାଥ ମନ୍ଦିରରୁ ଦାନବାକ୍ସ ଭାଙ୍ଗି ଚୋରି

ଜଟଣୀ,୧୯।୯(ଡି.ଏନ.ଏ.): ଜଟଣୀ ଥାନା ଅନ୍ତର୍ଗତ କୁମ୍ଭାରଖାତିଆ ଗୋଡାଧର୍ମସାଗର ଅଞ୍ଚଳରେ ଥିବା ଶ୍ରୀ ବିଶ୍ୱନାଥ ମନ୍ଦିର ପରିସରରୁ ଦାନବାକ୍ସ ଭାଙ୍ଗି ତା' ମଧରେ ଥିବା ଟଙ୍କା ଦୁର୍ବୃତ୍ତମାନେ ଚୋରି କରି ନେଇଛନ୍ତି। ବୁଧବାର ବିଳମ୍ବିତ ରାତିରେ ଏହା ଘଟିଛି। ମନ୍ଦିର ଗେଟ୍ ତାଲା ଭାଙ୍ଗି ଭିତରେ ଥିବା ଦାନବାକ୍ସରୁ ଏହି ଚୋରି ହୋଇଛି। ଖବରପାଇ ପୋଲିସ ଘଟଣାସ୍ଥଳ ତଦନ୍ତ କରି ଫେରି ଆସିଛି। ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏ ନେଇ ଥାନାରେ ଅଭିଯୋଗ ହୋଇଛି।

### କୂଅକୁ ଡେଇଁ ଆତ୍ମହତ୍ୟା

ଜଟଣୀ, ୧୯।୯(ଡି.ଏନ.ଏ.): ଜଟଣୀ ଥାନା ଗଜପତିନଗର ଅଞ୍ଚଳରେ ଘର କୂଅକୁ ଡେଇଁ ଗୁରୁବାର ସକାଳ ୮ଟାରେ ନରସିଂହନାଥ ରାମ(୪୬) ଆତ୍ମହତ୍ୟା କରିଥିବା ପୋଲିସ କହିଛି। ବେକରେ ପ୍ଲାଷ୍ଟିକ ରଶି ଫାଶ କରି ଲୁହାର ଶଗଡିରେ ଏହାକୁ ବାନ୍ଧି କୂଅ ମଧକୁ ଡେଇଁ ଥିବାରୁ ରଶିଟି ଅଧାରୁ ଛିଡିଯିବା ଅବସ୍ଥାରେ ରହିଥିଲା। ଅଧା ରଶି ଶଗଡିରେ ବନ୍ଧାଥିବା ବେଳେ ମୃତ ନରସିଂହଙ୍କ ଗଳାରେ ଆଉ ଅଧା ଫାଶ ପଡି ରହିଛି। ଅଗ୍ନିଶମ ବିଭାଗ କୂଅରୁ ମୃତଦେହ ବାହାର କଲାପରେ ଏହା ଜଣାପଡିଥିଲା। ପୋଲିସ ବ୍ୟବଚ୍ଛେଦ ପାଇଁ ମୃତଦେହ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ କରୁଛି। ଏ ନେଇ ନଂ. ୫୧/୧୯ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଖୋର୍ଦ୍ଧା ବିଡିଓଙ୍କ ସମୀକ୍ଷା

ଖୋର୍ଦ୍ଧା ଅଫିସ,୧୯।୯: ଖୋର୍ଦ୍ଧା ବିଡିଓ ପ୍ରଶାନ୍ତ କୁମାର ନାୟକ ଟାଙ୍ଗିଆପଡା ପଞ୍ଚାୟତରେ ଗୁରୁବାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ବିଭିନ୍ନ ପ୍ରକଳ୍ପ ଓ କାର୍ଯ୍ୟ ପରିଦର୍ଶନ କରିଛନ୍ତି। ପାଇକତିଗିରିଆ ବରକନ୍ୟା ମନ୍ଦିରରେ ଗୋଷ୍ଠୀ ଗୃହ , ପଞ୍ଚାୟତର ମାର୍କେଟ ଗୃହ ପରିଦର୍ଶନ କରିଛନ୍ତି। ମଧ୍ୟାହ୍ନଭୋଜନର ସମୀକ୍ଷା କରିଥିଲେ। ପରେ କଲ୍ୟାଣମଣ୍ଡପ ପାଖରେ ବୃକ୍ଷରୋପଣ କରିଥିଲେ।

# ଯୌତୁକ ନିର୍ଯାତନାକାରୀଙ୍କୁ ପୋଲିସର ଅନୁକମ୍ପା

■ ପ୍ରଥମେ ହଜେଇ ଦେଲେ ଏତଲା
■ ମାମଲା ରୁଜୁ କରି ଚୁପ୍ ପୋଲିସ

ଖୋର୍ଦ୍ଧା ଅଫିସ,୧୯।୯

ଯୌତୁକ ନିର୍ଯାତନାକାରୀଙ୍କୁ ବେଗୁନିଆ ଥାନା ପୋଲିସ ଅନୁକମ୍ପା ଦେଖାଉଥିବା ଅଭିଯୋଗ ହେଉଛି। ପ୍ରଥମେ ଏତଲା ହଜେଇ ଦେଲେ। ପରେ ମାମଲା ରୁଜୁ କରି ଚୁପହୋଇ ରହିଛନ୍ତି। ବାରମ୍ବାର ଥାନାକୁ ଦୌଡିବା ପରେ ବ୍ୟସ୍ତ ହୁଅନାହିଁ ଯୌତୁକ ଉପକରଣ ଜବତ କରିଦେବୁ। ଗିରଫ ପରେ କରିବା ବୋଲି ପୋଲିସ ଆଜିକାଲି ଆସ କହି ସମୟ ଗଡାଇ ଚାଲିଛି। ସେପଟେ ଅଭିଯୋଗକାରୀ ନ୍ୟାୟ ପାଇଁ ବାରମ୍ବାର ଥାନାକୁ ଦୌଡୁଛନ୍ତି। ଏହି ଘଟଣାରେ ପୋଲିସର ସେବାକୁ ଅନୁଧ୍ୟାନ କଲେ ଅକ୍ଟୋବର ୨ରୁ ଲାଗୁ ହେବାକୁ ଯାଉଥିବା ମୋ ସରକାର କାର୍ଯ୍ୟକ୍ରମକୁ କିପରି ବେଗୁନିଆ ଥାନା ପୋଲିସ ପାଳନ କରିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅଭିଯୋଗ ଅନୁସାରେ, ଖୋର୍ଦ୍ଧା ଆଦର୍ଶ ଥାନା ମୁକ୍ତାପୁର ଗାଁର ହେମନ୍ତ କୁମାର ମିଶ୍ରଙ୍କ ଝିଅ ସ୍ୱର୍ଣ୍ଣଲତା ୨୦୧୨ରେ ବେଗୁନିଆ ଥାନା ବଡବେରଣା ଗାଁର ବିଦ୍ୟାଧର ମିଶ୍ରଙ୍କ ପୁଅ ପ୍ରତାପଙ୍କୁ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷର ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ବିବାହର ୨ ମାସ ପରେ ଜ୍ଞାତି କୁଟୁମ୍ବଙ୍କ ଲୁଗାପଟା ପାଇଁ ଶାଶୁ ଘର ପକ୍ଷରୁ ବୋହୂଙ୍କୁ ନିର୍ଯାତନା ଦିଆଯାଇଥିଲା। ଭଦ୍ର ଲୋକଙ୍କ ଉପସ୍ଥିତିରେ ମୀମାଂସା ହୋଇଥିଲା। ପରେ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ହେଲେ ଶାଶୁଘର ପକ୍ଷରୁ କିଛି ଟଙ୍କା ଖର୍ଚ୍ଚ କରାଗଲା ନାହିଁ। ଏବେ ପୁଣି ୮ ମାସର ଗର୍ଭବତୀ। ତେବେ ଗର୍ଭବତୀ ସମୟରେ ଯତ୍ନ ନେବା ଅପେକ୍ଷା ମାରପିଟ ଚାଲିଲା। ବାପ ଘରୁ ଅଧିକ ୫୦ ହଜାର ଟଙ୍କା ଯୌତୁକ ଆଣିବାକୁ କୁହାଗଲା। ସ୍ୱର୍ଣ୍ଣଲତା ତଥାପି ବାପ ଘରୁ ୩୦ ହଜାର ଟଙ୍କା ପୁଣି ଯୌତକ ଆଣିଥିଲେ। ଯୌତୁକ ଆଣିବା ପରେ ମଧ ଶାଶୁ, ଶ୍ୱଶୁର, ନଣନ୍ଦ, ନଣନ୍ଦେଇ, ଦିଅର ମିଶି ପୁଣି ଅଧିକ ଯୌତୁକ ପାଇଁ ଶାରୀରିକ, ମାନସିକ ନିର୍ଯାତନା ଦେଇ ଚାଲିଲେ। ଶାଶୁ ଘର ନିର୍ଯାତନା ସମ୍ପର୍କରେ ବିଭିନ୍ନ ସମୟରେ ବେଗୁନିଆ ଥାନା ଓ ଖୋର୍ଦ୍ଧା ଆଦର୍ଶ ଥାନାରେ ଆପୋସ ସମାଧାନ କରାଯାଇଛି। ତେବେ ଅଗଷ୍ଟ ୮ ରାତିରେ ୬ ବର୍ଷର ପୁଅ ସହ ମୋତେ ଗ୍ୟାସ ଖୋଲି ଜାଳି ଦେବାକୁ ଉଦ୍ୟମ କରିଥିଲେ। ସେହିଦିନ ଖସି ଆସି ୯ ତାରିଖରେ ବେଗୁନିଆ ଥାନାରେ ଅଭିଯୋଗ କରିଥିଲି। ହେଲେ ପୋଲିସ ଚୁପ୍ ରହି ଏତଲା ହଜାଇ ଦେଲା। ପରେ ଅଗଷ୍ଟ ୨୧ ରେ ପୁଣି ଥାନାରେ ଅଭିଯୋଗ କରିବା ପରେ ୪୯୮(କ), ୩୨୩, ୫୦୬, ୩୪ ଆଇପିସି ଓ ୪ଡିପି ଆକ୍ଟରେ ନଂ. ୧୧୬/୧୯ରେ ମାମଲା ରୁଜୁ ହୋଇଛି।

### ଶିଶୁପୁତ୍ର ପାଠପଢ଼ାରେ ଡୋରି

ଶାଶୁ ଘରୁ ଜୀବନ ବଞ୍ଚାଇବାକୁ ଯାଇ ସ୍ୱର୍ଣ୍ଣଲତା ଏବେ ୬ ବର୍ଷର ପୁଅ ସହ ବାପ ଘର ମୁକ୍ତାପୁରରେ ରହୁଛି। ତେବେ ପୁଅର ପାଠପଢ଼ାରେ ଡୋରି ବନ୍ଧା ହୋଇଯାଇଛି। ପୁଅ କଣ୍ଟାବାଡ ସରସ୍ୱତୀ ବିଦ୍ୟାମନ୍ଦିରରେ ବୋଧ ଶ୍ରେଣୀରେ ପାଠ ପଢୁଥିଲା। ମୁକ୍ତାପୁର ଆସିଲା ପରେ ପାଠ ପଢ଼ିବାକୁ ଯାଇ ପାରୁନାହିଁ। ପୁଣି ସ୍ୱର୍ଣ୍ଣଲତା ୮ମାସର ଗର୍ଭବତୀ ଥାଇ ନ୍ୟାୟ ପାଇଁ ଲଢେଇ ଆରମ୍ଭ କରି ଦେଇଛନ୍ତି। ଦେଖାଯାଉ ପୋଲିସ କେବେ ମାନସିକତାରେ ପରିବର୍ତ୍ତନ ଆଣି ପଦକ୍ଷେପ ନେଉଛି। ଏ ନେଇ ସ୍ୱର୍ଣ୍ଣଲତା କୁହନ୍ତି, ମୁଁ ନ୍ୟାୟ ପାଇବାକୁ ଲଢ଼େଇ କରୁଛି। ହେଲେ ପୋଲିସ ମୋତେ ନ୍ୟାୟ ଦେଉନାହିଁ। ମୋ ଗର୍ଭସ୍ଥ ଶିଶୁ ଓ ୬ ବର୍ଷର ପୁଅର ଭବିଷ୍ୟତକୁ ଆଖି ଆଗରେ ରଖି ପୋଲିସ ସହଯୋଗ କରୁ ବୋଲି ନିବେଦନ କରିଛନ୍ତି।



ଜିଲାପାଳଙ୍କୁ ସ୍ମାରକପତ୍ର ଦେବାକୁ ଯାଉଥିବା ଗ୍ରାମବାସୀ ।

## ପୋଖରୀର ପୁନରୁଦ୍ଧାର ପାଇଁ ଜିଲାପାଳଙ୍କୁ ସ୍ମାରକପତ୍ର

ଖୋର୍ଦ୍ଧା ଅଫିସ,୧୯।୯

ଟାଙ୍ଗୀ ବ୍ଳକ ରତନପୁର ପଞ୍ଚାୟତରେ ଥିବା ଏକ ପୋଖରୀର ପୁନରୁଦ୍ଧାର ପାଇଁ ନରହରି ସାହି, ତାରେଣୀସାହି, ତ୍ରିନାଥ ମନ୍ଦିରସାହିର ବାସିନ୍ଦା ଜିଲାପାଳଙ୍କୁ ଗୁରୁବାର ଭେଟି ସ୍ମାରକପତ୍ର ଦେଇଛନ୍ତି। ନରହରିସାହିରେ ଥିବା ପୋଖରୀ ଦଳ ଭର୍ତ୍ତି ହୋଇ ପରିତ୍ୟକ୍ତ ଅବସ୍ଥାରେ ପ୍ରାୟ ୪୦ ବର୍ଷ ହେଲା ପଡି ରହିଛି। ତେବେ ଏହାର ପୁନରୁଦ୍ଧାର କରାଯାଉନାହିଁ। ଅଗଷ୍ଟ ୨୫ରେ ଦୁଇଜଣ ମହିଳା ସମ୍ପୃକ୍ତ ପୋଖରୀରେ ଗାଧୋଉଥିବାବେଳେ ଗୋଡ ଖସିଯିବାରୁ ବହୁ କଷ୍ଟରେ ଲୋକେ ଉଦ୍ଧାର କରିଥିଲେ। ଅନ୍ୟପକ୍ଷେ ଗ୍ରାମବାସୀ ସୋରଣ ପୋଖରୀ ଉପରେ ନିର୍ଭର କରିବାକୁ ପଡିଥାଏ। ହେଲେ ବ୍ୟବହାର ଖରାପ କାରଣରୁ ଅନେକେ ସେହି ପୋଖରୀକୁ ଯିବାକୁ ଉଚିତ୍ ମନେ କରୁନାହାନ୍ତି।



ସରକାରୀ ନିର୍ମାଣ ହୋଇଥିବା ଘର ।

### ଗୁରୁଜଙ୍ଗରେ ସରକାରୀ ଜମି ଜବରଦଖଲ
## ୩ ବ୍ୟବସାୟୀଙ୍କ କୋଠା ଘର ନିର୍ମାଣ

ଖୋର୍ଦ୍ଧା ଅଫିସ,୧୯।୯: ଖୋର୍ଦ୍ଧା ସହର ୧୬ ନଂ ୱାର୍ଡ ଗୁରୁଜଙ୍ଗ ସୂର୍ଯ୍ୟନଗରରେ ସରକାରୀ ଜମି ଜବରଦଖଲ ହୋଇଚାଲିଛି। ଏଠାରେ ସରକାରୀ ଜମିକୁ ୮ ଜଣ ଜବରଦଖଲ କରିଛନ୍ତି। ତେବେ ୩ଟି ଜବରଦଖଲ ଚର୍ଚ୍ଚାକୁ ଆସିଛି। ସ୍ଥାନୀୟ ଅଞ୍ଚଳର ୧ ଏକର ୨୪୫ ଡିସିମିଲ ଉପରେ ୩ ଜଣ ବ୍ୟବସାୟୀ ପୃଥକ୍ ଭାବେ କୋଠାଘର ନିର୍ମାଣ କରିଛନ୍ତି। ଜଣେ ବ୍ୟବସାୟୀ ହୋଲସେଲର ସହ ବାସଗୃହ କରିଛନ୍ତି। ଅନ୍ୟ ଦୁଇଜଣ ବ୍ୟବସାୟୀ କେବଳ ବାସଗୃହକୁ ଛାତ କରିଛନ୍ତି। ପ୍ରାୟ ୧ ବର୍ଷ ହେଲା ଛାତ ହୋଇଥିଲେ ହେଁ ଖୋର୍ଦ୍ଧା ଆରଆଇ ଓ ତହସିଲ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନାହିଁ। ଏ ସମ୍ପର୍କରେ ଆରଆଇ କବିରାଜ ସେଠୀଙ୍କ ପଚାରିବାରେ ସରକାରୀ ଜମିରେ ବେଆଇନ କୋଠା ନିର୍ମାଣର ତଦନ୍ତ କରି ତ୍ୱରିତ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

## ରାତିରେ ଚାଲିଛି ରେଳପଥର ଘର ତିଆରି, ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ

ନିରାକାରପୁର,୧୯।୯(ଡି.ଏନ.ଏ.):

ସମ୍ପ୍ରତି ବିଭିନ୍ନ ରେଳଷ୍ଟେଶନରେ ନବୀକରଣ କାର୍ଯ୍ୟ ଚାଲୁରହିଛି। ସରକାରୀ ନିୟମ ଅନୁଯାୟୀ ନିର୍ମାଣ କାର୍ଯ୍ୟ ଦିନରେ କରିବା କଥା। କିନ୍ତୁ ଖୋର୍ଦ୍ଧା ଜିଲା ନିରାକାରପୁର ଷ୍ଟେଶନ ପରିସରରେ ଗୁରୁବାର ରାତିରେ ଏଭଳି କାର୍ଯ୍ୟ କରାଯାଉଥିବା ଦେଖିବାକୁ ମିଳିଛି। ଷ୍ଟେଶନ ପରିସର ପ୍ରତୀକ୍ଷା ହଲ୍ ପାର୍ଶ୍ୱରେ ଏକ ଗୃହ କାର୍ଯ୍ୟ କରାଯାଉଥିଲା। ଏଥିରେ ୪ଜଣ ମହିଳା ଓ ଜଣେ ପୁରୁଷ ଶ୍ରମିକ ନିୟୋଜିତ ରହିଥିଲେ। କିନ୍ତୁ ସେଠାରେ କୌଣସି ଠିକାଦାର କିମ୍ବା ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦେଖା ନ ଥିଲା। ଫଳରେ ନିର୍ମାଣ କରାଯାଉଥିବା ଗୃହର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉପସ୍ଥିତ ଜଣେ ଶ୍ରମିକଙ୍କୁ ପଚାରିବାରୁ



ରାତିରେ ଗୃହ ନିର୍ମାଣ କାମ ଚାଲିଛି ।

ଆମେ ଶ୍ରମିକ ଲୋକ, କିଛି ଜାଣିନୁ ବୋଲି କହିଥିଲେ। ସ୍ଥାନୀୟ ଷ୍ଟେଶନ ପରିଚାଳକ ସୁଜିତ କୁମାରଙ୍କୁ ପଚାରିବାରୁ ତାହା ଆମ କାମ ନୁହେଁ, ସେ ବିଷୟରେ କିଛି କହିପାରିବୁନି ବୋଲି ମତ ଦେଇଥିଲେ। ବାଲୁଗାଁଠାରେ ଏହାର ତଦାରଖ ଦାୟିତ୍ୱରେ ଥିବା ଅଧିକାରୀ ଶ୍ରୀନିବାସ ରାଓଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

## ଜଟଣୀ ଭାଜପା ପକ୍ଷରୁ ପାଠ୍ୟ ଉପକରଣ ବଣ୍ଟନ

ଜଟଣୀ, ୧୯।୯(ଡି.ଏନ.ଏ.):

ଭାଜପା ଜଟଣୀ ନଗର ପକ୍ଷରୁ ସ୍ଥାନୀୟ ୧୩ ଓ ୧୪ ନଂ. ୱାର୍ଡର ବିଭିନ୍ନ ବସ୍ତି ଅଞ୍ଚଳରେ ଗୁରୁବାର ସ୍କୁଲ ବିଦ୍ୟାର୍ଥୀଙ୍କୁ ଖାତା, ପେନ୍, ପେନ୍‌ସିଲ ଆଦି ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା। ୨୦୦ ବିଦ୍ୟାର୍ଥୀଙ୍କୁ ଏହି ଉପକରଣ ବଣ୍ଟନ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ପାଇଁ ଭାଜପା ପକ୍ଷରୁ ସେବା ସପ୍ତାହ ପାଳନ ପରିପ୍ରେକ୍ଷୀରେ ଏହି ଉପକରଣ ବଣ୍ଟାଯାଇଥିଲା। ପ୍ରଶାନ୍ତ ପ୍ରଧାନ, ରଶ୍ମିମୟୀ ପଟ୍ଟନାୟକ, ତିରୁପତି ଶତପଥୀ, ତରୁଣ ସିଂ, କିଶୋର ସାହୁ, ଲକ୍ଷ୍ମୀପ୍ରିୟା ସାମନ୍ତରାୟ, ରବି ସାହୁ, ପ୍ରଶାନ୍ତ ବରାଳ ପ୍ରମୁଖ ଭାଜପା ନେତା ଓ କର୍ମୀଙ୍କ ଦ୍ୱାରା ଏହା ପରିଚାଳିତ ହୋଇଥିଲା।



ପିଲାମାନଙ୍କୁ ପାଠ୍ୟପୁସ୍ତକ ଭାଜପା ପକ୍ଷରୁ ବିତରଣ କରାଯାଉଛି।

### କୃଷ୍ଣପ୍ରସାଦରେ ଆବର୍ଜନାମୁକ୍ତ ଅଭିଯାନ

କୃଷ୍ଣପ୍ରସାଦ,୧୯।୯(ଡି.ଏନ.ଏ.)

ପୁରୀ ଜିଲାପାଳଙ୍କ ସ୍ୱଚ୍ଛ ପରିବେଶ କାର୍ଯ୍ୟକ୍ରମ ଅବସରରେ ମୋ ବେଳାଭୂମି ଯୋଜନାରେ କୃଷ୍ଣପ୍ରସାଦ ବ୍ଲକ ଚିଲିକା କୂଳସ୍ଥିତ ପର୍ଯ୍ୟଟନସ୍ଥଳରୁ ଆବର୍ଜନା ମୁକ୍ତ ପାଇଁ ମଙ୍ଗଳବାର ଅଭିଯାନ ଆରମ୍ଭ ହୋଇଛି। ବିଜୁ ଯୁବ ବାହିନୀ ଏଥିରେ ପ୍ରମୁଖ ଭୂମିକା ଅଂଶଗ୍ରହଣ କରିଛି । କୃଷ୍ଣପ୍ରସାଦ ବିଡିଓ ଅଭିମନ୍ୟୁ ମାଝି ଏବଂ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ସମିତିସଭ୍ୟ ଜିତେନ୍ଦ୍ର କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ପାରିକୁଦଗଡ ସ୍ଥିତ ଘିମୁଦା ଘାଟ ପେଣ୍ଠ ସଫେଇ କରାଯାଇଛି । ଏଥିରେ ପାରିକୁଦ ଲକ୍ଷ୍ମଣ ଚନ୍ଦ୍ର ବିଦ୍ୟାପୀଠ ପ୍ରଧାନଶିକ୍ଷକ ଶ୍ୟାମ ସୁନ୍ଦର ଦାସ, କୃଷ୍ଣପ୍ରସାଦ ପିଇଓ ବସନ୍ତ କୁମାର ପଣ୍ଡା, ପାରିକୁଦ ସିଆରସିସି ବିବେକାନନ୍ଦ ପ୍ରଧାନ, ପୂର୍ବତନ ସମିତିସଭ୍ୟ ସୀମାଞ୍ଚଳ ନାୟକ, ବିଜୁ ଯୁବ ବାହିନୀ ସଭାପତି ବିପିନ କୁମାର ନାୟକ, ସମ୍ପାଦକ ଅନିଲ କୁମାର ସିଂହ, ସମାଜସେବୀ ବାଉରିବନ୍ଧୁ ଦଳେଇ,ଶିକ୍ଷକ ହେମନ୍ତ କୁମାର ଜେନାଙ୍କ ସମେତ ବିଦ୍ୟାପୀଠର ଛାତ୍ରୀଛାତ୍ର ଏବଂ ବିଜୁ ଯୁବ ବାହିନୀର କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ। ଚିଲିକା କୂଳ ଅଞ୍ଚଳରୁ ଆବର୍ଜନା ମୁକ୍ତ ସହ ଡଷ୍ଟବିନ ବ୍ୟବହାର କରିବାକୁ ବିଡିଓ ମାଝି ପରାମର୍ଶ ଦେଇଥିଲେ। ସେହିଭଳି ମାଣିକା ପଞ୍ଚାୟତରେ ଯୁବ ବାହିନୀ ବ୍ଲକ ସଂଯୋଜକ ମାନସ କୁମାର ନାୟକଙ୍କ ନେତୃତ୍ୱରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

## ଆଧାର ସଂଯୋଗ ପରେ ରାଶନ ସାମଗ୍ରୀରୁ ବଞ୍ଚିତ ହିତାଧିକାରୀ

ଚିଲିକା,୧୯।୯(ଡି.ଏନ.ଏ.

ଚିଲିକା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଣପୁର ବ୍ଲକ୍ ଅଧୀନ ନାଚୁଣୀ ଗ୍ରାମପଞ୍ଚାୟତର ଜଣେ ହିତାଧିକାରୀ ରାଶନ କାର୍ଡରେ ଆଧାର କାର୍ଡ ସଂଯୋଗ କରିବା ପରେ ରାଶନ ସାମଗ୍ରୀରୁ ବଞ୍ଚିତ ହୋଇଛନ୍ତି। ସମ୍ପୃକ୍ତ ହିତାଧିକାରୀ ହେଲେ କହ୍ନେଇପୁର ଗ୍ରାମର ବାସନ୍ତୀ ଦାସ । ସେ ଜାତୀୟ ଖାଦ୍ୟ ନିରାପତ୍ତା ଆଇନ ଯୋଜନା ମୁତାବକ ରାଜ୍ୟ ଖାଉଟି ଓ ଖାଦ୍ୟ ଯୋଗାଣ ବିଭାଗ ପକ୍ଷରୁ ରାଶନ କାର୍ଡ (ନଂ-୧୯୦୩୦୧୦୩୬୧) ପାଇ ଖାଦ୍ୟ ସାମଗ୍ରୀ ଉଠାଉଥିଲେ। ସେଥିରେ ତାଙ୍କ ନାମ ସହ ତାଙ୍କ ସ୍ୱାମୀ ତ୍ରିନାଥ ଦାସ, ଦୁଇକନ୍ୟା ଓ ଶ୍ୱଶୁରଙ୍କ ନାମ ରହିଥିଲା । ତେବେ ରାଶନ କାର୍ଡ ସହ ଆଧାରକାର୍ଡ ସଂଯୋଗ କଟକଣା ଲାଗୁ ହେବା ପରଠାରୁ ସମସ୍ତ ଖାଉଟିଙ୍କ ଆଧାରକାର୍ଡ ତଥ୍ୟ ନାଚୁଣୀ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ମାଧ୍ୟମରେ ବ୍ଲକ୍ ଯୋଗାଣ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ପଠାଯାଇଥିଲା । ମାତ୍ର ଚଳିତ ମାସ ରାଶନ ସାମଗ୍ରୀ ଉଠାଇବାକୁ ଯାଇ ବାସନ୍ତୀ ତାଙ୍କ ସ୍ୱାମୀ ତ୍ରିନାଥ ଦାସ (ଆଧାର ନଂ-୫୯୧୨୬୭୨୨୦୮୫୬) ଖାଦ୍ୟ ସାମଗ୍ରୀ ପାଇବାରୁ ବଞ୍ଚିତ ହୋଇଛନ୍ତି । ଏ ସମ୍ପର୍କରେ ଅନୁସନ୍ଧାନ କରାଯିବା ପରେ ଜଣାଯାଇଛି ଯେ, ଉକ୍ତ ବ୍ଲକ୍‌ରେ ତ୍ରିନାଥ ଦାସଙ୍କର ନାମ କଟିଯାଇଥିବା ସ୍ଥଳେ ତାହା ଭୁବନେଶ୍ୱରରେ (ନଂ-୧୯୧୩୨୦୩୦୨୪୦) ସ୍ଥାନିତ ହୋଇଛି। ସେହିପରି ବ୍ଲକ୍ ଅନ୍ତର୍ଗତ ବହୁ ଅନ୍ତ୍ୟୋଦୟ ଯୋଜନା ହିତାଧିକାରୀ ଯେଉଁମାନେ ମାସିକ ୩୫ କିଲୋଗ୍ରାମ ଚାଉଳ ରିହାତି ମୂଲ୍ୟରେ ପାଉଥିଲେ ସେମାନଙ୍କୁ ଉକ୍ତ ସୁବିଧାରୁ ବଞ୍ଚିତ କରାଯାଇଛି । ଉପରୋକ୍ତ ତ୍ରୁଟିପୂର୍ଣ୍ଣ ସମସ୍ୟାର ସମାଧାନ କରାଯିବାକୁ ଦାବି ହେଉଛି ।

## ଭାଲିଆବାଡ଼ି ଚାମ୍ପିୟନ




ଖେଳାଳିଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି ।

ଖୋର୍ଦ୍ଧା ଅଫିସ,୧୯।୯:


ବିଜେବି ହାଇସ୍କୁଲ ଖେଳପଡିଆରେ ଏକଦିବସୀୟ ଫଗୁ ସାହୁ ମେମୋରିଆଲ ଗୁରୁବାର ଅନୁଷ୍ଠିତ ହୋଇଯାଇଛ। ଏଥିରେ ବାସୁଦେବ କ୍ଲବ ଭାଲିଆବାଡି ୩-୨ ଟାଇବ୍ରେକରରେ ଆଦର୍ଶ କ୍ଲବକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଏଥିରେ ୮ଟି ଦଳ ଭାଗ ନେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୭ ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ପୂର୍ବତନ ପୌରାଧକ୍ଷ ସଂଯୁକ୍ତା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବାସୁଦେବ କ୍ଲବର ଗୋଲ୍‌କିପର ସୌମ୍ୟ ରଞ୍ଜନ ସିଂ ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ହୋଇଥିଲେ। କ୍ରୀଡାବିତ୍ ହରିହର ଖାଡଙ୍ଗା ସଂଯୋଜନା କରିଥିଲେ।

■ ଭୁଲ ପାସ୍ ବହି ଦେଇ ପ୍ରଶାସନ ଯାତନା ଭୋଗୁଛନ୍ତି ବିପନ୍ନ

# ଫନୀ ଉଜାଡ଼ିଲା ବାସ, ସହାୟତା ଆଶା ମଉଳିଲାଣି

ବେଗୁନିଆ, ୧୯।୯ (ଡି.ଏନ.ଏ.)


ବାତ୍ୟା ଫନୀକୁ ଇତିମଧ୍ୟରେ ୧୩୫ ଦିନ ଅତିକ୍ରାନ୍ତ କରିଛି। ହେଲେ କ୍ଷତିଗ୍ରସ୍ତ ହୋଇଥିବା ବହୁ ବିପନ୍ନଙ୍କର ଏ ଯାଏ ଅଣ୍ଟା ସଳଖିନି। ବିଶେଷକରି ଉଜୁଡି ଯାଇଥିବା ବାସହରାମାନେ ଏବେ ଭୋଗୁଛନ୍ତି ପ୍ରଶାସନିକ ଯାତନା। ପ୍ରାଥମିକ ତଦନ୍ତ ବେଳେ କେତେକ ପ୍ରକୃତ କ୍ଷତିଗ୍ରସ୍ତ ତାଲିକାରୁ ବାଦ୍ ପଡିଥିଲା ବେଳେ ଆଉ କେତେଜଣ ବିପନ୍ନ ଭୁଲ ବ୍ୟାଙ୍କ ପାସ୍‌ବହି ନମ୍ବର ଦେଇ ହନ୍ତସନ୍ତ ହେଉଛନ୍ତି। ଏପରିକି ସେମାନେ ଆରଆଇଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ କରି ତହସିଲ ଦପ୍ତର ପର୍ଯ୍ୟନ୍ତ ବାସ ଖଣ୍ଡିଏ ପାଇବାକୁ ଦୌଡି ଦୌଡି ନିରାଶ ହେଲେଣି। ଶେଷରେ ବିପନ୍ନମାନେ ସରକାରୀ ସହାୟତା ଆଶା ମନରୁ ପାସୋରି ଦେଲେଣି। ଘର ଭଙ୍ଗା ତାଲିକାରେ ଥାଇ ମଧ ବିପନ୍ନମାନଙ୍କୁ ସହାୟତା ବଣ୍ଟନରେ ପ୍ରଶାସନିକ ବିଳମ୍ବ କରାଯାଇଛି। ଫଳରେ ବର୍ଷାଦିନେ ମୁଣ୍ଡ ଗୁଞ୍ଜିବା ପାଇଁ ବାସ ଖଣ୍ଡିଏ ଅପେକ୍ଷାର ଅନ୍ତଃ ଘଟୁନାହିଁ । ଛତ୍ରପଡା ଗାଁର ସଦାନନ୍ଦ ମାର୍ଥା କୁହନ୍ତି, ମୋର ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ତାଲିକାରେ ନାମ



ଫନୀରେ ଭାଙ୍ଗିଯାଇଥିବା ଚାଳ ଘର ଉପରେ ଏବେ ବି ପଲିଥିନ ପଡିଛି ।

ପଞ୍ଜୀକରଣ ପରିବର୍ତ୍ତେ ଆଂଶିକ କ୍ଷତିଗ୍ରସ୍ତ ତାଲିକାରେ ନାଁ ରହିଥିଲା। ଯାହାକି ମୁଁ ସରକାରୀ ନିୟମାନୁସାରେ ୩୨୦୦ ଟଙ୍କା ପାଇବା କଥା, ମୁଁ ୨୦୦୦ ଟଙ୍କା ପାଇଛି। ଆଉ ୧୨୦୦ଟଙ୍କା ପରେ ଦେବେ ବୋଲି କହି ଆଉ ଦେଉନାହାନ୍ତି। ସେହିପରି ବାଦବାରବାଟୀ ଗାଁର ଅସହାୟ ମହିଳା ମମତା ବିଶ୍ୱାଳ, କ୍ଷତିଗ୍ରସ୍ତ ବିପନ୍ନ ତାଲିକାରେ ନାଁ ଥାଇ ମଧ ମୋତେ ଆଜି ଯାଏ ସରକାରୀ ସହାୟତା ମିଳିନାହିଁ। ମୋର ବ୍ୟାଙ୍କ ପାସ ବହି ତ୍ରୁଟି ଦର୍ଶାଇ ବାରମ୍ବାର ମୋତେ ତହସିଲ କାର୍ଯ୍ୟାଳୟକୁ ଦୌଡାଉଛନ୍ତି। ମୁଁ ଥକି ପଡିଲିଣି, ମନରୁ ମୋର ସହାୟତା ଆଶା ମଉଳିଗଲାଣି। ହେଲେ ବାସହରାଙ୍କୁ କେବେ ସହାୟତା ମିଳିବ, ପ୍ରଶାସନିକ ଯାତନାରୁ ମୁକ୍ତି ମିଳିବ ସେ ନେଇ ଅଞ୍ଚଳରେ ନାନା ପ୍ରଶ୍ନ ଉଠୁଛି। ମେ ୩ରେ ହୋଇଥିବା ବାତ୍ୟା ଫନୀ ପ୍ରଭାବରେ ବେଗୁନିଆ ବ୍ଲକର ୫୬୪୨ରୁ ଊର୍ଦ୍ଧ୍ୱ ବାସଗୃହ ଭାଙ୍ଗିରୁଜି ଯାଇଥିବା ପ୍ରଶାସନିକ ଆକଳନରୁ ଜଣାପଡିଥିଲା। ସେଥିମଧ୍ୟରୁ ୨୪ଜଣ ବିପନ୍ନ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିଲେ। ଆଉ ବକେୟା ୫୬୧୮ଜଣ ଆଂଶିକ କ୍ଷତିଗ୍ରସ୍ତ ହୋଇଥିଲେ। ମାତ୍ର ଆଂଶିକ କ୍ଷତିଗ୍ରସ୍ତ ମଧ୍ୟରୁ ବ୍ୟାଙ୍କ ପାସ ବହି ନମ୍ବର ଭୁଲ ଯୋଗୁ ୩ ଶହ ବିପନ୍ନ ସହାୟତା ରାଶିରୁ ବଞ୍ଚିତ ରହିଥିବା ବେଳେ ୫ଶହରୁ ଊର୍ଦ୍ଧ୍ୱ ବିପନ୍ନ ସ୍ଥାନୀୟ ଅଞ୍ଚଳରେ ଅନୁପସ୍ଥିତ ଥିବାରୁ ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଅନ୍ୟପକ୍ଷରେ ପର୍ଯ୍ୟାୟକ୍ରମେ ୩ ହଜାର ବିପନ୍ନ ସହାୟତା ରାଶି ପାଇଥିବା ବେଳେ ବକେୟା ୧୨ଶହରୁ ଊର୍ଦ୍ଧ୍ୱ ବିପନ୍ନ ପ୍ରଶାସନର ଯାତନା ଭୋଗୁଛନ୍ତି। ଏ ସମ୍ପର୍କରେ ତହସିଲଦାର ବିବେକାନନ୍ଦ ପରିଡାଙ୍କୁ ପଚାରିବାରେ ପ୍ରକୃତ ତଦନ୍ତ ପରେ ପର୍ଯ୍ୟାୟକ୍ରମେ ସହାୟତା ରାଶି ବ୍ୟାଙ୍କ ପାସ ବହିକୁ ପଠାଯାଇଛି। ତଥାପି ଆମକୁ ଆଉ ୧୫ ଦିନ ସମୟ ଲାଗିବ ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୦ ସେପ୍ଟେମ୍ବର, ୨୦୧୯



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
-ଆଇନଷ୍ଟାଇନ



## ସଂକ୍ଷେପରେ

### ବ୍ୟବସାୟୀଙ୍କଠାରୁ ସୁନାଚେନ୍, ଟଙ୍କା ଲୁଟ୍

ପୁରୀ ଅଫିସ,୧୯।୯ : ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ପିପିଲି ଓଭରବ୍ରିଜରେ ଲୁଟେରାଙ୍କ ଆତଙ୍କ। ବୁଧବାର ରାତିରେ ଜଣେ ବ୍ୟବସାୟୀଙ୍କୁ ୩ଜଣ ଯୁବକ ମାରଣାସ୍ତ୍ର ଦେଖାଇ ୨ଭରି ଓଜନର ସୁନାଚେନ, ନଗଦ ୪୦ ହଜାର ଟଙ୍କା ସମେତ ଏଟିଏମ, ପାନକାର୍ଡ ଆଦି ଡକ୍ୟୁମେଣ୍ଟ ଥିବା ଏକ ବ୍ୟାଗ ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଛନ୍ତି ରାଜକିଶୋର ପୃଷ୍ଟି। ଏ ନେଇ ସେ ଗୁରୁବାର ପିପିଲି ଥାନାରେ ଏତଲା ଦେବା ପରେ ପୋଲିସ ଏକ କେସ୍ (ନଂ. ୨୩୦/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ପିପିଲି-ନିମାପଡ଼ା ରୋଡ଼ର ଖୁଆଲ ବଜାରରେ ରାଜ କିଶୋରଙ୍କର ମାନଗୋବିନ୍ଦ ବସ୍ତ୍ରାଳୟ ନାମକ ଏକ ଦୋକାନ ରହିଛି। ସେ ଭୁବନେଶ୍ୱରରେ ରହନ୍ତି। ସବୁଦିନ ପରି ସେ ଦୋକାନ ବନ୍ଦ କରି ବୁଧବାର ରାତିରେ କାର୍ ଚଳାଇ ନିମାପଡ଼ା -ପିପିଲି ଓଭରବ୍ରିଜ ଦେଇ ଭୁବନେଶ୍ୱର ଯାଉଥିଲେ। ପିପିଲି ଓଭରବ୍ରିଜ ଉପରେ ୩ଜଣ ଯୁବକ ଏକ ବାଇକ୍ ଧରି ଠିଆ ହୋଇଥିଲେ। ଜଣେ ଯୁବକ ତାଙ୍କ କାର୍ ଆଗକୁ ଆସି ହାତ ମାରିଥିଲେ। ଯୁବକଙ୍କର କୌଣସି ଅସୁବିଧା ହୋଇଥିବା ଭାବି ରାଜକିଶୋର କାରକୁ ଅଟକାଇଥିଲେ। ସେ କାର୍ ଅଟକାଇବା ମାତ୍ରକେ ଅନ୍ୟ ଯୁବକ ଦ୍ୱୟ ତାଙ୍କ ପାଖକୁ ଆସି ମାରଣାସ୍ତ୍ର ଦେଖାଇ ସୁନାଚେନ, ଟଙ୍କା ଆଦି ଲୁଟି ଫେରାର ହୋଇଯାଇଥିଲେ।

### ବାତ୍ୟା ଆଶ୍ରୟସ୍ଥଳୀରେ ଘରୋଇ ସ୍କୁଲ
#### ଜିଲାପାଳଙ୍କ ନିକଟରେ ଅଭିଯୋଗ

ପୁରୀ ଅଫିସ,୧୯।୯: ଅସ୍ତରଙ୍ଗ ବ୍ଲକ କୋରଣା ପଞ୍ଚାୟତର ରତନପୁର ଗ୍ରାମରେ ଥିବା ବାତ୍ୟା ଆଶ୍ରୟସ୍ଥଳୀରେ ଦୀର୍ଘଦିନ ଧରି ଏକ ଘରୋଇ ବିଦ୍ୟାଳୟ ଚାଲୁଥିବା ନେଇ ଗୁରୁବାର କେତେଜଣ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ପ୍ରଶାସନକୁ ଅଭିଯୋଗ ଜଣାଇ ନିରାଶ ହୋଇଥିବା ସେମାନେ କହିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, ଫନୀ ବାତ୍ୟାରେ ରତନପୁର ଗ୍ରାମର ଶତାଧିକ ଲୋକ ଏହି ବାତ୍ୟା ଆଶ୍ରୟସ୍ଥଳୀରେ ରହିଥିଲେ। ସେଠାରେ ପାଇଖାନା ଥିବା ସତ୍ତ୍ୱେ ତାହାକୁ ବ୍ୟବହାର କରିବାକୁ ଲୋକଙ୍କୁ ଦିଆଗଲା ନାହିଁ। ଏବେ ଜଣାପଡ଼ିଛି ଯେ, ସେଠାରେ ପୂର୍ବରୁ ଏକ ଘରୋଇ ବିଦ୍ୟାଳୟ ଚାଲୁଛି। ବାତ୍ୟା ଆଶ୍ରୟସ୍ଥଳୀରେ ବିଦ୍ୟାଳୟ ଖୋଲାଯିବାକୁ ଅନୁମତି ଦେଲେ ବୋଲି ଲୋକେ ପ୍ରଶ୍ନ କରିବା ସହ ତଦନ୍ତ ଲାଗି ଦାବି କରିଛନ୍ତି। ଏହି ଅଭିଯୋଗର ତଦନ୍ତ ଲାଗି ବିଡିଓଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ଅଭିଯୋଗକାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

### ରାଜ୍ୟସ୍ତରୀୟ ଭଲିବଲ୍ ସତ୍ୟବାଦୀରୁ ୪ ବାଳକ ମନୋନୀତ

ସାକ୍ଷୀଗୋପାଳ, ୧୯।୯(ଡି.ଏନ୍.ଏ.): ପୁରୀ ଜିଲାସ୍କୁଲଠାରେ ଅନୁଷ୍ଠିତ ଜିଲାସ୍ତରୀୟ ଭଲିବଲ୍ ପ୍ରତିଯୋଗିତାରେ ଉତ୍ତମ ଖେଳ ପ୍ରଦର୍ଶନ କରିଥିବା ସତ୍ୟବାଦୀର ୪ ଜଣ ବାଳକ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ୧୪ ବର୍ଷରୁ କମ୍ ବାଳକ ବିଭାଗର ପ୍ରତିଯୋଗିତାରେ ପୁରୀଜିଲାର ୧୧ ଟି ବ୍ଲକର ପ୍ରତିଯୋଗିମାନେ ଅଶଂ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ସତ୍ୟବାଦୀ ଟିମ୍ କଣାସ ବ୍ଲକକୁ ପରାସ୍ତ କରି ଚମ୍ପିୟାନ ହୋଇଥିଲା। ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିବା ଖେଳାଳୀ ମାନଙ୍କ ମଧରେ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ଓମ୍ ସ୍ୱସ୍ତିଃ ତ୍ରିପାଠୀ ଓ ଶୁବାଶିଷ ଖୁଣ୍ଟିଆ, ଗୋପିନାଥଦେବ ବିଦ୍ୟାପୀଠର ଆଶିଷ କୁମାର ଷଡଙ୍ଗୀ ଓ ଶ୍ରୀରାମଚନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟର ସନ୍ଦୀପ କୁମାର ଭୋଇ ରହିଛନ୍ତି।

### ଶ୍ରମିକ ସଂଘର କ୍ୟାଣ୍ଡେଲ ଶୋଭାଯାତ୍ରା

ପୁରୀ ଅଫିସ, ୧୯।୯: ଇଷ୍ଟକୋଷ୍ଟ ରେଲୱ ଶ୍ରମିକ ସଂଘ ପୁରୀ ପକ୍ଷରୁ ଷ୍ଟେଶନ ପରିସରରେ ଗୁରୁବାର ସନ୍ଧ୍ୟାରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ରେଲୱେ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ନେଇ ଅତୀତରେ ସର୍ବଭାରତୀୟସ୍ତରୀୟ ଆନ୍ଦୋଳନରେ ସାମିଲ ହୋଇ ପ୍ରାଣବଳୀ ଦେଇଥିବା କର୍ମଚାରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ଶୋଭାଯାତ୍ରା ହୋଇଥିଲା। ସେମାନଙ୍କ ସଦ୍‌ଗତି କାମନା କରି ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ପୁରୀ ଶାଖା ସଭାପତି କାହ୍ନୁଚରଣ ରଥ, କାର୍ଯ୍ୟକାରୀ ସଭାପତି କୈଳାସ ପାତ୍ର, ସମ୍ପାଦକ ଅମିତ ମିଶ୍ର, ଉପସଭାପତି ଶଶିକାନ୍ତ ମିଶ୍ର, ରମାକାନ୍ତ ଦାସ ପ୍ରମୁଖ ସାମିଲ ଥିଲେ।

# ପୁରୀରେ ହେବ ବିଶ୍ୱର ବୃହତ୍ ବେଳାଭୂମି ସଫେଇ

■ ୧୦୦ ସ୍ଥାନରେ ୧୦ ହଜାର ସ୍ୱେଚ୍ଛାସେବୀ ସାମିଲ ହେବେ
■ ବାଲିରେ ନାଁ ଲେଖି ପରିବେଶ ସୁରକ୍ଷା ପାଇଁ ଶପଥ ନେବେ

ପୁରୀ ଅଫିସ,୧୯।୯: ଆସନ୍ତା ୨୧ତାରିଖରେ ଅନ୍ତର୍ଜାତୀୟ ବେଳାଭୂମି ସଫେଇ ଦିବସ। ଏହି ଅବସରରେ ପୁରୀରେ ହେବ ମେଗା ଇଭେଣ୍ଟ। ଏଥିରେ ପୁରୀ ଜିଲାର ୧୦୦ କି.ମି. ପରିବ୍ୟାପ୍ତ ବେଳାଭୂମିର ୧୦୦ଟି ସ୍ଥାନରେ ପ୍ରାୟ ୧୦ହଜାର ସ୍ୱେଚ୍ଛାସେବୀ ସାମିଲ ହେବେ। ଏହା ବିଶ୍ୱର ସବୁଠୁ ବୃହତ୍ ବେଳାଭୂମି ସଫେଇ ଅଭିଯାନ ହେବ। ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମର ବ୍ରାଣ୍ଡ ଆମ୍ବାସାଡ଼ର ରହିଛନ୍ତି। ୨୧ତାରିଖ ସକାଳ ୬ରୁ ସାଢେ ୭ଟା ପର୍ଯ୍ୟନ୍ତ ସଫେଇ ହେବ। ପୁରୀ ପୌରସଂସ୍ଥା ଅଧୀନ ୭ କି.ମି. ବେଳାଭୂମିକୁ ୧୭ଟି ଜୋନରେ ଭାଗ କରାଯାଇ ଏକକାଳୀନ ସଫେଇ କରାଯିବ। ଏହାପରେ ସକାଳ ୮ଟାରେ ରାଜଭବନ ପଛପଟ ବେଳାଭୂମିରେ ସମସ୍ତେ ଏକାଠି ହେବେ ବୋଲି ଜିଲାପାଳ ବଲୱନ୍ତ ସିଂ କହିଛନ୍ତି।

ଗୁରୁବାର ଗଣମାଧ୍ୟମକୁ ସୂଚନା ଦେଇ ଜିଲାପାଳ କହିଛନ୍ତି, ବାତ୍ୟା ପଛରେ ବି ମଣିଷ ଦାୟୀ ରହୁଛି। ଦିନକୁ ଦିନ ସମୁଦ୍ରରେ ପ୍ରଦୂଷଣ ମାତ୍ରା ବଢୁଥିବାରୁ ଏହିଭଳି ପ୍ରାକୃତିକ ବିପର୍ଯ୍ୟୟ ଘଟୁଛି। କିଛିମାସ ତଳେ ପୁରୀ ଏକ ବଡ଼ ବାତ୍ୟାକୁ ସାମ୍ନା କରିଥିଲା। କିନ୍ତୁ ପୁରୀବାସୀଙ୍କ ଧୈର୍ଯ୍ୟ ଓ ପ୍ରତିବଦ୍ଧତା ଯୋଗୁ ଖୁବ୍ କମ୍ ସମୟ ମଧ୍ୟରେ ପୁରୀ ଏଥିରୁ ମୁକୁଳି ନିଜେ ଛିଡ଼ା ହୋଇପାରିଛି। ବାତ୍ୟାର କାରଣ ପଛରେ କେତେକାଂଶରେ ପ୍ରଦୂଷଣ ଦାୟୀ। ତେଣୁ ପ୍ରଦୂଷଣ ରୋକିବା ପାଇଁ ବିଶ୍ୱବାସୀଙ୍କୁ ବାର୍ତ୍ତା ଦିଆଯିବ। ସଫେଇ ଆରମ୍ଭ ପୂର୍ବରୁ ଅଂଶଗ୍ରହଣକାରୀମାନେ ପ୍ରଥମେ ବେଳାଭୂମି ବାଲିରେ ନିଜ ନାଁ ଲେଖି ପରିବେଶ ସୁରକ୍ଷା ରଖିବାକୁ ଶପଥ ନେବେ। ଏଥିସହ ବେଳାଭୂମି ସଫା ରଖିବା ଓ ପ୍ଲାଷ୍ଟିକ ବ୍ୟବହାର ନ କରିବାର ବାର୍ତ୍ତା ଦେବେ। ଡ୍ରୋନ କ୍ୟାମେରା ମାଧ୍ୟମରେ ଏସବୁର ଫଟୋ ଉତ୍ତୋଳନ କରାଯିବ। ପରେ ପ୍ଲାଷ୍ଟିକମୁକ୍ତ ବେଳାଭୂମି ସଫେଇ ଏବଂ ମୋ ବିଚ୍ ଅଭିଯାନ ପାଇଁ ମାନବଶୃଙ୍ଖଳ କରାଯିବ। ଏହି ଅଭିଯାନରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ସରକାରୀ କର୍ମଚାରୀ, ବ୍ୟାଙ୍କ କର୍ମଚାରୀ, ଆଇନଜୀବୀ, ଗଣମାଧ୍ୟମ ପ୍ରତିନିଧି, ସେବାୟତ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସମେତ ସମାଜର ସବୁ ବର୍ଗ ସାମିଲ ହେବାକୁ ଜିଲାପାଳ ଅନୁରୋଧ କରିଛନ୍ତି। ଏଥିରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ, ପର୍ଯ୍ୟଟନ ବିଭାଗ ସଚିବ, ଆଇସିଜେଡ୍‌ଏମ୍‌ପି ଅଧିକାରୀ ଓ ପ୍ରଶାସନିକ ଅଧିକାରୀମାନେ ସାମିଲ ହେବେ।



ମନ୍ତ୍ରୀ ତୁଷାରକାନ୍ତି ବେହେରା ଜଣେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି।

## ଗୋପ ବ୍ଲକରେ ବିଭିନ୍ନ ଯୋଜନାର ବଣ୍ଟନ ଉତ୍ସବ

ଗୋପ, ୧୯।୯(ଡି.ଏନ୍.ଏ.) ଗୋପ ବ୍ଲକ୍‌ରେ ଗୁରୁବାର ବିଭିନ୍ନ ଯୋଜନାର ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ହିତାଧିକାରୀଙ୍କୁ ଉପକରଣ ଓ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ମାତ୍ର କାର୍ଯ୍ୟକ୍ରମରେ ଏକ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବ୍ଲକ୍ ପ୍ରଶାସନର ଅଧିକାରୀମାନେ ଚେୟାରରେ ବସିଥିବାବେଳେ ହିତାଧିକାରୀମାନେ ତଳେ ବସିଥିଲେ। ଏନେଇ ହିତାଧିକାରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ବିଡିଓ ଦୀପ୍ତିରାଣୀ ଦାସଙ୍କୁ ପଚାରିବାରେ ବ୍ଲକ୍‌ରେ ଅନ୍ୟ ଏକ ବୈଠକ ଥିବାରୁ ଚେୟାର ନ ଥିବାରୁ ହିତାଧିକାରୀମାନଙ୍କୁ ତଳେ ବସାଯାଇଥିବା କହିଥିଲେ।

ଗୋପ ପଞ୍ଚାୟତ ସମିତି ବୈଠକ ଗୃହରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମିତି ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପରିଡ଼ା ଅଧ୍ୟକ୍ଷତା କରିଥିଲେ। ଏଥିରେ କାକଟପୁର ନିର୍ବାଚନ ମଣ୍ଡଳୀ ଅଧୀନ ୧୪ ପଞ୍ଚାୟତର ୯୬ ଜଣଙ୍କୁ ନୂତନ ଗୃହ ନିର୍ମାଣ ପାଇଁ ଆବାସ ଯୋଜନା କାର୍ଯ୍ୟାଦେଶ, ୫୦ ଜଣ ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ଏବଂ ୧୭୨ ଜଣ ବୃଦ୍ଧା ଓ ବୃଦ୍ଧଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗୋପ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ମହାନ୍ତି, ବିଡିଓ ଦୀପ୍ତିରାଣୀ ଦାସ, ଆକାଉଣ୍ଟସ୍ ଅଫିସର ରାମଚନ୍ଦ୍ର ସ୍ୱାଇଁ, ମୁଖ୍ୟ କିରାଣୀ କୃଷ୍ଣଚନ୍ଦ୍ର ମିଶ୍ର, ସାମାଜିକ ସୁରକ୍ଷା ଅଧିକାରୀ ମାର୍କଣ୍ଡ ପ୍ରଧାନ, ରାଜେନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ତଥ୍ୟ ରଖିଥିଲେ।

## ବିଭିନ୍ନ ଦାବିରେ ନିର୍ମାଣ ଶ୍ରମିକଙ୍କ ବିକ୍ଷୋଭ



ନିର୍ମଣ ଶ୍ରମିକ ସଂଗଠନ ପକ୍ଷରୁ ପୁରୀ ଗୁଣ୍ଡିଚା ମନ୍ଦିରରୁ ବାହାରିଥିବା ଶୋଭାଯାତ୍ରା।

ପୁରୀ ଅଫିସ,୧୯।୯: ବିଭିନ୍ନ ଦାବି ନେଇ ନିର୍ମାଣ ଶ୍ରମିକମାନେ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପରେ ଜିଲାପାଳ ଏବଂ ମଣ୍ଡଳ ଶ୍ରମ ଆୟୁକ୍ତଙ୍କ ମାଧ୍ୟମରେ ଶ୍ରମ କମିଶନରଙ୍କୁ ଦାବିପତ୍ର ଦେଇଛନ୍ତି। ବିକ୍ଷୋଭକାରୀମାନେ କହିଛନ୍ତି, ନିର୍ମାଣ ଶ୍ରମିକ ପଞ୍ଜୀକରଣ କାର୍ଡ ପାଇଁ ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ପଡୁଛି। ସାଇକେଲ ଏବଂ ସୁରକ୍ଷା ଯନ୍ତ୍ରପାତି ସହାୟତା ମିଳୁନାହିଁ। ମୃତ୍ୟୁକାଳୀନ ସହାୟତା, ଶିକ୍ଷା ସହାୟତା, କନ୍ୟା ବିବାହ ସହାୟତା ପାଇବା ପାଇଁ ଶ୍ରମ କାର୍ଯ୍ୟାଳୟକୁ ଦୌଡି ଦୌଡି ହତାଶ ହେବାକୁ ପଡୁଛି। ଏମିତି ଅନେକ ପ୍ରସଙ୍ଗକୁ ନେଇ ନିର୍ମାଣ ଶ୍ରମିକ ଟ୍ରେଡ ୟୁନିୟନ ସମନ୍ୱୟ ସମିତି ପୁରୀ ଜିଲା ଆହ୍ୱାନରେ ପୂର୍ବାହ୍ନରେ ଗୁଣ୍ଡିଚା ମନ୍ଦିରରୁ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲେ। ୨ମାସ ମଧ୍ୟରେ ପରିଚୟପତ୍ର ଓ ସମସ୍ତ ସହାୟତା ରାଶି ପ୍ରଦାନ, ସର୍ବନିମ୍ନ ପେନ୍‌ସନ ମାସିକ ୩ହଜାର ଟଙ୍କା, ପକ୍କାଘର ସହାୟତା ଆଦି ବିଭିନ୍ନ ଦାବି ନେଇ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲା। ଏହି ବିକ୍ଷୋଭ ସମାବେଶରେ ଯୋଗେନ୍ଦ୍ର ତ୍ରିପାଠୀ, ଜଗନ୍ନାଥ ଦେଓ, ଶରତ ରାୟଗୁରୁ, ବ୍ରଜବନ୍ଧୁ ପ୍ରଧାନ, ଅଶ୍ୱିନୀ ନନ୍ଦ, ପ୍ରଦୀପ ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

### ସୁରକ୍ଷା ବ୍ୟବସ୍ଥା ପରଖିବା ପାଇଁ ମକ୍‌ଡ୍ରିଲ୍

ପୁରୀ ଅଫିସ, ୧୯।୯: ଉପକୂଳ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ପରଖିବା ପାଇଁ ଗତ ଦୁଇଦିନ ଧରି ପୁରୀ ପୋଲିସ, ସାମୁଦ୍ରିକ ଥାନା ପୋଲିସ, ଆର୍‌ପିଏଫ୍, ଏସ୍‌ଟିଏଫ୍, ସିଆଇଏସ୍‌ଏଫ୍ ଏବଂ ଭାରତୀୟ ନୌସେନା ପକ୍ଷରୁ ମିଳିତ ଭାବେ ମକ୍‌ଡ୍ରିଲ କରାଯାଇଛି। ବୁଧବାର ଓ ଗୁରୁବାର ପୁରୀ ରେଳଷ୍ଟେଶନରେ ପୋଲିସର ଛାନଭିନ୍ ଓ ୩ ଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ କାବୁ କରିବା ଦେଖି ଉପସ୍ଥିତ ଲୋକେ ଯେତିକି ତାଜୁବ ହୋଇଥିଲେ ତା'ଠୁ ଅଧିକ ଭୟଭୀତ ହୋଇପଡ଼ିଥିଲେ। ଷ୍ଟେଶନରେ କେହି ଆତଙ୍କବାଦୀ ପଶିଥିବା ଶୁଣି ସତ୍ୟାସତ୍ୟ ଜାଣିବାକୁ ସମସ୍ତେ ପରସ୍ପରକୁ ପଚାରୁଥିବା ଦେଖିବାକୁ ମିଳିଥିଲା। ପରେ ପୋଲିସ ପକ୍ଷରୁ ଏହା ମକ୍‌ଡ୍ରିଲ୍ ବୋଲି ସ୍ପଷ୍ଟ କରାଯାଇଥିଲା। ଫଳରେ ସମସ୍ତେ ଆଶ୍ୱସ୍ତ ହୋଇଥିଲେ। ଓଡ଼ିଶା ପୋଲିସର ଜିତେନ୍ଦ୍ର କୁମାର ସାହୁ, ସିଆଇଏସ୍‌ଏଫ୍‌ର ସନ୍ଦିପ କୁମାର ଏବଂ ଭାରତୀୟ ନୌସେନାର ଦେବାଶିଷ ରାଉତଙ୍କୁ ନେଇ ଏହି ମକ୍‌ଡ୍ରିଲ ହୋଇଥିଲା।

### ୧୮୦୦ ହିତାଧିକାରୀଙ୍କୁ ମିଳିଲା ରାଶନକାର୍ଡ

କଣାସ ୧୯।୯(ସ୍ୱ.ପ୍ର): ଦୟାବିହାରସ୍ଥିତ ନୀଳାଚଳ ପ୍ରତିଷ୍ଠାନ ପରିସରରେ ବୁଧବାର ରାଶନକାର୍ଡ ବଣ୍ଟନ ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଯୋଗଦେଇ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ। ତେବେ ଏଥିରେ କେତେଜଣ ଅଯୋଗ୍ୟ ହିତାଧିକାରୀ କାର୍ଡ ପାଇଥିବାବେଳେ ଯୋଗ୍ୟ ହିତାଧିକାରୀ ବାଦ୍ ପଡ଼ିଥିବା ଜଣାପଡ଼ିଛି। ଫଳରେ ଏ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମ ସମ୍ପର୍କରେ କେତେକ ସରପଞ୍ଚଙ୍କୁ ଅବଗତ କରାଯାଇ ନ ଥିଲା। ଏ ନେଇ ବ୍ଲକ ଯୋଗାଣ ନିରୀକ୍ଷିକା ପ୍ରିୟମ୍ବଦା ବେହେରାଙ୍କୁ ପଚାରିବାରୁ ସେ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ।

## ଯୌତୁକ ପାଇଁ ନବବଧୂଙ୍କୁ ହତ୍ୟା: ଶାଶୁ, ଶ୍ୱଶୁର ଗିରଫ

ଡେଲାଙ୍ଗ, ୧୯।୯(ଡି.ଏନ୍.ଏ.) ଡେଲାଙ୍ଗ ଥାନା ଅଧୀନସ୍ଥ ପୁରୁଣା ଡେଲାଙ୍ଗ ଗ୍ରାମରେ ଗୁରୁବାର ଜଣେ ନବବଧୂଙ୍କ ଯୌତୁକ ଯୋଗୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ବଧୂ ଜଣଙ୍କ ହେଲେ ଗ୍ରାମର ପ୍ରଦୀପ ନାୟକଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ନାୟକ(୨୫)। ଏନେଇ ଲକ୍ଷ୍ମୀପ୍ରିୟାଙ୍କ ବାପା ଡେଲାଙ୍ଗ ବ୍ଲକ୍ ଅଭୟମୁଖୀ ପଞ୍ଚାୟତର ଇନ୍ଦିପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ନାୟକ ଡେଲାଙ୍ଗ ଥାନାରେ ଝିଅକୁ ଯୌତୁକ ପାଇଁ ଶାଶୁ ଘର ଲୋକେ ହତ୍ୟା କରିଥିବା ଲିଖିତ ଅଭିଯୋଗ କରିଥିଲେ। ପରେ ପୋଲିସ ପୂର୍ଣ୍ଣଚନ୍ଦ୍ରଙ୍କ ଅଭିଯୋଗକୁ ଭିତ୍ତି କରି ୧୭୧/୧୯ରେ ମାମଲା ରୁଜୁ କରି ଶାଶୁ ପ୍ରମିଳା ଓ ଶ୍ୱଶୁର ଭୀମସେନ ନାୟକଙ୍କୁ ଗିରଫ କରିଛି। ନଣନ୍ଦ ମିଲି ନାୟକ ଓ ଦିଅର ପ୍ରତାପ ନାୟକ ଫେରାର ହୋଇଯାଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଗୁରୁବାର ସକାଳୁ ଲକ୍ଷ୍ମୀପ୍ରିୟାଙ୍କୁ ଶାଶୁଘର ଲୋକେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଡେଲାଙ୍ଗ ଥାନ ଏସ୍‌ଆଇ ଲାଇକା ମହାରଣା ଓ ଉପେନ୍ଦ୍ର ଦାଶ ପହଞ୍ଚି ମୃତଦେହ ଜବତ କରିଥିଲେ। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଖବର ପାଇ ଲକ୍ଷ୍ମୀପ୍ରିୟାଙ୍କ ବାପା ପୂର୍ଣ୍ଣଚନ୍ଦ୍ର ସେଠାରେ ପହଞ୍ଚିଥିଲେ। ଝିଅକୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଶାଶୁ ଓ ଶ୍ୱଶୁରଙ୍କୁ ଗିରଫ କରିଥିଲା। ଗତ ଜାନୁୟାରୀ ମାସରେ ପ୍ରଦୀପଙ୍କ ସହ ଲକ୍ଷ୍ମୀପ୍ରିୟାଙ୍କର ବୈଦିକ ରୀତିରେ ବିବାହ ହୋଇଥିଲା। ପ୍ରଦୀପ ରାଉରକେଲାରେ ଚାକିରି କରୁଥିବାରୁ ଶାଶୁ ଘର ଲୋକେ ଅଧିକ ୧ ଲକ୍ଷ ଟଙ୍କା ଯୌତୁକ ଆଣିବା ପାଇଁ ଲକ୍ଷ୍ମୀପ୍ରିୟାଙ୍କ ଉପରେ ଚାପ ପକାଉଥିଲେ ପୂର୍ଣ୍ଣଚନ୍ଦ୍ର ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ଲକ୍ଷ୍ମିପ୍ରିୟା ବୁଧବାର ଅପରାହ୍ନ ୪ଟା ବେଳେ ତାଙ୍କ ମା'ଙ୍କୁ ଟେଲିଫୋନ ଯୋଗେ କହିଥିବା ପୋଲିସକୁ ପୂର୍ଣ୍ଣଚନ୍ଦ୍ର କହିଛନ୍ତି। ଏ ନେଇ ଏସ୍‌ଆଇ ମହାରଣାଙ୍କୁ ପଚାରିବାରେ ଶୁକ୍ରବାର ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲଣ କରାଯିବ ବୋଲି କହିବା ସହ ଫେରାର ଥିବା ନଣନ୍ଦ ଓ ଦିଅରଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି କହିଥିଲେ।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ,ଜଣେ ଗିରଫ

ବ୍ରହ୍ମଗିରି, ୧୯।୯(ଡି.ଏନ୍.ଏ.) ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ବ୍ରହ୍ମଗିରି ପୋଲିସ ଗୁରୁବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ସତ୍ୟବାଦୀ ଥାନା ଅଳଗୁମ ଗ୍ରାମର ସୁରେନ୍ଦ୍ର ନାୟକ(୩୦)। ପୋଲିସ ସୂଚନା ଅନୁଯାୟୀ, ଗତ ଫନୀ ବାତ୍ୟା ପରେ ସୁରେନ୍ଦ୍ର ବିଦ୍ୟୁତ୍ ଶ୍ରମିକ ଭାବେ ବ୍ରହ୍ମଗିରି ଅଞ୍ଚଳରେ ଥିବା ନାବାଳିକାଙ୍କ ଗ୍ରାମକୁ ଆସି କିଛିଦିନ ରହିଥିଲେ। ସେଠାରେ ନାବାଳିକାଙ୍କ ସହ ପରିଚୟ ସୃଷ୍ଟି କରି ତାଙ୍କ ମୋବାଇଲ ନମ୍ବର ନେଇଥିଲେ। ଗତ ଶୁକ୍ରବାର ସୁରେନ୍ଦ୍ର ନାବାଳିକାଙ୍କୁ ଦେଖା କରିବାକୁ ଡାକିଥିଲେ। ସେ ତାଙ୍କ ନିକଟକୁ ଆସିବାରୁ ବିଭିନ୍ନ ଆଳଦେଖାଇ ବାଇକରେ ଯୋର ଜବରଦସ୍ତ ବସାଇ ହରଚଣ୍ଡୀ ଜଙ୍ଗଲକୁ ନେଇଥିଲେ। ସେଠାରେ ତାଙ୍କୁ ବଳତ୍କାର କରିଥିଲେ। ବଳାତ୍କାର ପରେ ସନ୍ଧ୍ୟାରେ ଗ୍ରାମ ନିକଟ ନଦୀ ବନ୍ଧରେ ଛାଡି ଚାଲି ଯିବା ସହ ଘରେ ଘଟଣା ସମ୍ପର୍କରେ କହିଲେ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ଭୟରେ ନାବାଳିକା ଘରେ କହି ନ ଥିଲେ। କିନ୍ତୁ ପରିବାର ଲୋକେ କୌଣସି ପ୍ରକାର ଏ ସମ୍ପର୍କରେ ଜାଣିବାରୁ ମଙ୍ଗଳବାର ବ୍ରହ୍ମଗିରି ଥାନାରେ ନାବାଳିକାଙ୍କ ଭାଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ବ୍ରହ୍ମଗିରି ପୋଲିସ ୧୪୫/୧୯ରେ ଏକ ମାମଲା ରୁଜୁ କରି ସୁରେନ୍ଦ୍ରଙ୍କୁ ଗୁରୁବାର ଗିରଫ କରି ଡାକ୍ତରୀ ମାଇନା ପାଇଁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ସେହିପରି ନାବାଳିକାଙ୍କ ଡାକ୍ତରୀ ମାଇନା ପାଇଁ ଭୁବନେଶ୍ୱର ପଠା ଯାଇଥିବା ପୋଲିସ ସୂଚନା ଦେଇଛି। ଶୁକ୍ରବାର ସୁରେନ୍ଦ୍ରଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ମନୋଜ କୁମାର ଶତପଥୀ କହିଛନ୍ତି।

■ ଯୌତୁକ ନିର୍ଯାତନା ମାମଲା

## ଜେଲ ଗଲେ ୩ ଅଭିଯୁକ୍ତ

ନିମାପଡ଼ା,୧୯।୯(ଡି.ଏନ୍.ଏ.): ନିମାପଡ଼ା ଥାନା ଅନ୍ତର୍ଗତ ରେଘାଂଲୋ ଗ୍ରାମର ସରସ୍ୱତୀ ସ୍ୱାଇଁଙ୍କୁ ଶାଶୁଘର ଲୋକେ ନିର୍ଯାତନା ଦେବା ଅଭିଯୋଗରେ ପୋଲିସ ପୁରୀରୁ ୩ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଥିଲା। ସେମାନେ ହେଲେ ସ୍ୱାମୀ ବୀରେନ୍ଦ୍ର ବେହେରା, ଶ୍ୱଶୁର ଗଜେନ୍ଦ୍ର ବେହେରା, ଶାଶୁ ଭାନୁମତି ଓରଫ ବାଙ୍ଗା ବେହେରା। ଜାମିନ ନାମଞ୍ଜୁର ହେବାରୁ ଏମାନଙ୍କୁ ଜେଲକୁ ପଠାଇଦିଆଯାଇଥିବା ପୋଲିସ ସୂତ୍ରରୁ ଜଣାପଡିଛି। ସୂଚନା ଅନୁଯାୟୀ, ସରସ୍ୱତୀଙ୍କ ଅଭିଯୋଗକ୍ରମେ ନିମାପଡ଼ା କୋର୍ଟରେ ଅଭିଯୁକ୍ତମାନଙ୍କ ବିରୋଧରେ ଏକ ମାମଲା(ନଂ. ୪୮/୧୮)ରୁଜୁ ହୋଇଥିଲା। ପରେ ୨୯ମାର୍ଚ୍ଚ ୨୦୧୮ରେ ନିମାପଡ଼ା ଥାନାରେ ଏକ ମାମଲା (ନଂ. ୭୪/୧୮)ରୁଜୁ ହୋଇଥିଲା। ଅନ୍ୟପକ୍ଷରେ ବୀରେନ୍ଦ୍ର ଦ୍ୱିତୀୟ ବିବାହ କରିଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଥିବା ପୋଲିସ କହିଛି।

## ରକ୍ତଦାନ ଶିବିର, ଚାରାରୋପଣ

କଣାସ, ୧୯।୯(ସ୍ୱ.ପ୍ର.): ଭାଜପା ପକ୍ଷରୁ ସେବା ସପ୍ତାହ ପାଳନ ଅବସରରେ ମଙ୍ଗଳବାର ଏକ ମେଗା ରକ୍ତଦାନଶିବିର ଆୟୋଜିତ ହୋଇଥିଲା। ଏହାକୁ ବରିଷ୍ଠ ନେତା କୃଷ୍ଣ ଜଗଦେବ ଉଦ୍‌ଘାଟନ କରି ରକ୍ତଦାନ ପାଇଁ ସଂକଳ୍ପ ନେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ସେହିପରି ଚାରା ରୋପଣ, ସ୍ୱଚ୍ଛତା ଓ ଅନୁଭୂତି କାର୍ଯ୍ୟକ୍ରମ କରାଯାଇଥିଲା। ପୁରୀ ଜିଲା ଉପସଭାପତି ବିଶ୍ୱଜିତ୍ ବଡଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଶିଲ୍ କୁମାର ରାଉତ, ପୂର୍ବତନ ସରପଞ୍ଚ ଭଗବାନ ସୁବୁଦ୍ଧି, ରାଜ୍ୟ ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ କାମାକ୍ଷା ପ୍ରସାଦ ପ୍ରଧାନ, ଓମ୍ ପ୍ରକାଶ ମିଶ୍ର, ଲକ୍ଷ୍ମୀଧର ଜଗଦେବ, ବିଜୟ ପାଇକରାୟ, ପ୍ରମୁଖ ଉପସ୍ଥିତ ଥିଲେ।

## 'ଶିକ୍ଷାର ବିକାଶ ପାଇଁ ଶ୍ରେଣୀଗୃହ ଓ ଶିକ୍ଷକଙ୍କ ଆବଶ୍ୟକତା ରହିଛି'





କାର୍ଯ୍ୟକ୍ରମରେ ମଞ୍ଚାସୀନ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଅନ୍ୟମାନେ।

ନିମାପଡ଼ା,୧୯।୯(ଡି.ଏନ୍.ଏ.): ଶିକ୍ଷାର ବିକାଶ ପାଇଁ ରାଜ୍ୟରେ ଥିବା ବିଦ୍ୟାଳୟଗୁଡ଼ିକରେ ଶ୍ରେଣୀ ଗୃହ ଓ ଶିକ୍ଷକଙ୍କ ଆବଶ୍ୟକତା ରହିଛି। ଏ ଦିଗରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଗୁରୁବାର ନିମାପଡ଼ାଠାରେ ଆୟୋଜିତ ଏକ ସମୀକ୍ଷା ବୈଠକରେ କହିଛନ୍ତି। କୌଶଳ ଭିତ୍ତିକ ଶିକ୍ଷା, ଗୁଣାତ୍ମକ ଶିକ୍ଷାର ବିକାଶ, ବୈଷୟିକ ଶିକ୍ଷାର ବିକାଶ, ବିଦ୍ୟାଳୟଗୁଡ଼ିକରେ ସୌଖିକ ବାତାବରଣ, ଶିକ୍ଷା ବ୍ୟବସ୍ଥାରେ(ସାଥ ଇ) କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ, ସରକାରଙ୍କ ୫ଟି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ତ୍ୱରାନ୍ୱିତ କରିବା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷୟିତ୍ରୀ, ଶିକ୍ଷକମାନେ ନିଷ୍ଠାର ସହ କାର୍ଯ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ନିମାପଡ଼ା ବ୍ଲକ ଶିକ୍ଷା ଅଧିକାରୀଙ୍କ ବିଭାଗ ପକ୍ଷରୁ ଶିକ୍ଷକ ସହାୟକ ସମନ୍ୱୟ କମିଟି ସହାୟତାରେ ଏକ ମଣ୍ଡଳସ୍ତରୀୟ ପ୍ରଧାନ ଶିକ୍ଷକ, ସିଆରସିସି ସମୀକ୍ଷା ବୈଠକ ଓ ସାଥ ଇ କାର୍ଯ୍ୟକ୍ରମ ନିମାପଡା ଟାଉନ ହଲଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ଡ. ବିଶ୍ୱଜିତ୍ ଘୋଷ, ଜିଲା ପ୍ରକଳ୍ପ ସଂଯୋଜକ ସୌନ୍ଦର୍ଯ୍ୟ ମଞ୍ଜରୀ ଦାସ, ବିଡିଓ ଶ୍ରୀଧର ବିଶ୍ୱାଳ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମନସ୍ୱିନୀ ଖଟୋଇ, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ସ୍ୱାଇଁ, ନିମାପଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ହାଂସଦା ପ୍ରମୁଖ ଯୋଗଦେଇ ସାଥ ଇ କାର୍ଯ୍ୟକ୍ରମ ଶିକ୍ଷା ଅଭିଯାନର ଏକ ଅଂଶ ଓ ଶିକ୍ଷା ପରିଚାଳନାରେ ବିସ୍ତୃତ ବିବରଣୀ ଓ ଭିତ୍ତିଭୂମି ବୋଲି ମତବ୍ୟକ୍ତ କରିଥିଲେ। ତ୍ରିଲୋଚନ କର ଅତିଥି ପରିଚୟ ସହ ବିବରଣୀ ପାଠ କରିଥିଲେ। ଏହି ସମାରୋହରେ ନିମାପଡ଼ା ବ୍ଲକର ୩୧୭ଟି ଉଚ୍ଚ ବିଦ୍ୟାଳୟ, ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ୨୨ଟି ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ, ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇଥିଲେ।